ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୨୫ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବନ୍ଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



**ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା**

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍.ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ସ୍ନେହ ସଦିଚ୍ଛା ଓ ସହାୟତା ପାଇଁ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | ୭୮ |
| ଅନେକ କଳାଛାଇ - ୩୪ | ଅଶୋକ ବିଶ୍ୱାଳ | ୭୯ |
| ବଡ଼ବାବୁ | ଧାରାବାହିକ କାହାଣୀ | ୮୧ |
| ଅଭୁଲା ଅତୀତ | ଅମରନାଥ ବାରିକ | ୮୭ |
| ନୂଆ ବୋହୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯୧ |
| କବିର କବିତ୍ୱ ଓ ପ୍ରେମର ଛାୟା | ମହେଶ ରଞ୍ଜନ ମହାପାତ୍ର | ୯୭ |
| ସବୁଜ ପୃଥିବୀଟିଏ ପାଇଁ | ସଞ୍ଜୀବ କୁମାର ଦାସ | ୧୦୨ |
| ନିଦାଘର ଅଭିଶାପ | ଗଗନ ବିହାରୀ ନାୟକ | ୧୦୬ |
| ବହି ମହଲର ରହସ୍ୟ | ଆଶୁତୋଷ ମେହେର | ୧୧୫ |
| ଏକ ସାହିତ୍ୟିକ ଆରମ୍ଭ | ରୀତାରାଣୀ ଦାଶ | ୧୧୯ |
| ଆହ୍ଵାନ | ଶୋଭାମୟୀ ପତ୍ରୀ | ୧୨୧ |
| ସାବତ ମାଁ | ସୁଦ୍ରୁମା ପଣ୍ଡା | ୧୨୩ |
| ଗୁଣବନ୍ତ ପୁଅ | ପ୍ରଫୁଲ କୁମାର ହୋତା | ୧୨୫ |
| କନ୍ୟାରତ୍ନ | ବାସନ୍ତୀ ଲତା ଜେନ | ୧୨୭ |
| ଈଶ୍ୱର କୃପା | ଈଶ୍ୱର କୃପା | ୧୨୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମୋକ୍ଷଦା ଏକାଦଶୀ କଥା | ଅର୍ଜୁନୀ ଚରଣ ବେହେରା | ୧୩୧ |
| ସ୍ୱର୍ଗ ଓ ନର୍କ | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୩୫ |
| ପଥଚ୍ୟୁତ ଦିଗନ୍ତ | ସୁଶାନ୍ତ ଶେଖର ଦାଶ | ୧୩୭ |
| କର୍ମର ଫଳ | ପୁଷ୍ପଲତା ମିଶ୍ର | ୧୪୬ |
| ନୀରବ ଆକର୍ଷଣ | ସରୋଜ କୁମାର ସାହୁ | ୧୪୯ |
| ହଜିଲା ଦିନର ଅଭୁଲା କଥା | ଅଭୟ କୁଣ୍ଡ | ୧୫୨ |
| ମୁଠାଏ ଶୂନ୍ୟତା | ନଳିନୀ ପ୍ରଭା ମିଶ୍ର | ୧୫୫ |
| **କବିତା ବିଭାଗ** | | **୧୫୭** |
| କୃପାମୟ | ଶିବନାରାୟଣ ଦାସ | ୧୫୮ |
| ଚିଠି ବାସୁଛି ତୁଳସୀ ତୁଳସୀ | ଗୌରୀ ପଣ୍ଡା | ୧୫୯ |
| ଶବ୍ଦ ହେଲେ ତୁମେ, ନିରବତା ମୁଁ | ମହେଶ ରଞ୍ଜନ ମହାପାତ୍ର | ୧୬୧ |
| ଗଣେଶ ସ୍ତବ | ସରସ୍ୱତୀ ମେହେର | ୧୬୩ |
| ଫେରିବା ସମୟ | ଅରୁଣ କୁମାର ଦାସ | ୧୬୪ |
| ମନକୁ କହୁଛି ମୁଁ | ହୃଦାନନ୍ଦ ସୁନାନୀ | ୧୬୫ |
| କଥା ଦେଇଥିଲେ | ଗୋଲୋକବିହାରୀ ବେହେରା | ୧୬୬ |
| କବି | ଅଲେଖ ମେହେର | ୧୬୭ |
| ଜୟ ବୁଢ଼ାଦେଓ | ଦଶରଥ ମାଝୀ | ୧୬୮ |
| ଉଦ୍ଧାର କର | ଆଶିଷ କୁମାର ସାହୁ | ୧୬୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଲେଖା ଲେଖି ଏବେ କମୁଛି | ନିରଞ୍ଜନ ସାହୁ | ୧୭୦ |
| ଦୁଇ ପୁଷ୍ପ, ଭିନ୍ନ କାମନା | ବିଶ୍ୱ ରଞ୍ଜନ ମହାନ୍ତି | ୧୭୨ |
| ତଥାପି ଗାଇବି ଜୀବନ ସଙ୍ଗୀତ | ନୀଳମଣି ଚାନ୍ଦ | ୧୭୩ |
| ଭାରତୀ ସ୍ତବକ | ମନୋରଞ୍ଜନ ସୁରୁଜାଲ | ୧୭୪ |
| ସଂଘର୍ଷ | ବିନୟ୍ ମହାପାତ୍ର | ୧୭୬ |
| ମୋହ | ସରୋଜ କୁମାର ସାହୁ | ୧୭୮ |
| ଶ୍ରାଦ୍ଧ | ସୁଜିତ କୁମାର ମିଶ୍ର | ୧୭୯ |
| ଉତ୍କଳ ମଉଡ଼ମଣୀ | ଶୁଭଶ୍ରୀ ଖୁଣ୍ଟିଆ | ୧୮୦ |
| ପୁଅଟିଏ ହେବା ସହଜ ନୁହେଁ | ରାକେଶ ବନମାଳୀ | ୧୮୧ |
| ଆସ ଆସ ମହାଲକ୍ଷ୍ମୀ ଆମ ଘରକୁ | ସୁନିତା ମହାନ୍ତି | ୧୮୨ |
| ଚାନ୍ଦ କଇଁ ପ୍ରୀତି | ଚନ୍ଦ୍ରକଳା ଦେବୀ | ୧୮୪ |
| ତୁମେ | ରଶ୍ମିରେଖା ମଲ୍ଲିକ | ୧୮୫ |
| କବିପାଇଁ କବିତାଟେ | ମୁକେଶ କୁମାର ପଣ୍ଡା | ୧୮୮ |
| ଆସ ମହାଲକ୍ଷ୍ମୀ ଆମ ଗୃହକୁ | ସମ୍ୟଜିତ ପାତ୍ର | ୧୮୯ |
| ଜନମ ମରଣ | ପ୍ରଶାନ୍ତ ବ୍ରହ୍ମା | ୧୯୧ |
| ତୁମେ | ସାଗର ଖରା | ୧୯୨ |
| ଚିଠି ବାସୁଛି ତୁଳସୀ ତୁଳସୀ | ମିନି ପ୍ରଧାନ | ୧୯୩ |
| ଚାଲ ବୁଲିଯିବା ଓଡ଼ିଶା | ଜସ୍ମିନ୍ ସାହୁ | ୧୯୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି | ସୌଭାଗ୍ୟ ଦାଶ | ୧୯୭ |
| ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି | ବିଦ୍ୟୁତ ପ୍ରଭା ମିଶ୍ର | ୧୯୮ |
| ନିରିମାଖି ପଦ୍ମିନୀ | ସୀତାଂଶୁ ଜେନା | ୧୯୯ |
| ବୁଦ୍ଧି ନ ଆସଇ ଘରକୁ | ହେମନ୍ତ କୁମାର ସାହୁ | ୨୦୦ |
| ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି | ନିବେଦିତା ପଣ୍ଡା | ୨୦୨ |
| ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି | ନଳିନୀ ପ୍ରଭା ମିଶ୍ର | ୨୦୪ |
| ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି | ସୁଶାନ୍ତ କୁମାର ସାହୁ | ୨୦୫ |
| ପରଜାପତି | ତରୁଣ କୁମାର ମିଶ୍ର | ୨୦୭ |
| ସମ୍ପର୍କ ମାଗେନି ସର୍ତ୍ତ | ମାହେଶ୍ୱରୀ ଦାଶ | ୨୦୯ |
| ବିଶ୍ୱାସେ ଦିଅନା ବିଷ | ବିବାସିନୀ ପଟ୍ଟନାୟକ | ୨୧୦ |
| ନିଶା ନିଦ ନାରୀ | ଗଗନ ବିହାରୀ ଷଡ଼ଙ୍ଗୀ | ୨୧୨ |
| ମନ ଶିକ୍ଷା | ଦିବ୍ୟ କିଶୋର ମିଶ୍ର | ୨୧୪ |
| ସମ୍ପର୍କ କଦାପି ହୁଏନା ସର୍ତ୍ତରେ | ଭାସ୍କର ରାଉତ | ୨୧୬ |
| ହୁସିଆର୍ ବାବୁ ଖବରଦାର୍ | ଅପର୍ଣ୍ଣା ମିଶ୍ର | ୨୧୭ |
| ଆତ୍ମ ସନ୍ତୋଷ | ଡଃ ନିର୍ମଳ ନାୟକ | ୨୧୮ |
| ଶରଣ ପଶିଲି | କାହ୍ନୁ ଚରଣ ପାଣିଗ୍ରାହୀ | ୨୨୦ |
| ହେ ଜଗନ୍ନାଥ | ଡଃ ସ୍ୱର୍ଣ୍ଣଲତା ଲେଙ୍କା | ୨୨୨ |
| ଶୀତ ସକାଳର ଉଷୁମ ଖରା | ଦେବେନ୍ଦ୍ର ନାୟକ | ୨୨୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ସମ୍ପର୍କ କଦାପି ହୁଏନା ସର୍ତ୍ତରେ | କୃଷ୍ଣଚନ୍ଦ୍ର ମହାପାତ୍ର | ୨୨୬ |
| ସମ୍ପର୍କ କଦାପି ହୁଏନା ସର୍ତ୍ତରେ | ରବିନାରାୟଣ ମିଶ୍ର | ୨୨୮ |
| କୃଷକର ଲୁହ ପୋଛିବ କିଏ | ସଞ୍ଜୀବନି ରଥ | ୨୨୯ |
| ମଗୁଶୀର | ଲିପିକ ବେହେରା | ୨୩୧ |
| ଦେବୀ | ଡଃ ଆଲୋକ କୁମାର ରାୟ | ୨୩୨ |
| ରାଗ ମାଳିକା | ପ୍ରଦୀପ କୁମାର ଜିଲିକାରା | ୨୩୪ |
| ସମ୍ପର୍କର ଛାଇ | ସ୍ୱର୍ଣ୍ଣ ରଥ ମହାପାତ୍ର | ୨୩୭ |
| ମହାଶୂନ୍ୟର ପଥେ | ଚନ୍ଦ୍ରକାନ୍ତ ଜେନା | ୨୪୦ |
| ତୁମେ ବ୍ରହ୍ମ ନିରାକାର | ନଳିନୀ ଦାଶ | ୨୪୨ |
| ନାରୀ | ବାସନ୍ତୀ ଲତା ଜେନା | ୨୪୩ |
| ନଗ୍ନ ସହର | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୨୪୫ |
| ମା | ଭବାନୀ ଶଙ୍କର ଦାଶ | ୨୪୭ |
| ସାପ | ଆକୁଳାନନ୍ଦ ପୃଷ୍ଟି | ୨୪୮ |
| ଡିସେମ୍ବର୍ ଶେଷରେ | କିରନ୍ ସ୍ୱାଇଁ | ୨୫୦ |
| ଆଶ୍ଚର୍ଯ୍ୟ ଅଭିଳାଷ | ସତ୍ୟବ୍ରତ ସାହୁ | ୨୫୧ |
| ପ୍ରକୃତ ଚରିତ୍ର | ଅମୃତନାରାୟଣ ଶତପଥୀ | ୨୫୨ |
| ଗଣତନ୍ତ୍ର - ଆମର ଆପତ୍ତି | ସୁନୀଲ କୁମାର ଅଗସ୍ତି | ୨୫୪ |
| **ପ୍ରବନ୍ଧ ବିଭାଗ** | | **୨୫୬** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଆମ ରାଜଧାନୀ ସାହିତ୍ୟ ହାଟ | କୃଷ୍ଣଚନ୍ଦ୍ର ମହାପାତ୍ର | ୨୫୭ |
| ରାଜଧାନୀରେ ସାହିତ୍ୟ ହାଟ | ସୌଭାଗ୍ୟ ଦାଶ | ୨୬୧ |
| ପରୀକ୍ଷିତଙ୍କୁ ବିପ୍ର ଶାପ | ବାବାଜୀ ଚରଣ ଦାସ | ୨୬୩ |
| ନାରୀ ଏବଂ ଆତ୍ମସମ୍ମାନ | ଦେବାଶିଷ ମାଇତି | ୨୬୭ |
| ନାରୀ ବି ଖଣ୍ଡାଧରି ସାଜିପାରେ ରକ୍ତମୁଖା | ହରପ୍ରିୟା ସାହୁ | ୨୭୧ |
| ଗୋପୀନାଥ ମହାନ୍ତିଙ୍କ 'ତଡ଼ପା' | ଅସିତ ମହାନ୍ତି | ୨୭୫ |
| ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନ | ସାମନ୍ତ ଅଭିଳାଷ ପଟ୍ଟନାୟକ ବର୍ମା | ୨୮୦ |
| ଶୀତୁଆ ନିଆଁର ସମାଜକୁ ଦାନ | ବିକାଶ ମହାନ୍ତି | ୨୮୬ |
| **ବିଶେଷ ସୂଚନା** | | **୨୯୦** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ନିୟମିତ ପାଠିକା ପାଠକ ଏବଂ ସାହିତ୍ୟିକ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ବର୍ଷରେ ଶେଷ ସଂସ୍କରଣ, ଡିସେମ୍ବର ୨୦୨୫ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆଶା ଏହି ବର୍ଷଟି ଆପଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣି ଦେଇଥିବ । ଆଗାମୀ ବର୍ଷ ମଧ୍ୟ ଆପଣଙ୍କ ଜୀବନର ଯଥେଷ୍ଟ ସୁଖ, ସମୃଦ୍ଧି, ସୌହାର୍ଦ୍ଦ୍ୟ ଆଣିଦେଉ ଏହି କାମନା କରୁଛି ।

ବିଗତ ମାସରେ ଆହ୍ୱାନ ପ୍ରକାଶନ ବିଳମ୍ବରେ ହୋଇଥିବା ବେଳେ ଚଳିତ ମାସରେ ମଧ୍ୟ ସମାନ ଦଶା ଭୋଗିବାକୁ ହେବ ମନେ କରି ତୁରନ୍ତ ଏହାର ସମ୍ପାଦନା କାର୍ଯ୍ୟ ସମାପନ କରିବା ଉଦ୍ଦେଶ୍ୟରେ ମୁଁ ଆଗଭର ହୋଇଛି । ଆଶା କରୁଛି, ସମୟ ପୂର୍ବରୁ ପତ୍ରିକା ଆପଣଙ୍କ ନିକଟରେ ପହଞ୍ଚି ପାରିଥିବ । ଏହି ପତ୍ରିକା ପ୍ରକାଶନ ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ରହିଛି । ସମୟର ଅଭାବରୁ ଏହି ପତ୍ରିକାର ସମ୍ପାଦନା କାର୍ଯ୍ୟ ଅନ୍ୟମାନଙ୍କ ଦ୍ୱାରା କରାଇବା ପାଇଁ ପଡୁଛି ଯାହା ଉଭୟ ସମୟ ଓ ସମ୍ବଳର ବିନିଯୋଗ ବିନା ହୋଇ ପାରୁନାହିଁ । ତେଣୁ ଏହାର ପ୍ରକାଶନରେ ଭବିଷ୍ୟତରେ କୌଣସି ବାଧା ନ ହେଉ, ସେଥିପାଇଁ ମୁଁ ସତତ ପ୍ରଚେଷ୍ଟା କରୁଛି । ଆପଣମାନଙ୍କ ସୁଚିନ୍ତିତ ମତାମତ ଏହି ବାବଦରେ ମୁଁ ଆବଶ୍ୟକ କରୁଛି । ଯେପରିକି ଆପଣ ସମସ୍ତେ ଜାଣିଛନ୍ତି ଆହ୍ୱାନ ଏକ ଅଣବ୍ୟବସାୟିକ ପତ୍ରିକା ଏବଂ ଏଥିରେ ବିଜ୍ଞାପନ କିମ୍ବା କୌଣସି ପ୍ରକାର ଦ୍ରବ୍ୟ ବା ସେବାର ପ୍ରୋତ୍ସାହନ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ । କିନ୍ତୁ ଭବିଷ୍ୟତରେ ଏହାକୁ ଚଳାଇ ରଖିବାକୁ ହେଲେ ଆମେ ପତ୍ରିକାରେ ବିଜ୍ଞାପନ ପ୍ରକାଶନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ଚିନ୍ତା କରିବୁ । ଏହି ସମସ୍ତ ବିଷୟ୍‌ରେ ଆପଣମାନେ ମଧ୍ୟ ସଚେତନ ହୁଅନ୍ତୁ ଏବଂ କିଭଳି ଏହାର ଦାୟିତ୍ୱ ସମସ୍ତେ ସହଯୋଗରେ ସୁରୁଖୁରୁରେ କରି ପାରିବା ସେଥିପାଇଁ ନିଜସ୍ୱ ମତାମତ ନିଶ୍ଚୟ ଜଣାଇବେ ।

ବର୍ଷର ଶେଷ ମାସ, ଶୀତ ଦିନ ଅଥଚ ଶୀତର ଦେଖାନାହିଁ । ନଭେମ୍ବର ମାସରେ ମାତ୍ର ଦୁଇ ତିନିଦିନ ପାଇଁ ହଠାତ ଓଡ଼ିଶାର ପାରଦ ତଳମୁଖା ହୋଇଥିଲା ବେଳେ କିନ୍ତୁ ପରେ ପରେ ଅଦିନିଆ ମେଘ ବର୍ଷା ହେତୁ ପାଣିପାଗ ଉଷ୍ମ ହୋଇଗଲା ଯାହା ଅଦ୍ୟବଧି ଲାଗୁ ରହିଛି । ବଣଭୋଜି ଆଦିର ଆସର ସମୟରେ ଶୀତର ଅନୁପସ୍ଥିତି ଉତ୍ସାହକୁ ମଳିନ କରି ଦେଉଛି । ଆପଣଙ୍କ ଆଡ଼େ ଶୀତ କିଭଳି ଅନୁଭବ ହେଉଛି, ଜଣାନ୍ତୁ । ଓଡ଼ିଶାର କାଶ୍ମୀର ବୋଲି କୁହାଉଥିବା କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ିରେ ମଧ୍ୟ ଶୀତ ଏତେ ମାତ୍ରାରେ ଅନୁଭୂତ ହେଉନାହିଁ ବୋଲି ଶୁଣାଯାଉଛି । ଏ ସବୁ ବୈଶ୍ୱିକ ସ୍ତରରେ ତାପମାତ୍ରା ବୃଦ୍ଧି ହେତୁ ହେଉଥିବା କଥା କୁହାଯାଉଛି । ସେ ଯା'ହେଉ ଗଣମାଧ୍ୟମର ରିପୋର୍ଟକୁ ବିଶ୍ୱାସ କରିଲେ, ଆଗାମୀ ଦିନମାନଙ୍କରେ ଶୀତ ଅଧିକ ଅନୁଭବ ହୋଇପାରେ ବୋଲି କୁହାଯାଉଛି ।

ଏହିଭଳି ସମୟରେ ଦେଶ ଦୁନିଆରେ ପାଣିପାଗ ଓ ବିଶେଷ କରି ସମାଚାର କଣ ରହିଛି ସେହି ବିଷୟରେ ଚାଲନ୍ତୁ ଦୃଷ୍ଟିପାତ କରିବା । ଦେଖିବା, ଆମ ରାଜ୍ୟ ସମେତ ଦେଶ ଓ ଦୁନିଆରେ କଣ ସବୁ ହେଉଛି ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ସପ୍ତମ ସଂସ୍କରଣ ଆସନ୍ତା ଡିସେମ୍ବର ୬ ତାରିଖରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇ ଡିସେମ୍ବର ୧୭, ୨୦୨୫ ପର୍ଯ୍ୟନ୍ତ ଚାଲିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏହି ମହୋତ୍ସବ ଆୟୋଜିତ ହେଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିସେମ୍ବର ୬ରେ ଏହି ମହୋତ୍ସବକୁ ଆନୁଷ୍ଠାନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ ଉଦ୍‌ଘାଟନ କରିବେ । ଉଦ୍‌ଘାଟନୀ ସମାରୋହରେ 'ଦ ସେଭେନ୍ ମୁନ୍‌ସ ଅଫ୍ ମାଲି ଅଲମେଡା' ପୁସ୍ତକ ପାଇଁ ୨୦୨୨ ବୁକର୍ ପୁରସ୍କାର ବିଜେତା ଶ୍ରୀଲଙ୍କାର ଲେଖକ ସେହାନ କରୁଣାତିଲକା ବିଶେଷ ଅତିଥି ଭାବେ ଯୋଗଦେବେ । ଜ୍ଞାନପୀଠ ପୁରସ୍କାର ବିଜେତା ତଥା ବିଶିଷ୍ଟ ଲେଖିକା ଡ. ପ୍ରତିଭା ରାୟ ମଧ୍ୟ ଉପସ୍ଥିତ ରହିବେ ।

ଚଳିତ ବର୍ଷର ମହୋତ୍ସବରେ ପ୍ରାୟ ୨୫୦ ପ୍ରକାଶକ ଓ ପୁସ୍ତକ ବିକ୍ରେତାଙ୍କ ସହ ୬ଟି ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ମିଶି ମୋଟ ୫୫୦ଟି ଷ୍ଟଲ୍ ସ୍ଥାପନ କରିବେ । ଏଥିସହିତ ଦୁଇଟି ଥିମ୍ ପାଭିଲିୟନ୍ ନିର୍ମାଣ କରାଯିବ । ଗୋଟିଏ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏବଂ ଅନ୍ୟଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଧାରିତ ହେବ ।

ମୁଖ୍ୟ ପ୍ରବେଶ ପଥକୁ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ନାମରେ, ମୁଖ୍ୟ ମଞ୍ଚକୁ ବିଶିଷ୍ଟ ଲେଖକ ରମାକାନ୍ତ ରଥଙ୍କ ନାମରେ ଏବଂ ଭିତର ପ୍ରବେଶ ଦ୍ୱାରକୁ ସନ୍ଥକବି ଭୀମ ଭୋଇଙ୍କ ନାମରେ ନାମିତ କରାଯିବ । ଲେଖକ ଓ ପାଠକମାନଙ୍କ ମଧ୍ୟରେ ଆଲୋଚନା ଓ ଭାବ ବିନିମୟ ପାଇଁ ଏକ ସ୍ୱତନ୍ତ୍ର କଫି କର୍ଣ୍ଣର ବ୍ୟବସ୍ଥା କରାଯାଇଛି ।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଏହି ମହୋତ୍ସବରେ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଲେଖକମାନଙ୍କର ସାହିତ୍ୟ କୃତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ଏବଂ ଏହା ଓଡ଼ିଶାର ସାହିତ୍ୟିକ ପରିବେଶ ଓ ପଠନ ସଂସ୍କୃତିକୁ ସମୃଦ୍ଧ କରିବ ।

ଶୁକ୍ରବାର ଭୋର୍ ସମୟରେ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଅଦଳବଦଳ ପ୍ରକ୍ରିୟାରେ ୧୯ ନୂଆ ଅତିଥି (ପଶୁପକ୍ଷୀ) ଆସି ପହଞ୍ଚିଛନ୍ତି । ଏହି ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀଉଦ୍ୟାନ ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଛି । ଆସିଥିବା ନୂଆ ଅତିଥିମାନେ ହେଲେ ୩ ପୁରୁଷ ଓ ୨ ମାଇକୁ ମିଶାଇ ୫ ପାଣି ଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଇକୁ ମିଶାଇ ୧୦ ପଥର କଇଁଛ, ୧ ପୁରୁଷ ଓ ୧ ମାଇକୁ ମିଶାଇ ୨ଟି ସିଲଭର ଫିଜଣ୍ଟ ଆସିଛନ୍ତି । ଏମାନଙ୍କୁ ଖୁଆଡ଼ ମଧ୍ୟରେ ୨୦ରୁ ୩୦ ଦିନ ପାଇଁ ପୃଥକୀକରଣରେ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ବିମାନ ବାତିଲ୍ ଯୋଗୁଁ କର୍ଣ୍ଣାଟକର ହୁବଳିରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଇଣ୍ଡିଗୋ ଏୟାରଲାଇନ୍‌ସର ବ୍ୟାପକ ବିମାନ ବାତିଲ୍ ହେତୁ ଜଣେ ନବ ବିବାହିତ ଦମ୍ପତି ହୁବଳିରେ ନିଜ ରିସେପ୍ସନ୍‌ରେ ପହଞ୍ଚି ନପାରି ଶେଷରେ ଭିଡିଓ କନଫରେନ୍‌ସିଂ ଜରିଆରେ ସାମିଲ ହୋଇଥିଲେ ।

ବେଙ୍ଗାଲୁରୁରେ କାର୍ଯ୍ୟ କରୁଥିବା ହୁବଳିର ମେଧା କ୍ଷୀରସାଗର ଏବଂ ଓଡ଼ିଶାର ଭୁବନେଶ୍ୱରର ସଙ୍ଗମ ଦାସ ଉଭୟ ସଫ୍ଟୱେୟାର ଇଞ୍ଜିନିୟର ନଭେମ୍ବର ୨୩ ତାରିଖରେ ଭୁବନେଶ୍ୱରରେ ବିବାହ କରିଥିଲେ । ଡିସେମ୍ବର ୩ ତାରିଖରେ କନ୍ୟାଙ୍କ ଜନ୍ମସ୍ଥାନ ହୁବଳିର ଗୁଜରାଟ ଭବନରେ ସେମାନଙ୍କର ରିସେପ୍ସନ୍ କାର୍ଯ୍ୟକ୍ରମ ରଖାଯାଇଥିଲା ।

ଡିସେମ୍ବର ୨ ତାରିଖରେ ଏହି ଦମ୍ପତି ଭୁବନେଶ୍ୱରରୁ ବେଙ୍ଗାଲୁରୁ ଦେଇ ହୁବଳି ଯିବା ପାଇଁ ଟିକେଟ୍ ବୁକ୍ କରିଥିଲେ । କିନ୍ତୁ ବିମାନଗୁଡ଼ିକ ବାରମ୍ବାର ବିଳମ୍ବ ହେବା ପରେ ଡିସେମ୍ବର ୩ ତାରିଖ ସକାଳେ ଶେଷରେ ବିମାନ ବାତିଲ ହୋଇଯାଇଥିଲା । ପାଇଲଟ୍ ଅଭାବ ଏବଂ ଅପରେସନାଲ୍ ସମସ୍ୟା ଯୋଗୁଁ ଇଣ୍ଡିଗୋ ଦେଶବ୍ୟାପୀ ଶତାଧିକ ବିମାନ ବାତିଲ୍ କରିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ।

ରିସେପ୍ସନ୍ ଆୟୋଜନ ହୋଇସାରିଥିବା ଏବଂ ଅତିଥିମାନେ ପହଞ୍ଚି ସାରିଥିବାରୁ କନ୍ୟାଙ୍କ ପରିବାର ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମକୁ ବାତିଲ କରିପାରି ନ ଥିଲେ । ତେଣୁ ଭୁବନେଶ୍ୱରରେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଦମ୍ପତି ଭିଡିଓ କନଫରେନ୍‌ସିଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଧ୍ୟମରେ ରିସେପ୍ସନ୍‌ରେ ଯୋଗ ଦେଇଥିଲେ । କନ୍ୟାଙ୍କ ବାପାମାଆ ଦମ୍ପତିଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସି ରୀତିନୀତି ସମ୍ପାଦନ କରିଥିଲେ ।

ସୂଚନାଯୋଗ୍ୟ ଇଣ୍ଡିଗୋ ଦୈନିକ ୨,୨୦୦ ବିମାନ ଚଳାଚଳ କରୁଥିବା ବେଳେ ଗୁରୁବାର ଏହାର ଇତିହାସରେ ସର୍ବାଧିକ ୫୦୦ରୁ ଅଧିକ ବିମାନ ବାତିଲ୍ କରିଥିଲା । ଏହି ସମସ୍ୟା ଡିସେମ୍ବର ୮ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ଏୟାରଲାଇନ୍‌ସ କହିଛି ।

ରାଜ୍ୟର ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଓଡ଼ିଶା ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନର ପାଠ୍ୟକ୍ରମରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ । ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଜାରି ରହିଛି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ମାନକ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ସରକାର ପାଠ୍ୟକ୍ରମ ସଂଶୋଧନ ବେଳେ NCERT (ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ) ଢାଞ୍ଚାକୁ ଅନୁସରଣ କରିବାକୁ ଯୋଜନା କରୁଛନ୍ତି । ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପାଠ୍ୟକ୍ରମର ପୁନଃ ଡିଜାଇନ୍ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ।

ପୂର୍ବରୁ ଶିକ୍ଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା-୨୦୨୫'କୁ ଉନ୍ମୋଚନ କରିଥିଲେ । ଏହି ଢାଞ୍ଚା ଜାତୀୟ ଶିକ୍ଷା ନୀତି (NEP) ୨୦୨୦ ଅନୁଯାୟୀ ପ୍ରସ୍ତୁତ କରାଯାଇଛି, ଯାହା ଓଡ଼ିଶାର ବିଦ୍ୟାଳୟ ଶିକ୍ଷାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାତୀୟ ଲକ୍ଷ୍ୟ ସହ ସମକକ୍ଷ କରିବ ।

ଲିଭ୍ ଟ୍ରେନିଂ ରିଜର୍ଭ (ଏଲଟିଆର) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ପ୍ରିଲିମିନାରୀ ପରୀକ୍ଷା ଫଳରେ ବିଭିନ୍ନ ବର୍ଗ ପାଇଁ ଧାର୍ଯ୍ୟ ହୋଇଥିବା କଟ୍-ଅଫ୍ ମାର୍କକୁ ନେଇ ବ୍ୟାପକ ଆଲୋଚନା ଓ ଅସନ୍ତୋଷ ଦେଖାଦେଇଛି । ଗତ ମାସ ୧୬ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାର ଫଳାଫଳ ସୋମବାର ଦିନ ପ୍ରକାଶ ପାଇଛି ।

୧୦୦ ମାର୍କରୁ ଅନୁସୂଚିତ ଜାତି (ଏସସି) ବର୍ଗ ପାଇଁ କଟ୍-ଅଫ୍ ମାର୍କ ମାତ୍ର ୧ ମାର୍କ ଧାର୍ଯ୍ୟ କରାଯାଇଛି, ଯାହାକି ସର୍ବନିମ୍ନ ମାର୍କ ରଖିଥିବା ପ୍ରାର୍ଥୀଙ୍କୁ ମଧ୍ୟ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟ କରିଛି ।

ସେହିପରି SC ମହିଳା ପ୍ରାର୍ଥୀଙ୍କ ପାଇଁ କଟ୍-ଅଫ୍ ୨.୫ ମାର୍କ ରହିଛି । ଅନୁସୂଚିତ ଜନଜାତି (ST) ବର୍ଗ ପାଇଁ କଟ୍-ଅଫ୍ ୨.୭୫ ମାର୍କ ଏବଂ ST ମହିଳାଙ୍କ ପାଇଁ ୩ ମାର୍କ ରଖାଯାଇଛି । ଅନ୍ୟପଟେ SEBC ବର୍ଗ ପାଇଁ କଟ୍-ଅଫ୍ ୨୩.୫, ସାଧାରଣ ବର୍ଗ ପାଇଁ ୨୯, ଏବଂ ପୂର୍ବତନ ଚାକିରିଆ ବର୍ଗ ପାଇଁ ୩୦ ମାର୍କ ରହିଛି ।

ଶିକ୍ଷା ବିଶେଷଜ୍ଞ ଏବଂ ଚାକିରି ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି ଯେ ଉଚ୍ଚ ଶିକ୍ଷାଗତ ମାନ ବଜାୟ ରଖିବାକୁ ଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଏତେ କମ୍ ମାର୍କ ରଖିଥିବା ପ୍ରାର୍ଥୀଙ୍କୁ କିପରି ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାକୁ ଅନୁମତି ଦିଆଯାଉଛି । ଏପରି କମ୍ କଟ୍-ଅଫ୍ ପଛର କାରଣ ଜଣାପଡ଼ି ନ ଥିବା ବେଳେ ଏହାକୁ ନେଇ ଆଶାୟୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ସମାଲୋଚନା ବଢ଼ିବାରେ ଲାଗିଛି ।

ବାରବାଟୀ ଟି ଟ୍ୱେଣ୍ଟି ପାଇଁ ଅଫଲାଇନ ଟିକେଟ ବିକ୍ରି ପୂର୍ବରୁ ଡିସିପି ସମୀକ୍ଷା କରି କହିଛନ୍ତି, କାଉଣ୍ଟର ଟିକେଟ ବିକ୍ରି ପାଇଁ ଲୁହା ବାରିକେଡ କରାଯିବ । କ୍ରିକେଟ ଏକାଡେମୀ ପଟୁ ପ୍ରବେଶ, ପ୍ରସ୍ଥାନ ଗେଟ୍ ଅଲଗା ରହିବ । ୫ ତାରିଖ ସକାଳ ୯ଟାରୁ ଟିକେଟ ବିକ୍ରି ଆରମ୍ଭ ହେବ । ସକାଳୁ ୬ଟାରୁ ଧାଡ଼ିରେ ରହିବାକୁ ଅନୁମତି ଦିଆଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିକେଟ କିଣିବା ପାଇଁ କେହି ପୂର୍ବ ରାତିରୁ ଧାଡ଼ିରେ ରହି ପାରିବେନି । କଳାବଜାରୀ ଉପରେ ସ୍ୱତନ୍ତ୍ର ନଜର ରଖାଯିବ । ସିସିଟିଭି ସର୍ଭେଲାନ୍ସରେ ଟିକେଟ ବିକ୍ରି ପ୍ରକ୍ରିୟା ଚାଲିବ ବୋଲି ଡିସିପି କହିଛନ୍ତି ।

ଅନୁବନ୍ଧିତ ସଂସ୍ଥାମାନଙ୍କୁ ମୋଟ ୧୧ ହଜାର ଟିକେଟ ବିକ୍ରି ହେବ । ଆସନ୍ତା ୫ ତାରିଖରେ ଅଫଲାଇନ ଅର୍ଥାତ୍ ଧାଡିରେ ରହି ଟିକେଟ ପାଇବେ ଦର୍ଶକ । ୧୦ ହଜାର ଟିକେଟ ୫ ତାରିଖ ରେ ବିକ୍ରି ହେବ ବୋଲି ଜଣାପଡିଛି ।

ରାଜ୍ୟର ସକ୍ରିୟ ଗ୍ରାହକ ଏବଂ ସକ୍ରିୟ ଶିଳ୍ପ ଓ ବାଣିଜ୍ୟିକ ଗ୍ରାହକଙ୍କ ଉପରେ ୬୯୫୭.୫୭ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବାକିପଡ଼ିଛି । ଏହି ତଥ୍ୟ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ରାଜ୍ୟର ସକ୍ରିୟ ଗ୍ରାହକମାନଙ୍କ ଉପରେ ସର୍ବମୋଟ୍ ୬୫୫୮.୬୪ କୋଟି ଟଙ୍କା ବିଜୁଳି ବିଲ୍ ବାକି ପଡ଼ିଛି । ସେହିପରି ବିଭିନ୍ନ ସକ୍ରିୟ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନେ ୩୯୮.୯୩ କୋଟି ଟଙ୍କା ବାକି ରଖିଛନ୍ତି । ରାଜ୍ୟରେ ଟାଟା କମ୍ପାନୀ ବିଦ୍ୟୁତ୍ ବିଲ୍ ଆଦାୟ ଦାୟିତ୍ୱ ନେଇଛି । ଏହା ଅଧୀନରେ ଥିବା ଟିପିସିଓଡିଏଲ୍ ୭୦.୫୨ କୋଟି, ଟିପିଏନ୍ଓଡିଏଲ୍ ୨୨୯.୨୧ କୋଟି, ଟିପିଏସ୍ଓଡିଏଲ୍ ୨୩.୫୮ କୋଟି ଏବଂ ଟିପିଡବ୍ଲ୍ୟୁଓଡିଏଲ୍ ୭୫.୬୨ କୋଟି ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନଠାରୁ ଆଦାୟ କରିନାହାନ୍ତି । ଏହି ବିଲ୍ ଆଦାୟ ଲାଗି ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଗୁଡିକ ତରଫରୁ ଘରକୁ ଘର ଯାଇ ଦେୟ ଆଦାୟ କରାଯାଉଛି । ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଲାଗି ବିତରଣକାରୀ ସଂସ୍ଥାଗୁଡ଼ିକ ତରଫରୁ ତାରିଖୱାରି ଶିବିର କରାଯାଇ ବିଲ୍ ଆଦାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲିଛି । ଯେଉଁ ଉପଭୋକ୍ତାମାନେ ବିଦ୍ୟୁତ୍ ବିଲ୍ ଧାର୍ଯ୍ୟ ତାରିଖରେ ପଇଠ ନ କରନ୍ତି ସେମାନଙ୍କୁ ପୂର୍ବରୁ ନିର୍ଦ୍ଦେଶନାମା ଦିଆଯାଇ ସେମାନଙ୍କ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଉଛି । ଉପଭୋକ୍ତାଙ୍କ ସୁବିଧା ପାଇଁ ତଥା ତତ୍କ୍ଷଣାତ୍ ବକେୟା ବିଲ୍ ପୈଠ ପାଇଁ ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା କରାଯାଇଛି । ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମ ପଞ୍ଚାୟତରେ ଡିଜିଟାଲ ସଚେତନତା ବୃଦ୍ଧି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେହିପରି ବିଧାୟକ ଗୌତମବୁଦ୍ଧ ଦାସ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ରାଜ୍ୟରେ ପ୍ରାୟ ୮୮ ଲକ୍ଷ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ସେଥି ମଧ୍ୟରୁ ପ୍ରାୟ ୧୬.୭୭ ଲକ୍ଷ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଯାଇଛି । ସ୍ମାର୍ଟ ମିଟର ବାବଦରେ ଉପଭୋକ୍ତାମାନଙ୍କଠାରୁ ଓଇଆର୍‌ସିଙ୍କ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖୁଚୁରା ବିଦ୍ୟୁତ୍ ଯୋଗାଣ ଶୁଳ୍କ ଆଦେଶନାମାରେ ଥିବା ପ୍ରାବଧାନ ଅନୁଯାୟୀ ମିଟର ଭଡ଼ା ଆଦାୟ କରାଯାଉଛି । ସୂଚନାଯୋଗ୍ୟ, ସ୍ମାର୍ଟ ମିଟର ବସାଇବାକୁ କେତେ ଟଙ୍କା ମିଟର ଭଡ଼ା ବାବଦକୁ ଆଦାୟ କରାଯାଉଛି ତା'ର ତଥ୍ୟ ନ ଦେଇ ପ୍ରାବଧାନ ଶବ୍ଦ କଥା କହି ଏହାକୁ ଏଡ଼ାଇଯାଇଛନ୍ତି ।

କନ୍ଧମାଳ ଜିଲା ଦାରିଙ୍ଗବାଡିରେ ପୁଣି ଥରାଇଲା ଶୀତ । ତାପମାତ୍ରା ହ୍ରାସ ପାଇ ଗୁରୁବାର ସକାଳ ୮ଟା ସୁଦ୍ଧା ସର୍ବନିମ୍ନ ୯ ଡିଗ୍ରୀ ତାପମାତ୍ରା ରହିଛି । ଯାହାକି ରାଜ୍ୟରେ ସବୁଠାରୁ ଶୀତଳ ସହର ଭାବେ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ରହିଛି । ସେହିପରି ଘନ କୁହୁଡି ଆଚ୍ଛାଦିତ ହୋଇ ରହିଥିବାରୁ ଶୀତ ଦ୍ୱିଗୁଣିତ ଅନୁଭୂତ ହେଉଥିବା କୁହାଯାଉଛି । ଖବର ଲେଖିବା ସୁଦ୍ଧା କୁହୁଡିର ପ୍ରଭାବ ରହିଛି । କୁହୁଡି ଯୋଗୁ ଗାଡି ଚଳାଚଳରେ ସମସ୍ୟା ଉପୁଜୁଛି । ଲୋକଙ୍କ କାମଧନ୍ଦା ଯିବା ମୁସ୍କିଲ ହୋଇଛି । ପର୍ଯ୍ୟଟକ ଶୀତର ମଜା ନେବାକୁ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲୁଥିବା ଦେଖିବାକୁ ମିଳିଛି ।

ଗୁରୁବାର ସକାଳୁ ସକାଳୁ ମା'କୁ ଟଙ୍କା ମାଗିଥିଲେ ପୁଅ ।  ପୁଅ ଟଙ୍କା ନେଇ ମଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଇବ ବୋଲି ମା' ଜାଣିଥିଲେ । ସେଥିପାଇଁ ପୁଅକୁ ଟଙ୍କା ଦେବାକୁ ମନା କରି ଦେଇ ଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ମା'କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ଭଳି ଅଭାବନୀୟ ଘଟଣା ଘଟିଛି ତିହିଡ଼ି ଥାନା ବିଲଣା ପଞ୍ଚାୟତ ଅଧୀନ ଗଳଗଣ୍ଡପୁର ଗ୍ରାମରେ । ନିଆଁରେ ମା' ଜ୍ୟୋସ୍ନାରାଣୀ ନାୟକ(୬୫)ଙ୍କ ଦେହର ୭୦ଭାଗରୁ ଉର୍ଦ୍ଧ୍ୱ ପୋଡ଼ି ଯାଇଛି । ଗୁରୁତର ଅବସ୍ଥାରେ ଗ୍ରାମବାସୀ ଜ୍ୟୋସ୍ନାରାଣୀଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଥିବା ବେଳେ ଏପରି ନୃଶଂସ କାଣ୍ଡ ଘଟାଇଥିବା ପୁଅ ଦେବାଶିଷ(୪୫) ଫେରାର ହୋଇଯାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଦେବାଶିଷ ମା' ଜ୍ୟୋସ୍ନାରାଣୀଙ୍କୁ ଟଙ୍କା ମାଗିଥିଲେ । ମାତ୍ର ସେ ନଦେବାରୁ ଦେବାଶିଷ ଉତ୍ତ୍ୟକ୍ତ ହୋଇ ଘରର କବାଟ ଭିତରପଟରୁ ବନ୍ଦ କରି ଦେଇଥିଲେ । ପରେ ସେ ତାଙ୍କ ମା'ଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଜ୍ୟୋସ୍ନାରାଣୀଙ୍କର ଚିତ୍କାର ଶୁଣି ଗ୍ରାମବାସୀ ଘରର କବାଟ ଭାଙ୍ଗି ତାଙ୍କ ଦେହରୁ ନିଆଁ ଲିଭାଇବା ସହ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

ପ୍ରଚାର ପ୍ରସାର ପାଇଁ ସରକାର ଖର୍ଚ୍ଚ କରିଛନ୍ତି ୮୩ କୋଟି ୮୪ ଲକ୍ଷ ଟଙ୍କା । ବିଧାନସଭାରେ ରାମଚନ୍ଦ୍ର କାଡ଼ାମଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତର ଦେଇ କହିଛନ୍ତି, ୨୦୨୪ ଜୁଲାଇରୁ ଏଯାବତ୍ ୮୩ କୋଟି ୮୪ ଲକ୍ଷ ୮୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ବିଜ୍ଞାପନ ପାଇଁ ଖବର କାଗଜରେ ସର୍ବାଧିକ ୬୯ କୋଟି ୭୮ ଲକ୍ଷ, ଟିଭି ଚ୍ୟାନେଲରେ ୯ କୋଟି ୩୫ ଲକ୍ଷ ୬୩ ହଜାର ଟଙ୍କା, ରେଡିଓ ଚ୍ୟାନେଲର ୨.୧୪ କୋଟି, ୱେବ ଚ୍ୟାନେଲରେ ୧.୮୭ କୋଟି ଖର୍ଚ୍ଚ ହୋଇଛି । ସେହିପରି ହୋର୍ଡିଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାବଦରେ ୩୯ ଲକ୍ଷ ୩୨ ହଜାର ଟଙ୍କା ଏବଂ କମ୍ୟୁନିଟି ରେଡିଓରେ ୧୨ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ନିଷ୍ପତ୍ତି ହୋଇଛି । ତେବେ ୨୦୦ କଳାକାରଙ୍କୁ ୧୦ ହଜାର ଲେଖାଏ ସମ୍ମାନ ସୂଚକ ରାଶି ମିଳିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅର୍ଥ ରାଶି ମଞ୍ଜୁର ହୋଇଛି ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଡିସେମ୍ବର ୨୪ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବ । ଏଲଇଡି ପରଦା ମାଧ୍ୟମରେ ଧନୁଯାତ୍ରା ମହୋତ୍ସବର ସିଧାପ୍ରସାରଣ ହେବ ।

ବରଗଡ଼ ସହରର ପ୍ରମୁଖ ପ୍ରବେଶ ଦ୍ୱାରରେ ଧନୁଯାତ୍ରା ଥିମ୍‌ର ଗେଟ ନିର୍ମାଣ ବି ହେବ । ଧନୁଯାତ୍ରା ସମୟରେ ଭୁବନେଶ୍ୱର ଓ ପୁରୀରୁ ବରଗଡ଼କୁ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚାଲିବ ବୋଲି ନିଷ୍ପତ୍ତି ହୋଇଛି ।

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଘଟଣାରେ କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଛାତ୍ରୀମାନଙ୍କୁ କାଷ୍ଟିଂ କାଉଚ୍ ଓ ଅଶାଳୀନ ଆଚରଣରେ ନିର୍ଯାତନା ଦେଉଥିବା ଅଭିଯୋଗରେ ଡ୍ରାମା ବିଭାଗର ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ କଲେଜରୁ ବହିଷ୍କାର କରାଯାଇଛି ।

କଲେଜର ପ୍ରିନ୍‌ସିପାଲ୍ ବିଜୟ ଜେନା ଏହି ଅଭିଯୁକ୍ତ ଅଧ୍ୟାପକଙ୍କୁ ବହିଷ୍କାର କରାଯାଇଥିବା ସୂଚନା ଦେଇଛନ୍ତି । କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ ଅଟକ ରଖିଛି ।

ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କ ନାଁରେ 'ଖରାପ ସ୍ପର୍ଶ', ଯୌନ ଇଙ୍ଗିତ, ଓ ଭଲ ଗ୍ରେଡ୍ ବା ସୁବିଧା ଦେବା ଲୋଭ ଦେଖାଇ ଶାରୀରିକ ସମ୍ପର୍କ ପାଇଁ ପ୍ରବର୍ତ୍ତାଇବା ଭଳି ସଙ୍ଗୀନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୋଗ ଥିଲା ।

ଏହି ଘଟଣାକୁ ନେଇ ଛାତ୍ରୀମାନେ କ୍ୟାମ୍ପସରେ ହଙ୍ଗାମା କରିବା ସହ ରାଜରାସ୍ତା ଅବରୋଧ କରି ତୁରନ୍ତ ଅଭିଯୁକ୍ତଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ । ବିକ୍ଷୋଭ ସମୟରେ ଜଣେ ଛାତ୍ରୀ ଅସୁସ୍ଥ ହୋଇ ମେଡିକାଲ୍ ଯାଇଥିଲେ ।

ଏହି ଘଟଣାର ତଦନ୍ତ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ଟିମ୍ କଲେଜରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

ରାଜ୍ୟର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ କରିବା ପ୍ରସ୍ତାବ ଓଡ଼ିଶା ସରକାରଙ୍କ ବିଚାରାଧୀନ ରହିଛି ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ।

ଭାଜପା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ସଂଗଠନ ପକ୍ଷରୁ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ ମିଳିଛି । ଏହି ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍, ଡିଜିଟାଲ୍ ଓ ୱେବ୍ ମିଡିଆରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯାଉଛି ।

ଏହି ଯୋଜନା ଅଧୀନରେ କାର୍ଯ୍ୟରତ ସାମ୍ବାଦିକ ଏବଂ ତାଙ୍କ ପରିବାର ଏମ୍ପ୍ୟାନେଲ୍ଡ ହସ୍ପିଟାଲ୍‌ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରୁଛନ୍ତି ।

ଓଡ଼ିଶାରେ ଏପର୍ଯ୍ୟନ୍ତ ୨.୧୯ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ୍ ଯାନ (EV) ପଞ୍ଜୀକୃତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇ ରାସ୍ତାରେ ଚାଲୁଛି । ଗୁରୁବାର ବିଧାନସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରିକ୍ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ବର୍ଗରେ ମୋଟ ୩୪୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

ବିଭିନ୍ନ ସରକାରୀ ବିଭାଗ ଓ ଏଜେନ୍ସି ଏପର୍ଯ୍ୟନ୍ତ ୬୮୦ଟି ଇଲେକ୍ଟ୍ରିକ୍ ଯାନ କିଣିଛନ୍ତି । ବର୍ତ୍ତମାନ ଭୁବନେଶ୍ୱରରେ ୧୨ଟି ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି ।

ନୂତନ ଇଲେକ୍ଟ୍ରିକ୍ ଯାନ ନୀତିକୁ ସରକାରୀ ଅନୁମୋଦନ ମିଳିବା ପରେ ଅତିରିକ୍ତ ସୁବିଧା ଘୋଷଣା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସେପ୍ଟେମ୍ବରରେ ଜାରି ହୋଇଥିବା ଖସଡ଼ା ଓଡ଼ିଶା ଇଲେକ୍ଟ୍ରିକ୍ ଯାନ (EV) ନୀତି-୨୦୨୫ ଅନୁଯାୟୀ, ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟରେ ଥିବା ସମସ୍ତ ଗାଡ଼ିକୁ ୬ ମାସ ମଧ୍ୟରେ EVରେ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ସହିତ ୧୨ ମାସ ମଧ୍ୟରେ ସ୍କୁଲ୍, ଶିକ୍ଷାନୁଷ୍ଠାନ, ଆମ୍ବୁଲାନ୍ସ ଏବଂ ପିସିଆର୍ ଭ୍ୟାନ୍‌କୁ ମଧ୍ୟ ଇଲେକ୍ଟ୍ରିକ୍ ଯାନରେ ରୂପାନ୍ତରିତ କରାଯିବ ।

ନୂଆ ନୀତିରେ ପରିବହନ କ୍ଷେତ୍ରରେ ବ୍ୟବହୃତ EV ଗାଡ଼ିଗୁଡ଼ିକ ପାଇଁ ବଡ଼ ଧରଣର ପ୍ରୋତ୍ସାହନ ରାଶି ରଖାଯାଇଛି, ଯେପରିକି ଟ୍ରାନ୍ସପୋର୍ଟ ପାଇଁ ବ୍ୟବହୃତ ଇଲେକ୍ଟ୍ରିକ୍ କାର୍ ଉପରେ ଏକକାଳୀନ ୨ ଲକ୍ଷ ଟଙ୍କା ।

ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ କରିବା ପ୍ରସ୍ତାବ ଓଡ଼ିଶା ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି । ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ସଂଗଠନ ପକ୍ଷରୁ ଏହି ଦାବି ହୋଇଛି ଏବଂ ପ୍ରସ୍ତାବ ଉପରେ ବିଚାର ଚାଲିଛି ।

ଓଡ଼ିଶା ସରକାର ପୁରୁଣା ଆପାର୍ଟମେଣ୍ଟଗୁଡ଼ିକର ପୁନଃ-ବିକ୍ରି ପ୍ରକ୍ରିୟାକୁ ସରଳ କରିଛନ୍ତି । ଏଥିପାଇଁ ରିଅଲ ଇଷ୍ଟେଟ୍ (ନିୟନ୍ତ୍ରଣ ଏବଂ ବିକାଶ) ଅଧିନିୟମ, ୨୦୧୬ ଏବଂ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩ ରେ ଆବଶ୍ୟକୀୟ ସଂଶୋଧନ କରାଯାଇ ନିୟମ କୋହଳ କରାଯାଇଛି ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ଏହି ସୂଚନା ଦେଇ କହିଛନ୍ତି ଯେ ବିସ୍ତୃତ ଆଲୋଚନା ପରେ ସରକାର ଏହି ନିୟମକୁ କୋହଳ କରିଛନ୍ତି, ଯାହା ଲୋକଙ୍କୁ ବହୁତ ଉପକୃତ କରିବ ।

ଅକ୍ଟୋବର ୫, ୨୦୧୬ ପୂର୍ବରୁ ବିକ୍ରି ହୋଇଥିବା ଆପାର୍ଟମେଣ୍ଟଗୁଡ଼ିକର ପୁନଃ-ବିକ୍ରି ପାଇଁ ଏବେ ଆଉ ଅକୁପାନ୍ସି ସାର୍ଟିଫିକେଟ୍ ଏବଂ RERA ପଞ୍ଜୀକରଣ ସାର୍ଟିଫିକେଟ୍ ଦରକାର ପଡ଼ିବ ନାହିଁ । ପୁରୁଣା ଆପାର୍ଟମେଣ୍ଟ ମାଲିକମାନେ ଏବେ କେବଳ ସମ୍ପତ୍ତିର ପୁନଃ-ବିକ୍ରି ସମୟରେ ପୁରୁଣା ଟ୍ରାନ୍ସଫର ଦଲିଲ କିମ୍ବା ପଞ୍ଜୀକୃତ ବିକ୍ରି ଦଲିଲ ଦାଖଲ କରିବେ ।

ପୂର୍ବରୁ ଅନେକ ଆପାର୍ଟମେଣ୍ଟ ମାଲିକ, ବିଶେଷ କରି ଭୁବନେଶ୍ୱର ଓ କଟକ ଭଳି ଯୁଗ୍ମ ସହରରେ, ଉପରୋକ୍ତ କାଗଜପତ୍ର ଅଭାବରୁ ସେମାନଙ୍କ ସମ୍ପତ୍ତିର ପୁନଃ-ବିକ୍ରି ବା ହସ୍ତାନ୍ତର ପାଇଁ ପଞ୍ଜୀକରଣ କରିବାରେ ଅସୁବିଧା ଭୋଗୁଥିଲେ । ଗୃହ ଓ ନଗର ଉନ୍ନୟନ ବିଭାଗର ଏହି ନିଷ୍ପତ୍ତି ଫଳରେ ରାଜ୍ୟର ସହରାଞ୍ଚଳରେ ଥିବା ପୁରୁଣା ଆପାର୍ଟମେଣ୍ଟ ମାଲିକମାନେ ବହୁତ ଲାଭବାନ ହେବେ ।

ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ନେଇ ଅବିବାହିତ ପ୍ରେମୀ ଯୁଗଳଙ୍କ ଉପରେ ଦେଇଥିବା ବିବାଦୀୟ ମନ୍ତବ୍ୟ ପରେ ଖବରଦାତା ତଥା ସୋସିଆଲ ମିଡିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇନଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ର ମଙ୍ଗଳବାର ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ତେବେ, ସେ ସିଧାସଳଖ ନିଜର ଦୋଷ ସ୍ୱୀକାର କରିନାହାଁନ୍ତି ।

ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି ଯେ ତାଙ୍କ ପୂର୍ବର ମନ୍ତବ୍ୟ ବ୍ୟକ୍ତିଗତ କଳ୍ପନା ଉପରେ ଆଧାରିତ ନୁହେଁ । ସେ କହିଛନ୍ତି, "ବିଭିନ୍ନ ୱେବସାଇଟ୍ ରେ ଏହିପରି ବିଶ୍ୱାସଗୁଡିକ ବିଷୟରେ ଉଲ୍ଲେଖ କରାଯାଇଛି । ମୁଁ ନିଜେ କିଛି ତିଆରି କରିନାହିଁ ।" ବିବାଦ ବଢ଼ିବା ପରେ ସେ ଉକ୍ତ ବିବାଦୀୟ ଭିଡିଓକୁ ହଟାଇ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି, "ମୁଁ କୌଣସି ଗୁଜବ ପ୍ରଚାର କରିନାହିଁ, କିମ୍ବା ଜାଣତରେ କାହାର ଧାର୍ମିକ ଭାବନାକୁ ଆଘାତ ଦେଇନାହିଁ । ପରମ୍ପରା ଯେପରି ବର୍ଣ୍ଣିତ ଅଛି, ମୁଁ କେବଳ ତାହା ଉଲ୍ଲେଖ କରିଛି । ଯଦି ମୋ କଥାରେ କାହାର ଭାବନା ଆଘାତ ପାଇଥାଏ, ତେବେ ମୁଁ କ୍ଷମା ଭିକ୍ଷା କରୁଛି ।"

ଶୁଭଙ୍କର ମିଶ୍ର ନିଜ ଭିଡିଓରେ ଦାବି କରିଥିଲେ ଯେ ବିବାହ ପୂର୍ବରୁ ଅବିବାହିତ ପ୍ରେମୀ ଯୁଗଳ ଶ୍ରୀମନ୍ଦିରକୁ ଗଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଇପାରେ କିମ୍ବା ସେମାନେ ବିବାହ କରିପାରନ୍ତି ନାହିଁ । ଏହି ବିଶ୍ୱାସର କାରଣ ସେ ମା' ରାଧାରାଣୀଙ୍କ ଏକ ଅଭିଶାପକୁ ଦର୍ଶାଇ ଏକ କାହାଣୀ ବର୍ଣ୍ଣନା କରିଥିଲେ, ଯେଉଁଥିରେ ସେବାୟତମାନେ ରାଧାରାଣୀଙ୍କୁ ମନ୍ଦିରରେ ପ୍ରବେଶ କରିବାକୁ ଅଟକାଇବାରୁ ସେ କ୍ରୋଧିତ ହୋଇ ଅଭିଶାପ ଦେଇଥିଲେ ବୋଲି କହିଥିଲେ ।

ଏହି ମନ୍ତବ୍ୟକୁ ନେଇ ଭକ୍ତ ଓ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ସମୟରେ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ସିଂହଦ୍ୱାର ଥାନାରେ ଏକ ଏତଲା ଦେଇ ଶୁଭଙ୍କର ମିଶ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଞ୍ଜାମ ଜିଲାର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିର ଅନ୍ଧକାରମୟ ହୋଇ ରହିଥିବା ବେଳେ ମୋବାଇଲ ଲାଇଟରେ ପୂଜାର୍ଚ୍ଚନା କରାଯାଉଥିବା ଭଳି ଦୃଶ୍ୟ ମଙ୍ଗଳବାର ଦେଖିବାକୁ ମିଳିଛି ।

ମନ୍ଦିରର ବେଢ଼ା ଓ ଗର୍ଭଗୃହରେ ସନ୍ଧ୍ୟା ପରେ ଘୋର ଅନ୍ଧକାର ଲାଗି ରହୁଛି । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଲାଗୁଛି । ମାତ୍ର, ମନ୍ଦିରରେ ଆଲୋକର ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ଓ ରାତ୍ରି ସମୟରେ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଭକ୍ତ ନିଜ ମୋବାଇଲ ଟର୍ଚ୍ଚ ପକାଇ ମା'ଙ୍କୁ ଦର୍ଶନ କରୁଛନ୍ତି ।

ମନ୍ଦିରରେ ଏଭଳି ପରିସ୍ଥିତି ଉପୁଜିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସାଧାରଣରେ ଦାବୀ ହୋଇଛି ଯେ, ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ ଓ ଗଞ୍ଜାମ ଜିଲାପାଳ ତୁରନ୍ତ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ।

ରାଜ୍ୟବାସୀ ହାତ ପାଆନ୍ତାରେ ଯେଭଳି ସ୍ୱାସ୍ଥ୍ୟସେବା ପାଇବେ ତାକୁ ନେଇ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏପରି କି ଯୋଜନାକୁ ଅତି ସରଳ କରିବାପାଇଁ କେତେକ ଯୋଜନା ପରିବର୍ତ୍ତନ ମଧ୍ୟ କରାଯାଉଛି । ହେଲେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଏହାର ଫାଇଦା ନେଇ ଗୁଣବତ୍ତା ମାପଦଣ୍ଡ ନ ଥିବା ଔଷଧ(ଏନ୍‌ଏସ୍‌କ୍ୟୁ) ଲୋକଙ୍କୁ ଦେଇ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି । ଏଭଳି ସାଂଘାତିକ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି । ତେବେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଗତ ୪ବର୍ଷରେ ରାଜ୍ୟରେ ୩୮ ପ୍ରକାର ନିମ୍ନମାନର ଔଷଧ ତଥା ଏନ୍‌ଏସ୍‌କ୍ୟୁ ଔଷଧ ବଜାରରେ ଚିହ୍ନଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ସହିତ କୋଟି କୋଟି ଟଙ୍କାର ଔଷଧ ଜବତ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳବାର ଗୃହକୁ ଜଣାଇଛନ୍ତି, ଗତ ୪ବର୍ଷରେ ୧୬୮ ପ୍ରକାର ସ୍ପୁରିୟସ ଡ୍ରଗ୍ସ(ବିଷାକ୍ତ ଔଷଧ) ଚିହ୍ନଟ ହେବା ସହିତ ଏହାକୁ ଜବତ କରାଯାଇଛି । ସେହିପରି ଏହି ଅବଧି ମଧ୍ୟରେ ସମୁଦାୟ ୩୮୮ଟି ନିମ୍ନ ମାନର ମେଡିସିନ ଚିହ୍ନଟ ହୋଇଛି । ଏ ବାବଦକୁ ରାଜ୍ୟ ସରକାର ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡିସିନ ଜବତ କଲେଣି ।

ସ୍ୱାସ୍ଥ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ୨୦୨୧ରେ ୭୯ଟି ସ୍ପୁରିୟସ ଡ୍ରଗ୍ସ ଚିହ୍ନଟ ହୋଇଥିବାବେଳେ ୨୦୨୨ରେ ୬୪, ୨୦୨୩ରେ ୧୪ ଏବଂ ୨୦୨୪ ରେ ୧୧ଟି ଚିହ୍ନଟ ହୋଇଛି । ସେହିପରି ଚିହ୍ନଟ ହୋଇଥିବା ୩୮୮ ନିମ୍ନ ମାନର ମେଡିସିନ ମଧ୍ୟରୁ ୨୦୨୧-୨୨ରେ ୮୩ ପ୍ରକାର, ୨୦୨୨-୨୩ରେ ୧୫୬, ୨୦୨୩-୨୪ରେ ୬୯ ଏବଂ ୨୦୨୪-୨୫ରେ ୮୩ଟି ଆବଶ୍ୟକୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରୁ ନ ଥିବା ଔଷଧ ଜବତ ହୋଇଛି ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯିବା ଦ୍ୱାରା ଏଭଳି ସ୍ପୁରିୟସ ମେଡିସିନ ଜବତ ହୋଇପାରିଛି । ଆଗାମୀ ଦିନରେ ଏହି ଚଢ଼ାଉ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସ୍ପୁରିୟସ ମେଡିସିନ ବଜାରକୁ ଛାଡ଼ିବା ଏକ ପ୍ରକାର ଷଡ଼ଯନ୍ତ୍ର । ଔଷଧ କମ୍ପାନୀ ନିର୍ମାତାମାନେ ଏହା ଉଦ୍ଦେଶ୍ୟମୂଳକ ଭାବେ କରିଥାନ୍ତି । ଏନେଇ ସରକାର ସଜାଗ ରହିଛନ୍ତି । ସ୍ୱାସ୍ଥ୍ୟବିଭାଗ, ଡ୍ରଗ୍ସ ନିୟନ୍ତ୍ରକ ଏବଂ ପୋଲିସ ସମନ୍ୱୟରେ ଚଢ଼ାଉ କରାଯାଉଛି । ଆଗାମୀ ଦିନରେ ତୃଣମୂଳସ୍ତରରେ ମଧ୍ୟ ଚଢ଼ାଉକୁ ବ୍ୟାପକ କରାଯିବ । ତେବେ ଚିହ୍ନଟ ହୋଇଥିବା ସ୍ପୁରିୟସ ମେଡିସିନ ମଧ୍ୟରେ ଆମୋକ୍ସିଲିନ୍, ରାବିଜେମ୍-ଡିଏସ୍ଆର ଟାବ୍ଲେଟ, ସେଫାଡ୍ରକ୍ସିଲ ଟାବ୍ସ ଆଇପି-୫୦୦ଏମ୍ଜି, ଆମ୍ଲୋ କାଇଣ୍ଡ-୫ ଟାବ୍,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲେଭ୍‌ସେଟ୍-ଏମ୍-ସିରପ୍, ପାରାସିଟାମଲ ଟାବ୍‌ଲେଟ ଆଇପି ୫୦୦ଏମ୍‌ଜି ପ୍ରଭୃତି ରହିଛି ।

ଏନେଇ ଏସ୍‌ସିବି ମେଡିକାଲ କଲେଜ ମେଡିସିନ ବିଭାଗ ଏଚ୍‌ଓଡି ତଥା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ସଭାପତି ପ୍ରଫେସର ଜୟନ୍ତ କୁମାର ପଣ୍ଡା କହିଛନ୍ତି, ନକଲି ଔଷଧ ବ୍ୟବସାୟ କିଛି ନୁଆ କଥା ନୁହେଁ । ତେବେ ଏହା ନିହାତି ପକ୍ଷେ ଅମାନୁଷିକ କାର୍ଯ୍ୟ । ନକଲି ଔଷଧ ଦ୍ୱାରା ରୋଗୀର ସମସ୍ୟା ଦୁଇଗୁଣ ବଢ଼ିଯାଥାଏ । ତେଣୁ ଏହାକୁ ଡବଲ୍ ଟ୍ରବ୍‌ଲ ବୋଲି କୁହାଯାଏ । ନକଲି ଔଷଧରେ ଔଷଧର ଗୁଣ କିଛି ନ ଥିବାରୁ ରୋଗୀଟିଏ ଯେଉଁ ରୋଗ ପାଇଁ ଔଷଧ ଖାଏ ସେଥିରେ କିଛି ଲାଭ ମିଳେନାହିଁ । ସେହିପରି ଏହାକୁ ଖାଇବା ଦ୍ୱାରା ସେଥିରେ ଥିବା ଖରାପ ଉପାଦାନ ବା କେମିକାଲ ରୋଗୀ ଶରୀରକୁ ଯାଇ ଲିଭର, କିଡ୍‌ନୀ, ବ୍ରେନ୍, ହାର୍ଟ୍‌କୁ ସଂକ୍ରମିତ କରିବାର ଅଧିକ ଆଶଙ୍କା ରହିଛି । ତେବେ ଅନ୍‌ଲାଇନ୍‌ରେ ମିଳୁଥିବା ଔଷଧ ଠିକ୍ କି ନକଲି ତାହା ଜାଣିବାର କୌଣସି ଉପାୟ ନାହିଁ । ତେଣୁ ସରକାରୀ ଅନୁମୋଦିତ କେନ୍ଦ୍ର ଜନଔଷଧୀ କେନ୍ଦ୍ର, ନିରାମୟ କିମ୍ବା ଦୀର୍ଘବର୍ଷ ଧରି ରହିଥିବା ଔଷଧ ଦୋକାନୀଙ୍କଠାରୁ ଔଷଧ କିଣିବାକୁ ଲୋକଙ୍କୁ ସଚେତନ କରାଯାଉଛି । ଜଣେ ସାଧାରଣ ରୋଗୀ ନକଲି ଔଷଧକୁ ଚିହ୍ନଟ କରିପାରିବ ନାହିଁ । ଏହା କେବଳ ଡ୍ରଗ୍ ଇନ୍‌ସପେକ୍ଟର ଓ ଡ୍ରଗ୍ କଣ୍ଟ୍ରୋଲର ଜାଣି ପାରିବେ । ତେଣୁ ରାଜ୍ୟରେ ନକଲି ଔଷଧ ଚିହ୍ନଟ କରିବା ନେଇ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବା ସହିତ ଦଣ୍ଡବିଧାନକୁ କଡାକଡି କରିବା ଆବଶ୍ୟକ ବୋଲି ପ୍ରଫେସର ପଟ୍ଟନାୟକ ମତ ରଖିଛନ୍ତି ।

ଓଡ଼ିଶା ହସ୍ତତନ୍ତ ବ୍ରାଣ୍ଡ ଆମ୍ବାସଡର ହେବାକୁ ବଲିଉଡ ଅଭିନେତ୍ରୀ ମାଧୁରୀ ମୋଟା ଅର୍ଥ ନେଇଛନ୍ତି । ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ନେଇଛନ୍ତି ମାଧୁରୀ । ବିମାନ ସହ ରହିବା ଓ ଖାଇବା ଖର୍ଚ୍ଚ ଅଲଗା ନେଇଛନ୍ତି । ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନରେ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉତ୍ତର ରଖିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟରେ ୩୫ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଅଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ଉତ୍ତର ରଖିଲେ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ୩୩ଟି ବେସରକାରୀ ଓ ୨ଟି ସରକାରୀ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି । ବିଗତ ୧୦ ବର୍ଷରେ ରାଜ୍ୟରେ ୨୬ଟି ଶୀତଳ ଭଣ୍ଡାର ନିର୍ମାଣ ହୋଇଛି । ଏବେ ୨୨ଟି କାର୍ଯ୍ୟକ୍ଷମ ଓ ୪ଟି କାର୍ଯ୍ୟକ୍ଷମ ନାହିଁ । ଯେଉଁଥିରେ ୨୦ଟି ସରକାରୀ ଓ ୭୮ଟି ବେସରକାରୀ ଶୀତଳଭଣ୍ଡାର ରହିଛି । ସବ ଡିଭିଜନ ସ୍ତରରେ ୫୮ଟି ନିର୍ମାଣ ଲକ୍ଷ୍ୟ, ରଖାଯାଇଛି । ୨୫୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ୧୫ଟି ନୂଆ ଓ ୨ଟି ଅଚଳ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ଦରଖାସ୍ତ ପହଞ୍ଚିଛି ।

ଓଡ଼ିଶାରେ ୧୬ଟି ନଦୀ ସ୍ଥାନ ପ୍ରଦୂଷିତ ହୋଇଥିବା କଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ସୂଚନା ଦେଇଛନ୍ତି । ଗୃହରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ନଦୀର ପ୍ରଦୂଷିତ ଅଂଶ ଚିହ୍ନଟ କରାଯାଇଛି । ଏହି ପ୍ରଦୂଷିତ ସ୍ଥାନଗୁଡ଼ିକ ମଧ୍ୟରେ କଟକର କାଠଯୋଡ଼ି, ଭୁବନେଶ୍ୱରର ଦୟା ନଦୀ ଓ ଗାଙ୍ଗୁଆ ନାଳ, ଗୋପର ଭିଙ୍ଗାରପୁର ନିକଟସ୍ଥ କୁଶଭଦ୍ରା, ଏବଂ ରାଉରକେଲାର ବ୍ରାହ୍ମଣୀ ନଦୀର କିଛି ଅଂଶ ଓ ଗୁରୁଡ଼ି ନାଳ ଅନ୍ତର୍ଭୁକ୍ତ ।

ମନ୍ତ୍ରୀଙ୍କ କହିବା ଅନୁଯାୟୀ, ସହରାଞ୍ଚଳର ବର୍ଜ୍ୟଜଳ ଏବଂ ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ଏହି ନଦୀଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ପ୍ରଦୂଷିତ ହେଉଛନ୍ତି । ରାଜ୍ୟ ସରକାର ଏହି ନଦୀଗୁଡ଼ିକରେ ଜଳ ପ୍ରଦୂଷଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କୁ ନଦୀରେ ବର୍ଜ୍ୟବସ୍ତୁ ନିଷ୍କାସନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜିଲା ପ୍ରଶାସନ, ସହରାଞ୍ଚଳ ବିକାଶ ବିଭାଗ, ପବ୍ଲିକ୍ ହେଲ୍ଥ୍ ଇଞ୍ଜିନିୟରିଂ ସଂସ୍ଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଜଳ ଯୋଗାଣ ଓ ପରିମଳ କର୍ତ୍ତୃପକ୍ଷଙ୍କୁ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ନଦୀର ଜଳ ପ୍ରବାହ ବଢ଼ାଇବା, ନଦୀ ତଟ ବିକାଶ କରିବା ଏବଂ ନଦୀ କୂଳରେ ଖୋଲା ଶୌଚ ବନ୍ଦ କରିବା ପାଇଁ ପାଇଖାନା ନିର୍ମାଣ କରାଯାଉଛି ।

ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ କଡ଼ାକଡ଼ି ଚଢ଼ାଉ କରାଯାଇଛି । ଦରବୃଦ୍ଧି ରୋକିବା ଏବଂ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ଉପରେ ବିଭାଗ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ କ୍ଷେତ୍ର କର୍ମଚାରୀମାନେ ରାଜ୍ୟର ପ୍ରମୁଖ ବଜାରଗୁଡ଼ିକରେ ଯାଞ୍ଚ କରିଛନ୍ତି । ଚଳିତ ବର୍ଷ ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଫସଲ ନଷ୍ଟ ହୋଇଯାଇଥିଲା । ଫଳରେ ଓଡ଼ିଶାକୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା ।

ବର୍ତ୍ତମାନ ବଜାରକୁ ସ୍ଥାନୀୟ ଫସଲର କିଛି ମାତ୍ରାରେ ଆମଦାନୀ ହେତୁ ପନିପରିବା ଦରରେ ସାମାନ୍ୟ ହ୍ରାସ ଘଟିଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବ । ଏହା ଦ୍ୱାରା ପନିପରିବା ଦର ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି ।

ଯୋଗାଣ ଶୃଙ୍ଖଳ ନିରବଚ୍ଛିନ୍ନ ରଖିବା ସହିତ ଖାଉଟିମାନେ ଯେପରି ଉଚିତ ମୂଲ୍ୟରେ ପନିପରିବା ପାଇପାରିବେ, ସେଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଓଡ଼ିଶାର ରାଜ ଭବନର ନାମ ପରିବର୍ତ୍ତନ କରାଯାଇଛି । ଏଣିକି ଭୁବନେଶ୍ୱର ଓ ପୁରୀସ୍ଥିତ ରାଜ ଭବନକୁ 'ଲୋକ ଭବନ' ଭାବରେ ନାମିତ କରାଯାଇଛି । କେନ୍ଦ୍ର ଗୃହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ତ୍ରାଳୟର ନିଷ୍ପତ୍ତି ଆଧାରରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ଏବଂ ସୋମବାରଠାରୁ ଏହା ସରକାରୀ ଭାବେ ଲାଗୁ ହୋଇଛି ।

ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସୋସିଆଲ ମିଡ଼ିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ ଏହି ନାମ ପରିବର୍ତ୍ତନ ଲୋକଙ୍କ ଆଶାକୁ ପ୍ରତିଫଳିତ କରୁଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଏବଂ ଗୃହ ମନ୍ତ୍ରାଳୟର ମାର୍ଗଦର୍ଶନରେ ଏହି ପରିବର୍ତ୍ତନ ସ୍ୱଚ୍ଛତା, ସୁଗମତା ଏବଂ ଜନସାଧାରଣଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି ।

ରାଜ୍ୟପାଳ କହିଛନ୍ତି, “ଲୋକ ଭବନ ଏବେ ସାର୍ବଜନୀନ ଯୋଗାଯୋଗ ଏବଂ ସମସ୍ତଙ୍କର ପ୍ରଗତି ପାଇଁ ଏକ ଜୀବନ୍ତ ସ୍ଥାନ ଭାବରେ ଛିଡ଼ା ହେଉଛି, ଯାହା ଶାସନରେ ଗଭୀର ଅଂଶଗ୍ରହଣ ସୃଷ୍ଟି କରିବାର ସଂକଳ୍ପକୁ ପ୍ରତିଫଳିତ କରୁଛି ।”

ଡିସେମ୍ବର ୫ ତାରିଖରେ ଶହେ ବର୍ଷରେ ପାଦ ଦେବା ପୂର୍ବରୁ ଓଡ଼ିଶାର ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର କେ. ଲକ୍ଷ୍ମୀ ବାଇ ତାଙ୍କ ଜୀବନ ବ୍ୟାପୀ ସଞ୍ଚୟରୁ ୩.୪ କୋଟି ଟଙ୍କା AIIMS-ଭୁବନେଶ୍ୱରକୁ ଦାନ କରିଛନ୍ତି । ମହିଳାଙ୍କ କର୍କଟ ରୋଗ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ସେ ଏହି ଅର୍ଥ ଦାନ କରିଛନ୍ତି ।

ଏହି ଅନୁଦାନ AIIMS-ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ‘ଗାଇନୋକୋଲୋଜିକାଲ୍ ଅଙ୍କୋଲୋଜି ପ୍ରୋଗ୍ରାମ୍’ ସ୍ଥାପନ କରିବାରେ ସାହାଯ୍ୟ କରିବ ବୋଲି ଡାକ୍ତର ଲକ୍ଷ୍ମୀ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ଭବିଷ୍ୟତର ବିଶେଷଜ୍ଞମାନଙ୍କୁ ତାଲିମ ଦେବା ସହ କର୍କଟ ସହ ଲଢୁଥିବା ମହିଳାଙ୍କ ପାଇଁ ଉନ୍ନତ ଚିକିତ୍ସା ବିକଳ୍ପ ଯୋଗାଇବ ।

ପଚାଶ ବର୍ଷରୁ ଅଧିକ ସମୟ ଧରି ସେ ଓଡ଼ିଶାର ମହିଳାମାନଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅନବଦ୍ୟ ଯୋଗଦାନ ଦେଇଛନ୍ତି । ସେ ଡିସେମ୍ବର ୫, ୧୯୨୬ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୪୫ ବ୍ୟାଚ୍‌ରେ SCB ମେଡିକାଲ୍ କଲେଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ MBBS ବ୍ୟାଚ୍‌ର ଛାତ୍ରୀ ଥିଲେ । ୧୯୫୦ରେ ଡାକ୍ତରୀ ଡିଗ୍ରୀ ହାସଲ ପରେ ସେ ମାଡ୍ରାସ ମେଡିକାଲ୍ କଲେଜରୁ ପ୍ରସୂତି ଏବଂ ସ୍ତ୍ରୀ ରୋଗରେ DGO ଏବଂ MD ଡିଗ୍ରୀ ହାସଲ କରିଥିଲେ । ସେ ଆମେରିକାର ଜନ୍‌ସ ହପକିନ୍‌ସ ହସ୍ପିଟାଲ୍‌ରୁ MPH ଡିଗ୍ରୀ ମଧ୍ୟ ଲାଭ କରିଥିଲେ ।

୧୯୫୦ରେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରୁ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ସେ ୧୯୮୬ରେ MKCG ମେଡିକାଲ୍ କଲେଜ, ବ୍ରହ୍ମପୁରରୁ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ପ୍ରଫେସର ଭାବରେ ଅବସର ନେଇଥିଲେ । ତାଙ୍କୁ ଲେଡି ଏମିନେନ୍‌ସ ଅଫ୍ ସାଉଥ୍ ଓଡ଼ିଶା, ଭାରତ ଜ୍ୟୋତି ପୁରସ୍କାର, ଇଣ୍ଟରନ୍ୟାସନାଲ୍ ଫ୍ରେଣ୍ଡସିପ୍ ସୋସାଇଟି ସ୍ୱୀକୃତି ଏବଂ ଶ୍ରେଷ୍ଠ ଭାରତୀୟ ନାଗରିକ ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି ।

ରାଜ୍ୟରୁ ବିଦା ହେଲେଣି ୪୯ ବାଂଲାଦେଶୀ । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ । ନୂଆ ସରକାର ଆସିବା ପରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ବଂଲାଦେଶ ପଠାଗଲାଣି । ଖୋର୍ଦ୍ଧାରୁ ୨୪, କଟକରୁ ୧୫, ଗଞ୍ଜାମରୁ ୬, କନ୍ଧମାଳରୁ ୩, କୋରାପୁଟରୁ ୧ । ଆଉ ୨ ବାଂଲାଦେଶୀ ଜାଲ ପାସ୍ପୋର୍ଟ କରି ଧରାପଡ଼ିଛନ୍ତି । ଧରାପଡ଼ିଥିବା ୨ ବାଂଲାଦେଶୀଙ୍କ ନାଁରେ ମାମଲା ହୋଇଛି ।

୨୭୦ ସରକାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀ ଭିଜିଲାନ୍‌ସ ଦ୍ୱାରା ଗିରଫ ହୋଇଛନ୍ତି । ଗତବର୍ଷ ଜୁନ ୧୨ରୁ ଚଳିତ ବର୍ଷ ଡିସେମ୍ବର ୨୧ ଯାଏଁ ୨୭୦ ଗିରଫ ହୋଇଛନ୍ତି । ୩୧ ସରକାରୀ ଅଧିକାରୀଙ୍କ ଉପରେ ଏକାଧିକ ଥର କାର୍ଯ୍ୟାନୁଷ୍ଠାନ ହୋଇଛି । ଭିଜିଲାନ୍‌ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି ୧୮୭ ସରକାରୀ କର୍ମଚାରୀ । ଦଣ୍ଡିତ ପରେ ଚାକିରିରୁ ବରଖାସ୍ତ ହୋଇଛନ୍ତି ୩୪ । ୬୫ ସରକାରୀ କର୍ମଚାରୀଙ୍କ ପେନ୍‌ସନ ବନ୍ଦ ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏଣିକି ନିଯୁକ୍ତ ହେବେ ପିଅନ । ଏନେଇ ଘୋଷଣା କରିଛନ୍ତି ରାଜ୍ୟ ସରକାର । ନୂତନ ପଦବୀ ସୃଷ୍ଟି ହେବା ସହ ଦରମା ୧୩ ହଜାର ୧୬୦ ଟଙ୍କା ରହିବ । ପୂର୍ବରୁ ପଞ୍ଚାୟତଗୁଡ଼ିକ ନିଜ ସ୍ତରରେ ପିଅନ ରଖି ଦରମା ଦେଉଥିଲେ। ପଞ୍ଚାୟତ ଫଣ୍ଡରୁ ପିଅନଙ୍କୁ ଦରମା ଦିଆଯାଉଥିଲା । ଏବେ ରାଜ୍ୟ ସରକାର ଦରମା ଦେବେ ।

ଆଗାମୀ ଦିନରେ ୬ଟି ନୂଆ ସହରରେ ଇଭି ବସ୍ ଗଡ଼ିବ । ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଏବେ ରାଜ୍ୟରେ ୬୭୦ଟି ବସ୍ ଚାଲିଛି, ସେଥିମଧ୍ୟରୁ ୨୨୦ଟି ଇଭି ବସ୍ ଚାଲିବ । ଏବେ ୧୧୩ଟି ରୁଟ୍‌ରେ ୧୩୯ କିମି ବସ୍ ଚାଲୁଛି । ଆଗକୁ ଯେଉଁଠି ଆବଶ୍ୟକତା ଅଛି, ସେହି ସହରରେ ବସ୍ ଚାଲିବ । ଅନ୍‌ଲାଇନ୍ ଟିକେଟ୍‌ରେ ରିହାତି ପାଇଁ ୩୫% ଟିକେଟ୍ ଆଦାୟ ରାଶି ବଢ଼ିଛି ।

ଇ-ବସ୍‌ର ବର୍ଦ୍ଧିତ ଗ୍ରହଣ, ଯାତ୍ରୀ-ଅନୁକୂଳ ସେବା ଏବଂ ଏକ ବିସ୍ତାରିତ ରୁଟ୍ ନେଟୱର୍କ ସହିତ, ରାଜ୍ୟ ଏକ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଅନ୍ତର୍ଭୁକ୍ତ ଗତିଶୀଳତା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଯେତେ ସଚେତନ କଲେ ମଧ୍ୟ ଲୋକଙ୍କ ଭିତରେ ଏବେ ମଧ୍ୟ ଅନ୍ଧବିଶ୍ୱାସ, ଜାତିପ୍ରଥା ଭରି ରହିଛି । ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଞ୍ଚଳରେ । ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ମୃତକଙ୍କ ବାପା ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ସମାଜ ଲୋକ ମୃତଦେହ ଛୁଇଁଲେ ନାହିଁ । ଏବେକାର ସମାଜକୁ ଜାତିପ୍ରଥା କିଭଳି କବଳିତକରି ରଖିଛି ଏହା ହେଉଛି ତାହାର ଜ୍ୱଳନ୍ତ ଉଦାହରଣ ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଅଣ୍ଟିପଡ଼ା ଗ୍ରାମର ନବୀନ ନାୟକ (୨୦) କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗୁରୁବାର ରାତିରେ ମୃତ୍ୟୁବରଣ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ତାଙ୍କ ମୃତଦେହ ଉଠାଇବାକୁ କେହି ଆସିଲେ ନାହିଁ । କାରଣ ନବୀନଙ୍କ ବାପା ଅନ୍ୟ ଜାତିରେ ବିବାହ କରିଥିଲେ । ଏପରିକି ନବୀନଙ୍କ ବାପା କିମ୍ବା ମା'ଙ୍କ ପରିବାର ଲୋକ ମଧ୍ୟ ଆସିଲେନାହିଁ । ଖବରପାଇ ଶୁକ୍ରବାର ସକାଳେ ସାମାଜକ କର୍ମୀ ଭରତ ବାଘ୍ ଏବଂ ଭାଜପା ମାଲଗାଁ ମଣ୍ଡଳ ସଭାପତି ତରନ୍ ନାୟକ ଅଣ୍ଟିପଡ଼ାରେ ପହଞ୍ଚିଥିଲେ । ଗାଁ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ କେହି ଆସିଲେ ନାହିଁ । ଶେଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ବଜରଙ୍ଗ ଦଳ ସହ ଯୋଗାଯୋଗ କରାଯାଇଥିଲା । ଖବର ଶୁଣି ଆର୍‌ଏସ୍‌ଏସ୍ ବ୍ୟବସ୍ଥା ପ୍ରମୁଖ ଲୋକେଶ ସମରଥ, ପ୍ରଚାର ପ୍ରମୁଖ ହୃଷୀକେଶ ନାୟକ, ବଜରଙ୍ଗ ଦଳ ପ୍ରମୁଖ ଶ୍ରୀମନ୍ତ ରଥଙ୍କ ସହ ସଂଘର ଅନ୍ୟମାନେ ପହଞ୍ଚି‌ତ୍ ମୃତଦେହ ଉଠାଇଥିଲେ । ସେମାନେ କୋକେଇରେ ମୃତଦେହକୁ ସସମ୍ମାନେ ନେଇ ଦୀର୍ଘ ୩ କି.ମି. ଦୂରରେ ସତ୍କାର କରିଥିଲେ ।

ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ଏମ୍‌ପି, ଏମ୍‌ଏଲ୍‌ଏ ସୁପାରିଶ କରିପାରିବେ ନାହିଁ । ଏଭଳି ସୁପାରିଶ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବ । ତେଣୁ ରାଜ୍ୟ ସରକାରଙ୍କ ଚାକିରୀ ନିୟମାବଳି ଅନୁଯାୟୀ, ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏହି ସଂକ୍ରାନ୍ତିୟ ଏକାଧିକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ ତାରିଖରେ ଜାରି ନିର୍ଦ୍ଦେଶନାମାକୁ ଗୁରୁବାର ଖାରଜ କରିଦେଇଛନ୍ତି । ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇ ମାସରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି ।

ତେବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି । ଶିକ୍ଷା ବର୍ଷ ଶେଷ ପରେ ସେମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

ମାମଲାର ବିବରଣୀ ଅନୁସାରେ, ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ମେ ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଏମ୍‌ପି, ଏମ୍‌ଏଲ୍‌ଏମାନେ ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବେ । ସେଇ ସୁପାରିଶ ଅନୁଯାୟୀ ଜିଲା ଶିକ୍ଷା ଅଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା ।

ନିର୍ଦ୍ଦେଶନାମା ଅନୁସାରେ ବଦଳି ଆଶାୟୀ ଶିକ୍ଷକମାନେ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ନିକଟରେ ସେମାନଙ୍କ ଆବେଦନ ପତ୍ର ଦାଖଲ କରିଥିଲେ । ଏଥିପାଇଁ ବହୁ ଭାବରେ ଲବି ମଧ୍ୟ ଆରମ୍ଭ ହୋଇଯାଇଥିଲା । କେତେକାଂଶରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଥିଲା । ନିର୍ଦ୍ଦେଶନାମାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ମାମଲାର ପ୍ରାଥମିକ ଶୁଣାଣି କରି ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଲାଗୁ କରିଥିଲେ ।

ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ(ପର୍ କ୍ୟାପିଟା ଇନ୍‌କମ୍) ଜାତୀୟ ହାର ତୁଳନାରେ ବହୁ ପଛରେ ରହିଛି । ଜାତୀୟ ସ୍ତରରେ ୨ଲକ୍ଷ ୧୬୨ ଟଙ୍କା (୨,୪୪୦ ଡଲାର) ରହିଥିବାବେଳେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୮୨ହଜାର ୫୪୮ ଟଙ୍କା (୨,୨୨୫ ଡଲାର) ରହିଛି । ତେବେ ଗୋଟିଏ ପଟେ ରାଜ୍ୟ ସରକାର ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଅହରହ ଉଦ୍ୟମ କରୁଛନ୍ତି । ଏଥିପାଇଁ ଭିଜନ-୨୦୩୬ ଏବଂ ୨୦୪୭ର ପରିକଳ୍ପନା କରାଯିବା ସହ ବହୁବିଧ ଯୋଜନା ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଇକୋନୋମି ଆଣ୍ଡ ଫାଇନାନ୍‌ସସେ ଅଫ୍ ଓଡ଼ିଶା ଆଣ୍ଡ ମିଡିୟମ ଟର୍ମ ଆଉଟଲୁକ୍'ରେ ଏଭଳି ଗୁରୁତ୍ୱପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥ୍ୟ ରହିଛି ।

ନଭେମ୍ବର ୨୦ରେ ଅର୍ଥ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି, ୨୦୨୪-୨୫ ଆଥିର୍କବର୍ଷରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ଆଇଏନ୍‌ଆର୍ ୧,୮୨,୫୪୮ (୨,୨୨୫ ଡଲାର) ରହିଛି, ଯାହାକି ଜାତୀୟସ୍ତରରେ ଆଇଏନ୍‌ଆର୍ ୨,୦୦,୧୬୨ (୨,୪୪୦ ଡଲାର) ଠାରୁ କମ୍ । ଜାତୀୟସ୍ତର ଏବଂ ଓଡ଼ିଶା ମଧ୍ୟରେ ମୁଣ୍ଡ ପିଛା ହାରକୁ ନେଇ ଥିବା ବ୍ୟବଧାନକୁ କମ୍ କରିବା ଲାଗି ସରକାରଙ୍କ ପକ୍ଷରୁ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜସ୍ୱ ବୃଦ୍ଧି କରାଯିବା ସହ ମୁଣ୍ଡ ପିଛା ଆୟ କିଭଳି ବଢ଼ିବ ସେଥିପାଇଁ ନୀଳନକ୍ସା ପ୍ରସ୍ତୁତ ହୋଇଛି । ତଥ୍ୟ ଅନୁଯାୟୀ,  ୨୦୧୫-୧୬ ଆର୍ଥିକ ବର୍ଷରେ ଏହି ବ୍ୟବଧାନ ୩୧.୬% ରହିଥିଲା, ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷରେ ଏହା କ୍ରମଶଃ ହ୍ରାସ ପାଇ ୮.୮%କୁ ଖସିଛି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଲୋକଙ୍କ ମୁଣ୍ଡ ପିଛା ଆୟ ହାର ବଢୁଥିବା ଅର୍ଥ ବିଭାଗ ରିପୋର୍ଟରେ କୁହାଯାଇଛି ।

ଅର୍ଥ ବିଭାଗ ପକ୍ଷରୁ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ର  ପରିକଳ୍ପନା ଅନୁଯାୟୀ, ଭାରତର ସମୁଦାୟ ଘରୋଇ ଉତ୍ପାଦରେ ଓଡ଼ିଶାର ହାର ଏବେ ୨.୮ ପ୍ରତିଶତ ରହିଥିବା ବେଳେ ୨୦୩୬ ବେଳକୁ ଏହା ବୃଦ୍ଧି ପାଇ ୪ ପ୍ରତିଶତରେ ପହଞ୍ଚିବ । ସେହିପରି ବିକଶିତ ଭାରତ ୨୦୪୭ ବେଳକୁ ଭାରତର ଜିଡିପିକୁ ଓଡ଼ିଶା ୫ପ୍ରତିଶତ ଅବଦାନ ରଖିବାକୁ ତଥ୍ୟରେ ରହିଛି; ଯାହାକି ଆମେରିକା ଡଲାରରେ ୫୦୦ ବିଲିୟନ(୨୦୩୬) ବେଳକୁ ହୋଇଥିବାବେଳେ ୨୦୪୭ ବେଳକୁ ୧.୫ ଟ୍ରିଲିୟନ ଆମେରିକା ଡଲାରରେ ଓଡ଼ିଶା ପହଞ୍ଚିବ ।

ପ୍ରେମିକାକୁ ଖୁସି କରିବା ନିଶାରେ ଜଣେ ଯୁବକ ରାଜଧାନୀରେ ବାଇକ୍ ଚୋରି କରି ପୋଲିସ ଜାଲରେ ଧରାପଡ଼ିଛନ୍ତି । ଏହି ପ୍ରେମ ହିଁ ତାଙ୍କୁ ବାଇକ୍ ଚୋର ସଜାଇ ଶେଷରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜେଲ୍‌କୁ ଟାଣିଛି ।

ଅଭିଯୁକ୍ତ ଯୁବକ ଜଣକ ତାଙ୍କ ଗାର୍ଲଫ୍ରେଣ୍ଡ ପାଇଁ ଏକ ସୁପର ବାଇକ୍ ଚୋରି କରିଥିଲେ । ଚୋରି ବାଇକ୍‌ରେ ଗାର୍ଲଫ୍ରେଣ୍ଡକୁ ବସାଇ ରାଜଧାନୀରେ ବୁଲାଉଥିବା ବେଳେ ପୋଲିସ ତାଙ୍କୁ ପିଛା କରିଥିଲା । ପରେ ଦୁହେଁ ସହରସାରା ବୁଲି ଆଇଜି ପାର୍କରେ ସମୟ ବିତାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା ।

ପୋଲିସ ଚୋରି ହୋଇଥିବା ସୁପର ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି । ତେବେ ପଚରାଉଚରା ପରେ ତାଙ୍କ ଗର୍ଲଫ୍ରେଣ୍ଡଙ୍କୁ ଛାଡ଼ି ଦିଆଯାଇଛି ।

ପୂଜା ଓରଫ ସେଜଲଙ୍କ ଆମେରିକା ନିର୍ଯାତନା କାହାଣୀରେ ନୂଆ ଟ୍ୱିଷ୍ଟ ଆସିଛି । ପ୍ରେମିକ ଅମରଙ୍କ ପାଇଁ ଆମେରିକାରୁ ଫେରିବା ପରେ ସତ କହିଛନ୍ତି ପୂଜା । ସେ କହିଛନ୍ତି, ପ୍ରେମ ପାଇଁ ଆମେରିକାରେ ମିଛ ନିର୍ଯାତନାର କାହାଣୀ କହିଥିଲି । ଭୁବନେଶ୍ୱର ବିମାନବନ୍ଦରରେ ମଙ୍ଗଳବାର ପହଞ୍ଚିବା ପରେ ଫେରିବାର ପ୍ରକୃତ ରହସ୍ୟ ଖୋଲି କହିଛନ୍ତି । ସେ କହିଛନ୍ତି, ନିର୍ଯାତନାର କାହାଣୀ ମିଛ, ମୋ ପାଳିତ ମା' ବହୁତ ଭଲ । ପ୍ରେମ ପାଇଁ ଓଡ଼ିଶା ଆସିବାକୁ ଚାହୁଁଥିଲି । ଅମରଙ୍କ ସହାୟତାରେ ନିଜ ମା'ଙ୍କ ନାଁରେ ମିଛ ଭିଡିଓ ଜାରି କରିଥିଲି । ଅମର ବାଲେଶ୍ୱର ଅଞ୍ଚଳର ହୋଇଥିବାବେଳେ ମୁଁ ତାଙ୍କୁ ବାହା ହେବାକୁ ଏଭଳି କରିଛି । ମୁଁ ଅମରକୁ ବାହା ହୋଇ ଓଡ଼ିଶାରେ ରହିବି ବୋଲି ପୂଜା କହିଛନ୍ତି ।

ସୂଚନାଯୋଗ୍ୟ, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ଅମରଙ୍କ ସହ ପରିଚିତ ହୋଇଥିଲା । ପୂଜା ଟ୍ରେନରେ ହଜିଯିବା ପରେ ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ । ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ରହଣ କରି ନେଇଯାଇଥିଲେ । ଆମେରିକାକୁ ଯିବା ପରେ ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା । ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା । ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ । ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି । ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୂଜା କହିଥିଲେ, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି । ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି । ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଥିଲେ । ଘର କାମ ସବୁ କରାଉଥିଲେ । ମୁଁ ଆମେରିକାରେ ଏବେ ଖୁସିରେ ନାହିଁ । ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି । ଖାଇବାକୁ ମଧ୍ୟ ଦେଉନାହାନ୍ତି । ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି । ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି । ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି । ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଥିଲେ ।

ଚଳିତବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି । ଏନେଇ ପିସିସିଏଫ୍ ପ୍ରେମ କୁମାର ଝା ସୂଚନା ଦେଇଛନ୍ତି । ଚଳିତ ବର୍ଷ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩୨ରେ ପହଞ୍ଚିଛି । ଗତ ବର୍ଷ ତୁଳନାରେ ୫ ବାଘ ଅଧିକ ବଢ଼ିଛନ୍ତି ।

ଓଡ଼ିଶାରେ ବାଘଙ୍କ ସଂଖ୍ୟାରେ ବୃଦ୍ଧି ହେବା ରାଜ୍ୟର ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରତିଫଳିତ କରୁଛି ।

ଭାରତରେ ବାଘଙ୍କ ସଂଖ୍ୟା ୨୦୦୬ରୁ ୨୦୧୮ ମଧ୍ୟରେ ୩୦% ବୃଦ୍ଧି ପାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ୭୫% ବିଶ୍ୱ ବାଘଙ୍କୁ ଧାରଣ କରୁଥିବା ଭାରତର ସଫଳତାର ଭାଗ ।

ହେ ମହାବାହୁ ମୋ ପୁଅକୁ ଭଲ କରି ଦିଅ । ମୁଁ ତୁମ ସିଂହଦ୍ୱାର ସାମ୍ନାରେ ବସିଛି । ନିଜ ପୁଅର ମଙ୍ଗଳ କାମନା କରି ରାଜସ୍ଥାନରୁ ଦୌଡ଼ି ଆସିଥିବା ଜଣେ ଶ୍ରଦ୍ଧାଳୁ କାଳିଆ ଶରଣରେ ପଶି ଏପରି କହିଛନ୍ତି । ଗତ ୮ ତାରିଖରେ ରାଜସ୍ଥାନରୁ କୋମା ଅବସ୍ଥାରେ ଛୁଆକୁ ବାପା ପ୍ରକାଶ ଭୋଇ ଶ୍ରୀମନ୍ଦିର ଆଣିଥିଲେ । ସେଠାରେ ବାଇଶି ପାହାଚ ପାଖେ ପୁଅ ନିଖିଲକୁ ଗଡାଇ ଦେଇଥିଲେ । ମହାପ୍ରଭୁଙ୍କ ଠାରେ ଶରଣ ପଶିବା ପରେ ଏବେ କୁନିପୁଅଟି ଧିରେ ସୁସ୍ଥ ହୋଇଛି ।

ପୁଅର ନୂଆ ଜୀବନ ପାଇଁ ସିଂହ ଦୁଆରେ ହାତ ପତେଇଥିଲା ବାପା । ମାସଟେ ବି ପୂରିନି, ହଟିଆ ଠାକୁର ପୁଣି ତା ଲୀଳା ଦେଖାଇଛି । ଆଉ କୋମାରେ ଥିବା ପୁଅକୁ ଚଳପ୍ରଚଳ ହେବା ପାଇଁ ତା' ଦେହରେ ଶକ୍ତି ଭରି ଦେଇଛି କାଳିଆ । ଡାକ୍ତରମାନେ ସବୁ ନିରାଶ କରିଦେଇଥିଲେ । ହେଲେ, କଥାରେ ଅଛି ନା, ଯୋଉଠି ଡାକ୍ତରୀ ପାଠ ହାରିଯାଏ ସେଇଠି ସାହା ହୁଏ ଜଗତର ଠାକୁର ଜଗନ୍ନାଥ । ତା' ପାଖରେ ଶରଣ ପଶିଲେ କୋଉ ଭକ୍ତ ବି ନିରାଶ ହୋଇ ଫେରେନି । ଆଉ ଆଜି ବି ନିରାଶ ହୋଇନି ଏ ବାପା । କାଳିଆ ସାଆନ୍ତ ଆଉ ପୁରୀ ଠାକୁରଙ୍କ ମହିମା ଉପରେ ଭରସା କରି ରାଜସ୍ଥାନରୁ ଧାଇଁ ଆସିଥିଲେ । କିଛି ଦିନ ତଳେ ସିଂହଦ୍ୱାର ସାମ୍ନାରେ ବସି ଭୋ ଭୋ ହୋଇ କାନ୍ଦୁଥିଲେ । ଆଉ ୮ ବର୍ଷର ପୁଅକୁ ଭଲ କରି ଦେବା ପାଇଁ ଗୁହାରି କରିଥିଲେ । କେଇଟା ଦିନ ଭିତରେ କାଳିଆ ବଡ଼ ଚମତ୍କାର ଦେଖାଇଦେଇଛନ୍ତି । ଆଉ ଆଜି କୋମାରେ ଥିବା ୮ ବର୍ଷର ପୁଅ ଚଳପ୍ରଚଳ କରିପାରୁଛି । ଆଉ ପୁଅ ଶରୀରରେ ଏ ପରିବର୍ତ୍ତନ ଦେଖି ବାପାଙ୍କ ଆଖି ଛଳଛଳ ହେଇଯାଇଛି । କାଳିଆ ଠାକୁର ଆଗରେ ନତମସ୍ତକ ହେଇ ପୁଅକୁ ବଡ଼ଦାଣ୍ଡରେ ଗଡାଇ ଦେଇଛନ୍ତି । ପୁଅକୁ ଚଳପ୍ରଚଳ କରୁଥିବା ଦେଖି ତାଙ୍କର ମନ ଭରିଯାଇଛି ଆଉ ବଡ଼ ଦେଉଳକୁ ସେ ଚାହିଁ ଠାକୁରକୁ ମନେ ମନେ ଧନ୍ୟବାଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଉଛନ୍ତି । ପୁଅକୁ ଭଲ କରି ଦେବା ପାଇଁ ନିଜକୁ ଋଣି ବୋଲି ସେ ତାଙ୍କ ଆଗରେ ନିଜକୁ ସମର୍ପଣ କରିଦେଇଛନ୍ତି । ସତରେ କାଳିଆ ତୁ ଲୀଳାମୟ, ତୁ ଜଗତ ଠାକୁର ତୋ' ଭକ୍ତଙ୍କ ପାଇଁ ତୋ ମହିମା ଅବର୍ଣ୍ଣନୀୟ ।

ଓଡ଼ିଶାର ସୁନାମଧନ୍ୟ ଓ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କର ପରଲୋକ ହୋଇଯାଇଛି । ଭୁବନେଶ୍ୱର ଏମ୍ସ (AIIMS) ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି ।

କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା ଏବଂ ସେ ଭେଣ୍ଟିଲେଟର୍ ସହାୟତାରେ ଥିଲେ । ସେ ଲିଭର୍ ଏବଂ କିଡନୀ ଜନିତ ଗୁରୁତର ରୋଗ ସହ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ, ଓ କୋଆଗୁଲୋପାଥିରେ ପୀଡ଼ିତ ଥିଲେ ।

ଗତ କିଛି ସପ୍ତାହ ହେଲା ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଏବଂ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା । ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାଜ୍ୟ ବାହାରକୁ ନେବାକୁ ଯୋଜନା ଥିଲା ଏବଂ ଏଥିପାଇଁ ତାଙ୍କ ମାଆ ଓ ସ୍ତ୍ରୀ ରାଜ୍ୟ ସରକାରଙ୍କୁ ସହାୟତା କରିବା ପାଇଁ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଡାକ୍ତରଙ୍କ ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଆଲୋଚନା କରିଥିଲେ ।

ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମରେ ଅନେକ ରୋମାଣ୍ଟିକ ଗୀତ ଗାଇ ସେ ଘରେ ଘରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦୁଇ ଦିନିଆ ଭାରତ ଗସ୍ତ ଅବସରରେ ଗୁରୁବାର ଏକ ଦୁର୍ଲଭ ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପୁଟିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଲ୍ଲୀ ବିମାନ ବନ୍ଦରରୁ ଗୋଟିଏ ଅଫିସିଆଲ କାର୍‌ରେ ଏକାଠି ବାହାରିଥିଲେ ।

ଚଳିତ ବର୍ଷ ସେପ୍ଟେମ୍ବର ୨୦୨୫ରେ ଚାଇନାର ତିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (SCO) ସମ୍ମିଳନୀ ପରେ ଦ୍ୱିପାକ୍ଷିକ ବୈଠକ ସ୍ଥାନକୁ ଯିବା ସମୟରେ ମଧ୍ୟ ଉଭୟ ନେତା ଏକାଠି ଯାତ୍ରା କରିଥିଲେ । ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କ 'ଆଉରସ୍ ସେନାଟ୍' ଗାଡ଼ିରେ ଯାତ୍ରା କରିଥିଲେ ।

ତେବେ ଗୁରୁବାର ଦିଲ୍ଲୀରେ ଉଭୟ ନେତା ଯାତ୍ରା କରିଥିବା 'ଟୟୋଟା ଫର୍ଚୁନର୍' ଗାଡ଼ିକୁ ରୁଷିଆ ରାଷ୍ଟ୍ରପତିଙ୍କ ବାହନ ପଛରୁ ଅନୁସରଣ କରିଥିଲା । ପୁଟିନଙ୍କ ବିମାନ ଦିଲ୍ଲୀରେ ଅବତରଣ କରିବା ପୂର୍ବରୁ, 'ଫ୍ଲାଇଟ୍ ରାଡାର ୨୪' ୱେବସାଇଟ୍‌ରେ ଏହା ବିଶ୍ୱର ସବୁଠାରୁ ଅଧିକ ଟ୍ରାକ୍ କରାଯାଇଥିବା ଫ୍ଲାଇଟ୍ ହୋଇଥିଲା ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମସ୍କୋ ସହିତ ଭାରତର ତୈଳ ବାଣିଜ୍ୟ ଉପରେ ଟାରିଫ୍ ଲଗାଇବାକୁ ଘୋଷଣା କରିଥିବା ସମୟରେ ଏହିପରି ଏକାଠି କାର୍ ଯାତ୍ରା କରିବା ଉଭୟ ଦେଶ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଏବଂ ବ୍ୟକ୍ତିଗତ ବନ୍ଧୁତାର ସ୍ପଷ୍ଟ ସଙ୍କେତ ଦେଉଛି ।

ଭାରତ-ରୁଷିଆ ସମ୍ପର୍କ ଏବଂ ସହଯୋଗର ୨୫ବର୍ଷ ପୂରଣ ହେବା ଉପରେ ରୁଷିଆ ରାଷ୍ଟ୍ରପତି ପୁଟିନ ଭାରତରେ ପହଞ୍ଚିଛନ୍ତି ଏବଂ ତାଙ୍କର ଗସ୍ତ ଗୁରୁତ୍ୱପୂର୍ଣ୍ଣ । ଗତକାଲିଠାରୁ ମୋଦି-ପୁଟିନ ଯୋଡ଼ି ଯେଉଁ ସୌହାର୍ଦ୍ଦ୍ୟ ପ୍ରଦର୍ଶନ କରିଛନ୍ତି ତାହା ସୂଚାଇ ଦେଉଛି ଯେ ପାଶ୍ଚାତ୍ୟ ଚାପ ସତ୍ତ୍ୱେ, ସେମାନେ ପରସ୍ପର ପ୍ରତି ପାରମ୍ପରିକ ଅଂଶୀଦାର ଭାବରେ ପ୍ରତିବଦ୍ଧ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସେମାନେ ଭାରତ-ରୁଷିଆ ସମ୍ପର୍କର ୨୫ ବର୍ଷର ବିକାଶ କରିବେ । ସେମାନେ ଆମର ବାଣିଜ୍ୟ ସମ୍ପର୍କକୁ ଆହୁରି ବିସ୍ତାର କରିବେ, ଏବଂ ମିଳିତ ଭାବରେ, ସେମାନେ ୨୦୩୦ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଯୋଜନା ବିକଶିତ କରିଛନ୍ତି । ଭାରତ ରୁଷିଆକୁ ମାଗଣା ୩୦-ଦିନିଆ ପୂର୍ବ ପର୍ଯ୍ୟଟନ ଭିସା ପ୍ରଦାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବ । ଏହି ସୁବିଧା ଏକାକୀ ଏବଂ ଗୋଷ୍ଠୀ ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୟୁକ୍ରେନ ପ୍ରସଙ୍ଗରେ ଭାରତ ଏବଂ ରୁଷିଆ ମଧ୍ୟରେ ଆଲୋଚନା ହୋଇଛି ଏବଂ ଭାରତ ଏହି ପ୍ରସଙ୍ଗରେ କେବଳ ଗୋଟିଏ ଦେଶ ନୁହେଁ, ଶାନ୍ତିର ସମର୍ଥକ ହୋଇଛି । ତେଣୁ, ଭାରତ ଦୁଇ ଦେଶ ମଧ୍ୟରେ ଶାନ୍ତି ପାଇଁ ଆଶା କରେ । ସେହିପରି, ଉଭୟ ଦେଶ ଆତଙ୍କବାଦ ପ୍ରସଙ୍ଗରେ ପରସ୍ପରକୁ ସମର୍ଥନ କରିବେ । ପ୍ରଧାନମନ୍ତ୍ରୀ ମୋଦି ଭାରତ ଗସ୍ତ ପାଇଁ ରୁଷିଆ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ କହିଛନ୍ତି ଯେ ସେ ଆଶା କରୁଛନ୍ତି ଯେ ଏହି ଗସ୍ତ ଉଭୟ ଦେଶକୁ ଏକାଠି ବିଶ୍ୱ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଶକ୍ତି ଦେବ ।

ଏକ ପ୍ରେସ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ-ରୁଷିଆ ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ବିଷୟରେ କହିଛନ୍ତି । ସେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ଏବଂ ଅନେକ ପ୍ରମୁଖ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେ ଭାରତ-ରୁଷିଆ ସମ୍ପର୍କ ସର୍ବଦା ଶକ୍ତି ଏବଂ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରହିଛି ଏବଂ ଏହା ଆହୁରି ଦୃଢ଼ ରହିବ । ସେ ଆହୁରି କହିଛନ୍ତି ଯେ ଦୁଇ ଦେଶର ସମ୍ପର୍କ ସଂସ୍କୃତିରେ ଗଭୀର ଭାବରେ ଜଡିତ । ଭାରତରେ ଦୁଇଟି ନୂତନ ରୁଷିଆ କନସୁଲେଟ ଖୋଲିବା ଦ୍ୱାରା ଲୋକଙ୍କ ମଧ୍ୟରେ ସମ୍ପର୍କ ଏବଂ ଆଦାନପ୍ରଦାନ ଆହୁରି ବୃଦ୍ଧି ପାଇବ । ପର୍ଯ୍ୟଟନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି ଯେ, ରୁଷିଆ ନାଗରିକଙ୍କ ପାଇଁ ଖୁବ ଶୀଘ୍ର ୩୦ ଦିନିଆ ମାଗଣା ଭିସା ପ୍ରଚଳନ କରାଯିବ, ଯାହା ପର୍ଯ୍ୟଟନ, ଶିକ୍ଷା ଏବଂ ବ୍ୟବସାୟିକ ସମ୍ପର୍କକୁ ଏକ ନୂତନ ପ୍ରେରଣା ଦେବ । ଏହି ଭିସା ଗୋଷ୍ଠୀମାନଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମାନବଶକ୍ତି ଗତିଶୀଳତା ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ କାର୍ଯ୍ୟଶକ୍ତି ସହଯୋଗକୁ ଆହୁରି ମଜବୁତ କରିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ସାକ୍ଷାତ ହୋଇଛି । ବୈଠକ ସମୟରେ ଏକ ପ୍ରମୁଖ ଭୂରାଜନୈତିକ ସଙ୍କେତ ଦେଖାଦେଇଥିଲା । ପୁଟିନ ସ୍ପଷ୍ଟ ଭାବରେ କହିଥିଲେ ଯେ ରୁଷିଆ, ଆମେରିକା ସମେତ ଅନେକ ଦେଶ ସହିତ, ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାପ୍ତି ପାଇଁ ବିକଳ୍ପଗୁଡ଼ିକ ଉପରେ ବିଚାର କରୁଛି । ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ସଂଘର୍ଷର ଅନ୍ତ ପାଇଁ ଠୋସ୍ ପ୍ରଗତି ଅପେକ୍ଷା କରିଛି ।

ବୈଠକ ସମୟରେ, ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଭାରତ ସର୍ବଦା ୟୁକ୍ରେନର ପରିସ୍ଥିତି ପ୍ରତି ଏକ ଗମ୍ଭୀର ଏବଂ ସନ୍ତୁଳିତ ଆଭିମୁଖ୍ୟ ବଜାୟ ରଖିଛି । ପୁଟିନଙ୍କ ଅନୁସାରେ, ମସ୍କୋ ଏହି ଆଭିମୁଖ୍ୟକୁ ଆନ୍ତରିକତାର ସହ ମୂଲ୍ୟ ଦିଏ ଏବଂ ଏହାକୁ ଏକ ସକାରାତ୍ମକ ଭୂମିକା ଭାବରେ ଦେଖେ ।

ଆଲୋଚନା ସମୟରେ, ପୁଟିନ ଭାରତ-ରୁଷିଆ ସମ୍ପର୍କ ବିଷୟରେ ମଧ୍ୟ ଖୋଲାଖୋଲି ଭାବରେ କହିଛନ୍ତି । ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ କେବଳ ଐତିହାସିକ କାରଣରୁ ନୁହେଁ, ବରଂ ପ୍ରଧାନମନ୍ତ୍ରୀ ମୋଦି ଗତ କିଛି ବର୍ଷ ଧରି ଏହି ସମ୍ପର୍କକୁ ନୂତନ ଶକ୍ତି ଏବଂ ନୂତନ ପରିମାଣ ଦେଇଛନ୍ତି । ରୁଷ ରାଷ୍ଟ୍ରପତି ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଦୁଇ ଦେଶ ଏବେ ଉଚ୍ଚ-ପ୍ରଯୁକ୍ତି ବିମାନ ଚଳାଚଳ, ମହାକାଶ ନବସୃଜନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ସମେତ ପାରମ୍ପରିକ କ୍ଷେତ୍ର ବାହାରେ ଏକାଠି କାମ କରୁଛନ୍ତି । ତାଙ୍କ ଅନୁସାରେ, ଏହି ସହଭାଗୀତା କେବଳ କୂଟନୀତି ନୁହେଁ, "ପ୍ରକୃତ ପ୍ରଗତି"ର ପ୍ରତୀକ ।

ୟୁକ୍ରେନ ସଙ୍କଟ ଉପରେ ପୁଟିନଙ୍କ ଏ ପର୍ଯ୍ୟନ୍ତର ସବୁଠାରୁ ସିଧାସଳଖ ଇଙ୍ଗିତ ଏହି ବୈଠକର ସବୁଠାରୁ ଆକର୍ଷଣୀୟ ଦିଗ ଥିଲା, ପୁଟିନଙ୍କ ସ୍ୱୀକାରୋକ୍ତି ଯେ ରୁଷିଆ ଆମେରିକା ସହିତ ଆଲୋଚନା କରୁଛି । ପୁଟିନ ଭାରତରେ ବସି କେବେବି ଶାନ୍ତି ପ୍ରକ୍ରିୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଷୟରେ ଏତେ ସ୍ୱଷ୍ଟ ଭାବରେ ଉଲ୍ଲେଖ କରିନାହାଁନ୍ତି । ଭାରତ ସର୍ବଦା ୟୁକ୍ରେନ ସମସ୍ୟାର ଆଲୋଚନା ଏବଂ ସମାଧାନ ପାଇଁ ସମର୍ଥନ କରିଆସିଛି ।

ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ନାଗରିକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି । ସେ କହିଛନ୍ତି, ଆମେ ଶୀଘ୍ର ରୁଷିଆ ନାଗରିକଙ୍କ ପାଇଁ ଏକ ମାଗଣା ୩୦-ଦିନିଆ ଇ-ପର୍ଯ୍ୟଟକ ଭିସା ଏବଂ ୩୦-ଦିନିଆ ଗ୍ରୁପ ପର୍ଯ୍ୟଟନ ଭିସା ଆରମ୍ଭ କରିବୁ । ଆମର ବନ୍ଧୁତା ଭବିଷ୍ୟତର ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଆମକୁ ସଶକ୍ତ କରିବ ।

ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ବୈଠକ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ମିଳିତ ବିବୃତ୍ତି ଜାରି କରିଛନ୍ତି । ପହଲଗାମ ଆକ୍ରମଣକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ରୁଷିଆ ଭାରତକୁ ସମର୍ଥନ କରିଛି । ସେ କହିଛନ୍ତି ଯେ ପହଲଗାମ କିମ୍ବା କ୍ରୋକସ ସିଟି ହଲ (ରୁଷିଆ) ଉପରେ ହୋଇଥିବା କାପୁରୁଷ ଆକ୍ରମଣର ମୂଳ ସମାନ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଭାରତ ଏବଂ ରୁଷିଆ ଦୀର୍ଘ ସମୟ ଧରି ଆତଙ୍କବାଦ ବିରୁଦ୍ଧରେ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛନ୍ତି । ସେ କହିଛନ୍ତି ଯେ ଭାରତର ଏକ ଅଟଳ ବିଶ୍ୱାସ ଅଛି ଯେ ଆତଙ୍କବାଦ ମାନବତାର ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ ଏବଂ ଏହା ବିରୁଦ୍ଧରେ ବିଶ୍ୱ ଏକତା ଆମର ସର୍ବବୃହତ ଶକ୍ତି । ସେ କହିଛନ୍ତି, 'ଭାରତର ଏକ ଅଟଳ ବିଶ୍ୱାସ ଅଛି ଯେ ଆତଙ୍କବାଦ ମାନବତାର ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ ଏବଂ ଏହା ବିରୁଦ୍ଧରେ ବିଶ୍ୱ ଏକତା ଆମର ସର୍ବବୃହତ ଶକ୍ତି । ଭାରତ-ରୁଷିଆ ବନ୍ଧୁତାର ପୋଲ ତାରା ପରି ଝଲସୁଛି । 'ମୋଦି-ପୁଟିନଙ୍କ ମିଳିତ ବିବୃତ୍ତିରେ ଆତଙ୍କବାଦର ଉଲ୍ଲେଖ ନେଇ ପାକିସ୍ତାନ ଚିନ୍ତିତ । ଅପରେଶନ ସିନ୍ଦୂର ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟ, ରୁଷିଆ ଆତଙ୍କବାଦ ବିରୁଦ୍ଧରେ ଭାରତର କାର୍ଯ୍ୟକୁ ସମର୍ଥନ କରିଥିଲା । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି, 'ଆମେ ଭାରତର ସର୍ବବୃହତ ପରମାଣୁ ପ୍ଲାଣ୍ଟ ନିର୍ମାଣ ପାଇଁ ଏକ ପ୍ରକଳ୍ପ ଉପରେ ମଧ୍ୟ କାମ କରୁଛୁ ।' ଛଅଟି ରିଆକ୍ଟର ମଧ୍ୟରୁ ତିନୋଟି ଶକ୍ତି ନେଟୱାର୍କ ସହିତ ସଂଯୋଗ ହୋଇସାରିଛି ।'

ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଗତ ଦୁଇ ଦିନ ଧରି ଏକ ଗମ୍ଭୀର ପରିଚାଳନାଗତ ସଙ୍କଟର ସମ୍ମୁଖୀନ ହେଉଛି । କମ୍ପାନୀ ଅନେକ ଉଡ଼ାଣ ବିଳମ୍ବ ଏବଂ ବାତିଲକରଣ ଯୋଗୁ ହୋଇଥିବା ଅସୁବିଧାକୁ ସ୍ୱୀକାର କରିଛି, ଯାହା ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇଛି । ଏଥିପାଇଁ ଇଣ୍ଡିଗୋ ସମସ୍ତ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛି ।

ଏୟାରଲାଇନ୍‌ସ କହିଛି, ଏହି ବାଧା ପାଇଁ ଅନେକ କାରଣ ଦାୟୀ । କମ୍ପାନୀ ଅନୁଯାୟୀ, ଛୋଟ ଯାନ୍ତ୍ରିକ ତ୍ରୁଟି ଉଡ଼ାଣ ପରିଚାଳନାକୁ ପ୍ରଭାବିତ କରିଥିଲା । ଶୀତକାଳୀନ ପାଗ ଉଡ଼ାଣ ସମୟସୂଚୀରେ ପରିବର୍ତ୍ତନ କରିବାକୁ ବାଧ୍ୟ କରିଥିଲା, ନେଟୱର୍କ ଚାପ ବୃଦ୍ଧି କରିଥିଲା । ଏହା ବ୍ୟତୀତ ଅନେକ ଅଞ୍ଚଳରେ ଖରାପ ପାଗ ଉଡ଼ାଣଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିବାରେ ବାଧା ସୃଷ୍ଟି କରିଥିଲା । ବିମାନ ଚଳାଚଳ ବ୍ୟବସ୍ଥାରେ ବିମାନ ଟ୍ରାଫିକ ବୃଦ୍ଧି ମଧ୍ୟ ଉଡ଼ାଣ ବିଳମ୍ବରେ ସହାୟକ ହୋଇଥିଲା । ଏହା ବ୍ୟତୀତ, ନୂତନ ଉଡ଼ାଣ ଡ୍ୟୁଟି ସମୟ ସୀମା (FDTL) କ୍ରୁ ରୋଷ୍ଟର ନିୟମ କାର୍ଯ୍ୟକାରୀ ହେବା ଦ୍ୱାରା କ୍ରୁ ଉପଲବ୍ଧତା ପ୍ରଭାବିତ ହୋଇଥିଲା, ଯାହା କାର୍ଯ୍ୟକୁ ଆହୁରି ବାଧାପ୍ରାପ୍ତ କରିଥିଲା ।

ଇଣ୍ଡିଗୋ କହିଛି, ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉଡ଼ାଣ ସ୍ୱାଭାବିକ ହୋଇଯିବ ।

ଏୟାରଲାଇନ୍‌ସ କହିଛି, ପ୍ରଭାବିତ ଯାତ୍ରୀମାନଙ୍କୁ ଅନ୍ୟ ବିମାନରେ ସ୍ଥାନ ଦିଆଯାଉଛି କିମ୍ବା ପୂର୍ଣ୍ଣ ଫେରସ୍ତ ପାଉଛି । କମ୍ପାନୀ ଆଶ୍ୱାସନା ଦେଇଛି ଯେ, କାର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀଘ୍ର ସ୍ୱାଭାବିକ ହେବ । ଇଣ୍ଡିଗୋ କହିଛି ଯାତ୍ରୀଙ୍କ ଆରାମ ଏବଂ ସୁରକ୍ଷା ଏହାର ସର୍ବୋଚ୍ଚ ପ୍ରାଥମିକତା ଏବଂ ଯଥାଶୀଘ୍ର ପରିସ୍ଥିତିକୁ ସୁଧାରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି ।

ଭାରତର ବୃହତ୍ତମ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋରେ ଅପରେସନାଲ ସମସ୍ୟା ହେତୁ ସାରା ଦେଶର ବିମାନବନ୍ଦରଗୁଡ଼ିକରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଏହି ସମସ୍ୟା ଯୋଗୁଁ ୫୦୦ରୁ ଅଧିକ ବିମାନ ବାତିଲ ହୋଇଥିବାବେଳେ ହଜାର ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

ଅନେକ ଯାତ୍ରୀ ୧୨ ଘଣ୍ଟାରୁ ଅଧିକ ସମୟ ଧରି ନିଜର ଲଗେଜ୍ ପାଇଁ ଅପେକ୍ଷା କରିଥିଲେ । ସେମାନଙ୍କୁ ଖାଦ୍ୟ କିମ୍ବା ପାଣି ମଧ୍ୟ ମିଳିନଥିଲା । ଦିଲ୍ଲୀ ବିମାନବନ୍ଦର ଟର୍ମିନାଲରେ ହଜାର ହଜାର ସୁଟକେସ୍ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା । ଅନେକ ଯାତ୍ରୀ ତଳେ ଶୋଇ ରହିଥିଲେ ଏବଂ ଅସନ୍ତୋଷ ପ୍ରକାଶ କରି ଏୟାରଲାଇନ୍ସ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ।

ଯାତ୍ରୀମାନେ ଏହି ପରିସ୍ଥିତିକୁ ଇଣ୍ଡିଗୋ ଦ୍ୱାରା "ମାନସିକ ନିର୍ଯାତନା" ବୋଲି କହିଛନ୍ତି । ସେମାନଙ୍କୁ କର୍ମଚାରୀଙ୍କ ଠାରୁ କୌଣସି ସ୍ପଷ୍ଟ ସୂଚନା ମିଳୁନଥିବା ଅଭିଯୋଗ ହୋଇଛି ।

ଦିଲ୍ଲୀ ବ୍ୟତୀତ ହାଇଦ୍ରାବାଦ ଏବଂ ଗୋଆ ବିମାନବନ୍ଦରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ହାଇଦ୍ରାବାଦରେ ଉତ୍ତ୍ୟକ୍ତ ଯାତ୍ରୀମାନେ ଖାଦ୍ୟ ଓ ରହିବା ସୁବିଧା ନପାଇବାରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଏୟାର ଇଣ୍ଡିଆର ଏକ ବିମାନକୁ ଅଟକାଇ ଦେଇଥିଲେ । ଗୋଆ ବିମାନବନ୍ଦରରେ ମଧ୍ୟ ଯାତ୍ରୀ ଓ ଇଣ୍ଡିଗୋ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ।

କ୍ରୁ ସଦସ୍ୟଙ୍କ ଅଭାବ, ବୈଷୟିକ ସମସ୍ୟା ଏବଂ ଶୀତକାଳୀନ ପାଗ ଯୋଗୁଁ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍କଟ ସୃଷ୍ଟି ହୋଇଛି ବୋଲି ଇଣ୍ଡିଗୋ ସ୍ୱୀକାର କରିଛି । କେବଳ ଗୁରୁବାର ଦିନ ହିଁ ୫୫୦ରୁ ଅଧିକ ବିମାନ ବାତିଲ ହୋଇଥିଲା ।

ଏହି ବ୍ୟାପକ ଅସୁବିଧା ପାଇଁ ଇଣ୍ଡିଗୋ ଗତକାଲି ରାତିରେ ଯାତ୍ରୀମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛି । ସେବାକୁ ସ୍ୱାଭାବିକ କରିବା ପାଇଁ ଆଗାମୀ ଦୁଇ ତିନି ଦିନ ପର୍ଯ୍ୟନ୍ତ ବାତିଲ ଜାରି ରହିବ ବୋଲି କମ୍ପାନୀ ସତର୍କ କରାଇଛି ଏବଂ ଡିସେମ୍ବର ୮ ତାରିଖରୁ ବିମାନ ଚଳାଚଳ ସଂଖ୍ୟା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି ।

ମୁମ୍ବାଇ ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଜରୁରୀକାଳୀନ ଅବତରଣ କରିଥିଲା । ବିମାନଟି କୁଏତରୁ ହାଇଦ୍ରାବାଦ ଯାତ୍ରା କରୁଥିଲା । ବିମାନକୁ ଉଡ଼ାଣ ସମୟରେ, ଏକ ବୋମା ଧମକ ମିଳିଥିଲା । ବିମାନଟିକୁ ତୁରନ୍ତ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରାଯାଇଥିଲା ।

ରିପୋର୍ଟ ଅନୁଯାୟୀ, ଇମେଲ ମାଧ୍ୟମରେ ବୋମା ଧମକ ପଠାଯାଇଥିଲା । ଏହି ଇମେଲ ଦିଲ୍ଲୀ ବିମାନବନ୍ଦରକୁ ପଠାଯାଇଥିଲା । ଇମେଲ ପାଇବା ପରେ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସତର୍କ କରାଯାଇଥିଲା, ଏବଂ ଇଣ୍ଡିଗୋ ବିମାନଟି ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଥିଲା ।

FlightRadar24 ଅନୁଯାୟୀ, ଇଣ୍ଡିଗୋ ବିମାନ, ଏକ Airbus A321-251NX, ସକାଳ ୧ଟା ୫୬ ରେ କୁଏତରୁ ଉଡ଼ାଣ ଭରି ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲା । କିନ୍ତୁ, ଧମକପୂର୍ଣ୍ଣ ଇମେଲ ପାଇବା ପରେ, ମଙ୍ଗଳବାର ସକାଳ ୮ଟା୧୦ରେ ବିମାନକୁ ମୁମ୍ବାଇରେ ଅବତରଣ କରିବାକୁ ବାଧ୍ୟ କରାଯାଇଥିଲା ।

ପୂର୍ବରୁ, ନଭେମ୍ବର ୨୩ରେ, ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିମାନ ବିରୁଦ୍ଧରେ ମଧ୍ୟ ଏକ ବୋମା ଧମକ ମିଳିଥିଲା । ବିମାନଟି ବାହାରିନରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରୁଥିଲା । ଧମକ ପାଇବା ପରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିମାନକୁ ମୁମ୍ବାଇ ବିମାନବନ୍ଦର ଆଡକୁ ବୁଲାଇ ଦିଆଯାଇଥିଲା ଏବଂ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ବାଧ୍ୟ କରାଯାଇଥିଲା ।

ଭାରତୀୟ ଟଙ୍କା ବୁଧବାର ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି । ଟଙ୍କାର ମୂଲ୍ୟ ଖସିଯାଇ ଡଲାର୍ ପିଛା ରେକର୍ଡ ସର୍ବନିମ୍ନ ୯୦.୧୩ରେ ପହଞ୍ଚିଛି । ଏହା ପୂର୍ବରୁ ମଙ୍ଗଳବାର ଏହି ମୂଲ୍ୟ ୮୯.୯୪୭୫ ଥିଲା । ଅନିଶ୍ଚିତ ବାଣିଜ୍ୟ ଏବଂ ପୋର୍ଟଫୋଲିଓ ପ୍ରବାହ ସହିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବଢୁଥିବା ଦ୍ୱନ୍ଦ୍ୱ ଯୋଗୁଁ ଟଙ୍କା ଉପରେ ଚାପ ପଡ଼ିଥିଲା ।

ଟଙ୍କାର ଏହି ତୀବ୍ର ହ୍ରାସ ଘରୋଇ ଶେୟାର ବଜାରକୁ ମଧ୍ୟ ପ୍ରଭାବିତ କରିଥିଲା । ନିବେଶକଙ୍କ ମଧ୍ୟରେ ସତର୍କତା ଭାବନା ଦେଖାଦେବାରୁ ନିଫ୍ଟି ସୂଚକାଙ୍କ ୨୬,୦୦୦ ତଳକୁ ଖସି ଯାଇଥିଲା । ଦୁର୍ବଳ ମୁଦ୍ରା ମୁଦ୍ରାସ୍ଫୀତି ଓ ବିଦେଶୀ ନିବେଶକଙ୍କ କାର୍ଯ୍ୟକଳାପ ଉପରେ ଚିନ୍ତା ସୃଷ୍ଟି କରିବାରୁ ସେନସେକ୍ସ ଆରମ୍ଭ ବାଣିଜ୍ୟରେ ପ୍ରାୟ ୨୦୦ ପଏଣ୍ଟ ହ୍ରାସ ପାଇଥିଲା ।

ବିଶ୍ଳେଷକମାନେ କହିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ହେଲେ ଟଙ୍କାର ମୂଲ୍ୟ ହ୍ରାସ ବନ୍ଦ ହୋଇପାରେ ଏବଂ ଏଥିରେ ପରିବର୍ତ୍ତନ ମଧ୍ୟ ଆସିପାରେ । ବୁଧବାର ଶେୟାର ବଜାର ଶାନ୍ତ ରହିଥିଲା । ସେନସେକ୍ସ ମାତ୍ର ୧୨ ପଏଣ୍ଟ ବୃଦ୍ଧି ପାଇ ୮୫,୧୫୧ରେ ଏବଂ ନିଫ୍ଟି ୧୮ ପଏଣ୍ଟ ଖସି ୨୬,୦୧୪ରେ ବନ୍ଦ ହୋଇଥିଲା ।

ଯେତେବେଳେ DoT ସମସ୍ତ ମୋବାଇଲ ଫୋନ ନିର୍ମାତାଙ୍କୁ ସଞ୍ଚାର ସାଥୀ ଆପ ପୂର୍ବରୁ ସଂସ୍ଥାପନ କରିବା ପାଇଁ ୯୦ ଦିନର ସମୟସୀମା ଦେଇଥିଲା, ଏହା ଦେଶରେ ରାଜନୈତିକ ହଇଚଇ ସୃଷ୍ଟି କରିଥିଲା । ବିରୋଧୀ ଦଳ ସରକାର ଗୁପ୍ତଚର ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ, ଯେତେବେଳେ ସରକାର ସାଇବର ସୁରକ୍ଷା ପାଇଁ ଏହାକୁ ଆବଶ୍ୟକ ବୋଲି ଘୋଷଣା କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ, କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସବୁକିଛି ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ସଞ୍ଚାର ସାଥୀ ଆପ ଫୋନରେ ବାଧ୍ୟତାମୂଳକ ହେବ ନାହିଁ, ବରଂ ଏହା ଇଚ୍ଛାଧୀନ ହେବ । ସାଇବର ସୁରକ୍ଷା ଚିନ୍ତାକୁ ଉଦ୍ଧୃତ କରି ସିନ୍ଧିଆ କହିଛନ୍ତି ଯେ ଦେଶର ସମସ୍ତେ ଜାଣନ୍ତି ନାହିଁ ଯେ ସେମାନଙ୍କୁ ଠକେଇରୁ ରକ୍ଷା କରିବା ପାଇଁ ଏକ ଆପ ଅଛି, ତେଣୁ ଏହି କଥା ପ୍ରଚାର କରିବା ଗୁରୁତ୍ୱପୂର୍ଣ୍ଣ ।

ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, 'ଏହା ଗ୍ରାହକ ସୁରକ୍ଷାର ବିଷୟ । ବାଧ୍ୟତାମୂଳକ କିଛି ନାହିଁ । ଯଦି ଆପଣ ପଞ୍ଜିକରଣ କରିବାକୁ ଚାହୁଁନାହାଁନ୍ତି, ତେବେ କରନ୍ତୁ ନାହିଁ । ଯଦି ଆପଣ ଏହାକୁ ଡିଲିଟ କରିବାକୁ ଚାହୁଁଛନ୍ତି, ତେବେ ଏହାକୁ ଡିଲିଟ କରନ୍ତୁ । କିନ୍ତୁ ଦେଶର ସମସ୍ତେ ଜାଣନ୍ତି ନାହିଁ ଯେ ସେମାନଙ୍କୁ ଠକେଇରୁ ରକ୍ଷା କରିବା ପାଇଁ ଏକ ଆପ ଅଛି । ତେଣୁ, ଏହି ସୂଚନା ପ୍ରସାର କରିବା ଆମର ଦାୟିତ୍ୱ ।'

ସିନ୍ଧିଆ କହିଛନ୍ତି, 'ଯଦି କେହି ଚାହୁଁନାହାଁନ୍ତି, ତେବେ ଏହାକୁ ସକ୍ରିୟ କରନ୍ତୁ ନାହିଁ ।' ଯଦି ତୁମେ ଏହାକୁ ତୁମ ଫୋନରେ ରଖିବାକୁ ଚାହୁଁଛ, ତେବେ ଏହାକୁ ରଖ । ଯଦି ତୁମେ ଏହାକୁ ଡିଲିଟ କରିବାକୁ ଚାହୁଁଛ, ତେବେ ତାହା କର । ଉଦାହରଣ ସ୍ୱରୂପ, ଯେତେବେଳେ ତୁମେ ଏକ ଫୋନ କିଣ, ସେତେବେଳେ ଅନେକ ଆପ ପୂର୍ବରୁ ସଂସ୍ଥାପିତ ହୋଇଯାଏ । ଗୁଗୁଲ ମ୍ୟାପ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଏବେ, ଯଦି ତୁମେ ଗୁଗୁଲ ମ୍ୟାପ ବ୍ୟବହାର କରିବାକୁ ଚାହୁଁନାହଁ, ତେବେ ଏହାକୁ ଡିଲିଟ କର ।

କଂଗ୍ରେସ ଏମପି ପ୍ରିୟଙ୍କା ଗାନ୍ଧୀ ସଞ୍ଚାର ସାଥୀ ଆପକୁ ଏକ ଗୁପ୍ତଚର ଆପ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା ନାଗରିକଙ୍କ ଗୋପନୀୟତାକୁ ଉଲ୍ଲଂଘନ କରୁଛି । ପ୍ରିୟଙ୍କା ସରକାରଙ୍କୁ ଏକଛତ୍ରବାଦୀ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି । ଏହି ସମୟରେ କଂଗ୍ରେସ ସାଂସଦ କାର୍ତ୍ତି ଚିଦାମ୍ବରମ ସରକାର ଉପରେ ରୁଷିଆ ଏବଂ ଉତ୍ତର କୋରିଆ ପରି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୯ ବର୍ଷ ବୟସ୍କ ବେଦମୂର୍ତ୍ତି ଦେବବ୍ରତ ମହେଶ ରେଖେ ଶୁକ୍ଳ ଯଜୁର୍ବେଦର (ମାଧ୍ୟନ୍ଦିନ ଶାଖା) ପ୍ରାୟ ୨,୦୦୦ ମନ୍ତ୍ରର ଅତ୍ୟନ୍ତ ଜଟିଳ ଆବୃତ୍ତି 'ଦଣ୍ଡକ୍ରମ ପାରାୟଣମ୍' ସମାପ୍ତ କରି ଏକ ଐତିହାସିକ ଆଧ୍ୟାତ୍ମିକ ଉପଲବ୍ଧି ହାସଲ କରିଛନ୍ତି । ବାରାଣସୀରେ ଏହି ଉପଲବ୍ଧି ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବୈଦିକ ପରମ୍ପରାରେ ସବୁଠାରୁ ଜଟିଳ ମନେ କରାଯାଉଥିବା ଏହି କାର୍ଯ୍ୟକୁ ସେ ୫୦ ଦିନର ନିରବଚ୍ଛିନ୍ନ ଆବୃତ୍ତିରେ ସମାପ୍ତ କରିଛନ୍ତି । ପ୍ରାୟ ୨୦୦ ବର୍ଷ ପରେ ଏହା ହେଉଛି ପ୍ରଥମ ଶାସ୍ତ୍ରୀୟ ଶୁଦ୍ଧ ପ୍ରଦର୍ଶନ ।

ଦେବବ୍ରତଙ୍କୁ ଏହି ସିଦ୍ଧି ପାଇଁ ୫ ଲକ୍ଷ ଟଙ୍କାର ଏକ ସୁନା ବ୍ରେସଲେଟ ଏବଂ ୧,୧୧,୧୧୬ ଟଙ୍କା ପ୍ରଦାନ କରାଯାଇଛି । ତାଙ୍କୁ ଶୃଙ୍ଗେରୀ ଶାରଦା ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ମିଳିଛି ।

ଏହି ଅବସରରେ ରଥଯାତ୍ରା କ୍ରସିଂରୁ ମହମୁରଗଞ୍ଜ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା । ୫୦୦ରୁ ଅଧିକ ବୈଦିକ ଛାତ୍ର, ପାରମ୍ପରିକ ସଙ୍ଗୀତଜ୍ଞ ଏବଂ ଶଙ୍ଖଧ୍ୱନୀରେ ବାରାଣସୀ ଏକ ବୈଦିକ ଉତ୍ସବରେ ପରିଣତ ହୋଇଥିଲା ।

୧୯ ବର୍ଷୀୟ ଦେବବ୍ରତ ମହେଶ ରେଖେଙ୍କ ଏହି ଉଲ୍ଲେଖନୀୟ ସିଦ୍ଧି ବିଷୟରେ ଜାଣିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଆନନ୍ଦ ଓ ଗର୍ବ ବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେବବ୍ରତଙ୍କ ଏହି ସିଦ୍ଧି ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ । ଭାରତୀୟ ସଂସ୍କୃତିର ପ୍ରତ୍ୟେକ ଅନୁଗାମୀ ଏହି କଥା ଜାଣି ଖୁସି ହେବେ ଯେ ଯୁବ ବିଦ୍ୱାନ ଜଣକ ଶୁକ୍ଳ ଯଜୁର୍ବେଦର ୨,୦୦୦ ମନ୍ତ୍ରକୁ ୫୦ ଦିନ ଧରି ନିର୍ଭୁଲ ଭାବରେ ଆବୃତ୍ତି କରି 'ଦଣ୍ଡକ୍ରମ ପାରାୟଣମ୍' ସମ୍ପୂର୍ଣ୍ଣ କରିଛନ୍ତି । ବାରାଣସୀର ଏମପି ଥିବା ମୋଦି ଗର୍ବର ସହ କହିଛନ୍ତି ଯେ ଏହି ଅସାଧାରଣ ଆଧ୍ୟାତ୍ମିକ ଅନୁଷ୍ଠାନ କାଶୀର ପବିତ୍ର ଭୂମିରେ ସମ୍ପନ୍ନ ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦ୍ୱାନମାନେ କହିଛନ୍ତି ଯେ ଘଣ୍ଟକ୍ରମ, ଯାହାର ଜଟିଳ ସ୍ୱର-ଢାଞ୍ଚା ଏବଂ ଧ୍ୱନିଗତ ସଠିକତା ପାଇଁ ଏହାକୁ ବୈଦିକ ଆବୃତ୍ତିର ମୁକୁଟ ବୋଲି କୁହାଯାଏ, ଇତିହାସରେ କେବଳ ତିନିଥର ପ୍ରଦର୍ଶନ କରାଯାଇଛି । ଦେବବ୍ରତଙ୍କ ଆବୃତ୍ତି ନିର୍ଭୁଲ ଥିଲା ଏବଂ ସେ ଏହାକୁ ସର୍ବନିମ୍ନ ସମୟରେ ଶେଷ କରିଛନ୍ତି ।

ଝାଡ଼ଖଣ୍ଡରେ ବଦଳିବ ରାଜନୈତିକ ସମୀକରଣ? ଇଣ୍ଡିଆ ମେଣ୍ଟ ଛାଡ଼ିବେ କି ମୁଖ୍ୟମନ୍ତ୍ରୀ ସୋରେନ !  ଭାଜପାର ୨ ଡେପୁଟି ସିଏମ ନେଇ ଚାଲିଛି ଅଙ୍କକଷା । ବିହାର ପରାଜୟ ପରେ ବିରୋଧୀ ଶିବିର ଏକପ୍ରକାର ଅସ୍ଥିର ହୋଇପଡ଼ିଛି । ମେଣ୍ଟ ଭିତରେ ବିଭିନ୍ନ ଫାଟ ମଧ୍ୟ ସାମ୍ନାକୁ ଆସୁଛି । ମୁଖ୍ୟମନ୍ତ୍ରୀ ସୋରେନ ଏବଂ ଜେଏମଏମ କୁଆଡ଼େ ଭାଜପା ମୁହାଁ ହେବାକୁ ସଜ ହେଉଛନ୍ତି ।

ବର୍ତ୍ତମାନ ସେଠାରେ ଜେଏମଏମ, କଂଗ୍ରେସ, ଆରଜେଡି ଓ ବାମ ଦଳର ମେଣ୍ଟ ସରକାର ଅଛି ୮୧ ବିଧାନସଭା ଆସନ ମଧ୍ୟରୁ ମେଣ୍ଟ ପାଖରେ ଅଛି ୫୬ଟି ଆସନ । ଯଦି ଭାଜପା ସହ ଜେଏମଏମ ହାତ ମିଳାଏ, ତେବେ କ'ଣ ହେବ ? ଆଜିକାଲି ଏହି ନୂଆ ମେଣ୍ଟକୁ ନେଇ ଚାଲିଛି ଚର୍ଚ୍ଚା ଆଲୋଚନା । ଯଦି ଏହା ସତ ହୁଏ, ତେବେ ଝାଡ଼ଖଣ୍ଡରେ ହେବ ବଡ଼ ଧରଣର ଓଲଟପାଲଟ । ଯଦି ଏନଡିଏରେ ଜେଏମଏମ ମିଶେ, ତେବେ ଜେଏମଏମର ୩୪, ଭାଜପାର ୨୧, ଏଲଜେପି ଓ ଏଜେଏସୟୁର ଗୋଟିଏ ଲେଖାଏଁ ଆସନ ମିଶାଇଲେ ସଂଖ୍ୟା ୫୮ରେ ପହଞ୍ଚିବ । ଆଉ ବହୁମତ ପାଇଁ ଝାଡ଼ଖଣ୍ଡରେ ୪୧ଟି ଆସନ ଦରକାର ।

ବିଶେଷଜ୍ଞଙ୍କ କହିବା କଥା, ଯଦି ହେମନ୍ତ ସୋରେନ ଭାଜପା ସହ ମେଣ୍ଟ କରନ୍ତି, ତେବେ ଏହା ହେବ ଇତିହାସର ସବୁଠୁ ଅପ୍ରତ୍ୟାଶିତ ରାଜନୈତିକ ପଦକ୍ଷେପ ମଧ୍ୟରୁ ଅନ୍ୟତମ । କାରଣ, ୨୦୨୪ରେ ଜେଏମଏମ ଏବଂ ଭାଜପା ମଧ୍ୟରେ କଡ଼ା ଟକ୍କର ଥିଲା । ଏପରିକି ହେମନ୍ତ ସୋରେନ ଜେଲ ମଧ୍ୟ ଯାଇଥିଲେ । କିନ୍ତୁ ରାଜନୀତିରେ ସବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ଭବ । ବର୍ତ୍ତମାନ ଇଣ୍ଡିଆ ମେଣ୍ଟରେ ଥିବାବେଳେ ହେମନ୍ତ ସରକାରଙ୍କୁ କେନ୍ଦ୍ରରୁ ଯେଉଁ ଅନୁଦାନ ମିଳିବା କଥା, ତାହା ମିଳୁ ନାହିଁ । ଫଳରେ ରାଜ୍ୟ ସ୍ୱାର୍ଥ ପ୍ରଭାବିତ ହେଉଛି । ଏନଡିଏରେ ମିଶିଲେ ସେହି ଅନୁଦାନ ହେମନ୍ତ ସରକାର ସହଜରେ ପାଇପାରିବେ । ଅନ୍ୟପଟେ ଭାଜପା ସହ ହାତ ମିଳାଇଲେ ବାବୁଲାଲ ମାରାଣ୍ଡି କିମ୍ବା ଚମ୍ପାଇ ସୋରେନ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି । ଚମ୍ପାଇ ସୋରେନ ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଗତ ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ ଜେଲ ଯିବା ପରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ପରେ ସେ ଭାଜପାକୁ ପଳାଇଥିଲେ ।

ଏକ ଭାଇରାଲ ଏଆଇ-ଜେନେରେଟେଡ ଭିଡିଓ କଂଗ୍ରେସ ଏବଂ ଭାଜପା ମଧ୍ୟରେ ନୂଆ ବିବାଦ ସୃଷ୍ଟି କରିଛି । ଭିଡିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରେଡ୍-କାରପେଟରେ ଚା' ବିକୁଥିବାର ଦେଖାଯାଇଛି । କଂଗ୍ରେସ ନେତା ରାଗିଣୀ ନାୟକ ଏହାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଲେଖିଛନ୍ତି, 'ଏବେ ଏହା କିଏ କଲା ? ଭିଡିଓ ସାମ୍ନାକୁ ଆସିବାର କିଛି ସମୟ ପରେ, ଭାଜପା କଂଗ୍ରେସ ଉପରେ ଆକ୍ରମଣ କରି ଏହାକୁ ପ୍ରଧାନମନ୍ତ୍ରୀଙ୍କ ଅପମାନ ବୋଲି କହିଛି ।

ଭିଡିଓରେ ପ୍ରଧାନମନ୍ତ୍ରୀ ହାଲୁକା ନୀଳ କୋଟ୍ ଏବଂ କଳା ପ୍ୟାଣ୍ଟ ପିନ୍ଧି ଏକ କେଟଲି ଏବଂ ଏକ ଗ୍ଲାସ ଚା' ଧରିଥିବା ଦେଖାଯାଇଛି । ବ୍ୟାକ୍‌ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ପତାକା ଏବଂ ଭାରତୀୟ ପତାକା ପ୍ରଦର୍ଶିତ ହୋଇଛି । ଭିଡିଓଟି ଏଆଇ-ଜେନେରେଟେଡ ବୋଲି କୁହାଯାଉଛି । ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ଭିଡିଓର କଡ଼ା ସମାଲୋଚନା କରି କହିଛନ୍ତି, 'ରେଣୁକା ଚୌଧୁରୀ ସଂସଦ ଏବଂ ସେନାକୁ ଅପମାନ କରିବା ପରେ, ଏବେ ରାଗିଣୀ ନାୟକ ମୋଦିଙ୍କ ଚା' ବାଲା ବ୍ୟାକ୍‌ଗ୍ରାଉଣ୍ଡକୁ ଉପହାସ କରିଛନ୍ତି । ସେ କହିଛନ୍ତି, କଂଗ୍ରେସ ଓବିସି କମ୍ୟୁନିଟିର ଜଣେ ପରିଶ୍ରମୀ ପ୍ରଧାନମନ୍ତ୍ରୀଙ୍କୁ ଗ୍ରହଣ କରିବାକୁ ଅସମର୍ଥ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁନାଓ୍ୱାଲା ଅଭିଯୋଗ କରିଛନ୍ତି ଯେ, ସେ ୧୫୦ରୁ ଅଧିକ ଥର ମୋଦିଙ୍କୁ ଅପମାନ କରିଛନ୍ତି । ତାଙ୍କ ମାଆଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ଦେଶ ଏହାକୁ କେବେ କ୍ଷମା କରିବ ନାହିଁ ।

ସଂସଦର ଶୀତକାଳୀନ ଅଧିବେଶନର ଆଜି ପ୍ରଥମ ଦିନରେ କଂଗ୍ରେସ ଏମ୍‌ପି ରେଣୁକା ଚୌଧୁରୀ ଏକ ଅନନ୍ୟ ବିବାଦରେ ଫସିଯାଇଛନ୍ତି । ସେ ପୋଷା କୁକୁର ସହିତ ତାଙ୍କ କାରରେ ସଂସଦରେ ପହଞ୍ଚିଥିଲେ । ତାଙ୍କ ଆସିବାର ଭିଡିଓ ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଥିଲା ଏବଂ ଭାଜପା ଏହାକୁ ସଂସଦର ମର୍ଯ୍ୟାଦା ଉଲ୍ଲଂଘନ ବୋଲି କହି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ।

ରେଣୁକା ଚୌଧୁରୀଙ୍କୁ ଏହି ଘଟଣା ବିଷୟରେ ପ୍ରଶ୍ନ ହେବାରୁ, ସେ ଜବାବ ଦେଇ କହିଥିଲେ ଯେ ଏହି ଘଟଣାକୁ ଅଯଥାରେ ବଢାଇ ଦିଆଯାଉଛି । ଏଥିରେ କ'ଣ ସମସ୍ୟା ? ଯଦି ଏକ ମୂକ ପଶୁ ଭିତରକୁ ପଶିଯାଏ ତେବେ ବଡ଼ କଥା କ'ଣ ? ଏହା ଛୋଟ, କାମୁଡିବ ନୁହେଁ । ସଂସଦ ଭିତରେ ଏମିତି ଲୋକ ଅଛନ୍ତି, ଯେଉଁମାନେ କାମୁଡ଼ି ପାରିବେ । ଏହି ବିବୃତ୍ତି ବିବାଦକୁ ଆହୁରି ଖୋରାକ ଯୋଗାଇଥିଲା ।

ରେଣୁକା ଚୌଧୁରୀ ବିରୋଧୀଙ୍କ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟର ମଧ୍ୟ ଜବାବ ଦେଇଥିଲେ । ସେ ପଚାରିଥିଲେ, ଯଦି ସରକାର ଅଧିବେଶନ ବିଷୟରେ ଏତେ ଚିନ୍ତିତ, ତେବେ ନିର୍ଦ୍ଧାରିତ ଏକ ମାସର ଅଧିବେଶନକୁ କେବଳ ପନ୍ଦର ଦିନକୁ କାହିଁକି ହ୍ରାସ କରାଯାଇଥିଲା ? ସେ ପଚାରିଲେ, ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ସେ ବିଷୟରେ ଆପଣ କାହିଁକି ଚିନ୍ତିତ ? ଯଥେଷ୍ଟ ପ୍ରସଙ୍ଗ ନ ଥିଲା କି ? ତେବେ ଅଧିବେଶନକୁ କାହିଁକି ସଂକ୍ଷିପ୍ତ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

କଂଗ୍ରେସ ଦଳ ପ୍ରଧାନମନ୍ତ୍ରୀଙ୍କ ବୟାନର ପ୍ରତିଶୋଧ ନେଇ ତାଙ୍କୁ ସବୁଠାରୁ ବଡ଼ ଡ୍ରାମେବାଜ ବୋଲି କହିଛି । ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବା ପୂର୍ବରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ମୋଦି ଗଣମାଧ୍ୟମ ସହିତ କଥାବାର୍ତ୍ତା କରିବା ପରେ କଂଗ୍ରେସ ଦଳର ଏହି ବୟାନ ଆସିଛି । ପ୍ରଧାନମନ୍ତ୍ରୀ ବିରୋଧୀ ଦଳକୁ ପରାଜୟର ହତାଶାକୁ ପାଶୋରି ସଂସଦରେ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ ନିବେଦନ କରିଛନ୍ତି ।

ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଶେୟାର କରାଯାଇଥିବା ଏକ ପୋଷ୍ଟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି ଯେ ଲୋକଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ମୋଦି ପୁଣି ଥରେ ନାଟକର ଆଶ୍ରୟ ନେଇଛନ୍ତି । ଖାର୍ଗେ କହିଛନ୍ତି, 'ସରକାର ଗତ ୧୧ ବର୍ଷ ଧରି ସଂସଦୀୟ ଶୃଙ୍ଖଳାକୁ କ୍ରମାଗତ ଭାବରେ ଦଳି ଦେଇ ଆସୁଛି, ଏବଂ ଏପରି ଘଟଣାର ଏକ ଲମ୍ବା ତାଲିକା ଅଛି ।' ଖାର୍ଗେ ଲେଖିଛନ୍ତି, 'ଭାଜପା ଏବେ ଏହି ବିଭ୍ରାନ୍ତିକର ନାଟକ ବନ୍ଦ କରି ସଂସଦରେ ପ୍ରକୃତ ପ୍ରସଙ୍ଗ ଉପରେ ଆଲୋଚନା କରିବା ଏବଂ ଲୋକଙ୍କ ସାମ୍ନା କରିବା ଉଚିତ ।'

କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି, 'ସାଧାରଣ ଲୋକ ବେକାରୀ, ମୁଦ୍ରାସ୍ଫୀତି, ଆର୍ଥିକ ଅସମାନତା ଏବଂ ଦେଶର ସମ୍ପଦର ଲୁଟ ସହିତ ସଂଘର୍ଷ କରୁଛନ୍ତି । ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ନାଟକ କରୁଛନ୍ତି ଏବଂ କ୍ଷମତାର ଅହଂକାରରେ ପରିପୂର୍ଣ୍ଣ । ଖାର୍ଗେ କହିଛନ୍ତି, 'ଏସଆଇଆର ପ୍ରକ୍ରିୟାର କାର୍ଯ୍ୟଭାର ଯୋଗୁ ବିଏଲଓମାନେ ନିରନ୍ତର ଜୀବନ ହରାଉଛନ୍ତି । ବିରୋଧୀ ଭୋଟ ଚୋରି ସମେତ ଅନ୍ୟାନ୍ୟ ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଚାହାଁନ୍ତି, ଏବଂ ଆମେ ସଂସଦରେ ଏହି ପ୍ରସଙ୍ଗ ଉଠାଇବା ଜାରି ରଖିବୁ ।'

ସଂସଦ ଅଧିବେଶନ ଆରମ୍ଭରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, 'ମୁଁ ଆପଣଙ୍କୁ ସଂସଦରେ ଆଲୋଚନାକୁ ଗମ୍ଭୀରତାର ସହ ନେବାକୁ ଅନୁରୋଧ କରୁଛି । ନାଟକ ପାଇଁ ପ୍ରଚୁର ସ୍ଥାନ ଅଛି । ଯିଏ ଏହା କରିବାକୁ ଚାହୁଁଛି ସେ ଏହା କରିବା ଉଚିତ । ଏଠାରେ, ନାଟକ ନୁହେଁ, ଡେଲିଭରି ହେବା ଉଚିତ । ସମଗ୍ର ଦେଶ ସ୍ଲୋଗାନ ପାଇଁ ଅପେକ୍ଷା କରିଛି । ଆପଣ ପୂର୍ବରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଠାରେ ହାରିଛନ୍ତି ସେଠାକୁ କହିସାରିଛନ୍ତି, ଏବଂ ଆପଣ ଯେଉଁଠାରେ ହାରିବେ ସେଠାକୁ ମଧ୍ୟ କହିବା ଉଚିତ । ଏଠାରେ, ଆମେ ସ୍ଲୋଗାନ ନୁହେଁ, ନୀତି ଉପରେ ଆଲୋଚନା କରିବା ଉଚିତ । ରାଜନୀତିରେ ନକାରାତ୍ମକତା ଉପଯୋଗୀ ହୋଇପାରେ, କିନ୍ତୁ ଏକ ରାଷ୍ଟ୍ର ନିର୍ମାଣ ମାନସିକତା ମଧ୍ୟ ରହିବା ଉଚିତ ।' ନକାରାତ୍ମକତାକୁ ସୀମା ମଧ୍ୟରେ ରଖନ୍ତୁ ଏବଂ ଦେଶ ନିର୍ମାଣ ଉପରେ ଧ୍ୟାନ ଦିଅନ୍ତୁ ।'

ପ୍ରଧାନମନ୍ତ୍ରୀ ମୋଦିଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, 'ନିର୍ବାଚନ ପରିସ୍ଥିତି, ଏସଆଇଆର ଏବଂ ପ୍ରଦୂଷଣ ବଡ଼ ପ୍ରସଙ୍ଗ । ଏଗୁଡ଼ିକ ଉପରେ ଆଲୋଚନା ହେବା ଉଚିତ ।' ତେବେ ସଂସଦ କ'ଣ ପାଇଁ? ଏହା ଏକ ନାଟକ ନୁହେଁ । ପ୍ରସଙ୍ଗ ଉଠାଇବା ଏବଂ ସେଗୁଡ଼ିକ ଉପରେ ଆଲୋଚନା କରିବା ଏକ ନାଟକ ନୁହେଁ । ଜନସାଧାରଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଗଣତାନ୍ତ୍ରିକ ଆଲୋଚନା ଏକ ନାଟକ ନୁହେଁ ।

ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା କେସି ଭେନୁ ଗୋପାଳ କହିଛନ୍ତି, 'ଯେତେବେଳେ ଆପଣ ଏକ ବିବୃତ୍ତି ଦିଅନ୍ତି, ଅତି କମରେ ଆପଣ କ'ଣ କରୁଛନ୍ତି ତାହା ଚିନ୍ତା କରନ୍ତୁ । ପ୍ରଧାନମନ୍ତ୍ରୀ ସ୍ଲୋଗାନ ଦେବା ବିଷୟରେ କଥା ହୁଅନ୍ତି, କିନ୍ତୁ ଭାଜପା ଏହାକୁ 'ମୋଦି, ମୋଦି' ନାରା ଦେଇ ଆରମ୍ଭ କରିଥିଲା । ପଣ୍ଡିତ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଭଳି ନେତା ପ୍ରଧାନମନ୍ତ୍ରୀ ଥିବା ସମୟରେ କ'ଣ ଏପରି ଘଟଣା ଘଟିଥିଲା? ଗୃହରେ ପ୍ରବେଶ କରିବା ସମୟରେ ଲୋକମାନେ ସେମାନଙ୍କ ନାମ ଉଚ୍ଚାରଣ କରୁଥିଲେ? ବିରୋଧୀଙ୍କ କାମ ହେଉଛି ସରକାରଙ୍କ ନୀତିଗୁଡ଼ିକୁ ସମାଲୋଚନା କରିବା । କିନ୍ତୁ ସରକାର ସ୍ଲୋଗାନ ଦେଉଛନ୍ତି ଏବଂ ପରେ ଆମକୁ ସ୍ଲୋଗାନ ନ ଦେବାକୁ ପରାମର୍ଶ ଦେଉଛନ୍ତି ।'

ସୋମବାରଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହୋଇଛି । ଏହା ପୂର୍ବରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଛନ୍ତି । ମୋଦି କହିଛନ୍ତି, କିଛି ବିରୋଧୀ ସେମାନଙ୍କ ପରାଜୟକୁ ହଜମ କରିପାରୁନାହାନ୍ତି । ଏହି ପରାଜୟର ରାଗ ଆସି ସେମାନେ ପାର୍ଲାମେଣ୍ଟରେ ଶୁଝାନ୍ତି । ପରାଜୟର ଭୟ ଏଠି ବିତର୍କର କ୍ଷେତ୍ର ନ ହେଉ ବୋଲି ମୋଦି କହିଛନ୍ତି ।

ଏଥିସହିତ ସେ ବିରୋଧୀଙ୍କୁ ପରାଜୟର ନିରାଶାରୁ ବାହାରିବା ପାଇଁ ନିବେଦନ କରିଛନ୍ତି । ସେ କହିଛନ୍ତି, ଡ୍ରାମା କରିବାକୁ ଅନେକ ସ୍ଥାନ ଅଛି, ଏଠି ଡ୍ରାମା ନୁହେଁ ଡେଲିଭରି ଆବଶ୍ୟକ । ସେହିପରି ନାରାବାଜି ପାଇଁ ମଧ୍ୟ ଅନେକ ସ୍ଥାନ ଅଛି ପାର୍ଲାମେଣ୍ଟ ନାରାବାଜିର ସ୍ଥାନ ନୁହେଁ ନୀତି ଓ ଦେଶ ଗଠନରେ ସକାରାତ୍ମକ ଭୂମିକା ଆବଶ୍ୟକ ବୋଲି କହିଛନ୍ତି ।

ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା (EOW) ନ୍ୟାଶନାଲ ହେରାଲ୍ଡ ମାମଲାରେ ଏକ ନୂତନ ଏଫ୍‌ଆଇଆର ଦାୟର କରିଛି । ଏଥିରେ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଅନ୍ୟ ୬ ଜଣଙ୍କ ନାମ ରହିଛି । ଇଡି ମୁଖ୍ୟାଳୟ ଦ୍ୱାରା EOWରେ ଦାୟର ଅଭିଯୋଗ ପରେ ଏହି ଏଫ୍‌ଆଇଆର ଦାୟର କରାଯାଇଛି ।

ଏଜେଏଲ୍‌ର ଠକେଇ ହୋଇଥିବା ଅଭିଯୋଗ କରାଯାଇଛି । ଇଡି ଏହାର ତଦନ୍ତ ରିପୋର୍ଟ ଦିଲ୍ଲୀ ପୋଲିସ ସହିତ ଶେୟାର କରିଛି, ପିଏମ୍‌ଏଲ୍‌ର ଧାରା ୬୬(୨) ଅନୁଯାୟୀ ଏକ ନିର୍ଦ୍ଧାରିତ ଅପରାଧ ପଞ୍ଜୀକରଣ କରିବାକୁ ସୁପାରିସ କରିଛି । ଏହା ଅଭିଯୋଗ କରାଯାଇଛି ଯେ, ୟଙ୍ଗ ଇଣ୍ଡିଆନ କମ୍ପାନୀ ମାଧ୍ୟମରେ ଏଜେଏଲ୍‌ର ୨୦୦୦ରୁ ଅଧିକ କୋଟି ସମ୍ପତ୍ତିର ନିୟନ୍ତ୍ରଣ ହାସଲ କରାଯାଇଥିଲା ।

ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବ୍ୟତୀତ ଏହି ମାମଲାରେ ଇଣ୍ଡିଆନ ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା, ଅନ୍ୟ ତିନି ଜଣ ବ୍ୟକ୍ତି ଏବଂ ତିନୋଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମ୍ପାନୀର ନାମ ମଧ୍ୟ ରହିଛି ।

୪ ନଭେମ୍ବର, ୨୦୨୫ ରେ ଭାରତରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ଅଭିଯାନ ସମୟରେ ଏକ ଆଶ୍ଚର୍ଯ୍ୟଜନକ ଏବଂ ଚିନ୍ତାଜନକ ପରିସଂଖ୍ୟାନ ସାମ୍ନାକୁ ଆସିଛି । ଅଭିଯାନ ଆରମ୍ଭ ହେବାର ମାତ୍ର ୨୭ ଦିନ ମଧ୍ୟରେ, ସାରା ଦେଶରେ ୩୨ ଜଣ ବୁଥ ସ୍ତରୀୟ ଅଧିକାରୀ (BLO)ଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି । ଏଥିରେ ସଡ଼କ ଦୁର୍ଘଟଣା, ହୃଦଘାତ, ଷ୍ଟ୍ରୋକ, ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ମୃତ୍ୟୁ ଏବଂ ଅନେକ ଆତ୍ମହତ୍ୟା ଅନ୍ତର୍ଭୁକ୍ତ ।

ତଥ୍ୟ ଅନୁଯାୟୀ, ମଧ୍ୟପ୍ରଦେଶ (୮) ଏବଂ ଉତ୍ତର ପ୍ରଦେଶ (୮) ରେ ସର୍ବାଧିକ ମୃତ୍ୟୁ ରିପୋର୍ଟ ହୋଇଛି । ଗୁଜରାଟରେ ଛଅ ଜଣଙ୍କର ମୃତ୍ୟୁ ହୋଇଛି, ପଶ୍ଚିମବଙ୍ଗ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି, ରାଜସ୍ଥାନ ତିନି ଜଣଙ୍କର ମୃତ୍ୟୁ ହୋଇଛି, ଏବଂ କେରଳ ଏବଂ ତାମିଲନାଡୁ ପ୍ରତ୍ୟେକଙ୍କ ପାଇଁ ଜଣେ । ଅନେକ ପରିବାର ଅଭିଯୋଗ କରିଛନ୍ତି ଯେ ଅତ୍ୟଧିକ ଚାପ, ଦୀର୍ଘ ଘଣ୍ଟା ଧରି କ୍ଷେତ୍ର କାର୍ଯ୍ୟ ଏବଂ ଛୁଟିର ଅଭାବ ଅନେକ BLO ଙ୍କ ଜୀବନ ନେଇଛି ।

ବିଶ୍ୱର ସର୍ବାଧିକ ବିକ୍ରି ହେଉଥିବା ବିମାନ ଏୟାରବସ A320 ଫ୍ୟାମିଲିର ବିମାନରେ ଏକ ଯାନ୍ତ୍ରିକ ତ୍ରୁଟି ଆବିଷ୍କାର ହୋଇଛି । ଏହା ଭାରତ ସମେତ ସାରା ବିଶ୍ୱରେ ହଜାର ହଜାର ଉଡ଼ାଣକୁ ପ୍ରଭାବିତ କରୁଛି । ଏକ ସଫ୍ଟୱେର୍ ତ୍ରୁଟି ଆବିଷ୍କାର ହେବା ପରେ, A320 ଫ୍ୟାମିଲିର ବିମାନକୁ ଗ୍ରାଉଣ୍ଡ କରାଯାଇଛି । ତା'ପରେ ସଫ୍ଟୱେର୍ ଅପଗ୍ରେଡ ହେବ, ଯାହା ଭାରତରେ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ବିମାନ କମ୍ପାନୀ ଦ୍ୱାରା ପରିଚାଳିତ ଉଡ଼ାଣକୁ ପ୍ରଭାବିତ କରିବ ।

ଏୟାରବସ A320 ବିମାନର ସଫ୍ଟୱେରରେ ଏକ ଯାନ୍ତ୍ରିକ ତ୍ରୁଟି ଆବିଷ୍କାର ହେବା ପରେ, ଭାରତରେ ୩୫୦ରୁ ଅଧିକ ବିମାନକୁ ଗ୍ରାଉଣ୍ଡ କରାଯାଇଛି, ଯାହା ଫଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ଉଡ଼ାଣ ସ୍ଥଗିତ ହେବାର ସମ୍ଭାବନା ରହିଛି । ଏହା ଉଲ୍ଲେଖନୀୟ ଯେ ଇଣ୍ଡିଗୋ ଏବଂ ଭାରତରେ ଏୟାର ଇଣ୍ଡିଆ ଗ୍ରୁପ୍ର ପ୍ରାୟ 350 A320 ପରିବାର ବିମାନ ଏହି ପ୍ରକ୍ରିୟାରେ ସାମିଲ ହେବେ । A320 ବିମାନର ସଫ୍ଟୱେର୍ ଅପଗ୍ରେଡ ପାଇଁ ୨-୩ ଦିନ ସମୟ ଲାଗିବ ବୋଲି ଆଶା କରାଯାଉଛି । ଏହା ପରେ, ଏହି ବିମାନଗୁଡ଼ିକ ସୋମବାର କିମ୍ବା ମଙ୍ଗଳବାର ପୁଣି ଉଡ଼ାଣ କରିପାରିବ ।

ଏହା ଉଲ୍ଲେଖନୀୟ ଯେ ଇଣ୍ଡିଗୋର ଫ୍ଲିଟରେ ୩୫୦ରୁ ଅଧିକ A320 ପରିବାର ବିମାନ ଅନ୍ତର୍ଭୁକ୍ତ, ଯାହା ମଧ୍ୟରୁ ପ୍ରାୟ ୨୫୦ ବିମାନ ସଫ୍ଟୱେର୍ ଅପଗ୍ରେଡ କରାଯାଉଛି । ଏୟାର ଇଣ୍ଡିଆ ୧୨୦ ରୁ ୧୨୫ ଟି A320 ବିମାନ ଚଳାଚଳ କରେ, ଯେଉଁଥିରୁ ୧୦୦ ରୁ ଅଧିକ ପ୍ରଭାବିତ ହେବେ । ଏହା ପରେ, ଏୟାର ଇଣ୍ଡିଆ ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ପୋଷ୍ଟ କରି ଲେଖିଛି, 'ଆମେ ଏୟାରବସ ଦ୍ୱାରା ଜାରି ନିର୍ଦ୍ଦେଶନାମା ବିଷୟରେ ଅବଗତ । ଏଥିପାଇଁ ଆମର ଫ୍ଲିଟର ଏକ ଅଂଶ ପାଇଁ ସଫ୍ଟୱେର୍ ଏବଂ ହାର୍ଡୱେର୍ ପୁନଃନିର୍ମାଣ ଆବଶ୍ୟକ ହେବ, ଯାହା ଟର୍ଣ୍ଣ ଆରାଉଣ୍ଡ ସମୟ ବୃଦ୍ଧି କରିବ ଏବଂ ସମ୍ଭାବ୍ୟ ଭାବରେ ଉଡ଼ାଣ ବିଳମ୍ବ କରିବ । ଅସୁବିଧା ପାଇଁ ଆମେ ଦୁଃଖିତ ।'

ଏୟାରବସ A320 ବିମାନରେ ମିଳିଥିବା ଯାନ୍ତ୍ରିକ ତ୍ରୁଟି ବିମାନ ନିୟନ୍ତ୍ରଣ ସହିତ ଜଡିତ । ଫରାସୀ କମ୍ପାନୀ ଏୟାରବସ କହିଛି ଯେ ବିମାନ ନିୟନ୍ତ୍ରଣ ସଫ୍ଟୱେରରେ ଏକ ଯାନ୍ତ୍ରିକ ତ୍ରୁଟି ମିଳିଛି । ପ୍ରବଳ ସୂର୍ଯ୍ୟକିରଣ କିଛି ବିମାନର ଉଡ଼ାଣ ନିୟନ୍ତ୍ରଣ ପ୍ରଣାଳୀ ପାଇଁ ଆବଶ୍ୟକୀୟ ତଥ୍ୟକୁ ବାଧା ଦେଇପାରେ । ତେଣୁ, ଯଦି ଏହି ତଥ୍ୟ ଭୁଲ ହୋଇଯାଏ, ତେବେ ଏହା ବିମାନ ନିୟନ୍ତ୍ରଣକୁ ପ୍ରଭାବିତ କରିପାରେ ।

କଫ ସିରପ ଯୋଗୁ ଅନେକ ଶିଶୁ ମୃତ୍ୟୁ ଏବଂ ପ୍ରତିକୂଳ ପ୍ରଭାବକୁ ଦୃଷ୍ଟିରେ ରଖି, କେନ୍ଦ୍ର ସରକାର ଏହାର ମନମୁଖୀ ବିକ୍ରୟକୁ ରୋକିବା ପାଇଁ କଠୋର ପଦକ୍ଷେପ ନେଇଛନ୍ତି । ଅଧିକାଂଶ କଫ ସିରପ ଆଉ ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ମେଡିକାଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଷ୍ଟୋରରେ ବିକ୍ରି ହେବ ନାହିଁ । ସେମାନଙ୍କୁ ପ୍ରତ୍ୟେକ ପ୍ରେସକ୍ରିପସନର ରେକର୍ଡ ରଖିବାକୁ ପଡିବ । ଏହା ବ୍ୟତୀତ, କଫ ସିରପକୁ କଠୋର ଗୁଣବତ୍ତା ନିୟନ୍ତ୍ରଣ ନିୟମ ପାଳନ କରିବାକୁ ପଡିବ ।

ସରକାରଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା, ଡ୍ରଗ୍ସ ଆଡଭାଇଜରୀ କମିଟି, କଫ ସିରପକୁ ଲାଇସେନ୍ସିଂ ଏବଂ ସ୍ୱତନ୍ତ୍ର ମନିଟରିଂ ନିୟମରୁ ପୂର୍ବରୁ ମୁକ୍ତ କରାଯାଇଥିବା ସୂଚୀରୁ ବାହାର କରିବାକୁ ଅନୁମୋଦନ କରିଛି । ଏହାର ଅର୍ଥ ହେଉଛି ସେମାନଙ୍କ କ୍ରୟ ପାଇଁ ଡାକ୍ତରଙ୍କ ପରାମର୍ଶ ଏବଂ ପ୍ରେସକ୍ରିପସନ ବାଧ୍ୟତାମୂଳକ ହେବ ।

ଜଣେ କମିଟି ସଦସ୍ୟ କହିଛନ୍ତି ଯେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା କାରଣ ଗତ ତିନି ବର୍ଷ ମଧ୍ୟରେ ଭାରତରୁ ରପ୍ତାନି ହେଉଥିବା ଅନେକ କଫ ସିରପରେ ଡାଇଥାଇଲିନ ଗ୍ଲାଇକଲ (DEG) ଏବଂ ଇଥାଇଲିନ ଗ୍ଲାଇକଲ (EG) ଭଳି ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ମିଳିଛି । ଏହି ରାସାୟନିକ ପଦାର୍ଥଗୁଡ଼ିକ ଗାମ୍ବିଆ, ଉଜବେକିସ୍ତାନ ଏବଂ କାମେରୁନରେ ଅନେକ ଶିଶୁଙ୍କ ମୃତ୍ୟୁ ଘଟାଇଛି । ସମ୍ପ୍ରତି, ମଧ୍ୟପ୍ରଦେଶରେ ମଧ୍ୟ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଛି । କମିଟି ଅନୁଯାୟୀ, ସରକାର ଏହା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି ଯେ ଲୋକମାନେ କାଶ ଏବଂ ଥଣ୍ଡା ଭଳି ସାଧାରଣ ରୋଗ ପାଇଁ ମଧ୍ୟ ନିଜେ ଔଷଧ ନେବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶ କରନ୍ତୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦକ୍ଷିଣ ଗୋଆର ଶ୍ରୀସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠରେ ଭଗବାନ ରାମଙ୍କର ୭୭ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ମୂର୍ତ୍ତିକୁ ଅନାବରଣ କରିଛନ୍ତି । ମଠ ପରିସରରେ ଥିବା ମନ୍ଦିରକୁ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ । ଗୁଜରାଟରେ ଷ୍ଟାଚ୍ୟୁ ଅଫ୍ ୟୁନିଟିର ଡିଜାଇନ୍ କରିଥିବା ଶିଳ୍ପୀ ରାମ ସୁତାର ଶ୍ରୀରାମଙ୍କ ଉକ୍ତ ମୂର୍ତ୍ତିର ମଧ୍ୟ ଡିଜାଇନ୍ କରିଛନ୍ତି । ଏହା ଭଗବାନ୍ ରାମଙ୍କର ସର୍ବୋଚ୍ଚ ମୂର୍ତ୍ତି । ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠ ଭାରତର ଅନ୍ୟତମ ପୁରାତନ ମଠ ଯାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଧ୍ୟାତ୍ମିକତା, ସଂସ୍କୃତି ଏବଂ ସାମାଜିକ ଅବଦାନ ପାଇଁ ଜଣାଶୁଣା ଏବଂ ସାରସ୍ୱତ ସମ୍ପ୍ରଦାୟ ମଧ୍ୟରେ ପ୍ରମୁଖ ସ୍ଥାନ ।

ଆଫ୍ରିକୀୟ ଦେଶ ଇଥିଓପିଆରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ଘନ ବାଦଲ ପୂର୍ବ ଦିଗକୁ ମାଡ଼ିଆସିବା ସହ ଭାରତରେ ପହଞ୍ଚିଲାଣି । ଫଳରେ ବହୁ ସଂଖ୍ୟାରେ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ପାଉଁଶ ଆସ୍ତରଣଜନିତ ସମ୍ଭାବ୍ୟ ପ୍ରତିବନ୍ଧକର ମୁକାବିଲା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୋମବାର ଭାରତୀୟ ଏୟାରଲାଇନ୍‌ସ ଓ ବିମାନବନ୍ଦର ନିମନ୍ତେ ଆଡଭାଇଜରି ଜାରି କରିଥିଲା । ଇଥିଓପିଆର ହେଲି ଗୁବ୍ବି ଆଗ୍ନେୟଗିରିରୁ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ରବିବାର ଲାଭା ଉଦ୍‌ଗିରଣ ହୋଇଥିଲା । ଏହାର ବହଳ ପାଉଁଶ ବାଦଲ ଲୋହିତସାଗର ଅତିକ୍ରମକରି ଉତ୍ତର ଆରବ ସାଗର ଉପରେ ମାଡ଼ିଯିବା ସହ ରାଜସ୍ଥାନ,ହରିୟାଣା, ଗୁଜରାଟ ଓ ଦିଲ୍ଲୀ ଆକାଶରେ ଛାଇଗଲାଣି । ଏହାର ପ୍ରଭାବରେ ଦିଲ୍ଲୀ ଓ ଅନ୍ୟାନ୍ୟ ଅଞ୍ଚଳର ବାୟୁ ଆହୁରି ପ୍ରଦୂଷିତ ହୋଇପାରେ ବୋଲି ଆଶଙ୍କା କରାଯାଉଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆକାଶ ଏୟାର, ଇଣ୍ଡିଗୋ ଏବଂ କେଏଲ୍‌ଏମ୍ ଆଦି ଏୟାରଲାଇନ୍‌ସ କେତେକ ବିମାନ ଉଡ଼ାଣକୁ ବାତିଲ କରିଦେଇଛନ୍ତି ।

ତେବେ ଏହି ଲାଭା ପାଉଁଶ ମଙ୍ଗଳବାର ରାତି ସୁଦ୍ଧା ଭାରତରୁ ଚାଇନାକୁ ପଳାଇଯିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି । ଏଥିସହିତ ପାଉଁଶ ବାଦଲ ବହୁ ଉଚ୍ଚରେ ରହିଥିବାରୁ ଏହା ବାୟୁ ପ୍ରଦୂଷଣ ବଢ଼ାଇବ ନାହିଁ ବୋଲି କୁହାଯାଇଛି । ଗୁଜରାଟ, ଦିଲ୍ଲୀ-ଏନ୍‌ସିଆର୍, ରାଜସ୍ଥାନ, ପଞ୍ଜାବ ଓ ହରିୟାଣା ଆକାଶରେ ମଙ୍ଗଳବାର ପାଉଁଶର ଆସ୍ତରଣ ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ ମଡେଲରୁ ସୂଚନା ମିଳିଛି । ତେବେ ଏହା ଭାରତୀୟ ଆକାଶରୁ ମଙ୍ଗଳବାର ରାତି ୭ଟା ୩୦ ସୁଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଇନାକୁ ଚାଲିଯିବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଇଥିଓପିଆର ଆଫର ଅଞ୍ଚଳରେ ଥିବା ହେଲି ଗୁବ୍ବି ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ବାଦଲ ପ୍ରାୟ ୧୪ କିଲୋମିଟର ଉଚ୍ଚକୁ ଉଠିଥିଲା । ପବନ ଯୋଗୁ ଏହା କ୍ରମେ ଲୋହିତ ସାଗର, ୟେମେନ, ଓମାନ ଏବଂ ଆରବ ସାଗର ଅତିକ୍ରମ କରି ଭାରତର ପଶ୍ଚିମ ଓ ଉତ୍ତର ଭାଗକୁ ବ୍ୟାପିଯାଇଛି । ପାଣିପାଗ ବିଭାଗ ଏହା ଉପରେ ନଜର ରଖିଥିବା ଆଇଏମ୍‌ଡି ଡିଜି କହିଛନ୍ତି ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ପାଉଁଶ ଯୋଗୁ କେତେକ ବିମାନକୁ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକର ଉଡ଼ାଣ ବିଳମ୍ବିତ ହୋଇଛି । ତେବେ ବର୍ତ୍ତମାନ ଚିନ୍ତାର କୌଣସି କାରଣ ନାହିଁ । ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ପାଇଲଟ୍‌ମାନଙ୍କୁ ସତର୍କତା ପଦକ୍ଷେପ ସ୍ୱରୂପ ଆବଶ୍ୟକ ନୋଟିସ ଜାରି କରିଥିଲା । ଅଳ୍ପ କେତେକ ବିମାନକୁ ଭିନ୍ନ ରୁଟ୍‌ରେ ଉଡ଼ାଣ ଅନୁମତି ଦିଆଯାଇଥିବାବେଳେ କେତେକକୁ କମ୍ ଉଚ୍ଚତାରେ ଉଡ଼ିବା ପାଇଁ ପରାମର୍ଶ ଦିଆଯାଇଥିବା ମନ୍ତ୍ରଣାଳୟ କହିଛି । ସୋମବାରଠାରୁ ଏୟାର ଇଣ୍ଡିଆ ୧୩ଟି ବିମାନ ଉଡ଼ାଣ ବାତିଲ ଘୋଷଣା କରିଥିଲା ।

ଚାଇନାର ବୈଦେଶିକ ମନ୍ତ୍ରଣାଳୟ ପୁଣି ଥରେ ଅରୁଣାଚଳ ପ୍ରଦେଶକୁ ନେଇ ବିବାଦୀୟ ମନ୍ତବ୍ୟ ଦେବା ପରେ ଭାରତ ଏହାର ଦୃଢ଼ ପ୍ରତିବାଦ କରିଛି । ଜଣେ ଭାରତୀୟ ମହିଳା ଯାତ୍ରୀଙ୍କୁ ଚାଇନାର ଶାଂଘାଇ ବିମାନ ବନ୍ଦରରେ ୧୮ ଘଣ୍ଟାରୁ ଅଧିକ ସମୟ ଧରି ହଇରାଣ ଓ ଅଟକ ରଖାଯିବା ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଛି ।

ଅରୁଣାଚଳ ପ୍ରଦେଶର ୱେଷ୍ଟ କାମେଙ୍ଗ୍ ଜିଲ୍ଲା ରୂପାର ବାସିନ୍ଦା ତଥା ବର୍ତ୍ତମାନ ୟୁକେରେ ରହୁଥିବା ପ୍ରେମା ୱାଙ୍ଗ ଥୋଙ୍ଗ୍‌ଡୋକ ନଭେମ୍ବର ୨୧ ତାରିଖରେ ଲଣ୍ଡନରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାପାନ ଯାଉଥିବା ବେଳେ ଶାଂଘାଇର ପୁଡୋଙ୍ଗ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତାଙ୍କୁ ଅଟକା ଯାଇଥିଲା ।

ଚାଇନା ଅଧିକାରୀମାନେ ତାଙ୍କ ପାସପୋର୍ଟରେ ଜନ୍ମସ୍ଥାନ 'ଅରୁଣାଚଳ ପ୍ରଦେଶ' ଉଲ୍ଲେଖ ଥିବାରୁ, ଏହାକୁ ଚାଇନାର ଅଞ୍ଚଳ ଦର୍ଶାଇ ପାସପୋର୍ଟକୁ 'ଅବୈଧ' ବୋଲି କହିଥିଲେ ଏବଂ ତାଙ୍କୁ ୧୮ ଘଣ୍ଟା ଅଟକ ରଖିଥିଲେ ।

ଭାରତର ବୈଦେଶିକ ମନ୍ତ୍ରଣାଳୟ (MEA) ମୁଖପାତ୍ର ରଣଧୀର ଜୟସ୍ୱାଲ ଚାଇନାର ଏହି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି । ସେ କହିଛନ୍ତି, "ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ତଥା ଅଲିଭା ଅଙ୍ଗ । ଚାଇନାର ଯେତେ ବି ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଏହି ଅବିବାଦିତ ବାସ୍ତବତା ପରିବର୍ତ୍ତନ ହେବ ନାହିଁ ।"

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଚାଇନା ଅଧିକାରୀଙ୍କ ଏହି କାର୍ଯ୍ୟ କେବଳ ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରୁନାହିଁ, ବରଂ ଅନ୍ତର୍ଜାତୀୟ ବିମାନ ଚଳାଚଳ ନିୟମାବଳୀ ଏବଂ ଚାଇନାର ନିଜସ୍ୱ ୨୪ ଘଣ୍ଟିଆ ଭିସା-ମୁକ୍ତ ଟ୍ରାଞ୍ଜିଟ୍ ନିୟମର ମଧ୍ୟ ଖୋଲାଖୋଲି ଉଲ୍ଲଂଘନ କରୁଛି । ଏହି ମାମଲାରେ ଭାରତ ପକ୍ଷରୁ ବେଜିଂ ଏବଂ ନୂଆଦିଲ୍ଲୀ ଉଭୟ ସ୍ଥାନରେ ଚାଇନା ନିକଟରେ କଡ଼ା ପ୍ରତିବାଦ ଲିପି ଦାଖଲ କରାଯାଇଛି ।

ଅନ୍ୟପକ୍ଷରେ, ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ ଯାତ୍ରୀଙ୍କୁ ହଇରାଣ କରାଯାଇଥିବା କଥାକୁ ଅସ୍ୱୀକାର କରିଛନ୍ତି । କିନ୍ତୁ ସେ ପୁଣି ଥରେ କହିଛନ୍ତି ଯେ, "ଜାଙ୍ଗ୍ନାନ (ଅରୁଣାଚଳ ପ୍ରଦେଶ) ହେଉଛି ଚାଇନାର ଅଞ୍ଚଳ ।" ଚାଇନାର ଏହି ମନ୍ତବ୍ୟ ଉପରେ ଭାରତ କହିଛି ଯେ ଏହା ଏକ ସାଧାରଣ ଯାତ୍ରା ପ୍ରକ୍ରିୟାକୁ ରାଜନୈତିକରଣ କରିବାର ଏକ ବିଫଳ ପ୍ରୟାସ ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଭାଜପା ଏବଂ କେନ୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କ ଉପରେ କଠୋର ଆକ୍ରମଣ କରି କହିଛନ୍ତି ଯେ ଯଦି ତାଙ୍କ ଉପରେ ଆକ୍ରମଣ ହୁଏ ତେବେ ସେ ସମଗ୍ର ଦେଶକୁ ଥରାଇ ଦେବେ । ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR)କୁ ନେଇ ବଢୁଥିବା ବିବାଦ ମଧ୍ୟରେ ବାନାର୍ଜୀ ଏକ ଖୋଲା ମଞ୍ଚରୁ ଏହି ଧମକ ଦେଇଛନ୍ତି । ବାନାର୍ଜୀ କହିଛନ୍ତି ଯେ ସେ ଆଜି ହେଲିକପ୍ଟରରେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ହଠାତ ସକାଳେ ଖବର ପାଇଲେ ଯେ ତାଙ୍କ ହେଲିକପ୍ଟର ଉଡ଼ିବ ନାହିଁ । ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହି ସେ କହିଛନ୍ତି, 'ମୁଁ ହେଲିକପ୍ଟର ବ୍ୟବହାର ନ କରିବାରୁ ମୁଁ ବିଳମ୍ବରେ ପହଞ୍ଚିଲି । ମୁଁ ଆଜି ଉଡ଼ିବା କଥା ଥିଲା, କିନ୍ତୁ ମୁଁ ସକାଳେ ଜାଣିଲି ଯେ ଏହା ଉଡ଼ିବ ନାହିଁ । ନିର୍ବାଚନ ଆରମ୍ଭ ହୋଇନାହିଁ, ଏବଂ ତୁମେ ପୂର୍ବରୁ ସଂଘର୍ଷ ଆରମ୍ଭ କରିଛ ? ଏହା ଭଲ ଯେ ମୁଁ ପାଦରେ ଚାଲି ଆସିଲି, ଲୋକଙ୍କୁ ଭେଟିଲି ।' ବାନାର୍ଜୀ କହିଛନ୍ତି, 'SIR ନାମରେ ମୋତେ ଜାଣିଶୁଣି ଟାର୍ଗେଟ କରାଯାଉଛି । ଯଦି ମୋ ଉପରେ କୌଣସି ପ୍ରକାରେ ଆକ୍ରମଣ ହୁଏ, ତେବେ ମୁଁ ଭାରତକୁ ଥରାଇ ଦେବି ।' ଭାଜପାକୁ ସିଧାସଳଖ ଟାର୍ଗେଟ କରି ସେ କହିଛନ୍ତି, 'ମୁଁ ସେମାନଙ୍କୁ କହିବାକୁ ଚାହୁଁଛି: ତୁମେ ମୋତେ ଛୁଇଁପାରିବ ନାହିଁ । ଆମେ ତୁମର ଖେଳ ଜାଣୁ ।' କିନ୍ତୁ ତୁମେ କେବେ ବଙ୍ଗକୁ ଜିତିପାରିବ ନାହିଁ । ମମତା ଦାବି କରିଛନ୍ତି ଯେ ଭାଜପା ବିହାରରେ ନିର୍ବାଚନ ଲଢ଼ିବାରେ ବିଫଳ ହୋଇଛି ଏବଂ ବିରୋଧୀଙ୍କ ରଣନୀତି ବୁଝିବାରେ ବିଫଳ ହୋଇଛି । ମମତା ବାନାର୍ଜୀ ମଧ୍ୟ SIR ବିରୋଧରେ ଦେଶବ୍ୟାପୀ ପଦଯାତ୍ରା ଘୋଷଣା କରିଛନ୍ତି ।

TMC ଅନୁଯାୟୀ, ମମତା ବାନାର୍ଜୀଙ୍କ ଅର୍ଥ ଥିଲା ଯେ ଯଦି କୌଣସି TMC କର୍ମୀଙ୍କୁ ଆକ୍ରମଣ କରାଯାଏ, ତେବେ ଆମେ ଏହାକୁ ସହ୍ୟ କରିବୁ ନାହିଁ । ମମତା ମତୁଆ-ଅଧିକୃତ ଅଞ୍ଚଳରେ ଏକ ରାଲି କରୁଥିଲେ, ଯାହା ଭାଜପା ଗଡ଼ ହୋଇଆସିଛି । ତେଣୁ, ଏଠାରୁ ମମତା କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିଥିଲେ । ସେ ଲୋକମାନଙ୍କୁ କହିଥିଲେ,

Listen to Odia Podcast Original at https://youtube.com/@drjyotiprasad

'SIR ଏକ ଷଡ଼ଯନ୍ତ୍ର, ପଛ ଦ୍ୱାର ଦେଇ NRC ଲାଗୁ କରିବାର ଏକ ଷଡ଼ଯନ୍ତ୍ର।' ମମତା BSFକୁ ମଧ୍ୟ ଟାର୍ଗେଟ କରିଥିଲେ । ସେ କହିଥିଲେ, 'ବଙ୍ଗଳାରେ ଅନୁପ୍ରବେଶକାରୀ ଥିବା ବିଷୟରେ ପ୍ରଚାର ଚାଲିଛି, କିନ୍ତୁ ସେମାନେ କିପରି ଆସିଲେ ? ସେମାନଙ୍କୁ ବଙ୍ଗଳାରେ ପ୍ରବେଶ କରିବାକୁ କିଏ ଅନୁମତି ଦେଲେ ?'

ଏହି ସମୟରେ, ନିର୍ବାଚନ କମିଶନ SIR ସମେତ ଅନେକ ପ୍ରସଙ୍ଗରେ ସ୍ୱଷ୍ଟୀକରଣ ମାଗି ମମତା ବାନାର୍ଜୀଙ୍କୁ ଏକ ଚିଠି ପଠାଇଛନ୍ତି । କମିଶନ ତୃଣମୂଳ କଂଗ୍ରେସ (TMC)ର ଏକ ପ୍ରତିନିଧିମଣ୍ଡଳକୁ ନଭେମ୍ବର ୨୮ତାରିଖ ସକାଳ ୧୧ଟାରେ ଏକ ବୈଠକ ପାଇଁ ଡକାଇଛନ୍ତି, ଯେଉଁଠାରେ ଦଳ SIR ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ନିଜର ମତାମତ ଉପସ୍ଥାପନ କରିବ । ଟିଏମସି ଅଭିଯୋଗ କରିଛି ଯେ ରାଜନୈତିକ ଚାପ ପ୍ରୟୋଗ କରିବା ଏବଂ ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ପାଇଁ SIR ବ୍ୟବହାର କରାଯାଉଛି । ଭାଜପା ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରେ ଏବଂ ମମତା ବାନାର୍ଜୀଙ୍କ ଆତଙ୍କକୁ ଦାୟୀ କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଜିତ ମୁହୂର୍ତ୍ତର ଶୁଭ ସମୟରେ ଶ୍ରୀ ରାମ ଜନ୍ମଭୂମି ମନ୍ଦିରର ଶୀର୍ଷରେ ଧର୍ମ ପତାକା ଉତ୍ତୋଳନ କରିଥିଲେ । ଏହି ସମୟରେ ସମଗ୍ର ସମ୍ମିଶ୍ରଣ ଜୟ ଶ୍ରୀ ରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ସର-ସଂଘଚାଳକଙ୍କ ସହିତ ସମସ୍ତ ମନ୍ଦିରରେ ଦର୍ଶନ ଏବଂ ପୂଜା କରିଥିଲେ ।

ଅଯୋଧ୍ୟାରେ ରାମ ମନ୍ଦିରର ପତାକା ଉତ୍ତୋଳନ ସମାରୋହ ସମୟରେ, ରାମପଥ, ଭକ୍ତିପଥ, ଧର୍ମପଥ ଏବଂ ଜନ୍ମଭୂମି ପଥ ସମେତ ରାସ୍ତା ଏବଂ ଗଳିରେ ରାମ ଧ୍ୱନି ଗୁଞ୍ଜରିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗମନର ଆନନ୍ଦରେ ଭକ୍ତମାନେ ଉଲ୍ଲସିତ । ଭୂମି ପୂଜନ ଏବଂ ପ୍ରାଣ ପ୍ରତିଷ୍ଠା ପରେ, ସମସ୍ତେ ଏବେ ରାମ ମନ୍ଦିରର ପତାକା ଉତ୍ତୋଳନ ଉତ୍ସବରେ ନିଜକୁ ସାମିଲ କରି ଧନ୍ୟ ମନେ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣରେ ଏକ ବଡ଼ ଖୁଲାସା ହୋଇଛି । ସୂତ୍ର ଅନୁଯାୟୀ ପାକିସ୍ତାନୀ ହ୍ୟାଣ୍ଡଲର ଭାରତକୁ ଦୀର୍ଘ ଦୂରଗାମୀ ଡ୍ରୋନର ଏକ କନସାଇନ୍ମେଣ୍ଟ ପହଞ୍ଚାଇବାର ଥିଲା । ଏହି ଡ୍ରୋନଗୁଡ଼ିକର ରେଞ୍ଜ ୧୦ କିଲୋଗ୍ରାମ ପର୍ଯ୍ୟନ୍ତ ଏବଂ ଏହା ଓଜନ ବହନ କରିବାକୁ ସକ୍ଷମ। ଡ୍ରୋନଗୁଡ଼ିକୁ ପୃଥକ ଭାଗରେ ଭାରତକୁ ପଠାଇବାର ଯୋଜନା ଥିଲା । ସେମାନେ ଏକ ରପ୍ତାନି କମ୍ପାନୀ ମାଧ୍ୟମରେ ଅନ୍ୟ ଦେଶରୁ ଡ୍ରୋନ ଅଂଶ ପଠାଇବାକୁ ଯୋଜନା କରୁଥିଲେ । ଏହି ବଡ଼ ଅର୍ଡର ଏକ ଭାରତୀୟ ଆମଦାନୀ କମ୍ପାନୀ ମାଧ୍ୟମରେ ଦିଆଯିବାର ଥିଲା ।

ଏହି ପଦ୍ଧତି ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ପଦ୍ଧତି ସହିତ ସମାନ । ପାକିସ୍ତାନୀ ଡ୍ରୋନର ରେଞ୍ଜ ଅନେକ କିଲୋମିଟର ଏବଂ ଏହା ଭାରୀ ଭାର ବହନ କରିବାକୁ ସକ୍ଷମ । ଗିରଫ ଆତଙ୍କବାଦୀ ମଡ୍ୟୁଲ ଏହି ଡ୍ରୋନଗୁଡ଼ିକୁ ସଂଗ୍ରହ କରୁଥିଲା । ଏହା ସ୍ପଷ୍ଟ ଯେ ଆତଙ୍କବାଦୀମାନେ ଭାରତ ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ଏଜେନ୍ସିଗୁଡ଼ିକ ଏହି ବିଷୟରେ ନିରନ୍ତର ତଦନ୍ତ କରୁଛନ୍ତି ଏବଂ ଗିରଫ ଆତଙ୍କବାଦୀମାନଙ୍କୁ ମଧ୍ୟ ପଚରାଉଚରା କରାଯାଉଛି ।

ପ୍ରକୃତରେ, ଶ୍ରୀନଗରର ନୌଗାମର କାନ୍ଥରେ ଜୈଶ ସହିତ ଜଡିତ ପୋଷ୍ଟର ଲଗାଯିବା ପରେ ଏହି ସମ୍ପୂର୍ଣ୍ଣ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ ହୋଇଥିଲା, ଯେଉଁଥିରେ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କୁ ସତର୍କ କରାଯାଇଥିଲା । ଏହା ପରେ, ପୋଲିସ ବରିଷ୍ଠ ପୋଲିସ ଅଧିକ୍ଷକ ଡକ୍ଟର ଜି.ଭି. ସନ୍ଦୀପ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏକ ଅଭିଯାନ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ ସାହାଯ୍ୟରେ ସନ୍ଦିଗ୍ଧମାନଙ୍କୁ ଗିରଫ କରାଯାଇଥିଲା । ଆରିଫ ନିସାର ଡାର୍ ଓରଫ ସାହିଲ, ୟାର୍ସି ଉଲ ଆଶ୍ରଫ ଏବଂ ମକସୁଦ ଅହମ୍ମଦ ଡାର୍ ଓରଫ ସୟିଦଙ୍କୁ ଗିରଫ କରାଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ପଚରାଉଚରା ପରେ ମୌଲବୀ ଇରଫାନ ଅହମ୍ମଦଙ୍କୁ ଗିରଫ କରାଯାଇଥିଲା, ଯିଏ ଡାକ୍ତରମାନଙ୍କୁ ପ୍ରଲୋଭିତ କରିଥିବା ଅଭିଯୋଗରେ ଅଭିଯୁକ୍ତ । ଏକ ନିର୍ଦ୍ଦେଶ ପରେ, ପୋଲିସ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ତଦନ୍ତ କରିଥିଲା । ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଥିଲା ଏବଂ ଡାକ୍ତର ମୁଜାଫର ଗଣାଇ ଏବଂ ଡାକ୍ତର ଶାହିନ ସଇଦଙ୍କୁ ଗିରଫ କରାଯାଇଥିଲା ।

ଭାରତରେ ସରକାର ଅନେକ ଥର ଜରୁରୀ ଔଷଧ ଦର ନିୟନ୍ତ୍ରଣ କରିବାକୁ ଅନେକ ନିୟମ ପରିବର୍ତ୍ତନ କରିଥିଲେ ମଧ୍ୟ ଏହାର ପ୍ରଭାବ ବିଶେଷ ଦେଖିବାକୁ ମିଳେ ନାହିଁ । ବରଂ ଦିନକୁ ଦିନ ଜେନେରିକ୍ ଏବଂ ବ୍ରାଣ୍ଡେଡ୍ ଔଷଧ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଛି । ତେବେ ସରକାର ସୁଲଭ ସ୍ୱାସ୍ଥ୍ୟସେବା ପାଇଁ ଜେନେରିକ୍ ଔଷଧକୁ ପ୍ରୋତ୍ସାହିତ କରୁଥିବା ବେଳେ, ଏହାର ଗୁଣବତ୍ତା ଏବଂ ଯୋଗାଣ ଶୃଙ୍ଖଳା ସମସ୍ୟା ଯୋଗୁଁ ଲୋକଙ୍କ ମଧ୍ୟରେ ଅବିଶ୍ୱାସ ବଢ଼ୁଛି ।

ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (CDSCO) ଦ୍ୱାରା ଅଧିକ ସଂଖ୍ୟକ 'ମାନକ ନଥିବା ଗୁଣବତ୍ତା' ଔଷଧ ତାଲିକାଭୁକ୍ତ ହେବା ପରେ ଜେନେରିକ୍ ଔଷଧର ନିରାପତ୍ତା ଓ ପ୍ରଭାବ ଉପରେ ରୋଗୀ ଏବଂ ଡାକ୍ତରୀ ସମ୍ପ୍ରଦାୟର ଆଶଙ୍କା ବଢ଼ିଛି ।

ଅନେକ ଜେନେରିକ୍ ଉତ୍ପାଦନକାରୀ କମ୍ପାନୀ ମାନକ ଗୁଣବତ୍ତା ବଜାୟ ରଖିବାରେ ବିଫଳ ହେଉଛନ୍ତି । ଏଥିସହ, ବ୍ରାଣ୍ଡେଡ୍ କମ୍ପାନୀଗୁଡ଼ିକ ଉତ୍ପାଦନକୁ ଆଉଟସୋର୍ସିଂ କରିବା ଦ୍ୱାରା ଗୁଣବତ୍ତା ନିୟନ୍ତ୍ରଣରେ ସମସ୍ୟା ସୃଷ୍ଟି ହେଉଛି ।

ସରକାରୀ ଜନଔଷଧି କେନ୍ଦ୍ର (JAK)ରେ ମଧ୍ୟ ବହୁ ସମୟରେ ଔଷଧ ମିଳୁନଥିବା ଏବଂ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ଆସୁଛି, ଯାହା ଫଳରେ ରୋଗୀମାନେ ବ୍ରାଣ୍ଡେଡ୍ ଔଷଧ ପାଇଁ ଘରୋଇ ଫାର୍ମାସିକୁ ଯିବାକୁ ବାଧ୍ୟ ହେଉଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ରାଣ୍ଡେଡ୍ ଔଷଧ ବଜାରରେ ଉତ୍ପାଦନକାରୀଙ୍କ ଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ଅଧିକ କମିଶନ ମିଳୁଛି । ଏହି ବ୍ୟବସ୍ଥା ଡାକ୍ତର ଏବଂ ଫାର୍ମାସିଷ୍ଟମାନଙ୍କୁ ଜେନେରିକ୍ ପରିବର୍ତ୍ତେ ବ୍ରାଣ୍ଡେଡ୍ ଔଷଧକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତିଶାଳୀ ପ୍ରୋତ୍ସାହନ ଯୋଗାଉଛି ।

ବ୍ରାଣ୍ଡେଡ୍ କମ୍ପାନୀଗୁଡ଼ିକ ପ୍ରଚାର ପ୍ରସାରରେ ବହୁଳ ପରିମାଣରେ ଖର୍ଚ୍ଚ କରୁଛନ୍ତି, ଯାହାଦ୍ୱାରା ଉଭୟ ଡାକ୍ତର ଓ ଗ୍ରାହକ ଏହି ଔଷଧ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି । ସେପଟେ ଔଷଧ ଖର୍ଚ୍ଚ କମାଇବା ପାଇଁ ସରକାର ଜେନେରିକ୍ ଔଷଧ ଲେଖିବା ବାଧ୍ୟତାମୂଳକ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ବ୍ୟବହାରିକ ଏବଂ ଆଇନଗତ ଆହ୍ୱାନର ସମ୍ମୁଖୀନ ହେଉଛି ।

ତେବେ ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ବିଶ୍ୱାସ ବଢ଼ାଇବା ପାଇଁ ଏକାଧିକ ବ୍ରାଣ୍ଡ ନାମରେ ଜେନେରିକ୍ ଔଷଧର ବିକ୍ରିକୁ ବନ୍ଦ କରିବା, ଉତ୍ପାଦନକାରୀଙ୍କ ପାଇଁ WHO-GMP ନିୟମକୁ କଡାକଡି କରିବା ଏବଂ ଜେନେରିକ୍ ଔଷଧର ବାୟୋଇକ୍ୱିଭାଲେନ୍ସ ତଥ୍ୟକୁ ସହଜରେ ଉପଲବ୍ଧ କରାଇବାକୁ ଆଲୋଚନା ଚାଲିଛି ।

ଆଗାମୀ ଦିନରେ ଉନ୍ନତମାନର ଜେନେରିକ୍ ଔଷଧର ପ୍ରଭାବଶାଳୀତା ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଦେବା ଏବଂ ଗୁଣବତ୍ତା ନିୟନ୍ତ୍ରଣକୁ ମଜବୁତ କରିବା ଅତ୍ୟନ୍ତ ଜରୁରୀ । ଡାକ୍ତରମାନେ ସୁଲଭ ସ୍ୱାସ୍ଥ୍ୟସେବା ପାଇଁ ଜେନେରିକ୍ ଔଷଧ ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ କୁହାଯାଇଛି ।

ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଆନ୍ଧ୍ରପ୍ରଦେଶର ପୁଟ୍ଟାପର୍ତ୍ତିରେ ଆୟୋଜିତ ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, କେନ୍ଦ୍ର ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରପୁ ଏବଂ ଜି କିଶନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେଡ୍ଡୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ନିଜର ଭାଷଣ ଦେବା ପୂର୍ବରୁ, ପୂର୍ବତନ ବିଶ୍ୱ ସୁନ୍ଦରୀ ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ, ଯାହାର ଏକ ଭିଡିଓ ଭାଇରାଲ୍ ହୋଇଛି ।

ତାଙ୍କ ଭାଷଣରେ ଐଶ୍ୱର୍ଯ୍ୟା ଜାତି ଓ ଧର୍ମର ବନ୍ଧନରୁ ଉପରକୁ ଉଠି ମାନବିକତା ଓ ପ୍ରେମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, “ବାସ୍ତବରେ ଗୋଟିଏ ହିଁ ଜାତି, ତାହା ହେଉଛି ମାନବତାର ଜାତି । ଗୋଟିଏ ହିଁ ଧର୍ମ, ତାହା ହେଉଛି ପ୍ରେମର ଧର୍ମ । ଗୋଟିଏ ହିଁ ଭାଷା, ତାହା ହେଉଛି ହୃଦୟର ଭାଷା, ଏବଂ ଗୋଟିଏ ହିଁ ଭଗବାନ, ଓ ସେ ସର୍ବବ୍ୟାପକ ।” ତାଙ୍କର ଏହି ବାର୍ତ୍ତା ଶ୍ରୀ ସତ୍ୟ ସାଇ ବାବାଙ୍କ ଶିକ୍ଷାକୁ ପ୍ରତିଫଳିତ କରିଥିଲା ।

ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କର ପ୍ରେରଣାଦାୟକ ବକ୍ତବ୍ୟ ଶୁଣିବାକୁ ଉତ୍ସୁକ ଥିବା କହିଥିଲେ । ସେ ମଧ୍ୟ ସାଇ ବାବାଙ୍କ ‘ସେବା ହିଁ ପ୍ରକୃତ ନେତୃତ୍ୱ’ ବାର୍ତ୍ତା ଏବଂ ଜୀବନର ପାଞ୍ଚଟି ମୁଖ୍ୟ ଗୁଣ ‘Five D's’ (ଶୃଙ୍ଖଳା, ଉତ୍ସର୍ଗୀକୃତତା, ଭକ୍ତି, ସଂକଳ୍ପ ଏବଂ ବିବେକ) ବିଷୟରେ ଉଲ୍ଲେଖ କରିଥିଲେ । ବିଭିନ୍ନ ସ୍ଥାନରୁ ଲୋକମାନେ ଆସି ଏହି ସମାରୋହରେ ଏକାଠି ହୋଇ ଆଧ୍ୟାତ୍ମିକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଗତ ସନ୍ଧ୍ୟାରେ ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୋଆରେ ଥିବା ଗୋଟିଏ ନାଇଟ୍ କ୍ଲବରେ ଗ୍ୟାସ୍ ସିଲିଣ୍ଡର୍ ବ୍ଲାଷ୍ଟ ହେବାପରେ ଅଗ୍ନିକାଣ୍ଡ ହୋଇ ଅନ୍ୟୁନ ପଚିଶି ଜଣ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏଥିରେ ସଂପୃକ୍ତ ସଂସ୍ଥାର ୧୯ ଜଣ କର୍ମଚାରୀ ଥିବାବେଳେ ଅନ୍ୟମାନେ ପର୍ଯ୍ୟଟକ ହୋଇପାରନ୍ତି ବୋଲି କୁହାଯାଉଛି । ନିଜ ଜୀବନର ସବୁ ଦୁଃଖକଷ୍ଟକୁ ଦୂର କରିବା ଉଦ୍ଦେଶ୍ୟରେ କିଛି ଦିନର ବିରାମ ନେବାପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁମାନେ ଗୋଆ ଯାଇଥିଲେ ସେମାନେ ସେଠାରେ ନିର୍ବାଣ ପ୍ରାପ୍ତି କରିଲେ । ତେଣୁ ସାବଧାନ ରହନ୍ତୁ, ସତର୍କ ରହନ୍ତୁ । ଜୀବନ ଅତ୍ୟନ୍ତ ମୂଲ୍ୟବାନ ।

ବର୍ତ୍ତମାନ ରାଜ୍ୟରେ ଶୀତଲହରୀ ଆରମ୍ଭ ହୋଇଛି । ଚଳିତ ବର୍ଷ ବିଳମ୍ବରେ ଶୀତର ପ୍ରବେଶ ଅନେକଙ୍କୁ ହତୋତ୍ସାହିତ କରିଛି । ଗତ ଦୁଇଦିନ ହେବ ଉତ୍ତର ପଶ୍ଚିମ ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଓଡ଼ିଶାର ପ୍ରମୁଖତଃ ପଶ୍ଚିମାଞ୍ଚଳରେ ଶୀତର ବହୁଳ ପ୍ରକୋପ ଦେଖିବାକୁ ମିଳୁଥିବା ବେଳେ ସମଗ୍ର ରାଜ୍ୟର ତାପମାତ୍ରା କିଛିକାଂଶରେ କମ ହୋଇଥିବା ଦେଖା ଯାଇଛି । ଗତ ୨୪ ଘଣ୍ଟାରେ ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି ।  ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ୬.୮, ଚିପିଲିମା ୭.୩, ରାଉରକେଲା ୭.୬, ଦାରିଙ୍ଗବାଡ଼ି ଓ ଝାରସୁଗୁଡ଼ାରେ ୮ଡିଗ୍ରୀ, ଅନୁଗୋଳ ଓ ଭବାନୀପାଟଣାରେ ୯ଡିଗ୍ରୀ ଏବଂ କିରେଇରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।  ସେହିପରି ଭୁବନେଶ୍ୱରରେ ୧୩.୭ ଓ କଟକରେ ୧୨.୬ ଡିଗ୍ରୀ ତାପମାତ୍ରା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଆପଣମାନଙ୍କୁ ପୁଣିଥରେ ଅଭିବାଦନ ଜଣାଉଛି । ଡିସେମ୍ବର ୨୦୨୫ ସଂସ୍କରଣ ଆପଣମାନଙ୍କୁ ଭେଟି ଦେଉଛି । ଆଶା କରୁଛି ଏହା ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୩୪

ଅଶୋକ ବିଶ୍ୱାଳ



## ସବୁଜ ଦିଗବଳୟର ଲାଲ ସୂର୍ଯ୍ୟ-୪

ସ୍କ୍ରିନରେ କମ୍ଫୋର୍ଟ ଗାର୍ଲସମାନଙ୍କ ଉପରେ ଚାଲିଥିବା ପାଶବିକ ଅତ୍ୟାଚାର କଥା ପିଜିଆଇ ରେ ଆଲୋଚନା ହେଲା । ପି.ଜି.ଆଇ ବା ପ୍ରୋଭିନସିଆଲ ଗଭର୍ଣମେଣ୍ଟ ଅଫ ଇଣ୍ଡିଆର ମେଜର ଆଲଭି ଗୁପ୍ତଚର ବୃତ୍ତିପାଇଁ ଦ୍ୱୀପବାସୀଙ୍କୁ ଦିଆଯାଉଥିବା ଯନ୍ତ୍ରଣା ଉପରେ ବେଶି କିଛି କହିନଥିଲେ । କିନ୍ତୁ ସ୍ଥାନୀୟ ମହିଳାଙ୍କୁ ରିକ୍ରିଏସନ କ୍ଲବରେ ନିଯୋଜିତ କରିବା ସମ୍ମାନର ପ୍ରଶ୍ନ ଥିଲା । ସେ ଏହାର ଲିଖିତ ପ୍ରତିବାଦ କରିଥିଲେ । ଯଦି କେଉଁ ମହିଳା ନିଜ ଇଚ୍ଛାରେ ରିକ୍ରିଏସନ କ୍ଲବକୁ ଯିବ ସେଥିରେ ତାଙ୍କର ଆପତ୍ତି ନାହିଁ । କିନ୍ତୁ ଯଦି କାହାକୁ ବଳ ପୂର୍ବକ ନିଆଯାଏ ତେବେ ଆଣ୍ଡାମାନ ବା ଅନ୍ୟ ସ୍ଥାନର ଭାରତୀୟ ଲୋକେ ପ୍ରତିବାଦ କରିବେ । ଏହାର ସୁଫଳ ମିଳିଥିଲା । ଭାରତୀୟ କମ୍ଫୋର୍ଟ ଗାର୍ଲସ ଦେଖାଗଲେ ନାହିଁ ।

ତା'ପରେ ସ୍କ୍ରିନରେ ଦୃଶ୍ୟ ପରେ ଦୃଶ୍ୟ ପ୍ରଦର୍ଶିତ ହେବାକୁ ଲାଗିଲା । ଭାରତର ସ୍ୱାଧୀନତା ପାଇଁ ବହୁ ଦେଶପ୍ରେମୀ ନିଜର ପ୍ରଚେଷ୍ଟା ଚଳାଇଛନ୍ତି । ସିଙ୍ଗାପୁରରେ ଆଇ.ଏନ.ଏ.ର ସ୍ଥାପନା କରାଗଲା ଆଉ ସୁବାସ ବୋଷଙ୍କୁ ମୁଖ୍ୟ ଭାବେ ଘୋଷଣା କରାଗଲା । ଜାପାନ ପାର୍ଲିଆମେଣ୍ଟରେ ଆଣ୍ଡାମାନ ଓ ନିକୋବର ଦ୍ୱୀପର ଶାସନ ଆଇ.ଏନ.ଏ. ଅଧିନକୁ ଆସିବ ଏବଂ ସ୍ୱାଧୀନ ଭାରତୀୟ ସରକାର ସେଠାରେ ଶାସନ କରିବ ବୋଲି ଘୋଷଣା ହେଲା । ଆଣ୍ଡାମାନ ହେବ ବ୍ରିଟିଶ ମୁକ୍ତ ସ୍ୱାଧୀନ ଭାରତର ପ୍ରଥମ ଅଂଶ । ନେତାଜୀ ବହୁସଂଖ୍ୟାରେ ଭାରତୀୟ ଥିବା ସ୍ଥାନ ଯଥା ହଙ୍ଗକଙ୍ଗ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଘାଇ, କ୍ୟାଣ୍ଟନ ଆଦି ଯାଗକୁ ରାଜଦୂତ ପଠାଇବା ଆରମ୍ଭ କଲେ । ୨୯ ଡିସେମ୍ବର ୧୯୪୩ ମସିହାରେ ଏକ ଜାପାନୀ ଉଡାଜାହାଜରୁ ନେତାଜୀ ଆଣ୍ଡାମାନର ଭୂମିରେ ପଦାର୍ପଣ କଲେ । ସାଥିରେ ଥିଲେ ଆଜାଦ ହିନ୍ଦ ସେନାର ଆନନ୍ଦ ମୋହନ ସହାୟ, କ୍ୟାପଟେନ ରାୱତ, କର୍ଣେଲ ଡି ଏସ ରାଜୁ ଇତ୍ୟାଦି ।

ଆଡମିରାଲ ଇଶିକାୱା ତାଙ୍କୁ ବିମାନ ବନ୍ଦରରେ ଏକ ସ୍ୱାଧୀନ ଦେଶର ମୁଖ୍ୟ ଭଳି ସମ୍ମାନ ଦେଲେ । ସେ ଭାରତୀୟ ଅଫିସର ଆଉ ଜାପାନିଜ ଅଫିସରମାନଙ୍କୁ ଭେଟିଲେ । ନେତାଜୀଙ୍କ ସମ୍ମାନାର୍ଥେ ୩୦ ଡିସେମ୍ବର ଦିନ କିଛି ଉତ୍ସାହୀ ବ୍ୟକ୍ତି ଜିମନଖାନା ପଡିଆରେ ଏକତ୍ରିତ ହେଲେ । ସେ ସେଠାରେ ଭାରତୀୟ ତ୍ରିରଙ୍ଗା ଉତ୍ତୋଳନ କଲେ ଏବଂ ବନ୍ଦେ ମାତରମ ଗାନ କରାଗଲା । ଆଜାଦ ହିନ୍ଦ ଦଳ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କଲେ । ସେ ସେଠାରେ ଘୋଷଣା କଲେ ଯେ ଜାପାନ ସରକାର ଏହି ଦ୍ୱୀପ ଆଜାଦ ହିନ୍ଦ ସରକାରଙ୍କୁ ସମର୍ପଣ କରିଛି । ତାଙ୍କର ଓଜସ୍ୱୀ ଭାଷଣ ସମସ୍ତଙ୍କୁ ମୁଗ୍ଧ କଲା । ତା'ପରେ ସେ ସେଲୁଲାର ଜେଲ ପରିଦର୍ଶନରେ ଗଲେ କିନ୍ତୁ ତାଙ୍କୁ ଷଷ୍ଠ ଅଂଶକୁ ନିଆଗଲା ନାହିଁ, ସେଠାରେ ଭାରତୀୟମାନଙ୍କୁ ଯାତନା ଦିଆଯାଉଥିଲା । ଶ୍ରୀ କେଶର ଦାସ ଆଉ ତାଙ୍କ ଦଳ ନେତାଜୀଙ୍କୁ ଦଶ ହଜାର ଟଙ୍କା ଆଇ.ଏନ.ଏ. କୋଷାଗାର ପାଇଁ ଦାନକଲେ । ପ୍ରତି ବଦଳରେ ନେତାଜୀ ତଙ୍କୁ ୨୦ ୟେନର ଏକ ନୋଟ ଦେଇଥିଲେ । ସେ ମଧ୍ୟ ପ୍ରତିଜ୍ଞା କଲେ ଯେ ଗୁପ୍ତଚର ଘଟଣାର ତଦନ୍ତପାଇଁ ସେ ଏକ ଜଜ୍ ସିଙ୍ଗାପୁରରୁ ପଠାଇବେ । ନେତାଜୀ ୧୯୪୪ ମସିହାର ଜାନୁଆରୀ ପହିଲା ଦିନ ଆଣ୍ଡାମାନରୁ ଉଡାଜାହାଜରେ ବ୍ୟାଙ୍କକ ଅଭିମୁଖେ ଯାତ୍ରା କରିଥିଲେ । ସେ ଆଣ୍ଡାମାନର ନବ ନାମକରଣ କଲେ ଶହୀଦ ଆଉ ନିକୋବରର ନାମ ହେଲା ସ୍ୱରାଜ ।

ଜାନୁଆରୀ ପ୍ରଥମ ସପ୍ତାହରେ ନେତାଜୀ ଆଇ.ଏନ.ଏ.ର ମୁଖ୍ୟାଳୟ ବ୍ୟାଙ୍କକରୁ ରେଙ୍ଗୁନକୁ ସ୍ଥାନାନ୍ତରିତ କଲେ । କର୍ଣେଲ ଲୋକନାଥନଙ୍କୁ ଆଣ୍ଡାମାନର ଚିଫ କମିଶନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ ନିଯୁକ୍ତ କରାଗଲା । କର୍ଣେଲ ଲୋକନାଥନ ଆଣ୍ଡାମାନରେ ଆଇ.ଏନ.ଏ.ର ବେସାମରିକ ଶାସନ ମାର୍ଚ୍ଚ ୨୧ ତାରିଖ, ୧୯୪୪ ମସିହାରେ ଜାପାନୀ ପ୍ରଶାସନ ଚାଲୁଥିବା କୋଠାର କିଛି ଅଂଶରେ ଆରମ୍ଭ କଲେ । ପରେ ଏହାକୁ ଗୁରୁଦ୍ୱାର ପାଖକୁ ସ୍ଥାନାନ୍ତରଣ କରାଯାଇଥିଲା । ସେମାନଙ୍କୁ ଜନସାଧାରଣଙ୍କ ସଂକ୍ରାନ୍ତୀୟ ସବୁ କାମ ଦିଆଯାଉନଥିଲା ଆଉ ସେଥିପାଇଁ ଜାପାନୀମାନଙ୍କ ଅନୁମତି ନେବାକୁ ପଡୁଥିଲା । କର୍ଣେଲ ଲୋକନାଥନ ଓ ପରେ ତାଙ୍କର ଉତ୍ତରାଧିକାରୀ ମେଜର ଆଲଭିଙ୍କ ସହ ଜାପାନୀଙ୍କ ସମ୍ବନ୍ଧ ଭଲ ରହିଲା ନାହିଁ । ଶେଷରେ ଆଜାଦ ହିନ୍ଦ ଫୌଜର ଶାସନ ୨୨ ଜୁଲାଇ ୧୯୪୪ ମସିହାରେ ସମାପ୍ତି ଘଟିଲା ।

ଏ ସବୁ ଦୃଶ୍ୟ ପ୍ରଦର୍ଶିତ ହେଲାବେଳେ ଅବିନାଶ ନିଜ ଭିତରେ କିଛି ଆହ୍ୱାନ ଶୁଣୁଥିଲା । ନିଜ ଭିତରେ କିଛି ପ୍ରଶ୍ନୋତ୍ତର ।

ତୁମେ ଏକ ଇତିହାସକୁ ଦେଖୁଛ । ଏକ ଘଟଣାର ସାକ୍ଷୀ ରହୁଛ । ପ୍ରତି ମଣିଷ କେଉଁଠି ନା କେଉଁଠି ନିଜ ଉପସ୍ଥିତି ପାଇଁ ସାକ୍ଷୀ ରହିଯାଏ । ତା' ଭିତରେ କିଏ କହୁଥିଲା । ଆଉ ତା' ଭିତରେ କିଛି ପ୍ରଶ୍ନୋତ୍ତର ଚାଲିଲା ।

କିଛି ବଦଳାଇ ଦେଇପାରିବ ?

ସେ କ୍ଷମତା ନାହିଁ ।

ବଦଳାଇଦେଇ ପାରିବାର ଶକ୍ତି ଥିଲେ ହୁଏତ ତୁମେ ଏଇଠୁ କ'ଣ ଜାପାନିଜମାନଙ୍କୁ ହଟାଇ ଦେଇପାରିଥାନ୍ତ ?

କିଛି କ୍ଷମତା ଥିଲେ ଜାପାନିଜମାନଙ୍କୁ ନିୟନ୍ତ୍ରିତ କରିପାରିଥାନ୍ତି । ଆଉ ସେ ଚେଷ୍ଟା ହୋଇଥିଲା । ଜାପାନିଜମାନଙ୍କୁ ହଟାଇବା ଅର୍ଥ ଇଂରେଜମାନଙ୍କୁ ଆଉଥରେ ଆମନ୍ତ୍ରଣ କରିବା । ସେଥିରେ ସେମାନେ ଦେଶରୁ ବିତାଡିତ ହେଲେ କେତେବେଳେ ? ନିୟନ୍ତ୍ରଣ ବେଶି ଦରକାର ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ବିଜେତାର ଲମ୍ବା ଲକ୍ଷ୍ୟ ? କ'ଣ ଆଉ ଜଣଙ୍କୁ ଅଧିକାର ଦେଇଦେବା ?

କହିହେବନି । ସେଥିରେ ଏତେ ଶକ୍ତିର ଅପଚୟ ନା ଉପଯୋଗ ଘଟିଲା ? ତା' ଦ୍ୱାରା ଜାପାନିଜମାନଙ୍କ ଲାଭ କ'ଣ ହେଲା ?

ଏକ ଘଟିନଥିବା ଘଟଣା ଉପରେ ଆଲୋକପାତ କରିହେବନି ।

କିଛି ଘଟଣା ଉପରେ କେବଳ ସମୟ ହିଁ ଆଲୋକାପତ କରିପାରେ ? ସବୁ ଯୋଗ ବିୟୋଗ କାମ କରେନି । ଘଟଣା କ୍ରମ ସମୟ ହିଁ ନିଶ୍ଚିତ କରେ ।

ହମଫ୍ରେଗଞ୍ଜର ଗଣହତ୍ୟା ।– ସ୍କ୍ରିନରେ ଲେଖିହୋଇଗଲା । ଉପରେ ସମସ୍ତେ ଆଲୋକିତ ହୋଇଗଲେ ।

ଅବିନାଶ ମନେମନେ କହିହେଲା, "ଏଇଟା ସମୟ ନା ଜାପାନୀମାନଙ୍କ ଅପରିମାଣଦର୍ଶିତା ? ଅବିଶ୍ୱାସ କ'ଣ ଏତେ ଦୂର ନେଇପାରେ ? ତା'ହେଲେ ଜାପାନୀମାନେ କିଛି ଅଂଶରେ ଅନ୍ଧ ନଥିଲେ କି ? ବୋଧହୁଏ କେବଳ ନିୟମ ମାନିମାନି ସେମାନେ ମେସିନ ହୋଇଯାଇଥିଲେ । କିଛି ଫିଲିଙ୍ଗ ବା ଅନୁଭବ ନାହିଁ । ମଣିଷ ତାହାହେଲେ ଅନ୍ଧ ହୋଇଯାଏ ଆଉ ତା'ର ରାସ୍ତା ହୁଏତ ଭୂଲ ହୋଇଯାଏ ।"

ଗଣହତ୍ୟା ନିଷ୍ଚୟ ମାନିସକ ଅସହାୟତାର ପରିଚୟ ଦିଏ ।- ତା' ଭିତରେ ଉତ୍ତର ଥିଲା ।

ଆଉ ନିଜର ମାନସିକ ଆଉ କାର୍ମିକ ଅସହାୟତା ଜାପାନିଜମାନଙ୍କୁ ଅଧିକରୁ ଅଧିକ ଭୁଲ କରିବାପାଇଁ ବାଧ୍ୟ କରୁଥିଲା ନୁହେଁକି ? ସେମାନେ ପରିଣତିକୁ ଅଦେଖା କରୁଥିଲେ । କିଛି ସୁପ୍ତ ବିପତ୍ତି ପ୍ରତି ସେମାନେ ଅଜ୍ଞ ଥିଲେ । ସେଇ ଅଜ୍ଞତା ସେମାନଙ୍କୁ ଭୁଲ କରିବାକୁ ବାଧ୍ୟ କରୁଥିଲା ।

ଏକ ଦୁଷ୍ଟ ଛାତ୍ର । ପାମ୍ପରଡ ବୟ । ସବୁବେଳେ ସେ ଭାବେ ସେ ଯାହା କରୁଛି ଠିକ କରୁଛି । କିନ୍ତୁ ସେଥିରେ ଅଗଣିତ ଭୁଲ ହୋଇଯାଏ । ଏକ ସଂଜତ, ଶୃଙ୍ଖଳିତ ଜାତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା'ହେଲେ କ'ଣପାଇଁ ଦୁଷ୍ଟ ଛାତ୍ର ହୋଇଯାଉଥିଲା ?

ସ୍କ୍ରିନରେ ଜାପାନୀମାନେ ୧୯୪୪-୪୫ ମସିହା ମଧ୍ୟରେ ଗଣହତ୍ୟା ଘଟାଇଲେ । ଧରାଯାଇଥିବା ଗୁପ୍ତଚରମାନଙ୍କ ଠାରୁ କିଛି ନୂଆ ପ୍ରମାଣ ମିଳିଲା ନାହିଁ । ତା' ସତ୍ତ୍ୱେ ୪୪ ଜଣଙ୍କ ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରାଗଲା । ତଥାକଥିତ ଦୋଷୀଙ୍କ ବାମ ଛାତିରେ ଏକ ଏକ କଳା ବ୍ୟାଜ ଲଗାଇ ଦିଆଗଲା । ସେମାନଙ୍କୁ ହମଫ୍ରେଗଞ୍ଜର ଜଙ୍ଗଲ ଭିତରକୁ ନେଇ ଫାୟାରିଙ୍ଗ ସ୍କ୍ୱାର୍ଡର ସୈନିକମାନେ ଗୁଳିମାରି ହତ୍ୟାକଲେ ୱାନ୍ଦୁର ରାସ୍ତାରେ ଥିବା ହମଫ୍ରେଗଞ୍ଜର ଜଙ୍ଗଲରେ ଗଣହତ୍ୟା ପରେ ମୃତକମାନଙ୍କୁ ପୋତିଦିଆଗଲା । ଆଉ ତାହାଥିଲା ଜାପାନୀ ଶାସନର ସବୁଠାରୁ ବଡ଼ କଳାଦିନ । ଏ ଘଟଣାକୁ ଶ୍ରୀ ରାମ ଚନ୍ଦର ଗଛରେ ଚଢ଼ି ଦୂରରୁ ଦେଖିନେଇଥିଲେ । ସେତେବେଳକୁ ରାମ ଚନ୍ଦର ବିଦ୍ୟୁତ ବିଭାଗରେ କାମ କରୁଥାନ୍ତି ।

ପରେ ସେ ସେହି କବରସ୍ଥାନକୁ ଚିହ୍ନିତ କରିଥିଲେ । ଏହାକୁ ବଳିଦାନ ବେଦୀ ନାମରେ ନାମକରଣ କରାଗଲା ।

ସ୍କ୍ରିନରେ ସେହି ସମୟର ଘଟଣାମାନ ପ୍ରଦର୍ଶିତ ହେଉଥାଏ । ୧୯୪୫ ମସିହାର ମଝିଆ ମଝି ଆଉକୁ ଦ୍ୱୀପବାସୀଙ୍କ ଦୁଃଖ କହିଲେ ନସରେ । ଆଣ୍ଡାମାନ ସାଗରକୁ ମିତ୍ରଶକ୍ତି ନାଭାଲ ବ୍ଲକେଡ ବା ଅବରୋଧ କରି ରଖିଥିଲା । ଧିରେ ଖାଇବା ସରି ଆସିଲା । ଲୋକେ ଭୋକ ଉପାସରେ ମରିବାକୁ ଲାଗିଲେ । ଜାପାନୀ ସୈନ୍ୟମାନଙ୍କୁ ମଧ୍ୟ ଭଲକରି ଖାଇବାକୁ ମିଳୁନଥିଲା । ତଥାପି କିଛି ସହୃଦୟ ବ୍ୟକ୍ତି କିଛି କିଛି ଖାଇବା ଅନ୍ୟମାନଙ୍କ ପାଇଁ ଯୋଗାଡ କରୁଥିଲେ । ଏ ଭିତରେ ହାଭେଲକ ଦ୍ୱୀପରେ ଆଉ ଏକ ଗଣହତ୍ୟା ଘଟିଗଲା ।

ବ୍ରିଟିଶର କ୍ରମ୍ପଟନ ମେକେଞ୍ଜିଙ୍କ ୨୬ ଜାନୁଆରୀ ୧୯୪୭ର ବର୍ଣ୍ଣନା ହିସାବରେ ପୋର୍ଟବ୍ଲେଆରର ଜାପାନୀ କମାଣ୍ଡର ଭାଇସ ଆଡମିରାଲ ପୋର୍ଟବ୍ଲେଆରରେ ଖାଦ୍ୟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥିତି ଦେଖି ଚିନ୍ତିତ ଥିଲେ । ତେଣୁ ଛଅ- ସାତ ଶହ ଲୋକଙ୍କୁ ହେପାଜତରେ ନିଆଗଲା । ସେଥିରେ ଛୁଆ ଓ ମହିଳା ମଧ୍ୟ ସାମିଲଥିଲେ । ସେମାନଙ୍କୁ ଦୂରକୁ ପଠାଇ ଦେଇ ପୋର୍ଟବ୍ଲେଆରରେ ଲୋକସଂଖ୍ୟା କମ କରିବାକୁ ପଡ଼ିବ । ସମୁଦ୍ର ବହୁତ ଅଶାନ୍ତ ଥିଲା । ବର୍ଷା ପ୍ରବଳ ହେଉଥିଲା । ତଥାପି ପୋର୍ଟବ୍ଲେଆରରୁ ସନ୍ଧ୍ୟା ୭ଟାରେ ତିନୋଟି ବୋଟରେ ଏହି ହତଭାଗ୍ୟମାନଙ୍କ ଯାତ୍ରା ଆରମ୍ଭ ହେଲା । ପ୍ରାୟ ୬-୭ ଘଣ୍ଟା ଯାତ୍ରା ପରେ ହାଭେଲକ ଦ୍ୱୀପ ପାଖରେ ପହଞ୍ଚିଲା ।

ଅବିନାଶ ନିଜ ପାଖରେ ଥିବା ଲେଖାକୁ ପଢିନେଲା । ହାଭେଲକରୁ ବଞ୍ଚି ଯାଇଥିବା ଗୋରଖପୁରର ସୌଦାଗର ଖାନ ଆଉ ଆଗ୍ରାର ଗୋବର୍ଦ୍ଧନଙ୍କ ହିସାବରେ ଅଗଷ୍ଟ ୩ ତାରିଖ, ୧୯୪୫ ମିସହାରେ ତିନିଟା ଲ୍ୟାଣ୍ଡିଙ୍ଗ କ୍ରାଫ୍ଟରେ ସେମାନଙ୍କୁ ଆଣି ହାଭେଲକ ଦ୍ୱୀପ ପାଖରେ ପାଣିରେ ଜବରଦସ୍ତି ଠେଲି ଦିଆଗଲା । ଅଧିକାଂଶ ଜଳସମାଧି ନେଲେ । ଯେଉଁମାନେ କୂଳରେ ପହଞ୍ଚିଗଲେ ସେମାନେ ଦଳହୋଇ କୁଡିଆରେ ରହିବାକୁ ଭାବିଲେ । ଦ୍ୱୀପରେ କିଛି ଖାଇବାକୁ ନଥିଲା ଆଉ ଲୋକଙ୍କୁ ନିଜ ଖାଇବା ନିଜେ ଉତ୍ପନ୍ନ କରିବାକୁ ପଡ଼ିବ । ଜାପାନୀମାନେ ମଝିରେ ମଝିରେ ଆସି ସେମାନଙ୍କୁ ଧାନ ତଥା ଆଉ ଅନ୍ୟ ଶସ୍ୟର ବୀଜ ଦେଉଥିଲେ । ତାଛଡା ଦିଆସିଲି ଓ ସିଗାରେଟ ମଧ୍ୟ ଦେଉଥିଲେ । କିନ୍ତୁ ଏହି ସାମାନ୍ୟ ପଦାର୍ଥକୁ ବର୍ମିଜ ଦସ୍ୟୁ ଦଳ ଲୁଟିନେଉଥିଲେ । ଏହାଛଡା ସେମାନେ ଏହି ଅସହାୟ ଲୋକଙ୍କୁ ସାମାନ୍ୟ କିଛି ମୂଲ୍ୟବାନ ପଦାର୍ଥ ପାଇଁ ହତ୍ୟା କରୁଥିଲେ । ଏହି ବର୍ମିଜମାନେ ପୋର୍ଟବ୍ଲେଆରରୁ ପଳାଇ ଆସିଥିଲେ କି ସେମାନଙ୍କୁ ବର୍ମାରୁ ଜାପାନିଜମାନେ ଦ୍ୱୀପାନ୍ତର କରିଥିଲେ ତାହା ଜଣା ନଥିଲା । ସେମାନଙ୍କୁ ପଠାଣ, ପଞ୍ଜାବୀ, ଶିଖମାନେ ପ୍ରତିରୋଧ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ପାରିଲେନି । ସେମାନଙ୍କୁ ବର୍ମିଜମାନେ ହତ୍ୟାକଲେ । କିଛି ଶହ ଲୋକ ଏହିପରି ମରିଗଲେ । ଶେଷରେ ବଞ୍ଚିଥିବା ଲୋକଙ୍କୁ ବ୍ରିଟିଶ ଜାହାଜ ନର୍ବଡା ଉଦ୍ଧାର କଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ମଞ୍ଚ ଆଲୋକିତ ହୋଇଗଲା । ଜାପାନୀ କ୍ୟାପଟେନ ମୁଣ୍ଡ ତଳକୁ କରିଦେଇଥିଲେ ।

ଏ ସବୁ ଗଣହତ୍ୟା ଆଉ ବର୍ବରତାକୁ କ'ଣ କୁହାଯିବ ?- ମୁହଁ ଦେଖାଯାଉନଥିବା ତୃତୀୟ ସ୍ୱର ପ୍ରଶ୍ନ କଲା ।

ପାଗ ଖରାପ ହେତୁ ସେମାନଙ୍କ ଜାହାଜ କୁଳରେ ଲାଗି ପାରିଲା ନାହିଁ, ତେଣୁ ଏମିତି ଘଟଣା ଘଟିଲା । ଜାପାନିଜଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକମାନେ ଏକ ନୂଆ ଦ୍ୱୀପ ଯାଆନ୍ତୁ ଆଉ ନିଜେ ଚାଷବାସ କରି ବଞ୍ଚନ୍ତୁ । ପ୍ଲାନ ଖରାପ ନଥିଲା, କିନ୍ତୁ ଏହାକୁ ଠିକଭାବେ ପାଳିତ ହୋଇପାରିଲା ନାହିଁ, ଫଳରେ ଏତେ ଲୋକ ମରିଗଲେ ।– ଜାପାନୀ କ୍ୟାପଟେନ ଉତ୍ତର ଦେଲେ ।

କ୍ରୂର ହତ୍ୟାକାରୀ, ମାସ କିଲର ।- ଦ୍ୱିତୀୟ ସ୍ୱର ଚିତ୍କାର କରି ଉଠିଲା । ସେ ବ୍ୟକ୍ତି ନିଜ ଚେଆରରୁ ଉଠି ଠିଆହୋଇଯାଇଥିଲେ ଆଉ ଅତି ଉତ୍ତ୍ୟକ୍ତ ଲାଗୁଥିଲେ ।

ତା ମୋଟେ କହିପାରିବନି । ଆମେ ସେମାନଙ୍କୁ ନୂତନ ଆଲୋକ, ନୂତନ ଆଶା ଦେବାକୁ ଚାହୁଁଥିଲୁ । ଏକ ନିରାଶା ଭିତରୁ ବାହାରକରି ସେମାନଙ୍କୁ ଦୃଢ଼ କରିବାକୁ ଚାହୁଁଥିଲୁ ।– କ୍ୟାପଟେନ ଧିରେ କହିଲେ ।

କ୍ୟାପଟେନ, ନିଜର ସାମୁରାଇ ଖଣ୍ଡାର ତେଜ ଧାରରେ ନିସହାୟ ହୋଇ କଟିଯାଉଥିବା ମସ୍ତକମାନଙ୍କୁ ଦେଖି ତୁମେ କହିପାରିବନି ଯେ ତୁମେ ଗଣହତ୍ୟାକାରୀ ନୁହଁ, କେବଳ ଇତିହାସ କହୁଥିବା ମହାନ ଯୋଦ୍ଧା । ତୁମେ କିଛି ଆଶା ତ ଦେଇନ । ଅସହାୟମାନଙ୍କୁ ମୃତ୍ୟୁମୁଖକୁ ଠେଲିଦେଇଛ ।- ତୃତୀୟ ସ୍ୱର କହିଲା ।

ଖାଦ୍ୟର ଅଭାବ ଏକ ରାସ୍ତା ବାହାର କରିବାକୁ ବାଧ୍ୟ କରେ । ସଂସାରରେ ଖାଦ୍ୟ ଦରକାର ବେଶି ପ୍ରଡକଟିଭ ଲୋକମାନଙ୍କ ପାଇଁ । ଅନପ୍ରଡକଟିଭ ଲୋକେ ନିଜର ଖାଦ୍ୟ ଖୋଜନ୍ତୁ । ବଞ୍ଚିଥିବା ଖାଦ୍ୟରେ ସେମାନେ ଭାଗ ନବସାନ୍ତୁ । କିଛି ସଂସାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଦରକାରୀ ହୋଇଯାଆନ୍ତି । ମଣିଷ କାନିବାଲ ତ ସେଇଥିପାଇଁ ହୁଏ । ଏକ ବିରାଟ ଅଭାବ ।- କ୍ୟାପଟେନ କହିଲେ ।

ତୁମର ଉତ୍ତର ପ୍ରଶଂସାଯୋଗ୍ୟ, କିନ୍ତୁ ଅବାସ୍ତବ । କିଛି ନା କିଛି ବାଖ୍ୟାରେ ତୁମର ଯୁକ୍ତିକୁ ବ୍ୟର୍ଥ ବୋଲି ପ୍ରମାଣିତ କରାଯାଇପାରିବ ।- ତୃତୀୟ ବ୍ୟକ୍ତି କହିଲେ ।

ଏଇଟାକୁ ଦୁର୍ଘଟଣା କହିପାର । ଅଶାନ୍ତ ସମୁଦ୍ର, ବଡ଼ ବଡ ଢେଉ । ପବନ ଏତେ ବେଗରେ ବୋହୁଛି । ଆମ ଲ୍ୟାଣ୍ଡିଙ୍ଗ ଶିପ କୂଳରେ ଲାଗିପାରିଲା ନାହିଁ । ସେମାନଙ୍କୁ କୂଳକୁ ଯିବା ଦରକାର । ସେମାନେ ପହଁରି ଯିବା ଉଚିତ ଥିଲା । ସବୁ ଉଦ୍ୱେଳିତ ସମୁଦ୍ରକୁ ନିଜ କରାୟତ୍ତ କରି ଆଗକୁ ଯିବାର ଆବଶ୍ୟକ ଅଛି । ତାହାହେଲେ ଏକ ଜାତି ଆଗକୁ ଦେଖିପାରିବ । ନହେଲେ ଜଳସମାଧି । କିଛି ହତଭାଗ୍ୟ ବ୍ୟକ୍ତି ଜଳସମାଧି ନେଇଛନ୍ତି ଅବଶ୍ୟ ।- କ୍ୟାପଟେନ ଆଉଥରେ କହୁଥିଲେ । ତାଙ୍କ ସ୍ୱର ଭାଙ୍ଗି ଯାଉଥିଲା ।

ସେମାନଙ୍କର ଏ ଅକାଳ ମୃତ୍ୟୁ ପାଇଁ କେବଳ ତୁମେମାନେ ଦାୟୀ । ତୁମକୁ ଦଣ୍ଡ ମିଳିବା ଉଚିତ ।- ପୋର୍ଟବ୍ଲେଆର ବାସିନ୍ଦା ଅର୍ଥାତ ଦ୍ୱିତୀୟ ବ୍ୟକ୍ତି କହିଲେ ।

କ୍ୟାପଟେନ ନିଜର ସାମୁରାଇ ଖଣ୍ଡାକୁ ଚାହିଁଲେ । ସେ ଖଣ୍ଡା ଏତେ ଚକ ଚକ କରୁଥିଲା ଯେ ଅବିନାଶକୁ ଲାଗିଲା ସେଥିରୁ ଯେମିତି ବିଜୁଳି ଛିଟିକି ଆସିବ । ସାମୁରାଇର ଖଣ୍ଡା ଅତି ଦାଢୁଆ ଆଉ ତାହା ଏକ ଅତି ଶକ୍ତିଶାଳୀ ବ୍ୟକ୍ତି ପାଖରେ ଥାଏ । ଖୋଲା ଖଣ୍ଡା ଧରି ସାମୁରାଇ ଅତି ବେଗରେ ନିଜ ଘୋଡା ଛୁଟାଇ ଦିଏ । ତା' ବେଗ ପବନକୁ କାଟିଦିଏ । ତା' ଶ୍ୱାସ ଥକେନି । ଘୋଡା ତା'ର କେବେ ରାସ୍ତାରୁ ହଟି ହେସ୍ରାରାବ କରେନି । ତା' ବାଳ ପଛକୁ ଝୁଲୁଥାଏ —

କ୍ୟାପଟେନ ନିଜର ଆଙ୍ଗୁଠି ସେ ଖଣ୍ଡାର ଧାର ଉପରେ ଜୋରରେ ଦବାଇ ଦେଲେ । ଏଇଟା ଅବଶ୍ୟ ଅଭିନୟ ଥିଲା । କେଇ ବିନ୍ଦୁ ରକ୍ତ ତଳେ ଛିଟିକି ପଡିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକଦମ ତାଜା ଗାଢ ଲାଲ ରକ୍ତର ବିନ୍ଦୁ । ଅବିନାଶ ଆଶ୍ଚର୍ଯ୍ୟ ହୋଇ ଅନାଇଲା । ବିନ୍ଦୁ ଗୋଲାକାର ହୋଇ ପଡିଥିଲା । ତା'କୁ ଲାଗୁଥିଲା ସମୁଦ୍ର ଯେମିତି ଧଳା ହୋଇଯାଇଛି ଆଉ ସେଥିରେ ବାହାରି ଆସୁଛି ଲାଲ ରଙ୍ଗର ନୂଆ ସୂର୍ଯ୍ୟ । ସେ ରଙ୍ଗ ଯେତିକି ଲାଲ, ଏ ରକ୍ତ ବିନ୍ଦୁ ସେତିକି ଲାଲ ।

ଅସ୍ତ ସୂର୍ଯ୍ୟ । ଉଠି, ପୁଣି ବୁଡି ଯାଇଛି । ତୁମର ସମାପ୍ତି ବିଷୟରେ କ'ଣ କହିବ କ୍ୟାପଟେନ, ତୁମର ଅସହାୟତା ନା ଭୀରୁତା । ଅସ୍ତଗାମୀ ସୂର୍ଯ୍ୟ ମଧ୍ୟ ଲାଲ ।-ତୃତୀୟ ସ୍ୱର କହିଲା ।

ଅସହାୟତା କହିପାର । ତୁମେ ଘଟଣାକ୍ରମକୁ ଲକ୍ଷ୍ୟ କର । କିଛି ଅସହାୟତା ଅବଶ୍ୟ ଥିଲା ।- ଅବିନାଶ ପାଖରେ ବସିଥିବା ବ୍ୟକ୍ତି ଜଣଙ୍କ କହିଲେ ।

ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବିସ୍ଫୋରଣ ଜାପାନୀ ଜାତିକୁ ନିଃସହାୟ କରିଦେଇଥିଲା । ସେହି ଅସହାୟତା ଆମ ପାଖକୁ ମଧ୍ୟ ଆସିଥିଲା । ତେଣେ ଜାପାନ୧୯୪୫ ମସିହା ସେପ୍ଟେମ୍ବର ୨ ତାରିଖରେ ଆତ୍ମସମର୍ପଣ କଲା । କିନ୍ତୁ ଆମେ ବିଶ୍ୱାସ କରୁନଥିଲୁ । ଏକ ଯୋଦ୍ଧା ଜାପାନୀ ସୈନିକ ନିଜର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ନିଜକୁ ପରାଜିତ ମନେକରିପାରେ ନାହିଁ ।- କ୍ୟାପଟେନ କହିଲେ ।

ଏବେ ସ୍କ୍ରିନରେ କିଛି ଦୃଶ୍ୟ ପ୍ରଦର୍ଶିତ ହେଲା । ଦିନେ ସକାଳେ ମିତ୍ରଶକ୍ତିର ବିମାନରୁ ପ୍ରଚାର ପତ୍ର ପଡ଼ିବାରେ ଲାଗିଲା ଯେ ଜାପାନ ଆତ୍ମ ସମର୍ପଣ କରିଛି । କିନ୍ତୁ ଜାପାନୀ ବିମାନମାନ ମିତ୍ର ଶକ୍ତିର ଯୁଦ୍ଧ ଜାହାଜକୁ ଗୋଡାଇଲେ । ୧୯୪୫ ମସିହା ଅକ୍ଟୋବର ୬ ତାରିଖରେ ଆଡମିରାଲଙ୍କ ବଙ୍ଗଲୋରେ ରାତିରେ ଆଲୋକ ଜଳୁଥିବାର ଲୋକେ ଦେଖିଲେ । ଏହା ଏକ ଅସାଧାରଣ ଘଟଣା । ରାତିରେ ସବୁଆଡେ ଆଲୁଅ ବନ୍ଦ ରହୁଥିଲା । ରସ ଦ୍ୱୀପ ପଛରେ କିଛି ଜାହାଜ ଦେଖାଗଲା ଆଉ ସେଗୁଡିକର ଆଲୋକ ଜଳୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୭ ଅକ୍ଟୋବରକୁ ଏକ ବ୍ରିଟିଶ ଜାହାଜ ପୋର୍ଟବ୍ଲେଆରରେ ପ୍ରବେଶ କଲା । ତା' ପୂର୍ବରୁ ଜାପାନୀ ଆଡମିରାଲ ନିଜ ଯୁଦ୍ଧ ପ୍ରସ୍ତୁତି ଉପରେ ସଂମ୍ପୂର୍ଣ ଭରସା କରୁଥିଲେ ଆଉ କେଉଁ ଅବସ୍ଥାରେ ଆତ୍ମସମର୍ପଣ କରବେନି ବୋଲି ଭାବିଥିଲେ । କିନ୍ତୁ ସେତେବେଳକୁ ଜାପାନ ହାରିସାରିଥିଲା । ଜାପାନରୁ ଏକ ବରିଷ୍ଠ ଅଧିକାରୀ ଆସି ତାଙ୍କୁ ବୁଝାଇଲା ପରେ ସେ କଥା ମାନିଲେ । ଜାପାନୀ ସୈନ୍ୟବାହିନୀର ମୁଖ୍ୟ ନିଜର ବ୍ୟାଜ ଆଉ ଅସ୍ତ୍ରସହ ଜିମଖାନା ପଡିଆରେ ଆତ୍ମସମର୍ପଣ କଲେ ।

ଏକ ଗର୍ବିତ ମସ୍ତକ କେବେ ଭୁଲୁଣ୍ଠିତ ହୋଇନପାରେ । ଆତ୍ମସମର୍ପଣ ନିଶ୍ଚିତ, କିିନ୍ତୁ ଅପମାନ ନୁହେଁ ।- କ୍ୟାପଟେନ କହିଲେ । ତାଙ୍କ ସ୍ୱରରେ ଆଉ ଆଗର ଦୃଢତା ନଥିଲା ।

ସ୍କ୍ରିନରେ ଦୃଶ୍ୟମାନ ପ୍ରଦର୍ଶିତ ହେଉଥିଲା । ଓ୍ୱାର କ୍ରିମିନାଲ ହିସାବରେ ମିତୁସିବିଶି ଓଜାକି ଆଉ ହାଶିଦା ସୁଖୋଓମୋ ଇତ୍ୟାଦିଙ୍କ ବିଚାର ହେଉଥିଲା । ସତର ଜଣଙ୍କୁ ମୃତ୍ୟୁଦଣ୍ଡ ମିଳିଲା । ସେମାନଙ୍କୁ ସିଙ୍ଗାପୁରର ଚଙ୍ଗୀ କାରାଗାରରେ ଫାଶୀ ଦିଆଗଲା । ହାଭେଲକର ଗଣହତ୍ୟା ପାଇଁ ଭାଇସ ଆଡମିରାଲ ହାରା ଟେିଜୋଙ୍କୁ ମୃତ୍ୟୁଦଣ୍ଡ ମିଳିଲା । ସେ ଶେଷ ଜାପାନିଜ ସୈନାପତି ଭଳି ଗର୍ବରେ ଚାଲି ଚାଲି ନିଜର ଫାଶୀ ଖୁଣ୍ଟକୁ ଗଲେ । ତାଙ୍କର ଶେଷ ଇଚ୍ଛା ଥିଲା ଯେ ତାଙ୍କର ଫଟୋକୁ ତାଙ୍କ ସହ ସମାଧି ଦିଆଯାଉ । ତାଙ୍କୁ ଜେଲରେ ଫାଶୀ ମିଳିଲା ।

ନିଜ ମନ ଭିତରର ବିଶ୍ୱାସ ତୁମକୁ ସାହାସୀ କରେ । ସୈନିକ ମରେନି, ଲୋକ ମରିଯାଆନ୍ତି । ସେ ଛାଡିଯାଏ ଏକ ରକ୍ତିମ ରେଖା, ତା'ର ବୀରଗାଥା ।- ତଳେ ପଡିଥିବା ଏକ ମସ୍ତକ କହୁଥିଲା । ଅବଶ୍ୟ ତା' ଥିଲା ସ୍କ୍ରିନରେ ।

ଶୋ ସମାପ୍ତି ହୋଇସାରିଥିଲା । ଜାପାନୀ କ୍ୟାପଟେନ ପୋଷାକ ପିନ୍ଧିଥିବା ଶୋ ମ୍ୟାନେଜର ଅବିନାଶ ସାଙ୍ଗରେ ବାହାରକୁ ଆସିଲେ । ଆଉ ଏକ ଶୋ ପାଇଁ ସେ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ୍ୟ ବାହରେ ବୁଲିବେ । ତାଙ୍କର ବେଶ ପୋଷାକ ଦେଖି ଦର୍ଶକମାନେ ପୁଣି ଆକର୍ଷିତ ହେବେ । ତାଙ୍କର ଶୋ ସେମିତି ଚାଲିବ । ଅବିନାଶ ତାଙ୍କୁ କିଛି କହିପାରିଲାନି, ବୀରଗାଥା ତ । ଅବିନାଶ ଭାବିଲା ଏହା କେବଳ ସୈନିକ ପାଇଁ ନୁହେଁ, ବୀରଗାଥା ସମସ୍ତଙ୍କ ପାଇଁ । ସବୁବେଳେ ଏହା କେଉଁ ସାଧାରଣ ମନୁଷ୍ୟ ପାଇଁ ଯିଏ ଏକ ଉପଯୁକ୍ତ ସିଦ୍ଧାନ୍ତ ସହ ନିଜକୁ କେବେ ପରାଭବ ଦେଇନି । ସୈନିକ କେବଳ ସୀମାନ୍ତରେ ଯୁଦ୍ଧ କରେନି । ନିଜର ବିଶ୍ୱାସର ସୀମାନ୍ତରେ ଯୁଦ୍ଧ କରୁଥିବା ପ୍ରତିଟି ବ୍ୟକ୍ତି ଏକ ଏକ ସୈନିକ । ସୈନିକର ସାମୁରାଇ ଖଣ୍ଡା ଭଳି ନିଜ ଦୃଢ ବିଚାରର ଶାଣିତ ବୁଦ୍ଧିରୁ ବାହାରି ଆସୁଥିବା ଚକଚକ ଆଲୋକକୁ ଦେଖି ସେ ଆତ୍ମସନ୍ତୋଷ ଲାଭ କରୁଥିବ । ସାମୁରାଇର ଖଡ୍ଗ କେବେ ହସ୍ତଚ୍ୟୁତ ହେବନି, ମସ୍ତକ ଶିରଚ୍ୟୁତ ହୋଇପାରେ । ତେବେ ଯାଇ ପାଦରେ ଦୃଢତା ଆସିବ ଆଉ ମସ୍ତକ ଆକାଶର ଉଚ୍ଚ ରହିପାରିବ ।

ଏତେଗୁଡା କଥା । ଦୃଢତା ଅଛି ତ ନିଶ୍ଚୟ୍ୟ । ଅବିନାଶ ଫେରିଆସି ରାସ୍ତାରେ ଏମିତି ସେମିତି ବୁଲିଲା । ପରେ ହମଫ୍ରେଗଞ୍ଜର ମେମୋରିଆଲକୁ ଦେଖିଲା । ଆଣ୍ଡାମାନର ଅନ୍ୟ ମେମୋରିଆଲ ଭଳି ଏ ମେମୋରିଆଲ ଦିଶୁଥିଲା । ସଂମ୍ପୂର୍ଣ ଅଲଗା କ'ଣ ଅଛି ? ଦେଖିବାରେ ସମାନ ଦେଖାଯାଉଛି ।

ଇତିହାସ, ଯନ୍ତ୍ରଣା, ଅତ୍ୟାଚାର । ଏସବୁ କେବଳ ନିଜକୁ ଦୃଢନିଷ୍ଠ ଦେଖାଇବାପାଇଁ ଅନ୍ୟ ଉପରେ ପରୀକ୍ଷଣ ।- ତା' ଭିତରେ କିଏ ଚିତ୍କାର କରି କହୁଥିଲା ।

ଏତିକି ଖୋଜିବାକୁ ମୁଁ ସମୁଦ୍ର ଉପରେ ଉଡିକରି ଆସିନି ।- ସେ ନିଜର ପକ୍ଷ ରଖିଲା ।

କଳା ରାସ୍ତା ଆଗକୁ ଲମ୍ୱିଯାଇଛି । ତୁମକୁ ଆଗକୁ ଯିବାକୁ ହେବ ।- ତା' ଭିତରୁ ଅନ୍ୟ କିଏ କହିଲା ।

ଆଗକୁ ରାସ୍ତା ଜଙ୍ଗଲିଆ ହୋଇଯାଉଛି । ଘର କମିକମି ଯାଉଛି । ସେଇଠି କ'ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିବ ? ମଣିଷ କମିଯିବେ ।- ଅବିନାଶ ନିଜକୁ ନିଜେ କହିଲା । ସେ ଲମ୍ବା ଗଛଗୁଡିକୁ ଅନାଇଲା ।  ଏତେ ଉଚ୍ଚ ଗଛ ଉପରକୁ ମଣିଷ ଚଢ଼ି ପାରିବନି । ତା' ଭଳିଆ ମଣିଷ ପାଇଁ ଅସମ୍ଭବ ।  ସେ ଭିତରେ ଏକ ପକ୍ଷୀ ତଳୁ ଆକାଶକୁ ଉଡିଗଲା । ଏତେ ଲମ୍ବ ଗଛ ଅଗକୁ ଆଖି ପଡୁପଡୁ ପହଞ୍ଚିଗଲା । ଲମ୍ବ ଗଛକୁ ପହଞ୍ଚି ହୋଇପାରେ ।

କଳା ରାସ୍ତାରେ ଜଙ୍ଗଲ ଭିତରକୁ ଯିବି ।  ଜମା ଡରିବିନି ।  ଜଙ୍ଗଲରେ ବହୁ ଅଜଣା ଜିନଷ ଲୁଚିଥାଏ ।  ମଣିଷ ବହୁ ଜିନିଷ ଏପର୍ଯ୍ୟନ୍ତ ଆବିଷ୍କାର କରିପାରିନି ।  ଦେଖିବାକୁ ନିଶ୍ଚିତ ଯିବି ।- ଅବିନାଶ ପୁଣି ନିଜକୁ ନିଜେ କହି ବେଶ ଉତ୍ସାହିତ ହୋଇପଡିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ବାବୁ

## ଧାରାବାହିକ କାହାଣୀ

ଅଫିସରୁ ବାହାରୁ ବାହାରୁ ସନ୍ଧ୍ୟା ସାଢ଼େ ଛଅ ହେଇଗଲାଣି । ଅବଶ୍ୟ ଏତେ ବିଳମ୍ବ କେବେ ହୁଏ ନାହିଁ । ସେମିତିରେ ବି ଶୀତଦିନ । ବାହାରେ ପୁରା ଅନ୍ଧାର ହୋଇଗଲାଣି । ଆଉ ଅଳ୍ପ ଅଳ୍ପ ଶୀତ ବି ହେଲାଣି । ରମେଶ ଜାଣିଛି ଆଜି ଘରକୁ ଯାଉ ଯାଉ ପୁଣିଥରେ ଭାଷଣ ଶୁଣିବାକୁ ପଡ଼ିବ । ଜୟନ୍ତୀ ସବୁବେଳେ କହେ ତମେ ସ୍ୱେଟର୍ ପିନ୍ଧିକି ଯାଅ । ସେ କହେ, ସନ୍ଧ୍ୟା ହେବା ପୂର୍ବରୁ ତ ଫେରି ଆସିବି । କାହିଁକି ସ୍ୱେଟର ପିନ୍ଧିବି ? ପୁଣି ଅଫିସରେ କେହି ବି ପିନ୍ଧୁନାହାନ୍ତି । ଜୟନ୍ତୀ କିନ୍ତୁ ନଛୋଡ଼ବନ୍ଧା । କହେ, ତମକୁ ଥଣ୍ଡା ହେଇଗଲେ କିଏ ପିଠିରେ ପଡ଼ିବ ? ଆଜି ସକାଳୁ ବି ଅଫିସ ବାହାରିବା ବେଳକୁ ଜୟନ୍ତୀ ସ୍ୱେଟର୍ କଥା କହିଥିଲା । ରମେଶ ସବୁଦିନ ଭଳି ଘରୁ ବାହାରି ଆସିଥିଲା ।

ରମେଶ ଜାଣିନଥିଲା ଯେ ଆଜି ଏତେ ବିଳମ୍ବ ହେଇଯିବ । ଅବଶ୍ୟ ପାଞ୍ଚଟା ବେଳକୁ ସମସ୍ତେ ବାହାରି ଯାଆନ୍ତି । ଆଜି କିନ୍ତୁ ଅଫିସରେ ବସି ଗପସପ କରୁ କରୁ କେତେବେଳେ ଏତେ ଡେରି ହେଇଗଲା ଜାଣି ହେଲାନି । ଅବଶ୍ୟ ଏହି ବ୍ୟତିକ୍ରମ ପାଇଁ ଯଦି କେହି ଦାୟୀ ତା ହେଲେ ସେ ହେଉଛନ୍ତି ଏହି ଅଫିସର ବଡ଼ବାବୁ ।

ବଡ଼ବାବୁ, ଜଣେ କିମ୍ବଦନ୍ତୀ ପୁରୁଷ । ସେ ବୋଧହୁଏ ଅନ୍ୟ କୌଣସି ଗ୍ରହରୁ ଆସିଛନ୍ତି ବୋଲି ଅଫିସର ସବୁଠାରୁ ତଳିଆ କର୍ମଚାରୀ କହେ । ସମସ୍ତେ ଏହା ଶୁଣି ହସନ୍ତି । ରମେଶ ବିରକ୍ତ ହୁଏ କିନ୍ତୁ ସେ ବି ବେଳେ ବେଳେ ଭାବେ, ସତରେ କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତିକା ମଣିଷ ଅଛନ୍ତି ?

ସକାଳ ଠିକ୍ ଦଶଟା ବେଳେ ଅଫିସ ବାରଣ୍ଡାରେ ବଡ଼ବାବୁ ପହଞ୍ଚି ଯାଆନ୍ତି । ଏତେ ବର୍ଷ ହେଲାଣି ରମେଶ ସେଇ ଅଫିସରେ କାମ କରୁଛି, ସେ କେବେ ବି ବଡ଼ବାବୁଙ୍କୁ ବିଳମ୍ବରେ ଅଫିସ ଆସିବା ଦେଖିନାହିଁ । ଦଶଟାରୁ ପାଞ୍ଚଟା ପର୍ଯ୍ୟନ୍ତ ସେ ଅଫିସରେ ରହନ୍ତି । ଆଉ ସେ ଗଲା ବେଳେ ସମସ୍ତଙ୍କୁ ଯିବାପାଇଁ କହି ଦେଇ ଯାଆନ୍ତି । ଭାରୀ ଗୁରୁଗମ୍ଭୀର ମୂର୍ତ୍ତି । ତାଙ୍କ ସାମନାରେ ଠିଆ ହେବା ପାଇଁ ଅଧିକ ଶକ୍ତି ଦରକାର । ଯଦି ଅଫିସ ସମୟରେ ସେ ଡାକିଦେଲେ, କର୍ମଚାରୀମାନେ ଭୟଭୀତ ହୋଇ ଯାଆନ୍ତି । କାରଣ ସେ ଡାକିଲେ ମାନେ ଏକ୍ସଟ୍ରା କାମ ଦେବେ । ଅବଶ୍ୟ ଏହିଭଳି ପରିସ୍ଥିତି ଅକାଳେ ସକାଳେ ପଡ଼େ ।

ଆଜି ସକାଳେ ସମସ୍ତେ ଅଫିସରେ ବସିଥିବା ବେଳେ, ହଠାତ୍ ବଡ଼ବାବୁ ରମେଶକୁ ଡକାଇଲେ । ଏବେ ପୁଣି କଣ ଏକ୍ସଟ୍ରା କାମ କରିବାକୁ ହେବ ବୋଲି ଚିନ୍ତା କରିବାକୁ ଲାଗିଲା । ବଡ଼ବାବୁଙ୍କ କୋଠରୀରେ ପହଞ୍ଚିବା ବେଳକୁ ବଡ଼ବାବୁ ଠିଆ ହୋଇ ନିଜ ବ୍ୟାଗକୁ ଖୋଲି ଧରି କଣ ଗୋଟେ ଖୋଜିବା ଭଳି ମନେ ହେଉଥିଲା । ରମେଶ ସେଇଠି ନିରବରେ କିଛି ସମୟ ଠିଆ ହେବାପରେ ପଚାରିଲା, ସାର୍ କଣ ଖୋଜୁଛନ୍ତି କି ? ବଡ଼ବାବୁ କେବଳ ହୁଁ ବୋଲି କହିଦେଇ ନିଜ କାମରେ ବ୍ୟସ୍ତ ହୋଇଗଲେ । ଏମିତି ସ୍ଥିତିରେ ରମେଶ ଚିନ୍ତାରେ ପଡ଼ିଗଲା, ବଡ଼ବାବୁ କାହିଁକି ଡାକିଛନ୍ତି ? ସେ ପୁଣିଥରେ ପଚାରିଲା, ସାର୍ ମୋତେ ଡାକିଥିଲେ ? ବଡ଼ବାବୁ କିଛି କାଗଜପତ୍ର ନିଜ ବ୍ୟାଗରେ ଥୋଇଦେଇ, ରମେଶକୁ ଚାହିଁଲେ ଆଉ ଟିକେ ବିଶ୍ରାମ ନେଇ କହିଲେ, ରମେଶ ବାବୁ, ମୋତେ ହଠାତ୍ ଟିକେ ବାହାରକୁ ଯିବାକୁ ପଡ଼ିବ । ଉପର ଅଫିସରୁ ନିର୍ଦ୍ଦେଶ ଆସିଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ମିଟିଂ ଅଛି । ମୋତେ ସେଇଠି ରହିବାକୁ ପଡ଼ିବ । ତେଣୁ ମୁଁ ଏବେ ବାହାରି ଯାଉଛି । ଏମିତି କହୁଥିବା ବେଳେ ଅଫିସ ଗାଡ଼ିର ଡ୍ରାଇଭର ସୁବାସ ଆସି କବାଟ ପାଖରେ ଠିଆ ହୋଇ ପଚାରିଲା, ସାର୍ ଡାକିଲେ କି? ବଡ଼ବାବୁ ସେ ଆଡ଼କୁ ଚାହିଁ କହିଲେ, ହଁ ସୁବାସ । ଆଜି ଭୁବନେଶ୍ୱର ଯିବାକୁ ହେବ । କାଲି ଫେରିବା । ତମେ ବ୍ୟବସ୍ଥା କର । ସୁବାସ ମୁଣ୍ଡ ହଲେଇ ହଁ ବୋଲି ଜଣେଇଦେଲା ।

ବଡ଼ବାବୁ ରମେଶକୁ ଚାହିଁ କହିଲେ, ଏବେ ଅଫିସର ସମସ୍ତ ଦାୟିତ୍ୱ ଆପଣଙ୍କର । ମୁଁ ତ ଆଜି ଫେରିବିନି । କାଲି ମଧ୍ୟ ଆସିବା ବେଳକୁ ଅପରାହ୍ନ ହେଇଯିବ । ଆପଣ ଟିକେ ଅଫିସର ଦାୟିତ୍ୱ ନେଇ ପାରିବେ । ରମେଶ ମୁଣ୍ଡ ହଲେଇ ହଁ ବୋଲି ଜଣାଇବା ପରେ, ବଡ଼ବାବୁ ନିଜ ସ୍ଥାନରୁ ବାହାରି ଆସୁଥିବା ବେଳେ ରମେଶ ବଡ଼ବାବୁଙ୍କ ବ୍ୟାଗକୁ ଧରିବା ପାଇଁ ଆଗକୁ ଆସିବା ବେଳକୁ ବଡ଼ବାବୁ ମନା କରିଦେଇ କହିଲେ, ସୁବାସ ଧରିବ । ଏଇଟା ତା'ର କାମ । ଆପଣ ଅଫିସର ଦାୟିତ୍ୱ ନିଅନ୍ତୁ । ସୁବାସ ଆଗକୁ ଆସି ବଡ଼ବାବୁଙ୍କ ବ୍ୟାଗକୁ ଧରି ଚାଲିଲା, ଆଉ ପଛେ ପଛେ ବଡ଼ବାବୁ ଓ ରମେଶ ଚାଲିଲେ । ବଡ଼ବାବୁ ଗାଡ଼ିରେ ବସିବା ପୂର୍ବରୁ ଅଫିସର ଚାବି ପେନ୍ଥାଟା ରମେଶର ହାତକୁ ବଢ଼େଇ ଦେଇ କହିଲେ, ଏବେ ଆପଣ ଏହି ଅଫିସର ମୁଖ୍ୟ । ସବୁ ଭଲମନ୍ଦ ଆପଣ ହିଁ ଦେଖିବେ । ବଡ଼ବାବୁଙ୍କ ଗାଡ଼ି ଆଗକୁ ବଢ଼ିଗଲା ।

ହାତରେ ଧରିଥିବା ଚାବି ପେନ୍ଥାଟା ଯେ କେତେ ଭାରି ତାହା ରମେଶ ଏବେ ଅନୁଭବ କରୁଥିଲା । ସେ କେବେ ଏହି ଚାବି ପେନ୍ଥା ହାତରେ ଧରି ନଥିଲା । ଆଜି ତାକୁ ଲାଗୁଥିଲା ସେ ଏବେ ସେହି ଚାବିପେନ୍ଥାର ଦାୟିତ୍ୱ ନେବା ଯୋଗ୍ୟ ବୋଲି ବଡ଼ବାବୁ ମନେ କରିଥିଲେ । ଏହି ଅଫିସରେ ଦଶବର୍ଷରୁ ଅଧିକ କାଳ ସେ କାମ କରିବା ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ପଦବୀରୁ ପଦୋନ୍ନତି ପାଇବା ପାଇଁ ଯୋଗ୍ୟତା ପାଇ ସାରିଥିଲେ ସୁଦ୍ଧା, ସରକାରୀ କାର୍ଯ୍ୟାନ୍ୱୟନ କେତେ ମନ୍ଥର ତାହା ସେ ଜାଣିଥିଲା । ଅବଶ୍ୟ ସେ ଚାହିଁଥିଲେ ଏହି ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି ହୋଇ ଯାଇ ପାରିଥାନ୍ତା ଓ ପଦୋନ୍ନତି ପାଇଥାନ୍ତା, ହେଲେ ପିଲାମାନଙ୍କ ପଢ଼ାପଢ଼ି, ବୁଢ଼ା ବାପାମା'ଙ୍କ ସେବା ଯତ୍ନ ପାଇଁ ସେ ନିଜ ବଦଳିକୁ ବନ୍ଦ କରିଦେଇଥିଲା । ଆଉ ଏଇ ଅଫିସରେ ବଡ଼ବାବୁ ଥିବା ପର୍ଯ୍ୟନ୍ତ ରମେଶକୁ ପଦୋନ୍ନତି ମିଳିବା ସମ୍ଭବ ଦିଶୁନଥିଲା ।

ହାତରେ ଧରିଥିବା ଚାବି ପେନ୍ଥାକୁ ସେ ଓଜନ କରୁ କରୁ ସେ ପଛକୁ ବୁଲିପଡ଼ି ଅଫିସ ଭିତରକୁ ଯିବା ବେଳକୁ ଦ୍ୱାର ପାଖରେ ସମସ୍ତ କର୍ମଚାରୀ ଠିଆ ହୋଇଥିବା ଦେଖିବାକୁ ପାଇଲା । ସବୁଠାରୁ କନିଷ୍ଠ କର୍ମଚାରୀ କହିଲା, "ଓହୋ, ବୁଢ଼ା ଗଲା ।" ରମେଶକୁ କଥାଟା ଭଲ ଲାଗିଲାନି । ସେ ତାକୁ ତାଗିଦ କରି କହିଲା, ଏମିତି କଣ କହୁଛୁ ? ହେଲେ ଅଫିସର ଅନ୍ୟ କର୍ମଚାରୀମାନେ ଆଜି କାହିଁକି କେଜାଣି ଟିକେ ଭିନ୍ନ ଭିନ୍ନ ଲାଗୁଥିଲେ । କଥାରେ ଅଛି, ବାଘ ନଥିଲେ ମିରିଗ ନାଟ । ବାସ ସେୟା ହିଁ ହେଉଥିଲା । କିଛି ସମୟ ଭିତରେ ଅଫିସରେ ଚା ଆଉ ସ୍ନାକ୍ସ ଖଟି ଆରମ୍ଭ ହୋଇଗଲା । ସବୁ କର୍ମଚାରୀ ନିଜ ନିଜ କାମ ଛାଡ଼ିଦେଇ ଗୋଟିଏ ଜାଗାରେ ଏକାଠି ବସି ଗପସପରେ ଲାଗିଗଲେ । ରମେଶ କାହିଁକି କେଜାଣି ସେମାନଙ୍କ ଭିତରେ ନିଜକୁ ସାମିଲ୍ କରି ପାରୁନଥିଲା । ସେ ନିଜ ଟେବୁଲରେ ବସି କମ୍ପ୍ୟୁଟରରେ କିଛି କାମ କରୁଥିଲା ।

ଏହି ସମୟରେ କେହିଜଣେ ଲୋକ ଅଫିସକୁ ଆସିଲା । କର୍ମଚାରୀମାନେ ତରବରରେ ତାଙ୍କ କାମ ତୁଲେଇ ଦେବାକୁ ଚେଷ୍ଟା କରୁଥିବା ବେଳେ ସମସ୍ୟାର ସମ୍ମୁଖୀନ ହେଲେ । ଏହିଭଳି ସମସ୍ୟା କେହି ବି କେବେ ନିଜେ ନିଜେ ଦେଖିନଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଧାରଣତଃ ଏହିଭଳି କାମ ଆସିଲେ ସେ ସବୁ ବଡ଼ବାବୁଙ୍କ କୋଠରୀକୁ ଯାଏ ଆଉ ସେଠାରୁ ସମାଧାନ ହୋଇ ବାହାରିଯାଏ । ଏବେ କଣ କରାଯିବ । କେହିଜଣେ କହିଲା, "ଆଜି ବଡ଼ବାବୁ ନାହାନ୍ତି ଆପଣ କାଲି ଆସନ୍ତୁ ।" ଲୋକଟି କିନ୍ତୁ ନେହୁରା ହେଉଥିଲା, ଯେ ଆଜି କାମଟା ନ ହେଲେ ସେ ପୁଣି କେବେ ଆସିବ କହି ପାରିବ ନାହିଁ । କାରଣ ସେ ବାହାରେ ରହେ । ଲୋକର ବିନତୀକୁ ଭ୍ରୂକ୍ଷେପ ନ କରି କିଛି କର୍ମଚାରୀ ତାକୁ ଘଉଡ଼ାଇ ଦେବାକୁ ଚେଷ୍ଟା କରୁଥିବା ବେଳେ ରମେଶ ତାକୁ ପାଖକୁ ଡାକି ତା'ର ସମସ୍ୟା ଶୁଣିଲା । ସେ ବି ନିରୁପାୟ । ଅଗତ୍ୟା ସେ ବାଧ୍ୟ ହୋଇ ବଡ଼ବାବୁଙ୍କୁ ଫୋନ୍ କରିଲା ।

କିଛି ସମୟ ଫୋନ ଚାଲୁଥିବା ବେଳେ ଅଫିସରେ ସମସ୍ତେ ପୁରା ନିରବ ହୋଇଗଲେ । ଫୋନ୍ ସରିବା ପରେ ରମେଶ ସେ ଲୋକକୁ ଧରି ବଡ଼ବାବୁଙ୍କ କୋଠରୀକୁ ଗଲା ଆଉ ବଡ଼ବାବୁଙ୍କ କମ୍ପ୍ୟୁଟରରେ କଣ କାମ କରି ତା ସମସ୍ୟାର ସମାଧାନ କରିଦେଲା । ଲୋକଟି କୃତକୃତ୍ୟ ହୋଇ ଧନ୍ୟବାଦ ଦେଇ ଚାଲିଗଲା । ଅଫିସର କର୍ମଚାରୀମାନେ ଆଁ କରି ଚାହିଁଥିଲେ ।

ରମେଶକୁ ଲାଗୁଥିଲା ସେ କିଛି ଗୋଟାଏ ବଡ଼ ଉପଲବ୍ଧି କରି ପାରିଛି । ତେଣେ ଅଫିସରେ କର୍ମଚାରୀମାନେ ନିଷ୍ପତ୍ତି ନେଇ ସାରିଥିଲେ ଯେ ଆଜି ଦିନବେଳେ ଅଫିସରେ ବିରିୟାନୀ ପାର୍ଟି ହେବ । ଦ୍ୱିପହର ବେଳକୁ ଚପରାଶି ଯାଇ ବିରିୟାନୀ ନେଇ ଆସିଲା । ସମସ୍ତେ ଏକାଠି ବସି ସେ ସବୁକୁ ଉଦରସ୍ଥ କରୁଥିବା ସମୟରେ କଥା ହେଉଥିଲେ, ଯେ ବଡ଼ବାବୁ ନଥିଲେ ଅଫିସ କେତେ ଭଲ ଲାଗୁଛି ।

ସେଦିନ ପ୍ରାୟ କିଛି କାମ ହେଇନଥିଲା । ଅପରାହ୍ନରେ ଆସିଥିବା ଦୁଇ ତିନିଟା କାମ ରମେଶ ନିଜେ ତୁଲେଇ ଦେବାପରେ ସବୁ କର୍ମଚାରୀ ବସି ଗପସପ ହେଉ ହେଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେବେଳେ ସାଢ଼େ ଛଅ ହୋଇଗଲା ସେ ଜାଣି ପାରିଲା ନାହିଁ । ସମସ୍ତେ ଗଲାପରେ ଅଫିସରେ ଚାବି ପକାଇ ସେ ବି ଘରକୁ ଯିବ କିନ୍ତୁ ସମସ୍ତଙ୍କୁ କିଛି କହି ପାରୁନଥିଲା । ସମସ୍ତେ ଗଲାପରେ ସେ ଚପରାଶିକୁ ଚାବି ଦେଇ ଅଫିସକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲା । ନିଜେ ଭିତରେ ବୁଲି ସବୁ ରୁମର ଲାଇଟ୍ ଫେନ୍ ବନ୍ଦ କରିବା ସହ କମ୍ପ୍ୟୁଟର ସବୁକୁ ବନ୍ଦ କରିଦେଇ, ଜିନିଷପତ୍ର ସଜାଡ଼ି ଥୋଇଦେଲା । ଅଫିସ ବାହାରକୁ ଆସିବା ପରେ ଚପରାଶି ତାଲା ବନ୍ଦ କରିଦେଇ ଚାବି ପେନ୍ଥା ରମେଶ୍ ହାତକୁ ବଢ଼େଇ ଦେଇ ନିଜ ବାଟରେ ଚାଲିଗଲା । ରମେଶ ପଛକୁ ବୁଲି ଅଫିସକୁ ଚାହୁଁଥିଲା ।

ବଡ଼ବାବୁ ସବୁଦିନ ସନ୍ଧ୍ୟାରେ ଅଫିସ ବନ୍ଦ କରିବାପରେ ଦୁଆର ପାଖରେ ମୁଣ୍ଡ ଲଗାଇ କିଛି ସ୍ମରଣ କରନ୍ତି ତା ପରେ ଘରକୁ ଯାଆନ୍ତି । ସେ କଣ କହନ୍ତି ବଡ଼ବାବୁ ହିଁ ଜାଣିଥିବେ । ରମେଶ କଣ କରିବ ବୁଝି ପାରିଲାନି । ଅଗତ୍ୟା ସେ ଅଫିସ ଦ୍ୱାରରେ ମୁଣ୍ଡ ଲଗେଇ "ହେ ଭଗବାନ" ବୋଲି କହିଦେଇ ଘରକୁ ବାହାରିଗଲା ।

କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭୁଲା ଅତୀତ

ଅମରନାଥ ବାରିକ



ଦିନ ସିନା ବଦଳି ଗଲା କିନ୍ତୁ ସେ ଦିନ ଆଜି ବି ମନେ ପଡେ । ଚାଳ ଛପର ଘର, ସକାଳୁ କୁକୁଡ଼ାଙ୍କ ରାବ, କଅଁଳ ବାଛୁରୀଙ୍କୁ ଧରି ଖେଳିବା, ବାପା ବୋଉ ଜେଜେ ମା' ଜେଜେ ବାପା ଭାଇ ଭଉଣି ସମସ୍ତେ ଏକାଠି ବିତାଇ ଥିବା ସମୟ, ମା' ହାତ ରନ୍ଧା ଗରମ ଭାତ ତିଅଣ, ଗାଁ ବିଦ୍ୟାଳୟର ପାଠ ପଢା, ମାଟି ଚୂଲି, ଧାନ ଉଁଷା, ଧୂଳି ଖେଳ, ଲୁଚକାଳି ଖେଳ, ଗୋଧୂଳିର ବାସ୍ନା, ପୋଖରୀ ଗାଡ଼ିଆରେ ସାଥୀ ମେଳରେ ଗାଧୁଆ, ମାଛ ଧରା, ଗଛ ଚଢ଼ା, ନଈ ପହଁରା, ଶୀତୁଆ କଅଁଳ ଖରାରେ ବସି ଶାଗ ପଖାଳ ଖିଆ, ତାଳ ବରଡ଼ା ଉପରେ ବସି ଟଣାଟଣି ଖେଳିବା, କ୍ଷେତକୁ ବାପାଙ୍କ ପାଇଁ ଖାଇବା ନେଇଯିବା ସମୟରେ ହଳ ଲଙ୍ଗଳ କାଦୁଅରେ ଖେଳିବା, ଏମିତିକି ଗୋଟିଏ କମ୍ବଳ ତଳେ ଶୋଇ ଜେଜେମାଙ୍କ ପାଖରୁ ରାତିରେ କାହାଣୀ ଶୁଣିବା ବହୁତ ନିଆରା ଖୁସି ଥିଲା । ଆସନ୍ତୁ ଆମେ କିଛି ସମୟ ପାଇଁ ପୁଣି ଶିଶୁଟିଏ ହୋଇଯିବା । ପୁରୁଣା ଦିନକୁ ଆଉଥରେ ମନେ ପକାଇବା ।

ତୋଟା ମଧ୍ୟରେ ବିଶାଳକାୟ ଆମ୍ବ ଗଛଟିଏ ଥିଲା । ସେହି ଶତାୟୁ ବିଶାଳକାୟ ଆମ୍ବ ଗଛରେ କେତେଯେ ପକ୍ଷୀ ବସା ବାନ୍ଧି ରହୁଥିଲେ ତାହା କଳନା କରିହେବ ନାହିଁ । ସକାଳ ହେଲେ ସବୁ ପକ୍ଷୀମାନେ ତାଙ୍କ କୁନିକୁନି ପିଲାମାନଙ୍କ ପାଇଁ ଆହାର ଆଣିବାକୁ ଚାଲିଯାଆନ୍ତି । ପୁଣି ଥଣ୍ଟରେ ଆହାର ଧରି ତାଙ୍କ ଛୁଆ ମାନଙ୍କ ପାଇଁ ଫେରି ଆସନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ଜଣେ କାଠୁରିଆ ଆସି ସେହି ଆମ୍ବ ଗଛକୁ କାଟିବାକୁ ଲାଗିଲା । ତା'ର କୁରାଢ଼ି ଚୋଟର ଯେଉଁ ଭୟଙ୍କର ଶବ୍ଦ କରୁଥାଏ, ତାହା ଶୁଣି ସମସ୍ତ ପକ୍ଷୀମାନେ ଉଡ଼ିଗଲେ । କୁଆ କୋଇଲି ଶୁଆ ଶାରୀ ବଗ ବଗୁଲି ଗେଣ୍ଡାଲିଆ ଶାଗୁଣା ହଳଦୀବସନ୍ତ ବଣି ଯେତେକ ପକ୍ଷୀମାନେ ସବୁ ରାବ ଛାଡି ଉଡ଼ିବାକୁ ଲାଗିଲେ । ସେମାନଙ୍କ କୋଳାହଳରେ ପୁରା ଜଙ୍ଗଲଟା କମ୍ପି ଉଠିଲା । ନିଶବ୍ଦ ଜଙ୍ଗଲରେ ହାହାକାର ପଡିଗଲା କିନ୍ତୁ ଯେଉଁ ଛୋଟ ଛୋଟ ପକ୍ଷୀମାନେ ଉଡ଼ି ଜାଣନ୍ତି ନାହିଁ, ତାଙ୍କ ମାଆ ମାନେ ଈଶ୍ୱରଙ୍କୁ ଡ଼ାକିଲେ, "ହେ ପ୍ରଭୁ ଏ ନିରୀହ ପିଲାମାନେ ତୁମକୁ ଲାଗିଲେ ତାଙ୍କୁ ବଞ୍ଚାଅ ।"

ପକ୍ଷୀମାନଙ୍କ କରୁଣ ଡାକ ଶୁଣି ଭଗବାନ ଚାଲିଆସିଲେ । କାଠୁରିଆକୁ କହିଲେ ଆରେ କାଠୁରିଆ ରହ ରହ, କାହିଁକି ଏ ସୁନ୍ଦର ଗଛଟାକୁ କାଟିବାରେ ଲାଗିଛୁ ? କ'ଣ ପାଇଁ ଏମିତି ଏ ପ୍ରକୃତିକୁ ନଷ୍ଟ କରିବାରେ ଲାଗିଛୁ ? କ'ଣ ଲାଭ ମିଳୁଛି ଏଥିରେ ? ଗଛ କାଟିଦେଲେ ଫଳ ଫୁଲ ଛାଇ ଇତ୍ୟାଦି କେଉଁଠୁ ପାଇବୁ ? ଏ ନିରୀହ ପଶୁପକ୍ଷୀ ମାନେ କେଉଁଠି ରହିବେ ? ବୃଷ୍ଟିପାତ କିପରି ଭାବରେ ହେବ ? ଅମ୍ଳଜାନ କେଉଁଠୁ ଆସିବ ? ଅତି ଆବଶ୍ୟକ ନ ପଡ଼ିବା ଯାଏଁ ଗଛ କାଟ ନାହିଁ । ଗୋଟିଏ ଗଛ କାଟିବା ଆଗରୁ ଦଶଟି ଗଛ ଆଗ ଲଗାଅ । ଈଶ୍ୱରଙ୍କର ଏ କଥାକୁ ଖାତିର ନକରି କାଠୁରିଆ କହିଲା, "ତୁମେ ମୋତେ ବାରଣ କରିବାକୁ କିଏ ? ମୁଁ ଗଛ କାଟିଲେ ତୁମର କ'ଣ କ୍ଷତି ହେଉଛି ?"

ଈଶ୍ୱର କହିଲେ, "ରେ ମୂର୍ଖ ! ମୁଁ ସୃଷ୍ଟିକର୍ତ୍ତା ନାରାୟଣ । ତୁ କ'ଣ ମୋତେ ଜାଣି ପାରୁନାହୁଁ ?" କାଠୁରିଆ କହିଲା, "ହେଲେ ମୁଁ କିପରି ଜାଣିବି ତୁମେ ଈଶ୍ୱର ବୋଲି ?" ଭଗବାନ କହିଲେ, "ତାହାଲେ ଦେଖ ତୋ ହାତରୁ କୁରାଢୀ ଶୂନ୍ୟ ହୋଇଗଲା ।" -ଆରେ ହଁ ତ, ମୁଁ ଏବେ କେମିତି ଚଳିବି ? କାଠ କେମିତି କାଟିବି ? ସଂସାର କେମିତି ଚଳିବ ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଈଶ୍ୱର କହିଲେ ଏବେ ତୁ ଏଠୁ ପଳାଇ ଯାଆ, ନହେଲେ ମୁଁ ତୋତେ ମଧ୍ୟ ଶୂନ୍ୟ କରିଦେବି ।"

କାଠୁରିଆ ଜଣକ ଜୀବନ ବଞ୍ଚାଇବାକୁ ଜଙ୍ଗଲରେ ଦୌଡ଼ିବାକୁ ଲାଗିଲା । କିଛି ଦୂରରେ ଯାଇ ଏକ ବାଘ ହାବୁଡ଼ରେ ପଡ଼ିଲା । ବାଘ କହିଲା, "ମୁଁ ତୋତେ ଛାଡ଼ିବି ନାହିଁ । ତୁ କାହିଁକି ଏ ଜଙ୍ଗଲକୁ କାଟି ସଫା କରୁଛୁ ? ଆମେ ରହିବୁ କେଉଁଠି ? ଖାଇବୁ କ'ଣ ? ତେଣୁ ମୁଁ ଆଜି ତୋତେ ଖାଇବି । ଏହା କହି ବାଘଟି ଜଙ୍ଗଲ ସାରା ଗୋଡେଇଲା କାଠୁରିଆକୁ । କାଠୁରିଆ ଜଣକ ଦୌଡୁଥାଏ, ତା' ପଛରେ ବାଘ ମଧ୍ୟ ଦୌଡୁଥାଏ । ଏମିତି ଦୌଡ଼ା ଦୌଡ଼ି ଚାଲିଥାଏ । ଧିରେ ଧିରେ ସେହି ଜଙ୍ଗଲରେ ଯେତେ ପଶୁପକ୍ଷୀ ରହୁଥିଲେ ହାତୀ, ଗଣ୍ଡା, ଗୟଳ, ଘୋଡ଼ା, ବିଲୁଆ, ଗଧ, କୁକୁର, ଶିଆଳ, ହରିଣ, ଲୋମଡି, ବାରାହା, ସିଂହ, ଭାଲୁ, ସାପ, ବେଙ୍ଗ, ମୂଷା, ଠେକୁଆ, କଙ୍ଗାରୁ, ଗାଇ, ମଇଁଷି, ସମସ୍ତେ କାଠୁରିଆ ଜଣକ ପଛରେ ଦୌଡୁ ଥାଆନ୍ତି । ବାଟରେ ଏମାନେ ଜଣେ ସାଧୁଙ୍କୁ ହାବୁଡ଼ିଲେ । କାଠୁରିଆଟି ସାଧୁଙ୍କ ପାଦତଳେ ପଡ଼ି କହିଲା, "ମୋତେ ରକ୍ଷାକର ବାବା ନହେଲେ ଏମାନେ ମୋତେ ମାରିଦେବେ ।"

ସାଧୁ ଜଣକ କହିଲେ, "ହଉ ଉଠ ଉଠ । ତୁମ ମାନଙ୍କର କ'ଣ ହୋଇଛି ମୋତେ କୁହ । ମାରିବା ପାଇଁ କାଠୁରିଆ ପଛରେ ଦୌଡୁଥିବା ସବୁ ପଶୁ ପକ୍ଷୀ କହିଲେ, "ଦେଖନ୍ତୁ ବାବା ଏ ଦୃଷ୍ଟ କାଠୁରିଆ ଜଣକ ଆମ ପ୍ରକୃତିକୁ ନଷ୍ଟ କରୁଛି । ଜଙ୍ଗଲ କାଟି ସଫା କରିଦେଉଛି । ଆମେ ମାନେ କେଉଁଠି ରହିବୁ ? କ'ଣ ଖାଇବୁ ? ତେଣୁ ଆମେ ମାନେ ମାରିବା ପାଇଁ ଏଟାକୁ ଗୋଡେଇଛୁ, ଆପଣ ଛାଡ଼ନ୍ତୁ ।"

ସବୁ ଶୁଣି ସାରିବା ପରେ ସନ୍ନ୍ୟାସୀ ସେହି କାଠୁରିଆକୁ ବୁଝେଇବାରୁ ସେ ତା' ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲ ବୁଝିପାରି କ୍ଷମା ମାଗିଲା । ସେ ଆଉ ଗଛ କାଟିବ ନାହିଁ ବୋଲି ପ୍ରତିଜ୍ଞା କଲା। ଶେଷରେ ସମସ୍ତ ପଶୁପକ୍ଷୀ ତାକୁ କ୍ଷମା କଲେ।

ପିଲାମାନେ ଏହି ଗପରୁ ଆମେମାନେ କଣ ଶିଖିଲେ ?

କ) ଗଛ କାଟିବା ନାହିଁ, ଈଶ୍ୱରଙ୍କୁ ଧ୍ୟାନ କରିବା।

ଖ) ଦୟାଳୁ ହେବା, ନିଜର ଭୁଲ ସ୍ୱୀକାର କରିବା ଓ ଅନ୍ୟକୁ କ୍ଷମା କରିବା ।

ଗ) ପଶୁ ପକ୍ଷୀ ମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର କରିବା ନାହିଁ।

ପିଲାମାନେ ଖୁସିରେ ହଁ କରିବାରୁ, ମୁଁ ବହୁତ ଖୁସି ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ବୋହୂ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ଗାଁ ଗହଳିରେ ଭୋଜିଭାତ ହେଲେ ସମସ୍ତେ ଏକାଠି ହୋଇ ଆନନ୍ଦ ନେଇଥାନ୍ତି । ଦାଣ୍ଡରେ ଭୋଜି ଆୟୋଜନ ହୁଏ, ଘର ଭିତରକୁ ସାହିଭାଇଙ୍କ ଅବାଧ ପ୍ରବେଶ ବି ରହେ । ଏହିଭଳି ଭୋଜିଭାତ ଆମ ଗାଁ ଗଣ୍ଡାକୁ ସାମାଜିକ ଦୃଷ୍ଟିରୁ କେତେ ସମୃଦ୍ଧ ତାହା ଦର୍ଶାଇ ଥାଏ । ଗତ କାଲି ଆମ ସାହିର ମହାନ୍ତିଘର ସାନ ପୁଅର ବାହାଘର ହୋଇଥିଲା । ଶୁଣାଯାଏ ସେ ଦୁଇଜଣ କାଳେ ସହରରେ ଏକାଠି ପାଠ ପଢୁଥିଲା ବେଳେ ବାହା ହେବେ ବୋଲି ନିଷ୍ପତ୍ତି ନେଇଥିଲେ । ଆଜିକାଲି ତ ଏ ସବୁ ହଉଛି । ପଡ଼ିଶାଘର ବାସନ୍ତୀ ସକାଳୁ ସକାଳୁ ଉଠି ଘର ସାମନାକୁ ସଫା କରୁଥିଲା । ଭୋଜି ପରେ ସାହିଟା ପୁରା ମଇଳା ହୋଇ ଯାଇଛି । ସବୁଆଡ଼େ ଖଲିପତ୍ର, ପାଣି ବୋତଲ ସବୁ ପଡ଼ି ଅସନା ଲାଗୁଥିଲା । ବାସନ୍ତୀକୁ ଏ ସବୁ ଭଲ ଲାଗେନି । ସେ ପାହାନ୍ତି ପହରରୁ ଉଠି ଘର ସାମନାକୁ ଓଳାଉଥିବା ବେଳେ ହଠାତ୍ ମହାନ୍ତିଘର କବାଟ ଖୋଲିଲା । ବାସନ୍ତୀ ଭାବିଲା ବୋଧହୁଏ ରିନା ହେଇଥିବ । ହେଲେ ଦେଖିବା ବେଳକୁ ନୂଆ ବୋହୂ ଭଳି ଲାଗିଲା ।

ଗତକାଲି ସେ ବାହାଘର ଭୋଜି ସମୟରେ ନୂଆ ବୋହୂକୁ ଦେଖିଥିଲା, କେଡେ ସୁନ୍ଦର ଦିଶୁଥିଲା । ଏବେ ଟିକେ ଅଲଗା ଲାଗୁଥିଲା । ହଁ, ଶୋଇଥିବ ତେଣୁ ଏମିତି ଦିଶୁଥିବ । ଆଜିକାଲି ତ ମୁହଁରେ କେତେକଣ ମାଖିଦେଇ ରୂପ ବଦଳେଇ ଦେଉଛନ୍ତି । ତେଣୁ ସେ ସେଆଡ଼କୁ ଧ୍ୟାନ ନ ଦେଇ ନିଜଘର ସାମନାକୁ ସଫା କରିବାକୁ ମନ ଦେଲା । ହେଲେ ନୂଆ ବୋହୂଟା ଏତେ ସକାଳୁ ସକାଳୁ ଘର ବାହାରକୁ କାହିଁକି ଆସିବ ? ତେଣେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରେ ଗହଳଚହଳ ଥିବ । ସବୁ ରାତିରେ ଡେରି ପର୍ଯ୍ୟନ୍ତ ଭୋଜିଭାତ ଖାଇଥିଲେ, ଶୋଇ ପଡ଼ିଥିବେ କି କଣ । ବାସନ୍ତୀ ଡାକ ପକେଇ କହିଲା, "ନୂଆ ବୋହୁ କି ମା' ?" ବାସନ୍ତୀର କଥା ଶୁଣି ବୋହୁପିଲାଟା ଘର ଭିତରକୁ ପଶିଗଲା । ବାସନ୍ତୀ ହସିଦେଇ କହିଲା, "ଓଃ କି ଲାଜ ଲୋ ମା' ?"

ସେ ଘର ସାମନାଟାକୁ ସଫା କରିଦେଇ ଗୋବର ପାଣି ପକେଇବା ପାଇଁ ବାଲତି ନେଇ ଆସିବା ବେଳକୁ ପୁଣିଥରେ ନୂଆ ବୋହୁକୁ ଦେଖିଲା । ତା ରୂପ ଦେଖି ସେ ଚମକି ପଡ଼ିଲା । ପେଣ୍ଟ ସାର୍ଟ ପିନ୍ଧି ସଫାସୁତରା ହୋଇ ଠିଆ ହୋଇଥିଲା । ଗାଁରେ ନୂଆ ବୋହୁଟେ ପେଣ୍ଟ ସାର୍ଟ ପିନ୍ଧିବା ଏତେ ସାମାନ୍ୟ ନୁହେଁ । ଆଜିକାଲି ପିଲାଙ୍କୁ କଣ କହିବ ଲୋ ମା । ବାସନ୍ତୀ ନିଜ ମୁହଁରେ କାନିଦେଇ ଦୁଆରରେ ଗୋବର ପାଣି ଛିଞ୍ଚୁଥିବା ବେଳେ ହଠାତ୍ କିଏ ଗୋଟେ ବଡ଼ କଳାରଙ୍ଗର ମୋଟର ସାଇକେଲରେ ଆସି ପହଞ୍ଚିଲା । ଆଉ ନୂଆ ବୋହୁଟା ଏପାଖ ସେପାଖ ଦେଖି ଦେଖି ଯାଇ ସେ ଗାଡ଼ିରେ ବସିପଡ଼ିଲା ଆଉ ସାଙ୍ଗେ ସାଙ୍ଗେ ସେ ଗାଡ଼ିଟା ଗାଁ ଦାଣ୍ଡରେ ଧୂଳି ଉଡ଼େଇ ଚାଲିଗଲା । ବାସନ୍ତୀ ଯାହା ଦେଖିବା ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ନୂଆ ବୋହୁଟା ସକାଳୁ ସକାଳୁ ଘରୁ ବାହାରି ଗଲା କେମିତି ? ଆଜି ତ ମାତ୍ର ତିନିଦିନ ହେଇଛି । ସାତମଙ୍ଗଳା ନ ସରିବା ପୂର୍ବରୁ ବୋହୁପିଲାଟା ଘରୁ ବାହାରିବା କଥା ନାହିଁ । ସେ ନିର୍ବାକ୍ ସେଇଠି ଠିଆ ହୋଇ ଭାବୁଥିଲା କଣ କରିବ । ଆଉ ସମ୍ଭାଳି ପାରିଲାନି । ବାଲତିକୁ ଦୁଆରେ ଥୋଇଦେଇ ସିଧା ଯାଇ ମହାନ୍ତି ଘର କବାଟ ବାଡ଼େଇଲା ।

କିଛି ସମୟ ପରେ ମହାନ୍ତିବାବୁ ଆଉ କିଛି ଲୋକ ବାହାରି ଆସିଲେ । ସକାଳ ହୋଇ ସାରିଥିଲା । ବାସନ୍ତୀକୁ ଦେଖି ମହାନ୍ତିବାବୁ ଘର ଭିତରକୁ ପଶିଗଲେ ଆଉ ରିନାକୁ ପଠାଇ ଦେଲେ । ବାକି ସବୁ ଯେଉଁମାନେ ଉଠି ପଡ଼ିଥିଲେ ସେମାନେ ମଧ୍ୟ ବାହାରେ ଠିଆ ହୋଇଥିଲେ । ବାସନ୍ତୀ ମୁହଁରେ କାନି ଦେଇ ରିନାକୁ ହାତ ଧରି ତା ଘର ଦୁଆର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଡ଼କୁ ଟାଣି ନେଇଗଲା । ରିନା କିଛି ବୁଝିପାରୁନଥିଲା । ବାସନ୍ତୀ କହିଲା, "ନୂଆ ବୋହୂ..." । ରିନା କିଛି ବୁଝି ପାରିଲାନି । ପଚାରିଲା, "କଣ ହେଲା କହୁନୁ ?"

ବାସନ୍ତୀ ନିଜ ଛେପ ଢୋକି କହିଲା, "ନାନୀ କହିଲେ, ଖରାପ ଭାବିବନି । ତମ ନୁଆବୋହୁ ଏବେ କାହା ସାଙ୍ଗରେ ଗାଡ଼ିରେ ବସି ପଳେଇଲା । ମୁଁ ଦୁଆରେ ଗୋବର ପାଣି ପକଉଥିଲି, ସେଆଡୁ ଗାଡ଼ି ଆସିଲା ଆଉ ନୁଆବୋହୁଟା ସେ ଗାଡ଼ିରେ ବସି ଚାଲିଗଲା ।" ରିନା କିଛି ବୁଝିପାରିଲାନି । ବାସନ୍ତୀର ହାତ ଛାଡ଼ିଦେଇ ସେ ନିଜ ଘରକୁ ଧପ ଧପ ପାଦ ପକେଇ ଚାଲିଗଲା । କିଛି ସମୟ ପରେ ମହାନ୍ତିଘର ଭିତରୁ ଜୋରରେ ଚିତ୍କାର ଶୁଣାଗଲା ।

ସକାଳ ହେବାପରେ ସୂର୍ଯ୍ୟ ମୁଣ୍ଡ ଉପରକୁ ନ ଆସୁଣୁ, ଗାଁ ସାରା କଥାରାଷ୍ଟ୍ର ହୋଇ ସାରିଥିଲା ଯେ ମହାନ୍ତିଘର ନୂଆ ବୋହୁ ଫେରାର । ସାନପୁଅକୁ ଠିଆ କରିଦେଇ ମହାନ୍ତିଏ ଗାଳି କରିବାକୁ ଲାଗିଥିଲେ । "ବାରମ୍ବାର ମନା କଲେ ବି ତୁ ପ୍ରେମ ଦେଖେଇ ହଉଥିଲୁ ପରା ? ଦେଖ, ସେ କଣ କଲା । ସେ ଝିଅକୁ ଦେଖିବା ଦିନପରେ ମୁଁ ମନା କରିଥିଲି । ହେଲେ ତୋ କଥାରେ କିଏ ବାହାରି ପାରିବ ।"

ବଡ଼ ବୋହୁ ମୁହଁରେ କାନିଦେଇ ରୋଷେଇ ଘର ସାମନାରେ ଠିଆ ହୋଇ ମନେ ମନେ ଖୁସି ହେଉଥିଲା । ଅନ୍ୟମାନେ ନିରବରେ ବସିଥିଲେ ସୁଦ୍ଧା ମନେ ମନେ ଗୁଣୁଗୁଣୁ ହେଲେଣି । ତେଣେ ରିନା କାନ୍ଦି କାନ୍ଦି ଅଚେତ ହୋଇ ଯାଉଛି । ଘରକୁ ଆସିଥିବା କୁଣିଆ ମଇତ୍ର ସବୁ ଭାବୁଥିଲେ ରହିବେ ନା ଯିବେ । ଯେଉଁମାନେ ଦୁଇ ତିନିଦିନ ଅଧିକ ରହି ଯିବାପାଇଁ ଭାବିଥିଲେ ସେମାନେ ବି ଏବେ ଯିବାକୁ ବାହାରିଲେ । ନିଜର ସମ୍ମାନ ଗଲା ବୋଲି କହି ମହାନ୍ତି ବାବୁମୁଣ୍ଡକୁ ଧରି ବସିପଡ଼ିଲେ । ଘର ବାହାରେ ଅନେକ ଲୋକ ଗହଳି ହୋଇଥିଲେ । କିଏ କହୁଥିଲା, ପୋଲିସକୁ ଖବର୍ ଦିଆଯିବ ନା ନାହିଁ? ଗାଁର ଗ୍ରାମରକ୍ଷୀ କାନରେ ଏହି ଖବର ପଡ଼ିବା ପରେ ସେ ବି ଆସିଥିଲା, ହେଲେ ମହାନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାବୁଙ୍କ ପ୍ରତିପତ୍ତି ସାମନାରେ ସେ ବି ନିରବ ହୋଇ ଠିଆ ହୋଇ ରହିଥିଲା ।

କିଛି ସମୟ ଗହଳଚହଳ ପରେ, ସେ ରାସ୍ତା ଦେଇ ଯାଉଥିବା କରଣ ଆଜ୍ଞା କହିଲେ, କିରେ ବିଲବାଡ଼ିକୁ ଯିବନି କି ? ଚାଲ, ଚାଲ । ଏଠି କାହିଁକି ଗହଳି କରିଛ ? ସମସ୍ତେ ଜଣେ ଜଣେ କରି ବାହାରି ଚାଲିଗଲେ । ସବୁ ଯିବାପରେ ଗାଁ ଗ୍ରାମରକ୍ଷୀମଧ୍ୟ ମୁଣ୍ଡକୁ ଆଉଁସି ଆଉଁସି ଚାଲିଗଲା । ଘର ଭିତରେ କିଛି କୁଣିଆ ମଇତ୍ର କହିଲେ, ଚାଲ ପୋଲିସରେ ଖବର ଦେବା । ହେଲେ ମହାନ୍ତିବାବୁଙ୍କୁ କେହି ସାହାସ କରି କହି ପାରିଲେ ନାହିଁ । ଦିନ ଆସି ନଅଟା ହେଲାଣି । ସବୁ ଜଳଖିଆ ଚା ପାଇଁ ଅପେକ୍ଷା କରିଥିଲେ । ମହାନ୍ତିବାବୁ ରିନାକୁ କହିଲେ, ଯାଅ ଖନ୍ଦାଶାଳକୁ । ସବୁ ଭୋକରେ ରହିବେ ନା କଣ ? ଚା ପାଣି ବ୍ୟବସ୍ଥା କର । ରିନା ତ ଗୋଟିଏ ସ୍ଥାନରୁ ଉଠିବା ଅବସ୍ଥାରେ ନଥିଲେ, ତେଣୁ ବୋହୁମାନେ ଆଗକୁ ଆସିଲେ ।

ସାଙ୍ଗେ ସାଙ୍ଗେ ଚା ପାଣି ବ୍ୟବସ୍ଥା ଆରମ୍ଭ ହେଲା । କାହାର ବି ମନରେ ଖୁସି ନାହିଁ । ଏମିତି ଘଟଣା ଘଟିବ ବୋଲି କିଏ ଜାଣିଥିଲା । ମହାନ୍ତିବାବୁ ଉଠି ଘର ବାଡ଼ିକୁ ଯାଇ କୁଅରୁ ପାଣି ବାହାର କରି ଗାଧୋଇବା ବ୍ୟବସ୍ଥା କରିଲେ । ଏହି ସମୟରେ ଘର ସାମନାରେ ଗାଡ଼ିଟିଏ ଆସି ଲାଗିଲା । ଗାଡିରୁ ଓହ୍ଲେଇ ନୂଆ ବୋହୁ ଘର ଭିତରକୁ ପଶିଗଲା । ନୁଆବୋହୁ ଫେରି ଆସିଛି ବୋଲି ଶୁଣି ଅଧା ଗାଧୁଆରେ ମହାନ୍ତିବାବୁ ଘର ଭିତରକୁ ପଶି ଆସିଲେ । ସାନ ପୁଅ ମଧ୍ୟ ନିର୍ବାକ୍ ମଝି ଅଗଣାରେ ଠିଆ ହୋଇଥିଲା । ସାନ ପୁଅ ପଚାରିଲା, "କୁଆଡ଼େ ଯାଇଥିଲ ?" ନୂଆ ବୋହୁ କିଛି କହିବା ପୂର୍ବରୁ ରିନା କାନିରେ ଲୁହ ପୋଛି ଦେଇ ନୂଆ ବୋହୁକୁ ଧରି ଘର ଭିତରକୁ ପଶିଗଲା । ହେଲେ ସାନ ପୁଅ ସ୍ୱର ଉଚ୍ଚ କରି କହିଲା, "ପଚାରୁଛି ପରା, କୁଆଡ଼େ ଯାଇଥିଲ ?"

ନୂଆ ବୋହୁ ସେଇଠି ଅଟକି ଯାଇ କହିଲା, "ମୋ ଫୋନର୍ ଚାର୍ଜରଟା ଛାଡ଼ିଦେଇ ଆସିଥିଲି । ତମ ଗାଁରେ ତ ମିଳିବନି, ତେଣୁ ମୋ ମାମୁଁଙ୍କ ପୁଅକୁ ଡାକିଥିଲି । ସେ ସକାଳୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳୁ ଆସିଥିଲା, ଭାବିଥିଲି ଅନ୍ଧାରରେ ଅନ୍ଧାରରେ ଯାଇ ନୂଆପଡ଼ା ବଜାରରୁ ଚାର୍ଜର ଟେ କିଣି ନେଇ ଆସିବି, ହେଲେ ସେତେବେଳକୁ ତା ଗାଡ଼ିର ଚକା ପଙ୍କଚର୍ ହୋଇଗଲା, ତେଣୁ ଡେରି ହେଇଗଲା ।" ରିନା କହିଲା, "ରହ ବା, ପିଲାଟା ରାତିରେ ଭଲରେ ଶୋଇନଥିବ । ପରେ ପଚରାଉଚରା କରିବୁ ।" କହି ସେ ଘର ଭିତରକୁ ଧରି ବୋହୁକୁ ନେଇ ଚାଲିଗଲା । ଅନ୍ୟବୋହୁମାନେ ପରସ୍ପରକୁ ଚାହାଁଚୁହାଁ କରି ହସୁଥିଲେ । କୁଣିଆମାନେ ଯିଏ ସବୁ ଫେରିଯିବାକୁ ବାହାରିଥିଲେ, ଏବେ ନିଜ ବ୍ୟାଗ ପଟା ରଖିଦେଇ ଜଳଖିଆ ପାଇଁ ଅପେକ୍ଷା କରିଥିଲେ । ମହାନ୍ତିବାବୁ ଅଧା ଗାଧୁଆ ସେମିତି ଅଗଣାରେ ଠିଆ ହୋଇ ଆକାଶକୁ ଚାହିଁ ପ୍ରଣିପାତ କରୁଥିଲେ । ଘରେ ପୁଣିଥରେ ଗହଳଚହଳ ଆରମ୍ଭ ହୋଇଗଲା ।

ଗାଁ ପିଲେ ହୁରିମାରି ଗାଁ ଦାଣ୍ଡରେ ଧାଇଁ ଧାଇଁ ଜଣେଇଦେଲେ ଯେ ମହାନ୍ତିଘର ବୋହୂ ଫେରିଆସିଛି । ପୁଣିଥରେ ମହାନ୍ତିଏଙ୍କ ଘର ସାମନାରେ ଗହଳଚହଳ ବଢ଼ିବାକୁ ଲାଗିଥିଲା । ଲୋକ ବୁଝିବାକୁ ଚେଷ୍ଟା କରୁଥିଲେ, ବୋହୁପିଲା ସକାଳୁ ସକାଳୁ କୁଆଡ଼େ ଯାଇଥିଲା ।

ସିନିୟର୍ ରେସିଡ଼େଣ୍ଟ, ନେଫ୍ରୋଲୋଜି ବିଭାଗ
ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲ - ୩, ବ୍ରହ୍ମପୁର, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିର କବିତ୍ୱ ଓ ପ୍ରେମର ଛାୟା

ମହେଶ ରଞ୍ଜନ ମହାପାତ୍ର



ମହେଶ ଯିଏକି ନିଜକୁ କବିତା ଓ ଗୀତରେ ସମ୍ପୂର୍ଣ୍ଣ ରୂପେ ହଜାଇ ଦେଇଥିଲେ ତାଙ୍କ ପାଇଁ ପ୍ରେମ କେବଳ ଏକ ମିଠା ଅନୁଭବ ନଥିଲା; ଏହା ଥିଲା ଏକ ଶାଶ୍ୱତ ଦୁଃଖ, ଯାହା ତାଙ୍କ ଆତ୍ମାକୁ ଖୋଳି ଖାଇଯାଉଥିଲା । ତାଙ୍କର ପ୍ରତ୍ୟେକ ସୃଷ୍ଟି ଥିଲା ଏକ ବିରହର ପ୍ରତିଫଳନ । ଲୋକେ ତାଙ୍କ ଗୀତରେ ଆନନ୍ଦ ପାଉଥିଲେ, କିନ୍ତୁ କେହି ଜାଣି ନଥିଲେ ଯେ ସେହି ମଧୁର ସ୍ୱର ପଛରେ ଏକ ଧ୍ୱସ୍ତପ୍ରାୟ ହୃଦୟ ଲୁଚି ରହିଛି ।

ତାଙ୍କ ଜୀବନର ସବୁଠୁ ସୁନ୍ଦର ସତ୍ୟ ଥିଲା ସୁଶ୍ରୀ । ସୁଶ୍ରୀ କୌଣସି ବିଳାସ କିମ୍ବା ଆଡ଼ମ୍ବରର ପ୍ରତୀକ ନଥିଲେ; ସେ ଥିଲେ ଏକ ସରଳ ଶାନ୍ତ ନଦୀ ପରି, ଯିଏ ମହେଶଙ୍କର ଉଷ୍ମତାକୁ ନୀରବରେ ବହନ କରି ନେଉଥିଲେ । ସେ ବୁଝିଥିଲେ ଯେ ମହେଶ ଜଣେ 'ଛାୟାର କବି'—ଯିଏକି ନିଜର ଦୁଃଖକୁ ହିଁ ନିଜର ପ୍ରେରଣା ମନେ କରୁଥିଲେ ।

ଦିନେ ନିରବତାରେ ମହେଶ ତାଙ୍କର ଏକ କବିତା ଆବୃତ୍ତି କରୁଥିଲେ:

"ଆଲୋକରେ ଥିଲା ଖୁସିର ସ୍ୱର, ମୁଁ ଖୋଜିଲି ନାହିଁ ।
ମୋ ଆତ୍ମା ବାନ୍ଧି ହୋଇଛି ତୁମ ପ୍ରେମର ଛାୟାରେ ସାଇ ।
ଛାୟା ହିଁ ମୋର ସାଥୀ ଏବେ, ଆଲୋକ ତ ନିଷ୍ଠୁର,
ଯିଏ ମୋ ଠାରୁ ତୁମକୁ ନେଇଗଲା ବହୁତ ଦୂର ।"

ସୁଶ୍ରୀ ତାଙ୍କ ପାଖକୁ ଆସିଲେ, ହାତରେ ହାତ ରଖି କହିଲେ, ମହେଶ, ମୁଁ ଜାଣେ ତୁମେ କେଉଁ ଛାୟା କଥା କହୁଛ । କିନ୍ତୁ ମନେରଖ, ମୁଁ ହେଉଛି ସେହି ଛାୟାରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରବ ଆଲୋକ, ଯିଏ ତୁମକୁ ଜାଳିବାକୁ ନୁହେଁ, ବରଂ ଶାନ୍ତି ଦେବାକୁ ଆସିଛି ।

ଦୁଃଖାନ୍ତ ସତ୍ୟର ଫର୍ଦ୍ଦ ଓ କବିର ନିଷ୍ପତ୍ତି:-

ମହେଶଙ୍କର ଦୁଃଖ ଥିଲା ତାଙ୍କର ଅବିସ୍ମରଣୀୟ ପ୍ରଥମ ପ୍ରେମିକା 'ଅଦିତି'ଙ୍କ ବିରହ । ଅଦିତି ଥିଲେ ତାଙ୍କ କବିତାର ପ୍ରଥମ ଅକ୍ଷର, ଯିଏକି ଏକ ଦୁଃସାଧ୍ୟ ରୋଗରେ ପୀଡ଼ିତ ହୋଇ ହଠାତ୍ ତାଙ୍କ ଜୀବନରୁ ଚାଲିଗଲେ, ଯେପରି ଏକ ସୁନ୍ଦର ସ୍ୱପ୍ନ ଭାଙ୍ଗିଯାଏ । ଅଦିତି ଚାଲିଯିବା ସମୟରେ ମହେଶଙ୍କୁ କହିଥିଲେ:

"ମହେଶ, ମୋତେ ଭୁଲିଯାଅ । ମୋ ମୃତ୍ୟୁ ତୁମର କବିତ୍ୱକୁ ନଷ୍ଟ କରିଦେବ । ତୁମେ ନୂଆ ଜୀବନ ଆରମ୍ଭ କର । ପ୍ରେମ ପାଇବାରେ ନାହିଁ, ବରଂ ପ୍ରେମର ସ୍ମୃତିକୁ ନେଇ କଳା ସୃଷ୍ଟି କରିବାରେ ଅଛି ।"

ମହେଶ ଏହି କଥାକୁ ଏକ ଅଭିଶାପ ପରି ମନେ କଲେ । ସେ ନିଜକୁ ସୁଶ୍ରୀଙ୍କ ପ୍ରତି ଉତ୍ସର୍ଗ କରିଥିଲେ, କିନ୍ତୁ ତାଙ୍କ କବି ଆତ୍ମା ସବୁବେଳେ ଅଦିତିଙ୍କ ଛାୟା ତଳେ ବନ୍ଦୀ ଥିଲା । ସେ ଜାଣିଥିଲେ ଯେ ସେ ସୁଶ୍ରୀଙ୍କୁ ସମ୍ପୂର୍ଣ୍ଣ ହୃଦୟ ଦେଇପାରୁ ନାହାଁନ୍ତି । ଏହା ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ଦୁଃଖ ଥିଲା ।

ଦିନେ ପୁଣି ଏକ କବିତା ସଭାରେ, ସମସ୍ତେ ମହେଶଙ୍କୁ ତାଙ୍କ ପ୍ରେମର ପ୍ରେରଣା ବିଷୟରେ ପଚାରିଲେ । ମହେଶ ସୁଶ୍ରୀଙ୍କୁ ଚାହିଁଲେ, ଯିଏ କି ଏକ ନିରବ ମୁହୂର୍ତ୍ତରେ ତାଙ୍କୁ ଉତ୍ସାହିତ କରୁଥିଲେ । ମହେଶଙ୍କ ଆଖିରେ ଲୁହ ଜମିଗଲା ।

ସେ ସମସ୍ତଙ୍କ ସାମନାରେ ସତ୍ୟ ସ୍ୱୀକାର କଲେ, କିନ୍ତୁ ଏକ ଭିନ୍ନ ଢଙ୍ଗରେ:

"ମୋର ପ୍ରେମ, ସୁଶ୍ରୀ, ହେଉଛି ଏହି ସତ୍ୟର ନାମ: ମୁଁ ଅଦିତିଙ୍କୁ ଭଲ ପାଉଥିଲି ଏବଂ ତାଙ୍କୁ ହରାଇଲି । ସେହି ବିରହର ଛାୟା ମୋର ସୃଷ୍ଟି । କିନ୍ତୁ ସୁଶ୍ରୀ... ସୁଶ୍ରୀ ହେଉଛନ୍ତି ସେହି ଆଲୋକ, ଯିଏ ଜାଣିଶୁଣି ସେହି ଛାୟାରେ ପାଦ ଦେଲେ । ସେ ଜାଣିଥିଲେ ଯେ ମୋର ପ୍ରେମ ଅଧା, ତଥାପି ସେ ମୋତେ ସମ୍ପୂର୍ଣ୍ଣ ରୂପେ ଭଲ ପାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଶ୍ରୀଙ୍କ ପ୍ରେମ ହେଉଛି ସର୍ବଶ୍ରେଷ୍ଠ ତ୍ୟାଗ ।"

ପ୍ରେମର ପୂର୍ଣ୍ଣ ସତ୍ୟ ଏବଂ ମହେଶଙ୍କ ଶେଷ ଗୀତ:-

ଏହି ସତ୍ୟ ସ୍ୱୀକାର କରିବା ପରେ ମହେଶଙ୍କ ମନ ହାଲୁକା ହେଲା ନାହିଁ, ବରଂ ତାଙ୍କ କବି ଆତ୍ମା ଆହୁରି ଦୁଃଖରେ ଭାଙ୍ଗିଗଲା । ସେ ଅନୁଭବ କଲେ ଯେ ସୁଶ୍ରୀଙ୍କ ନିଷ୍କପଟ ପ୍ରେମକୁ ଗ୍ରହଣ କରିବା ହେଉଛି ସେହି ଟ୍ରାଜେଡ଼ି, ଯାହା ଅଦିତିଙ୍କ ପ୍ରେମଠାରୁ ବି ଅଧିକ ଯନ୍ତ୍ରଣାଦାୟକ । କାରଣ ଏହା ଏକ ଏପରି ପ୍ରେମ, ଯାହା ନିଜର ପୂର୍ଣ୍ଣ ପ୍ରତିଦାନ ପାଉନାହିଁ ।

କବି ଭାବରେ ମହେଶ ନିଷ୍ପତ୍ତି ନେଲେ ଯେ ସେ ଏହି ପ୍ରେମକୁ ଏକ ଶାଶ୍ୱତ ଦୁଃଖରେ ପରିଣତ କରିବେ, ଯାହା ମଣିଷକୁ ପ୍ରକୃତ ପ୍ରେମର ଅର୍ଥ ବୁଝାଇବ । ସେ ଜୀବନ ଓ ପ୍ରେମର ସବୁଠୁ ବଡ଼ ସତ୍ୟ ଦେଖାଇବାକୁ ଚାହିଁଲେ: ସୁଶ୍ରୀଙ୍କର ତ୍ୟାଗ ହିଁ ସର୍ବଶ୍ରେଷ୍ଠ କଳା ।

ମହେଶ ଏକ ଗଭୀର ନିଷ୍ପତ୍ତି ନେଲେ । ସେ ସୁଶ୍ରୀଙ୍କୁ ନିଜ ଜୀବନରେ ଏକ ସ୍ଥାନ ଦେଲେ ସତ, କିନ୍ତୁ ସେ ଜାଣିଥିଲେ ଯେ ସେ ଅଦିତିଙ୍କ ସ୍ମୃତିରୁ କେବେ ମୁକ୍ତ ହୋଇପାରିବେ ନାହିଁ ।

ତାଙ୍କର ଶେଷ ରଚନା ଥିଲା ଏକ ଗୀତ, ଯାହା ସେ କେବଳ ସୁଶ୍ରୀଙ୍କ ପାଇଁ ଲେଖିଥିଲେ:

"ଏକ ପାଖରେ ଛାୟା ମୋର ପୁରୁଣା ପ୍ରୀତିର,
ଅନ୍ୟ ପାଖରେ ଆଲୋକ ତୁମର ନିରବ ବଳିଦାନର ।
ମୁଁ କବି, ମୋ ପାଇଁ ପ୍ରେମ କେବଳ ଦୁଃଖ,
ମୋ ଆତ୍ମା ପାଖେ ତୁମେ ଆଲୋକ, କିନ୍ତୁ ମୁଁ ସଦା ଛାୟା ମୁଖ ।
ତୁମକୁ ଦେଇପାରିଲି ନାହିଁ ପୂର୍ଣ୍ଣତା, ଏହା ହିଁ ମୋର ଦୁଃଖ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ପ୍ରେମ ଅଧା, ତୁମ ପ୍ରେମ ପୂର୍ଣ୍ଣ, ଏହି ସତ୍ୟ ହିଁ ଶାଶ୍ୱତ ବିଧି ।"

ଏହି ଗୀତଟି ଲେଖିବା ପରେ ମହେଶ ଦୁନିଆରୁ ବିଦାୟ ନେଲେ, କୌଣସି ଶାରୀରିକ ମୃତ୍ୟୁରେ ନୁହେଁ, ବରଂ କବି ଭାବରେ । ସେ ନିଜର ଦୁଃଖ ଓ ବିରହକୁ ହିଁ ନିଜର ଜୀବନର ସତ୍ୟ ବୋଲି ମାନି ନେଲେ । ତାଙ୍କର କବିତାଗୁଡ଼ିକ ଏକ ଅବିସ୍ମରଣୀୟ ଦୁଃଖାନ୍ତ ଗାଥା ଭାବରେ ରହିଗଲା ।

ସୁଶ୍ରୀର ନିରବ ଶାନ୍ତି:-

(ଦୁଃଖାନ୍ତ ପ୍ରେମରୁ ଜନ୍ମ ନେଇଥିବା ଶାଶ୍ୱତ ଆଲୋକ)

କବି ମହେଶ ତାଙ୍କର ଦୁଃଖାନ୍ତ ଗୀତକୁ ସୁଶ୍ରୀଙ୍କ ନିକଟରେ ଛାଡ଼ି ଯିବା ପରେ, ସୁଶ୍ରୀଙ୍କ ଜୀବନ ବାହାରକୁ ଶାନ୍ତ ଥିଲା, କିନ୍ତୁ ଭିତରୁ ସେ ଏକ ମହାସାଗରର ଗଭୀରତାକୁ ବହନ କରୁଥିଲେ । ସେ ଜାଣିଥିଲେ ଯେ ମହେଶଙ୍କର ଅଦୃଶ୍ୟ ହେବା କୌଣସି ପଳାୟନ ନଥିଲା, ବରଂ ତାଙ୍କ କଳା ଓ ଅଦିତିଙ୍କ ସ୍ମୃତି ପ୍ରତି ତାଙ୍କର ଶେଷ ତ୍ୟାଗ ଥିଲା ।

ସୁଶ୍ରୀ, ଯିଏକି ନିଜ ପ୍ରେମର ପୂର୍ଣ୍ଣ ପ୍ରତିଦାନ ପାଇନଥିଲେ, ତାଙ୍କ ପାଇଁ ଏହା ଥିଲା ଏକ ବିରାଟ ବଳିଦାନ । ସେ ଜାଣିଥିଲେ ଯେ ମହେଶଙ୍କ ଆତ୍ମା କେବେହେଲେ 'ଅଦିତି' ନାମକ ଛାୟାରୁ ମୁକ୍ତ ହୋଇପାରିବ ନାହିଁ । ତେଣୁ ସେ ନିଜକୁ ସେହି ଛାୟାରେ ଥିବା ଆଲୋକ ଭାବରେ ସ୍ୱୀକାର କରି ନେଇଥିଲେ, ଯିଏକି ଛାୟାକୁ ନଷ୍ଟ ନକରି କେବଳ ତାକୁ ଶାନ୍ତି ଦିଏ ।

ସୁଶ୍ରୀଙ୍କ ଭାବନା: ପ୍ରେମ କେବଳ ପାଇବାର ନାମ ନୁହେଁ । ପ୍ରେମ ହେଉଛି ଅନ୍ୟ ଜଣକର ଅପୂର୍ଣ୍ଣତାକୁ ନିଜର କରି ନେବାର ଶକ୍ତି । ମହେଶଙ୍କ ପ୍ରେମ 'ଅଦିତି'ଙ୍କର ଥିଲା, କିନ୍ତୁ ମୋର ପ୍ରେମ 'ମହେଶ'ଙ୍କର ଅପୂର୍ଣ୍ଣ ଆତ୍ମାକୁ ଶାନ୍ତି ଦେବା ପାଇଁ ଥିଲା ।

ସୁଶ୍ରୀ କବିଙ୍କର ଶେଷ ଗୀତ "ଦୁଇଟି ଆଲୋକର ମିଳନ"କୁ ଅତି ଯତ୍ନରେ ରଖିଲେ । ସେ ମହେଶଙ୍କର ସବୁ ସୃଷ୍ଟିକୁ ସଂରକ୍ଷିତ କରିବାକୁ ନିଷ୍ପତ୍ତି ନେଲେ । ସେ ଜାଣିଥିଲେ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହେଶଙ୍କ ଶାରୀରିକ ଉପସ୍ଥିତି ନଥିଲେ ମଧ୍ୟ, ତାଙ୍କର କଳା ଓ ଗୀତରେ ସେ ଜୀବିତ ରହିଛନ୍ତି ।

ସୁଶ୍ରୀ କୌଣସି ଲୋକଲୋଚନକୁ ଆସିଲେ ନାହିଁ । ସେ ନିରବରେ ଏକ ପାଠାଗାର ସ୍ଥାପନା କଲେ, ଯାହାର ନାମ ଦେଲେ "ଛାୟାର କବି" । ଏହି ସ୍ଥାନରେ କେବଳ ମହେଶଙ୍କର କବିତା, ଅଧା ଲେଖା ଗୀତ, ଏବଂ ତାଙ୍କର ପ୍ରେମିକା ଅଦିତିଙ୍କର ସ୍କେଚ୍ ଗୁଡ଼ିକ ସ୍ଥାନ ପାଇଥିଲା ।

ସେ ପ୍ରତ୍ୟେକ ସନ୍ଧ୍ୟାରେ ମହେଶଙ୍କ ଶେଷ ଗୀତକୁ ଗୁଣୁଗୁଣୁ କରି ଗାଉଥିଲେ । ସେ ଗାଉଥିଲେ ଏହି ସତ୍ୟକୁ ମାନି ନେଇ ଯେ ସେ ହେଉଛନ୍ତି ମହେଶଙ୍କ ଜୀବନର ସେହି ଦ୍ୱିତୀୟ ଆଲୋକ, ଯାହା ଶାନ୍ତି ଏବଂ ଗଭୀରତାର ପ୍ରତୀକ ।

ସୁଶ୍ରୀଙ୍କର ପ୍ରେମ ସରଳ ଥିଲା, କିନ୍ତୁ ତାହା ପୌଢ଼ ଥିଲା । ସେ କେବେହେଲେ ଅଦିତିଙ୍କ ପ୍ରତି ଈର୍ଷା କଲେ ନାହିଁ । ସେ ବୁଝିଥିଲେ ଯେ ମହେଶଙ୍କ ହୃଦୟରେ ଅଦିତି ଏକ 'ଦୁଃଖର ସ୍ମୃତି' ଭାବରେ ରହିବେ, ଆଉ ସେ ନିଜେ ଏକ 'ଜୀବନର ସତ୍ୟ' ଭାବରେ ରହିବେ ।

ସୁଶ୍ରୀ ନିଜେ କବିତା ଲେଖିଲେ ନାହିଁ, କିନ୍ତୁ ସେ ମହେଶଙ୍କ କବିତାର ପ୍ରକୃତ ଅର୍ଥ ବୁଝିଥିଲେ । ସେ ଦୁଃଖକୁ ଗ୍ରହଣ କରି ଶାନ୍ତ ଓ ସ୍ଥିର ଭାବରେ ଜୀବନ ଅତିବାହିତ କଲେ । ସେ ହସିଲେ, କିନ୍ତୁ ତାଙ୍କର ହସରେ ଏକ ନିରବ ଯନ୍ତ୍ରଣାର ଛାୟା ଥିଲା, ଯାହାକି ତାଙ୍କ ପ୍ରେମର ଗଭୀରତାକୁ ପ୍ରକାଶ କରୁଥିଲା ।

ତାଙ୍କର ପ୍ରେମର ଦୁଃଖ ଥିଲା ଏହି ସତ୍ୟରେ:

ମହେଶଙ୍କୁ ଜଣେ କବି ଭାବରେ ବଞ୍ଚାଇ ରଖିବା ପାଇଁ, ସୁଶ୍ରୀ ନିଜର ବ୍ୟକ୍ତିଗତ ପ୍ରେମର ଆନନ୍ଦକୁ ହରାଇଲେ ।

କିନ୍ତୁ ସୁଶ୍ରୀଙ୍କ ନିଜ ଭାଷାରେ: "ମହେଶଙ୍କ ଗୀତରେ ଯେଉଁ ସତ୍ୟ ବଞ୍ଚି ରହିଛି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାହା ମୋତେ ପାଇବା ଅପେକ୍ଷା ଅଧିକ ମୂଲ୍ୟବାନ ।"

ସୁଶ୍ରୀ ଶେଷ ପର୍ଯ୍ୟନ୍ତ ଏକା ରହିଲେ, ମହେଶଙ୍କ ସ୍ମୃତିକୁ ନେଇ । ସେ ସର୍ବଦା ମହେଶଙ୍କ ଜୀବନର ଛାୟାରେ ଏକ ଅକ୍ଷୟ୍ର ଆଲୋକ ଭାବରେ ଜଳିଲେ । ଏହା ଥିଲା ଏକ ନିରବ, ମହାନ୍ ଏବଂ ବାସ୍ତବ ପ୍ରେମର ଗାଥା, ଯେଉଁଠି ଦୁଃଖାନ୍ତ ପରିଣତି ମଧ୍ୟରେ ମଧ୍ୟ ପ୍ରେମ ଏକ ଶାନ୍ତ ଶିଖା ପରି ଜଳି ରହିଲା ।

ଶେଷ ବାର୍ତ୍ତା:-(ପ୍ରେମ ଓ ସତ୍ୟ)

ମହେଶ ଓ ସୁଶ୍ରୀଙ୍କ କାହାଣୀ ପ୍ରକୃତ ପ୍ରେମର ଦୁଇଟି ମୁଖ ଦର୍ଶାଇଲା:

୧. ମହେଶ (ଛାୟା): ଯିଏ ପ୍ରେମକୁ ଏକ ଦୁଃଖାନ୍ତ ତ୍ରାଜେଡ଼ି ଭାବରେ ଅନୁଭବ କଲେ ଏବଂ ନିଜ କଳା ମାଧ୍ୟମରେ ସତ୍ୟକୁ ପ୍ରକାଶ କଲେ।

୨. ସୁଶ୍ରୀ (ଆଲୋକ): ଯିଏ ପ୍ରେମକୁ ଏକ ନିରବ ବଳିଦାନ ଭାବରେ ଗ୍ରହଣ କଲେ ଏବଂ ଦୁଃଖାନ୍ତତା ମଧ୍ୟରେ ଶାନ୍ତିର ଆଲୋକ ଜଳାଇଲେ।

ସଂଗ୍ରାମପୁର,କାଂଶ, ନୀଳଗିରି, ବାଲେଶ୍ୱର

ମୋ:-୮୨୪୯୮୭୩୦୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସବୁଜ ପୃଥିବୀଟିଏ ପାଇଁ

ସଞ୍ଜୀବ କୁମାର ଦାସ



ପାହାଡିଆ ଗାଁଟିଏ । ଗାଆଁ ମଝିରେ ବସୁଛି ଆଜି ସଭାଟିଏ । ସବୁ ଗ୍ରାମ ବାସୀ ନେବେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ।

ସରକାର ଓ ବିଶ୍ୱବିଖ୍ୟାତ ଇସ୍ପାତ ଶିଳ୍ପରେ ବେଶ୍ ଖ୍ୟାତି ଅର୍ଜନ କରିଥିବା ଗୋଟିଏ ଦେଶୀ କମ୍ପାନୀ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ଏଇ ଗାଆଁ ପାଖ ବିସ୍ତୀର୍ଣ୍ଣ ଇଲାକାରେ ହେବ ବର୍ଷକୁ ଲକ୍ଷେ ଟନ ଉତ୍ପାଦନ ହେବା ଭଳି ବଡ଼ କାରଖାନାଟିଏ । ସ୍ଥାନୀୟ ପ୍ରଶାସନରୁ ଚିଠି ପାଇ ଗାଆଁ ମୁଖିଆ ଲୋକଙ୍କୁ ଏକାଠି କରାଇଛନ୍ତି । ତାଙ୍କ ରାୟ ନେବାପରେ ସରକାରଙ୍କୁ ଗ୍ରାମସଭାର ଚୁଡାନ୍ତ ନିଷ୍ପତ୍ତି ସେ ଜଣାଇ ଦେବେ । କୌଣସି କାରଖାନା ବସାଇବା ପୂର୍ବରୁ ଏ ପ୍ରକାର ବ୍ୟବସ୍ଥା ଏବେ ଅନିବାର୍ଯ୍ୟ ହୋଇ ପଡ଼ିଛି ।

ମୁଖିଆ ଆରମ୍ଭ କଲେ, ଆପଣମାନେ ଜାଣି ଖୁସି ହେବେ ଆମ ରାଜ୍ୟ ସରକାର ଏବର୍ଷ ଆମକୁ ପାର୍ବଣ ଉପହାରରେ ଆମ ଗାଆଁରେ କାରଖାନାଟିଏ ବସେଇବେ ବୋଲି ଠିକ୍ କରିଛନ୍ତି । ଏହି କାରଖାନାରୁ ବର୍ଷକୁ ଅତି କମରେ ଏକ ଲକ୍ଷ ଟନରୁ ଅଧିକ ଇସ୍ପାତ ଉତ୍ପାଦନ ହେବ । ଆମ ନିଜର ଚାହିଦା ମେଣ୍ଟାଇବାପରେ କିଛି ପରିମାଣରେ ଇସ୍ପାତ ବାହାର ଦେଶକୁ ପଠାଯିବ । ରାଜ୍ୟ ଓ ଦେଶର ଆୟ ବଢିବ । ଗାଆଁ ଠୁଁ ଆରମ୍ଭ କରି ସହର ସବୁଠି ଲୋକେ ସୁବିଧାରେ ଇସ୍ପାତରୁ ତିଆରି ଜିନିଷ କମ୍ ଦାମରେ ପାଇବେ । ଆମ ନିତିଦିନିଆ ଚଳଣିରେ ସୁଧାର ଆସିବ । ସମସ୍ତେ ଭିନ୍ନ ଭିନ୍ନ ସୁବିଧା ପାଇବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ଆମମାନଙ୍କୁ କିଛି ସହଯୋଗର ହାତ ବଢ଼ାଇବାକୁ ପଡ଼ିବ । କାରଖାନା ତିଆରି ପାଇଁ ସରକାରୀ ଜଙ୍ଗଲ ଜମି ଓ ଗୋଚର ଜମି ଅଭାବ ପଡୁଛି । ଆମମାନଙ୍କ ଭିତରୁ ଅଧିକାଂଶଙ୍କ ଜମିର ଆବଶ୍ୟକତା ଅଛି । ସରକାର ସେହି ଜମିର ଉଚିତ ମୂଲ୍ୟ ଦେବେ । ମୁଁ ଭାବୁଛି ଆମେ ସମସ୍ତେ ଏଥିରେ ରାଜି ।

ଆଜି ଆମ ପାଇଁ ଏହାଠୁ ବଳି ଆଉ ଖୁସି ଦିନ କଣ ହୋଇପାରେ ?

ମୁଖିଆଙ୍କ ଏକଥା ଶୁଣି ଅଧେରୁ ଅଧେ ଲୋକ ଚିହିଁକି ଉଠିଲେ । କହିଲେ, ମୁଖିଆ ଆଜ୍ଞା, ଏ କେମିତି କଥା ! ଆମେ ପୁରୁଷ ପୁରୁଷ ଧରି ଭୋଗ କରୁଥିବା ଅତି ମୂଲ୍ୟବାନ ଜମି ଆମର କେମିତି ସରକାର ହାତକୁ ଟେକି ଦେବା ତାଙ୍କ କଥା ଅନୁସାରେ ? ଆମେ ରହିବା କେଉଁଠି ?

ମୁଖିଆ କହିଲେ, ସରକାର ଆମ ଜମିର ମୂଲ୍ୟ ଦେବା ସହିତ ଆମକୁ ଠିକଣା ଜାଗାରେ ଜାଗା ଓ ଘର ମଧ୍ୟ ଦେବେ । ସବୁ ସମସ୍ୟାର ସମାଧାନ ଅବଶ୍ୟ କରିବେ ।

ଗାଆଁଲୋକେ ଏକମତ ହୋଇପାରିଲେ ନାହିଁ । କହିଲେ, ଆମକୁ କିଛି ସମୟ ଦିଅନ୍ତୁ । କଥାବାର୍ତ୍ତା କରି ସରକାରଙ୍କୁ ଆମ ନିଷ୍ପତ୍ତି ଜଣାଇବା ।

ଏପଟେ ମୁଖିଆଙ୍କଠାରୁ ଗ୍ରାମବାସୀଙ୍କ ଚୁଡାନ୍ତ ନିଷ୍ପତ୍ତି ପାଇବାରେ ବିଳମ୍ବ ହେବାରୁ ଜଣେ ବରିଷ୍ଠ ଅଧିକାରୀ ମୁଖିଆଙ୍କୁ ଜଲଦି ଅଫିସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କଲେ ।

ଗ୍ରାମବାସୀଙ୍କ କଥାକୁ ସମ୍ମାନ ଜଣେଇ ମୁଖିଆ ସମୟ ନେଲେ ।

ଏଣେ କାରଖାନା ପାଇଁ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିଙ୍କ ଚିନ୍ତା ବଢ଼ି ଯାଇଥାଏ । କମ୍ପାନୀର ମୁଖ୍ୟଙ୍କୁ କୌଣସି ନିଷ୍ପତ୍ତି ଶୁଣାଇବା ସମ୍ଭବ ହୋଇ ପାରୁ ନ ଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କର ।

ସବୁ କଥାକୁ ଧ୍ୟାନରେ ରଖି ମୁଖିଆ ଗ୍ରାମବାସୀଙ୍କୁ ଭେଟିଲେ ପୁଣି ଥରେ । ଏଥର କଥା ଉଠିଲା, ସରକାର ତ ଥଇଥାନ କରିବେ ଆମକୁ, ଆମ ଜମିର ଉଚିତ୍ ମୂଲ୍ୟ ଦେବେ, ପ୍ରତି ଘରୁ ଜଣକକୁ ଚାକିରିଟିଏ ମିଳିବ ଇତ୍ୟାଦି, ମାତ୍ର ଏତେ ସଂଖ୍ୟକ ଗଛ କଟା ହେଲେ ଜଳବାୟୁ ବିଗିଡି ଯିବ ନାହିଁକି ? କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ ଏବଂ ଆବର୍ଜନା ପରିବେଶକୁ ଦୂଷିତ କରି ଦେବ ନାହିଁକି ?

ଏଥକୁ ଉପାୟ କଣ, ଆଜ୍ଞା ! ଭଲ ପାଣି ପବନ ନ ପାଇଲେ ଆମ ଜୀବନ ଯାତ୍ରା ଓଲଟ ପାଲଟ ହୋଇ ଯିବା ସାର ହେବ ।

ମୁଖିଆଙ୍କ ମନକୁ ପ୍ରକୃତ ସମସ୍ୟା ଆନ୍ଦୋଳିତ କରି ପକେଇଲା । ଦ୍ୱନ୍ଦ୍ୱରେ ପଡ଼ି ଗଲେ ସେ । ଗୋଟିଏ ପଟେ ବିକାଶର ବଡ଼ ନୀଳ ନକ୍ସା ଏବଂ ଅନ୍ୟଠି ସୁସ୍ଥ ଜୀବନ ପାଇଁ ଆହ୍ୱାନ ।

ଦୁଇଟି ମଧ୍ୟରେ କିଛି ମଝି ରାସ୍ତା ବାହାର କରିବାକୁ ସେ ସଭିଙ୍କ ମତ ଲୋଡିଲେ । କୁହନ୍ତୁ ଆପଣମାନେ ଏଭଳି ଏକ ସମସ୍ୟାକୁ କେମିତି ସାମନା କରିବା, ମୁଖିଆ ପଚାରିଲେ ।

ଏକସ୍ୱରରେ ଏଥର ଗୋଟିଏ ମତ ଗ୍ରାମବାସୀଙ୍କ ନିକଟରୁ ଆସିଲା, ଆଜ୍ଞା ଜଳବାୟୁ ସନ୍ତୁଳନ ପାଇଁ ଯେଉଁ ପରିମାଣରେ ଜଙ୍ଗଲ କଟାଯିବ, ଠିକ୍ ସେତିକି ବୃକ୍ଷ ରୋପଣ ସାଙ୍ଗକୁ ବିସ୍ଥାପନ ପାଇଁ ତିଆରି ହେବାକୁ ଥିବା ଆମ ନୂଆ ଗାଆଁରେ ମଧ୍ୟ ପର୍ଯ୍ୟାପ୍ତ ଗଛ ଲାଗିବା ଦରକାର । କୌଣସି ପରିସ୍ଥିତିରେ ପରିବେଶ ବିପର୍ଯ୍ୟୟ ସହିତ ସାଲିସ କରାଯାଇ ପାରିବ ନାହିଁ । ଆମେ ଆଜି ଏହି ସର୍ବସମ୍ମତି ପ୍ରସ୍ତାବ ରଖିଛୁ ଆମ ଗ୍ରାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବୀଙ୍କ ମନ୍ଦିର ପାଖରେ ।

ତହିଁ ଆରଦିନ ସରକାରୀ ବାବୁମାନଙ୍କର ଦଳ ଗାଆଁରେ ପହଞ୍ଚିଲେ, ମୁଖିଆଙ୍କ ଅନୁରୋଧ କ୍ରମେ । ଗ୍ରାମବାସୀଙ୍କ ମତ ଶୁଣି ସମସ୍ତଙ୍କ ସହିତ ଭେଟିବାକୁ ଚାହିଁଲେ ଗୋଟି ଗୋଟି କରି । ସମସ୍ତେ ନିଜ ମତ ରଖିଲେ । ଦଳର ମୁଖିଆ ଗ୍ରାମବାସୀଙ୍କ ନିର୍ଣ୍ଣୟକୁ ସାବାସି ଦେଇ ଫେରିଗଲେ ସରକାରଙ୍କୁ କାରଖାନା ନିର୍ମାଣର ଚୁଡାନ୍ତ ନିଷ୍ପତ୍ତି ଅବଗତ କରାଇବା ପାଇଁ ।

ଗ୍ରାମସଭାର ସହମତିରେ କାରଖାନା ପ୍ରତିଷ୍ଠା ହେଲା ସମସ୍ତ ବିଷୟକୁ ଅନୁଧ୍ୟାନ କରି । ସବୁଜିମା ଭିତରେ କାରଖାନା ଇସ୍ପାତ ଉତ୍ପାଦନରେ ଏବେ ଅଗ୍ରଣୀ ଭୂମିକା ଗ୍ରହଣ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ସାଜିଛି ।

ଗ୍ରାମବାସୀଙ୍କ ସବୁଜ ପୃଥିବୀ ଅନ୍ୱେଷଣ ସାକାର ହୋଇଛି ଶତ ପ୍ରତିଶତ । ଏହା ଗ୍ରାମବାସୀଙ୍କୁ ଯେତେ ଆନନ୍ଦ ଦେଇଛି, ତତୋଧିକ ଉତ୍ସାହିତ ହୋଇଛନ୍ତି ଲୋକକଲ୍ୟାଣ ପାଇଁ ସମର୍ପିତ ସରକାର । ସର୍ବୋପରି ଗାଆଁ ଲୋକଙ୍କ ଆଭିମୁଖ୍ୟ ଖୁବ୍ ଚର୍ଚ୍ଚାରେ ।

ଗୀତା ଭବନ, ମର୍କତ ନଗର

କଟକ, ୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଦାଘର ଅଭିଶାପ

ଗଗନ ବିହାରୀ ନାୟକ

ବିବର୍ଣ୍ଣ ଦିଶୁଛି ପୃଥିବୀ । ବଦଳି ଯାଇଛି ତା' କାୟା । ଜଳୁଛି ଜଙ୍ଗଲଟା ସାରା, ନିଦାଘର କ୍ରୁର ଅଭିଶାପେ । ପୃଥିବୀରୁ ହଜି ଯାଇଛି ଶୀତଳ । ସବୁଜ ବଳୟ ନଷ୍ଟ । ଆଁ କରି ପାକୁଆ ପାଟିରେ ଚାହିଁ ରହିଛି ଫଟା ଭୁଇଁ, ଆଶା କରି ଆକାଶର ବର୍ଷା ବିନ୍ଦୁରୁ ଟୋପାଏ । ମେଣ୍ଟାଇ ବାକୁ ଅଦ୍ୟମ ପିପାସା । ଜରାଜୀର୍ଣ୍ଣ ଶିଥିଳ ଦେହଟା ଖୋଜୁଛି ସତେକି ମୃତ୍ୟୁ କାଳିନ ତମ୍ବା-ତୁଳସୀ । ବୃକ୍ଷ ଶାଖା ପତ୍ର ଝଡା ଦେଇ ମୁକୁଳା ଦେହକୁ ଦେଖେଇ ତା' ଛାତିରେ ଦଣ୍ଡାୟମାନ । ନାହିଁ ସେ ଜଙ୍ଗଲର ସବୁଜିମା ଆଉ । ନାହିଁ ସେ' ଫଗୁଣର ଆବେଗ, ଲେଖିବାକୁ ସବୁଜ ପତରେ ବସନ୍ତ ଚିଟାଉ ।

ପାଟ ପୁର ଗାଁ' । ସେଇ ଗାଁ'ର ଦୁଇଟି ମଣିଷ – ବରଜୁ ଓ ବାସନ୍ତୀ । ଏଇ ଗାଁ' ମାଟିକୁ ଆପଣାର କରି ପଡି ରହିଛନ୍ତି, କେଉଁ କାଳୁ । ଭିଟା ମାଟିର ମୋହ ଜାବୁଡି ଧରିଛି । ଏଇ ମା' ମାଟି ତାଙ୍କର ମାଟିର ବୈକୁଣ୍ଠ । ମମତା ଭରା ଆଶ୍ରୟର କୋଳ । କେତେକେ ପୂର୍ବ ପୁରୁଷ ଚାଲିଗଲେଣି ହେଲେ ତାଙ୍କର ବଂଶର ସ୍ୱାକ୍ଷର ବହନ କରି, ତାଙ୍କର ଉତ୍ତର ଦାୟାଦ ହୋଇ ରହିଛନ୍ତି- ବରଜୁ ଓ ବାସନ୍ତୀ । ଦାରିଦ୍ର, ଅଭାବ ଅନାଟନ, ଭିତରେ ଆଖି ଲୁହ ପିଇ ବଞ୍ଚିବାର ସ୍ୱାଦୁ ଚାଖିଛନ୍ତି ସେମାନେ । ବାଛି ନେଇଛନ୍ତି ପ୍ରକୃତି ସହିତ ସଂଘର୍ଷ କରି ବଞ୍ଚିବାର ମୂଳମନ୍ତ୍ର । କର୍ମ ଜୀବନର ଏକାନ୍ତ ମୂଳ ତତ୍ତ୍ୱକୁ ଶେଷ ସିଦ୍ଧାନ୍ତ ରୂପେ ପରୀକ୍ଷା କରିଛନ୍ତି, ଦୁହେଁ । ଏଇ ଜଙ୍ଗଲ ଘେରା ଗାଁ' ରୂପ ବଦଳାଏ – ବର୍ଷାରେ । ଢାଳି ଦିଏ ଅବିଶ୍ରାନ୍ତ ଜଳଧାରା । ଶ୍ରାବଣୀ ନାଚେ ଅଣାୟତେ ମୁକୁଳା ଜଙ୍ଗଲ ଛାତିରେ, ହଜାଇ ତା' ପାଦର ପାଉଁଜୀ । ବିରହର କ୍ଳାନ୍ତ ମନ ନେଇ ମେଘ ମହ୍ଲାର ସ୍ୱାଗତ କରୁ ଥାଏ ବାରମ୍ବାର ବିରହୀ ଶ୍ରାବଣୀ ଆଖିରୁ ପୋଛି ଦେବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିସାର ଅଶ୍ରୁ । କିନ୍ତୁ, ଶ୍ରାବଣୀର ବିରହ ଅଶ୍ରୁ ପୂର୍ଣ୍ଣ ଆଖିରୁ ଅବିରତ ଝରା ବର୍ଷା ବିନ୍ଦୁରେ ପ୍ଲାବିତ ହେଇ ଯାଇଥାଏ – ଜଙ୍ଗଲ ଓ ପାଟପୁର ଗାଁ ।

ଶୀତ ଆସେ, ମାଘ ମାସ କାକର ବିନ୍ଦୁରେ ସାରା ଜଙ୍ଗଲରେ ଲାଗିଯାଏ ମୁକ୍ତାର ଆସର । କାଶତଣ୍ଡି ଓ କିଆ ଫୁଲ ବାସ୍ନାରେ ସରସତା ଭରେ ଶରତ-ସକାଳ । ବସନ୍ତ ଭରିଦିଏ ମାଦକତା, ଚିର ଚଞ୍ଚଳ ହୋଇଉଠେ ଧରା । ପଲ୍ଲବିତ ତରୁ ଶାଖାରେ ନୀଳ ନୀଳିମାର ବର୍ଣ୍ଣାଳୀ । ସେଇ ନୀଳସ୍ୱପ୍ନକୁ ନେଇ କଳି ହୋଇଉଠେ ମାତୃଆଲା । ନୂଆ ଫୁଲରୁ ଶୋଷିଣିଏ ମହୁ, ବୁଣି ଦିଏ ପରାଗ ରେଣୁ ।

ହେଲେ, ନିଦାଘ ଏଠି ଠିଆ ହୁଏ ରୂକ୍ଷ ରୂପ ନେଇ ତା'ର । ଜାଳିଦିଏ ଦେଇ କୃର ଅଭିଶାପ । ବଦଳି ଯାଏ ପ୍ରକୃତି ନିୟମ । ବଦଳନ୍ତି ନାହିଁ-ବରଜୁ ଓ ବାସନ୍ତୀ । ଏବେ ଖରା ଦିନ ଆସିଛି । ପାଣି ପାଇଁ ଯିବାକୁ ପଡୁଛି ତିନି ମାଇଲି ଦୂର । ଜଳ କ୍ଲିଷ୍ଟରେ ପ୍ରପୀଡିତ ଗାଁ' ସାରା । ପ୍ରଖର ରୌଦ୍ର ତାପରେ ଜଳି ଯାଏ ତରୁ ତୃଣ । ଜଳ କ୍ଲିଷ୍ଟକୁ ଆଖି ଆଗରେ ରଖି ସରକାର ନଦୀ ବନ୍ଧ ଯୋଜନାରେ ଆଡୀ-ବନ୍ଧ କରି ପାହଡର ପାଣି ଅଟକେଇ ବର୍ଷ ସାରା ଫସଲ ଓ ପାହାଡୀ ଅଞ୍ଚଳର ଦୁର୍ଦ୍ଧଶାକୁ ଲାଘବ କରିବାର ପ୍ରୟାସ ରଖି ଆରମ୍ଭ କରି ଥିଲେ । କାମ ପୁରା ହେବା ଆଗରୁ ଅଂଶୁଘାତରେ ଟଳି ପଡିଲେ ଦୁଇ ଦୁଇଜଣ ଶ୍ରମିକ । ସେଇ ଶ୍ରମିକ ଭିତରୁ ବାଉରୀବନ୍ଧୁ ଜଣେ । ଯାହାର ଦୁନିଆଁରେ କେହି ନ ଥିଲେ ଆଉ ଥିଲା ଯିଏ ସିଏ ସାତପର ହେଇଗଲା । ବିଚରା ବାଉରୀ ସତୁରୀ ବର୍ଷ ବୟସରେ ବି ଯୁବକମାନଙ୍କୁ ପଛରେ ପକେଇ ଖଟିବାରେ ଆଗ । କେଉଁ କାମରେ ହାରେନା ସେ । ଅନେକ ଶ୍ରମିକ ମାନଙ୍କୁ ସେ ମନ ଦେଇ ଭଲ ପାଏ, ହସିବା ଛଳରେ କହେ, ଆମେ ସବୁ ପାପୀ ବୋଲି ପାଠ ଶାଠ ନ ପଢି ଏମିତି ଯମ ଯନ୍ତ୍ରଣା ଭୋଗୁଚେ । ଦେଖୁ ନାହଁ ସେ' ଅବଧାନ ଘର ପୁଅ ବୋହୂଙ୍କୁ, ଆସୁଛନ୍ତି ଯେତେବେଳେ ଆଖିରେ ଚଷମା ଉଚ୍ଚ ଗୋଇଠିଆ ଚପଲ ଆଉ ଗଞ୍ଜି-ଜିନ ପେଣ୍ଟ ପିନ୍ଧା ସିନେମା ଷ୍ଟାଇଲି । କିଛି ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା, ଖାଇବାକୁ ପାଉନ ଥିଲେ ଏବେ ଦେଖ – । ଦେଖିକି ଶିଖ, ସେଇମାନେ ଆଜିର ଯୁଗରେ ଅସଲି ଭଗବାନ । ଯେଉଁମାନେ ଆକାଶରେ ଉଡନ୍ତି, ସାଗରେ ବୁଡନ୍ତି ଆଉ ଯୁଆଡେ ଚାହିଲେ ଗାଡିରେ ଗଲେ । ଆମେ ତାଙ୍କ ହାତକୁ ଅନେଇଁ ରହିଛେ, ସିଏ ଲକ୍ଷ୍ମୀ ଭଳି ଯାହା ଦେଲେ ଖାଇବା । ଆମେ ତୁଚ୍ଛାରେ ଲକ୍ଷ୍ମୀ ପୂଜିଲେ କ'ଣ ହେବ । ପାଠରେ ଅସଲି ଲକ୍ଷ୍ମୀ ଅଛନ୍ତି ବୋଲି ବଡ ଯୁକ୍ତି କରେ ବାଉରୀ ବନ୍ଧୁ । ସେମାନେ ଆଜି ପାଠ ନ ପଢି ଖରାରେ ଦହଗଞ୍ଜ ହେବ କଥା କହେ । ସେତେବେଳେ ଏତେ ଖରା ନଥିଲା, ଆଜି ଏତେ ଖରା ହେବାର କାରଣ ଆମ ସଂସ୍କୃତିରେ ଥିବା ଅନ୍ଧ ପୂଜା-ପଦ୍ଧତିକୁ ସେ ଦାୟୀ କରେ । ଦାୟୀ ଶିଳ୍ପପତି ଓ ଉଦ୍ୟୋଗପତି, ଯେଉଁମାନେ ପବନରେ ଭରି ଦେଉଛନ୍ତି ଜୀବନ ନେବା ବିଷ ଧୂଆଁ, ନିଜେ ବଡ ହେବା ଆଶାରେ ସମଗ୍ର ଜୀବଜଗତର ଅନିଷ୍ଟ କରି ବସନ୍ତି । ଏପରିକି କିଛି ଅପସଂସ୍କୃତିକୁ ଏ ଅନ୍ଧ ମଣିଷ ଆପଣେଇ କିମିତି ଦେଶ ଧ୍ୱଂସାଭିମୁଖୀ ହେବାକୁ ଯାଉଛି, ତାହାର ଉଦାହରଣ ଦେଇ ସେ' ଅନେକ ବୁଝାଏ । କିଏ ଜାଣେ, ସେଇ ଲୋକଟି ଉପରେ ପ୍ରକୃତି ଦାଉ ସାଧିବ । ଅନ୍ୟକୁ ଠିକ୍ ରାସ୍ତା ଦେଖାଉଥିବା ବାଉରୀ ବନ୍ଧୁ ଜୀବନାକାଶରେ ଦିନେ ଘୋଟି ଆସିଲା ଅଦିନିଆଁ କଳା ମେଘ । ସେ' ଅଂଶୁଘାତରେ ଟଳି ପଡିଲା । ସେଇ ଦିନ ବାଉରୀବନ୍ଧୁକୁ ଦୁନିଆଁ ଜାଣିଲା । ବରଜୁ କହି ଚାଲିଥିଲା ବାସନ୍ତିକୁ ବାଉରୀ ବନ୍ଧୁ କଥା ।

ବାଉରୀବନ୍ଧୁ ଯେତେବେଳେ ଜୁଆନ ଭେଣ୍ଡିଆ, ସେତେବେଳେ ମା' ବାପର ଗୋଟିଏ ପୁଅକୁ ଶୀଘ୍ର ବାହା କରି ଦେଇଥିଲେ । ବୋହୁଟି ଥିଲା ଅପରୂପା ଅପସରୀ ଟିଏ । ନା' ଥିଲା ମାଳତୀ । ମାଳତୀର ଭୁରୁ ଭୁରୁ ବାସ୍ନାରେ ବାଉରୀ ବନ୍ଧୁର ହୃଦୟ ଅଗଣା ଭରି ଯାଇଥିଲା । ସେ ଖୁବ୍ ଭଲ ପାଉଥିଲା ମାଳତୀକୁ । ଆଉ ମାଳତୀ ବାଉରୀବନ୍ଧୁର କଳା ମଚମଚ ଦେହକୁ ପ୍ରଶଂସା କରି, ଯୋଡି ଦିଏ କାଳିଆ ଠାକୁର ସହିତ । କହେ ସେ' ତା'ର କୁଆଡେ କଳା ଠାକୁର ପରମେଶ୍ୱର ଇହ ପରକାଳର ଦେବତା । ଦିନେ ବିଚ୍ଛେଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହିପାରେନା ସେ । ହେଲେ ଧର୍ମର ଧ୍ୱଜାଧାରୀ ଜଣେ ସାଧୁ ଆସି ପହଞ୍ଚିଲେ ତା' ଘରେ । ସାଧୁଙ୍କୁ ସତ୍କାର କରି ନିଜକୁ ଅନ୍ଧ ଆଧ୍ୟାତ୍ମିକ-ପ୍ରେମରେ ହଜେଇ ଦେଲା ମାଳତୀ । କାରଣ ବିବାହ ଚାରି ବର୍ଷ ପରେ ତା' କୋଳରେ କଅଁଳ ଛୁଆଟିଏ ନ ଥିଲା । ଯେଉଁଠି ଛୁଆଟିଏ ପାଇଁ ଈଶ୍ୱର ବିଶ୍ୱାସର ଡୋର ଓ ଆସ୍ଥା, ସେ ବିଶ୍ୱାସକୁ ମାଳତୀ କିମିତି ହାତ ଛଡା କରିଥା'ନ୍ତା । ତେଣୁ ସେ ସାଧୁଙ୍କ ସାନିଧ୍ୟତା ପାଇବା ଆଶାରେ ଦିନ ରାତି ସାଧୁ ସତ୍କାର କରିବାରେ ଲାଗିଲେ । ଏମିତିକି ଦିନେ ଏକାନ୍ତରେ ଛୁଆ ହେବା ଆଶା ଦେଇ ସାଧୁ ମାଳତୀକୁ ବଳତ୍କାର କଲେ । ଏକଥା କାହାକୁ କହିଲେ- ଈଶ୍ୱର ଦ୍ରୋହୀ ହେବାର ଭୟଭୀତ କରେଇଲେ । ଏ କଥା ସର୍ବ ସାଧାରଣରେ ଧରା ପଡିଯିବ ବୋଲି ଅପରୂପା ମାଳତୀକୁ ହରଣଚାଳ କରି ନେଇଗଲେ । ଧର୍ମ ଆଳରେ ଏମିତି ଘୃଣ୍ୟକାମକୁ ସେ' ସହ୍ୟ କରି ପାରି ନଥିଲା ଆଉ ସାରା ଜୀବନ ମାଳତୀକୁ ହରେଇ କୁଆଁରା ହେଇ ରହିଗଲା । ମନକୁ ବେଳେ ବେଳେ ବୁଝାଏ ଓ ମନକୁ ଶାନ୍ତ୍ୱନା ଦେଇ ଅମାନିଆଁ ଦୁଃଖକୁ ହୃଦୟର ଅଣାୟତ କୋଠରୀରେ ବନ୍ଦ କରି କୃତତିମ ହସ ଧାରେ ଗାଇ ଉଠେ – "ଯାହାକୁ ତୁ ବାହା ହେଲୁ ଶାଢୀ ଶଙ୍ଖା ଦେଇରେ.... ସେଇ ତୋତେ ଖାଉଥିବ ଯୋଗ୍ନୀ ରୂପ ହୋଇରେ ...."। କେହି ବୁଝି ପାରନ୍ତିନି । ମରମ କଥାକୁ ମରମେ ଅନୁଭବ କରେ ବାଉରୀ । ହତୋତ୍ସାହର ଦୀର୍ଘ ନିଶ୍ୱାସ ବାହାରି ଆସେ । ମନକୁ ପ୍ରୋବୋଧନା ଦେବାକୁ ଯାଇ ଏକାନ୍ତରେ ଗଛ ମୂଳେ ବସି ଲୁହ ଗଡାଏ । ଈଶ୍ୱରବାଦ ଉପରେ ଆସ୍ଥା ହରା ହୁଏ । ନାସ୍ତିକ ହୋଇ କହି ଉଠେ – ବାବାଜୀର ମୁଣ୍ଡଟାକୁ କାଟି ଫୁଟବଲ କରି ଖେଳିବାକୁ ବାଉରୀବନ୍ଧୁ । ହେଲେ ଧର୍ମ ଦ୍ରୋହ ଅପରାଧୀ ହେବାକୁ ଇଚ୍ଛା କରେନି । ସେ କହେ, "ହଁ, ମୋ ଥାଳିରେ ଯଦି ଖାଇବାକୁ ବାବାଜୀର ଇଚ୍ଛା ଥିଲା । ହେଲେ ହେଲା – । ଯାହାକୁ ଯେମିତି ବାସିଲା...."ଢଗଟିକୁ ମାରି ଚୁପ୍ ରହିଯାଏ, ତା' ମନ ତୁଟି ଯାଏ ଅନ୍ଧ-ଆଧ୍ୟାତ୍ମିକ ବାଦ ଉପରୁ, ସେ' ନିଜ ଅଶାନ୍ତି ମନକୁ ସାନ୍ତ୍ୱନା ଦେବାକୁ ଯାଇ ଭାବେ, ଚାଟଶାଳୀ ଘରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବଧାନେ ପ୍ରାର୍ଥନାରେ ଶିଖଉଥିଲେ- "ମୋତେ ଏତିକି ଶିଖାଅ ସାଇଁ ହେ ! ମୋର ଧନ ଜନ ଲୋଡା ନାହିଁ ହେ !" କ'ଣ ଆଣିଥିଲି ଯେ ଦୁଃଖ କରିବି । ସବୁ ଅଳୀକ । ଉଠି ଚାଲି ଯାଏ ବହୁତ ଦୂରକୁ ସେ । ନିରୋଳାରେ ବସି ସମୀକ୍ଷା କରେ, ସତରେ ଧର୍ମର ଧ୍ୱଜାଧାରୀ ମାନଙ୍କର କେଡେ ସ୍ୱେଚ୍ଛାଚାର ଓ ସ୍ୱାର୍ଥପର ନୀତି । ଆମର ଧନଜନ ଲୋଡା ନାହିଁ ଶିଖେଇ ଅନ୍ୟର ସ୍ତ୍ରୀକୁ ଅପହରଣର ନାଟକ ରଚନା କରନ୍ତି, ଅବାସ୍ତବକୁ ବାସ୍ତବତାର ବିଶ୍ୱାସ ଦେଇ ନିରୀହ ମାନଙ୍କୁ ଠକି ଚାଲିଛନ୍ତି । ସଂସାରର ବାଉରୀ ଭଳି ନିରୀହ ଲୋକଟିକୁ କେମିତି ଭଣ୍ଡନ୍ତି । ସଂସ୍କୃତିର ବାର୍ତ୍ତାବହ, ସଂସ୍କାରର ପିତାମହ ଏଇ ସାଧୁ ସନ୍ୟାସୀ ମାନଙ୍କର ହୃଦୟରେ ଏତେ ଘୃଣ୍ୟ ଚିନ୍ତାଧାରା । ଯାହାଙ୍କ ଦଲାଲୀରେ ଠକନ୍ତି ଏଇ ବାଉରୀବନ୍ଧୁ ଭଳି ନିରୀହ ଓ ଅନ୍ଧ-ଧର୍ମ-ବିଶ୍ୱାସୀ ଲୋକେ । ଜାଳନ୍ତି ଏମାନେ ଠିକ୍ ନିଦାଘର ଖରା ଭଳି, ଧର୍ମ ସଂସ୍କୃତିରେ ଥିବା ଅନ୍ଧ-ବିଶ୍ୱାସର ଦାବାନଳେ । ଠିକ୍ ସେମିତି ଜଳି ଯାଇଛି ବାଉରୀବନ୍ଧୁର ଜୀବନ, ଆଉ ଆଜି ସେଇ ବାଉରୀ ବନ୍ଧୁର ମୃତ୍ୟୁ ଦେହ ପଡି ରହିଛି । ତା'ର ଆତ୍ମୀୟ ସ୍ୱଜନ ମାନଙ୍କୁ ଖୋଜା ଚାଲିଛି । ଜୀବନର ସମସ୍ତ ଉଦ୍ୟମକୁ ତ୍ୟାଗ କରି ସଂସାରର ମଙ୍ଗଳ କରି ଆସୁଥିବା ବାଉରୀକୁ କୋଳାଗ୍ରତ କରି ନେଇଛି ମା' ମାଟି । ସେଇ ହିଁ ଆଦରି ଥିଲା ପ୍ରଥମ ସକାଳେ ଏନ୍ତୁଡିଶାଳର ନିଆଁ ଜଳିବା ଆଗରୁ ଆଉ ଆଜି ତା'ର ଶେଷ ଯାତ୍ରାରେ ସେ କେମିତି ଆଖି ବନ୍ଦ କରି ଦେବ । ଶବ ପାଖରେ ମୃତ୍ୟୁ କାଳିନ ଟଙ୍କା ନେବାକୁ ଆସିଛି ତା' ସ୍ତ୍ରୀ ମାଳତୀ । ସମସ୍ତେ ଦେଖି ନାକ ଟେକିଲେ ହେଲେ କହିବାକୁ କିଏ ଅଛି । ବଞ୍ଚିବା ଅବସ୍ଥାରେ ବାଉରୀ ହାତ ଛାଡି ଚାଲି ଯାଇଥିବା ମାଳତୀ ଅନେକ ଦୁଃଖ କରିଥିଲା ସେଦିନ । ଯାହା ଥିଲା ଲୋକ ଦେଖାଣିଆ । ସମସ୍ତ ଟଙ୍କା ପାଇବା ପରେ ସେ ପୁନଶ୍ଚ ଚାଲି ଯାଇଥିଲା ଆଶ୍ରମ । ଯେଉଁଠି ବା'ବା' ଥିଲେ ତା' ପ୍ରେମ-ପ୍ରଣୟ ପ୍ରାର୍ଥୀ । କାମନାର ନିଆଁରେ ଜଳୁଥିବା ବାବାଜୀକୁ ଅଣାୟତ ଶ୍ରାବଣୀ ହୋଇ ମାଳତୀ ଦେଉଥିଲା ପ୍ରେମ ବାରୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଦୀ ବନ୍ଧ ଯୋଜନାରେ ଖୋଲା ଯାଇଥିବା ଟାପୁରେ ଆଉ ଜଳ ନାହିଁ । ଜଳ ଟୋପେ ପାଇଁ ବାସନ୍ତି ଯାଏ ତିନି ମାଇଲି ଦୂର, ଫେରେ ସୁରୁଜ ମୁଣ୍ଡ ଉପରକୁ ହେଲେ । ଚିରସ୍ରୋତା ଗଙ୍ଗା ଯେଉଁଠି ପ୍ରବାହିତା ସେଠାରେ ଜଳ ସମସ୍ୟା । ତେବେ ପୁଣ୍ୟର ଜଳ କାହା ପାଇଁ, କାହାପାଇଁ ଦାନ କରନ୍ତି ସେ ଏତେ ପୂଣ୍ୟ । କେବଳ ପାପୀ ପାଇଁ, ତେବେ କ'ଣ ପାପଭରା ଭାରତ । ଯେଉଁଠି ଜୀବନ ଧାରଣ ପାଇଁ ଯୁଝିବାକୁ ପଡେ ତପ୍ତ ଝାଞ୍ଜି ଖରା ସହିତ । କିନ୍ତୁ ଈଶ୍ୱର ଜଳ ସଂରକ୍ଷଣ କରି ଦେଇଥାନ୍ତି ପଇଡ ପାଣି, ଡିମିରୀ ରସ ଓ ଖଜୁରୀ ରସରେ ... ଯାହା ମୃଦୁ ପାନୀୟ । ସେଇ ରସ ସେବନ କରି ବଞ୍ଚିବାକୁ ହୁଏ ।

ବାସନ୍ତି ପାଣି ପାଇଁ ଯିବାକୁ ଆଜି ଆଉ ଇଚ୍ଛା ହେଉନି, ବରଜୁ ତା' ଅସହାୟତାକୁ ଦେଖି ଖୁବ୍ ସହଯୋଗ କରେ । ବାସନ୍ତିର ଟିକେ ସାହସ ଭରା କଥା ଶୁଣିଲେ ବରଜୁ ଲଙ୍କା ଜୟ କରି ବସିଲା ପରି ହୁଏ । ବାସନ୍ତୀ ତା' ପ୍ରେରଣାର ଉତ୍ସ । ବାସନ୍ତିର ଟିକେ ସ୍ମିତ ହସରେ ବରଜୁ ପ୍ରାଣରେ ଖେଳି ଯାଏ ଶତ-ବସନ୍ତର ଶିହରଣ । ତା ପାଇଁ ସେ ପାହାଡ ଲଘିଂବାକୁ କିଞ୍ଚିତ୍ ମନେ କରେ । ତେଣୁ ବାସନ୍ତି କଥା ରେ ବରଜୁ ଯାଇଛି ତିନି ମାଇଲୀ ଦୂରରେ ଥିବା ଜଳ ଟାପୁରୁ ଜଳ ଆଣିବାକୁ । ବାହାଙ୍ଗୀରେ ଚାରିଟା ମାଠିଆକୁ ଏକାଠି କରି ବାନ୍ଧିଛି ।

ନଦୀ ବନ୍ଧ ଯୋଜନା ପାଇଁ କାମ କରୁଥିବା ଠିକାଦାର ଆସିଛି । ଅସରାଏ ବର୍ଷା ପରେ କାମ ଶେଷ କରିବାକୁ କୁଆଡେ ଉପର ମହଲରେ କଡା ନିର୍ଦ୍ଦେଶକୁ ସେ ଆଖି ଆଗରେ ରଖି ଧାଇଁ ଆସିଛି ପାଟପୁର ଗାଁ । ମୁଲିଆ ଶ୍ରମିକ ମାନକୁ ଏକତ୍ରିତ କରି ଆରମ୍ଭ କରିବ ନଦୀ ବନ୍ଧ କାମ । ସେ ଆସି ବସିଛି ବାସନ୍ତି ର ବାରଣ୍ଡାରେ, ହାତରେ ଧରିଛି ଦୁଇଟି ପାଣି ବୋତଲ ଓ ଗୋଟିଏ ବଡ ନାଲି ପାଣି ବୋତଲ । ଆଖିରୁ ଖସି ପଡୁଛି ରକ୍ତ । ଆଗରେ ଆସି ଠିଆ ହୋଇଗଲା ବାସନ୍ତି । ବାସନ୍ତି ଦେଖୁଛି ଠିକାଦାରକୁ ଓ ଠିକାଦାର ଦେଖୁଛି ବାସନ୍ତିର ଅର୍ଦ୍ଧ-ଆଚ୍ଛାଦିତ ଶରୀର ଭିତରେ ଲୁଚି ରହିଥିବା ଶତ ଦଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୂପ ରାଇଜର ଅସରା କାହାଣୀ । ବାସନ୍ତିର ରୂପଶ୍ରୀ ଭିତରେ ସାଇତା ସମ୍ପଦକୁ କରାୟତ କରିବାର ଥିଲା ପ୍ରବଳ ଅଭିପ୍ସା । ଲହଡା ଭାଙ୍ଗୁଥିବା ମନକୁ ସେ' ଆୟତ କରି ପାରୁନ ଥିଲା । ଅଣାୟତ ହୋଇ ପଡିଥିବା ବାସନ୍ତିର ଉଲୁରା କେଶ ଗୁଚ୍ଛ ଫିଟି ପଡିଥିଲା । ପାପ ଦୃଷ୍ଟିରେ ଦେଖୁ ଥିଲା ଠିକାଦାର । ଏକଥା ବୁଝି ପାରି ନଥିଲା ନିଷ୍କପଟ ସାରଳା ବାସନ୍ତୀ । ମନ ତା'ର ଦି' ପଇସାର ରୋଜଗାର ଆଶା ନେଇ ଅପେକ୍ଷା କରିଥିଲା ଠିକାଦାର ପାଖରେ ।

-ତୁ' ବନ୍ଧ କାମ କରୁଥିଲୁ ନା ?- ଠିକାଦାର ବାସନ୍ତିକୁ ପଚାରିଲା ।

-ମୁଣ୍ଡ ହଲେଇ, ହଁ କଲା ବାସନ୍ତି । ତୋ' ସ୍ୱାମୀ ବରଜୁ ନାହିଁ " ? ଠିକାଦାରର ଏ କଥାରେ ଆତ୍ମୀୟତା ଭାବୁଥିଲା ବାସନ୍ତି ।

-ନା', ପାଣି ଆଣିବାକୁ ଟାପୁକୁ ଯାଇଛନ୍ତି । ଫେରିବା ବେଳକୁ ଡେରି ହେବ । ବାସନ୍ତିର ଉତ୍ତର ।

-କ'ଣ ଘରକୁ ଡାକିବୁ ନାହିଁ । ଠିକାଦାର ସୁଯୋଗକୁ ଅପେକ୍ଷା କରିଥିଲା ଯେମିତି ।

-ହଁ – ଆସୁନ । ଏଇ ଦାଣ୍ଡ ଘରେ ବସ । ଆପଣାର ଭରି ରହି ଥିଲା ବାସନ୍ତି କଥାରେ .... ।

ଘରୁ କେଉଁ କାଳର ଥିବା ଛଣ-ବୁଣା ସପଟିଏ ପକେଇ ଦେଲା ।

ମହା ଆନନ୍ଦରେ ବସିଗଲା ଠିକାଦାର । ସହରରୁ ନେଇଥିବା ମଦ ବୋତଲରେ ପାଣି ମିଶେଇ ପିଇବାକୁ ଆରମ୍ଭ କଲା । ଘର ଚାଳିଆ ରେ ଚେଞ୍ଚେରା ତାଟି କବାଟ ବାଟ ଦେଇ ଦେଖୁଥିଲା ସବୁକିଛି ବାସନ୍ତି । ମଦ ଖାଇ ମସଗୁଲ ହୋଇ ଯାଇଥିବା ଠିକାଦାରର ଲୋଲୁପ ଦୃଷ୍ଟିରେ ବନ୍ଧା ପଡି ଯାଇଥିଲା ସେ' ବାହାନା କରି ପାଣି ଗ୍ଲାସଟେ ଆଣିବାକୁ କହି ନିଜର କାମୁକ ପ୍ରବୃତ୍ତିକୁ ଚରିତ୍ରାର୍ଥ କରିବାକୁ ସୁଯୋଗକୁ ଅପେକ୍ଷା କରି ରହିଲା । ଯେମିତି ପାଣି ପାଇଁ ଭିତର ଘରକୁ ଯାଇଛି ସେମିତି ସେ ପଛେ ପଛେ ଯାଇ ଘରର କବାଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁକ୍ ଘର ପଛପଟୁ ଲଗେଇ ଜବରଦସ୍ତ ସିଂହ ଭଳି ମାଡି ବସିଲା ବାସନ୍ତି ଉପରେ ବାସନ୍ତିର ଦେହ ଥରୁଥିଲା । ସେ' ହାତ ଯୋଡି କେତେ ନେହୁରା ହେଲା । ହେଲେ ତା' କରୁଣ ଭରା ଆକୁଳ କାତର ପ୍ରାର୍ଥନା ଶୁଣିବାକୁ ମାନବିକତା ପଣିଆ ପାଶବିକତାର ପାଦ ତଳେ ବାରମ୍ବାର ହାର ମାନୁଥିଲା । ପୁଷ୍ପିତା କଳୀଟି ସୌନ୍ଦର୍ଯ୍ୟ ହଜେଇ ଦେଲା । ତାକୁ ଦଳି ମକଚି କ୍ଷୀନ-ଭିନ କରି ଚାଲିଥିଲା ହିଂସ୍ର ଭଳି ଠିକାଦାର । ନିରୀହ କଳି ଦଳି ମକଚି ହୋଇ, ଆହତରେ ଢଳି ପଡିଥିଲା ଭୁଇଁ ଉପରେ । ଚାଲି ଯାଇଥିଲା ନାରୀ ମାଂସ ଲୋଭି ଠିକାଦାର ....... ।

ବରଜୁ ଫେରିଥିଲା ପାଣି ଭାର ଧରି ଘରକୁ । ଘର ଭିତରେ ମଦ ଗନ୍ଧ ଓ ଅସଜଡା ବାସନ କୁସନ ପଡି ଥିବାର ଦେଖି । ସେ ଡାକ ଛାଡି ଥିଲା ଦାଣ୍ଡରେ ...ବାସନ୍ତି... ବାସନ୍ତି ।

ଭାବିଲା ଘରେ ଏକୁଟିଆ ରହି କୁଆଡେ ଯାଇଥିବ ପରା । ଘର ଭିତର ଖଞ୍ଜାକୁ ପଶି ଆସି ଦେଖେତେ ବାସନ୍ତି ଦେହଟା ଲୋଟି ପଡିଛି ମାଟି ଉପରେ ସଜ ବସନ୍ତର ନାଲି ଅଧରରେ କୃଷ୍ଣ ଚୂଡା ଫୁଟା ଓଠ ରକ୍ତାକ୍ତ । ଛିଣ୍ଡି ଯାଇଛି ଅନ୍ତବସ୍ତ୍ର ଓ ମୁକୁଳା କେଶ ବିଛେଇ ହୋଇ ଯାଇଛି । ଧାଇଁ ଯାଇ ତୋଳି ନେଲା ବାସନ୍ତିକୁ ବରଜୁ । କିଛି ପାଣି ମୁହଁରେ ମାରି ଚେତା ଫେରିବା ପରେ, ବରଜୁ ବୁଝିଲା ସବୁ କଥା । ବାସନ୍ତିର ଅସ୍ପଷ୍ଟ ଭାଷା କହୁଥିଲା ସେ ଆଜି ଅପବିତ୍ରା ବୋଲି ।

କାଳ ବିଳମ୍ବ ନ କରି ବରଜୁ ଧାଇଁଲା ନବନିର୍ମାଣ ବନ୍ଧ ଆଡେ । କାନ୍ଧରେ ପଡିଛି ଶାଣଦିଆ ଫାର୍ସା । ନୂଆ ନଦୀ ବନ୍ଧ ଉପରେ ନିଶାରେ ଢଳି ଢଳି ଯାଉଛି ଠିକାଦାର । ବରଜୁ ପଛପଟୁ ଏତେ ଜୋରରେ ଫର୍ସାରେ ଆଘାତ ଦେଲାଯେ, ଗଣ୍ଡିମୁଣ୍ଡ ଏକାବେଳେ ଅଲଗା ହୋଇଗଲା । ଛଟ ଛଟ କଟା ମୁଣ୍ଡଟା ମା' ମାଟି ପାଦତଳେ ଲୋଟି ପ୍ରାୟଶ୍ଚିତ କରୁଥିଲା । ରକ୍ତରେ ଭିଜୁଥିଲା ପୃଥିବୀ । ତାଜା ରକ୍ତ ଆକଣ୍ଠ ପାନ କରି ପୃଥିବୀର ପାପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାର କିଞ୍ଚିତ ଉଶ୍ୱାସ ହେଲା ବୋଲି ଭାବୁଥିଲା ବରଜୁ । ଗୋଟାଏ ପାପ ମଢ ପଡି ରହିଥିଲା ଓ ବିଲୁଆ ମାନଙ୍କର ସାନ୍ଧ୍ୟ କାଳୀନ ଭୋଜନ ପାଇଁ । ବିକଟାଳ ରାବରୁ ଜଣାଯାଉଥିଲା ସେମାନେ ବି ଖାଦ୍ୟର ଭୋକିଲା ଥିଲେ । ବର୍ଷି ଯାଇଥିଲା ଅସରାଏ ବର୍ଷା ଭିଜି ଯାଇଥିଲା ତତଲା ଭୁଇଁ । ନଇଁ ଆସିଥିଲା ସଞ୍ଜ ପରେ ରାତି । ଜୀବନର ଏତେ ବଡ ଏକ ଦୁର୍ଘଟଣାକୁ ରାତିର କଳା ପରଦା ଲୁଚେଇ ଦେଇଥିଲା । ଜୀବନର ଏକ ବଡ ଦୁର୍ଘଟଣାକୁ ସେମାନେ ଭୁଲି ଯାଇଥିଲେ ସ୍ୱପ୍ନ ଭଳି । ତାପରେ ବରଜୁ ଓ ବାସନ୍ତି ଆଉ ତାଙ୍କର ସେଇ ପାଟପୁର ଗାଁ । ଏବେ ବି ହସୁଛି ଫଗୁଣରେ ରଙ୍ଗ ବୋଳି ।

ଗଗନ ବିହାରୀ ନାୟକ
ନୀଳାଦ୍ରି ବିହାର ଭୁବନେଶ୍ୱର
୭୨୦୫୨୯୩୮୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବହି ମହଲର ରହସ୍ୟ

ଆଶୁତୋଷ ମେହେର



ସୁଜନପୁର ଥିଲା ଗୋଟାଏ ଗଡଜାତିଆ ପୁରୁଣା ଜମିଦାରୀ, ଇଂରେଜ ଶାସନ ଅମଳର । ବହୁତ ବଡ ଜମିଦାରୀ ତେଣୁ ଏଠିକାର ଜମିଦାର ସିଂହ ପରିବାର ନାଁ ଥିଲା ବେଶ ଜଣାଶୁଣା ଓ ଚର୍ଚ୍ଚିତ । ୧୯୦୦ ମସିହା ବେଳକୁ ଜମିଦାରୀ ସମ୍ଭାଳୁଥିଲେ ରାଜା ବିକ୍ରମାଦିତ୍ୟ ସିଂହ । ଇଂଲଣ୍ଡରୁ ପାଠପଢି ଫେରିଥିବା ବିକ୍ରମାଦିତ୍ୟ ବଡ ସଉକ ଥିଲା ଗୋଟାଏ ବଡ ଜମିଦାର ମହଲ ତିଆରିବେ । ତାଙ୍କର ଆଉ ଗୋଟାଏ ବଡ ଗୁଣ ଥିଲା, ସେ ଥିଲେ ଜଣେ ବଡ ପୁସ୍ତକପ୍ରେମୀ । ସେ ବିଚାରି ଥିଲେ ସେ ନୂଆଁ ଜମିଦାର ମହଲରେ ଭିତରେ ରଖିବେ ଗୋଟାଏ ବଡ ଗ୍ରନ୍ଥାଗାର । ଗାଁ ଭିତରେ ବାପାଙ୍କ ପୁରୁଣା ବଡ ଜମିଦାରଙ୍କ ଭବନ ଥିଲେ ମଧ୍ୟ, ସେ ଗାଁ କଡର ଛୋଟ ପାହାଡ଼ ମୁଣ୍ଡରେ ନିଜର ନୂଆଁ ମହଲ ତୋଳିବା ଆରମ୍ଭ କରିଦେଲେ ଓ ତା ଭିତରେ ସ୍ଥାପନ କଲେ ଏକ ବିଶାଳ ଗ୍ରନ୍ଥାଳୟ । ନିଜର ପ୍ରଭାବରୁ ବିଭିନ୍ନ  ସୂତ୍ରରୁ ହଜାର ହଜାର ବହି ଯୋଗାଡକରି ସେ ଗ୍ରନ୍ଥାଳୟରେ ରଖେଇଲେ । ନୂଆଁ ତିଆରିଥିବା ମହଲର ନାଁ ରଖିଲେ "ବହି ମହଲ" । ତେବେ ଗାଁର ସର୍ବସାଧାରଣଙ୍କୁ ସେ ଗ୍ରନ୍ଥାଗାରକୁ ଯିବାର ଅନୁମତି ଦେଇ ନଥିଲେ । ତେଣୁ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ସେ ଗ୍ରନ୍ଥାଗାରର ଥିବା ବହିପତ୍ର  ଉପରେ । ତେବେ ସମୟ ବଡ ବଳବାନ । ବହି ମହଲରେ ବେଶୀ ଦିନ ରହିବାର ଭାଗ୍ୟ ଜୁଟିନଥିଲା ବିକ୍ରମାଦିତ୍ୟଙ୍କର । ହଠାତ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟାଏ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ସେ ଆଉ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ପରେ, ତାଙ୍କର ଭାଇବନ୍ଧୁ କୁଟୁମ୍ବ ନୂଆଁ ବହି ମହଲକୁ ଅଶୁଭକାରୀ ମହଲ ଭାବି ଯିବା ଆସିବା ବନ୍ଦ କରିଦେଲେ । ସେମାନେ ପୁରୁଣା ଜମିଦାରଙ୍କ ମହଲରେ ରହିବାକୁ ଲାଗିଲେ । ବହି ମହଲ ଅଦରକାରୀ ହୋଇ ରକ୍ଷଣାବେକ୍ଷଣ ଅଭାବରୁ କ୍ଷୟ ହେବାକୁ ଲାଗିଲା । ଧୀରେ ଧୀରେ ଅବକ୍ଷୟର ଶୀକାର ହେଲା । ଚାଳିଶବର୍ଷ ଧରି ଏମିତି ପଡିରହିଲା ପରେ ଦେଶ ସ୍ୱାଧୀନ  ହେଲା, ପରେ ପରେ ଜମିଦାରୀ ପ୍ରଥା ମଧ୍ୟ ଉଠିଗଲା । ଚଉପଟେ ଅରମା ବଣ ଉଠି ବହିମହଲ ଭୂତକୋଠି ପ୍ରାୟ ଦେଖାଗଲା ।

ସୁଜନପୁରର ଜଣେ ଉତ୍ସାହୀ ଯୁବକ ଶାନ୍ତନୁ ସହରରୁ ପାଠପଢା ସାରି ଚାକିରୀ ଖୋଜିବାରେ ଲାଗିଥିଲା । ବିଭିନ୍ନ ପରୀକ୍ଷା  ଦେବାପାଇଁ ସହରରେ ଥିବା ସରକାରୀ ଗ୍ରନ୍ଥାଗାର କୁ ଯିବା ତାର ନିତିଦିନିଆ କାମ ଥିଲା ।

ଥରେ ତା ମନରେ ପ୍ରଶ୍ନ ଉଠିଲା ଗାଁରେ କ୍ଷତିଗ୍ରସ୍ତ ହୋଇ ପଡିଥିବା ବହି ମହଲକୁ ଯଦି ପୁନରୁଦ୍ଧାର କରାଯାଇ ପାରନ୍ତା ତେବେ ଗାଁ ତଥା ଆଖପାଖର ଛାତ୍ରଛାତ୍ରୀଙ୍କ କାମକୁ ଆସନ୍ତା । ଏହି ଭାବନା ଧରି କିଛି ସାଙ୍ଗ ସାଥୀମାନଙ୍କ ସହ ବହି ମହଲର ରହସ୍ୟ ଜାଣିବାକୁ ଗାଁରେ ପହଞ୍ଚିଲା । ଗାଁର ସରପଞ୍ଚ ଓ ଅନ୍ୟାନ୍ୟ ପୁରୁଖା ଲୋକମାନଙ୍କ ସହ କଥାବାର୍ତ୍ତା କରି ଗୋଟାଏ ଯୋଜନା କରାଗଲା । କିଛି ଶ୍ରମିକ ଲଗାଇ, ପ୍ରଥମେ ବହି ମହଲର ଚାରିପାଖର ଅରମା ବଣ ବୁଦାକୁ ସଫା କରାଗଲା । ମହଲର କବାଟରେ ଝୁଲୁଥିଲା ଗୋଟାଏ ବଡ ପୁରୁଣା ତାଲା । ତାକୁ ଭାଙ୍ଗି ଭିତରେ ପଶିଲାରୁ ଦେଖାଗଲା ଧୂଳି ସରସର ଘରଦ୍ୱାର ଓ ହଲ ଭିତରେ ବହିପତ୍ର ଭରା ଥାକ ସବୁ । ଥାକ ସବୁ ଉପରେ ମଧ୍ୟ ବହଳ ଧୂଳିର ଲେପ । ଗାଁର ସରପଞ୍ଚଙ୍କ ସହାୟତାରେ ବିଦ୍ୟୁତ ଲାଇନ ଟାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରକୁ ଆଲୋକିତ କରି ଶ୍ରମିକଙ୍କ ସହାୟତାରେ ସଫାସୁତୁରା କାମ ସରିଲା ପରେ, ଗାଁ ଲୋକମାନଙ୍କ ମନରେ ଉତ୍ସାହ ଜାଗିଲା । ପଚାଶ ଷାଠିଏ ବର୍ଷ ଧରି ବନ୍ଦ ପଡିଥିବା ବହି ମହଲର ବହିଥାକ ଦେଖି ସମସ୍ତ ଚକିତ ହେଲେ ଓ ଖୁସି ମଧ୍ୟ ହେଲେ ।

ସାଙ୍ଗସାଥୀ ମେଳରେ ବହି ସବୁ ସଜାଡିବା ସମୟରେ, ଗୋଟାଏ ପୁରୁଣା ବହି ଓ ତା ଭିତରେ ଥିବା ମାନଚିତ୍ର ସେମାନଙ୍କର କୌତୁହଳକୁ ବଢାଇ ଦେଲା । ସେ ମାନଚିତ୍ର ପଢି ସେମାନେ ଉପର ମହଲାରେ ଥିବା ଗୋଟାଏ କୋଠରୀ ମଧ୍ୟକୁ ପଶିଲେ । ସେଠାରେ ସେମାନେ ଏକ ଚମକପ୍ରଦ ରହସ୍ୟ ଜାଣିବାକୁ ପାଇଲେ । ଜମିଦାର ରାଜା ବିକ୍ରମାଦିତ୍ୟଙ୍କ ତାଙ୍କ ଜ୍ଞାନକୁ ଏକ ଜାଦୁମୁଦ ଥିବା ବହିରେ ଲୁଚାଇ ରଖିଥିଲେ, ଯାହା ଉପରେ ଲେଖାଥିଲା, "ଏ ବହିକୁ ଯିଏ ପଢିବ ସେ ଅନେକ ଜ୍ଞାନ ତଥା ଶକ୍ତିଶାଳୀ ମନ୍ତ୍ରର ଅଧିକାରୀ ହେବ" ।

ବହିଟି ଖୋଲିବା ପୂର୍ବରୁ ସେମାନେ ସମସ୍ତଙ୍କୁ ଏକ ଅଜଣା ଶକ୍ତିର ଅନୁଭବ ହେଲା । ସତେ ଯେମିତି ସେ ସମସ୍ତଙ୍କୁ ଅଟକାଉଛି ଓ କହୁଛି, “ଏ ବହି କେବଳ ସେହି ଲୋକ ଖୋଲିପାରିବ, ଯା’ର ମନ ଶୁଦ୍ଧ ଓ ଜ୍ଞାନ ପ୍ରତି ସଚ୍ଚା ଭକ୍ତି ଥିବ ।” ଶାନ୍ତନୁ ଓ ତା ସାଙ୍ଗମାନେ ନିଜ ଭିତରେ ଆଲୋଚନା କଲେ ଓ କଥା ହେଲେ ଯେ ସେମାନେ କେବଳ ଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ଏ ବହି ମହଲର ପୁନରୁଦ୍ଧାର କରିବାପାଇଁ ଆସିଛନ୍ତି, କୌଣସି ଅଜଣା ଶକ୍ତି ଆହରଣ ପାଇଁ ନୁହେଁ ।

ସେ ବହିଟି ନଖୋଲି ସେମାନେ ତାକୁ ତଳକୁ ସେମିତି ଆଣିଲେ ଓ ପାଖରେ ବହି ଯାଉଥିବା ନଈ ପାଣିରେ ବିସର୍ଜନ କରିଦେଲେ ।

ସେଇ ଦିନଠୁଁ ସ୍ଥାନୀୟ ପଞ୍ଚାୟତ ସହାୟତାରେ ବହି ମହଲର ଗ୍ରନ୍ଥାଗାରକୁ ସବୁଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଲିବା ବ୍ୟବସ୍ଥା କରାଗଲା । ଗାଁର ସମସ୍ତେ ଅନ୍ୟ ବହିମାନଙ୍କୁ ପଢ଼ି ନୂଆଁ ନୂଆଁ ଜ୍ଞାନ ଆହରଣ କରିପାରିଲେ । ଗାଁର ଛାତ୍ରଛାତ୍ରୀଙ୍କ ବହୁତ କାମକୁ ସେ ଗ୍ରନ୍ଥାଗାର ସାଧନ ଯୋଗାଇଲା ।

ବହି ମହଲର ରହସ୍ୟ କିଛି ପରିମାଣରେ ରହସ୍ୟ ହୋଇ ରହିଲା ସିନା, ସୁଜନପୁର ଓ ଆଖପାଖ ଅଞ୍ଚଳରେ ଜ୍ଞାନର ଆଲୋକ ବାଣ୍ଟିବାରେ ସଫଳତା ହାସଲ କଲା ।

୫୪ ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ; ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏକ ସାହିତ୍ୟିକ ଆରମ୍ଭ

ରୀତାରାଣୀ ଦାଶ



ଜଣେ ଧନୀ ବ୍ୟବସାୟୀ, ପ୍ରତିଷ୍ଠିତ, ମହତ ମଣିଷ ଦିଗମ୍ବର ବାବୁ । ଶେଷ ସମୟରେ ମୃତ୍ୟୁ ସହିତ ଲଢେଇ କରୁଥାନ୍ତି । ଅପେକ୍ଷା କରିଛନ୍ତି, ସେ ମୃତ୍ୟୁର ଦେବତାଙ୍କୁ । ନିଜ ଜୀବନରେ ବହୁତ ସଂଘର୍ଷ କରି କରି ଶୂନ୍ୟରୁ ବ୍ୟବସାୟ ଆରମ୍ଭ କରି ଜଣେ ସଫଳ ବ୍ୟବସାୟୀ ତଥା ଜଣେ ଦାନୀ, ଗଣ୍ୟମାନ୍ୟ ବ୍ୟକ୍ତି ଭାବରେ ବେଶ ଖ୍ୟାତି ଅର୍ଜନ କରିଥିଲେ । ବହୁତ ଦରଦୀ ହୃଦୟରେ ସେ ଦୁସ୍ଥ, ଅବହେଳିତ ଲୋକଙ୍କ ପାଇଁ ମାଧବଙ୍କର ସେବା ତୁଲ୍ୟ ନିର୍ବିକାର ଚିତ୍ତରେ ସମ୍ପାଦନ କରିଛନ୍ତି । ପ୍ରତି ପଦକ୍ଷେପରେ ଧର୍ମପତ୍ନୀ ସୁରମା ତାଙ୍କୁ ସହଯୋଗ କରି ପତ୍ନୀ ଧର୍ମ ନିଭାଉଥିଲେ । ହେଲେ ତାଙ୍କର ଭକ୍ତି, ନୈବେଦ୍ୟରେ ପ୍ରୀତ ହୋଇ ପ୍ରଭୁ ଅଚାନକ ତାଙ୍କୁ ତାଙ୍କ ପାଖକୁ ନେଇ ଗଲେ । ନିଃସଙ୍ଗ ଜୀବନଯାପନ କରି ଅକାଳ ବାର୍ଦ୍ଧକ୍ୟ ଗ୍ରାସକରି ଗଲା । ଆଜି ସେ ଅନୁଭବ କରୁଛନ୍ତି, ଯେମିତି କମ ସମୟ ତାଙ୍କ ହାତରେ ଅଛି । ସେଥିପାଇଁ ଦୁଇ ପୁଅକୁ ଡାକିଛନ୍ତି ତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ଜଣାଇବାକୁ । ଆଉ କହିଲେ, "ମୋର ଶେଷ ଇଚ୍ଛା ତୁମେ ମୋ ପାଇଁ ଗୋଟିଏ ଗଛ ଗାଁ ଦାଣ୍ଡରେ ଲଗାଇବ ।"

ପୁଅମାନେ ଦ୍ୱନ୍ଦ୍ୱରେ ପଡିଲେ, ତଥାପି ବାପାଙ୍କର ଶେଷ ଇଚ୍ଛାକୁ ପୂରଣ କଲେ । କିଛି ଦିନ ଭିତରେ ବାପା ଇହଲୀଳା ସମ୍ବରଣ କଲେ । ଆଉ ତାଙ୍କ ନାମିତ ଚାରା ଗଛଟି କ୍ରମେ କ୍ରମେ ବଢିବାକୁ ଲାଗିଲା, ବଢିବା ସହ ଗାଁ ଲୋକଙ୍କୁ ଛାଇ, ଫଳ ଯୋଗାଇଲା ।

ବର୍ଷ ବର୍ଷ ବିତିଗଲା ଓ ଗାଁର ସମୃଦ୍ଧିର ପ୍ରତୀକ ପାଲଟିଗଲା । ଧନୀ ବ୍ୟବସାୟୀଙ୍କର ପୁଅମାନେ ହୃଦୟଙ୍ଗମ କଲେ ଯେ, ତାଙ୍କ ବାପାଙ୍କ ଇଚ୍ଛା କେବଳ ଗଛ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିବାର ସାଧାରଣ ଉଦ୍ଦେଶ୍ୟ ନ ଥିଲା ବରଂ ସମାଜକୁ କିଛି ଦାନ ଦେବାର ମହତ ଉଦ୍ଦେଶ୍ୟ ଥିଲା ।

ଏଇ କାହାଣୀ ଆମକୁ ଏଇ ଶିକ୍ଷା ଦେଉଛି ଯେ, "ପ୍ରକୃତ ଧନ କଣ ସଂଚୟ କରୁ ତାହା କାହାରି ଦ୍ୱାରା ମପାଯାଏ ନାହିଁ, ବରଂ ଆମେ ଅନ୍ୟ ମାନଙ୍କୁ କଣ ଦେଉ ତାହା ହିଁ ଅନ୍ୟ ମାନଙ୍କ ଦ୍ୱାରା, ଆଉ ସ୍ୱୟଂ ପରଂବ୍ରହ୍ମ ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଏ । ଧନୀ ବ୍ୟକ୍ତି ଜଣକ ତାଙ୍କ ଜୀବନରେ ସମ୍ପତ୍ତି ଦାନ କରିଥିଲେ ବି ଏଇ ସୁନ୍ଦର ଜନ୍ମଭୂମିକୁ ଅତୁଳନୀୟ ଦାନ ଦେଇଗଲେ । ତାଙ୍କର ଏଇ ନିଃସ୍ୱାର୍ଥପର କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଐତିହ ଛାଡିଗଲେ । ସେ ବୁଝିଥିଲେ ଯେ ପ୍ରକୃତ ଧନ ଅନ୍ୟମାନଙ୍କ ଉପରେ ସକାରାତ୍ମକ ପ୍ରଭାବରେ ହିଁ ରହିଛି । ମୃତ୍ୟୁ ପରେ ମଧ୍ୟ ସେ ସମାଜକୁ ଫେରାଇ ଆଣିବାକୁ ଚାହୁଁଥିଲେ ଓ ସେଥିପାଇଁ ଏ ପଦକ୍ଷେପ ନେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆସ୍ଥାନ

ଶୋଭାମୟୀ ପତ୍ରୀ



ମୁଗୁନି ତା ବଉଳର ସହରୀସୁଖି ଜୀବନ ଭଳି ଗେରସ୍ତ ପବନା ଶାଶୁମାଆ ଆଉ ଏକମାତ୍ର ପୁଅ ବିଲୁକୁ ନେଇ ବହୁତ ଖୁସିଥିଲା । ହେଲେ ଅହରହ ଚାଲୁଥିବା ପବନାମାଆ ଆଖିର ନାଚ ପାଟିର ବାହୁନା ପୁରା ଏକା କଥା କହୁଥିଲା, କଥା ନୁହେଁତ ତୀକ୍ଷ୍ଣ ବାଣ....., ସେହି ଶବ୍ଦଗୁଡା ଯେମିତି ଶୁଣିଲା ବାଲାର ଦେହରେ ଫୋଡି ହୋଇ ଯାଉଥିଲା, ଆଲୋ ହେଇ କାକ ବାଞ୍ଝ.....ଏକ ଆଖି ଆଖି ନୁହେଁ ଲୋ ସକଳଖାଇ, ହଂସା ଉଡେଇ, ଆଶା ବୁଡେଇ ....ଆହୁରି ଅନେକ ସମ୍ଭାକଟା ଯାହା ପାଇଁ ମୁଗୁନି ଓଦାତକିଆରେ ମୁଣ୍ଡ ଗଡେଇ ଗଡେଇ ରାତି ପୁହେଇ ଦିଏ ଆଉ ବୁଢୀମାଆର ଅଭିଶାପରୁ ମୁକ୍ତି ପାଇବାକୁ ଯାଇ ମୋଟାବୁଦ୍ଧିଆ ପବନା ମେଲେଇ ଦିଏ ଭେଁ ବଡ଼ ସଂସାର । ଭେଁ ବଡ଼ ବୋଇଲେ ଏଇ ମାତ୍ର ଦଶଟି ସନ୍ତାନ ସନ୍ତତି ସହ ନିଜେ ଗେରସ୍ତ ଭାରିଜା ଆଉ ବୁଢୀମାଆ । ଏଥର ପବନାମାଆର ଫୁଟାଣି ଦେଖେ କିଏ ଗଡ଼ ଜିତିଛି ଯେମିତି, ସାତସାତଟା ନାତି ଆଉ ତିନୋଟି ନାତୁଣୀର ଜେଜେମାଆ ହୋଇ ଗର୍ବରେ ଛାତି ଫୁଲେଇ ଚାଲୁଥିଲା ସେ ଗାଁ ଦାଣ୍ଡରେ । ଧୀରେଧୀରେ ପିଲାମାନେ ବଡହେଲେ ଦେହ ବଢିଲା, ପେଟ ବଢିଲା, ସଗରପଲ ଭଳି ମାଟି ଗିଳିବା ଆରମ୍ଭ କଲେ, ଜେଜେ ମାଆର ଆଜ୍ଞାକାରୀ ପୁଅ ହୁଣ୍ଡା ମୁଲିଆଟା ଦାନା ଯୋଗାଡ଼ କରୁକରୁ କଙ୍କାଳ ଧଇଲା । ମୁଗୁନି ଏବେ ଏବେ ଗୁମାନ ଛାଡି ଓଲଟ ସମ୍ଭାକଟା ଅଜାଡି ଦଉଛି । ତା ପୁଅ ଛୁଆଗୁଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ପେଟ ଯୁଟେଇବା ପାଇଁ କିଏ କୋଉଠି ମୂଲ ଲାଗିବା ତ କିଏ କୋଉ ଦୋକାନ ବଜାର, ଗ୍ୟାରେଜ ବାଟ ଧଇଲେ ପୁଣି କାହାକୁ ଚୋରି, ନିଶା, ଜୁଆ କାବୁ କରିସାରିଥିଲା ଆଉ ଝିଅମାନେ ନିଜେ ନିଜେ ସାଆନ୍ତାଣି ଘରମାନ ଉଣ୍ଡାଳି ବିଦେଶୀ ହେଇଗଲେ । ଏବେ ଘରେ ନିଇତି ଚାଲୁଛି ମହାଭାରତ ମୁଣ୍ଡ ଗୁଞ୍ଜିବାକୁ ନେଇ ହେଲେ ଜେଜୀବୁଢ଼ିର କି ଯାଏ ଆସେ ସେ ତ ବୋହୂକୁ କାକବାଞ୍ଝତ୍ୱରୁ ମୁକ୍ତି ଦେଇ ଏତେଗୁଡା ନାତି ନାତୁଣୀ କଢେଇବାର ଗୌରବ ନେଇ ତା ଆସ୍ଥାନ ଜମେଇ ଦେଇ ସାରିଥିଲା ସରଗ ପୁରିରେ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାବତ ମାଁ

ସୁଦ୍ରୁମା ପଣ୍ଡା



ସେଦିନ ଅବେଳରେ ରାମଙ୍କୁ ନିଜ ସଦନରେ ଦେଖି ଟିକେ ବିଚଳିତ ହୋଇ ଯାଇଥିଲେ କୈକେୟୀ । କିନ୍ତୁ ଅପାର ଖୁସିରେ କହି ପକେଇଲେ, ମୋ ଧନଟା ମୋତେ ନଦେଖି ରହିପାରୁନି, ତୋର କ'ଣ ଦରକାର କି ଧନ ? ? ରାମ ସେଦିନ ମୃଦୁ ହସ ହସି କହିଥିଲେ, ଦରକାର ନପଡିଲେ କ'ଣ ମୁଁ ତୁମ ପାଖକୁ ଆସି ପାରିବିନି ମାଁ ? କୈକେୟୀଙ୍କ ଆଖି ଛଳ ଛଳ ହୋଇଉଠିଲା । ଭାବାବେଗରେ ହୃଦୟ ରୁଦ୍ଧ ହୋଇ ଯାଉଥିଲା । ରାମଙ୍କ ମୁଣ୍ଡରେ ହାତ ବୁଲାଉ ବୁଲାଉ କହିଲେ, ମାଁ ପାଖକୁ ସନ୍ତାନ ଯେକୌଣସି ସମୟରେ ଆସିପାରିବ ଧନ । ତାକୁ କୌଣସି ଶକ୍ତି ବାଧା ଦେଇ ପାରିବ ନାହିଁ । ଆଉ ତୁ ତ ମୋ ଜୀବନଠୁ ବି ଅଧିକ ପ୍ରିୟ । ତୋର ପ୍ରତ୍ୟେକ ଇଚ୍ଛା ମୋ ଶିରଭୂଷା । ତୋର ଖୁସି ଠାରୁ ମୋର ଅଧିକ କିଛି ଲୋଡା ନାହିଁ । ରାମ ମାଁ କୈକେୟୀଙ୍କ ଆହୁରି ନିକଟତର ହୋଇ କହିଲେ, ମୁଁ ଜଣେ ମାଁ । ତେଣୁ କରି ତ ଭରସା କରି ଆସିଛି କିଛି ମାଗିବାକୁ । ମୋତେ ନିରାଶ ତ କରିବନି ମାଁ ? କୈକେୟୀ ଉତ୍କଣ୍ଠିତ ହୋଇ ପଚାରିଲେ ହଁ ଧନ, ମାଗିନେ ତୋର ଯାହା ଇଚ୍ଛା । ମୋର ସର୍ବସ୍ୱ ତୋର ପାଇଁ ଉତ୍ସର୍ଗୀକୃତ । ରାମ ଧୀର ଅଥଚ ନମ୍ରତାର ସହିତ କହିଲେ ମାଁ ! ମୋ ପାଇଁ ଯଦି ଦରକାର ପଡ଼େ କଳଙ୍କର ଟିକା ମାଖି ପାରିବ ? ବୋହି ପାରିବ ଅପବାଦ ର ବୋଝ ଆଜୀବନ ? ମୋତେ ତୁମମାନଙ୍କ ପାଖରୁ ଦୂରରେ ରହିବାର ଅନୁମତି ଦେଇ ପାରିବ କିଛି ଦିନ ପାଇଁ ? କୈକେୟୀଙ୍କ ମୁଣ୍ଡ ଘୂରିବାକୁ ଲାଗିଲା । କ'ଣ କହୁଛୁ ରାମ ଏସବୁ ? କଳଙ୍କର ଟିକା ପିନ୍ଧି ପାରିବି, ଅପବାଦର ବୋଝ ବୋହି ପାରିବି, କିନ୍ତୁ ତୋଠୁ ଦୂର ହେବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ଶୁଣି ବି ପାରିବି ନାହିଁ । ତୋର ଉଦ୍ଦେଶ୍ୟ କ'ଣ ମୋ ଧନ ? ରାମ କୈକେୟୀଙ୍କ କୋଳରେ ମଥା ରଖି କହିଲେ, ତୁମେ ଏକା ମୋର ଉଦ୍ଦେଶ୍ୟକୁ ସଫଳ କରି ପାରିବ ମାଁ । ମୋତେ କିଛି ଦିନ ପାଇଁ ବନକୁ ଯିବାକୁ ପଡିବ । ତୁମକୁ ସେଥିପାଇଁ ରାସ୍ତା ପ୍ରସ୍ତୁତ କରିବାକୁ ପଡ଼ିବ । ଏହା ତୁମ ଛଡ଼ା ଆଉ କେହି କରି ପାରିବେ ନାହିଁ । କୈକେୟୀଙ୍କ ଆଖିରୁ ବହି ଚାଲିଥାଏ ଅନର୍ଗଳ ଅଶ୍ରୁ । ମନେ ପଡ଼ିଗଲା ସେଦିନ ସେହି ପକ୍ଷୀମାନଙ୍କର କଥୋପକଥନ । ଏହି ଚଉଦ ବର୍ଷ ଯିଏ ଅଯୋଧ୍ୟାର ସିଂହାସନରେ ଉପବିଷ୍ଟ ହେବ ତା'ର ଅକାଳ ମୃତ୍ୟୁ ହେବ । ଛାତିକୁ ପଥର କଲେ କୈକେୟୀ । ଲୁହ ପୋଛୁ ପୋଛୁ କହିଲେ, ତୁ ନିଶ୍ଚିନ୍ତ ରହ ରାମ, ମୁଁ ସାବତ ମାଁର କଳଙ୍କକୁ ମୋ ମଥାରେ ପିନ୍ଧି ନେବି ତୋର ଇଚ୍ଛା ପୁରଣ ପାଇଁ । ରାମ ଆଶ୍ୱସ୍ତ ହୋଇ ଦୀର୍ଘ ନିଶ୍ୱାସଟିଏ ମାରିଲେ ।

ସୁଦ୍ୟୁମ୍ନା ପଣ୍ଡା

ଭଟଲି ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁଣବନ୍ତ ପୁଅ !

ପ୍ରଫୁଲ୍ଲ କୁମାର ହୋତା



ଆମେରିକାର କଥା । ଯେଉଁଠି ଗୁରୁତ୍ୱ ଦିଆଯାଏ କାର୍ଯ୍ୟକୁ ସମୟକୁ । ଆଳସ୍ୟକୁ ସେମାନେ ଘୃଣା ଚକ୍ଷୁରେ ଦେଖନ୍ତି । ଉଦାହରଣ ସ୍ୱରୂପ ମାଛ କିଲୋଗ୍ରାମ ପିଛା ଯଦି ୨୦୦/ହୁଏ ତାକୁ କାଟି ଆଣିଲେ କିଲୋଗ୍ରାମ ପିଛା ୩୦୦/ଟଙ୍କା ଦେବାକୁ ପଡ଼େ । ସେଠାରେ ସମୟର ମୂଲ୍ୟ ବେଶି ଏଥିରୁ ଜଣାପଡ଼େ ସହଜରେ । ସେଠାରେ ଜଣେ ପ୍ରଫେସର ମନ ନିଜର ଭଙ୍ଗା କାନ୍ଥକୁ ନିଜେ ହିଁ ମରାମତି କରନ୍ତି । ନିର୍ଭର କରନ୍ତି ନାହିଁ ଶ୍ରମିକ ଭାଇ ଉପରେ ।

ମହେନ୍ଦ୍ର ବାବୁ ଉଚ୍ଚଶିକ୍ଷିତ ଓ ପତ୍ନୀ ହେମଲତା ମଧ୍ୟ । ଉଭୟେ ସେଇଠି ବଡ଼ ଚାକିରିଆ ଭାବେ ଅବସ୍ଥାପିତ ହେଇଛନ୍ତି । ଛାଡ଼ି ଭିଟାମାଟିର ମୋହକୁ । ଓଡ଼ିଶା ରାଜ୍ୟରେ ଖାଇଲେ ପିଲେଇ ବଢ଼ିଲେ ଓ ପଢ଼ିଲେ । ଶେଷରେ ମାୟା ମୋହ ତ୍ୟାଗ କରି ଆମେରିକା ଗସ୍ତ । ବା ବା ରେ ଓଡ଼ିଆ ପୁଅ !

ଖାଲି ସ୍ୱାର୍ଥ ପାଇଁ ପୁଳାଏ ଟଙ୍କା ପାଇଁ ଏ ଦୂର ଯାତ୍ରା । ଟଙ୍କାର ସ୍ୱପ୍ନ ତାଙ୍କୁ ବଶୀଭୂତ କରିଛି । ଏକକ ପରିବାରରେ ରହିବେ ସୁଖରେ ରହିବେ ଏଇ ତାଙ୍କର ସ୍ୱପ୍ନ । ଯୌଥ ପରିବାର ଆଜି ନାରଖାର ହେଇଛି ତାଙ୍କର ମତରେ । ପରିବାର ଛୋଟ ଗୋଟିଏ ଝିଅ ନାଁ ମିତାଲି । ସେଇଠି ଗାଡ଼ିଟିଏ ଅଫିସ୍ ଯାଆନ୍ତି ଉଭୟେ ହାଇ ଷ୍ଟାଟସ୍ ରେ । ଅଫିସରେ ମଧ୍ୟ ବେଶ୍ ଜଣାଶୁଣା ସେମାନେ ।

ମାତ୍ର ପିଲାର ଦେଖାଶୁଣା ଘର କାର୍ଯ୍ୟ ପାଇଁ କାମବାଲୀ । ଆଉ ସେଇଠି କାମବାଲୀ ପାଇଁ କିଛି ଫରକ୍ ପଡେନାହିଁ ଖାଲି ଟଙ୍କା ଦେଲେ ହେଲା । ସହଜ ସରଳ ଉପାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିନ୍ତାକରି କହିଲେ ଶ୍ରୀମତୀ ହଇହେ ଶୁଣୁଚ । ମୋ'ର ଗୋଟିଏ କଥା ବାପାଙ୍କୁ ଆଣି ଆସିଲେ କେମିତି ହୁଅନ୍ତା ? ଘର ସଫାକରି ଟିକିଏ ରୋଷେଇ ଶାଳରେ ରୋଷେଇ କରନ୍ତେ । ଝାଡୁ ଟିକିଏ ଦିଅନ୍ତେ ଭଲ ହୁଅନ୍ତା । ଆମର ଓଡ଼ିଶାକୁ ମଧ୍ୟ ବାରମ୍ବାର ଯିବାକୁ ପଡନ୍ତା ନାହିଁ ବାପାଙ୍କ ଦେହପା ବୁଝିବା ପାଇଁ ।

ତାହା ହିଁ ହେଲା । ନିଷ୍ପତ୍ତି ହେଲା ବାପା ଆମେରିକା ଯିବେ । ରୁଟିନ୍ ହେଇଗଲା । ବାପା ଘରେ ବସିବ କାହିଁକି ? ଏଇଠି ଟିକିଏ ଝାଡୁ ରୋଷେଇ କରିଦେଲେ ଦେହ ସୁସ୍ଥ ରହିବ ରୋଗ ହେବନି । ଆମର ତ ଅଫିସ୍ ରେ ବହୁତ କାମ ରହୁଛି । ଆଉ ୪ଟା ବେଳକୁ ଟିକିଏ ସଫାକରି ଦେଲେ ପାଇଁକି ଶେଷ । ଭଲ ନିଦ ହେବ ତମକୁ ।

କେତେ ଦିନ ପରେ ଗାଁର ମୁଖିଆ ଫୋନ୍ କଲେ ଆରେ ମହେନ୍ଦ୍ର ବାପା କେମିତି ଅଛନ୍ତି ? ଉତ୍ତର ଥିଲା ଭଲ ବୋଲି ଏଠାକାର ସମସ୍ୟା ବେଶି ଚାକର ମିଳନ୍ତି ନାହିଁ ।

ଆମର ବାପାଘର କାର୍ଯ୍ୟ କରି ଭଲରେ ଅଛନ୍ତି । ଆଉ ଚାକର କାହିଁକି ରଖିବୁ ଆମେ ?

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କନ୍ୟା ରତ୍ନ

ବାସନ୍ତୀ ଲତା ଜେନା



ମୃତ୍ୟୁଞ୍ଜୟ ବାବୁଙ୍କ ପରିବାରରେ ମା ଶକୁନ୍ତଳା, ପତ୍ନୀ ସୁଭଦ୍ରାଙ୍କୁ ନେଇ ସେମାନେ ଗାଁ ଛାଡି ସହରରେ ବାସ କରନ୍ତି । ସେ ଜଣେ ଇଞ୍ଜିନିୟର । ସରକାରୀ ଚାକିରୀ କରନ୍ତି । ଭୁବନେଶ୍ୱରରେ କିଛି ଦିନ ରହିବା ପରେ ଝିଅଟିଏ ମେଡିକାଲରେ ଜନ୍ମ ହେଲା । ଶକୁନ୍ତଳା ଦେବୀ ଚାହୁଁଥିଲେ ପୁଅଟିଏ ହେଉ । ବଂଶ ରକ୍ଷା ହେବ । ବାର୍ଦ୍ଧକ୍ୟରେ ସାହାରା ହେବ । ଝିଅ ତ ପରଘରି । ସେ ଥିଲେ କେତେ ନ ଥିଲେ କେତେ । ତେଣୁ ତାଙ୍କ ମନ ବିଷାଦରେ ଭରିଗଲା । ମୃତ୍ୟୁଞ୍ଜୟ ବାବୁ ଏବଂ ସୁଭଦ୍ରା ଝିଅଟିକୁ ପାଇ ଖୁବ ଖୁସିଥିଲେ । କାହିଁକି ନାଁ ତାଙ୍କର ପ୍ରଥମ ସନ୍ତାନ ଝିଅ ହୋଇଛି । ସେ ଚାହୁଁଥିଲେ ଝିଅ ହେଉ । ଘରକୁ ଲକ୍ଷ୍ମୀ ଆସିଛି । ମେଡିକାଲର ଷ୍ଟାଫଙ୍କୁ ମିଠା ବାଣ୍ଟିଲେ । ଖୁସିର ଝରଣା ଖେଳିଗଲା । କିନ୍ତୁ ମା' ଶାକୁନ୍ତଳାଙ୍କ ମନରେ ହରଷ ନଥାଏ । ସେ ଗୁମ ହୋଇ ଚୁପଚାପ ବସିଥାନ୍ତି । ଆଖିରୁ ଲୁହ ଝରାଉଥାନ୍ତି । କହୁଥାନ୍ତି ହେ ଭଗବାନ । ତୁମକୁ କେତେ ଡାକୁଥିଲି, ମୋର ନାତିଟିଏ ହେଉ । ତୁମେ ମୋ ଡାକ ଶୁଣିଲ ନାହିଁ । ଝିଅଟିଏ ଦେଲ ?

ଏ କଥା ଶୁଣି ଡାକ୍ତରାଣୀ କହିଲେ, ମାଉସୀ ! ତୁମେ ଜମା ମନ ଦୁଃଖ କରନା । ଏ ଝିଅ ତୁମର ନାଁ ରଖିବ । କହିଲ ମାଉସୀ । ତୁମେ ପରା ନିଜେ ନାରୀ । ଝିଅ ନଥିଲେ ସଂସାର ଚଳିବ କେମିତି । ପୁଅ ତ ସୃଷ୍ଟିକର୍ତ୍ତା ନୁହେଁ । ସୃଷ୍ଟିର ସହାୟକ । ସେ ଶକ୍ତି ଭଗବାନ ଦେଇଛନ୍ତି ନାରୀକୁ । ସେ ସୃଜନ କାରିଣୀ, ଶକ୍ତିମୟୀ, ମମତାଦାୟିନୀ । ପରିବାରର ହସ ଖୁସି । ସେ ଲକ୍ଷ୍ମୀ, ନାରାୟଣୀ, ଅନ୍ନପୂର୍ଣ୍ଣା । ବିପଦ ସମୟରେ ସେ ରକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରିଣୀ । କନ୍ୟାର ଭିନ୍ନ ଭିନ୍ନ ରୂପ । ସେ ଦୁହିତା, ଭଗ୍ନୀ, ଜାୟା ଓ ଜନନୀ । କନ୍ୟା ଖୁସିର ଝରଣା । ଭାଇର ସ୍ନେହ ମମତାର ଡୋର । ଜାୟା ରୂପରେ ସେ ସୃଜନ କାରିଣୀ, ଘରର ରକ୍ଷା କର୍ତ୍ତ୍ରୀ । ଜନନୀ ରୂପରେ ସେ ମମତାମୟୀ, ସ୍ନେହ ପ୍ରଦାୟିନୀ । ଭାଗ୍ୟ ବଳେ କନ୍ୟା ରତ୍ନ ମିଳେ । ସମସ୍ତଙ୍କ ଭାଗ୍ୟରେ କନ୍ୟା ନଥାଏ ମାଉସୀ । ତୁମେ ଜମା ମନ ଊଣା କରନାହିଁ । ତୁମେ ଖୁସି ହୁଅ । କହିଲ ମାଉସୀ । ଆଜିର ଯୁଗରେ ପୁଅ ଠାରୁ ଝିଅ କେଉଁ କାମରେ କମ୍ । ମୋତେ ଦେଖୁନ । ମୁଁ ଡାକ୍ତର ହୋଇଛି । ସମସ୍ତଙ୍କର ସେବା କରୁଛି । ଏଥିପାଇଁ ମୋ ବାପା ମା ବହୁତ ଖୁସି । ତୁମେ ତାକୁ ଶିକ୍ଷା ଦୀକ୍ଷା ଦେଇ ମଣିଷ କରିବ । ସଂସ୍କାର ସଂସ୍କୃତି ତା ମନରେ ଭରି ଦେବ । ଦେଖିବ ସେ ଜଣେ ଭଲ ମଣିଷଟିଏ ହେବ ।

ଶକୁନ୍ତଳା ମନକୁ କଥାଟା ବେସ୍ ପାଇଲା । ଡାକ୍ତରାଣୀଙ୍କ ସହିତ ତାଙ୍କର ଆଗରୁ ଚିହ୍ନା ପରିଚୟ ଥିଲା । ସାତ ଦିନ ହସ୍ପିଟାଲରେ ରହି ସୁଭଦ୍ରା ଦେବୀ ଝିଅକୁ ନେଇ ଘରକୁ ଆସିଲେ । ଜେଜେ ମା' ଶକୁନ୍ତଳା ନାତୁଣୀକୁ ବନ୍ଦାପନା କରି ଘର ଭିତରକୁ ନେଲେ । ଝିଅଟି ଆସ୍ତେ ଆସ୍ତେ ପୂର୍ଣ୍ଣିମାର ଚାନ୍ଦ ପରି ବଡ଼ ହେଲା । ତାର ଗୁଲୁ ଗୁଲୁ କଥାରେ ଘର ହସି ଉଠିଲା । ତାର ଟୁକୁ ଟୁକୁ ପାଦର ରୁଣୁ ଝୁଣୁ ଚାଲିରେ ଘର ହସି ଉଠିଲା । ମୃତ୍ୟୁଞ୍ଜୟ ବାବୁଙ୍କର ଛୋଟ ପରିବାରରେ ହସ ଖୁସି ଭରି ଗଲା ।

ଯେଉଁ ନାତୁଣୀର ଜନ୍ମରେ ଜେଜେ ମା' ପସନ୍ଦ କରୁ ନ ଥିଲେ, ସେ ନାତୁଣୀକୁ ଦଣ୍ଡେ ନ ଦେଖିଲେ ରହି ପାରନ୍ତି ନାହିଁ । ନାତୁଣୀ ମଧୁସ୍ମିତା ସହିତ ଜେଜେ ମା' ର ଖୁବ୍ ଜମେ । ଝିଅଟି ଶିକ୍ଷାଦୀକ୍ଷା ପାଇ ଆଜି ଦେଶର ସେବିକା ହୋଇଛି । ଉଡ଼ାଜାହାଜ ଚଳାଉଛି । ମୃତ୍ୟୁଞ୍ଜୟ ବାବୁଙ୍କୁ ସାଙ୍ଗସାଥି ମହଲରୁ ବଧାଇର ସୁଅ ଛୁଟି ଆସୁଛି । ଏସବୁ ଦେଖି ଶକୁନ୍ତଳା ଦେବୀ ଶାନ୍ତିରେ ନିଃଶ୍ୱାସ ମାରନ୍ତି । ଭଗବାନଙ୍କୁ ଧନ୍ୟବାଦ ଦିଅନ୍ତି । ପୂର୍ବର ଭାବନା ପାଇଁ କ୍ଷମା ପ୍ରାର୍ଥନା କରନ୍ତି ।

ଗାନ୍ଧିନଗର,ପୋଷ୍ଟ / ଜିଲ୍ଲା :ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଈଶ୍ୱର କୃପା

## ଈଶ୍ୱର କୃପା



ଈଶ୍ୱରଙ୍କର କୃପାରୁ ଏ ସୁନ୍ଦର ସଂସାରର ସୃଷ୍ଟି ହୋଇଛି । ଅନେକ ଜୀବ ମଧ୍ୟରେ ମଣିଷର ବୁଦ୍ଧି ବିବେକ ଥିବାରୁ ଶ୍ରେଷ୍ଠ ପ୍ରାଣୀ ରୂପରେ ବିବେଚିତ ହୋଇଛି । କେବଳ ସେହି ଈଶ୍ୱର କୃପାରୁ । ତାଙ୍କର ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ୍ୟ ଝଡେ ନାହିଁ । କିନ୍ତୁ ବିବେକବାନ ମଣିଷ ବେଳେ ବେଳେ ବିବେକହୀନ ହୋଇ ପଡୁଛି । ଈଶ୍ୱରଙ୍କର ସତ୍ତାକୁ ଭୁଲି ଯାଉଛି । ନିଜକୁ ଶ୍ରେଷ୍ଠ ବୋଲି ଭାବି ନେଉଛି । ଏ ଛାର ମଣିଷ ଯେତେବେଳେ ନିଜ ମନ ତଥା ଶରୀରକୁ ଈଶ୍ୱରଙ୍କ ଠାରେ ସମର୍ପି ଦିଏ । ସେତେବେଳେ ତାଙ୍କରି କୃପାରୁ ସମସ୍ତ ସୁଖର ଅଧିକାରୀ ହୋଇଥାଏ ଏହି ମଣିଷ ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ବହୁତ ଈଶ୍ୱର ବିଶ୍ୱାସୀ ତଥା ପ୍ରଜାମାନଙ୍କୁ ବହୁତ ଭଲ ପାଉଥିଲେ । ରାଜମହଲର ନିକଟସ୍ଥ ମନ୍ଦିରକୁ ପ୍ରତ୍ୟେକ ଦିନ ରାଜା ଈଶ୍ୱରଙ୍କ ଦର୍ଶନ ପାଇଁ ଯାଉଥିଲେ । ଥରେ ଦର୍ଶନ ସାରି ରାଜା ଫେରୁଥିବା ସମୟରେ ମନ୍ଦିର ପାହାଚର ଦକ୍ଷିଣ ପାଶ୍ୱରେ ବସିଥିବା ଭିକାରୀ ଜଣକ ରାଜାଙ୍କ ପାଖକୁ ଆସି କହିଲେ । ହେ ଭଗବାନ୍ ତୁମ କୃପାରୁ ରାଜା ଜଣକ ସବୁ କିଛି ପାଇଛନ୍ତି ମୋ ଉପରେ କିଛି କୃପା କର ପ୍ରଭୁ । ସେହି ସମୟରେ ବାମ ପାଶ୍ୱରେ ବସିଥିବା ଭିକାରୀ ଜଣକ ରାଜାଙ୍କ ପାଖକୁ ଆସି କହିଲେ ହେ ରାଜା ! ଆପଣ ଈଶ୍ୱରଙ୍କ କୃପାରୁ ସମସ୍ତ ସୁଖର ଅଧିକାରୀ ହୋଇଛନ୍ତି । ମୋତେ କିଛି ସାହାଯ୍ୟ କରନ୍ତୁ । ଦୁଇଜଣଙ୍କୁ କିଛି ନ କହି ରାଜା ରାଜଦରବାରକୁ ଫେରି ଆସି ମନ୍ତ୍ରୀଙ୍କ ସହ ଆଲୋଚନା କଲେ । ଦୁଇ ଜଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିକାରୀ ଭିନ୍ନ ଭିନ୍ନ ବାକ୍ୟ ମୋତେ କହିଲେ । ଆସନ୍ତାକାଲି ମୁଁ ବଣକୁ ଶିକାର କରିବା ପାଇଁ ଯିବି । ମନ୍ଦିର ଦରଶନ ପାଇଁ ଯାଇପାରିବି ନାହିଁ । କିନ୍ତୁ ମନ୍ତ୍ରୀ ତୁମେ ଗୋଟିଏ ପାତ୍ରର ତଳେ କିଛି ସୁନାର ମୁଦ୍ରା ଉପରେ ଖିରୀ ରଖି ବାମ ପାର୍ଶ୍ୱରେ ବସିଥିବା ଭିକାରୀ ଜଣକୁ ଦେଇଦେବ । ହୁଏତ ତାହାର ଭାଗ୍ୟ କିଛି ପରିବର୍ତ୍ତନ ହୋଇପାରେ । ମନ୍ତ୍ରୀ ଜଣକ ରାଜାଙ୍କ କଥାକୁ ଶୁଣି ସ୍ମିତହସରେ ସହମତି ଜଣାଇଲେ । ତା ପରଦିନ ମନ୍ତ୍ରୀ ସେହି ଖିରୀ ପାତ୍ରକୁ ହାତରେ ଧରି ମନ୍ଦିର ପାହାଚର ବାମ ପାର୍ଶ୍ୱରେ ବସିଥିବା ଭିକାରୀ ଜଣକୁ ଦେଲେ । ସେହି ଭିକାରୀ ଜଣକ ଅତି ଖୁସିରେ ଖିରୀ ଖାଇବାକୁ ଲାଗିଲେ । ଅନ୍ୟ ଭିକାରୀ ଜଣକୁ ଦେଖେଇ କହିଲା ରାଜାଙ୍କ ପାଖରେ ସବୁ ଅଛି ବୋଲି କହିବାରୁ ମୋତେ ଖୁସିରେ ଖିରୀ ଖାଇବାକୁ ଦେଇଛନ୍ତି । ଭଗବାନ୍ ସବୁ ଦେଉଛନ୍ତି ବୋଲି କହୁଥିଲୁ ଦେଖିଲୁ ତ ଖିରୀ ବି ଆଜି ତୋତେ ମିଳିଲାନି । ଏହି ଭଳି ଭିକାରୀ ଜଣକ ଅନ୍ୟ ଭିକାରୀର ଉପହାସ କଲା । କହିଲା ଠିକ୍ ଅଛି ଏହି ପାତ୍ରରେ ଅଳ୍ପ ଖିରୀ ଅଛି ଖାଇଦେ । ସେହି ଭିକାରୀ ଜଣକ ଖିରୀ ପାତ୍ରଟି ଘରକୁ ନେଇଗଲା । ଘରେ ଖିରୀ ଖାଇ ସାରିବା ପରେ ଦେଖିଲା ଯେ ସ୍ୱର୍ଣ୍ଣ ମୁଦ୍ରା । ତାହା ପାଇ ଈଶ୍ୱରଙ୍କୁ ମନେ ମନେ ଧନ୍ୟବାଦ ଦେଲା । ସେହି ଦିନଠାରୁ ଭିକ୍ଷା ବୃତ୍ତି କରିବା ପାଇଁ ଗଲାନାହିଁ । ନିଜ ଘର ପାଖରେ ଦୋକାନ କରି ନିଜର ପରିବାର ସୁରୁଖୁରୁରେ ପ୍ରତିପୋଷଣ କଲା । ଅତି ଖୁସିରେ ସେହି ଭିକାରୀ ଜଣକ ମନ୍ଦିରକୁ ଈଶ୍ୱରଙ୍କର ଦର୍ଶନ  ପାଇଁ ଆସିଥିଲା । ସେହି ସମୟରେ ରାଜା ମଧ୍ୟ ମନ୍ଦିରକୁ ଆସିଥାନ୍ତି । ଭିକ୍ଷା ବୃତ୍ତି ନ କରିବାର କାରଣ ରାଜା ଭିକାରୀ ଜଣକୁ ପଚାରିଲେ । ଘଟିଥିବା ବୃତ୍ତାନ୍ତକୁ ରାଜାଙ୍କ ପାଖରେ କହିଲା ଭିକାରୀଟି । ରାଜା ହସି ହସି କହିଲେ ଆମେ ଛାର ମଣିଷ । ଆମେ ଚାହିଁଲେ କାହାର ଭାଗ୍ୟକୁ ବଦଳାଇ ପାରିବା ନାହିଁ । ଈଶ୍ୱରଙ୍କର ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ଝଡି ନଥାଏ  । ଯାହା କରିବେ ସାଇଁ ତାହା କାହାରି ହାତରେ ନାହିଁ । ଈଶ୍ୱରଙ୍କର କୃପାରୁ ଏହା ସମ୍ଭବ ହୋଇପାରିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋକ୍ଷଦା ଏକାଦଶୀ କଥା

ଅର୍ଜୁନୀ ଚରଣ ବେହେରା



ମାର୍ଗଶିର ଶୁକ୍ଳ ପକ୍ଷରେ ପଡୁ ଥିବା ଏକାଦଶୀର ନାମ ମୋକ୍ଷଦା ଏକାଦଶୀ । ଏହା ମଧ୍ୟ ଗୋମତୀ ବୈକୁଣ୍ଠ ଓ ମୌନୀ ଏକାଦଶୀ ନାମରେ ପରିଚିତ । ମୋକ୍ଷଦା ଏକାଦଶୀର ମାହାତ୍ମ୍ୟ ପଦ୍ମପୁରାଣରେ ବର୍ଣ୍ଣିତ ହୋଇଛି । ଧର୍ମରାଜ ଯୁଧିଷ୍ଠିରଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ଏହି ଏକାଦଶୀର କଥା କହିଛନ୍ତି ।

ମୋକ୍ଷାଦା ଏକାଦଶୀର ମହାତ୍ମ୍ୟ କହିବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କୁ ଏକ ସୁନ୍ଦର ପୌରାଣିକ କାହାଣୀ ଶୁଣାଇଲେ ।

ବହୁଦିନ ତଳର କଥା । ଏକଦା ଚମ୍ପକ ନାମରେ ଏକ ନଗରୀରେ ବହୁ ବୈଷ୍ଣବ ବାସ କରୁଥିଲେ । ନଗରର ରାଜା ଥିଲେ ବୈଖାନସ । ସେ ଅତ୍ୟନ୍ତ ପ୍ରଜାନୁରଞ୍ଜକ ଥିଲେ । ଦିନେ ରାଜା ବୈଖାନସ ସ୍ୱପ୍ନରେ ଦେଖିଲେ, ତାଙ୍କ ପିତୃପୁରୁଷମାନେ ନର୍କ ଭୋଗ କରୁଛନ୍ତି । ସେମାନେ ମୋକ୍ଷ ଲାଭ କରି ନାହାଁନ୍ତି, ନର୍କରେ ପଡ଼ି ଅଶେଷ ଯାତନା ଭୋଗ କରୁଛନ୍ତି । ସେମାନେ ଚିତ୍କାରକରି କହୁଛନ୍ତି, ହେ ବତ୍ସ ! ଆମକୁ ଏହି ନର୍କରୁ ଉଦ୍ଧାର କର ।

ପରଦିନ ସକାଳୁ ରାଜା ବ୍ରାହ୍ମଣ ଓ ପଣ୍ଡିତମାନଙ୍କୁ ଡକାଇ ଦେଖିଥିବା ସ୍ୱପ୍ନ କଥା କହିଲେ । ସେ ପୁଣି କହିଲେ, ମୋ ପରି ପୁତ୍ର ଥାଉ ଥାଉ ଯଦି ମୋର ପିତୃପୁରୁଷ ମାନେ ନର୍କଭୋଗ କରୁଛନ୍ତି, ତେବେ ମୋ ଜୀବନକୁ ଧିକ୍ । ଏହା ଶୁଣି ବ୍ରାହ୍ମଣ, ପଣ୍ଡିତମାନେ ତାଙ୍କୁ କହିଲେ, ହେ ରାଜା, ତୁମେ ପର୍ବତ ଋଷିଙ୍କ ପାଖକୁ ଯାଆ । ସେ ତୁମକୁ ଉଚିତ୍ ମାର୍ଗ ଦର୍ଶନ ଦେବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଣ୍ଡିତମାନଙ୍କ ପରାମର୍ଶ ମାନି ରାଜା ବୈଖାନସ ଯାଇ ପର୍ବତ ଋଷିଙ୍କ ଆଶ୍ରମରେ ପହଞ୍ଚି ମୁନିଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ପର୍ବତ ତାଙ୍କର କୁଶଳ ଜିଜ୍ଞାସା କରିବାରୁ ରାଜା କହିଲେ, ହେ ମହାତ୍ମା ! ଆପଣଂକ ଆଶୀର୍ବାଦରୁ ମୋ'ର ସମସ୍ତ କୁଶଳ ଅଛି । କିନ୍ତୁ ଗୋଟିଏ କଥାପାଇଁ ମୁଁ ଖୁବ୍ ବ୍ୟଥିତ ହୋଇପଡ଼ିଛି । ସେହି କଥାଟି ହେଲା, ମୋ ପିତୃ ପୁରୁଷମାନେ ନର୍କ ଭୋଗ କରୁଛନ୍ତି । ସେମାନେ ଉଦ୍ଧାର ପାଇଁ, ମୋତେ ଚାହିଁ ବସିଛନ୍ତି । ଆପଣ ମୋତେ ଦୟା କରି କିଛି ପନ୍ଥା ବତାନ୍ତୁ, ଯଦ୍ୱାରା, ମୁଁ ତାଙ୍କ ମୋକ୍ଷ କରାଇ ପାରିବି ।

ତାଙ୍କ କଥା ଶୁଣି ପର୍ବତ ଋଷି କହିଲେ, ମାର୍ଗଶିର ମାସର ଶୁକ୍ଳ ପକ୍ଷ ଏକାଦଶୀ ହେଉଛି ମୋକ୍ଷା ବା ମୋକ୍ଷଦା ଏକାଦଶୀ, ତୁମେ ଯାଇ ଏହି ଏକାଦଶୀ ପାଳନ କର । ତାହାର ପୁଣ୍ୟଫଳ ପିତର ଗଣଙ୍କୁ ଦାନ କଲେ, ସେମାନେ ନିଶ୍ଚୟ ମୋକ୍ଷ ପାଇବେ । ପ୍ରାସାଦକୁ ଫେରିଆସି ମହାରାଜ ବୈଖାନସ ବିଧି ବିଧାନ ସହ ସେହି ଏକାଦଶୀ ପାଳନକଲେ ଏବଂ ତାହାର ପୁଣ୍ୟ, ନିଜ ପିତୃ ପୁରୁଷଙ୍କୁ ଦାନ କଲେ । ରାଜାଙ୍କର ଏହି କୃତ୍ୟରେ ଅନ୍ତରୀକ୍ଷରୁ ପୁଷ୍ପ ବୃଷ୍ଟି ହେଲା । ତାଙ୍କ ପିତୃଗଣ ମୋକ୍ଷ ଲାଭ କରି ତାଙ୍କୁ ଧନ୍ୟ ଧନ୍ୟ କରି ଦ୍ୟୁଲୋକକୁ ପ୍ରସ୍ଥାନ କଲେ । ଉପାଖ୍ୟାନଟି ଶୁଣାଇ ସାରି ଶ୍ରୀକୃଷ୍ଣ ଧର୍ମରାଜଙ୍କୁ କହିଲେ, ଯେଉଁବ୍ୟକ୍ତି ବିଧିମତେ ମାର୍ଗଶିର ଶୁକ୍ଳ ଏକାଦଶୀ ପାଳନ କରନ୍ତି, ତାଙ୍କର ଇହ କାଳର ସମସ୍ତ ପାପ ବିନଷ୍ଟ ହୁଏ ଏବଂ ମୃତ୍ୟୁ ପରେ ସେ ମୋକ୍ଷଲାଭ କରନ୍ତି । ଏହି ଏକାଦଶୀ ମୋର ଅତି ପ୍ରିୟ । ଏହି ଏକାଦଶୀର କଥା ଯିଏ ପଢ଼ନ୍ତି ଅବା ଶୁଣନ୍ତି ବା ଶୁଣାନ୍ତି, ସେ ବାଜପେୟ ଯଜ୍ଞର ଫଳ ଲାଭ କରିଥାନ୍ତି । ଏହା ପାପହାରିଣୀ ଭାବରେ ଶ୍ରେଷ୍ଠା । ଏହା ମହା ପାତକ ବିନାଶ କରି ମୋକ୍ଷ ପ୍ରଦାନ କରାଇ ଥାଏ ।

ଏହି ଏକାଦଶୀକୁ ଗୋମତୀ ଏକାଦଶୀ କହିବା ପଛରେ ଏକ ସୁନ୍ଦର ପୌରାଣିକ ଗାଥା ରହିଛି । ସ୍କନ୍ଦ ପୁରାଣରେ କୁହାଯାଇଛି:-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋମତୀ ଗୋମୟ୍ର ସ୍ନାନଂ, ଗୋଦାନଂ ଗୋପୀ ଚନ୍ଦନମ୍ ।

ଦର୍ଶନଂ ଗୋପୀନାଥସ୍ୟ ଗକାରାଃ ପଞ୍ଚଦୁର୍ଲଭାଃ ।

ଅର୍ଥାତ୍, ଗୋମତୀ ନଦୀ ଓ ଗୋମୟସ୍ନାନ, ଗୋ ଦାନ, ଗୋପୀ ଚନ୍ଦନ ଓ ଗୋପୀନାଥଙ୍କ ଦର୍ଶନ ଏହି ପଞ୍ଚ ଗକାର ଅତି ଦୁର୍ଲଭ ଅଟନ୍ତି । ପୁଣ୍ୟଭୂମି ଆର୍ଯ୍ୟାବର୍ତ୍ତରେ ପ୍ରବାହିତ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ନଦୀ । ତାଙ୍କ ମଧ୍ୟରୁ କେତେକଙ୍କୁ ପୁଣ୍ୟଦାୟିନୀ ଭାବେ ପୂଜା କରା ଯାଇଥାଏ । ସେହି ପୂତନୀରା ନଦୀ ସରିତଙ୍କ ମଧ୍ୟରେ, ଗୋମତୀ ଅନ୍ୟତମା । ଭଗବାନ୍ ଶ୍ରୀକୃଷ୍ଣଙ୍କ ଗୋଟିଏ ନାମ ଗୋମତୀକୁ ସଂଯୋଗ କରି ରହିଛି ଗୋମତୀପ୍ରିୟ ।

ପୁରାଣର ବର୍ଣ୍ଣନା ଅନୁସାରେ, ଏକଦା ବ୍ରହ୍ମାଙ୍କର ସନକ ଆଦି ମାନସ ସନ୍ତାନ ମାନେ ଭଗବାନଙ୍କ ଦର୍ଶନ ପାଇବା ପାଇଁ କଠୋର ତପସ୍ୟାରେ ମଗ୍ନ ହେଲେ । ବହୁ ବର୍ଷ ବିତିଗଲା । ଦିନେ ସେମାନେ ଭଗବାନଙ୍କ ପ୍ରାକଟ୍ୟ ହେବାର ସୂଚନା ପାଇବାରୁ ତାଙ୍କୁ କିପରି ପାଦ୍ୟଅର୍ଘ୍ୟ ପ୍ରଦାନ କରିବେ ସେଥି ପାଇଁ ଚିନ୍ତିତ ହୋଇ ନିଜ ପିତାଙ୍କୁ ସ୍ମରଣ କଲେ । ବ୍ରହ୍ମାଙ୍କ ଅନୁରୋଧ କ୍ରମେ, ସରିତା ଶ୍ରେଷ୍ଠା ଗଙ୍ଗା ମର୍ତ୍ତ୍ୟରେ ବ୍ରହ୍ମର୍ଷି ବଶିଷ୍ଠଙ୍କୁ ଅନୁସରଣ କରି କରି ବ୍ରହ୍ମପୁତ୍ର ସନକାଦିଙ୍କ ତପସ୍ୟାସ୍ଥଳରେ ଆବିର୍ଭୂତା ହେଲେ । ପୁତ୍ରୀ ଭାବରେ ବଶିଷ୍ଠଙ୍କର ଅନୁସରଣ କରୁ ଥିବାରୁ, ସନକାଦି ଋଷି,ତାଙ୍କୁ ବଶିଷ୍ଠ ପୁତ୍ରୀ ଭାବେ ସମ୍ବୋଧନ କରି ତାଙ୍କୁ ଆରାଧନା କଲେ । ଏଥିରେ ସନ୍ତୁଷ୍ଟହୋଇ ତାଙ୍କ ପୁଣ୍ୟସଲିଳ ମଧ୍ୟରୁ ମକରକୁଣ୍ଡଳଧାରୀ ଭଗବାନ୍ ବିଷ୍ଣୁ ପ୍ରକଟ ହୋଇ ସନକାଦିଙ୍କ ପାଦ୍ୟାର୍ଘ୍ୟ ଗ୍ରହଣ କରି ତାଙ୍କୁ ଦର୍ଶନ ଦେଲେ । ସେହି ବଶିଷ୍ଠପୁତ୍ରୀ ହେଲେ ପୂତସଲିଳା ଗୋମତୀ । ତାଙ୍କ ଜଳରୁ ଭଗବାନ ବିଷ୍ଣୁ ପ୍ରକଟ ହୋଇ ଥିବାରୁ, ତାଙ୍କର ଜଳକୁ ପୁଣ୍ୟ ପ୍ରଦାୟିନୀ ମାନ୍ୟ କରାଯାଇ ଥାଏ ।

ଗୋମତୀ ଅର୍ଥାତ୍, ସ୍ୱର୍ଗରୁ ଆସିଥିବା ମତି, ଶୁଦ୍ଧ ଚିତ୍ତ ସ୍ୱରୂପିଣୀ । ତାଙ୍କ ଦର୍ଶନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାତ୍ରେ ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଯାଏ ବୋଲି କୁହାଯାଏ । ରାବଣକୁ ବଧ କରିଥିବାରୁ, ପ୍ରଭୁ ଶ୍ରୀରାମଙ୍କୁ ବ୍ରହ୍ମହତ୍ୟା ପାପ ଲାଗିଥିଲା । ଏଣୁ ସେ ଗୁରୁ ବଶିଷ୍ଠଙ୍କ ନିର୍ଦ୍ଦେଶରେ ଗୋମତୀରେ ସ୍ନାନ କରି ବ୍ରହ୍ମହତ୍ୟା ପାପରୁ ମୁକ୍ତ ହୋଇଥିଲେ । ପ୍ରଭୁ ଶ୍ରୀରାମ ଯେଉଁ ଠାରେ ଗୋମତୀରେ ସ୍ନାନ କରିଥିଲେ ଧୋପାପ ତୀର୍ଥ ନାମରେ ତାହା ପ୍ରସିଦ୍ଧ । ଗୋମତୀ ନଦୀରୁ ପବିତ୍ର ଗୋମତୀ ଚକ୍ର ମିଳିଥାଏ । ଏହି ଗୋମତୀ ନଦୀ ହିମାଳୟର ତରାଇ ବନାଞ୍ଚଳରୁ ଗୋମତୀ ତଲାଭ ନାମକ ଏକ ହ୍ରଦରୁ ବାହାରି, ଉପନଦୀ ମାନଙ୍କ ସଂଯୋଗରେ କାଶୀ ଠାରେ ଗଙ୍ଗା ସହ ମିଳିତ ହୋଇଛି । ଭଗବତୀ ଗଙ୍ଗାଙ୍କ ଉପନଦୀ ମାନଙ୍କୁ ନେଇ କଥା ରହିଛି:-

ଗୋମତୀ, ଘର୍ଘରା ଗଣ୍ଡକ କୋଶୀ ।  
ଏମାନେ ଯାଇଛନ୍ତି ଗଙ୍ଗାରେ ମିଶି ।।

କୁହାଯାଏ ଗ୍ରହଣରେ କାଶୀ, ମକରରେ ପ୍ରୟାଗ, ଚୈତ୍ର ନବମୀରେ ଅଯୋଧ୍ୟା, ଏବଂ ଦଶହରାରେ ଧୋପାପରେ ସ୍ନାନକଲେ ସମସ୍ତପାପ ନାଶହୁଏ । ମାର୍ଗଶିର ଶୁକ୍ଲ ଏକାଦଶୀରେ ଗୋମତିରେ ସ୍ନାନ ଅତ୍ୟନ୍ତ ପୁଣ୍ୟ ପ୍ରଦାୟୀ । ତେଣୁ ମାର୍ଗଶୀର ଶୁକ୍ଲ ଏକାଦଶୀର ଅନ୍ୟନାମ ଗୋମତୀ ଏକାଦଶୀ । ଏହି ଦିନ ଲକ୍ଷ୍ନୌ ଏବଂ ବାରାଣସୀର ଗୋମତୀ ଘାଟରେ ସ୍ନାନ ପାଇଁ ପ୍ରବଳ ଜନସମାଗମ ତଥା ପ୍ରବଳ ଭିଡ଼ ହୋଇଥାଏ ।

ମୋ : ୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ୱର୍ଗ ଓ ନର୍କ

ଡଃ ତାନଶ୍ରୀ ପାଣିଗ୍ରାହୀ



ପ୍ରକୃତିର ମାୟା ବଡ଼ ବିଚିତ୍ର । ମଣିଷର ଜୀବନ ବି ଏକ କୌତୁହଳ... ସ୍ୱର୍ଗ ଓ ନର୍କର ପାର୍ଥକ୍ୟ ଜାଣିବାକୁ ଇଚ୍ଛା କରି ଯୁବକ ଜଣେ ଆସି ପହଂଚିଲେ ସ୍ୱାମୀ ବିବେକାନନ୍ଦ ପାଖରେ । ସ୍ୱାମୀଜୀଙ୍କୁ ପ୍ରଣାମ ଜଣାଇ ଆସିବାର ଅଭିପ୍ରାୟ ଜଣାଇଲେ । ଆପଦ - ମସ୍ତକ ନିରୀକ୍ଷଣ କରି ସ୍ୱାମୀଜୀ ପଚାରିଲେ -ହେ ଯୁବକ, ତୁମର ବୃତ୍ତି କଣ ?

ଗର୍ବିତ ଶବ୍ଦରେ ଯୁବକ ଉତ୍ତର ଦେଲେ... ମୁଁ ଜଣେ ଯୋଦ୍ଧା... । ସ୍ୱାମୀଜୀ କହିଲେ ଜଣେ ଭୀରୁ କଣ କେବେ ଯୋଦ୍ଧା ହୋଇପାରେ... ? ତୁମପରି ବ୍ୟକ୍ତିଙ୍କୁ ଯେଉଁ ରାଜା ନିଜ ସେନାରେ ନିଯୁକ୍ତି ଦେଇଛନ୍ତି ସେ ଜଣେ ମୂର୍ଖ ହୋଇଥିବେ । କିଏ ସେ ରାଜା... କେଉଁ ଦେଶର ସେ... ? ସେତେବେଳକୁ ଯୁବକଙ୍କ ହାତ ଯାଇ ପହଂଚି ଯାଇଥାଏ ଧାରୁଆ ତରବାରୀ ପାଖରେ । ଏହାକୁ ଲକ୍ଷ୍ୟ କରି ସ୍ୱାମୀଜୀ କହିଲେ - ତୁମେ ପାଖରେ ତରବାରୀ ବି ରଖିଛ ? ତାହା ଏକ ଖେଳନା ନାଁ ସେଥିରେ କିଛି ଶକ୍ତି ଅଛି ? ଏତିକିରେ ଯୁବକଙ୍କୁ ଆଉ କିଏ ସମ୍ଭାଳେ... ତରବାରୀ ଧରି ସ୍ୱାମୀଜୀଙ୍କ ଆଡକୁ ଆଗେଇ ଯାଉଥିବା ବେଳେ ଖୁବ ଜୋରରେ ହସିଲେ ସେ... । କହିଲେ ବାଃ ବାଃ... ଏତେ ଶୀଘ୍ର ନରକରେ ପହଂଚିଗଲ... ?

ଯୁବକଙ୍କ ହାତରୁ ଖସି ପଡିଲା ତରବାରୀଟି... ସ୍ୱାମୀଜୀଙ୍କ ଗୋଡ଼ ତଳେ ପଡ଼ିଗଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁବକ ଜଣକ ।

ଯୁବକଙ୍କୁ ସ୍ନେହରେ ଉଠାଇ ସ୍ୱାମୀଜୀ କହିଲେ ଏବେ ତ ତୁମେ ସ୍ୱର୍ଗରେ - ଯୁବକ ଜଣକ ଅପରାଧୀ କଣ୍ଠରେ କହିଲେ ମୋତେ କ୍ଷମା କରି ଦିଅନ୍ତୁ ସ୍ୱାମୀଜୀ... । ସ୍ମିତ ହସିଲେ ବିବେକାନନ୍ଦ... କହିଲେ-ଏବେ ବୁଝିଲ  ତ ସ୍ୱର୍ଗ ଓ ନର୍କର ପାର୍ଥକ୍ୟ...॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଥଚ୍ୟୁତ ଦିଗନ୍ତ

ସୁଶାନ୍ତ ଶେଖର ଦାଶ



ଆମ ଗାଁର ସେଇ ବୁଢାଲୋକଟି କଥା ଏବେବି ମନେ ପଡିଗଲେ ମୋ ମନଟା କେମିତି ଚହଲି ଯାଏ । ଖୁବ୍ ଅସ୍ଥିର ଓ ବିଚଳିତ ହୋଇପଡେ । ଯେମିତି ଏକ ଅଦୃଶ୍ୟ ହାତ ମନଟାକୁ ମୋ ଠାରୁ ଛଡାଇ ନେଉଛି । ଅନ୍ୟାନ୍ୟ କାମରୁ ସାମାନ୍ୟ ଅବ୍ୟାହତି ନେଇ କିଛି ସମୟ ପାଇଁ ତାଙ୍କ କଥା ଭାବିବାକୁ ଇଚ୍ଛାହୁଏ । କିଛି ମୁହୂର୍ତ୍ତ ପାଇଁ ମାନସିକ ସ୍ତରରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡି ଶୂନ୍ୟରେ ଘୁରିବୁଲେ । ମନ ଭିତରେ ଆସିଯାଉଥାଏ ଏକ କ୍ଷୟିତ ଶରୀର ଏବଂ ସେଇ ଶରୀରରୁ ବାହାରୁଥାଏ ଜୀବନର ବହୁ ଅନୁଭୂତି ମିଶ୍ରିତ ଏକ ଗମ୍ଭୀର ନୀରବତା ।

ମୋ ଅନ୍ୟମନସ୍କତାରେ ସହକର୍ମୀମାନେ ଫାଇଦା ଉଠନ୍ତି, ଥଟ୍ଟା ତାମସା ଆରମ୍ଭ କରିପକାନ୍ତି !

ତାଙ୍କ ମୃତ୍ୟୁର ଗୁଡ଼ାଏ ବର୍ଷ ବିତିଲାଣି । ଥୋକେ ଗାଁ ଲୋକ ଭୁଲି ବସିଲେଣି ସେ ଲୋକଟାକୁ । ଚାଳ ଛପର ଘରଟି ମାଟିରେ ମିଶି ତା' ସତ୍ତା ହରାଇବସିଲାଣି । ସେ ଜାଗାରେ କ୍ଷୁଦ୍ର ମନ୍ଦିର ସଦୃଶ ସମାଧିଦିଓଟି ଅରଣା ଘାସ ବଣ ଭିତରେ ଉବୁଟୁବୁହୋଇ ମୁଣ୍ଡ ଟେକିଛନ୍ତି ।

ଗାଁ ମଝିରେ ଥିଲା ତାଙ୍କର ମଜଭୁତ କଚ୍ଚା ଘର । ଦୋହରା ଚାଳ ଛପର । ଆକାଶ ଛୁଆଁ ମଥାନ । ଘର ସାମ୍ନାକୁ ଉଚ୍ଚା ଉଚ୍ଚା ମାଟି ପିଣ୍ଡା । ପିଣ୍ଡା ଉପରେ ଧାଡି ଧାଡି ଯେଉଁ କାଠଖୁଣ୍ଟସବୁ ଘରର ଛପରକୁ ମୁଣ୍ଡାଇ ଶକ୍ତ ଭାବେ ଠିଆ ହୋଇଥାନ୍ତି, ସେଥିରୁ ସବା ଶେଷଟିରେ ଭରାଦେଇ ସେଇ ଲୋକଟି ନିରବରେ ବସିରହିଥାନ୍ତି । ତାଙ୍କ ଘର ଆଗଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିବା କଚ୍ଚା ମାଟିରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ଚାହିଁ ଏମିତି ସମୟ ବିତାନ୍ତି ।

ସଙ୍ଗରହିତ ଏକାକୀ ଜୀବନ ! ଏକାକୀ ପଦଚର ।

ନିଜ ଗାଁରେ ଅଜଣା ହୋଇ ବଂଚୁଥିବା ଏକ ଜୀବନର ଶେଷ ଅଧ୍ୟାୟ ।

କେବେ କେବେ ଛୁଟିରେ ଗାଁକୁ ଗଲେ, ମୋତେ ପିଣ୍ଡାରେ ବସାଇ ସେ ବହୁତ ଦିନର ପୁରୁଣା କଥାସବୁ ଖୋଲି ଦିଅନ୍ତି ମୋ ସାମ୍ନାରେ । କଥା ଯେମିତି ଆଗକୁ ବଢେ, ତାଙ୍କ ଛାତି ଭିତରେ ଜମାଟ ବାନ୍ଧିଥିବା କୋହ, ଆଖିର ରଙ୍ଗ ଓ କଣ୍ଠରୁ ନିର୍ଗତ ବାଷ୍ପୀୟ ଶବ୍ଦସବୁ ଆମ ଦୁହିଁଙ୍କ ଭିତର ପରିବେଶଟାକୁ ଖୁବ୍ ଗୁରୁଗମ୍ଭୀର ଓ ଦରଦୀପୂର୍ଣ୍ଣ କରିପକାଇଥାଏ ।

ଖୁବ୍ ଭାବାବେଗ ସେ ପରିବେଶ ! କିଛି ମୁହୂର୍ତ୍ତ ପାଇଁ ନିଷ୍ଠୁର ନୀରବତା ଆମ ଦୁହିଁଙ୍କ ମଧ୍ୟରେ ଘନେଇ ଆସେ ।

ପ୍ରତ୍ୟୁତ୍ତର ହେଉ ବା ଆଶ୍ୱାସନା, ତାଙ୍କ ମନ ବୁଝାଇଲା ପରି ଦୁଇ ଚାରିପଦ କଥା ସାମ୍ନାରେ ରଖି ବିଷର୍ଣ୍ଣ ମନରେ ସେଠାରୁ ମୁଁ ବିଦାୟ ନିଏ ।

ବୟସର ତାରତମ୍ୟ ବି ଅନେକ ।

ଆମ ଦୁହିଁଙ୍କ ସ୍ୱଳ୍ପ ବାର୍ତ୍ତାଳାପ ମଧ୍ୟରେ ବାରି ହୋଇ ପଡୁଥିବା ତାଙ୍କ ବେଦନା ବା ଅନ୍ତର କଥା ସେ' ବେଳ ଠାରୁ ଏବେ ଅଧିକ ମାର୍ମିକ ବା ମର୍ମଜ୍ଞ ମନେହୁଏ । ଜଣଙ୍କ ମନର କଥା ବା ପୀଡ଼ାକୁ ମାର୍ମିକ ଅନୁଭବ କରିବାକୁ ହେଲେ, ଆମକୁ ତାଙ୍କ ଅନ୍ତରସ୍ଥିତିକୁ ଆସିବାକୁ ହୁଏ । ପରାମର୍ଶ ଏକ ଶବ୍ଦ ନୁହେଁ, ଏହା ଏକ ସମଉପସ୍ଥିତି । ସାମ୍ନାସ୍ଥିତ ମଣିଷର ହୃଦୟ ଯେଉଁ ସ୍ତରରେ କମ୍ପିତ, ସେଇ ସ୍ତରକୁ ଆମ ଆତ୍ମାକୁ ନେବାକୁ ପଡେ ।

ତାଙ୍କର ଅନ୍ତର-ବ୍ୟଥା ମୋତେ କାହିଁକି କେଜାଣି ଦୀର୍ଘ ଦିନର ବ୍ୟବଧାନରେ ବି ଏବେ ମୋ ମନ ଓ ହୃଦୟକୁ ମାତ୍ରାଧିକ ବ୍ୟଥିତ କରିପକାଏ ! ମୋ ବୟସ ବଢିବା ସହିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କ କଥାଗୁଡିକର ମାହାତ୍ମ୍ୟ, ବାରି ହୋଇ ପଡୁଥିବା ସେ ଲୋକଟିର ବ୍ୟଥା ଓ ମୋ ମନ ଭିତରେ କୁହୁଳୁଥିବା ଏକ ଅଜଣା ଆଶଙ୍କା... ଏସବୁ ଏକାବେଳକେ ମୋ ଶାନ୍ତମନକୁ ଘାଣ୍ଟି ଚକଟି ବିଦୀର୍ଣ୍ଣ କରିପକାଉଥାଏ ।

ଏହା ଭିତରେ ଯୁଗଟିଏ ବିତି ସାରିଲାଣି ।

କାଁ ଭାଁ ମୁଁ ଗାଁକୁ ଆସେ ।

କର୍ମକ୍ଷେତ୍ରରେ କଠୋର କର୍ତ୍ତବ୍ୟ, ପାଖାପାଖି ଚାଲିଥିବା ସମୟର ଘୁର୍ଣ୍ଣି ଓ ପାଖେଇ ପାଖେଇ ଆସୁଥିବା ଜୀବନର ପରିବର୍ତ୍ତନଗୁଡିକ..... ଏସବୁ ଯେମିତି ଟାଣି ଘୋଷାରି ମୋତେ ନେଇଗଲା ଗାଁ ଠୁ ବହୁତ ଦୁରକୁ । ସମୟ ବଢିବା ସହିତ ଗାଁ ର ଆକର୍ଷଣ କ୍ରମେ ଦୁର୍ବଳ ଓ ରୁଗ୍ଣ ମନେ ହୋଇ ପଡୁଥାଏ ।

ତା' ଛଡା ସେବେଳର ଆମ ଗାଁ, ଆଉ ଏବେକା ଭିତରେ ଫରକ ଅନେକ ।

ଏଇ ଗାଁରେ ମୋର ପୃଥିବୀ ଥିଲା । ମୁଁ ଚାହୁଁଥିବା ସବୁ ଜିନିଷ ଏଠି ମିଳିଯାଉଥିଲା । ଯାହା ମିଳୁନଥିଲା, ସେସବୁ ବିଲ୍ କୁଲ୍ ମୋ ଦରକାରୀ ବସ୍ତୁ ନ ଥିଲା । ସେଇ ଛୋଟ ଅଣଓସାରିଆ ନଈ, ଧୁଳିଆ ରାସ୍ତା, ଦଳ ଘେରା ପୋଖରୀ, ଛୋଟଘର, ଅଗଣା, ଗୁହାଳ, ରୋଷେଇଶାଳ- ସେସବୁ ଏବେ ସେମିତି ନାହାନ୍ତି । ସେ ପାହାଡ଼, ନଦୀ, ପାଣି, ପବନ, ମାଟି,ଆକାଶ, ଧାନ ବିଲ ଆଦି ସବୁ କେମିତି ଅଲଗା ଅଲଗା ଲାଗୁଥାନ୍ତି ।

ସମୟ ତାଡ଼ନାରେ ଏସବୁ ସନ୍ତୁଳିତ ।

ବହୁତ ବଦଳିଯାଇଛନ୍ତି ଯେମିତି !

ଆଗପରି ଆନ୍ତରିକତା ନଥିଲା ଭଳି ମନେହୁଏ । ଗାଁକୁ ଗଲେ, ଚିହ୍ନା ଭିତରେ ଅଚିହ୍ନା ପରି ଦେଖନ୍ତି ।

କ୍ଷେତ ବାଡ଼ି ଯେମିତି ଶ୍ରୀହୀନ !

ଏସବୁ ପରିବର୍ତ୍ତନ ଭିତରେ, ଗାଁ ର ସେଇ ବୁଢା ଲୋକଟି ଖୁବ ବଦଳି ଯାଇଥାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗଭଳି ମାମଲତ ମୋଟେ ନାହିଁ । ଭାଗ ଦୌଡ ଓ ଫୁର୍ତ୍ତି ଯେମିତି ଉଭେଇଯାଇଛି । ସ୍ୱଳ୍ପ ପରିହିତ ପୋଷାକ ସାଙ୍ଗକୁ ବିଷର୍ଣ୍ଣ ମନରେ ଚୁପ୍ ଚାପ୍ ପିଣ୍ଡାର ସେମୁଣ୍ଡ କୋଣରେ ବସି ମୋତେ ଯେମିତି ଅପେକ୍ଷା କରିଥାନ୍ତି ।

ଦଣ୍ଡେ କ୍ଷଣେ ନୁହେଁ, ସବୁଦିନ ।

ବାର୍ଦ୍ଧକ୍ୟ ଝାମ୍ପି ପଡିଛି । ବୟସ୍କତା ଶରୀରର କ୍ଷୟ ନୁହେଁ, ନିଜ ଦାୟାଦମାନେ ଯେବେ ସ୍ନେହରୁ ବଂଚିତ କରିଦିଅନ୍ତି, ସେଇ ଅଭାବରେ ବାର୍ଦ୍ଧକ୍ୟ କାବୁ କରିନିଏ ।

ମୋ ଚାକିରୀ ଦାୟିତ୍ୱ, ଘର ସଂସାର, ଜୀବନ ଜଂଜାଳ ଓ ଏଜାଗାରୁ ସେଜାଗାର ସ୍ଥିତି ଓ ଅବସ୍ଥିତି ଭିତରେ, ସେଇ ଲୋକଟା କଥା ମୁଁ ଭୁଲି ନ ଥାଏ ।

ପରିପକ୍ୱ ବୟସରେ ନିଷ୍ଠୁର ନିଃସଙ୍ଗତାକୁ ଜାବୁଡି ଧରି ଦିନ ବିତାଉଥିବା ସେ ବୁଢା ଲୋକଟି ମୋତେ ଯେତେବେଳେ ଦେଖିଦିଅନ୍ତି, ମାତ୍ରାଧିକ ଖୁସି ହୋଇଉଠନ୍ତି । ମୋ ପୁଅ ବଡ଼ ଚାକିରୀ କରିଛି, ଖୁବ୍ ଭଲରେ ଅଛି, ଘରଟିଏ କରିଛି.... ଇତ୍ୟାଦି ଇତ୍ୟାଦି କେତେ ଖବର ସହ ହସ ଟିକକ ମୋ ପାଇଁ ସାଇତି ରଖିଥାନ୍ତି । ସେଇ ଦି ଧାଡି ହସ ଥାଏ ଖୁବ୍ କ୍ଷଣସ୍ଥାୟୀ ।

ଏକମାତ୍ର ପୁଅ 'ଭିକା'ର ବୃଦ୍ଧପିତା ପ୍ରତି ଅବିଚାର, ଭଲ ମନ୍ଦ ନ ବୁଝିବା, ଦୀର୍ଘ ଦିନହେବ ଗାଁ କୁ ନ ଆସିବା, କୌଣସି ଠୋସ୍ କାରଣ ବିନା ସମ୍ପର୍କ ବିଛିନ୍ନ କରିବା... ଆଦି ପୁରୁଣା ଗାଥା ବାଷ୍ପରୁଦ୍ଧ ହୋଇ ବଖାଣିଥାନ୍ତି ।

ସମୟକ୍ରମେ ଭାବୁକତା ତାଙ୍କ ଚେହେରାକୁ ଢାଙ୍କି ଦିଏ ।

ଦୁଃଖ ଦରଦୀ କାହାଣୀର ପସରା ମେଲି ଥାଏ ସେଇ ପିଣ୍ଡା ଉପରେ । ବର୍ଣିତ କିଛି ଘଟଣାକୁ ଘାଣ୍ଟି ଗୋଳେଇ, ତର୍ଜମା ପୂର୍ବକ ଉଦ୍ଧୃତ ସାରାଂଶରୁ ପୁଳାଏ ପୁଞ୍ଜି କରି, ଭିକାକୁ ମନାଇବାର ଆଶ୍ୱାସନାରେ ସେଇ ଆଲୋଚନାର ଯବନିକା ପଡେ ।

କର୍ତ୍ତବ୍ୟ ଓ ଦାୟିତ୍ୱ ବୋଝର ଚାପ ସାଙ୍ଗକୁ ଦୈନନ୍ଦିନ ସୁଖ ଓ ଦୁଃଖ ସହ ମୁଁ ସହର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାତାବରଣ ଓ ଗାଁ ପରିବେଶ ମଧ୍ୟରେ ଯଥାସମ୍ଭବ ସନ୍ତରଣ ପୂର୍ବକ ବାଟ ଚାଲୁଥାଏ ।

ସମୟ ବଢ଼ିବା ସାଙ୍ଗକୁ, ଗାଁ ସହିତ ମୋର ସମ୍ପର୍କ ପାହାନ୍ତିଆ ଜହ୍ନ ପରି ଫିକା ପଡି ଆସୁଥାଏ ।

ଶିକ୍ଷା କ୍ଷେତ୍ରରେ ଭିକା ମୋ ଠାରୁ ତିନି ବର୍ଷ ବଡ଼ ।

ଭିନ୍ନ ସହରରେ ଚାକିରୀ ।

କର୍ତ୍ତବ୍ୟ ଓ ଦାୟିତ୍ୱ- ଏଇ ଦୁଇଟି ବିଷୟରେ କେବେ କେମିତି ଚିନ୍ତା କରିଦେଲେ ମୋ ମନ କ୍ରମେ ଓଦାଳିଆ ହୋଇଯାଏ । ଗାଁ ପରିବେଶରୁ ବାହାରକୁ ଗୋଡକାଢି, ମହାଭାରତ ବର୍ଣ୍ଣିତ ଭୀମଙ୍କ ସ୍ୱର୍ଗାରୋହଣ କସରତ ପରି ଆଣ୍ଠେଇ ପେଟେଇ, ସହରର ନୂତନତ୍ୱର ପ୍ରଥମ ସ୍ୱପାନରୁ ହିଁ ଦାଇତ୍ୱ ବୋଝ ସାଙ୍ଗକୁ କର୍ତ୍ତବ୍ୟ ଚାପ... ଏ ସବୁ କେମିତି ଗୁଡେଇ ତୁଡେଇ ହୋଇ ଛନ୍ଦି ପକାଏ ।

କିନ୍ତୁ ଜୀବନରେ ଏଇ ଦୁଇଟିର ବ୍ୟତିକ୍ରମ ଯେ ନିଶ୍ଚିନ୍ତ ଭାବେ ମୂଲ୍ୟହୀନ, ତା ମଧ୍ୟ ମନଭିତରେ ଉଙ୍କିମାରେ । କର୍ତ୍ତବ୍ୟ ଆମକୁ ନୀତିରେ ବାନ୍ଧେ, ଆଉ ଦାୟିତ୍ୱ ଶିଖାଏ ମାନବତାର ମୂଲ୍ୟବୋଧ । ଯିଏ ଏଇ ଦୁଇଟିକୁ ଏଡେଇ ଚାଲେ, ସେ ଆତ୍ମ ସୁଖର ମିଥ୍ୟା ମାୟାରେ ବଂଚିବାକୁ ଚେଷ୍ଟା କରେ, ହେଲେ ମନଭିତରେ ଅଶାନ୍ତିର ବୋଝ ମୁଣ୍ଡାଏ । ବୟସ ଅତିକ୍ରାନ୍ତେ, ବିବେକ ଖୁବ୍ ତାଚ୍ଛଲ୍ୟ କରେ ତାକୁ ।

କର୍ତ୍ତବ୍ୟ ଜୀବନର ନୀତି ହେଲେ, ଦାୟିତ୍ୱ ମନୁଷ୍ୟତ୍ୱର ମୂଳଭିତ୍ତି ।

ଦାଇତ୍ୱ ଓ କର୍ତ୍ତବ୍ୟ ମଧ୍ୟରେ ଉଚିତ ସମନ୍ୱୟ ଓ ଭାରସାମ୍ୟ ଏବଂ ତଦନୁସାରେ ନିଜ ପୁଅ ଭିକା ପାଖରେ ଏହାର ଅବକ୍ଷୟର ଜ୍ୱଳନ୍ତ ଦୃଷ୍ଟାନ୍ତ ହିଁ ସେ ବୃଦ୍ଧ ଜଣଙ୍କୁ ଖୁବ୍ ବ୍ୟଥିତ କରିପକାଉ ଥାଏ । ତାଙ୍କସହ ଦୁଇପଦ କଥା ପରେ, ଆଦର୍ଶ ଓ ମୂଲ୍ୟବୋଧ ଭଳି ଗୁରୁତ୍ୱପୂର୍ଣ୍ଣ ଉକ୍ତିକୁ ସହଜେ ଉପଲବ୍ଧି କରିହେଉଥାଏ ।

ଯେଉଁଠି 'ମୋ କାମ' ହେଉଛି କର୍ତ୍ତବ୍ୟ, ସେଠି 'ମୋର ଜାଗାରେ ଅନ୍ୟର ଭଲ'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛି ଦାୟିତ୍ୱ - ଏହା ଥାଏ ଆମ ସ୍ୱଳ୍ପ ସୀମିତ ବାର୍ତ୍ତାଳାପର ମୋଟାମୋଟି ଭାବାର୍ଥ ।

ସତରେ, କେତେ ମହତ୍ୱପୂର୍ଣ ନ ଥିଲା ସେବେଳର ଆଦର୍ଶ ନୀତିରେ !

ଜନଶ୍ରୁତି, ପୋଥି ପୁରାଣ ଅବା ସେ ବେଳର ବର୍ଣ୍ଣବୋଧ ଶିକ୍ଷାରେ !!

ଏ ସବୁର ଆଦର୍ଶ, ଚିନ୍ତାଧାରା ବା ମୂଲ୍ୟବୋଧ, କେବଳ ମାଟିସିଲଟ ଲେଖା ଭିତରେ ସୀମିତ ହୋଇ ରହିଗଲା । କାଳ କ୍ରମେ ଏହାର ଉପାଦେୟତା ଏକଦମ୍ ଅନାବଶ୍ୟକ ହୋଇପଡ଼ିଲା ।

ଏବର ଯୁଗ ହେଉଛି ସଂଯୁକ୍ତ କିମ୍ବା ସୂଚନା ପ୍ରଯୁକ୍ତିର ଯୁଗ, ଅଥବା ସଂଖ୍ୟାତ୍ମକ ଯୁଗ । ଏବେକା ଯୁଗରେ ଏ ସବୁ ସତ୍ତାହୀନ ମନେହେଉଛି । ସାମାଜିକ ସମ୍ପର୍କ ସ୍ଥାପନାରେ ଯେମିତି ଏକ ଶୂନ୍ୟତା ସୃଷ୍ଟି ହୋଇଛି । ଏମିତି ଦେଖିଲେ ସାମାଜିକ ସମ୍ପର୍କ ସ୍ଥାପନାର ମାଧ୍ୟମସବୁ ଦ୍ରୁତଗତିରେ ବୃଦ୍ଧିହେଲେ କଣ ହେବ, ମାନବୀୟ ସମ୍ପର୍କ ସ୍ଥାପନା ନିମ୍ନଗାମୀ ମନେହେଉଛି ।

ନିଶ୍ଚିନ୍ତଭାବେ ଏଥିରେ ମାତ୍ରାଧିକ ପୀଡିତ ସେ ବୃଦ୍ଧଜଣଙ୍କ ।

ଦୀର୍ଘ ଦିନ ଧରି ମୋ ହୃଦୟ ଭିତରେ ସେଇ ବ୍ୟକ୍ତି ଜଣଙ୍କ ପ୍ରତିଛବି କେମିତି କେଜାଣି ଏକ ନିରାପଦ ସ୍ଥାନ ଅକ୍ତିଆର କରିନେଇଥାଏ । ସେକଥା ନା କେବେ ମୁଁ ତର୍ଜମା କରିଛି, ନା ଅଯଥା ଲୋକଟା କଥା ଭାବି ତାକୁ ଭୁଲିବାକୁ ଚେଷ୍ଟା କରିଛି ।

ବାର୍ଦ୍ଧକ୍ୟ ଛୁଇଁଥିବା ଲମ୍ବା ପତଳା ଶରୀର, ଗଣି ହେଲା ଭଳି ପଞ୍ଜରା ହାଡ଼, ମୁହଁରେ କିଂଚିତ ଶୁଭ୍ର ଦାଢ଼ି, ପରିହିତ ଧଳା ଧୋତି, କାନ୍ଧରେ ଧଳା ଉତ୍ତରୀୟ ଇତ୍ୟାଦି... ଏଇ ସବୁକୁ ନେଇ ମୋଟାମୋଟି ସେ ଲୋକଟାର ବାହିଯ୍ୟ ବ୍ୟକ୍ତିତ୍ୱ ।

ଦେଖିଲେ ରୁଚିସମ୍ପନ୍ନ ଓ ମର୍ଯ୍ୟାଦାବନ୍ତ ମନେହୁଅନ୍ତି ।

ମାଟି ପିଣ୍ଡା, ମୁଣ୍ଡ ଟେକା ଚାଳ, ପିଣ୍ଡାରେ ବଳିଷ୍ଠ କାଠ ଖମ୍ବ, ସିଂହଦ୍ୱାର ପରି ବିଶାଳକାୟ ଯାଉଁଳି କବାଟ, ପଥର ଖଞ୍ଜା ଦାଣ୍ଡଦୁଆର ଆଡେ ନଜର ପକାଇଲେ ସେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୃଦ୍ଧ ବ୍ୟକ୍ତିଟି ଜଣେ କୁଳୀନ ତଥା ଥିଲାବାଲା, ତାହା ସହଜେ ଅନୁମାନ କରିହୁଏ ।

ତାଙ୍କର ଏକମାତ୍ର ପୁଅ ସେଇ 'ଭିକା' ।

ପୁଅର ଶିକ୍ଷା କ୍ଷେତ୍ରରେ ତାର ପାରଦର୍ଶିତା, ଗାଁ ସ୍କୁଲରୁ ସହରର ନାମିଦାମୀ କଲେଜଯାଏ ତା'ର ପ୍ରବେଶ, କୃତିତ୍ୱ ସହ ଶିକ୍ଷା ସମାପ୍ତି, ପରେ ପରେ ଚାକିରୀ ଅନ୍ୱେଷଣର ପ୍ରଚେଷ୍ଟା ଓ ତତ୍ପରବର୍ତ୍ତୀ ଚାକିରୀ ଚୟନ ସଫଳତାର କାହାଣୀ ଥରେ ନୁହେଁ ବହୁବାର ବଖାଣିଥିବେ ଲୋକଙ୍କ ପାଖରେ । ତତ୍‌ଜନିତ ସୁଖ ଓ ଆନନ୍ଦରେ, ପତ୍ନୀ ବିୟୋଗ ଜନିତ ଦୁଃଖ ଧିରେ ଧିରେ ମଳିନ ପଡି ଆସୁଥିଲା ତାଙ୍କ ମନରେ । ବାଡ଼ିପଟେ ମୃତ ପତ୍ନୀଙ୍କ ସମାଧି ଆଡେ ମଝିରେ ମଝିରେ ଯାଇ, ମୃତ୍ୟୁ ବେଳେ ଦେଇଯାଇଥିବା ପୁଅର ଭବିଷ୍ୟତ ଦାୟିତ୍ୱକୁ କେମିତି ଅକ୍ଷରେ ଅକ୍ଷରେ ସେ ପାଳନ କରିଥାନ୍ତି, ତାହା ମନେ ମନେ ବଖାଣି ଆସନ୍ତି ।

କଡା ଅନୁଶାସନ, ତୀକ୍ଷ୍ଣ ଶୃଙ୍ଖଳିତ ଚଳଣି, ଆଦର୍ଶ ଓ ନୀତିଯୁକ୍ତ ଜୀବନଶୈଳୀର ମହତ୍ୱ ନ ବୁଝି ବେଳେ ବେଳେ ପତ୍ନୀ ଯେଉଁ ସମ୍ୟକ ଚାଞ୍ଚଲ୍ୟ ବା ମୃଦୁ୍ୟ ବିରୋଧ କରିଆସୁଥିଲେ, ସେସବୁର ସୁପରିଣାମ ଯେ ଭିକାଉପରେ ପ୍ରତିଫଳିତ, ସେ କଥା ଦିବଂଗତ ପତ୍ନୀଙ୍କ ଅବଗତ ନିମନ୍ତେ ସମାଧି ପାଖରେ ଯୁକ୍ତି ବାଢ଼ନ୍ତି ।

ଭିକା ଯେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବାନ, ସମ୍ବେଦନଶୀଳ ପଥରୁ ନିବୃତ ହେବାର ତିଳେ ମାତ୍ର ସନ୍ଦେହ ନଥିବାର ଦୃଢ଼ ଆଶ୍ୱାସନା ସବୁ ସଞ୍ଜବତୀ ସହ ପତ୍ନୀଙ୍କ ସମାଧି ଆଗରେ ଥୋଇ ଆସନ୍ତି । ଭିକା ର ଦୈନିକ ପ୍ରାତଃ ଫୁଲତୋଳା, ପୂଜା ନଇବିଦ୍ୟ, ସ୍କୁଲ ଶିକ୍ଷା, ସନ୍ଧ୍ୟା ପ୍ରାର୍ଥନା, ଗୃହ କାର୍ଯ୍ୟ ଆଦି ସହ ନୀତିଶିକ୍ଷା, ଆଦର୍ଶ, ମୂଲ୍ୟବୋଧର ସଠିକ କାର୍ଯ୍ୟ ବିବରଣୀ ସ୍ୱର୍ଗତ ପତ୍ନୀଙ୍କୁ ସମୟ କ୍ରମେ ଅବଗତ କରାଇଥାନ୍ତି ।

କେବଳ ଘରେ କାହିଁକି, ସେ ବ୍ୟକ୍ତି ଜଣଙ୍କ ଅନୁଶାସନ ଓ ଶୃଙ୍ଖଳାର ଛାପ ଗାଁ ଲୋକଙ୍କ ଉପରେ ମଧ୍ୟ ପଡୁଥିଲା । ଗାଁ ଭୋଜି, ବିବାହ ବ୍ରତ, ଯାନି ଯାତରା, ପୁଣ୍ୟପର୍ବ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବାଦେବୀଙ୍କ ଉଛବାଦି ସବୁଠି ତାଙ୍କ ଶୃଙ୍ଖଳା ଓ ଅନୁଶାସନର ଛାଟ । ଛୋଟ ମୋଟ କଳିତକରାଳ, ନ୍ୟାୟ ନିଶାପ, ପଂଚାୟତ ବିଚାର ଆଦି ତାଙ୍କରି ଉପସ୍ଥିତି ଓ ସିଦ୍ଧାନ୍ତ ବିଚାରରେ ହିଁ ବିଲୟ ଘଟେ ।

ଗାଁ ଝିଅଙ୍କ ବିବାହ ବିଦାଇରେ ତାଙ୍କର ଅସୀମ ଧର୍ଯ୍ୟ ଓ ସାହାସିକତା, ସାଇ ପଡିଶା ସ୍ତ୍ରୀଲୋକଙ୍କ ମୁଖରେ ବହୁତ ଦିନର ଜନଶ୍ରୁତି । ଝିଅ ବିଦାଇରେ ତାଙ୍କୁ ହିଁ ଖୋଜା ଯାଏ । ଶୋକାକୁଳ ଗମ୍ଭୀର ପରିବେଶରେ, ସ୍ତ୍ରୀ ଲୋକଙ୍କ ଗହଣରୁ ବିଦାଇ କନ୍ୟାକୁ ଛଡାଇନେଇ, ସୱାରୀଭିତରେ ଖୁନ୍ଦି ବସାଇବାର ଦାଇତ୍ୱ ସେ ହିଁ ସୁଚାରୁରୂପେ ତୁଲାଇ ଆସୁଥିଲେ ।

ତାଙ୍କ ଶୂନ୍ୟସ୍ଥାନ ଏ ପର୍ଯ୍ୟନ୍ତ ଅପୂରଣୀୟ ହୋଇ ରହିଛି ।

ଅବଶ୍ୟ ଏକଥା ସତ ଯେ, ଏବେ ଝିଅ ବିଦାଇ ଆଉ ସେତେଟା କଠିନ ହୋଇ ରହିନାହିଁ । ବର ନିଜେ କାର ଦରଜା ଖୋଲି କନ୍ୟାକୁ ବସାଇଦେଉଛି, ଅବା କନ୍ୟା ସ୍ୱଇଚ୍ଛାରେ ବରକୁ ସାଇପଡିଶା ବା ଜ୍ଞାତିକୁଟୁମ୍ବରେ ପରିଚିତ କରାଇ ଦୁହେଁ ସ୍ୱୟଂ ବିଦାୟ ନେଉଛନ୍ତି । କେବେକେମିତି, କନ୍ୟାଟି ତା'ର ସ୍ୱ-ଚୟନ ଜୀବନସାଥି ସହ ବିଦାଇ ଖବର କିଛି ଘଣ୍ଟା ଅନ୍ତରରେ ଗାଁ ଲୋକ ବା ପରିବାରର ଲୋକଙ୍କ ପାଖରେ ପହଁଚୁଛି ।

ସେ ବୁଢ଼ାବ୍ୟକ୍ତିଙ୍କ ପ୍ରତି ମୋର ଘୋର ସମବେଦନା ଆଉ ମାତ୍ରାଧିକ ଦୁର୍ବଳତା ମୋ ବାଲ୍ୟବନ୍ଧୁ ବ୍ରଜକିଶୋରହିଁ ଅନୁଭବ କରିଥାଏ । ଆମ ଗାଁ ଆଉ ମୋ ଭିତରେ କ୍ରମେ ଦୁର୍ବଳ ହୋଇପଡୁଥିବା ସମ୍ପର୍କକୁ ବନ୍ଧୁ ବ୍ରଜକିଶୋର ସଜୀବ କରି ରଖିଥାଏ । ସମୟାନ୍ତରରେ ଫୋନ କରେ । ଯେତେ ବ୍ୟସ୍ତ ଥିଲେବି, ତା' ସହ ଦୁଇପଦ କଥାହୋଇ, ଗାଁର ବଡ଼ରୁ ଛୋଟ ଖବର ସହିତ ସେ ବୃଦ୍ଧ ବ୍ୟକ୍ତିଜଣଙ୍କ ବିଷୟରେ ସମ୍ୟକ ଖବର ଅବଗତ ହୋଇଥାଏ । ଭିକାର ସରକାରଙ୍କ ଅଧୀନରେ ପଦସ୍ଥ ଅଧିକାରୀ ଭାବେ ଅବସ୍ଥାପିତ, ସମ୍ଭ୍ରାନ୍ତ ବଂଶୀୟ ସହରୀ ଝିଅଟି ସହ ତା'ର ବିବାହ, ନାମିଦାମୀ ବ୍ୟକ୍ତିଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପସ୍ଥିତି, ସହରରେ ବହୁତଳ ବିଶିଷ୍ଟ ପ୍ରାସାଦ ନିର୍ମାଣ ଆଦି ବିଭିନ୍ନ ଖବର ତା'ରି ମାଧ୍ୟମରେ ମୁଁ ପାଇଥାଏ । ତା' ଛଡା ସ୍କୁଲସ୍ତରରୁ ବହିବସ୍ତାନିରେ ଡୋରିବନ୍ଧା ପରଠାରୁ ଗାଁରେ ଛୋଟ ଗ୍ରସେରୀ ଦୋକନଟିଏ ଖୋଲି ଗୁଜରାଣ ମେଣ୍ଟାଉଥିବା ବ୍ରଜକିଶୋର, ଆମ ଗାଁ କାହିଁକି ଆଖପାଖ କେତେଖଣ୍ଡ ଗାଁ ର ଭଲ ମନ୍ଦ ଖବର ରଖିଥାଏ ।

ତା ଛଡା ବ୍ରଜକିଶୋରର ଲୋକସମ୍ପର୍କ ମଧ୍ୟ ଖୁବ୍ ଭଲ ।

ସେ ବ୍ୟକ୍ତିଙ୍କ ଏକମାତ୍ର ପୁଅ ଭିକାର ସମସ୍ତ ପଢ଼ାଖର୍ଚ୍ଚ ଓ ତା'ର ରହଣି ଚଳଣି ନିମନ୍ତେ, ଚାଷଜମିସବୁ ବିକିବାର ଜଣେ ସାହାଯ୍ୟକାରୀ ବ୍ୟକ୍ତିଥିଲେ ଏଇ ବ୍ରଜ କିଶୋର ।

ସେଦିନ ସକାଳୁ ଗାଁ ରେ ସବୁକିଛି ସ୍ୱାଭାବିକ ପରି ଲାଗୁଥିଲା । କେତୋଟି ପୁରୁଣା ମୁହଁ ସେଇ ବୁଢା ଲୋକଟି ଘରସାମ୍ନା ରାସ୍ତା ଦେଇ ଆତ ଯାତ ହେଉଥିଲେ । ଘରଟାଯାକ ନିସ୍ତବ୍ଧତା ମୁଣ୍ଡପିଟୁଥିଲା ।  ସେ ଆଡେ କାହାରି ନିଘା ନ ଥାଏ । ସକାଳୁଆ ନରମ ପବନ ଘର ଚାରିପଟେ ଡେଣା ଝାଡୁଥାନ୍ତି । ପିଣ୍ଡାର ସବା ଶେଷ କାଠଖୁଣ୍ଟଟି ସେଦିନ ନିଃସଙ୍ଗ, ନିରବ ଓ ନିର୍ବିକାର ଭାବରେ ଠିଆ ହୋଇଥାଏ । ଆକାଶ ଛୁଇଁଥିବା ମଥାନ ଯେମିତି ଜଡ଼ ପାଲଟି ଯାଇଛି ।

ଗାଁ କୁକୁର ଏକାବେଳକେ ରଡି ଛାଡିଲେ  !

ସମୂହ ବିକଟାଳ ରଡିରେ ଗାଁଟା ଯାକ କମ୍ପି ଉଠିଲା । ସ୍ଥିର ଶାନ୍ତ ଗାଁଟି ଏକ ଅଦ୍ଭୁତ କମ୍ପନରେ ଦୋହଲିଗଲା । ଜାଗି ଉଠିଲେ ସମସ୍ତେ । ଛ' ଖଣ୍ଡ କାଠ, ଖଇ କଉଡ଼ି, ମାଟିହାଣ୍ଡି ଆଉ ବିଡ଼ାଏ ପାଳଦଣ୍ଡା ଧରି ଗାଁ ଟା ଯାକ ଲୋକ ରୁଣ୍ଡ ହୋଇଗଲେ ସେ ଘର ସାମ୍ନାରେ ।

କ୍ରିୟାକର୍ମ ଓ ନୀତି ନିୟମ ସମ୍ପର୍ଣ୍ଣ କରି ବାଡ଼ିପଟ ସ୍ଥିତ ପୁରୁଣା ସମାଧି ପାଖରେ ଆଉଏକ ସମାଧି ଠିଆ କରିଦେଲେ ।

ରୟାଲ ଲାଗୁନ, ଭୁବନେଶ୍ୱର sushant.dash1962@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କର୍ମର ଫଳ

ପୁଷ୍ପଲତା ମିଶ୍ର



ରତନପୁର ଗ୍ରାମର ଆରମ୍ଭରେ ଗୋଟିଏ ଏକୁଟିଆ ଘର । ସେହି ଘରେ ରହେ ଜଣେ ବିଧବା ବୁଢ଼ୀ ଲୋକଟି । ତା ପାଖରେ ସିନା କେହି ନଥାନ୍ତି କିନ୍ତୁ ଘରଟି ଚାରି ବଖରାର ଖଞ୍ଜା ଘର । ଦାଣ୍ଡ ଘରଟି ବେଶ୍ ରୁଚିସମ୍ପନ୍ନ ମାଟିର ଘର ହେଲେ ବି ଗୋବରରେ ଲିପାପୋଛା ହୋଇ ବହୁତ ଚିକ୍କଣ ଥାଏ ସେହି ଘର । ମୁଖ୍ୟ ଘରର ଆଗରେ ଆଉ ଦୁଇ ବଖରା ଘର ସେଥିରୁ ଗୋଟିଏ ଗାଇ, ବାଛୁରୀ ମିଶି ଚାରୋଟି ଥାଆନ୍ତି ଅନ୍ୟ ବଖରାରେ ଜାଳ, ଘଷି ରଖିଥାଏ ଶଙ୍କର ବୋଇ ମା । ଏହା ବ୍ୟତିତ ତାର ବାଡି ବଗିଚାରେ ତାଳ, ନଡ଼ିଆ, ଆମ୍ବ, ପିଜୁଳି, ବରକୋଳି ଓ ଆମ୍ବଡା ଗଛ ଥାଏ ।

ସେହି ସବୁରେ ଭଲିକି ଭଲି ଆଚାର କରେ । ସେତ ଜଣେ ମଣିଷ କେତେ ବା ଖାଇବ ସମୟେ ସମୟେ ତାଙ୍କ ଭାଇ ପୁତୁରା ଆସନ୍ତି । ସେ କିଛି ଆଚାର ଭାଇ ପୁତୁରାଙ୍କୁ ଦିଏ ଆଉ ଯାହା ପ୍ରାୟ ସାହିର ସମସ୍ତଙ୍କୁ ଦିଏ ଆଉ କୁହେ ତୁମକୁ ଦେଲି କାହାକୁ କହିବିନି । ସମସ୍ତେ ଭାବନ୍ତି ଆମକୁ ତ ବେଶି ଭଲପାଏ ସେଥିପାଇଁ ଦେଇଛି ।

ସେଇଥିରେ ସେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥାଏ । ଧାନ ଜମି ବି ଥିଲା ଓ ସେଥିରେ ଧାନ ମୁଗ ବିରି ଅମଳ ହୁଏ ଧାନ ଆସି ଗଦା କରି ରଖନ୍ତି । ତାକୁ ସମସ୍ତେ ଶଙ୍କର ବୋଉ ମାଆ ବୋଲି ଡାକନ୍ତି, ଗାଁର ସମସ୍ତଙ୍କ ଖୁସିରେ ସେ ଥାଏ । ବାଡି ଅଗଣାରେ ଟଗର, ତରାଟ, କନିଅର, ମଲ୍ଲି ଫୁଲ ଗଛର ଯତ୍ନ ନିଏ ଓ ଗେଣ୍ଡୁ, କୁସୁମ ଫୁଲ ଗଛ ଲଗାଇ ବାଡିଟିକୁ ସୁନ୍ଦରମୟ କରି ରଖିଥାଏ । ସାହିର ସବୁ ଝିଅବୋହୁ ଠାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରମ୍ଭ କରି ବୁଢା ଠାରୁ ପିଲା ପର୍ଯ୍ୟନ୍ତ ତା ଘରେ ସେ ଭୁଲି ଯାଏ ତାର ଅସ୍ତିତ୍ୱ ପିଲାଙ୍କ ପାଖରେ ପିଲା ତ ବୟସ୍କଙ୍କ ପଖେରେ ବୟସ୍କ ପାଲଟି ଯାଏ । ସମସ୍ତଙ୍କ କଥା ସେ ଶୁଣେ କାହା କଥା କାହାକୁ କୁହେ ନାହିଁ ।

ଶଙ୍କର ବୋଉ ମାଆର ସ୍ୱାମୀ ପୁରୀରେ ଚାକିରି କରୁଥିଲେ । ସେହିଠାରେ ଆଉ ଜଣଙ୍କୁ ବିବାହ କରିଥିଲେ । ସେଠି ତାଙ୍କର ସାନ ସ୍ତ୍ରୀ ଠାରୁ ଦୁଇ ପୁଅ ହୋଇଥିଲେ ବଡ଼ ପୁଅର ନାମ ଶଙ୍କର  ଓ ସାନ ପୁଅର ନାମ ଚକର । ସମୟ କ୍ରମେ ବଡ଼ ପୁଅର ନାମ ଅନୁସାରେ ଏହାଙ୍କୁ ଶଙ୍କର ବୋଉ ମାଆ ଡାକନ୍ତି ଓ ସାନ ପୁଅର ନାମ ଅନୁସାରେ ସାନ ସ୍ତ୍ରୀକୁ ଚକର ବୋଉ ଡାକନ୍ତି । ସେମାନେ ମଧ୍ୟ ବହୁତ ଉଦାର ଥିଲେ ଯେବେ ଗାଁକୁ ଆସନ୍ତି ସେତେବେଳେ ଶଙ୍କର ବୋଉ ମାଆ ଖୁସିରେ ନାଚି ଯାଏ । ମନରେ ଦୁଃଖ ଥିଲେ ବି କେହି ଜାଣିପାରନ୍ତି ନାହିଁ ତାର ଦୁଃଖ ! ଆର୍ଥିକ ଅନାଟନର ସମ୍ମୁଖୀନ ହେବାକୁ ପଡୁଥିଲେ ବି ନା ଥିଲା ତାର ଆପତ୍ତି, ନା ଥିଲା ଅଭିଯୋଗକୁ କ୍ଷୋଭ । ଅଳ୍ପରେ ଚଳାଇ ନବା କଳାଟି ତାକୁ ବେଶ ଜଣା । ଜଣେ ମଣିଷ ହେଲେ କଣ ହେଲା ରୋଷେଇ ସେ ପାଞ୍ଚ, ଛଅ ଜଣଙ୍କ ପାଇଁ କରେ । ତା ଘରକୁ ଯିଏ ଆସେ ଖାଲି ପେଟରେ ଯାଏ ନାହିଁ, ପଖାଳ ଗଣ୍ଡେ କି ଶାଗ ଭଜା ହେଉ ସେ ଖୋଇକି ଛାଡେ । କେବେ କାହା ବିରୁଦ୍ଧରେ ତା ପାଟିରୁ ପଦେ ବାହାରିବା କେହି କେବେ ଶୁଣି ନାହାନ୍ତି । ସମସ୍ତଙ୍କ ଭୁଲକୁ କ୍ଷମା ଦେବାରେ ସେ ସାଧାରଣ ଠାରୁ ନିଶ୍ଚୟ ଉର୍ଦ୍ଧରେ । ନିଜର ପିଲା ନଥିଲେ ବି ସଉତୁଣୀର ପିଲାମାନଙ୍କୁ ନିଜର ପିଲା ଠାରୁ ଅଧିକ କରିଥାଏ ।

ସାଧାରଣ କପ୍ତା ଲୁଗାଟିରେ ବେଶ ଖୁସିଥାଏ । ଆଭିଜାତ୍ୟ ଚେହେରା ଭିତରେ ସବୁ ସଦ ଗୁଣ ବଦଗୁଣକୁ ଆବୋରି ନେଇ ସେ ଜଣେ ସାଧାରଣ ମଣିଷ ।

ସାହିରେ ବାହାଘର, ବ୍ରତ ଠାରୁ ଆରମ୍ଭ କରି ଜନ୍ମଦିନ ହେଉ କି ଅଶୌଚ କାମ ହେଉ ଡାକିବା ଆଗରୁ ଆସିଯାଏ । ପ୍ରାୟ ସେ ଗାଁର ସମସ୍ତଙ୍କୁ ଭଲପାଏ, ତା ଚିନ୍ତା ଠାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟର ଚିନ୍ତା ଅଧିକ ଥାଏ । ସମସ୍ତେ କୁହନ୍ତି ଦୁଃଖ ଭିତରେ ସୁଖୀ ମଣିଷରେ ଶଙ୍କର ବୋଉ, ଦେହ ପା ଖରାପ ହେବା ବୋଧେ କେହି ଦେଖି ନାହାନ୍ତି । ଯାହା ଟିକେ ହୁଏ ଚେର ମୂଳି ଲଟା ପତ୍ର ବାଟି ସେ ଖାଇ ଭଲ ହୋଇଯାଏ । ଖରା ଦିନ ଛୁଟିରେ ସାହିର ସବୁ ପିଲା ତାର ବାଡ଼ିରେ ଯାଇ ବସନ୍ତି, ଖେଳନ୍ତି ପରୀକ୍ଷା ପୂର୍ବରୁ ମଧ୍ୟ ସେଠି ଯାଇ ପଢ଼ା ପଢ଼ି କରନ୍ତି । ଶଙ୍କର ବୋଉ ମାଆ ଘର, ପିଣ୍ଡା ତା ବାଡି ଆମ୍ବଗଛ ମୂଳେ ବସି ଖରା ଦିନ ବିତେଇ ଥାଆନ୍ତି । ସତେ କି ସେ ଜାଗା ସମସ୍ତଙ୍କ ପାଇଁ ଶାନ୍ତିନିଳୟ ପରି ଅନୁଭବ ହୁଏ ।

ଏଠି କଥା ଅଛି କର୍ମର ଫଳ, ଯିଏ ଦେଖିଛି ସିଏ ଜାଣନ୍ତି ସେ ଭଲକର୍ମ କରିଛି, ସମସ୍ତଙ୍କ ପେଟ ଚିହ୍ନିଛି ଭୋକିଲା ଲୋକର ପେଟ ଚିହ୍ନି ପାରୁଥିଲା । କାହାରି କଥା କାହାରିକୁ କୁହେ ନାହିଁ । ସମସ୍ତଙ୍କ ସହିତ ଭଲ ସମ୍ପର୍କରେ ରହିବା ପାଇଁ ସବୁ କଥା ସମସ୍ତଙ୍କ କଥା ତା ପେଟରେ ରଖେ । ସମସ୍ତେ ବି ଜାଣନ୍ତି ତା ପେଟରେ ସବୁ କଥା ଅଛି । ଯେତେବେଳେ ସେ ଅସୁସ୍ଥ ହେବାରୁ ତା ସଉତୁଣୀର ପୁଅ ଦୁଇଜଣ ଆସି ତାଙ୍କୁ ବଡ ମେଡିକାଲକୁ ନେଇ ଗଲେ, ଏତେ ବଡ କଷ୍ଟ ସମୟରେ ସେ ପାଟି ଖୋଲି କିଛି କହୁ ନଥାଏ । ମେଡିକାଲର ବେଡ ଦୁଇ ପୁଅ ଶଙ୍କର ଓ ଚକର ଯାହା ବି ପଚାରିଲେ କିଛି ନ କହି ଚୁପ୍ ରହୁଥାଏ । ଶଙ୍କର ବୋଉ ମାଆ ଶେଷରେ କହିଲା ମୋ ଜୀବନର କଥା ମୋ ପେଟ ଭିତରେ ଅଛି, ଯଦି କିଛି କହିବି ମୋ ପେଟ ଫାଟିଯିବ ମୁଁ କିଛି କହି ପାରିବିନିରେ ପୁଅ ! ଦୁଇ ପୁଅଙ୍କ ବାଧ୍ୟ ବାଧକତାରେ ପାଟି ଖୋଲି କହି ବସିଲା ତା ଜୀବନର ନିଛକ ସତ କାହାଣୀ - ତୋ ବାପା ମତେ ପ୍ରଥମେ ବିବାହ କଲେ କିନ୍ତୁ ମତେ ନ ଜଣେଇ ତୁମ ମା'କୁ ବାହା ହୋଇଗଲେ । ସେବେ ଠାରୁ ମୁଁ ଘର କଥା କାହାକୁ କହିବି ଶତ୍ରୁମାନେ ହସିବେ ମତେ ଘୃଣା କରିବେ । ମୋ କର୍ମଫଳକୁ ଆଦରି ପାଟି ଚୁପ୍ କରି ରହିବା ଶିଖିଗଲି ଏତିକି କହିଛି ତ ! ହଠାତ୍ ଶଙ୍କର ବୋଉ ମା'ର ପେଟ ଫାଟିଗଲା ଓ ସେ ସେଇଠି ଶେଷ ନିଃଶ୍ୱାସ ତ୍ୟାଗ କଲା । ସମସ୍ତେ ଆଶ୍ଚର୍ଯ୍ୟ ।

ଭୁବନେଶ୍ୱର, ୯୩୩୮୨୮୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀରବ ଆକର୍ଷଣ

ସରୋଜ କୁମାର ସାହୁ



ତୁମେ ଯେତେବେଳେ ବାଟରେ ଜଣେ ଛୋଟ ଝିଅ ସହ ଚାଲି ଚାଲି ଆସୁଥିଲ ମୁଁ ଦେଖିଥିଲି ତୁମଙ୍କୁ । ମଥାରୁ ଗୋଟିଏ ଲାଞ୍ଜି ପରିକା ରେଖା ତୁମ ପଛ ପଟକୁ ଲମ୍ବି ଯାଇଥିଲା, ଅଥଚ ତୁମେ ବେଣୀ ବାନ୍ଧି ନଥିଲ । ବେଣୀ ବାନ୍ଧିବା ତୁମ ସଉକ ନୁହେଁ, ଅବା ତୁମକୁ ବାନ୍ଧି ଆସେନା.. ।

ମୁଣ୍ଡର କେଶରାଶି ମୁକୁଳା ଥାଇ ମଧ୍ୟ ଫୁରୁଫୁରୁ ଉଡୁନଥିଲା ? ତୁମେ ସାମ୍ପୁ କରିନଥିଲ । ଦୁଇଦିନର ତେଲିଆ ମୁଣ୍ଡରେ ବାଳଗୁଡିକ ଓଦା ହୋଇ ଆହୁରି ଘନକଳା ଦିଶୁଥିଲା । ଅସଜଡ଼ା ବାଳ ଗୁଡିକରେ ତୁମେ ଖୁବ ସୁନ୍ଦର ଦିଶୁଥିଲ ଆଉ କାନରେ ପିନ୍ଧିଥିବା ଛୋଟ ପଥର ବସା ସେ ଝରା ଦୁଇଟି ମେଘ ଅରଣ୍ୟରେ ଲୁଚି ବିଜୁଳି ପରି ଚକଚକ କରୁଥିଲା ବାହାରକୁ । କୋମଳତାର ଓଠ ସେମିତି ମୁକୁଳା ଥିଲା ଲାଲ ଡହଡ଼ହ ହୋଇ ।

ସଜ ଗାଧୁଆରେ ଏମିତି ଚଞ୍ଚଳ ଚାଲିଆସୁଥିଲ କେଉଁଠିକି ? କେଜାଣି ? ? ପାଦରେ ଥିଲା ଅଳତା ନା ପାଉଁଜି । ଅନ୍ୟମନସ୍କ ପଡୁଥିଲା ତୁମ ଗୋରା ତକତକ ପାଦ । ଧୂଳିଉଡ଼ା ଲମ୍ବା ରାସ୍ତାରେ ଯେମିତି କେହି ଆଙ୍କି ଦେଉଛି କୁନିଝିଅର ପାଦଚିହ୍ନ । ଜନଗହଳି ନଥିଲା କି ଗାଡି ମଟରର କେଁ କଟର ଶବ୍ଦ । ନିଶବ୍ଦ ଶୂନଶାନ ରାସ୍ତାରେ ଚାଲୁଥିଲ ତଳକୁ ମୁହଁ ପୋତିପୋତି ।

ତୁମେ ଏମିତି କେଉଁ ଭାବନାରେ ମଗ୍ନ ଥିଲ ଯେ ବାଟରେ ଆସୁଥିବା ମୋ ପରି ପୁରୁଷ ପିଲାଟିକୁ ବି ଦେଖି ପାରିଲନି । ଅବଶ୍ୟ ଦୁଇ ଜଣ କିଛି କଥା ହେଉଥିଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଇଜଣଙ୍କ ଭିତରର କଥା ସବୁ ସେଇଠି ଲୀନ ହେଇଯାଉଥିଲା ଯୋଉଠି ତମ ଛାଇ ସରିଥିଲା । ତୁମ ଓଠତଳେ ଛୋଟପିଲାର ହସ ଥିଲା ପାଗଳାମୀ ଥିଲା ନଖରାମି ବି ଥିଲା ଢେର । ମୋର ନଜର ତୁମ ଆଡେ ପଡି ନଥିଲା ସତ ହେଲେ ତୁମ ହାତ ଯେତେବେଳେ ପିନ୍ଧିଥିବା ଟପଲେସର ଉପରଟିକୁ ନାଭି ପର୍ଯ୍ୟନ୍ତ ଟେକି କିଛି ଅନୁସନ୍ଧାନ କରୁଥିଲା ମୋର ଆଖି ଟାଣି ହୋଇ ଯାଇଥିଲା ଆପେଆପେ । ଲୋମହୀନ ଗଭୀର ନାଭି କଡ଼ରେ ଅସ୍ପଷ୍ଟ କେଇଟା କଳାଯାଇ ଦେଖି ମୁଁ ପୁଲକିତ ହୋଇଯାଇଥିଲି ସତରେ । ଗୋଟାଏ ବର୍ଷ କି ଗୋଟାଏ ଯୁଗ ବିତିଯାଉ ନାଁ କାହିଁକି ନାରୀର ସୌନ୍ଦର୍ଯ୍ୟ କେଉଁଠି ଲୁଚି ରହିଥାଏ ସେ କଥା ନାରୀ ବି କହିପାରିବନି । ମୋର ପଲକ ଆପେ ବୁଜିହୋଇ ଫିଟି ଯାଇଥିଲା ଗୋଟେ ସେକେଣ୍ଡ ଭିତରେ । ଆଖିକଣେ ଖୁସିର ଝଲକ । କ୍ଷୁଧା ନୁହେଁ ପିପାସା ନୁହେଁ ଖାଲି ଆନନ୍ଦ.. ।

ତୁମେ ପଡୋଶୀ ଥିଲ ସତ ହେଲେ ଏମିତି ମୁହୂର୍ତ କେବେ ଜୁଟି ନଥିଲା ମୋ ଭାଗ୍ୟରେ । ତୁମକୁ ବହୁବାର ଦେଖିଛି କେବେ ଚୁଡ଼ିଦାରରେ କେବେ ଜିନ୍ସରେ କେବେ ପାଲଟା ଲୁଗାରେ, ହେଲେ..ଏଇଟା ପ୍ରଥମ ବୋଧେ । ମୁଁ କିଛି ଭାବୁ ନଥିଲି ଆଉ । ଏମିତି ସମୟରେ ଆଉ କି ଭାବନା ଥାଏ ଯେ... ?

ତୁମେ ସଂଯତ ହେଲ ଅନ୍ୟ ଜଣର ସ୍ପର୍ଶରେ । ସାଥିଟି ତୁମଙ୍କୁ ଫିସ କରି କହିଲା "ଏଇ, ଅମନ ଆସୁଛି ?" ବାସ୍ ଏତିକି । ଆଉ କିଛି ଶୁଭିଲାନି ମୋତେ । ତୁମ ମୁହଁ ଅଳ୍ପ ଉଠି ପୁଣି ତଳକୁ ହେଇଗଲା । ଲାଜରେ ଜରଜର ହେଇଯାଇଥିଲା ଆଖି । ଯେମିତି ଗୋଟାଏ ମସ୍ତବଡ଼ ଭୁଲ ହେଇଯାଇଛି ତୁମଠି । ଅପରାଧିନୀ ପରି ତୁମେ ଓଠକୁ ବତିଶି ଦାନ୍ତରେ ଚାପି ଆଗକୁ ପଳେଇଲ । ସାଥିଠି ହସୁଥିଲା ଫିସଫିସ ହୋଇ ତୁମ ନରମ କରାଘାତ ଆଖିର ଭ୍ରୂକୁଞ୍ଚନର ବିରୋଧ ସତ୍ତ୍ୱେ... ।

ଥରୁଟେ ଫେରି ଚାହିଁନି ଆଉ । ସେହି ଭାବନାରେ ହିଁ ମୁଁ ଆଗକୁ ଚାଲି ଯାଇଥିଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମଠୁ ଅଦୃଶ୍ୟ ହେବାଯାଏଁ.. । ରାସ୍ତା ସେମିତି ଲମ୍ବି ରହିଥିଲା ପଛକୁ ମଲା ସାପପରି.. ।

ସେବେଠୁ ଗଲା ବାଟରେ ମୁଁ ପ୍ରତିଥର ତୁମକୁ ଥରୁଟେ ହିଁ ଚାହେଁ । କେବେ ବସିଥାଅ ତ କେବେ ଖାଉଥାଅ କେବେ ମୁକୁଳା କେଶକୁ ଆଇନା ଆଗରେ ସଜାଡୁଥାଅ । ତୁମେ ଯାହା ବି କରୁଥାଅ ନାଁ କାହିଁକି ମୋତେ ସେଇ ଭାବନାଟା ଛାଏଁ ଚାଲିଆସେ । ତୁମେ ପୁଣିଥରେ ଅନ୍ୟମାନସ୍କ ହୋଇଉଠ । ପିନ୍ଧିଥିବା ଚୁଡ଼ିଦାରରେ ବି ସଜାଡି ହୋଇଯାଅ ଲାଜରେ ଯେମିତି ସେ ଭୁଲ ପୁନର୍ବାର ନ ହୁଏ ।

ଛାତି ଭିତରେ କିଏ କହିଦିଏ ଯେମିତି "ଇସ୍ ! !

ଖୁଣ୍ଟୁଣୀ, ଆଠଗଡ କଟକ

୯୩୪୮୫୭୫୨୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହଜିଲା ଦିନର ଅଭୁଲା କଥା

ଅଭୟ କୁଣ୍ଡ



୧୮୬୬ ମସିହା ଓଡ଼ିଶା ଇତିହାସରେ ସ୍ମରଣୀୟ ବର୍ଷ । ବର୍ଷାଭାବରୁ ଉତ୍କଟ ଜଳାଭାବ ଓ ମରୁଡି ପଡ଼ିଲା । ଗଜପତିଙ୍କ ନବମ ଅଙ୍କରେ ଏହା ଘଟିଥିଲା । ତେଣୁ ଏହା ନଅଙ୍କ ଦୁର୍ଭିକ୍ଷ ନାମରେ ଇତିହାସ ପୃଷ୍ଠା ମଣ୍ଡନ କରିଛି । ଏପରି ଉତ୍କଟ ଲୋମ ହର୍ଷଣକାରୀ ଦୁର୍ଭିକ୍ଷ ବୋଧ ହୁଏ ଭାରତରେ ଏଯାବତ ଘଟି ନାହିଁ । ତା'ରି ଆଧାରରେ ଏକ ଲୋକକଥା ଶୁଣାଯାଏ । "ମାମୁଁ ପତର ମାଇଁ ନେବ, ଭଣଜା ଦାଣ୍ଡରେ ବସିବ ।" ମାତ୍ର ନଅଙ୍କ ଦୁର୍ଭିକ୍ଷ ସମୟର ଚିତ୍ର ଆହୁରି ଭୟାନକ ଓ ହୃଦୟ ବିଦାରକ ଥିଲା । ମା ତାର ଭୋକଜ୍ୱାଳାରେ ପୁଅକୁ ପର କରି ତା ମୁହଁରୁ ଆହାର ଛଡ଼ାଇ ନେଉଥିଲା । ଅଭାବ ସ୍ୱଭାବକୁ ନଷ୍ଟ କରେ । ତଥାପି ମାନବିକତା ବଞ୍ଚିଥିଲା ଓ ମାନବଜାତି ପାଇଁ ଏକ ଉଦାହରଣ ସୃଷ୍ଟି କଲା ଜଣେ ଅନାହାରକ୍ଲିଷ୍ଟ ଓଡ଼ିଆ ବ୍ରାହ୍ମଣ ବାଳକ ସନାତନ ।

ସନାତନର ଜନ୍ମ କେନ୍ଦ୍ରାପଡ଼ାର କୌଣସି ଏକ ଗ୍ରାମରେ । ତାର ପିତାମାତା ଭାଇ ଭଉଣୀ ଥିଲେ । ସନାତନ ଜ୍ୟେଷ୍ଠ ସନ୍ତାନ । କ୍ରମାଗତ ଦୁଇ ବର୍ଷ ବର୍ଷା ଅଭାବରୁ ମରୁଡି ପଡ଼ିଲା । ଶସ୍ୟ ହାନି ହେତୁ ଲୋକେ ବହୁ କଷ୍ଟରେ ଯାହା ପାଖରେ ଯାହା ଥିଲା ବିକି ଭାଙ୍ଗି ଚଳିଲେ । କିନ୍ତୁ ସେ ସବୁ ଶୀଘ୍ର ଶେଷ ହେଲା । ଲୋକେ ଖାଦ୍ୟ ବିନା ଅଖାଦ୍ୟ ଖାଇ ରୋଗାକ୍ରାନ୍ତ ହୋଇ ରାସ୍ତା ଧାରାରେ ମରି ପଡ଼ିଲେ । ଜୀବନ ବଞ୍ଚାଇବା ପାଇଁ କିଏ କେଉଁ ଆଡେ ଗଲେ ଠିକଣା ରହିଲା ନାହିଁ । ଗଛରେ ପତ୍ର ମଧ୍ୟ ରହିଲା ନାହିଁ । କୂଅ ପୋଖରୀ ନାଳ ସବୁ ଶୁଖିଗଲା । ସନାତନ ପରିବାର ମଧ୍ୟ ସମଦଶା ଭୋଗିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ କାଳ ପେଟ ଜ୍ୱାଳା ସହିବେ । ସାନ ଭାଇଭଉଣୀ ଖାଦ୍ୟବିନା ଅସ୍ଥି କଙ୍କାଳ ସାର ହୋଇ କତରାରେ ପଡିଥା'ନ୍ତି । ମା'ଙ୍କ ଅବସ୍ଥା ତହୁଁ ବଳି । ନିଜ କୂଳ ବଂଶ ଜାତି ସ୍ୱାଭିମାନ ଛାଡ଼ି ସନାତନ ଓ ତାର ବାପା ଭିକ୍ଷା ବୃତ୍ତି କରି କିଛି ଦିନ କଷ୍ଟେ ମଷ୍ଟେ ଅନାହାର ଅର୍ଦ୍ଧାହାରରେ ଚଳିଗଲେ । କିଛି ଦିନ ପରେ ଅନେକ ଗାଁ ଜନଶୂନ୍ୟ ହୋଇଗଲା । ବାପା ପୁଅ ଦିନ ଦିନ ବୁଲି ମୁଠାଏ ମଧ୍ୟ ଦାନା ପାଇଲେ ନାହିଁ । ଶେଷକୁ ବୃଦ୍ଧ ପିତା ଅଚଳ ହୋଇ ମୃତ୍ୟୁ ଶଯ୍ୟାରେ ପଡ଼ିରହିଲେ । ମା ଭାଇ ଭଉଣୀ ଭୋକରେ ଛଟପଟ ହେଉଥିବା କରୁଣ ଦୃଶ୍ୟ ଦେଖି ସନାତନ ବ୍ୟଥିତ ହେଲା ମାତ୍ର ଉପାୟ଼ ଶୂନ୍ୟ ସେ । ସକାଳୁ ସନ୍ଧ୍ୟା ବୁଲି ବୁଲି ଯାହା କିଛି ଖୁଦ ମଲୁଖ ଆଣେ ତାକୁ ରାନ୍ଧି ସମସ୍ତଙ୍କୁ କିଛି କିଛି ଖୁଆଇ ନିଜେ ପେଜ ମୁନ୍ଦାଏ ପିଇ ଶୋଇଯାଏ ।

ସକାଳୁ ଉଠି ପୁଣି ଗାଁ ଗାଁ ବୁଲି ଭିକ୍ଷା ମାଗେ । ହେଲେ ହଜାର ହଜାର ଲୋକ ଭୋକବିକଳରେ କିଏ କୁଆଡେ ଚାଲିଯାଇଥା'ନ୍ତି । ଘର ମୁକୁଳା ପଡ଼ିଥାଏ । ଗାଁ କେ ଦୁଇ ଚାରି ଜଣ ଥାଆନ୍ତି । ମାତ୍ର ଏତେ ଭିକ୍ଷାର୍ଥୀଙ୍କୁ ଭଲା କିଏ ଭିକ୍ଷା ଦେବ ? ଦ୍ୱାରା ବନ୍ଦ କରିଦିଅନ୍ତି । ସନାତନକୁ ଦିନ ଦିନ ବୁଲିଲା ପରେ ମଧ୍ୟ ଭିକ୍ଷା ମୁଠିଏ ମିଳିଲା ନାହିଁ । ଲୋକେ ପେଟ ବିକଳରେ ବଣରୁ ପତ୍ର ମୂଳ ଖାଇଲେ ମାତ୍ର କେତେଦିନ ବଞ୍ଚିବେ । ପ୍ରଚଣ୍ଡ ଖରା । ଚାରିଆଡେ ଶ୍ମଶାନର ନିରବତା । ଅନ୍ୟ ଜୀବଜନ୍ତୁମାନେ ମୃତ୍ୟୁ ବରଣ କଲେ । ଲୋକ ସଂଖ୍ୟା ଠାରୁ କୁକୁର ବିଲୁଆ ସଂଖ୍ୟା ବେଶୀ ହେଲା । ଦୁଇ ଦିନ ଚାରି ଦିନରେ ଥରେ ବି ବାସି ପେଜ କି ତୋରାଣି ମୁନ୍ଦାଏ ମିଳିଲା ନାହିଁ । ସନାତନର ଆଖି ଆଗରେ ତା'ର ବାପା ଚାଲିଗଲେ । ମା ଓ ସାନ ଭାଇ ଭଉଣୀ ମୃତବତ୍ ପଡିଥାନ୍ତି । ନିଜର ମଧ୍ୟ ଚାଲିବାକୁ ଶକ୍ତି ନଥାଏ । କିନ୍ତୁ କଣ କରିବ ? ବାଡି ଖଣ୍ଡେ ସାହାଯ୍ୟରେ ଚାଲିଲା ଭିକ୍ଷା ମାଗିବା ପାଇଁ । ଅନାହାରକ୍ଲିଷ୍ଟ ଜୀର୍ଣ୍ଣଶୀର୍ଣ୍ଣ ଶରୀର ନେଇ ଗ୍ରାମ ପରେ ଗ୍ରାମ ଘୁରି ବୁଲିଲା । ମାତ୍ର ସବୁ ବୃଥା । ଦିନ ଦ୍ୱିପ୍ରହର ପ୍ରଚଣ୍ଡ ଖରାରେ ସେ ନିସ୍ତେଜ ହୋଇ ଜଣେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକର ଦ୍ୱାରରେ ଆଘାତ କଲା ଓ କ୍ଷିଣ କଣ୍ଠରେ କିଛି ଖାଇବାକୁ ମାଗିଲା । ସେହି ମର୍ମ ଭେଦି ସ୍ୱର ଶୁଣି ଗୃହ ସ୍ୱାମୀ ଦ୍ୱାର ଖୋଲିଲେ । କଣ ଦେଖିଲେ । ଜଣେ ଜୀର୍ଣ୍ଣ ଶୀର୍ଣ୍ଣ ଜୀବନ୍ତ ପ୍ରେତ ପରି ବାଳକକୁ । ଚକ୍ଷୁ କୋଟରାଗତ, ପେଟ ବାହାରି ପଡ଼ିଛି କେବଳ ଚର୍ମ ଢ଼ଙ୍କା ଅସ୍ଥି କଙ୍କାଳ ଶ୍ୱାସକ୍ରିୟା ମାତ୍ର ଚାଲିଛି । ଗୃହ ସ୍ୱାମୀ ବୁଝିଗଲେ ଯେ ପିଲାଟି ଅନେକ ଦିନ ହେବ କିଛି ଖାଇନାହିଁ । ସଙ୍ଗେ ସଙ୍ଗେ ଘରେ ଥିବା କିଛି ଭାତ ତରକାରୀ ଆଣି ପିଲାଟିକୁ ଖାଇବାକୁ ଦେଲେ ଓ ଖାଇବାକୁ ସ୍ନେହଭରା କଣ୍ଠରେ କହିଲେ । ମାତ୍ର ସନାତନ ଖାଦ୍ୟ ଛୁଇଁଲା ନାହିଁ । କାନିରେ ବାନ୍ଧିଲା ନେବା ପାଇଁ । ଗୃହ ମାଲିକ କାରଣ ପଚାରନ୍ତେ ସନାତନ କହିଲା ତାର ମା ସାନ ଭାଇଭଉଣୀ ଅନାହାରରେ ଅଛନ୍ତି । ସେ କିପରି ଏକା ଖାଇବ ? ପ୍ରଥମେ ସେମାନଙ୍କୁ ଖୁଆଇବ ଯଦି ବଳିବ ନିଜେ ଖାଇବ ନ ହେଲେ ନାହିଁ । ସନାତନର ତ୍ୟାଗ, ଦୃଢ଼ତା ମାନବିକତା ଦେଖି ଗୃହ ସ୍ୱାମୀ ଆଉ କିଛି ଖାଦ୍ୟ ଦ୍ରବ୍ୟ ଆଣି ସନାତନ କାନିରେ ବାନ୍ଧି ଦେଇ ତାକୁ ବିଦାୟ ଦେଲେ ।

ସନାତନ ସନ୍ତୁଷ୍ଟ ହେଲା ଓ ଦ୍ୱିପ୍ରହର ପ୍ରଚଣ୍ଡ ଖରାରେ ଗାଁ'କୁ ଫେରିଲା । ଟଳମଳ ପାଦ, ଖରାରେ ମୁଣ୍ଡ ଭ୍ରମି ଯାଉଛି, ଅନ୍ଧାର ଦିଶୁଛି ଧୂ ଧୂ ଖରାରେ ସନାତନ ଆଗକୁ ଯାଇ ପାରିଲା ନାହିଁ । ଗୋଟିଏ ଗଛ ମୂଳ ଆଂଶିକ ଛାଇରେ ବସି ପଡ଼ିଲା । ତା ଆଖିରେ ତା ମା ସାନ ଭାଇ ଭଉଣୀଙ୍କର ଚେହେରା ସ୍ୱପ୍ନ ପରି ଦିଶି ଯାଉଥିଲା । କା'ଣ କରିବ ? ହଠାତ୍ ତାକୁ ଅନ୍ଧାର ଦିଶିଲା । ଆଖି ସବୁଦିନ ପାଇଁ ମୁଦି ହୋଇଗଲା ସନାତନର ।

ଏହି ସ୍ୱାର୍ଥ ଜଡ଼ିତ ସଂସାରରେ ସନାତନର ତ୍ୟାଗ, ମାନବିକତା ବାସ୍ତବିକ ଏକ ବିସ୍ମୟକର ଇତିହାସ ନୁହେଁ କି ?

ଦିନ ଚାଲିଗଲା ମାତ୍ର କଥା ରହିଗଲା ଅଭୁଲା ହୋଇ ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡ଼ିଆଭଙ୍ଗା ତାଳଚେର ଅନୁଗୁଳ, ମୋ - ୯୫୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଠାଏ ଶୂନ୍ୟତା

ନଳିନୀ ପ୍ରଭା ମିଶ୍ର



"କ'ଣ ଏତେ ଭାବୁଛ ମମି ସନ୍ଧ୍ୟା ଅତିକ୍ରମ କରି ରାତି ଆସିଲାଣି । ଚାଲ ଘରକୁ ଯିବା ।" ପ୍ରକୃତିସ୍ଥ ହେଲେ ସୁରମା । ସତରେ ରାତି ମାଡି ଆସିଲାଣି ତଥାପି ସେଥିପ୍ରତି ଖିଆଲ ନାହିଁ । ଝିଅ ଶ୍ରେୟା ଡାକରେ ଭାବନା ରାଜ୍ୟରୁ ଫେରି ଆସିଲେ । ପ୍ରତି ସନ୍ଧ୍ୟାର ଏଇ ବଗିଚା ହିଁ ତାଙ୍କର ଭାବନାର ସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଜ ହାତରେ ତିଆରି କରିଥିବା ସୁନ୍ଦର ବଗିଚାଟିର ସିମେଣ୍ଟ ଚଉତରା ଉପରେ ବସି ଘଣ୍ଟା କଣ୍ଟା ସଂଖ୍ୟା ଧରି ଭାବନାରେ ନିବିଷ୍ଟ ହୋଇଯାନ୍ତି । ଭାବନା ତ ଏମିତି ରାଜ୍ୟଟିଏ ଯେ ଯାହା ଭିତରେ ପ୍ରବେଶ କଲେ ସହଜରେ ବାହାରି ହୁଏ ନାହିଁ । ଅତୀତର ସ୍ମୃତି କେତେବେଳେ ରୋମନ୍ଥିତ ହୋଇଥାଏ ତ କେତେବେଳ ବର୍ତ୍ତମାନକୁ ନେଇ ମନରେ ସୃଷ୍ଟି ବିତସ୍ମୃହକୁ ଅଟକାଇ ହୁଏ ନାହିଁ ।

ବିରାଟ ଅଟ୍ଟାଳିକା, ଗାଡ଼ି ମଟର ଚାକର ବାକର କେଉଁ ଥିରେ ବି ଅଭାବ ନାହିଁ । କୋଟିପତି ଜୀବନ ବାବୁଙ୍କର ସହଧର୍ମିଣୀ ହିସାବରେ ଏ ସମାଜରେ ନିଜର ଆଧିପତ୍ୟ ରହି ଆସିଛି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତଥାପି ମନ ଭିତରେ କିଛି ମୁଠାଏ ଶୂନ୍ୟତା ରହି ଯାଇଛି, ଯାହାକୁ ନେଇ ସେ ଚିର ଜର୍ଜରିତ ନିଜ ଅନ୍ତଃ ଦାହରେ । ବାହାରକୁ ଯେତେ ସୁଖୀ ଦେଖାଯାଉଥିଲେ ବି ନିଜ ମନ ଭିତରେ ସୃଷ୍ଟି ଶୂନ୍ୟତାକୁ ନେଇ ମାନସିକ ଅସୁସ୍ଥତା ଭୋଗ କରି ଆସୁଛନ୍ତି । ଜୀବନ ବାବୁ ଅନ୍ତଃରାଜ୍ୟର ଜଣେ ପେଷାଦାର ବ୍ୟବସାୟୀ । ସବୁବେଳେ ବାହାରେ ନିଜ କର୍ମରେ ବ୍ୟସ୍ତ ଥାନ୍ତି । ଝିଅ ଶ୍ରେୟାର ଜନ୍ମ ପରେ ସୁରମା କିଛିଟା ସୁଖୀ ହୋଇଥିଲେ ମଧ୍ୟ ମନ ଭିତରେ ଥିବା ଶୂନ୍ୟତା ସବୁବେଳେ ବ୍ୟଥା ଦେଇ ଆସିଛି ।

ସନ୍ଧ୍ୟାର ଅବ୍ୟବହିତ ପୂର୍ବରୁ ବଗିଚାକୁ ଆସିବା ନିତି ଦିନିଆ ଅଭ୍ୟାସରେ ପରିଣତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇ ଆସିଲାଣି । ସଞ୍ଜ ହେଲେ ବଗିଚାଟି ଅପରୂପ ଶୋଭା ଧାରଣ କରେ ।

ଆକାଶରେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ତାରାମାନଙ୍କର ଆଗମନ ହୁଏ, ବଉଦ ଉହାଡରୁ ଚନ୍ଦ୍ର ଉଙ୍କିମାରେ । ବଗିଚାର ପୂର୍ବ ପାର୍ଶ୍ୱରେ ରଜନୀ ଗନ୍ଧାର ବାସ୍ନା ଭାସି ଆସେ । ଆକାଶକୁ ଚାହିଁ ମନେ ମନେ କେତେ କଥା ଭାବିଯାନ୍ତି । ସୁରମା ଦେବୀ । ଆକାଶ ସତରେ କ'ଣ ଶୁନ୍ୟ, ନା କଦାପି ନୁହେଁ ଶୂନ୍ୟତା ଭିତରେ ପରିପୂର୍ଣ୍ଣତା ସେ ଦାର୍ଶନିକ ତତ୍ତ୍ୱର ଚିନ୍ତାଧାରାକୁ ନେଇ ବେଦ ଉପନିଷଦ କେତେ କ'ଣ ରଚନା ହୋଇଛି । ସୁନ୍ଦର ଜଗତ ସୁନ୍ଦର ଆକାଶ ସକାଳ ସଞ୍ଜରେ ନୈସର୍ଗିକ ଶୋଭା ଚିନ୍ତା ଚେତନା ଭିତରେ ହଜି ଯିବାର ଖୋରାକ ଯୋଗାଇଛି । ତେବେ ସେ କାହିଁକି ଆଜି ଏତେ ବିମର୍ଷ । ସବୁ କିଛି ପାଇ ମଧ୍ୟ ପ୍ରାପ୍ତି ଅପ୍ରାପ୍ତିର ଆଲୋଡନ ଭିତରେ ଦୁଃଖୀ । ଅତୀତକୁ ସାଉଁଟି ଆଣିଲେ କିଛି କଥା ବର୍ତ୍ତମାନର ବ୍ୟଥା ହୋଇ ସାମ୍ନାରେ ଉଭା ହୁଏ । ଧରି ରଖିବାର ମୂହୁର୍ତ୍ତରେ ହରାଇଥିବା ବସ୍ତୁଟି ଶୂନ୍ୟତା ଆଡ଼କୁ ଟାଣି ନେଇଥାଏ ।

କଲେଜ ପଢ଼ା ବେଳର କଥା ପୁଣି ଆଜି ଶୂନ୍ୟତା ସୃଷ୍ଟି କରିଛି ହୃଦୟରେ ଯାହା ଆଜିଯାଏଁ ସେ ଭୁଲି ପାରୁନାହାନ୍ତି । ସୁବୋଧଙ୍କ ସହିତ ତାଙ୍କର ପ୍ରଥମ ପ୍ରେମ ଯାହାକୁ ନେଇ କଲେଜରେ ଗୁଜବ ସୃଷ୍ଟି ହୋଇଥିଲା । ପରସ୍ପର ପରସ୍ପରକୁ ଭଲ ପାଇବସିଥିଲେ ସୁଦ୍ଧା ବିବାହବନ୍ଧନରେ ଆବଦ୍ଧ ହୋଇ ପାରିନଥିଲେ । ପ୍ରଥମ ପ୍ରେମ ସାକାର ରୂପ ନେବା ପୂର୍ବରୁ ପ୍ରେମରେ ହିଁ ରହିଗଲା ଗୁଜବଟିଏ ହୋଇ । ହୃଦୟରେ ସୃଷ୍ଟି କରି ଦେଇଥିଲା ମୁଠାଏ  ଶୂନ୍ୟତା । ଯାହା ଆଜିଯାଏଁ କେବଳ ହୃଦୟର କେଉଁ ନିଭୃତ କୋଣରେ ଶୂନ୍ୟ ତା'ର ସ୍ମୃତି ହୋଇ ରହିଆସିଛି । ଶ୍ରେୟାକୁ ସାଥିରେ ନେଇ ଘର ଅଭିମୁଖୀ ହେଲେ ସୁରମା ପଛରେ ପଡି ରହିଲା ବଗିଚାର ଶୂନ୍ୟ ତ ଉତରା ସୁରମାଙ୍କ ନିତ୍ୟ ଭାବନା ସ୍ଥଳ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ, ମୋ-୯୭୭୭୮୮୭୯୪୨



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୃପାମୟ

ଶିବନାରାୟଣ ଦାସ



ତୁମେ ଅକଳନ ସୀମାର ସାଗରଟିଏ,
କଣାଟିଏ ହୋଇ କଳିବି କିପରି ତୁମକୁ ଜୀବନେ ହାୟ !
ସେଇ ମୋ ଗର୍ବ ପ୍ରଭୁ –
ସେଇ ମୋ ଜୀବନେ ମହା ଆନନ୍ଦ ପ୍ରାୟ ।

ତୁମେ କରୁଣାର ବ୍ୟାପ୍ତ ଆକାଶଟିଏ,
ବଉଦଟିଏ ମୁଁ ଭାସୁଅଛି ସତେ ତୁମରି ଅସୀମ କୋଳେ !
ବାହିନିଅ ପ୍ରଭୁ ତୁମରି ବୁକୁରେ କ୍ଷୁଦ୍ର ଏ କାୟା ମୋର,
ତୁମ ଇଛାରେ ବରଷିଯାଏ ଗୋ ତୁମରି ଏ ଧରାତଳେ ।

ତୁମେ ଅପରୂପ ସୁଷମାର ଶୋଭା ଅପରୂପା ନିରୁପମା,
ତୁମେ ଗୋ ସତ୍ୟ ଶିବ-ସୁନ୍ଦର ଶାଶ୍ୱତ ମଧୁରିମା ।
ସରଗୁ ସାଗର ଯାଏ –
କୃପାମୟ ତୁମେ ବ୍ୟାପ୍ତ କରିଛ ତୁମରି ଅସୀମ ସୀମା ।

ତୁମେ ଜୀବନର ଆଲୋକ-ଦିଶାରୀ ଅନ୍ଧାର ପଥ ପରେ,
ତୁମେ ଘେନି ଯାଅ ମୃତ୍ୟୁର ପଥେ ଅମୃତ ଅଭିସାରେ ।
ତୁମେ କୃପାନିଧି, କରୁଣା-ବାରିଧି
ସେ କୃପା କଣାଏ ଦିଅ,
ଲୋଡ଼ାନାହିଁ ମୋର ମଣି-ମାଣିକ୍ୟ ଗୋ ଏ ଜୀବନେ କିଛି ଆଉ,
ଶିଖାଟିଏ ହୋଇ ଅନ୍ତରେ ମୋର ତୁମେ ସଦା ଜଳୁଥାଅ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ଗୌରୀ ପଣ୍ଡା



ମୋ ଜଗା ପାଇଁ ମୁଁ ଲେଖିଛି ଚିଠି

ସେଥିରେ ଭରିଛି ଅନେକ ପ୍ରୀତି ।

ସେ ଚିଠି ରେ ପୁଣି ଭରି ଦେଇଛି

ତା, ପ୍ରିୟ ତୁଳସୀ ସଜେଇ ବାଛି ।

ଜଗାଙ୍କୁ ପସନ୍ଦ ସଦ୍ୟ ତୁଳସୀ

ସଜେଇ ଦେଇଛି ପ୍ରିୟ ତୁଳସୀ ।

ତେଣୁ ସେଇ ଚିଠିପରା ବାସୁଛି

ତୁଳସୀ, ତୁଳସୀ,ପ୍ରିୟ ତୁଳସୀ ।

ତୁଳସୀ ରେ ଦେବି ମନ ମୋହର

ସ୍ନେହ,ମମତା ଭରା ଉପହାର ।

ତୁଳସୀ ପାଇ ଜଗା ଖୁସି ବହୁତ

ମୋତେ ଆଦରିବ ସିଏ ହୁଏତ ।

ତେଣୁ ଲେଖିଛି ଜଗା ପାଖ କୁ ଚିଠି

ଚିଠି ରେ ସିଞ୍ଚିଛି ବାସ ତୁଳସୀ ।

ତେଣୁ ଚିଠି ବାସୁଛି ତୁଳସୀ, ତୁଳସୀ

ଚିଠି ବାସୁଛି ତୁଳସୀ, ତୁଳସୀ ।

ବାଇଶି ପାବଛ ତଳେ ମୁଁ ବସିଛି

ଚିଠି ଦେବି ବୋଲି ପରା ଜଗିଛି ।

କାଳେ ପଡ଼ିଯିବ ତା ନଜର ଆସି

ଚିଠି ଦେଇଦେବି ମୁଁ ହସିହସି ।

ତୁଳସୀ ବାସରେ ଜାଗାଙ୍କୁ ମୋହିବି

ତୁଳସୀରେ ଭରା ଚିଠି ଦେଇଦେବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଚିଠି ନେଇ କାଳିଆ ମୋର

ଦେଇ ଦେବ କି ସତେ ଉତ୍ତର ?

ବାସନା ଚିଠିଟି ଦେଇଛି ବୋଲି

ଜଗାର ଉତ୍ତରକୁ ଚାହିଁଛି ଖାଲି ।

ଜଗା ଦେଇଦେଲେ ଟିକେ ଉତ୍ତର

ଧନ୍ୟ ହେଇଯିବ ପ୍ରାଣ ମୋହର ।

ତା ତୁଳସୀ ପାଣି ଯଦି ପାଇବି

ଏ ଜୀବନେ ମୁହିଁ ଧନ୍ୟ ହୋଇବି।

ଜଗା ଯଦି ଦେବେ ଟିକେ ତୁଳସୀ

ମୋ ଜୀବନ ବସିବ ତୁଳସୀ, ତୁଳସୀ।

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶବ୍ଦ ହେଲେ ତୁମେ, ନିରବତା ମୁଁ

ମହେଶ ରଞ୍ଜନ ମହାପାତ୍ର



ତୁମେ ଯେବେ ଶବ୍ଦ ହୁଅ, ମୁଁ ହୁଏ ନିରବତା,

ତୁମ ବିନା ସବୁ ଶୂନ୍ୟ, ସବୁ ଅସମ୍ପୂର୍ଣ୍ଣତା ।

ତୁମ କଥା, ତୁମ ସ୍ପର୍ଶ, ତୁମେ ପ୍ରତି ଅନୁଭବ,

ମୋର ସବୁ ଭାବନାରେ ତୁମେ ଶାଶ୍ୱତ ବିଭବ ।

ତୁମେ ସେଇ ସ୍ୱର ଝରଣା, ଯେଉଁଥିରେ ପ୍ରେମର ମୂର୍ଚ୍ଛନା,

ମୁଁ ସେଇ ଗଭୀର ହୃଦୟ, ଯାହାରି ନିରବ ସାଧନା ।

କୋଳାହଳର ଆରପାଖେ, ଏକାନ୍ତ ଆମର ଦୁନିଆ,

ଶବ୍ଦରୁ ଶବ୍ଦକୁ ଯିବା, ଗଢ଼ିବା ନୂତନ ମାୟା ।

ହେ ମୋର ନୂତନ ଦେବଦତ୍ତ ସୁନ୍ଦର ଭାବନା,

ତୁମ ବିନା ମୋ କବିତା ଶୁଷ୍କ, ନାହିଁ କିଛି କଳ୍ପନା ।

ତୁମେ ଆକାଶର ରଙ୍ଗ, ମୁଁ ତଳର ନୀଳ ଶାନ୍ତତା,

ଆମ ପ୍ରେମ ଏକ ଅଲିଖିତ, ଅନନ୍ୟ ବାସ୍ତବତା ।

ଶବ୍ଦ ହୋଇ ତୁମେ ଆସ, ମୋ ଓଠରେ ବାଜିଯାଅ,

ନିରବତା ହୋଇ ମୁଁ ରହେ, ତୁମ କାନରେ ଗୁଞ୍ଜିଯାଅ ।

ଏ ଦୁଇଟି ମିଶିଯାଇ, ହୋଇଯାଏ ଏକ ସୁର,

ଯାହାର ଧ୍ୱନିରେ ମୁଁ ତୁମେ, ହେଉଁ ପରସ୍ପରର ଦୂର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଶ୍ୱାସ ତୁମେ ନିଅ, ପ୍ରଶ୍ୱାସ ମୁଁ ହୋଇ ଆସେ,

ଜୀବନର ପ୍ରତି ଛନ୍ଦ ତୁମରି ନାଆଁରେ ଭାସେ ।

ତୁମେ ମୋର ଉଷାକାଳ, ମୁଁ ସନ୍ଧ୍ୟାର ଅନ୍ଧାର ଛାଇ,

ଆମ ଭିତରେ ପ୍ରେମ ହିଁ ଏକମାତ୍ର ସତ୍ୟ, ଆଉ କିଛି ନାହିଁ ।

ସଂଗ୍ରାମପୁର, କାଂଶ, ନୀଳଗିରି, ବାଲେଶ୍ୱର

ମୋ:-୮୨୪୯୮୭୩୦୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଣେଶ ସ୍ତବ

ସରସ୍ୱତୀ ମେହେର



ଜୟ ଗଣେଶ ଜୟ ଗଣେଶ
ଜୟ ଗଣେଶ ଦେବ
ମାତା ତୁମର ପାର୍ବତୀ ଦେବୀ
ପିତା ମହାଦେବ ।
ଚାରୋଟି ହାତରେ ତୁମେ
ଦିଶୁଛ ସୁଶୋଭିତ
ଏକଦନ୍ତ ବୋଲି ପ୍ରଭୁ
ତୁମେ ହେ ବିଖ୍ୟାତ ।
ଦେବଙ୍କ ମଧ୍ୟରେ ତୁମେ
ଅଗ୍ରପୂଜ୍ୟ ଅଟ ହେ ଦେବ
ମୋଦକ ,ଲଡୁ ଅଟଇ
ତୁମର ପ୍ରିୟ ଭୋଗ ।
ମୂଷିକ ବାହନ ପରେ
ତୁମେ କର ହେ ଭ୍ରମଣ
ତୁମ ପାଦ ତଳେ ମତେ
ଗଜାନନ ଦିଅ ହେ ଶରଣ ।

ଯୋଗିବହାଲ, ସିନାପାଲି



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫେରିବା ସମୟ

ଅରୁଣ କୁମାର ଦାସ



ଅସମୟରେ ଚାଲିଗଲେ ଯେ
ଦୁନିଆଁ ଝୁରୁଛି
ଲୁହ ନଈ ହୋଇ ଗଡ଼ି ଯାଉଛି
ପ୍ରକୃତିର ବିରୋଧରେ ଗଲେ
ତାର ପରିଣାମ
କେତେ ଭୟଙ୍କର ତା
ଅନୁଭବୀ ଙ୍କୁ ଜଣା ।
କେତେ ସଂକେତ ମିଳିଥିଲା
ତାକୁ ମାନିଲନି
ଚେତାଇ ଦିଆଗଲା
କାନକୁ ନେଲ ନାହିଁ
ଏବେ ଫଳ ଭୋଗିଲେ
କିଏ ପିଠିରେ ପଡ଼ିବ ।
ହେଳ ହୁ ହୁଅ ସାବଧାନ
ଅବାଟରେ ଗଲେ
ପରିଣାମ ହେବ ଭୟଙ୍କର
ବିପଦରେ ପଡିବ ଜୀବନ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା,
ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନକୁ କହୁଛି ମୁଁ

ହୃଦାନନ୍ଦ ସୁନାନୀ



ଜିତିବା ହାରିବା ଜୀବନ ଖେଳ
କାହିଁ କାଳରୁ ଅଛି
ହାରି ଗଲେ ତୁ ବା ମନରେ ଚିନ୍ତା
ନ କରିବୁ କହୁଛି... (୦)

ବେଳ ବୁଡି ଗଲେ ଅନ୍ଧାର ଆସେ
ରାତି ତାକୁ କହଇ
ରାତି ନ ଥିଲେ ଜହ୍ନ ନ ଥାଅନ୍ତା
ତାରା ଲୁଚନ୍ତା ଯାଇ.. (୧)

ସମୟ ଟା ହିଁ ମଣିଷ ଜୀବନ
ଦୁଃଖ ସୁଖ ମିଳାଇ
ଧନୀ ଗରିବ ଦୁଇଟି ନୟନ
ଦିନ ଏକା କାଟଇ... (୨)

ପୂଜା ପାଠ ଯେତେ କଲେ କି ହେବ
ଯାହା ଅଛି ପିଣ୍ଡରେ
ଦାନ ଧରମ ଯେତେ ଯାହାବି ଦେବ
ପ୍ରାଣ ଆଉ କି ଫେରେ (୩)

ଲୋକ ଖରାପ ହେଲେ ପଡଇ ଜଣା
ମାଠିଆ ଦେହେ କଣା
ହେଲେ, ନ ରହେ ପାଣି ହୁଅଇ ଊଣା
ଯେତେ ଦିଅ ପାଉଣା... (୪)

ସୁନା ଭଲି ହେବା ସୁନାମ ଲଭିବା
ସାରା ଗଳି ଓସାରେ
ଜାଣିବେ ଲୋକେ ଜଣାଇବେ ଯେ ଟେକେ
ହିତ କାମ ଶିଖରେ...(୫)

କଳାହାଣ୍ଡି ,
ମୋ : ୭୯୭୮୨୯୪୨୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଥା ଦେଇଥିଲେ

ଗୋଲୋକବିହାରୀ ବେହେରା



ଯଦି କାହାରିକୁ କଥା ଦେଇଅଛ
ସେ କଥା ରଖିବ ଭାଇ,
ଯେତେ ବାଧାବିଘ୍ନ ଆସିଲେ ପଛକେ
ପଛକୁ ହଟିବ ନାହିଁ ।
ପ୍ରତିଜ୍ଞା କରିବା ପିଲାଖେଳ ନୁହେଁ
ନୁହେଁ ତ ସହଜ କଥା,
ଶପଥ କରିଲେ କୌଣସି ସ୍ଥିତିରେ
ଓହରିବ ନାହିଁ ଯଥା ।
ବିଶ୍ୱାସ ଅଟଇ କାଚ ପରି ଭାଇ
ଭାଙ୍ଗିଲେ ଯୋଡ଼ି ହୁଏନା,
ପର ମୁହୂର୍ତ୍ତରେ ସେଇ ଲୋକ ସହ
ଆଖି ମିଶାଇ ପାରନା ।

ଜଣକୁ ସାହାଯ୍ୟ କରିବା ପଛରେ
ପାଇବାର ଆଶା ଥିଲେ,
ଦୟାଳୁ ସେ ନୁହେଁ ମତଲବୀ ନର
ବେପାରୀ ବୁଦ୍ଧି ରହିଲେ ।
ଜୀବନରେ ଯଦି କାହା ଭଲ ପାଇଁ
ନଇଁବାକୁ ପଡ଼େ ଭାଇ,
ପଛ ଘୁଞ୍ଚା କେବେ ଦେବେ ନାହିଁ ତୁମେ
ଅନ୍ୟର ମଙ୍ଗଳ ପାଇଁ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବି

ଅଲେଖ ମେହେର



କମନୀୟ କଳ୍ପନାର କଲମ ବିନ୍ଧାଣି
ଅପଘନ ଶୋଣିତରେ କରୁଛ ସ୍ନାହାନ,
ଶୟଳର ପ୍ରାଣୀ ହିତେ ବୃଜିନକୁ ହାଣି
ପଥ ପ୍ରଦର୍ଶକ ରୂପେ ସାଜିଛ ମହାନ ।
ନାହିଁ ତବ ପଟାନ୍ତର ହେ ଦ୍ୱିତୀ ବିଧାତା
ରୀତି ନୀତି ସଂସ୍କୃତିର ଜାଗ୍ରତ ପ୍ରହରୀ,
ଧର୍ମ ସମାଜ ସଂସ୍କାର ସୃଜନର ବାର୍ତ୍ତା
ପ୍ରେମ ସାଥେ ମଧୁ ସ୍ୱନେ ବୁହାଇଛ ସରୀ ।
ବାଚାଳତା ସାଙ୍ଗହୋଇ ଖେଳେ ଉରଦେଶେ
ନିସ୍ତବ୍ଧତା ସଂଞ୍ଚରିତ ମନ ଆକାଶରେ,
ବିମୁଗ୍ଧ ଚକିତ କରେ ଧରା ନବ ବେଶେ
ନାମହୀନ ତାଜା ଫୁଲ ପ୍ରୀତି ମହକରେ ।
ସପନ ରାଇଜେ ବାସ ମହକାଅ ବାସ,
ତେଣୁକରି ମନେରଖେ ଏ ସାରା ମୁଲକ,
ଦୁଃଖିର ଲପନ ଧାରେ ଦେଇପାର ହାସ,
ହେ କବି ତୁମେ ମହାନ ପୀୟୂଷ ଉଦକ ।
ପୋଛିବାକୁ ସମାଜର କୁସଂସ୍କାର ମାନ,
ଅମାବାସ୍ୟା ଯାମିନୀରେ ଇନ୍ଦୁ ଫୁଟାଇଛ,
ଗୀତା ପୋଥି ଭାଗବତ ଉଚ୍ଚେକରି ଗାନ,
ବିଭୁ ବଚ ସର୍ବ ଜନ ଅନ୍ତରେ ଭରିଛ ।


ଝର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୟ ବୁଢ଼ାଦେଓ

ଦଶରଥ ମାଝୀ



ଜୟ ବୁଢାଦେଓ ଆମ ଇଷ୍ଟଦେବ
ଆମେ ଅଟୁ ତୁ ସନ୍ତାନ
ସୁଖ ହେଉ ଅବା ଦୁଃଖ ସମୟରେ
କରୁ ଥିବୁ ତୁ କଲ୍ୟାଣ (୧)

ପୁଷ ଯାତରା ଆଉ ଖଳା ଯାତରା
ଗଣ୍ଡଜନ ଥାଏ ପାଳି
ଚାଉଳ ମୁଠି ଦେଇ ପୂଜା ସ୍ଥାନରେ
ପ୍ରଭୁ ତତେ କରେ ଅଳି (୨)

ଧୂପ ଦୀପ ଫୁଲ ସିନ୍ଦୁର ଦେଇକି
କରନ୍ତି ତତେ ଆସରା
ଜୟ ବୁଢାଦେଓ ଦେହୁରି ଦେହରେ
ଖେଳୁ ତୁ ହେଲେ ଯାତରା (୩)

ଜୟ ବୁଢାଦେଓ ଗୁଡାଗଡେ ରହି
ପ୍ରଥମେ କରିଲେ ଚାଷ
ଗଣ୍ଡ ମିଥ୍ କଥା କହିଚାଲେ ନିତି
ରହିଅଛି ଇତିହାସ (୪)

ବୁଢାଦେଓ ଶଙ୍ଖ ଚକ୍ର ଗଦା ପଦ୍ମ
ନିଜର ହସ୍ତରେ ଧରି
ଲହ ଲହ କରି ଜିଭକୁ ଲମ୍ବାଇ
ଅସୁରକୁ ଥିଲେ ମାରି (୫)

ଗଣ୍ଡ ଲୋକଙ୍କର ଜୟ ବୁଢାଦେଓ
ଆରାଧ୍ୟ ଦେବତା ଅଟେ
ଆଠ ବର୍ଗ ଗଣ୍ଡ ଭକତିର ମନେ
ମାରନ୍ତି ମୁଣ୍ଡିଆ ଗୋଟେ (୬)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉଦ୍ଧାର କର

ଆଶିଷ କୁମାର ସାହୁ



ଅସ୍ତହୋଇ ଆସିଲାଣି
ଆୟୁ ସୂର୍ଯ୍ୟ ମୋର,
ଶେଷ ଦର୍ଶନ ଦିଅ ପ୍ରଭୁ
ଛାଡ଼ିବି ସଂସାର,
ଅପୂର୍ବ ସୁନ୍ଦର ତୁମ ବେଶ
ଦେଖିବି ଠାକୁର,
ମନସ୍କାମନା ପୂର୍ଣ୍ଣ ହେବ
ଏ ସଂସାରେ ମୋର,
ହେ ଜଗତ ଈଶ୍ୱର
ଏତିକି ମାଗୁଣି ପ୍ରଭୁ
ମୋର ଟିକେ ଶୁଣ।
ନେଇଛି ଜନମ ପ୍ରଭୁ
ଏ ଧରା ପୃଷ୍ଠରେ,
କରିଛି ପାପ ପ୍ରଭୁ
ଧନର ଲୋଭରେ,
ହେ ଜଗତ ଗୋସାଇଁ
ଶେଷଥର ପାଇଁ,
ଶୁଣ ମୋ ଡାକ ପ୍ରଭୁ
ଏବେ ମୋ ସମୟ ଆଉ ନାହିଁ,
ତୁମକୁ ଦେଖିବି ପ୍ରଭୁ
ଏତିକି ମାଗୁଣି,
ଜୀବନର ଲକ୍ଷ୍ୟ ଆଜି
କିଛି ମୋର ନାହିଁ,
ହେ ପରଂବ୍ରହ୍ମ ପରମେଶ୍ୱର
ଏ ପାପିର ଡାକ ଶୁଣ,
ଦର୍ଶନ ଦେଇ ପ୍ରଭୁ
ଏ ଜୀବନ୍ନୁ ମତେ ଉଦ୍ଧାର କର ।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ -୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲେଖାଲେଖି ଏବେ କମୁଛି

ନିରଞ୍ଜନ ସାହୁ



କାହିଁକି କେଜାଣି ଧୀରେଧୀରେ ମୋର
ଲେଖାଲେଖି ସଂଖ୍ୟା କମୁଛି
ଦିନଥିଲା ଦିନେ କହି ବୁଲୁଥିଲି
ଲେଖାଲେଖି ଏବେ ଜମୁଛି ।

ନୂଆନୂଆ ଯେବେ ଲେଖା ଲେଖୁଥିଲି
ଅନେକ ସମସ୍ୟା ରହିଲା
ଧୀରେଧୀରେ ଲେଖା ଅଭ୍ୟସ୍ତ ହେବାରୁ
ପରାଣ ଆଉ ନ ଦହିଲା
ଲେଖାଲେଖି ମାଡ଼ି ଚାଲିଲା ଆଗକୁ
କେବେ କହିନାହିଁ ଥମୁଛି ।

ଲେଖିବା ଆଗ୍ରହ ବଢିଲା ସେଦିନୁ
ଯେଦିନୁ ପ୍ରକାଶ ପାଇଲା
ସମସ୍ତେ କହିଲେ ଲେଖାଲେଖି କାମେ
ସମସ୍ତ ସମୟ ସାଇଲା
କେଉଁ କଥା ପ୍ରତି ଧ୍ୟାନ ନାହିଁ ତା'ର
ମନଟା ଲେଖାରେ ଭ୍ରମୁଛି ।

ଛାପା ଅକ୍ଷରରେ ଲେଖା ଦେଖିବାର
ନିଶାଟା ଯେଦିନୁ ଘାରିଲା
ଆହୁରି ଲେଖିବି ଆହୁରି ଲେଖିବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଲିଣି ବଡ଼ ପାରିଲା
ଶବ୍ଦ ସନ୍ଧାନ ମୁଁ କରିବା ପାଇଁକି
ପ୍ରଭୁ ପାଦତଳେ ନମୁଛି ।

ମନକୁ ଟିକିଏ ଗର୍ବ ଛୁଇଁଲାଣି
ଲେଖକଟେ ମୁହିଁ ହେଲିଣି
ସାହିତ୍ୟ ସଭାରେ ଅତିଥି ହୋଇକି
ଅଭିଭାଷଣ ମୁଁ ଦେଲିଣି
ଲେଖାଲେଖି ପାଇଁ ସମୟ ନ ଦେଇ
ସମ୍ମାନ ପଛରେ ଗମୁଛି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୁଇ ପୁଷ୍ପ, ଭିନ୍ନ କାମନା

ବିଶ୍ୱରଞ୍ଜନ ମହାନ୍ତି



କାମିନୀ ଫୁଲର ସୁବାସ ,
ଶ୍ୱେତ ରଙ୍ଗର ଅବକାଶ ।

ନିସ୍ତବ୍ଧ ରଜନୀର ଐଶର୍ଯ୍ୟ
ଅପେକ୍ଷାରେ ପ୍ରତ୍ୟୁଷ ସୂର୍ଯ୍ୟ ।

କାମନାରେ ଅଲୁପ୍ତ କୁମୁଦିନୀ
ମହେଶ୍ୱରଙ୍କ ପ୍ରିୟ ଚୂଡ଼ାମଣି ।

କରି ରୌଦ୍ରତାପ ପରିହାର
ହୃଦୟ ଆକାରେ ପତ୍ରବର ।

ନିଷ୍ପେସିତ ଜଳଦ ର କରାଘାତେ
ଅଦୃଶ୍ୟ ହୁଅଇ ଶଶୀ ରାତେ ।

ବିରହ ବେଦନା ହେବ ପ୍ରଶମିତ
ପ୍ରୟାସେ ଯେବେ ପିତା ହନୁମନ୍ତ ।

ଜ୍ୟୋତ୍ସ୍ନା ବିଧୌତ ପ୍ରଦୋଷରେ
ସତ୍ୟର ଅପଳାପ କଥାରେ ।

ଦୁଇ ପୁଷ୍ପ ପ୍ରକୃତିର ଭିନ୍ନ ସ୍ୱରୂପ
ଝୁରେ ଝରାଫୁଲ ସଦା ଦିବ୍ୟ ପ୍ରଦୀପ ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତଥାପି ଗାଇବି ଜୀବନ ସଙ୍ଗୀତ

ନୀଳମଣି ଚାନ୍ଦ



ନିଷ୍ଫଳ ହେଲା ଶୁଣେଇବା ମୋର
ବସି ଭାବେ ଆଜି ମନେ
ଜୀବନ ସଙ୍ଗୀତ କେତେ ଶୁଣେଇଲି
ହେଲେ ଶୁଣିଲେନି ଜଣେ ।

ସୁଖଦୁଃଖ ଭରା ସେହି ମୋ ସଙ୍ଗୀତ
ରାଗ ଅନୁରାଗ ଥିଲା
ଲାଗୁଥିଲା ସତେ ପ୍ରତିଧ୍ୱନି ହୋଇ
ପବନେ ମିଳେଇ ଗଲା ।

ମୋ'ର ଦୁଃଖ ଯେତେ ସବୁ ମୋ ନିଜର
କେ ହେବ ବା ସମଭାଗୀ
ଏଇ ଭାବନାଟି ସହସା ଉଠିଲା
ମୋ ମନ ଭିତରେ ଜାଗି ।

ଭାବିଲି ମଣିଷ ଶୀର୍ଷରେ ଥାଇ
ଏତିକି ପାରେନା ବୁଝି
ବିଶ୍ୱହିତୈଷୀ ଭାବନାକୁ ଭୁଲି
ସ୍ୱାର୍ଥ ପାଇଁ ହୁଏ ଯୁଝି ।

ତଥାପି ଗାଇବି ଜୀବନ ସଙ୍ଗୀତ
ଜୀବନ ମୋ ଥିବା ଯାଏ
ସଭିଙ୍କ ଜୀବନ ଗାଥା କଥା ସବୁ
ସେହି ସଙ୍ଗୀତରେ ଥାଏ ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭାରତୀ ସ୍ତବକ

ମନୋରଞ୍ଜନ ସୁରୁଜାଳ



କୁଞ୍ଜ ତା ପରେ କୁଞ୍ଜ କୁଞ୍ଜରେ ଜ୍ୟୋତି ପୁଞ୍ଜ
ମହା କେଳି କୁଞ୍ଜରେ ଆଳତି
ମାଁ ଭାରତୀ, ଭାଳେ ସିନ୍ଦୁର ଅରଚନ ଗୋ,
ଶୁଭ୍ର ହୀରକ ଝଳେ କିରିଟ ହିମାଚଳେ
ସୁଧାଧାରା ସମ ପୂଣ୍ୟତୋୟା
ମାଁ ଭାରତୀ , ଶତତ ବୀର ପ୍ରସବିନୀ ଗୋ ।

ବିନ୍ଧ୍ୟ ସେ ଗିରି ବର କେତେଯେ ସହଚର
ସୁନ୍ଦର ବନ ଗିରି ତଟିନୀ
ମାଁ ଭାରତୀ, କଟି ମେଖଳା ସିନ୍ଧୁସୂତା ଗୋ,
କଳକଳ ନାଦିନୀ ଗୀତରେ ଆହ୍ଲାଦିନୀ
ଗୁଞ୍ଜରଣେ ଜୟ ଜୟ ଧ୍ୱନି
ମାଁ ଭାରତୀ , କୋକିଳ କଣ୍ଠେ ମଧୁଗୀତି ଗୋ ।

ମୟୂର ପୁଚ୍ଛ ଟେକି କେକାରବରେ କେକୀ
ଶ୍ୟାମଘନ କୁ ଦେଖି ନୃତ୍ୟ
ମାଁ ଭାରତୀ ପଙ୍କଜ ପାଦତଳେ ଶୋହେ ଗୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ କୋଳେ ସାଧୁ ସନ୍ଥ କେତେ ଲେଖିଲେ ଗ୍ରନ୍ଥ
ମର୍ତ୍ତ୍ୟ ବୈକୁଣ୍ଠ ଦେବ ଭୂମି
ମାଁ ଭାରତୀ, ସରଗୁ ଆସନ୍ତି ଓହ୍ଲାଇ ଗୋ ।

ପ୍ରକୃତି ଶୋଭା ଭରା ଆହାଃ ପବିତ୍ର ଧରା
ଖଣି ମଣି ମୁକୁତା ବେଶ
ମାଁ ଭାରତୀ, ଧନ ଧନ୍ୟରେ ପରିପୂର୍ଣ୍ଣ ଗୋ,
ଅତିଥି ପାଦ ସେବା ସଂସ୍କୃତି ମନ ଲୋଭା
ଭ୍ରାତୃତ୍ୱ ଯାହାର ବାରତା
ମାଁ ଭାରତୀ, ଏକ କୁଟୁମ୍ବ ଯାର ନୀତି ଗୋ ।

ନମାମି ଭକ୍ତି ଭରେ ଯା ପାଦ ସିନ୍ଧୁ ନୀରେ
ଶତ ଧଉତ ଉର୍ମିମାଳା
ମାଁ ଭାରତୀ,ଭରତ-ଭୂଖଣ୍ଡ ସୁବର୍ଣ୍ଣା ଗୋ
ଜ୍ଞ୍ୟାନ ବିଜ୍ଞ୍ୟାନ ମୂଳ କିଏ ତା ସମତୁଳ
କଳା ନିପୁଣା ମୋ ଦେଶ
ମାଁ ଭାରତୀ, ଉଡ଼ଇ ତ୍ରିରଙ୍ଗା କିରତୀ ଗୋ ।

ଅଇଁଲାପାଲି, ଧମା, ସମ୍ବଲପୁର




Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଂଘର୍ଷ

ବିନୟ ମହାପାତ୍ର



ଯୁଦ୍ଧକ୍ଳାନ୍ତ ଅବଶ ଡେଣାରେ
ଉଡିବାର ବଳ ଯାଇଛି ହଜି,
ଜୀବନର ଏଇ କୁରୁକ୍ଷେତ୍ରରେ
ନିରବେ ଲଢୁଛି ନିଜ ସାଥେ ଯୁଦ୍ଧ
କେବେ ବଳଶାଳୀ ନିର୍ବଳ କେବେ
କେବେ ହାରି ଯାଏ, କେବେ ଜିତି ଯାଏ
ଜୀବନ କପଟ ପଶାର ବାଜି ।

ଯୁଦ୍ଧ ଲଢୁଛି ଜୀବନର ମୋର
ଲକ୍ଷ ନଥିଲା ଜିତିବାକୁ କିଛି
ହାରିବାକୁ ତିଳେ ନଥିଲା ଡର,
ଅନେକ ପ୍ରାପ୍ତିର କ୍ଷୁଧା ବି ନଥିଲା,
ହରେଇ ଦେବାରେ ଦୁଃଖ ବି ନଥିଲା
ଦେଇ ଦେବା ପାଇଁ ଅନେକ କିଛି
ଲଢିବାକୁ ଥିଲା କାରଣ ମୋର ।

ଜୀବନ ଯୁଦ୍ଧରେ ସାମ୍ନାରେ ମୋର
ଏକୁଟିଆ ମୁଁ, ଆଉ ତ ନଥିଲା କେହି,
ନିଜକୁ ଦେଖି ମୁଁ ମୁହଁ ମୋଡି ଦିଏ
କେତେ ପ୍ରଶ୍ନ ବାଣେ ଘାଇଲା ହୁଏ,
'ହଁ ନାହିଁ'ର ଯୁଦ୍ଧରେ କେତେ
ଭୁଲ ଠିକ୍ ର ଅସଂଖ୍ୟ ତର୍କ,
କେବେ ହାରି ଯାଏ, କେବେ ଜିତି ଯାଏ
ଜୀବନର ଏଇ ସଙ୍କଟ ଯୁଦ୍ଧରେ
ଏକାକୀ ନିରବେ ଦେଖେନି କେହି ।

ହାରି ଯାଏ ଯେବେ ପ୍ରତିଦ୍ୱନ୍ଦୀକୁ
ଆଲିଙ୍ଗନ ଦେଇ ଧନ୍ୟ କୁହେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜିତି ଗଲେ କେବେ ମନ ଅନନ୍ଦରେ
ପ୍ରତିଦ୍ୱନ୍ଦୀକୁ ମୋ କୋଳେଇ ନିଏ,
ଏଇ ଯୁଦ୍ଧରେ ଯେତେକ ଥିଲେ
ସଭିଏଁ ତ ମୋର ଶତ୍ରୁ ନଥିଲେ,
ପ୍ରିୟ ପରିଜନ କିଛି ଆତ୍ମୀୟ ଥିଲେ ।

ଲକ୍ଷ କେବଳ ପାଇବାକୁ ଥିଲା
ଅନନ୍ତ ଆନନ୍ଦ ଆତ୍ମ ସନ୍ତୋଷ,
ପ୍ରେମର ସେଇ ଦିବ୍ୟ ଆଶିଷ ,
ଯୁଦ୍ଧରେ ଜିତି ଆନନ୍ଦ ଯେତିକି
ହାରିବାରେ ଥିଲା ସୁଖ ଅନେକ
କେଇ ଗୁଣା ଥିଲା ଆତ୍ମ ସନ୍ତୋଷ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋହ

ସରୋଜ କୁମାର ସାହୁ



ତମ ଆଖିରେ
ଯେବେଠୁ ଦେଖିଛି ନିଜକୁ
ଭୁଲି ଯାଇଛି ଦୁନିଆ
ପବନ ରହିଯାଇଛି ଅଟକି
ଝଙ୍କା ବରଗଛ ଡାଳରେ
ମୁଁ ନାହିଁ ମୋ ପାଖେ ଆଉ ।

କଢିଟି ଫୁଲ ହୋଇ
କେମିତି ମଉଳେ ସଞ୍ଜରେ
ବାସନାର ମୋହ
ରୁପସୀ ଜହ୍ନ
ତୁଚ୍ଛ ଲାଗେ ଆଗରେ ।

ଝରକା ଡେଇଁ ଆସେନା
ନାଲିଆ ସୁରୁଜ
ମୁଁ ଦେଖି ପାରେନି ଛାଇକୁ
ଜଡ ପାଲଟି ଯାଏଁ ଜୀବନ
ଭ୍ରମ ସରୋବରରେ
ନିଜେ ଖୋଜିବୁଲେ ନିଜକୁ ।

ଆଠଗଡ଼, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରାଦ୍ଧ

ସୁଜିତ କୁମାର ମିଶ୍ର



ପ୍ରହସନ ରଙ୍ଗ ନା ପ୍ରେମର ରାଗ ପ୍ରଜ୍ଜ୍ୱଳିତ ଜ୍ୟୋତି ପାଇଁ ?
ସରାଗ ହୀନ ସେ ହୃଦରୁ ସହସା ସୂରୁଜ ଆସଇ ଉଇଁ ।
ଆଡମ୍ବର ଆଖି ପଡୁଛି ଉଠୁଛି ଅନେକ ଅତିଥି ମେଳେ,
ଯିଏ ଦିନେ ଥିଲା ସ୍ୱାର୍ଥୀ ଜଉଘର ଜୀବନ୍ତ ଦେବତା କୋଳେ ।

ବୃଦ୍ଧ ବୃଦ୍ଧା କାଲି ଭୋକର ଜ୍ୱାଳାରେ ଯାତନାର ବନ୍ଦୀଘର,
ଆଜି ହାୟ ଦେଖ ଅନ୍ନଛତ୍ର ଖୋଲା ଆନନ୍ଦରେ ନିରନ୍ତର ।
ଦାମୀ ବେଶଭୂଷା ସକଳ ଶରୀରେ ଦରଦୀ ବଚନ ମୁଖେ,
ସତେକି ଆପଣା ମଣିଷ ହରାଇ ଜୁଡୁବୁଡୁ ଦୁଃଖଶୋକେ ।

ଚାମୁଚେ ମହୁରେ ଚର୍ଚ୍ଚା ଅନେକ ଛତି ମାରିଯାଏ ଲୁହ,
କୋହ ସବୁ ଯେତେ ଶୂନ୍ୟର କଣିକା କାଠ ପାଲଟଇ ଦେହ ।
ସଫେଦ ଆକାଶ ସାମିଆନା ତଳେ ସଫଳ ସଫଳୀ ଶ୍ରାଦ୍ଧ,
ବାରୁଦ ଗଦାର ଛାତିରୁ ଶୁଭଇ କେମିତିକା ବ୍ରହ୍ମନାଦ ?

ପ୍ରେମ ଟୋପେ ପାଇଁ ଯେବେ ଅନ୍ତରର ପହଡ ଫିଟିଲା ନାହିଁ,
ଶ୍ରାଦ୍ଧ ସେଠି କଣ ନୁହଁଇ କି ଏକ ଶଠ ବିଜ୍ଞାପନ ଛାଇ ?


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ୭୭୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍କଳ ମଉଡ଼ମଣୀ

ଶୁଭଶ୍ରୀ ଖୁଣ୍ଟିଆ



ଉତ୍କଳର ମଣୀ ଗୋପବନ୍ଧୁ ଦାସ
ସୁଆଣ୍ଡରେ ଜନ୍ମଲଭି
ଧନ୍ୟ ସେହି ମାଟି ଧନ୍ୟ ତାର ତଟ
ଧନ୍ୟ ସେ ଭାର୍ଗବୀ ନଦୀ

ପିତା ଦଇତାରୀ ମାତା ସ୍ୱର୍ଣ୍ଣମୟୀ
କୋଳ କରିଲ ମଣ୍ଡନ
ବକୁଳ ବନର ମଉଡ଼ମଣୀ ହେ
ଗୋପବନ୍ଧୁ ତୁମ ନାମ

ସତ୍ୟପଥ ଯାତ୍ରୀ ତୁମେ ଯୋଗଜନ୍ମା
ଦରିଦ୍ର ଜନର ସାଥି
ବନ୍ୟା ପ୍ରପୀଡ଼ିତ ଅନ୍ନଦାତା ତୁମେ
ତ୍ୟାଗୀ ପ୍ରେମୀ ସତ୍ୟବାଦୀ

ଭାଷା ସାହିତ୍ୟର ଉନ୍ନତି ର ପଥେ
ସମାଜ“ ପତ୍ରିକା ଦାନ
ହେ ଛାତ୍ର ବତ୍ସଳ ବନ ବିଦ୍ୟାଳୟ
କରିଥିଲ ସଂସ୍ଥାପନ

ବକୁଳ ବନର ବିଦ୍ୟା ନିକେତନ
ପଞ୍ଚସଖାରେ ତୁମେ ଶ୍ରେଷ୍ଠ
କାବ୍ୟ କବିତାରେ ଦେଶ ସ୍ୱାଧୀନତା
ଲେଖାଟି ଥିଲା ଉଦିଷ୍ଟ

ସଭିଙ୍କ ଦୁଃଖରେ ଦୁଃଖୀ ଥିଲ ତୁମେ
ଅନ୍ୟ ର ସୁଖରେ ସୁଖୀ
ଆଜି ବି ଝୁରୁଛି ଉତ୍କଳର ମାଟି
ବେଦନା ସ୍ଫୁରୀତ ଆଖି

କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୁଅଟିଏ ହେବା ସହଜ ନୁହେଁ

ରାକେଶ ବନମାଳୀ



ପୁଅଟିଏ ହେବା ସହଜ ନୁହେଁ
ପିତାମାତାଙ୍କର ପରିବାର ବୋଝକୁ
ଯିଏ ବିନା ଦ୍ୱିଧାରେ ଆପଣେଇ ନିଏ
ପୁଅଟିଏ ହେବା ସହଜ ନୁହେଁ
ମନ ଭିତର ତା ଅସୁମାରୀ ସ୍ୱପ୍ନକୁ
ପରିବାର ପାଇଁ ଭୁଲେଇ ଦିଏ
ପୁଅଟିଏ ହେବା ସହଜ ନୁହେଁ
ନିଜେ ଦୁଃଖେ ଥାଇ ଅନ୍ୟ ଖୁସି ପାଇଁ
ଯିଏ ଅନ୍ୟ ମାନଙ୍କୁ ହସାଉଥାଏ
ପୁଅଟିଏ ହେବା ସହଜ ନୁହେଁ
ପିତାଙ୍କ ଗୌରବ ମା ର ସରାଗ
ଭଉଣୀର ସ୍ନେହ ଭାଇର ମମତା
ନିଜେ ଜଳି ନୀତି ସାଉଁଟି ଥାଏ
ପୁଅଟିଏ ହେବା ସହଜ ନୁହେଁ
ପ୍ରେମିକାର ପ୍ରେମ ସ୍ତ୍ରୀର ସୁହାଗ
ଚାହେଁ ନି କାହାକୁ ଦୁଃଖ ଦେବାକୁ
ଉଭୟଙ୍କୁ ଖୁସି ଦେବାକୁ ଚାହେଁ
ପୁଅଟିଏ ହେବା ସହଜ ନୁହେଁ
ସେନେହ ଡରିରେ ସଭିଙ୍କୁ ବାନ୍ଧି
ନିଜେ ଦିନେ ସେ ନିରବି ଯାଏ
ଦୁନିଆର ନିଖୁଣ ସତ୍ୟ କଥା ଇଏ
ଯେ ! ପୁଅଟିଏ ହେବା ଏତେ ସହଜ ନୁହେଁ

୮୬୩୭୨୫୬୫୨୨, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସ ଆସ ମହାଲକ୍ଷ୍ମୀ ଆମ ଘରକୁ

ସୁନିତା ମହାନ୍ତି



ବାର ମଧ୍ୟେ ସାର ଗୁରୁବାର ପରା
ମାସ ମଧ୍ୟେ ମାର୍ଗଶିର
ମାଣବସା ପର୍ବ ପରମ୍ପରା ଅଟେ
ଐତିହ୍ୟ କେଉଁ ଯୁଗର ।

ଶୀତୁଆ ପବନ ହେମନ୍ତ ସାଥିରେ
ଆସିଛି ଶିଶିର ନେଇ
ପାଚିଲା ଧାନର ମହକ ଛୁଟଇ
ଧାନ କ୍ଷେତ ଝଲସଇ ।

ମାର୍ଗଶିର ସାର ମାଣବସା ପର୍ବ
ଲକ୍ଷ୍ମୀ ଆସିବେ ଘରକୁ
ପ୍ରତି ଘରେ ଘରେ ବିରାଜିବେ ମାଆ
ସଭିଏଁ ପୂଜିବେ ତାଙ୍କୁ ।

ପ୍ରତି ଘର ଦ୍ୱାର ଲିପା ପୋଛା ହୋଇ
ଝୋଟି ଚିତାରେ ଶୋଭିତ
ଭକ୍ତି ରେ ପୂଜନ୍ତି ସେର ଖଟୁଲିରେ
ନୂଆ ଧାନ ଜଟ ମଣ୍ଡିତ ।

ଧୂପ ଦୀପ ଝୁଣା ସୁଗନ୍ଧ ସୁମନ
ଦେଇ ଦୁବ କୋଳି ପତର
ଆସ ଆସ ମାଆ ଲକ୍ଷ୍ମୀ ଠାକୁରାଣୀ
ଆମ ଘରେ ବିଜେ କର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଣିନି ଭକତି ପୂଜା ନୀତି ବିଧି
ଜାଣେନାହିଁ ମନ୍ତ୍ର ତୋର
ଚଣ୍ଡାଲୁଣୀ ହୋଇ ପୂଜୁଛି ମାଆ ଲୋ
ଘେନା କର ପୂଜା ମୋର ।

ସୂଚି ଉପଚାର ଜଣାନହିଁ କିଛି
କ୍ଷମା କରିଦେବୁ ମୋତେ
ଭକ୍ତି ପୁଷ୍ପାଞ୍ଜଳି ପୟରେ ଅର୍ପିଛି
ଘେନା କରିବୁ ମାଆ ସତେ ।

ନାରୀ ସୁଗୃହିଣୀ ମଙ୍ଗଳ ମନାସି
ସଭିଏଁ କରନ୍ତି ପ୍ରଣତି
ମାଆ ଅନ୍ନପୂର୍ଣ୍ଣା ସାହା ହୋଇଥିବୁ
ସଭିଙ୍କର ଘେନି ସ୍ତୁତି ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାନ୍ଦ କଇଁ ପ୍ରୀତି

ଚନ୍ଦ୍ରକଳା ଦେବୀ



ସ୍ରଷ୍ଟାଙ୍କର ସୃଷ୍ଟି ଅତୀବ ବିଚିତ୍ର
ଚାନ୍ଦ ପାଇଁ କଇଁ ସୃଷ୍ଟି
ଚାନ୍ଦ କଇଁ ପ୍ରୀତି ଦୂର୍ମୁଲ୍ୟ ଯେ ଅତି
ଯୁଗଯୁଗର ସେ ସାଥୀ ।
ପୁଷ୍କରିଣୀ ଜଳେ ନାଡ଼ ଯୁକ୍ତ କଇଁ
ନୈସର୍ଗିକ ଶୋଭାଧରି
ଧୀର ପବନରେ ପାଣିର ଉପରେ
ନାଚୁଥାଏ ହଲି ଝୁଲି ।
ପଶ୍ଚିମ ଆକାଶେ ସୂରୁଜ ଲୁଚିଲେ
ସଞ୍ଜଆସେ ନଇଁନଇଁ
ନଭମଣ୍ଡଳରେ ଶଶି ଦେଖାଦେଲେ
ଫୁଲେଇ ହୁଅଇ କଇଁ ।
ଅଙ୍ଗେଅଙ୍ଗେ ତାର ଭରେ ଶିହରଣ
ହୁଅଇ ସେ ଆନମନା
ଦିବସେ ବିଚ୍ଛେଦ ରାତ୍ରିରେ ମିଳନ
ଏଯେ ବିଧିର ବିଧାନ ।

କଇଁ ସାଥେ ଶଶୀ ନିଶିଥେ ପୀରତି
ଶାଶ୍ୱତ ପ୍ରେମରେ ମଜ୍ଜି
ଶୀତଳ ଜୋଛନା କଇଁ ଅଙ୍ଗେ ଲାଗି
କଇଁ ଯାଏ ପ୍ରେମେ ହଜି ।
କଇଁ ଶଶୀ ପ୍ରୀତି ଚିରନ୍ତନ ସତ୍ୟ
ଶାଶ୍ୱତ ପ୍ରେମେସେ ବନ୍ଧା
ସରସୀରେ କଇଁ ଗଗନରେ ଚାନ୍ଦ
ଚାନ୍ଦ ବିନା କଇଁ ଅଧା ।
ଯେତେଦୂରେ ଥିଲେ ମଧ୍ୟ କଇଁ ଶଶୀ
ସ୍ୱଚ୍ଛ ପ୍ରେମ ଦୁହିଁଙ୍କର
ରଜତ ଜ୍ୟୋତ୍ସ୍ନାରେ କଇଁ ଆନମନା
ଅଭେଦ ପ୍ରୀତି ତାଙ୍କର ।

ବନ୍ଧୁଗାଁ, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ

ରଶ୍ମିରେଖା ମଲ୍ଲିକ



ବୈଶାଖର ନିଦାଘରେ
ମଳୟ ବାଆ ସାଜି ଶିହରେଇଦିଅ ତୁମେ
ମୋ ଶରୀର ର ପ୍ରତ୍ୟେକଟି ଅଙ୍ଗ ପ୍ରତ୍ୟଙ୍ଗ

ଜ୍ୟେଷ୍ଠ ର ଡହଡହ ଖରାରେ
ତୁମେ ଆସ ମୋ ପାଇଁ
ଗହନ ତରୁବନର ଶୀତଳ ଛାୟା ହେଇ

ଆଦ୍ୟ ଆଷାଢ଼ର ପହିଲି ବର୍ଷାରେ
ମୋ ମଉଳା ମନରେ ଅଙ୍କୁରିତ କର ତୁମେ
ଆଶା ଆକାଂକ୍ଷାର ସେ ବୃହତକାୟ ବଟବୃକ୍ଷ

ଧାରା ଶ୍ରାବଣର ଅବିରତ ବର୍ଷାରେ
ରଙ୍ଗୀନ ଛତାଟେ ହେଇ
ଢାଙ୍କି ଦିଅ ତୁମେ ମୋର
ସମଗ୍ର ଶରୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଦ୍ର ଆକାଶ ରେ ଯାଯାବର ସାଜି
ଭାସିବୁଲୁଥିବା ସେ ମେଘଖଣ୍ଡ ସଦୃଶ ମୁଁ
ଯେବେ ଭାସି ଭାସି ଥକିଯାଏ
ତୁମେ ଜଳଧାରା ସାଜି ମୋତେ କୋଳେଇ ନିଅ

ଆଶ୍ୱିନର ଶୁଭ୍ର କାଶତଣ୍ଡୀ  ସାଜି
ଭରିଦିଅ ତୁମେ ମୋର ସୌନ୍ଦର୍ଯ୍ୟ
ଠିକ୍ ଆଶ୍ୱିନ ରେ ନଦୀପଠାର
ପୂରିଲା ଯୌବନ ପରି

କାର୍ତ୍ତିକର କେଉଁ ଏକ ପାହାନ୍ତି ସକାଳରେ
ମେଞ୍ଚା ମେଞ୍ଚା ମୁକ୍ତା ଧରି
ଧାଇଁ ଆସ ତୁମେ ମୋ ପାଖକୁ
ଭେଟିଦେବାକୁ ତୁମ ପ୍ରେମ ର ପହିଲି ଉପହାର

ମଗୁଶୁରର ସେ ଝୋଟିଚିତା ପରି
ଆଙ୍କିଦିଅ ତୁମେ ମୋ କଳ୍ପନା କାନଭାସ୍ ରେ
ପ୍ରେମ ପରିଭାଷାର ଅସ୍ପଷ୍ଟ ଛବି

ପଉଷ ର ଗୋଧୂଳିରେ
ଆଇମାର କାହାଣୀପେଡ଼ି ଧରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହଞ୍ଚିଯାଅ ତୁମେ ମୋ ପାଖରେ
ଶୁଣେଇବାକୁ କେତେଯେ ମନଗଢା
ତୁମ ସ୍ୱଚ୍ଛ ହୃଦୟର କାହାଣୀ

ମାଘର ବାଘୁଆ ଜାଡରେ
ତୁମେ ରେଶମୀ ଶାଲ୍ ଟେ ହେଇ
ଆବୃତ କରିଦିଅ ମୋର
ଯନ୍ତ୍ରଣା ଜର୍ଜରିତ ଏ ସମ୍ପୂର୍ଣ୍ଣ ଶରୀର

ଫଗୁଣ କୁ ଚାହିଁଥିଲି ଅପଲକ ନୟନେ
ଭରିଦେବ ବୋଲି ତୁମେ ରଙ୍ଗ ଅବିର ଜୀବନେ
ଚୈତ୍ର କୁ ଅପେକ୍ଷା କରି ଦିନ ସରିଗଲା
ହେଲେ ତୁମ ଆଡୁ କିଛି ପ୍ରତ୍ୟୁତର ନମିଳିଲା ।।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିପାଇଁ କବିତାଟେ

ମୁକେଶ କୁମାର ପଣ୍ଡା



କବିତାରେ ଥାଏ ପରିଚୟ ଯାର

ତା ପାଇଁ ଏ ଛୋଟ କବିତାଟେ ମୋର..

କବିପରିଚୟ କଲମରେ ଥାଏ

ଅକ୍ଷର ସବୁକୁ ସିଏ ଭଲପାଏ

କବିର ଜୀବନ ନୁହଁଇ ସବଳ

କବିତା ପଛରେ ସଦା ସେ ଦୁର୍ବଳ

ଭୋକଶୋଷ ନିଦ ରାଗ ଅଭିମାନ

ସବୁଭୁଲି ସିଏ ଖୋଜେ ଅଭିଧାନ

ଶବ୍ଦକୁ ସାଉଁଟେ ଖାତାରେ ଆଉଟେ

ଯାହା ବଞ୍ଚିଯାଏ କବିତାରେ ଲୋଟ

ଶକ୍ତିଶାଳୀ ଅସ୍ତ୍ର କଲମ ଯାହାର

ଧରିଛି ଯେ ଆଣ୍ଟକରି

ଡରେ ନାହିଁ ସିଏ ଫେରେନି ପଛକୁ

ଜୀବନେ ନଯାଏ ହରି

ପରିଚୟ ଯାର ଲେଖନୀ ମୁନରେ

ପରିଚିତି ଯାର ଖାତା

ଲଢେଇ ଯାହାର ଶବ୍ଦକୋଷ ସହ

କବି ତାର ପରିଭାଷା

ବୋଲଗଡ଼, କୋଟସିଂଙ୍ଘା, ଖୋର୍ଦ୍ଧା, ୭୫୨୦୬୪

ଦୂରଭାଷ-୯୯୩୭୪୯୫୦୮୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆସ ମହାଲକ୍ଷ୍ମୀ ଆମ ଗୃହକୁ

ସମ୍ୟଜିତ୍ ପାତ୍ର



ଆସ ହେ ମହାଲକ୍ଷ୍ମୀ ଗୁରୁହ ମଧ୍ୟକୁ
ଭକ୍ତିରେ ଶିର ନୁଆଉଛୁ ତୁମକୁ,
ତୁମ କୃପା ଅସୀମ ଅପାର
ସାରା ସଂସାରର କର କଲ୍ୟାଣ ଭରପୁର ।

ଦୟାମୟୀ ତୁମେ କୃପାର ସାଗର
ସିନ୍ଧୁନନ୍ଦିନୀ, ଯଶ ତୁମ ଅନନ୍ତ ,
ତୁମ ଚରଣେ ଦିଅ ଆମକୁ ଶରଣ
ପ୍ରାଣୀକୁ ରକ୍ଷା କର ଦେବୀ ଚିରଅଖଣ୍ଡ ।

ଆସିଛି ମାଘଶିର ମାସର ଗୁରୁବାର
ପାଦପଦ୍ମେ ଦେଉଛୁ ଭକ୍ତିର ଅଞ୍ଜଳି ଅପାର,
ହୃଦୟରେ ଦୃଢ଼ ବିଶ୍ୱାସ ରଖି
ତୁମ କୃପାକୁ କରୁଛୁ ଆଶ୍ରୟ ଯଥାର୍ଥ ରଖି ।
ଆସ ମହାଲକ୍ଷ୍ମୀ' ଆମ ଗୃହ କୁ'...

ତୁମେ ଅନ୍ନପୂର୍ଣ୍ଣା ମା' ଜଗତ ଧାରିଣୀ
ସବୁ ଭୋଗର ସ୍ନେହମୟୀ ମମତା ଦାୟିନୀ,
ପବିତ୍ର ମନେ କରୁଛୁ ଓଷା
ତୁମେ ଇଚ୍ଛାପୂରଣୀ ଆଶାର ଜୀବନ
ଦୀପରେ ଦିଅ ଭାଷା ।

ଅରୁଆ ଚାଉଳେ ବାଟି ପିଠଉ
ଅଗଣାରେ ଝୋଟି ଲେଖି ,
ଶ୍ରଦ୍ଧାଭରିତ ଭକ୍ତିର ବିନତି ଘେନ
ଆନନ୍ଦରେ ଆମର କଟୁ ଦିନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ପାଦପଦ୍ମକୁ ଧୀର ଧ୍ୟାନେ
ଖଟୁଲି ସଜାଇ ରଖିଛୁ ସମ୍ମାନେ,
ନୟନ ଆଗରେ ରଖି ତୁମ ମୂର୍ତ୍ତି
ପୂଜା କରୁ ଅଛୁଁ ଭକ୍ତିରେ ନିତି ।
ଆସ ମହାଲକ୍ଷ୍ମୀ' ଆମ ଗୃହକୁ...

ଏ  ସମସ୍ତ ସୃଷ୍ଟି ତୁମରି ଦାନ
ଭକ୍ତିଘେନି ମାତା ରଖ ଗୋ ମାନ,
ଏ ଆଖି ପାଣି ପୋଛି ଦିଅ ଦୟାମୟୀ
ହୃଦୟରେ ନ ରହୁ ପିଡା କାହାରି ।
ଆସ ମହାଲକ୍ଷ୍ମୀ' ଆମ ଗୃହକୁ...

ସହକାରୀ ବିଜ୍ଞାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ କାଳିକାପ୍ରସାଦ,
ଚମ୍ପୁଆ, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜନମ ମରଣ

ପ୍ରଶାନ୍ତ ବ୍ରହ୍ମା



ଏମିତିକା ଜୀବ ଅଛି ଅବା କିଏ
ବଞ୍ଚିବାକୁ ଚାହେଁ ନାହିଁ
ବଞ୍ଚିବାକୁ ଆସା  ଅନେକ ଯେ ରଖି
ଭାବେ କେତେ କଥା ସେହି ।

ଜନମ ଅଛି ତ ମରଣ ଯେ ଅଛି
ମରଣ କୁ ଭୟ କାହିଁ
ଯେତେବେଳେ ଯାହା ଅବଶ୍ୟ ଘଟିବ
ମନେ ଭୟ ରଖ ନାହିଁ ।

ମାୟା ମୋହ ଏକ ନାଟକଟି ସିନା
ଜୀବନର ମୂଲ ନାହିଁ
ଜୀବ ଥିବା ଯାକ ନାଟକ କରିବୁ
ଥିବୁ ଯେତେ ଦିନ ତୁହି ।

ବଞ୍ଚିଥିବା ଏକ ନାମ ନେଇକରି
ମରିଗଲା ପରେ ସବ
କିଛିଦିନ ପରେ ଭୁଲି ଯିବେ ସବୁ
ଦିନେ ଥିଲୁ ଏହି ଠାବ ।

ଜନମ ମୃତ୍ୟୁ ଯେ ଖେଳଘର ସିନା
ଅନ୍ତର ଅନେକ ଅଛି
ହସ ଖୁସି ଆଉ  ଆନନ୍ଦ  ଉଲ୍ଲାସର
ଜନମ ଯଦି ହୋଇଛି ।

ବନ୍ଧୁ  କୁଟୁମ୍ବରେ ପରିବାର ସାଥେ
ମରଣ ଆସିବ ଯେବେ
ଗଡାନ୍ତି ଆଖିରୁ ଲୁହ ଦୁଇ ଟୋପା
କିଛି କ୍ଷଣ ପାଇଁ ତେବେ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ

ସାଗର ଖରା



ବାରମ୍ବାର ଚେଷ୍ଟା ସତ୍ତ୍ୱେ
ବାନ୍ଧି ପାରୁନାହିଁ ନିଜକୁ ନିଜ ସୀମାରେ
ମୋ ଆଖି ଲକ୍ଷେ ଥର ପ୍ରୟାସ କରୁଛି
ଛବିଟିଏ ଦେଖିବାକୁ ତୁମ ଆଖିରେ

କେତେ ଆଉ କଷ୍ଟ ଦେବ କୁହ
ନିଜକୁ ଟିକ୍ ଟିକ୍ କରି କାଟିଲା ପରେ ମଧ୍ୟ
ତୁମ ଆକର୍ଷଣ ଓ ସ୍ପର୍ଶ
ମୋତେ ଆହୁରି କଲବଲ୍ କରୁଛି
ତୁମ ବିଦାୟ ସତେ କି ମୋ
ପାଇଁ ଜୀବନର ଅନ୍ଧାର ରାତି
ଆଉ ସେଇ ଅନ୍ଧାର ରାତିର କଥାଭାବି
ଏ ଆଖିରୁ ଅବାରିତ ଲୁହ ଝରୁଛି

ସେ ତ ଖୁବ୍ ଶୀଘ୍ର ବସା ଛାଡ଼ି
ଉଡିଯିବା ପକ୍ଷୀ ଟିଏ
ତୁ  କିନ୍ତୁ
ଅନ୍ଧ ଦେଶର ରୁପରାଜ୍ ଟିଏ
ଟିକିଏ ରସ ପାଇଁ ଆପଣାଇ ଥିବା
ଫୁଲ ପାଇଁ ମହୁମାଛି ଟିଏ
ରାତିରେ ଫୁଟି ସକାଳର
କିରଣ ଦେଖିବା ପୂର୍ବରୁ ଝଡି ପଡୁଥିବା
ଗଙ୍ଗଶିଉଳି ଟିଏ

ପୁଣି ଚୈତନ୍ୟ ଏ ମନକୁ କହୁଛି
ନା ସେ ତୋ ରାଇଜର
ନା ତୋର ଆପଣାର

ଅତିଥି ଅଧ୍ୟାପକ, ସରକାରୀ ବିଜ୍ଞାନ ଉଚ୍ଚ
ମାଧ୍ୟମିକ ବିଦ୍ୟାଳୟ , ମାଲକାନଗିରି,
ଯୋଗାଯୋଗ :- ୭୨୦୫୪୭୦୫୧୯




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିଠି ବାସୁଛି ତୁଳସୀ ତୁଳସୀ

ମିନି ପ୍ରଧାନ



ଡାକ ବାଲା ଆଜି ଦେଇ ଯାଇଛି
ଶ୍ରୀକ୍ଷେତ୍ରରୁ ଚିଠି ଆସିଛି
ଦର୍ଶନ ପାଇଁ କି ମୋ କଳା ଦିଅଁକୁ
ମନ ଆନନ୍ଦେ ନାଚି ଉଠୁଛି ।।

ତୁଳସୀ କ୍ଷେତ୍ରର ଛଳିଆ ଠାକୁର
ମୋ ପ୍ରଭୁ କଳା ବାମନ
ନିଶ୍ଚୟ ଆସିବି ଶିରିକ୍ଷେତ୍ର ଧାମ
କରିବାକୁ ତୁମ ଦର୍ଶନ ।।

ପ୍ରାତଃ କାଳରୁ ନରେନ୍ଦ୍ର ଜଳରେ
ସ୍ନାହାନ କରିବି ମୁହିଁ
ଉର୍ଦ୍ଧ୍ୱଗାମୀ ହେବି ଶ୍ରୀମନ୍ଦିର ମୁଖେ
ନୀଳଚକ୍ର କୁ ଚାହିଁ ।।

ତୁଳସୀ କ୍ଷେତ୍ରର ଚିଠି ମହକି ଉଠୁଛି
ବାସରେ ତୁଳସୀ ତୁଳସୀ
ତୁମ ଦରଶନ ସାରି ଅଭଡ଼ା ଖାଇବି
ଆନନ୍ଦ ବଜାରେ ବସି ।।

ସାରା ଜଗତର ତୁମେ ତ ମଣିମା
ହେ ପ୍ରଭୁ ଚକାଡୋଳା
ତୁମ ବିନା ଆଉ ଅଛି କେ ସଂସାରେ
ବିଶ୍ୱକୁ ରଚିଲା ବାଲା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି କୋଟି ତୁମ ଭକତ ଗହଳେ
  ନିଶ୍ଚେ ତୁମ ଦରଶନ କରିବି
ଅତୀତ ଜୀବନର ଦାରୁଣକୁ ଭୁଲି
  ପ୍ରଭୁ ତୁମପାଖେ ହଜି ଯିବି ।।

ତୁମେ ହିଁ ତ ମୋର ଆଦି ଅନ୍ତ ପ୍ରଭୁ
  ମୋ ଜୀବନ ପଥ ଧାରୀ
ଜୀବନଟା ଲାଗେ ଅମୃତ ଅମୃତ
  ତୁମ ନାମ ଦେଲେ ଧରି ।।

ହରଭଙ୍ଗା, ବୌଦ୍ଧ




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାଲ ବୁଲିଯିବା ଓଡ଼ିଶା

ଜସ୍ମିନ୍ ସାହୁ



ଉଚ୍ଚ ଭାଗ୍ୟ ସଙ୍ଗେ ପୁଣ୍ୟ ଯାହାର ,

ପବିତ୍ର ଉତ୍କଳ ମାଟିରେ ଜନ୍ମ ତାହାର ।

ପଞ୍ଚିମା, ଭୈରବୀ ପୀଠ ଯେ କେତେ ,

ଦର୍ଶନ ମାତ୍ରେକେ ପୁଣ୍ୟ ଜାଗେ ।

ଇନ୍ଦ୍ରଦ୍ୟୁମ୍ନ ରାଜା ଥିଲେ ଆମ ରାଜ୍ୟର ,

ତୋଳିଲେ ବିଖ୍ୟାତ ପୁରୀ ମନ୍ଦିର ।

ଜଗନ୍ନାଥ , ବଳଭଦ୍ର , ସୁଭଦ୍ରା ତିନି ଠାକୁର ,

ଦର୍ଶନ ପାଇଁ ଆସନ୍ତି ଜନ ଦେଶ ବିଦେଶର ।

ଲାଙ୍ଗୁଳ ନରସିଂହ ଦେବ ପୁତ୍ର ଏ ଜାତିର ,

ଗଢିଲେ ବିସ୍ମୟକର କୋଣାର୍କ ମନ୍ଦିର ।

ପୂର୍ବେ ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ,

ଦର୍ଶନରେ ଦିନ କଟେ ମଙ୍ଗଳମୟ ।

ଭୁବନେଶ୍ୱର ଅଟେ ରାଜଧାନୀ ତା'ର ,

ସେ ସ୍ଥାନେ ସ୍ଥିତ ଲିଙ୍ଗରାଜ ମନ୍ଦିର ।

ରତ୍ନଗିରି , ଉଦୟଗିରି ଓ ଲଳିତଗିରି ,

ହୀରାର ତ୍ରିଭୁଜ ବୋଲନ୍ତି ଏ ନଗରୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା' ତାରାତାରିଣୀଙ୍କ ଉପୀଠ ଓଡ଼ିଶାରେ ,

ଦର୍ଶନ ଲଭିବ ଥିଲେ ଯା' ଭାଗ୍ୟରେ ।

ଚିଲିକା କଥା ଆଉ କହିବି ଯେ କଣ !

ପକ୍ଷୀଗଣଙ୍କର ପ୍ରମୁଖ ବାସସ୍ଥାନ ।

ସେଠି ସ୍ଥିତ ମା ' କାଳିଜାଇ ଙ୍କ ମନ୍ଦିର ,

ପୁଣ୍ୟରେ ସେ ପୀଠ ଦିଶେ ମନୋହର ।

ଥାନା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି

ସୌଭାଗ୍ୟ ଦାଶ



ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି
ସ୍ୱାର୍ଥର ବଳୟେ ଛନ୍ଦି
ନିଃସ୍ୱାର୍ଥପରତା, ଆନ୍ତରିକତାରେ
ସ୍ନେହେ ହୋଇଥାଏ ବାନ୍ଧି ।
ସଂପର୍କର ତରୁ ବର୍ଦ୍ଧିତ ହୁଅଇ
ତ୍ୟାଗ, ଧୈର୍ଯ୍ୟ ସମର୍ପଣେ
ସର୍ତ୍ତ ସେତୁ ବନ୍ଧେ ସଂପର୍କ ଭାଙ୍ଗଇ
ଛଳନାର ବ୍ୟବଧାନେ ।
ସ୍ୱାର୍ଥର କୁଠାର ଘାତ କଳେବର
ସଂପର୍କରେ ବ୍ୟବସାୟ
ଭିନ୍ନମତବାଦ ସଂପର୍କୀୟ ସ୍ୱାଦ
ଭାଙ୍ଗେ ସଂପର୍କ ନିଶ୍ଚୟ ।
ମୁଖେ ଥାଏ ହସ ହୃଦୟରେ ବିଷ
ସର୍ତ୍ତ ମୂଳକ ସଂପର୍କ
ସର୍ତ୍ତ ପୂରଣର ଅବଧି ପର୍ଯ୍ୟନ୍ତ
ସଂପର୍କର ରୂପ ଭେକ ।
ନିକଟରେ ଥାଇ ସଂପକୀୟ ଦୁଇ
ଦୂରେ ଥିଲା ପରି ପ୍ରତେ
ସର୍ତ୍ତାନୁସାରେ ଦିନ ବଞ୍ଚିବାରେ
ସମୟ ବିତାଏ ସାଥେ ।

ହିସାବ, ନିକାଶ କରଇ ଅବଶ୍ୟ
ତିକ୍ତ, ମଧୁ ସମ୍ମିଶ୍ରଣେ
ସର୍ତ୍ତ ନ ପୂରିଲେ ମନ ଭାଙ୍ଗିଯାଏ
ଫାଟ ସୃଷ୍ଟି ହୁଏ ମନେ ।
ମନ୍ଦ ଆଚରଣ ସ୍ୱାର୍ଥତା ନିପୁଣ
ମଧୁର ସଂପର୍କ ତୁଟେ
ସୁସଂପର୍କ ମୂଲ୍ୟ ଅଟଇ ଅମୂଲ୍ୟ
ମୁରୁ ସ୍ଥଳେ ପଦ୍ମ ଫୁଟେ ।
ପରସ୍ପର ସ୍ନେହ ସହାନୁଭୂତିର
ଅମୀୟ ପୀୟୂଷ ଝର
ଆନନ୍ଦ , ଉଲ୍ଲାସ , ସୁଖ ସୌହାର୍ଦ୍ଦ୍ୟର
ଦୃଢ ମୂଳଦୁଆ ସ୍ତର ।

କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଂପର୍କ କଦାପି ସର୍ତ୍ତରେ ବଞ୍ଚେନି

ବିଦ୍ୟୁତ ପ୍ରଭା ମିଶ୍ର



ସମ୍ପର୍କକୁ କେବେ ବାନ୍ଧି ହୁଏନାହିଁ
ସର୍ତ୍ତର ଜାଲ ବିଛାଇ,
ସମ୍ପର୍କଟି ଏକ ନିରୀହ କପୋତ
ସ୍ନେହ ଶ୍ରଦ୍ଧା ଖୋଜୁ ଥାଇ ।
ସ୍ୱାର୍ଥ ରହିଥିଲେ ସମ୍ପର୍କ ଭିତରେ
ପାରେନାହିଁ ସେହି ତିଷ୍ଠି,
ସମ୍ପର୍କ ଟି ସେତ ଶାଶ୍ୱତ ପବିତ୍ର
ପ୍ରଭୁଙ୍କ ଠାରୁ ସେ ସୃଷ୍ଟି ।
ସମ୍ପର୍କ ଭିତରେ ସର୍ତ୍ତ ରହିଗଲେ
ତାହା ଏକ ପ୍ରଶ୍ନ ବାଚୀ
ବ୍ୟକ୍ତି ବ୍ୟକ୍ତି ଠାରୁ ଭିନ୍ନ ମତବାଦ
ବ୍ୟବସାୟର ସେ ସୂଚୀ ।
ସମ୍ପର୍କ ଭିତରେ କିନ୍ତୁ ରହିଯାଇ
ବ୍ୟବଧାନ କରେ ସୃଷ୍ଟି,
ପାଖରେ ରହିବି ଦୂରେ ଥିଲା ପରି
ମୁଖକୁ ନଥାଏ ଦୃଷ୍ଟି ।

ମୁଖେ ହସ ଭରା କୋହ ବୁକୁ ଥରା
ନୀରବ ଆଖିର ଭାଷା
ହିସାବ ନିକାଶ ଜୀବନଟି ସାରା
ମରିଯାଏ ମନ ଆଶା ॥
ସମ୍ପର୍କ ରତରୁ ବଢ଼ି ଦିଶେ ଚାରୁ
ସ୍ନେହ ଶ୍ରଦ୍ଧା ଜଳ ଧାରେ,
ସର୍ତ୍ତର କୁଠାର କାଟେ ତାର ଚେର
ସମ୍ପର୍କଟି ଶୁଖି ମରେ ।
ସର୍ତ୍ତରେ ନଛନ୍ଦ ସମ୍ପର୍କ କୁ କେବେ
ତା ମୂଲ୍ୟ ବୁଝିବ ଜଦି
ଆଶା ଅବକାଶ ପ୍ରେମର ସନ୍ଦେଶ
ସମ୍ପର୍କକୁ ରଖେ ବାନ୍ଧି ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିରିମାଖି ପଦ୍ମିନୀ

ସୀତାଂଶୁ ଜେନା



କାହିଁକି ମୋ ଅଙ୍ଗ ପଡିଲ ଶିଶିର
ମୁଁ ନିରିମାଖି ପଦ୍ମିନୀ
କି ଦୋଷ କରିଲି କହରେ ଶିଶିର
ମୁଁ ଛାର ହତଭାଗିନୀ
ଦିନକର ପ୍ରିୟା କମଳିନୀ ମୁଁଯେ
ହେଲି ସ୍ମଶାନ ଗାମିନି
କାହିଁକି ମୋ ଅଙ୍ଗ ପୋଡିଲ ଶିଶିର
ମୁଁ ନିରିମାଖି ପଦ୍ମିନୀ...................

କେଉଁ ଅଭିଶାପ ଥିଲା ଗୋ ମୋହର
ଶୀତରେ ଗଲି ମୁଁ ଜଳି
ମୋର ଅଙ୍ଗରାଜି ହୋଇଛି ବିଲିନ
ଦେବତା ପାଦରେ ବଳି
ନଷ୍ଟ ହୋଇଲା ମୋର ତନୁରାଜି
ଏଡ଼େ ମୁହିଁ ଅଭାଗିନୀ
କାହିଁକି ମୋ ଅଙ୍ଗ ପୋଡିଲ ଶିଶିର
ମୁଁ ନିରିମାଖି ପଦ୍ମିନୀ...................

ଯାଉଛି ମୁଁ ଛାଡି ମୋର ପ୍ରାଣପ୍ରିୟ
ସୁରୁଜ ମୋ ପ୍ରଭାକର
ଦିଅଗୋ ମେଲାଣି ବିଦାୟ ବେଳାରେ
ଜଳିଲାଣି ଜୁଇ ମୋର
ଆଉ ପାରିବିନି ତୁମକୁ ମୁଁ ଦେଖି
ପ୍ରେମ ଆମ ଚିରନ୍ତିନି
କାହିଁକି ମୋ ଅଙ୍ଗ ପୋଡିଲ ଶିଶିର
ମୁଁ ନୀରିମାଖି ପଦ୍ମିନୀ...................

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୁଦ୍ଧି ନ ଆସଇ ଘରକୁ...

ହେମନ୍ତ କୁମାର ସାହୁ



ନିଜ ଘରେ ନୀତି ପାଲା ଲାଗୁଅଛି
ସାମାନ୍ୟ କଥାକୁ ନେଇ
ବାପା ଭାଇ ମଧ୍ୟେ କଳହ ଲାଗୁଛି
ମୁହେଁ ବାଡ଼ ବତା ନାହିଁ ।
ଭାଇ ମଦୁଆଟା ନୀତି ମଦ ପିଇ
ଟଳି ଟଳି ଘରେ ଫେରେ
ନିଶାରେ ଖାଇବା ଦରବ ଫୋପାଡ଼ି
ମାଆ ପରେ ଗାଳି କରେ ।
ବାପା କହିଲାରୁ ପିତ ଉଠିଯାଏ
ଆରମ୍ଭ ମହାଭାରତ
ଝାଡ଼ୁ ଛାଞ୍ଚୁଣି ତା ବିଚାର କରନ୍ତି
ଠେଙ୍ଗା ଯାଏ ଚଳେ ହାତ ।

ବାପା ମାଆ କିଏ ନିଶା କହିଦିଏ
ଭୁଲାଏ ସମ୍ପର୍କ ଟିକୁ
ମଦୁଆ ଆଗରେ ତା ଅସଲ ରୂପ
ଜଣାପଡେ ବାହାରକୁ ।
ହାଟ ବାଟରେ ଯେ ନୀତି ଗଡୁଥାଏ
କୁକୁର ମୁତେ ଉପରେ
ସେ ପୁଣି ଚାତର ଦେଖେଇ ହେଉଛି
ଭଦ୍ର ଲୋକ ପରକାରେ ।
ନିଶା ଛାଡ଼ିଗଲେ ପୁରା ସେ ତୁଳସୀ
ଟିକେ କଳାଦାଗ ନାହିଁ
ହସି ହସି ମିଠା କଥା କହିଥାଏ
ବାହାରକୁ ଯହିଁ ଯାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହାରେ ପରର ଛିଦ୍ର ଗପୁଥାଏ
ସେ ଲୋକ ପୁରା ମଦୁଆ
ନିଶାରେ ବାପାକୁ ବାର କଥା କୁହେ
ଘରେ ନୀତି ତା କଜିଆ ।
ମୁଁ ଯଦି ତାର ବାପା ହୋଇଥାନ୍ତି
ଦିଅନ୍ତି ଭଲକି ତାକୁ
ବୋପା ଦିହକରେ ମଦ ପିଅନ୍ତାନି
ଛାଡନ୍ତା ସେହୁ ମଦକୁ ।
ନିଜେ କଣ ସେହୁ ମୁଣ୍ଡରେ ପଶେନି
ଆନ କଥା କହି ହୁଏ
ନିଜର ହଜାରେ ଦୋଷ ଥାଇ ମଧ୍ୟ
ପର ଦୋଷ ବାଛୁଥାଏ ।
ଏପରି ଜନଙ୍କୁ ଦୂରରୁ ଜୁହାର
ଘର ଭଙ୍ଗା ଟାଉଟର
ନିଜେ ଠିକ ଥିଲେ ଦୁନିଆଟା ଠିକ
ଏ କଥା ମନରେ ଧର ।


ମାହାଙ୍ଗା, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଂପର୍କ କଦାପି ସର୍ତ୍ତରେ ବନ୍ଧେନି

ନିବେଦିତା ପଣ୍ଡା



ସମ୍ପର୍କ କେବେ ବି ସର୍ତ୍ତରେ ବନ୍ଧେନି
ବନ୍ଧେ ଭାବର ନେଣ-ଦେଣରେ,
ଭାବ ବିନିମୟେ ସମ୍ପର୍କ ସୁନ୍ଦର
ନଷ୍ଟ ହୋଇଯାଏ ତା' ସ୍ୱାର୍ଥରେ ।

ସର୍ତ୍ତର ନିକିତି ହୁଏନି କେବେ ବି
ସୁସମ୍ପର୍କର ପରିମାପକ,
ଭାବନା ସହିତ ଆନ୍ତରିକତା ବି
ସମ୍ପର୍କରେ ଅତି ଆବଶ୍ୟକ ।

ସାହାଯ୍ୟ, ସହଯୋଗ ଅଙ୍ଗ ହିଁ ତାର
ରହନ୍ତି ହୋଇ ପରିପୂରକ,
ସମାନ ଭାବରେ ସଦିଚ୍ଛା ସତ୍ତ୍ୱାରେ
ବଞ୍ଚି ରୁହଇ ଜୀବନଯାକ ।

କର୍ତ୍ତବ୍ୟ ଭୁଲିଲେ ସମ୍ପର୍କ ଭୁଷୁଡେ
କମିଯାଏ ତାର ମଧୁରତା,
ନିଃସ୍ୱାର୍ଥ ଭାବନା ସ୍ୱଚ୍ଛ ଆଚରଣ
ସମ୍ପର୍କେ ଆଣଇ ସୁଦୃଢତା ।

ଉପହାର ଦେଲେ ସମ୍ପର୍କ ସୁନ୍ଦର
ନିଶ୍ଚିତ ଭାବରେ ଭଲ ରହେ,
ବାଧ୍ୟତାମୂଳକ ବା ଅନିଚ୍ଛାକୃତ
ଉପହାର ମନ ଭାଙ୍ଗିଦିଏ ।

ଶ୍ରଦ୍ଧା, ସ୍ନେହ ଭରା ପ୍ରୀତି ଉପହାର
ଅମୂଲ୍ୟ ସମ୍ପଦ ମନେ ହୁଏ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରଦ୍ଧା ବ୍ୟତିରେକେ ଉପଢୌକନର
ମୂଲ୍ୟ ସଦା ନ୍ୟୁନ ହୋଇ ରହେ ।

ସବୁଠୁ ସୁନ୍ଦର ଦିବ୍ୟ ଉପହାର
ମଧୁର ସମ୍ପର୍କ ଦୁନିଆର,
ଯେତେ ଦିନ ଅଛ ମର୍ତ୍ତ୍ୟ ଭୁବନରେ
ଜୀବନରେ ଶାନ୍ତି ଶ୍ରେଷ୍ଠତର।

ମାନବ ଜୀବନ ଦୁର୍ଲ୍ଲଭ ଅଟଇ
ଈଶ୍ୱରଙ୍କ ଶ୍ରେଷ୍ଠ ଉପହାର,
ଅକାରଣେ ନଷ୍ଟ କରନାହିଁ ତାକୁ
ମୂଲ୍ୟ ବୁଝି ରଖ ସୁବିଚାର।

ସବୁ ଈଶ୍ୱରଙ୍କ ଉପହାର ଅଟେ
ଯାହାବି ମିଳିଅଛି ଆମକୁ,
କୃତଘ୍ନ ନ ହେଇ କୃତଜ୍ଞ ରହିଲେ
ପ୍ରାପ୍ତ କରିବ ନିଶ୍ଚେ ସବୁକୁ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂପର୍କ କଦାପି ସର୍ତ୍ତରେ ବନ୍ଧେନି

ନଳିନୀ ପ୍ରଭା ମିଶ୍ର



ସମ୍ପର୍କ ଟି କେବେ ଲୋଡ଼େ
ନାହିଁ ସର୍ତ୍ତ ଲୋଡଇ ନିରୁତା ଭାବ
ସମ୍ପର୍କ ମଧୁର ଭାବ ସୁମଧୁର
ଭିତ୍ତି ଭୂମି ଦୃଢ଼ ଧ୍ରୁବ ।

ନିଃସ୍ୱାର୍ଥ ସ୍ଥାପନ ଥାଏ ସମ୍ବେଦନ
ମାନବିକତା ର ବଳେ
ନିଃସର୍ତ୍ତ ସମ୍ପର୍କ ଅମର ବ୍ୟକ୍ତିତ୍ୱ
ବଞ୍ଚି ରହେ ଧରା ତଳେ ।

ସମ୍ପର୍କ ଟା କେବେ ଲୋଡ଼େ ନାହିଁ
ସର୍ତ୍ତ ଲୋଡିଥାଏ ଏକ ମନ
ମନର ସାଥିରେ ମନର ମିଶ୍ରଣ
ସମ୍ପର୍କ କରେ ସ୍ଥାପନ ।

ସର୍ତ୍ତର ସମ୍ପର୍କ ଅଢ଼େଇ ଦିନିଆ
ନୁହଁଇ ବଳବତ୍ତର
ମନ ତଳେ ଫାଟ ସୃଷ୍ଟି ହୋଇଥାଏ
ଭାଙ୍ଗି ହୁଏ ଚୁରମାର ।

ସମ୍ପର୍କ ବାନ୍ଧିବା ସମ୍ପର୍କ ବୁଝିବା
ସମ୍ପର୍କକୁ କରି ମିଠା
ସମ୍ପର୍କର ରଜ୍ଜୁ କରିବା ସୁଦୃଢ଼
ହୃଦୟରେ ରଖି ନିଷ୍ଠା ।


ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂପର୍କ କଦାପି ସର୍ତ୍ତରେ ବନ୍ଧେନି

ସୁଶାନ୍ତ କୁମାର ସାହୁ



ସମ୍ପର୍କ କେବେ କଣ ସର୍ତ୍ତ କୁ ଅପେକ୍ଷା କରେ
ନା, ସେ ତ ଗୋଟେ ସ୍ୱର୍ଗୀୟ ଭାବନାର ନିର୍ଯ୍ୟାସ
ସମୟ ସାହା ତଳ ଡେଇଁ ଗଢି ଉଠେ ସମ୍ପର୍କ
ସୁନ୍ଦର ନିସ୍ୱାର୍ଥ ବନ୍ଧନ
ଜଣକ ପାଇଁ ଅପର ହୃଦୟ କାନ୍ଦେ
କାନ୍ଧରେ କାନ୍ଧ ମିଶାଇ ଗଢ଼ନ୍ତି ଭାବଦିଆନିଆ
ଭାରି ସେ ସୁନ୍ଦର ଭାବନା
କେତେ ଯେ ସପନ କେତେ ଯେ କମ୍ପନ ମନ
ତୁଟେନା ସହଜେ
ନିସ୍ୱାର୍ଥ ବନ୍ଧନ
ସର୍ତ୍ତ ନିବନ୍ଧିତ ସମ୍ପର୍କ ହୁଏନା ଚିରସ୍ଥାୟୀ
ଟିକିଏ ଅବିଶ୍ୱାସ ଝଟକାରେ ସେ ହୁଏ ଧରାଶାୟୀ
ଅସ୍ଥାୟୀ ବିଶ୍ୱାସବିହୀନ ସମ୍ପର୍କ କେବେ ରହେ କି ଅଭୁଲା
ନା ସେ ସମ୍ଭବ ନୁହେଁ
ପାଶ୍ଚାତ୍ୟ ସଭ୍ୟତାକୁ ଦେଖ
ବିବାହ ପ୍ରେମ ବନ୍ଧୁ ସବୁଠି ସର୍ତ୍ତ ର ଅସୁମାରୀ ରାଜତ୍ୱ
ବୁଝେନି ସେ କେଉଁ ସମ୍ପର୍କ ମହତ୍ୱ
ସମଲିଙ୍ଗୀ ସର୍ତ୍ତପୂର୍ଣ ଏକତ୍ର ସହବସ୍ଥାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ ରେ ବି ହୋଇଛି ତାର ସଂକ୍ରମଣ

ଛନ୍ଦ ହୀନ ସୁର ହୀନ କବିତା ଭଳି

ହୁଏ ସେ ଅର୍ଥହୀନ ଭାବ ବିହୀନ

ବେଳେ ବେଳେ ଡାକି ଆଣେ ଅନେକ

ଆଇନଗତ ସମସ୍ୟା

ଏଣୁ ବନ୍ଧୁ ଥରେ ଭାବ

ସର୍ତ୍ତ ଥାଇ ଅସ୍ଥାୟୀ ସମ୍ପର୍କ

ଗଢ଼େନି କେବେ ସେ ପ୍ରେମର କୋଣାର୍କ

ବା ପ୍ରୀତି ପ୍ରଣୟର ତାଜମହଲ

ଭୁବନେଶ୍ୱର, ଖୋର୍ଦ୍ଧା

୭୫୧୦୦୨

୭୯୭୮୨୦୭୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରଜାପତି

ତରୁଣ କୁମାର ମିଶ୍ର



ଅତି ଖୁସିରେ ବିଭୋର ହୋଇ
ଟିକି ପରଜାପତି ,
ଫୁଲ ଉପରେ ବସିଛି ଦେଖ
ଶୁଣ୍ଢକୁ ତା'ର ଟେକି ।
ଗାଉଛି ଗୀତ ଖୁସିରେ ସେତ
ଫୁଲ ବି ଝୁଲେ ଧୀରେ ,
ତା' ସାଥେ ନାଚି ପରଜାପତି
ଝୁଲଇ ଗଛ ପରେ ।
କି ମନୋହର ଦେହଟି ତା'ର
ଫୁଲରୁ ଫୁଲ ଉଡ଼ି ,
ଶୋଷଇ ମହୁ ଫୁଲରୁ ସେହୁ
ଶୁଣ୍ଢକୁ ଦେଇ ମାଡ଼ି ।
ପିଲେ ଚାହାନ୍ତି ଧରିବା ପାଇଁ
ହାତେ ସେ ଜୀବଟିକୁ ,
ହେଲେ ସିଏତ ଯାଅଇ ଉଡ଼ି
ତରକା ପଣ ହେତୁ ।

ଅତି ନିରୀହ ଜୀବଟି ସିଏ
କ୍ଷତି କରେନି କା'ର ,
ପରାଗ ସଙ୍ଗମରେ ରହିଛି
ଅବଦାନ ତାହାର ।
ବିଧାତା ତାକୁ ଗଢ଼ିଛି ସିନା
ଏତେ ସୁନ୍ଦର କରି ,
ହେଲେ ତାହାର ପୂରୁବ ରୂପ
ଅଟେ ଲୋମଶ ଭାରି ।
ଜଗତ ହିତେ କରେ ସେ କାମ
ଛୋଟିଆ ଜୀବ ହୋଇ ,
ଫୁଲରୁ ଫୁଲ ଉଡ଼ି ସେ ବିଞ୍ଚେ
ପରାଗ ରେଣୁ ନେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ରେଣୁ ପୁଣି ହୁଅଇ ବଢ଼ି

ଫଳ ଓ ମଞ୍ଜି ଜାଣ ,

ମଞ୍ଜିରୁ ଶେଷେ ହୁଅଇ ଗଛ

ବଂଶ ବଢ଼ାଏ ପୁଣ ।

ଏହିପରି ସେ ପରିବେଶର

ଛୋଟିଆ ମିତ ଟିଏ ,

ଗଛ ବଢ଼ାଏ ଫୁଲ ଫୁଟାଏ

ନିଜେ ବି ହସୁଥାଏ।

ତେଣୁ ପିଲାଏ ପରଜାପତି

ପରି ହୋଇବା ଆମେ ,

ନ ରଖି ରୋଷ ସଦା ହରଷ

ହେବା ଏ ମର୍ତ୍ତ୍ୟ ଭୂମେ ।

ଖଣ୍ଡଗିରି, ଭୁବନେଶ୍ୱର

ମୋ : ୯୮୫୩୩୧୦୨୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କ ମାଗେନି ସର୍ତ୍ତ

ମାହେଶ୍ୱରୀ ଦାଶ



ସମ୍ପର୍କ ଜୀବନ ଭାବ ନିଧିବନ ସେନେହ ଶରଧା ପ୍ରୀତି
ନିଃସ୍ୱାର୍ଥ ପ୍ରେମର ଅନ୍ତର ଆଧାର ଆକର୍ଷିତ ମଧୁଗୀତି ।
ସମ୍ପର୍କ ହୃଦୟ ତ୍ୟାଗର ଅଧ୍ୟାୟ ଅନ୍ତଃସୃତ ଅନୁରାଗ
ଭିଜାଭାବନାର ଆବେଗ ସଞ୍ଚାର ସ୍ୱୀକୃତିର ମୁକ୍ତରାଗ ।।

ସଂପର୍କ ମଳୟ ସୌଭାଗ୍ୟ ଆଳୟ ଋତୁରାଜ ସମ୍ଭାଷଣ
ଭରା ଆବେଶର ନୟନର ତୀର ଭାବସିକ୍ତ ଅନ୍ୱେଷଣ ।
ସଂପର୍କ ମିଳନ ତୃପ୍ତ ଆକଳନ ବିଶ୍ୱାସ ପଖଳା ବାଆ
ଆଶାଭରସାର ସମ୍ଭାବନାଧାର  ସଂକଳ୍ପର ଟିକି ନାଆ ।।

ସଂପର୍କ ସମାଜ ପ୍ରୀତି ପରିଚ୍ଛଦ ବନ୍ଧନ ମୁଗ୍ଧ ଉଚ୍ଛ୍ୱାସ
ତ୍ୟାଗର ତର୍ପଣ ସେବାର ଅର୍ପଣ ସହନଶୀଳ ପ୍ରକାଶ ।
ସଂପର୍କ ଭକ୍ତିର ପୂତ ଉପଚାର ମହାମିଳନର ଛନ୍ଦ
ଆତ୍ମା ପରମାତ୍ମା ଅମିତ ପ୍ରେମର ଅବିଚ୍ଛିନ୍ନ ଭାବବନ୍ଧ ।।

ସଂପର୍କ ତଟିନୀ ସ୍ୱଚ୍ଛ ଜଳଧାର ଅଦୃଶ୍ୟ ଭାବ ଆବର୍ତ୍ତ
ସଂପର୍କ କଦାପି ଚାଲେନାହିଁ ମାପି ରଖେନା ଆପଣା ସର୍ତ୍ତ ।।

ନିମାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶ୍ୱାସେ ଦିଅନା ବିଷ

ବିବାସିନୀ ପଟ୍ଟନାୟକ



ବିଶ୍ୱାସଟା ଆଜି ମହଙ୍ଗା ହୋଇଛି
ପ୍ରତାରଣା  ବହୁ ଶସ୍ତା,
ବିଶ୍ୱାସରେ ଏଠି ଆପଣାର କରି
ପରେ କରନ୍ତି ହିନସ୍ତା ।
ପରିବାରେ ଅବା ସମାଜେ,ସଂପର୍କେ
ପ୍ରେମରେ ନାହିଁ ବିଶ୍ୱାସ,
ନିର୍ମାୟା ମଣିଷ ବୁଝେନା କଳୁଷ
ସଂତାପିତେ ହୁଏ ଶେଷ ।
ପିତାମାତା ଠାରୁ ସ୍ନେହ ଆଦରରେ
ଏତେ ବଡ ହେଲାପରେ,
ଅନେକ ଧନ ଓ ଜ୍ଞାନ ଅର୍ଜନ ରେ
ବନ୍ଧା ହୁଅଇ  ସ୍ୱାର୍ଥରେ ।
ଶ୍ରେଷ୍ଠ ପ୍ରେମକୁ ସେ ପଦାଘାତ କରି
କାହା ପ୍ରେମେ ଅନ୍ଧ ହୋଇ,
ଆପଣାଜନଙ୍କୁ ଭୂଲିଯାଏ କ୍ଷଣେ
ବିଶ୍ୱାସରେ ବିଷ ଦେଇ ।

ଅଣ୍ଟିଛୁରୀ  ଯେବେ ତଣ୍ଟିକି କାଟିବ
କାହାକୁ ଅବା କହିବ ?
ଅସମୟେ କେତେ କାକୁତିମିନତି
ଠିକ୍ ବେଳେ ନ ଚିହ୍ନିବ ।
କୃତଜ୍ଞତା ହେବା ଅତି ଦୂର କଥା
କୃତଘ୍ନତା ଆଚରିବେ
ଅତି ବିଶ୍ୱାସର କଥା କହି ଶେଷେ
ଭାଲୁ ଲାଙ୍ଗୁଳ ଧରାଇବେ ।
ଦୀର୍ଘ ଦିନର ସେ ଅତୁଟ ବନ୍ଧୁତ୍ୱ
ବିଶ୍ୱାସ ବଳୟେ  ଥାଏ,
କେବେ କିଛି ପରିସ୍ଥିତିରେ ବିଶ୍ୱସ୍ତ
ବିଶ୍ୱାସଘାତକ ହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପତି ପତ୍ନୀଙ୍କର ଅତୁଟ ସଂପର୍କ
ଅବିଶ୍ୱାସେ ଭାଙ୍ଗିଯାଏ,
ତୃତୀୟ ମଧ୍ୟସ୍ଥି କରିଦିଏ ଇତି
ଯେଣୁ ଭରସା ନଥାଏ ।
ସାଥୀରେ ରହିକି ଛଳନା କରିକି
କରି ପଛ ପରିବର୍ତ୍ତନ,
ପ୍ରଶଂସାରେ ପୋତି ପଛେ ବଦ୍ ନାମ୍
ନିନ୍ଦାରେ ଦେବେ ପ୍ରମାଣ ।
ବିନୟ ମଧୁର ବଚନ କହିଣ
ମନ ସିନା ତୋଷୁଥିବେ,
ଠିକଣା ସମୟେ ଧରା ଯେ ନଦେବେ
ଲୁଚି ମଜା ଲୁଟୁଥିବେ ।
ଗଛରେ ଚଢାଇ ମୂଳକୁ କାଟିବା
ଆଜିର ସଂପର୍କ ନୀତି,
ପୁରାଣ ଠାରୁ ଯେ ଉତିହାସ ଯାଏଁ
ଏହା ବି ଆଗରୁ ଅଛି ।

କେତେ ହାତ ଯୋଡି ମଥାକୁ ନୁଆଁଇ
ମାଗୁଥିବେ ଭୋଟ୍ ଭିକ,
ପାଇଗଲା ପରେ କାଶିଆ କପିଳା
ଚିହ୍ନିପାରେନା ସେ ଲୋକ ।
ବିଶ୍ୱାସ ରେ ବିଷ ଦିଅନା ଯେ କେହି
ଭାବନି କାହାକୁ ବୋକା,
ବରଂ ଧୋକା ପାଇ ନିମନ୍ତ୍ରଣ କଲ
ବିପଦ ବନ୍ଧୁକୁ ଏକା ।
ମଣିଷ ଜୀବନେ ଅମୂଲ୍ୟ ସୋପାନେ
ଦୟା, ପର ଉପକାର,
ଦେବତାର ସମ ପୂଜାଯୋଗ୍ୟ ହେବ
ବିଶ୍ୱାସ ହିଁ ହିଁ ଏକା ସାର ।

କାଳୁପଡାଘାଟ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଶା ନିଦ ନାରୀ

ଗଗନ ବିହାରୀ ଷଡ଼ଙ୍ଗୀ



ନିଶା ନିଦ ନାରୀ, ମଣିଷ ବଇରୀ
କାଳେ କାଳେ କଥା ଅଛି,
ଏହାଙ୍କ ଅଧୀନ, ହେଲେ ଜୀବଧନ
ଲୋକେ ବୋଲିବେ ଟି ଛି ଛି ।୧

ନିଶାର ସେବନେ, ମଣିଷ ଜୀବନେ
ପଡ଼ିଥାଏ ପୂର୍ଣ୍ଣଚ୍ଛେଦ,
ହସ ଖୁସି ଭରା, ସୁନାର ସଂସାରେ
ଭରିଯାଏ ନାନା ଖେଦ ।୨

ନିଶା ଖାଇଥାଏ, ମଣିଷ ପଣିଆ
ମାନ ମହତ ଉଜାଡି,
ସଜଡ଼ା ଘରକୁ, ଅସଜଡ଼ା କରି
ଜୀବନ କରେ ଅଗାଡ଼ି ।୩

ନିଦ ସଦା ଭଲ, ଅଧିକ ଟି ଭେଲ
ଆଳସ୍ୟ ତାହାର ସଖା,
ଶ୍ରୀ ହୀନ ନିର୍ଦ୍ଧନ, ହୁଏ ସେହି ଜନ
ପାଇଥାଏ ନାନା ଧୋକା ।୪

ରୋଗ ଶୋକ ତାର, ହୁଏ ସହଚର
ଜୀବନ ଟା ଛାରଖାର,
ନିଜ ଲୋକମାନେ, ଶତ୍ରୁ ସାଜିଥାନ୍ତି
ପାଶୁ ହୋଇଥାନ୍ତି ଦୂର ।୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାରୀ ଏକ ନିଆଁ,    ବଶରେ ଦୁନିଆଁ
ତା ବିନା ସବୁ ଅନ୍ଧାର,
ସେହି ପରା ଲକ୍ଷ୍ମୀ, ସେହି ମହାକାଳୀ
ଶାରଦା ଦାତ୍ରି ବିଦ୍ୟାର ।୬

ତଥାପି ମଣିଷ,    ବୁଝି କି ଅବୁଝା
ଗୃହଲକ୍ଷ୍ମୀ କରି ତ୍ୟାଗ,
ପର ନାରୀ ସଙ୍ଗେ,ଖେଳି ନାନା ରଙ୍ଗେ
ହରୁଛି ସୁଖ ସରାଗ ।୭

ନାରୀ ଉଗ୍ରରୂପ,    ଦେଖିଲେ ଛାନିଆଁ
ମାଡ଼ି ଆସଇ ଅନ୍ଧାର,
ନାରୀ କବଳିତ,    ହେଲେ ଏ ମାନବ
ଘୋଟିଥାଏ ହାହାକାର ।୮

ନାରୀ ମାୟାବିନୀ,    ବନର ହରିଣୀ
ଚଳ ଚଞ୍ଚଳ ତା ମତି,
ଛାଡି ନିଜ ବାସ,    କରି ସର୍ବନାଶ
ଆଣଇ ନାନା ଦୁର୍ଗତି ।୯

ସବୁ ନାରୀ ମାନେ,    ଏଭଳି ନୁହଁନ୍ତି
କିଛିଥାନ୍ତି ପୁଣ୍ୟବତୀ,
ପୁରୁଷ ସଫଳ,    ପଛରେ ତା ହାତ
ବନି ଥାଏ ଭାଗ୍ୟଦାତ୍ରୀ ।୧୦

ନାରୀ କୁଳ ଲକ୍ଷ୍ମୀ,  ସଦା ଯେ ପୂଜିତା
ସ୍ୱଗୁଣ ସ୍ୱଭାବ ବଳେ,
ନାରୀ ପାଳୟତ୍ରୀ,    ମାତା ଜଗଦ୍ଧାତ୍ରୀ
ବନ୍ଦିତା ଯେ ମହୀ ତଳେ ।୧୧

ନାରୀ ମହିୟସୀ,    ନାରୀ ପରା ଦାସୀ
ସେବା ଦେଇ ମନ ହରେ,
ନାରୀ ବିନା ନର,    ଅଟଇ ବାନର
ତା ଅନ୍ତେ ଗୁଣ ସୁମରେ ।୧୨

ତେଣୁ ହେ ମାନବ,    ରଖି ସଦଭାବ
ସଂସାର ତରି କୁ ବାହା,
ନେଇ ଆଣି ଥୋଇ,    ପାରିଲେ ସବୁକୁ
ସାହା ହେବେ ଚଉବାହା ।୧୩

ବ୍ଲକ କଲୋନୀ, ଆଠଗଡ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଶିକ୍ଷା

ଦିବ୍ୟ କିଶୋର ମିଶ୍ର



ଭଜରେ ମନ ତୁ ଶ୍ରୀ ରାଧା ମୋହନ
ଗୋବିନ୍ଦ ଗୋପାଳ ନାମ
ସେହି ନାମ ଧ୍ୟାୟି ହୋଇବୁ ମୁକତ
ଯିବୁ ତୁ ବୈକୁଣ୍ଠ ଧାମ । ୧

ଏ ଜୀବନ ତୋର ଅଢ଼େଇ ଦିନିଆ
ଆଜି ଅଛି କାଲି ନାହିଁ
ମୋର ମୋର ବୋଲି କାହିଁକି ପାଗଳ
ହେଉଛୁ ରେ ମନବାଇ । ୨

ଯେତେ ଦିନ ଥିବୁ ଏ ଭବ ସାଗରେ
ହରି ନାମ ତୁଣ୍ଡେ ଧର
ଭକତ ବାନ୍ଧବ ପ୍ରଭୁ ରାଧା ଧବ
ଭବୁ କରିବେ ଉଦ୍ଧାର । ୩

କୁ କର୍ମ କରିଣ ଧନ ଅରଜୁଛୁ
ସଦା ତୁ ରେ କାହା ପାଇଁ
ତୋର କୁ କର୍ମର ଫଳ ତୁ ଭୋଗିବୁ
କେହି ରହିବେନି ଦାୟୀ । ୪

ତୋ ଅର୍ଜିଲା ଧନ ଭୋଗି ନ ପାରିବୁ
ପିଣ୍ଡୁ ପ୍ରାଣ ଛାଡିଗଲେ
ସେହି ଧନକୁ ତୋ ଖୁଣ୍ଟିଣ ଖାଇବେ
ବନ୍ଧୁ ବାନ୍ଧବ ସକଳେ । ୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୃଷ୍ଣ କୃଷ୍ଣ ନାମ ରାମ ରାମ ନାମ
ବଦନେ ସଦା ଉଚ୍ଚାରି
ନର ଜନମକୁ ସାର୍ଥକ କରିଣ
ଏ ଭବରୁ ହୁଅ ପାରି । ୬

ଅରଜିଲା ଧନ ଦୁଃଖି ଦରିଦ୍ରଙ୍କୁ
ଦାନ କରି ତୁହି ମନ
ତାଙ୍କରି ଆଶିଷ ଲଭିଣ ମନୁଆଁ
ଧନ୍ୟ କର ତୋ ଜୀବନ । ୭

ଏ ମାୟା ସଂସାରେ କେ ନୁହେଁ କାହାର
ସରବେ ଅଟନ୍ତି ପର
ସେହି ମରୀଚିକା ପଛରେ ଧାଇଁଣ
ସାରୁ ଅଛୁ ଦିନ ତୋର । ୮

ଏ ମାୟା ଜଞ୍ଜାଳୁ ମୁକ୍ତ ହୋଇ ମନ
ତୁଣ୍ଡେ ଭଜ ହରିନାମ
ସେହି ହରି ନାମ ମନ୍ତ୍ରର ପ୍ରଭାବେ
ପୁରିବ ତୋ ମନୋସ୍କାମ । ୯

କରରେ ଉପାୟ ମନ ରଖି ଥୟ
ଆରେ ଆରେ ମୁଢ଼ ମନ
ସୁ ଉପାୟ ବାଛି ସବୁଦିନ ପାଇଁ
ସୁଖରେ କାଟ ଜୀବନ । ୧୦

ବରଗଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପର୍କ କଦାପି ହୁଏନା ସର୍ତ୍ତରେ

ଭାସ୍କର ରାଉତ



ଦୁଇଟି ମନର ମିଳନରୁ ତା'ର
ସୃଷ୍ଟି ହୁଅଇ ସମ୍ପର୍କ,
ବଚନ ମଧୁର ନିଜ ବ୍ୟବହାର
ରଖଇ ତାହାର ଟେକ ।।0।।
ସେ ରଜ୍ଜୁ ଅଦୃଶ୍ୟ ତାହାର ଭବିଷ୍ୟ
ଉଜ୍ଜ୍ୱଳ କରିଣ ରଖ,
ନିଃସ୍ୱାର୍ଥ ଭାବରେ ସେବାର ବଳରେ
ଆଗକୁ ବଢ଼ଇ ଦେଖ ।
ପଶିଗଲେ ଘୁଣ କରିଦିଏ ଛିନ୍ନ
ଅସମ୍ଭବ ଯୋଡ଼ିବାକ।।
ଏମିତି ସେ ଚିଜ ନୁହଇ ସହଜ
କଷ୍ଟ ତାହା ପାଇବାକ,
ପାଇଗଲେ ଥରେ ନ ହଜାଅ ବାରେ
ତାହାକୁ ସାଇତି ରଖ ।
ବାଧ୍ୟ ବାଧକରେ ନୀତି ଆଧାରରେ
ସର୍ତ୍ତରେ ନୁହେ ସମ୍ପର୍କ ।।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହୁସିଆର୍ ବାବୁ ଖବରଦାର

ଅପର୍ଣ୍ଣା ମିଶ୍ର



ମଣିଷ ସହଯେ ଅସ୍ତ ବ୍ୟସ୍ତ
ଧ୍ୱଂସ ହେଲେଣି ପଶୁ ପକ୍ଷୀ
ଆପ, ତେଜ, ବାୟୁ, ଜଳ, କ୍ଷିତୀ
ପରଦୂଷଣ ର ବସବର୍ତ୍ତୀ ।

ପ୍ରକୃତି ରାଣୀ ଶୀର୍ଣ୍ଣ ହେଲାଣି
ଘୁର୍ଣ୍ଣି ଆସି ନାଶେ ସୋଭାରାଶି
ଅହଂକାରବର୍ତ୍ତୀ ଉଗ୍ର ମାନବ
ପାପ ଭକ୍ଷେ ସାଜି ସର୍ବ ଗ୍ରାସୀ ।

ଏକ ପରେ ଆନ କଙ୍କାଳ ଆସୁଛି
ନେପଥ୍ୟରୁ ଶୁଭେ ଅଟ୍ଟହାସ୍ୟ
ହୁସିଆର ବାବୁ ଖବରଦାର
ଦୁଷ୍କର୍ମ ଦୁର୍ଗମୁ ଫେରିଆସ ।

ଧ୍ୱଂସାଭୀମୁଖୀ ହେଲାଣି ଜଗତ
ଛାର ମାନବର କେତେ ଆୟୁ
ଅନ୍ତର ପୁତେ ଜଗତ ପବିତ୍ର
ସ୍ୱକର୍ମେ ମାତ ହେ ବେଳଥାଉ ।

ଧ୍ୱଂସ ଦୁନ୍ଦୁଭି ଶବ୍ଦ ଶୁଭୁଚି
ଧସେଇ ପଶୁଛି କାଳ ଚକ୍ର
ବୁଝି ପାରୁନକି ଖପର ପଟିଛି
ଚାମୁଣ୍ଡା ଏ ପରଦୂଷଣ ରୂପ ।

ସୃଷ୍ଟି ପଞ୍ଚଭୂତ ମଧୁମେୟ ରୋଗ
ଜିଆ ଯେ ଅ ଚ ଳ ମେଦ ବୃଦ୍ଧି
ବାର୍ଡ଼ଫ୍ଲୁ, କରୋନା, ଇତ୍ୟାଦି ଭାଇରସ
ରୋଧୁ ରୋଧୁ ଉଭା ନୂଆ ବ୍ୟାଧି ।

ସୁସ୍ଥ ଚେତନା ସୁସ୍ଥ ପରିବେଶ
ସୁସ୍ଥ ସମାଜ ଗଢ଼ ବନ୍ଧୁ
ଉଦଣ୍ଡ ସାଜିଲେ ଦଣ୍ଡ ପାଇବ
ଜୀବନ ବିତିବ କାନ୍ଦୁ କାନ୍ଦୁ ।

ଶ୍ୟାମପୁର, କୋରାଇ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମ ସନ୍ତୋଷ

ଡଃ ନିର୍ମଳ ନାୟକ



ଆତ୍ମାର ସନ୍ତୋଷ... ହୁଏନି ପ୍ରକାଶ
ଚିତ୍ତ ଚୈତନ୍ୟର ସାଥି....
ମନ ଶାନ୍ତି ସହ... ଥାଏ ଅହଃ ରହ...
ସତେ ଅନ୍ଧକାରେ ବତୀ... ! !

ଅଳ୍ପକେ ସନ୍ତୋଷ... କରନାହିଁ ରୋଷ....
ପ୍ରଭୁ ପ୍ରସାଦ ଭାବିବ....
ଆଶାରୁ ନିରାଶା.... ତହିଁରୁ ହତାଶା...
ଦୁଃଖ, ଯନ୍ତ୍ରଣା ଭୋଗିବ... ! !

ସମୟରୁ ଆଗେ... ଯାହା ତୁମ ଭାଗ୍ୟେ...
ଯଥା ସମୟେ ମିଳିବ...
ଯିଏ ନା ତୁମରି... ଦେବେନାହିଁ ହରି...
ମନ ନା ଛୋଟ କରିବ.... ! !

କର୍ମର ଆଧାର... ଫଳ ତୟ ତୋର...
ଦାନ, ଧର୍ମ, ଦୟା, କ୍ଷମା....
ପରୋପକାରୀ.... ସ୍ୱୟଂ ସାହାକାରୀ...
ସାହା ହୋଇବେ ମଣିମା... ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋହର ବନ୍ଧନ.... ତୋର ପାଞ୍ଚ ମନ...

ପଚିଶ ପ୍ରକୃତି ଘେରା....

ମତି ଭ୍ରମ କରେ....ସୁଖ, ଶାନ୍ତି ହରେ..

ଅଶରୁ କେରାକୁ କେରା.... ! !

ଆତ୍ମାର ସନ୍ତୋଷ... ଜରୁରୀ ବିଶେଷ

କୃତ କାର୍ଯ୍ୟ ହେବା ପାଇଁ...

ମନ ଏକ କର... ହୁଅ ଆଗୁସାର...

ସହାୟ ଜଗତ ସାଇଁ.... ! !

ପ୍ରଭୁ ପଦେ ଧ୍ୟାନ... ରଖିଥିବୁ ମନ...

ସେହି ଗତି ମୁକ୍ତି ଦାତା....

ତାଙ୍କରି ଆଶିଷ.... ମିଳିଲେ ସନ୍ତୋଷ...

କୋଟିରେ ଗୋଟିଏ କଥା... ! !

ନାଗପୁର

ମୋବାଇଲ :-୮୨୭୬୫୭୩୩୬୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶରଣ ପଶିଲି

କାହ୍ନୁ ଚରଣ ପାଣିଗ୍ରାହୀ



ଆହେ ପତିତପାବନ
ନ ବସି ନନ୍ଦିଘୋଷ ରଥେ
ଥରେ ବସିଯାଅ ମୋ ମନ ରଥେ
ମୋହ ର ଦଉଡ଼ି ଯାଆନ୍ତା ଛିଡି
ଥମି ଯାଆନ୍ତା ଜଞ୍ଜାଳ ରଡି
ବିସ୍ଫୋରିତ ବେଦନା
ମିଳାଇ ଯିବ ସକଳ ଯାତନା
ନାଶ ହୋଇବ ହୃଦୟ ହୁତାଶନ
ଶୁଣି ସହସ୍ର କଣ୍ଠର ନିବେଦନ ।

ସଭିଙ୍କୁ ହୁଅ ସହାୟ
ଭୁଷିତ ହୁଅନ୍ତୁ ସର୍ବେ
ମମତା ର ମଧୁଝରା
ଅମୀୟ ଭୂଷଣେ ।

କରୁଣାର ଅବତାର ତୁମେ
ସଭିଙ୍କ ହୃଦୟ ଭକ୍ତ ଜନ
ପାଟ ପିତାମ୍ବର ପରିହିତ
ଚନ୍ଦନ ଚର୍ଚ୍ଚିତ ସୁଶୋଭିତ
ଲୀଳାମୟ ଗୋସାଇଁ
ଅନୁପମ ପ୍ରତୀକ ତୁମେ
ବିଶ୍ୱ ବିସ୍ମୟ ଦୟାମୟ

ବିଶ୍ୱ ବିମୋହନ ଦେଖାଅ ପଥ
ଘନ ତମାସାରୁ ଆଲୋକ
ମୈତ୍ରୀ ପ୍ରୀତି ସୂତ୍ରେ
ବାନ୍ଧିଥାଅ ଏ ଜାତିକୁ
ଚାଲିଥାଉ ମହାମିଳନ ପର୍ବ
ଭକତ ର ଆତ୍ମ ଜିଜ୍ଞାସା
ଶୁଣୁଥାଅ ବୁଝୁଥାଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖୁଥାଆ ଗଣଦେବତା
ସବୁରି ମିତ୍ର ସବୁରି ତ୍ରାଣକର୍ତ୍ତା
ସବୁରି ସ୍ୱପ୍ନ ସଭିଙ୍କ ପ୍ରାପ୍ତି
ଅବଶୋଷ ର ତୃପ୍ତ ପରିସମାପ୍ତି ।

ପଥର ଦେଉଳେ ଦାରୁ ଦେବତା
ଛପନ କୋଟି ଜୀବ ଙ୍କ ଅନ୍ନଦାତା
ସୁଖ ପସରା ନ ନିଅ ଛଡ଼ାଇ
ସତ୍ୟ ଧର୍ମ ପଥେ ନିଅ ଆଗେଇ
କଳିଯୁଗର କଳ୍ପଦ୍ରୁମ
ସର୍ବମୟ ସ୍ୱରୂପ ପରଂବ୍ରହ୍ମ
ନୀଳାଚଳ ସୁଧାକର
ତ୍ରିତାପ ହର ବଡ ଠାକୁର
ଜୀବନ ଆୟୂଷ ଆସଇ ସରି
ପଶିଲି ଶରଣ ରଖହେ ହରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ଜଗନ୍ନାଥ

ଡଃ ସ୍ୱର୍ଣ୍ଣଲତା ଲେଙ୍କା



କୋଟି ପ୍ରଣତି ଘେନ ହେ ଜଗନ୍ନାଥ
ସକାଳୁ ମୁଁ ସମର୍ପିତ ।
ଶୂନ୍ୟ ଦେବତା ହେ ଶୂନ୍ୟ ରୁ
ଶୁଭୁଛି ବ୍ରହ୍ମନାଦ
ଓଁକାର ରେ ଆରମ୍ଭ ରାମ ନାମ
ହରି ନାମରେ ଶେଷ ।
ସବୁରି କାରଣ ତୁମେ ଜଗନ୍ନାଥ
ଆନ କିଏ ଆଉ ନାହିଁ
ତୁମର ସୃଷ୍ଟି ଏ ବ୍ରହ୍ମାଣ୍ଡ ତୁମେ
ଏକାତ ଜଗତ ସାଇଁ ।
ସର୍ବ ଶକ୍ତିମାନ ସର୍ବତ୍ର ବିଦିତ
କୀଟଠୁ ବ୍ରହ୍ମାଣ୍ଡ ଯାଏ
ସକଳପ୍ରାଣି ଜୀବନ ମଧ୍ୟେ ତୂମେ
ଅଛ ଜୀବେଶେ ହେ ।

ଏ ସକାଳ ତୁମ ହିଁ ଆଣୁଛ ଏଇ
ଜୀବନର ସଞ୍ଜ ତୁମେ
କାଳଚକ୍ର ଚାଲେ କେବଳ ତୁମରି
ନିର୍ଦ୍ଦେଶରେ ଜଗତେ ।
ଜୀବନ ଦେଇଛ ମୋତେ ତୁମେ
ତେଣୁ ତୁମ ପାଖେ ନିତି
ଗୁହାରି କରେ ମୋର ଦୁଃଖ ସୁଖ
ମନେ ମୋର ନାହିଁ ଭିତ୍ତି ।
ଆହେ ଇଚ୍ଛାମୟ ଏ ଜୀବନ କାହାଣୀ
ଲେଖୁଛ ପରା ହେ ତୁମେ
ଭାଗ୍ୟ ରେଖାରେ ଯାହା ଲେଖିଛ
ଏ ଜୀବନ ପରା ଭୋଗେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଖରେ ବିଭୋର ଦୁଃଖରେ କାତର
ହେଉନାହିଁ ନାଥ ହେ
ତୁମ ଅଛ ପରା ମୋ ଚିନ୍ତା ଚେତନା
ରେ ଆଉ କାହିଁକି ଡରେ ।
ସାହାରା ବନିଛ ଜୀବନରେ ତୁମେ
ଆଉ କିଛି ଲୋଡ଼ା ନାହିଁ
ତୁମେ ଥାଅ ଫେରିବା ଯାଏ ନାଥ
ହାତଧରି ମୋ ମାଗୁଣି ।
ସମୟର ଉଜାଣି ସୁଅରେ ପରା
ମୁଁ ଭାସମାନ ପତ୍ର ଟିଏ
ଧୈର୍ଯ୍ୟର ବାଲି ବନ୍ଧ ଭାଂଗି ବନି
ନାଥ ଭରସା ଆଜିଯାଏ ।
ସବୁ ଠିକ୍ କର ତୁମେ ସେଇଠି
ବସି ମନେ ମନେ ହସି
ଭାବୁଛ ତୁମେ କେତେ ବୋକା ଏଇ
ମଣିଷ ସମାଜ ଆଜି ।

ସବୁ ଯଦି ମୁଁ କରେ କାହିଁକି ମିଛ
ଭାବନାରେ ମଣିଷ ବୁଡେ
ଖାଲି ନିତି ସମର୍ପି ଦେଉ ତାର
ଦୁଃଖ ସୁଖ ମୋତେ ଥରେ ।
ସମର୍ପିତ ହୋଇଛି ନାଥ କଲମ
ଧରିବା ଦିନରୁ ଏହାତେ
ତୁମ ନାମ ଆଗ ଲେଖେ ତା,ପରେ
ଜୀବନ ଡଙ୍ଗା ଚାଲେ ।
କି ଦେଇ ପାରିବି ନାଥ ହେ ତୁମକୁ
ତୁମେ ପରା  ଅଟ ଦାତା
ତେଣୁ କେବଳ ପ୍ରଣତି ନାଥ ହେ
ତୁମକୁ ମୋ କୃତଜ୍ଞତା ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶୀତ ସକାଳର ଉଷୁମ ଖରା

ଦେବେନ୍ଦ୍ର ନାୟକ



ଶୀତ ସକାଳର ଶିଶିର ବର୍ଷଣ
ଦେହକୁ ଦିଏ ଥରେଇ
ମନ ଖୋଜୁଥାଏ ଉଷୁମ ଚାଦର
ତନ ମନ ସୁଖ ପାଇଁ ।
ଉଷୁମ ଖରାର ପରଶ ପାଇଲେ
ମନ ତାକୁ ଛାଡ଼େ ନାହିଁ
ତନର ସୁଖକୁ ବର୍ଣ୍ଣନା କରିବା
ଅନୁଭବି ପାରେ କହି ।
ଶୀତ ସକାଳର ଉଷୁମ ଖରାକୁ
ଚାଷୀ ଟିକେ ଖୋଜୁଥାଏ
କାକର ବୁନ୍ଦା ଟି ବାଷ୍ପୀଭୂତ ହେଲେ
ଧାନ ଉଙ୍କ ଶୁଷ୍କ ହୁଏ ।

ପନି ପରିବାକୁ ଫଳ ଫୁଲ ପାଇଁ
ଲୋଡା ପ୍ରଭାତର ଖରା
ସେହି ଖରା ପାଇ ଫୁଲ ଫଳ ହସେ
ସୁନ୍ଦରତା ଆଣେ ଧରା ।
ବୁଢ଼ା ବୁଢ଼ୀ ସହ ଅଣ୍ଡା ରୋଗୀ ପାଇଁ
ଲୋଡା ଉଷ୍ମ ଜଳବାୟୁ
ଶୀତ ସକାଳର ଉଷୁମ ଖରାରେ
ସୁଖେ ଦିନ ବିତିଯାଉ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋଡା ହୁଏ ନାହିଁ କମ୍ବଳ ରେଜେଇ

ସ୍ୱେଟର ଅଲୋଡା ହୁଏ

ସବୁ ଜନ ମନ ଆରାମ ପାଆନ୍ତି

ଥଣ୍ଡାକୁ ଆରାମ ଦିଏ ।

ଯାନ ବାହାନର ଚଳାଚଳ ପାଇଁ

କୁହୁଡିର ଭୟ ନାହିଁ

ଶୀତ ସକାଳକୁ ଉଷୁମ ଖରାର

ମଜା ନିଅ ତନ ପାଇଁ ।

ଶରୀର ପାଇଁ କି ଅତି ଉପକାରୀ

ନିଶ୍ଚୟ ଖରାରେ ବସ

ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ହେବ

ସର୍ବେ ମନ ଖୋଲି ହସ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କ କଦାପି ହୁଏନା ସର୍ତ୍ତରେ

କୃଷ୍ଣଚନ୍ଦ୍ର ମହାପାତ୍ର



ସଂପର୍କର ମାନ ରହେ ଚିରଦିନ
ବିଶ୍ୱାସ ଭରସା ନେଇ
ବନ୍ଧୁତ୍ୱ ବେଭାର ଜୀବନର ସାର
ସଂପର୍କ ଦୃଢତା ଯହିଁ ।
ମନ ସହ ମନ ମିଶିବାର ମାନ
ସଂପର୍କର ମୂଳଦୁଆ
ସଂପର୍କର ସୂତ୍ର ଦୃଢ ଭାବେ ସ୍ଥିତ
ସଦା ସ୍ୱାର୍ଥ ଉର୍ଦ୍ଧେ ତାହା ।
ସଂପର୍କ ମଧ୍ୟରେ ସର୍ତ୍ତ ରହିବାରେ
ଏହା ଅଚିରେ ଭାଙ୍ଗିବ
କାର୍ଯ୍ୟ ଘେନା ପ୍ରୀତି ଅଟେ ତାର ସ୍ଥିତି
ପରାଭବରେ ତୁଟିବ ।
ସଂପର୍କର ପାଇଁ ସର୍ତ୍ତ ରୁହେ ନାହିଁ
ଦୁଇ ମନ ସେଠି ଏକ
ସବୁଦିନ ପାଇଁ ତାହା ଚିରସ୍ଥାୟୀ
ଭାଙ୍ଗିବାଟା ନିରର୍ଥକ ।

ଆଜି ସମାଜରେ ଆଧୁନିକତାରେ
ସଂପର୍କରେ ସର୍ତ୍ତ ରହି
ସର୍ତ୍ତ ଅପୂରଣ  ସଂପର୍କର ମାନ
ସାଥେ ସାଥେ ତୁଟି  ଯାଇ ।
ସଂପର୍କ ସହିତ ସର୍ତ୍ତ ଯେ ଜଡିତ
ତାହା ଅଟେ ଅବାସ୍ତବ
ସେପରି ବ୍ୟବସ୍ଥା ସଦା ଦିଏ ବ୍ୟଥା
ନୁହେଁ ସଂପର୍କର ଭାବ ।
ମହତ ଜନର ମହତ ବିଚାର
ସଂପର୍କର ଅର୍ଥ ନେଇ
ସର୍ତ୍ତର ମଧ୍ୟରେ ସଂପର୍କ ଯେ ଦୂରେ
ତାହା ସଂପର୍କ ନୁହଁଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟ ଘେନା ପ୍ରୀତି ତାର ପରିଣତି
କଳଙ୍କିତ ସମାଜରେ
ନିତି ପ୍ରତିଦିନ ଏହାର ପ୍ରମାଣ
ସବୁ ସମ୍ବାଦ ପୃଷ୍ଠାରେ ।
ସଂପର୍କ ନିବିଡ ସଦା ତାହା ଦୃଢ
ଭାଙ୍ଗିବା ବଡ କଠିନ
ଶେଷ ପରିଯନ୍ତ ଏହାର ସ୍ଥାୟିତ୍ୱ
ବିଚାରରେ ଗୁଣୀ ଜନ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପର୍କ କଦାପି ହୁଏନା ସର୍ତ୍ତରେ

ରବିନାରାୟଣ ମିଶ୍ର



ମାନବ ଜୀବନେ   ଗଢ଼ି ଉଠେ କେତେ
ସମ୍ପର୍କର ସେତୁ ବନ୍ଧ,
ସମ୍ପର୍କ ସୁଦୃଢ଼   ହୁଅଇ   ଚାଲିଲେ
କାନ୍ଧକୁ ମିଳାଇ କାନ୍ଧ ।୧।

ପିତା ପୁତ୍ର ଅବା   ଭାଇ ଓ ଭଉଣୀ
ପୁଣି ପତି ପତ୍ନୀ ଭାବ,
ବନ୍ଧୁ ସହ ଭାବ   ସୁଦୃଢ଼ ରଖିଲେ
ନ ଥାଏ କାହିଁ ଅଭାବ ।୨।

ନିଜ ପର ଭାବ   ରହିଲେ ମନରେ
ସମ୍ପର୍କ ହୁଅଇ ଚୁନା,
ସନ୍ଦେହ ଗଢ଼ଇ   ସମ୍ପର୍କରେ ଫାଟ
ଭାବ ବନ୍ଧନର ବିନା ।୩।

ସମ୍ପର୍କ ଅଟଇ   ସୁତା ଖିଅ ପରି
ଭଙ୍ଗା ଗଢ଼ା ଏ ସଂସାରେ,
କେବେ ଯୋଡିଥାଏ କେବେ ସେ ଛିଡ଼ାଏ
କିଏ ବା ବୁଝିବ ତାରେ ।୪।

ଭାବର ବନ୍ଧନେ   ବାନ୍ଧି ଦେଲେ ଥରେ
ସମ୍ପର୍କ ସୁଦୃଢ଼ ହୁଏ,
ସେଇ ସମ୍ପର୍କ ହିଁ   ଅତୁଟ   ସମ୍ପର୍କ
ଅବାଟରୁ ବାଟେ ନିଏ ।୫।

ସମ୍ପର୍କ କଦାପି   ଗଢ଼ି ହୁଏନାହିଁ
ରଖିଲେ କାହାଠି ସର୍ତ୍ତ,
ଅନାବିଳ ଭାବେ   ସମ୍ପର୍କ ଗଢ଼ିଲେ
ସମାଜରେ ହୁଏ ହିତ ।୬।

ଘଣ୍ଟେଶ୍ୱର, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୃଷକର ଲୁହ ପୋଛିବ କିଏ

ସଞ୍ଜୀବନି ରଥ



ଜଗତ ଉଦାର ଭରିବା
ଅଟେ ମୋହରି କାମ,
କୃଷିକାର୍ଯ୍ୟ କରି ଜିଏଁ ମୁଁ
ମୋର କୃଷକ ନାମ ।
କେତେବେଳେ ନିଜ ଜମିରେ
ଚାଷ କରଇ ମୁହିଁ,
କେତେବେେଳେ ଧାନ ଜମିରେ
ଭାଗ ଚାଷୀ ବୋଲାଇ ।
ଚାଷ କରିବାକୁ ସମ୍ବଳ
ଯେବେ ନଥାଏ ମୋର,
ଗାଁ ମହାଜନ ପାଖରେ
ବଢେ ଋଣର ଭାର ।
ଭାଗ ଚାଷ ଯେବେ ମିଳଇ
ମୋତେ ଅଧିକ ଜମି,
ଚାଷ ଋଣ କଲେ ବ୍ୟାଙ୍କରୁ
ସୁଧ ପଛକେ ଦେବି ।

ପାଗ ଯୋଗ ଠିକ୍ ରହିଲେ
ଋଣ ସୁଝି ମୁଁ ନିଏ,
ବରଷା ଅଭାବେ ମରୁଡି
ମୋର ପ୍ରାଣ ଯେ ନିଏ ।
ମାଟି ସାଙ୍ଗେ ମାଟି ହୋଇ ମୁଁ
ସୁନା ଫଳାଏ ଯେତେ,
ମୋର ସୁନା ନେଇ ମାନବ
ଧନୀ ହୁଅନ୍ତି ସତେ ।
ଦିନୁ ଦିନୁ ମୋର ଅବସ୍ଥା
ଯାଏ ଖରାପ ହୋଇ,
ମୋର ଦୁର୍ଦ୍ଦିନର ଭରସା
କେହି ବୁଝନ୍ତି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରଟା ଭିତରେ ମୋହର
ଦିନେ ପଡ଼ଇ ଖରା,
ରାତିରେ ବସି ମୁଁ ଆରାମେ
ଗଣେ ଆକାଶେ ତାରା ।
ଶାଗ ପଖାଳରେ ମୋହର
କଟିଯାଏରେ ଦିନ,
ବିଲ କଙ୍କଡା ଓ ଗେଣ୍ଡାରେ
ଖୁସି ହୁଏ ମୋ ମନ ।
ବରଷା ଦିନରେ ମୋହର
ଘର ପାଣି କାଦୁଅ,
ପିଲାଛୁଆ ଧରି ରହେ ମୁଁ
ହୋଇ ବଡ଼ ଅଥୟ ।
ଏତେ ଦୁଃଖ ମୋର ଭାଗ୍ୟରେ
ଭାବି ଝରଇ ଲୁହ,
କାହାର ହୃଦୟ କୋମଳ
କିଏ ପୋଛିବ ଲୁହ ।
ମୋର ଶ୍ରମ ମୂଲ୍ୟ ବୁଝେନି
ସ୍ୱାର୍ଥପର ମାନବ,
ମୂଲଚାଲ କରି କିଣଇ
ମୋର ସବୁ ଦରବ ।

ମୋ ପାଇଁ ଏ ଦୁନିଆ
ପାଏ ମୁଠେ ଆହାର,
ମୋ କଥା କାହିଁକି ଭାବୁନି
ଏଇ ସାରା ସଂସାର ।
କୃଷକ ଭାଇଠୁ ବଡ଼ ଯେ
ଆଉ କେହି ନୁହଁଇ,
କୃଷକ ନଥିଲେ ଦୁନିଆ
ଖାଦ୍ୟ ପାଆନ୍ତି ନାହିଁ ।
ସଂସାର ମୁଖରେ ଆହାର
ଦେଇ ମହତ ସେହି,
କଥାରେ କଥାରେ ସମ୍ମାନ
ମୋତେ ଦିଅନ୍ତି ବେଶୀ ।
କାମରେ କରିକି ଦେଖାନ୍ତେ
ମୁଁ ଯେ ହୁଅନ୍ତି ଖୁସି,
ମୋର ଶ୍ରମ ମୂଲ୍ୟ ମାଗୁଚି
ମୋତେ ଦେବ କି କୁହ,,
ତମେ ତ ଚାହିଁଲେ ପୋଛିବ
ମୋର ଆଖିର ଲୁହ ।।

ଠିକଣା-ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଗୁଶୀର

ଲିପିକା ବେହେରା



ମଗୁଶୀର ଆଜି ଆସିଛିରେ ନାନୀ
ମଗୁଶୀର ଆଜି ଆସିଛି
ଶୀତଳ ସକାଳର କାକର କୁହୁଡି
ସାଙ୍ଗରେ ନେଇ ଆସିଛି
ସବୁଜ କିରଣ ଘାସ ଗାଲିଚାରେ ବୁଣି
ହୋଇ ପରା ପଡ଼ିଛି
ଲାଗୁଛି ସେତିକି ଧରଣୀ ବୁକୁରେ
ହୀରା ମୋତିରେ ତ ପୂରିଛି
ମଗୁଶୀର ଆଜି ଆସିଛି
ଘରଣୀ ମାନଙ୍କ ଘରେ ଘରେ ପରା
ଝୋଟି ଚିତାରେ ତ ଭରିଛି
ଭଳିକି ଭଳି ପିଠା ପଣାରେ ତ
ଘର ସଭିଙ୍କ ପୂରିଛି
ମଗୁଶୀର ଆଜି ଆସିଛି
ଗେଣ୍ଡୁ କେତକୀ କଇଁ ଫୁଲ ପରା
ନଇ ପୋଖରୀରେ ଫୁଟିଛି
ଜଗତ ଜନନୀ ମା ଲକ୍ଷ୍ମୀପରା
ପୂଜା ପାଉଛନ୍ତି ସବୁଠି
ମଗୁଶୀର ଆଜି ଆସିଛି
ସୁରୁଜ ଦେବତା ପହିଲି କିରଣ
ଧରାପରେ ବିଛି ଦେଇଛି
କଅଁଳ ଖରାରେ ତେଜ ନାହିଁ ବୋଲି
ଦେହକୁ ଆରାମ ଲାଗୁଛି
ମଗୁଶୀର ଆଜି .............

ନରସିଂହପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦେବୀ

ଡଃ ଆଲୋକ କୁମାର ରାୟ



ମୃଣ୍ମୟ ମୂର୍ତ୍ତି ଦେବୀଙ୍କର ବଡ଼ ମନଲୋଭା ଦିଶେ
କେତେ ସାଜସଜ୍ଜା, ତୋରଣ, ଆଲୋକମାଳା ଆଡ଼ମ୍ବର ପ୍ରକାଶେ ।
ମେଢ଼ ଦେଖିବାକୁ ଏକକୁ ଆରେକ, ଝଲସେ ଆଖି
ପାଟ ଶାଢ଼ୀ ପିନ୍ଧି ମା ' ଚାହିଁଛନ୍ତି ନିରେଖି ।
ପାର୍ଶ୍ୱ ଦେବାଦେବୀ ଭିନ୍ନ ସନ୍ଦେଶ ଦିଅନ୍ତି ଚାହିଁ
ମହିଷାସୁରର ବିକଳ ଭାବ ଭବେ ଦେଖିବାକୁ ନାହିଁ ।
ସ୍ୱର୍ଣ୍ଣ, ରୋପ୍ୟ ଅଳଙ୍କାର ମାଆଙ୍କୁ ମାନୁଛି ଅତି
ଧରିଛନ୍ତି ହସ୍ତେ ହାତହତିଆର କରିବାକୁ ପାପ ଇତି ।
ଧରାବତରଣ କରିଛି ସୁଖ, ଶାନ୍ତି ଓ ସମ୍ପ୍ରୀତି
ଆନନ୍ଦ, ଉଲ୍ଲାସ ବାଟଘାଟେ ରଚେ ସୌହାର୍ଦ୍ଦ୍ୟର କୀର୍ତ୍ତି ।
ଘରେଘରେ ପିଠାପଣା, ବନ୍ଧୁବାନ୍ଧବ, ସଂଖୁଳା ବେଭାର ବାଜା
ନୂଆ ବସ୍ତ୍ର ପରିଧାନେ ଜ୍ଞାତୀକୁଟୁମ୍ବ ଉଠାନ୍ତି ମଜା ।
କିସମ କିସମ ଫୁଲ ଫଳ ନୈବିଦ୍ୟ ଘୃତ
ମାଅଙ୍କ ପାଇଁ ହୁଏ ଯୋଗାଡ଼, କରିବାକୁ ପ୍ରୀତ ।
ବଜାର ଘାଟ ଲୋକାରଣ୍ୟ, ଲୋକଙ୍କ ମନେ ସଦିଚ୍ଛା
ଅବତରିଛନ୍ତି ମା' ଧରାକୁ କରିବାକୁ ପୂର୍ତ୍ତି ଇଚ୍ଛା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ନିଗ୍ଧ,ଶୀତଳ, ନିର୍ମଳ ପରିବେଶ କରେ ସ୍ୱାଗତ

ମା'ଙ୍କ କରୁଣା ବାରି କରୁ ଜଗତ  ତୃପ୍ତ ।

ସତ୍ୟ, ନ୍ୟାୟ, ଧର୍ମର ଧ୍ୱଜା ଉଡୁ ଗୌରବେ

ନ୍ୟାୟବନ୍ତ, ସାଧୁ, ସନ୍ଥ,

ସଦାଚାରୀଙ୍କୁ ମା '  ତାରିବେ।

କେନ୍ଦ୍ରାପଡ଼ା

ମୋ:୯୪୩୭୦୬୮୦୦୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଗ ମାଳିକା

ପ୍ରଦୀପ କୁମାର ଜିଳିକାରା

ହାଡ଼ଶିଙ୍କୁଳା, ବିଷମକଟକ, ରାୟଗଡ଼



( ଗୀତରେ ମୋଟ ୩୫ ଟି ରାଗର ନାମ ଅଛି ଯଥା କ୍ରମାନ୍ୱୟରେ ଆହାରୀ, ସୋମ, କଲ୍ୟାଣ, ସାରଙ୍ଗ, କାମୋଦୀ, ପୁନ୍ନାଗ, ନାଗବଲ୍ଲୀ, ରସ କେଦାର, ତୋଡ଼ିପରଜ, ମେଘ, ଲୀଳାତରଙ୍ଗ, କୋଳାହଳ, ନଟ, ମୋହନା, ଆଶାବରୀ, ରସମଞ୍ଜରୀ, ରଣ ବିଜେ, ମଙ୍ଗଳ, ରାଜହଂସୀ, କାଳୀ, ଶଙ୍କରାଭରଣ, ବସନ୍ତ, ଗୌରୀ, କୀରବାଣୀ, ସୁରଟ, ଘଣ୍ଟାରବ, ମାଳିନୀ, ଭୂପାଳ, ମୁନିବର, ମନୋହାରୀ, ହଂସଧ୍ୱନି, ଜୟନ୍ତ, କୌଶିକ, ଭୈରବୀ, ସରସ୍ୱତୀ, ଲଳିତ। )

ବିଷମ ଗୀରିଷମରେ ଗିରି ସମ କୁଚାକୁ କେ ବର କହଇ
ବିଷଆହାରୀ ପରି ଶିରୀକୁ ଧରି ପୟୋଧର ଶୋଭା ଦିଶଇ
ସୋମସୁମୁଖୀ, କଲ୍ୟାଣ କର ମୋହଠାରେ
ରସାଓ ସାରଙ୍ଗ ରସରେ ରମ୍ଭୋରୁ କାମୋଦିତ ହୁଏ ଅନ୍ତରେ ।୧.
ପୁନ୍ନାଗଗାମିନୀ ନାଗବଲ୍ଲୀ ରାଗ ତରୁଣଅରୁଣଅଧରା
ଧରାମଣ୍ଡନା ନବୀନ ଯଉବନୀ ବନିତାରତନ ଦେ ଧରା
ଘନସୁରସ, କେଦାର ହୃଦେ ଯା ବରଷି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋଡ଼ି ପର ଜନ ପରି ନିକଟରୁ ନଦିଅ ନୂଆମେଘକେଶୀ ।୨.

ସୁରତ ଲୀଳାତରଙ୍ଗ କୋଳାହଳ କଳ ପୂରୁ କେଳିସଦନେ

ନଟବରମୋହନା ଆଶାବରିଛି ଚୁମ୍ବନ୍ତି ଅମ୍ବୁଜବଦନେ

ରସମଞ୍ଜରୀ, ରଣବିଜେ ହୁଏ ମଦନ

ମଙ୍ଗଳ କର ରାଜହଂସୀଗମନା ନୋହିଲେ ଲଭିବି କଦନ ।୩.

କାଳୀଙ୍କରଈଶ- ଶଙ୍କରାଭରଣ ଗରଳ ଜ୍ୱାଳା ବଳି ପୀଡ଼ା

ଦେଉଅଛି ମୋତେ ବସନ୍ତସାମନ୍ତ, ପ୍ରତିକାର କେଳତି କ୍ରୀଡ଼ା

ଗୌରୀସୁବର୍ଣ୍ଣା, କୀରବାଣୀ କଳଭାଷିନୀ

ସୁରଟ କଟି କିଙ୍କିଣୀ ଘଣ୍ଟାରବ କିଣି ଶୁଣା ମଲ୍ଲୀହାସିନୀ ।୪.

ସୁମନମାଳିନୀ ସୁମନାଭୂପାଳ ପ୍ରୀତରେ ଆରତ କରତ

ମୁନିବରମନୋହାରୀ ହଂସଧ୍ୱନି ହଂସକରୁ ହେଉ ସ୍ରବିତ

ଜୟନ୍ତତାତ-କୌଶିକ ରତ ଲଭି ହେବି

ଭାବି ଭୈରବୀ ସରସ୍ୱତୀ ଲଳିତ ଗୀତ ରଚେ ପ୍ରଦୀପ କବି ।୫.

ଶବ୍ଦାର୍ଥ : ବିଷଆହାରୀ-ଶିବ, ସୋମସୁମୁଖୀ-ଚନ୍ଦ୍ରମୁଖୀ, ସାରଙ୍ଗ-ରତି, କାମୋଦିତ- କାମ ଭାବ ଉଦୟ ହେବା, ପୁନ୍ନାଗଗାମିନୀ- ଗଜଗମନା, ନାଗବଲ୍ଲୀ-ପାନ, ଘନସୁରସ(ଘନରସ)- ରତିରସ, ତୋଡ଼ିପରଜନ(ଭାଷାନ୍ତରେ - ତଡ଼ି ପର ଜନ) - ପର ଜନ ଭାବି ତଡ଼ିବା, ନୂଆମେଘକେଶୀ-ନବଘନକେଶା, ନଟବରମୋହନା-ଆଦିଯୋଗୀଶିବଙ୍କୁ ମଧ୍ୟ ମୋହିତ କରିପାରୁଥିବା ସୁନ୍ଦରୀ, ଆଶାବରିଛି- ଆଶା ବା ଇଚ୍ଛା ପ୍ରକାଶ କରିଛି,ରସମଞ୍ଜରୀ-ସୁନ୍ଦରୀ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଣବିଜେ- ଯୁଦ୍ଧକୁ ବିଜେ ହେବା,ରାଜହଂସୀଗମନା- ରାଜହଂସ ଭଳି ଗତି, କାଳୀଙ୍କରଈଶଶଙ୍କରାଭରଣ ଗରଳ- ଶିବଙ୍କ ଗଳା ଭୂଷଣ ସର୍ପର ବିଷ,ବସନ୍ତ ସାମନ୍ତ- କନ୍ଦର୍ପ, ଗୌରୀସୁବର୍ଣ୍ଣା- ଗୌରବର୍ଣ୍ଣା, କୀରବାଣୀ- ଶୁକପରିମଧୁରବଚନ, ସୁରଟ- ଉତ୍ତମ ରଟନ ବା ସ୍ୱନ, ଘଣ୍ଟାରବ- ଘଣ୍ଟିର ସ୍ୱର, ସୁମନାଭୂପାଳ-ନାରୀଶ୍ରେଷ୍ଠ, ମୁନିବରମନୋହାରୀ- ମୁନି ମନମୋହିନୀ, ହଂସଧ୍ୱନି ହଂସକରୁ- ପାଦ ନୂପୁରରୁ ବାହାରୁଥିବା ଧ୍ୱନି ହଂସ ଧ୍ୱନି ପରି ଶୁଭିବା, ଜୟନ୍ତତାତ କୌଶିକ - ଇନ୍ଦ୍ର, ଭୈରବୀ ସରସ୍ୱତୀ- ଦୁର୍ଗା ସରସ୍ୱତୀ , ଲଳିତ ଗୀତ- ଲାଳିତ୍ୟପୁର୍ଣ୍ଣ ସଙ୍ଗୀତ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କର ଛାଇ

ସ୍ୱର୍ଣ୍ଣ ରଥ ମହାପାତ୍ର



ପିଠି ତାର ଦବି ଯାଇଛି
ବୋଝର ଭୂସ୍ଖଳନରେ
ସଂପର୍କର ଭାର ମହଣେ ପଥର
ଅଜାଣତେ ବନିଛି ବୟସ୍କ ଗଧଟିଏ
ଝାପ୍ସା ଦିଶେ ଟ୍ରାଫିକ ଆଲୁଅ
ବର୍ଣ୍ଣାନ୍ଧ ଅବଲୋକନ
ରକ୍ତରେ ସାନ୍ଦ୍ରତା, ହୃଦରେ ଶୀର୍ଣ୍ଣତା
ବାଟ ଅବାଟରେ ଉତାରିବାକୁ ବୋଝ
ସାହସ ଯୋଗାଡି ପାରୁନି
ସାମର୍ଥ୍ୟ ତଉଲିବାକୁ ନାହିଁ ଅବକାଶ
ଜଗତ ବୋଲିବ ସ୍ୱାର୍ଥୀଟିଏ
ଅଣନାଗରିକ ସଂବନ୍ଧ ନଗରେ ।

ବଂଚିବାର ବାଟ ବିଛେଇଛି ଯିଏ
ସର୍ତ୍ତ ଚୁକ୍ତି ରାଜିନାମାର ପଟରିରେ
ପଟ୍ଟ ପରିବର୍ତ୍ତନ କି କଳି ହୁଏ
ସସର୍ତ୍ତ ଅବା ନିସର୍ତ୍ତର ନିକିତିରେ ?
ସବୁ ପ୍ରଶ୍ନର ଉତ୍ତର କି ଦେଇହୁଏ
ନୀରବରେ ଆଖିର ଭାଷାରେ ?
ସବୁ ଯନ୍ତ୍ରଣା କି ବାନ୍ଧି ହୁଏ ଓଳିଆରେ ?
ମରି ହଜି ଯାଇଥିବା ଇଚ୍ଛା ସବୁ
ସନ୍ତସନ୍ତିଆ କୋମଳ ଭୂମିରେ
ଉଚ୍ଛୁଳି ପଡନ୍ତି ସରସ୍ୱତୀ ନଦୀ ପରି
ନିଜ ଅସ୍ତିତ୍ୱ ଜାହିର କରି ବହିଯାନ୍ତି
ମିଶିଯାଆନ୍ତି ସ୍ୱପ୍ନ ସଂଗମରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ କିଣିବାକୁ ଗରାଖ ଖୋଜିବା କି ଲୋଡ଼ା  !

ସ୍ନେହ ପ୍ରେମ ବାଣ୍ଟିବାକୁ ହୁଏ

ମୁକ୍ତ ହସ୍ତରେ ବିନା ସୁଧ ମୂଳରେ

ଦେହ ମନ ଦରଜ କରି ,

ସାହାଯ୍ୟ ସହାନୁଭୂତି ପରସିବାକୁ ହୁଏ

ବିନା ଅନୁଦାନ ବିନା ଶୁଳ୍କରେ

କୃତଜ୍ଞତା ବି ମିଳେ ରିହାତି ଦରରେ

ସମ୍ପର୍କର ବୀଜ ଅଙ୍କୁରି ମାଟି ଉପରକୁ

ବଢ଼ି ବଢ଼ି ଚାଲେ ଯେତେ ଯେତେ

ପିଠିର ମାଟିରେ ଚେର

ଖୋଳି ଖୋଳି ଯାଏ ସେତେ ସେତେ

ଯନ୍ତ୍ରଣା ଶାଖା ପ୍ରଶାଖା ମେଲି ।

ମଇଁଷି ଶିଙ୍ଘ ଫଂଟା

ଯୋଝିଲା ବେଳକୁ ଗୋଟା କହି କହି

କେତେ ଆତ୍ମ ପ୍ରତାରଣାରେ ବଞ୍ଚିବୁ ଦନେଇ

ସମ୍ପର୍କର କୋଳାହଳ ମଧ୍ୟେ

ନିଜ ସ୍ୱର ବାରି ନ ହେଲେ

କେତେ ଚିଲ୍ଲେଇବୁ ରଡିବୁ

ନିଜକୁ ଶୁଣେଇବା ପାଇଁ ନିଜ ଅନ୍ଦାଜରେ

ଅଣ୍ଟା ନଇଁ ପଡ଼ିବା ଆଗରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଳଖି ସଜାଡି ନେ ନିଜକୁ

ନିଜ ପସନ୍ଦର ଜୀବନଟିଏ ଜୀଇଁବାର

ବାଟ ଟିଏ ଖୋଜିନେ

ବାଟ ତ ଅସରନ୍ତି

କାହା ଛାଇ ଛତାକୁ ନ ଭରସି

ଚାଲିବାକୁ ହେବ ନିଜ ଗୁଳାରେ ।

ବିଜୟା ଗାର୍ଡେନ, ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାଶୂନ୍ୟର ପଥେ...

ଚନ୍ଦ୍ରକାନ୍ତ ଜେନା



ବିନ୍ଦୁରୁ ଆରମ୍ଭ,
ସିନ୍ଧୁର ଲକ୍ଷ୍ୟ ନେଇ,
କେତେ କେତେ ସୂକ୍ଷ୍ମତାକୁ ଭେଦି,
ଅନେକ ସ୍ଥୂଳତା ପରେ !

ସଂସାରର ମୋହାଛନ୍ନରେ,
ସ୍ଥାଣୁ ପାଲଟୁଛି ଜୀବନ,
ଲୋଭ,ମାୟାର ଆସନ୍ନ,
ସଫଳତାର କିଞ୍ଚିତ ଖୁସି ମାତ୍ର;
ବିଫଳତାର ଆତ୍ମଗ୍ଲାନି ।

ପ୍ରାରବ୍ଧର ଭୋଗ,
ଅସରନ୍ତି ଦୁଃଖ
ଅସୀମିତ କାମନାରେ, ହନ୍ତସନ୍ତ,ମ୍ରିୟମାଣ !
ମଳିନ ଆଶାର ସମ୍ଭାର,
ପ୍ରାପ୍ତି,ଅପ୍ରାପ୍ତିର ଆତ୍ମ ଚିନ୍ତନରେ;
ପୁଣି କ୍ଷଣିକ ବ୍ୟର୍ଥ ସୁଖର ଆଶାରେ ।

ସାରୁପତ୍ରରେ ଜଳସମ ଏ ପ୍ରାଣ,
କ୍ଷଣ ଭଙ୍ଗୁର !
ପାଣି ଫୋଟକାର ସ୍ଥାୟିତ୍ୱ ମାତ୍ର,
ହଜିଯିବ ନିର୍ବିଶେଷରେ ନିଶ୍ଚୟ !
ନିରବିବ ନିଶ୍ଚଳ,ନିସ୍ତେଜତାରେ ।

ଏ କ'ଣ ସେହି ପୂର୍ଣ୍ଣତା !
ଜୀବନର ଶ୍ରେଷ୍ଠତା ଓ ସାର୍ଥକତା !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ଅଗଣିତ କ୍ଷଣସ୍ଥାୟୀତ୍ୱରେ,
ଚିରସ୍ଥାୟୀତ୍ୱର ପ୍ରଶ୍ନବାଚୀ ?
ଖୋଜିବାକୁ ହେବ ???
ଅନ୍ତରାତ୍ମାକୁ ପଚାରି ବୁଝି !

ଘଡିସନ୍ଧି ମୁହୂର୍ତ୍ତ ପ୍ରାୟ !

ପରମାତ୍ମାରେ ମିଶିଯିବାକୁ ହେବ,
ସେହି ମହାଶୂନ୍ୟତାକୁ ପାର୍ କରି,
ଯେ ସତ୍ୟ,ଶାଶ୍ୱତ,ଚିରନ୍ତନ !
ଯହିଁ ଅପୂର୍ବ,ସ୍ୱର୍ଗୀୟ ଶିହରଣର ଅନୁଭବ !!
ଓଃ ! କି ପବିତ୍ରତା ! ଈଶ୍ୱରତ୍ୱ ଲାଭରେ,
ଏ କଥା ବୁଝିଯିବାକୁ ହେବ,
ତହିଁ ଯେ "ମୁଁ", "ମୋର ଅସ୍ତିତ୍ୱ"ର ସତ୍ତା ।

ପରମପ୍ରାପ୍ତିର ସୌଭାଗ୍ୟ,
ସବୁ ଶୂନ୍ୟତାର ଅନୁସନ୍ଧିତ୍ସା
ସେ ମହାଶୂନ୍ୟରେ ଅନ୍ତ ।
ଚରମ ଆତ୍ମତୃପ୍ତି,ଶାନ୍ତିର ଅନ୍ତିମ ନିଦ୍ରା ।
ମହା ପ୍ରୟାଣର ରାସ୍ତା.....
ମୁକ୍ତିର ପଥ......
ମୋକ୍ଷର ବାଟ.......
ସେହି ଶୂନ୍ୟତାର ସନ୍ଧାନେ !
ମହାଶୂନ୍ୟର ପଥେ.......

ସହକାରୀ ଶିକ୍ଷକ
ବ୍ରାହ୍ମଣ ସାଇଲୋ ନୋଡାଲ ଉଚ୍ଚ ବିଦ୍ୟାଳୟ,
କଣ୍ଟାପଡ଼ା, କଟକ
ଯୋଗାଯୋଗ - ୭୭୮୭୯୯୫୬୬୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ବ୍ରହ୍ମ ନିରାକାର

ନଳିନୀ ଦାଶ



ଜଗତ ଜନଙ୍କ ଆରାଧ୍ୟ ଠାକୁର
ତୁମେ ବ୍ରହ୍ମ ନିରାକାର
ତୁଣ୍ଡେ ନଧରିଲେ ତୁମନାମ ଥରେ
ଜୀବନ ଲାଗେ ଅସାର ।
ଅଗତିର ଗତି ତୁମେ ଏକା ଶକ୍ତି
ଦେଇଥାଅ ତୁମେ ମୁକ୍ତି
ସାହା ହୋଇଥାଅ ବିପଦ ସମୟେ
ଅନ୍ତରେ କରେ ଯେ ଭକ୍ତି ।
ତୁଳସୀ ଦୟଣା ତୁମର ଶରଧା
ହେ ପ୍ରଭୁ ଜଗତପତି
ସଞ୍ଜରୁ ସକାଳ ଭଜନ ଜଣାଣ
ଗାଉଛି ବସି ମୁଁ ନିତି ।
ମନ ମୋହିନିଏ ଅପରୂପ ଶୋଭା
ତୁମର ସେ ଚକାଡୋଳା
କେତେ ନଟକୁଟ ଜଣାତ ତୁମକୁ
ଜଗତେ କରୁଛ ଲୀଳା ।
ଏ ସାରା ଜଗତ ତୁମର ସର୍ଜନା
ଆହା କି ସୁନ୍ଦର ଦିଶେ
ତୁମର କରୁଣା ପାଏ ଯେଉଁ ଭକ୍ତ
ଜୀବନଟା ସାରା ହସେ ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ

ବାସନ୍ତୀ ଲତା ଜେନା



ନାରୀ ନାରାୟଣୀ ଦେବତାର ଅଂଶ
ନୁହେଁ ସିଏ ପରାଜିତା
ବସୁମତୀ ପରି ସର୍ବଂସହା ସିଏ
ଦୁଃଖ ପିଇ ହୁଏ ସୀତା ।୧।

ଯେଉଁ ଘରେ ନାରୀ ଅଭାବ ରହଇ
ସେ ଘର ମଶାଣି ତୁଲ
ନାରୀର ସ୍ୱର୍ଶରେ ଘର ପୂରି ଉଠେ
ଲକ୍ଷ୍ମୀ ବାସ ପ୍ରୀତି ଫୁଲ ।୨।

ଦୁହିତା ଭଗିନୀ ଜାୟା ଓ ଜନନୀ
ନାରୀର ଚାରୋଟି ରୂପ
ପ୍ରତି ରୂପେ ସେତ ଅପରାଜିତା ସେ
ଲକ୍ଷ୍ମୀ ପାର୍ବତୀ ସ୍ୱରୂପ ।୩।

ଦୁହିତା ରୂପରେ ଖୁସି ଦେଇ ଥାଏ
ଭାଇକୁ ସ୍ନେହର ଡୋର
ଜାୟା ରୂପେ ସେତ ପତ୍ନୀ ସାଜି ଥାଏ
ପରକୁ କରେ ନିଜର ।୪।

ଜନନୀ ରୂପରେ ଗର୍ଭ ଧରିଣୀ ସେ
କରେ ସନ୍ତାନ ପାଳନ
ମହାଲକ୍ଷ୍ମୀ ପରି ଅନ୍ନପୂର୍ଣ୍ଣ ସାଜେ
ଅତିଥି ଦେବ ପୂଜନ ।୫।

ବିପଦ ସମୟେ ମହାକାଳୀ ସାଜେ
ଅବା ଦୁର୍ଗା ଦଶ ଭୁଜା
ମନ ଟାଣ କରେ ବିପଦ ହଟାଏ
ଯଶ ଖ୍ୟାତି ଉଡେ ଧ୍ୱଜା ।୬।

ନାରୀ କେବେ ହେଲେ ପଛୁଆ ନୁହଇ
ଅଗ୍ରଣୀ ସେ ସବୁ ଠାରେ
ପୂରାଣ ଯୁଗରୁ ବର୍ତ୍ତମାନ ଯାଏ
ଇତିହାସ ଗାନ କରେ ।୭।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜିର ନାରୀ ଯେ ଜଳ ସ୍ଥଳ ବ୍ୟୋମେ
ସବୁଠାରେ ତାର ସ୍ଥିତି
ଦେଶ ଶାସନରେ ଭାଗ ନେଉ ଥାନ୍ତି
ଘର ବି ସମ୍ଭାଳୁ ଥାନ୍ତି ।୮।
ତ୍ରେତୟା ଯୁଗରେ ପ୍ରଭୁ ରାମ ଚନ୍ଦ୍ର
ରାବଣର ବଦ୍ଧ ପାଇଁ
ମାତା ପାର୍ବତୀଙ୍କ ପୟର ପୂଜିଲେ
ନୀଳ ପଦ୍ମ ଫୁଲ ଦେଇ ।୯।
ମହିଷା ସୁରର ନିଧନ ପାଇଁ କି
ମହିଷା ମର୍ଦ୍ଦିନୀ ହେଲେ
ପାପକୁ ବିନାଶି ଧର୍ମର ସ୍ଥାପନା
ନାରୀ ହିଁ ତ କରି ଥିଲେ ।୧୦।
ସେହି ନାରୀ ଅଟେ ଚିର ବନ୍ଦନୀୟା
ଚରଣରେ ନମସ୍କାର
ମମତା ମୟୀ ସେ ସ୍ନେହ ପ୍ରଦାୟିନୀ
କରୁଣାର ଫୁଲ ହାର ।୧୧।

ଗାନ୍ଧିନଗର, ପୋଷ୍ଟ /ଜିଲ୍ଲା :ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନଗ୍ନ ସହର

ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା



ଚାକଚକ୍ୟ ପରିବେଶ

କୋଳାହଳ ଜନାଗମ

ଅଧାଗଢା ସ୍ୱପ୍ନ ନେଇ

ଦୁର୍ଗତିର ସୁଡ଼ଙ୍ଗ ମଧ୍ୟରେ

ଲକ୍ଷ ଲକ୍ଷ ଅପରିଚିତ

ବିଶ୍ୱାସ ର ଦୀର୍ଘଶ୍ୱାସ !

ହୃଦୟର ସବୁଜିମା

ଇପ୍ସିତ ନିଃସଙ୍ଗତା

ଆକସ୍ମିକ ଜୀବନ ଚକ୍ର

ନଗ୍ନ ସହରର

ଏଇତ ସ୍ୱରୂପ ମାତ୍ର

ଅମାନବିକତାର ଆତିଶଯ୍ୟ

ଭାଗ୍ୟର ପରିହାସ !

ନାରୀ, ନଦୀ, ନର

ସ୍ୱପ୍ନ ତିରୋହିତ

ବିଫଳ, ସଫଳ, ନିର୍ଜନ

ଖାଲି ଏକ ଅନୁଭବ

ମୃତ୍ୟୁ ର ଇଶାରା

ଦୁଃଖ, କ୍ଷୋଭ, ଯନ୍ତ୍ରଣା

ଏକ ମାତ୍ର ଚିତ୍ରକଳ୍ପ

କବି ଲେଖନୀର !

ସଭ୍ୟତାର ବିଡମ୍ବନା

ମନୋବିକାରର

ଜରାଗ୍ରସ୍ତ ଅନ୍ତରାତ୍ମା

ବିକଳ ହୃଦୟର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୌବନର ମାଦକତା

ରକ୍ତର ଉଷ୍ଣତା

ଥ ଥ ମଥ ପାଦଧ୍ୱନି

ସମୟର ଶିଥିଳତା

ସଭ୍ୟତାର ଆଢୁଆଳୁ

ସମାଜର ଠେକଦାର

ସେଇ ଚିନ୍‌ହା ସହରର

କରିଦିଏ ବିକଳାଙ୍ଗ

ସୁନ୍ଦର ଏକ ଭବିଷ୍ୟତ ର

ମୃତ୍ୟୁର ଯନ୍ତ୍ରଣା

ଥାଇ ନ ଥିବାର

କର୍ଣ୍ଣ ପରି ଆର୍ତ୍ତ ଚିତ୍କାର

ଶୋଚନାରେ ସାମର୍ଥ୍ୟରେ

ସ୍ମୃତିଆଉ ବିସ୍ମୃତିର

ଉପନ୍ୟାସ ଲେଖି

ଅଭିଜାତ୍ୟର ଦରବାରୁ

ବିଦା ହୁଏ ଆୟୁଷ୍ମାନ

ମର ଶରୀର ! ! !

ଅଧ୍ୟାପିକା କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,

କେଶପୁର, ଗଂଜାମ smartrupa2012@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା

ଭବାନୀ ଶଙ୍କର ଦାଶ



ଭଗବାନ ଜଣେ ଚମତ୍କାର ଶବ୍ଦ ମା  କରିଛନ୍ତି,
ଯାହାର ନା କେବେ ସୃଷ୍ଟି ଅଛି ନା ଅଛି ଅନ୍ତ ।
ସେ ମା ଯିଏ କେବେ ନା ବୁଢ଼ୀ ହୁଅନ୍ତି
ନା ତାଙ୍କ ଛୁଆଙ୍କୁ ବୟସ୍କ ହେବାକୁ ଦିଅନ୍ତି ।
ସେ ତାଙ୍କର ହସ ସୂର୍ଯ୍ୟର ପ୍ରଖରକିରଣରୁ ସୃଷ୍ଟି କରିଛନ୍ତି
ସେ ତାଙ୍କ ହୃଦୟକୁ ଶୁଦ୍ଧ ସୁନାରେ ଗଢ଼ିଛନ୍ତି।
ଆଜି ଏମିତି ସମୟ ଆସିଛି  ମାଆଙ୍କୁ ପ୍ରେମ
ପ୍ରଶଂସା ଶବ୍ଦରେ ସମ୍ମାନିତ କରିବା ଭୁଲିଛନ୍ତି,
ସମସ୍ତେ ତାଙ୍କ ଭଲପାଇବା , ଦୟାଳୁତା
ପ୍ରେମପୂର୍ଣ୍ଣ ଢଙ୍ଗ ବର୍ଣ୍ଣନା କରିବା ଭୁଲିଛନ୍ତି,
ସମସ୍ତେ ଆଜି ଭୂଲି ଯାଇଛନ୍ତି  ମା ଏ ସଂସାରର
ସବୁ ଦୁଃଖ କଷ୍ଟକୁ ଚନ୍ଦ୍ରର ଶୀତଳ ଆଲୋକର
ଲେପ କରି ଶରୀରରେ ବୋଳି ଦେଇଛନ୍ତି ।
ସମସ୍ତେ ଭୂଲି ଯାଇଛନ୍ତି ଆମ ସବଳଶରୀର ପାଇଁ
ସେଇ ଦୁର୍ବଳ, ନିର୍ଭୀକ ମା ଛିଡ଼ା ହେଇଛନ୍ତି ।
ଭଗବାନ ଜଣେ ଚମତ୍କାର ଶବ୍ଦ ମା ସୃଷ୍ଟି କରିଛନ୍ତି,
ଯାହାର ନା କେବେ ସୃଷ୍ଟି ଅଛି ନା ଅଛି ଅନ୍ତ ।

ଠିକଣା - ଗୌରଦେଇପୁର, କୋଦଳା, ଗଞ୍ଜାମ ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାପ

ଆକୁଳାନନ୍ଦ ପୃଷ୍ଟି



ଚିକିତ୍ସକ ହେଲେ ଦିତ୍ୱୀୟ ଈଶ୍ୱର
ଆଜି ସେହି ଉକ୍ତି ଭୁଲ୍ ହେଲା
ନରସଂହାରର ପୁରୋଧା ସାଜିକି
ମଣିଷ ରକ୍ତରେ ହୋଲି ଖେଳିଲେ ।

ଦେବଭୂମି ଆମ ଭାରତ ଭୂଇଁରେ
ସଇତାନ ସବୁ ନେଲେଣି ଜନ୍ମ
ନାମମାତ୍ର ଥିଲା ଚିକିତ୍ସକ ପେଶା
ଆତଙ୍କ ରଚିବା ବିଧର୍ମୀ ଧର୍ମ ।

ଏ ଭାରତ ମାଟି ପାଣି ପବନରେ
ବଢ଼ି ହେଲେ ହୃଷ୍ଟପୃଷ୍ଟ
ହାରାମି ସେମାନେ ଏ ଦେଶର ଶତ୍ରୁ
ହୋଇଛନ୍ତି ପଥଭ୍ରଷ୍ଟ ।

ଭାରତ ଜନ୍ମିତ ଭାରତୀୟ ନୁହଁ
ଆତଙ୍କିର ନାହିଁ ଜାତି କି ଧର୍ମ
ଧର୍ମ ନାମରେ ନରମେଧ ଯଜ୍ଞ
ଆତ୍ମଘାତୀ ବିସ୍ଫୋରଣ ।

ରୁଟି ଖଣ୍ଡେ ନାହିଁ ଖାଇବାକୁ
ପିଇବାକୁ ନାହିଁ ନଦୀରେ ଜଳ
ଆଜନ୍ମ ଶତ୍ରୁ ଆତଙ୍କିସ୍ଥାନ
ତଥାପି କସୁଛି ଭାରତ ବଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବ ହତ୍ୟା ତାଙ୍କ କୌଳିକ ବୃତ୍ତି
ହିଂସା ନ କରିବା ପାପ
ଫଳ ମୂଳ ଖାଇ ଜୀବନ ଜିଇଁଛି
ସୃଷ୍ଟିରେ କେଉଁ ସାପ ?

ମହିଳା ଯେଉଁଠି ତାଳୁ ରୁ ତଳିପା
ପରଦାରେ ଥାଏ ଢାଙ୍କି
ନାଗୁଣୀ ହେଲେଣି ସେହି ପିଶାଚିନୀ
ଦଂଶନ କରିବେ ଭାରତ ମାତାଙ୍କୁ
କହିଲେଣି ଫଣା ଟେକି ।

ନୁହଁନ୍ତି ଦୟାର ପାତ୍ର
ସବୁ ସଇତାନ ହୃଦୟ ହୀନ
କିପରି ବୁଝିବେ
ମାନବିକତାର ଅର୍ଥ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ -୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଡିସେମ୍ବର୍ ଶେଷରେ

କିରନ୍ ସ୍ୱାଇଁ



ଡିସେମ୍ବର ଶେଷରେ
ଫୁଟିଲା ଫୁଲର ପୁଲକରେ
କାକରରେ ଅନୁରାଗେ
ମଂଜୁଆତି ଗଛର ଚୁନି ଚୁନି ପତର
ଓ ସୂର୍ଯ୍ୟକୁ ମୁହଁ କରି ଛିଡ଼ା ହୋଇଥିବା
ଏକ କନିଅର ଗଛଟିଏ ଥିବ ।

ଖରାର ରଙ୍ଗରେ ବସି
ସ୍କେଚ୍ ଖାତାର ଏକ କାଗଜରେ
ଅଙ୍କା ଯାଉଥିବ ଫୁଲର ପାଖୁଡ଼ା
ପାଖୁଡ଼ାରେ ହଳଦିଆ, ଧଳା ରଙ୍ଗର କଳ୍ପନା
ମନେ ମନେ ବିସ୍ତାର କରୁଥିବ ।

ଛୋଟ ବଗିଚାର ପାଚେରୀ ଭିତରେ
ହଳଦୀ ରଙ୍ଗର ପ୍ରଜାପତି ସବୁ
ଘୂରି ବୁଲୁଥିବେ ଓ
ଗୋଟେ ଚେୟାର
ହାତରେ ଚା' କପ୍
ଖରାର କଅଁଳ ପରଶରେ
କୁହୁଡ଼ିର ପହଁରା ସରୁଥିବ ।
ଧାଡ଼ି ଧାଡ଼ି ସବୁ
ପିଜୁଳି, ଆମ୍ବ ଗଛର ପରିସରରେ
ଶାନ୍ତିର ଶୀତଳତା
ସବୁଜ ପତ୍ରର ସୁସଜ୍ଜିତ ଗୁଛରେ
ଅନୁଭବ ହେଉଥିବ
ସବୁଠି ସୁନ୍ଦରତା ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଶ୍ଚର୍ଯ୍ୟ ଅଭିଳାଷ

ସତ୍ୟବ୍ରତ ସାହୁ



ତୁମକୁ ଆଜି ଦେଖିଲି
ଯାଉଥିଲ ଧୂଳି ଉଡ଼ାଇ ଉଡ଼ାଇ
ପ୍ରାପ୍ତ ବୟସର ଧୂଳି ଧୂସରିତ ପିଣ୍ଡାରେ
ସେଦିନ ହୁଏତ ମୋର ନଥିଲା, ଥିଲା ତୁମର
କେତେବେଳେ ସାଙ୍ଗଙ୍କ ମେଳେ
କେତେବେଳେ ସଖୀଙ୍କ ମେଳେ,
ଅନେକ ରଙ୍ଗ ବେରଙ୍ଗର ପ୍ରସାଧନ ସାମଗ୍ରୀରେ ।
ଇଚ୍ଛାଥିଲା ଆଉଥରେ ତୁମର ସାନ୍ନିଧ୍ୟ ପାଇଁ
ଗାଁ ହାଟ, ଯାନିଯାତ୍ରା ପୁଣି ପୋଖରୀ ହୁଡ଼ାରେ,
ତୁମକୁ ବର୍ଣ୍ଣନା କଲା ବେଳେ ଏଇ ଦୁର୍ବଳ ଦେହରେ
ଚାଲିଆସେ ଶତ ସିଂହର ବଳ,
ହାୟ, ଯୌବନର ପାହାନ୍ତି କେଡ଼େ ଚମତ୍କାର,
ବାର୍ଦ୍ଧକ୍ୟରେ ବି ଅନୁଭବ କରିହୁଏ ତୁମ ପ୍ରଭାବ
ଆଉଥରେ ଯଦି ତୁମ ସାନ୍ନିଧ୍ୟ ମିଳନ୍ତା
ମନପ୍ରାଣ ଦେଇ ଭଲପାଆନ୍ତି ଏଇ ଜୀବନକୁ
ଭୂଲି ସବୁ ଦୁଃଖ ଦୁର୍ଦ୍ଦଶା ଆଶା ଅଭିଳାଷକୁ...

୭୩୨୭୦୧୮୮୮୬
ବେହେରା, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତ ଚରିତ୍ର

ଅମୃତନାରାୟଣ ଶତପଥୀ



ଅନ୍ୟ ସମ୍ମୁଖରେ ମନୁଷ୍ୟ ନିଜର ଦେଖାଏ ଯେପରି ଚିତ୍ର,
ତାହା କିନ୍ତୁ ନୁହେଁ ସର୍ବଦା ବନ୍ଧୁ ତା'ର ପ୍ରକୃତ ଚରିତ୍ର ।(୧)
ପ୍ରକୃତ ଚରିତ୍ର ପରିମାପକ ଦୃଷ୍ଟିର ଆଢୁଆଳରେ,
ସତ୍ ଚରିତ୍ର ଅବା ଦୁଷ୍ଟଚରିତ୍ର ବିଚାର ହୁଏ ପଛରେ ।(୨)
ସ୍ପଷ୍ଟବାଦୀ ଅବା କାନକୁହା ଚରିତ୍ର ପରିମାପକ,
ସହନଶୀଳତା କି ଚୁଗୁଲିଆ, ଛିଗୁଲିଆ ପରି ପୁଣି ଯେ ବ୍ୟାପକ ।(୩)
ପ୍ରକୃତ ଚରିତ୍ରର ଶେଷ ପରୀକ୍ଷଣ ମୃତ୍ୟୁ ପରେ ଅବସମ୍ଭାବୀ,
ସଭିଙ୍କର ମତ ଭଲ ବା ଖରାପ ଥାଏ ବାଦୀ ପ୍ରତିବାଦୀ ।(୪)
ଜୀବନ ଯାତ୍ରାରେ ପ୍ରକୃତ ଚରିତ୍ର ଜାଣିବା ପାଇଁ ବଇରି,
ଅନେକ ମିତ୍ର ସମ ଯେ ଅଇରି ପୁଣି  ମୁଖୋସଧାରୀ ।(୫)
ଜଟିଳ ଯୌଗିକ ମିଶ୍ର ବାକ୍ୟ ସମ ବିଭିନ୍ନ ଚରିତ୍ର ନୁହେଁ କେବଳ ସରଳ,
କିଛି କିଛି ଲୋକଙ୍କ ଚରିତ୍ର ଅଟଇ ପୁଣି ବିରଳ ।(୬)
କାହାର ଚରିତ୍ର ଜଙ୍ଗଲରେ ପୁଣି ସିଧା ବୃକ୍ଷ ସମ ଥାଏ,
ସେଥିପାଇଁ ସିଏ ପୁଣି ପ୍ରଥମେ ନିର୍ଦ୍ଦ୍ୱନ୍ଦ୍ୱରେ  କଟାଯାଏ ।(୭)
କାହାର ଚରିତ୍ର ଅତି ଯେ ଜଟିଳ ଯେହ୍ନେ କିଛି କାଠ ଚେମଡ,
ତା'କୁ ଚିହ୍ନିବାରେ ଭୁଲ୍ ହୋଇଯାଏ ହୋଇଥାଉ ପଛେ ମେଞ୍ଚେଡୀ ବା ମେଞ୍ଚଡ ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଥିପାଇଁ ଭାବି ଚିନ୍ତି କରିବାକୁ ହେବ ପ୍ରକୃତ ଚରିତ୍ର ତୁଲ,

କାରଣ ଏବେ ବି ଅପହଞ୍ଚ ହୋଇପାରେ ଅନେକଙ୍କର ଯେ ମୂଲ ।(୯)

କେତେବେଳେ ପୁଣି କେଉଁଠାରେ କିଏ ଦେବ ବାଜି ପଲଟାଇ,

ଜୀବନରେ ସର୍ବଦା ବଞ୍ଚିବା ଆବଶ୍ୟକ ସଭିଏଁ ସତର୍କ ହୋଇ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଣତନ୍ତ୍ର - ଆମର ଆପତ୍ତି

ସୁନୀଲ କୁମାର ଅଗସ୍ତି



ଆମର୍ ଟା ଆଏ

ଆମେ ବନେଇଛୁଁ

ଖାସ୍ ଆମର୍ ଲାଗତି,

ଇ' ଦରବାରେ କେନ୍ ନି' ସେ ଗଖା ସାଁକାର୍

ଆର୍ କେନ୍ ନି' ସେ ସାନେ ଶୁରୁ

ଇନେ ସଭେଁ ସ୍ୱାଧିନ୍,

ଇ' ଦରବାରେ ଜନା କଥା

ସଭେଁ ଜାନିଛନ୍ ଡିଙ୍ଗରା ପିଟା

ଖରଲା ନୁ ଦରଲା

ଚାଁଟି ନୁ ମକରା

ଅଗା ନୁ ବଗା

ମାକର୍ ନୁ ମୁନୁଷ୍

ସମକିରର୍ ସୁର୍ କୁଇଲିର୍ ଆଏ,

ଇ' ଦରବାରେ ଯେନ୍ ବି କହ

ମୋର ଲାଗତି ଯଦରବି ଆ'ନ୍ 'ପରମ ଚୋର୍',

ତମର୍ ଲାଗତି ସେ ଅବଗା  ମହାନ୍ ସାଧୁ ହେଇ ପାରନ୍,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋର ଲାଗତି ଯେନ୍ ଯଦରବି ମହାନ୍ ଆତ୍ମା
ତମର୍ ଲାଗତି ସେ ହେଇ ପାରନ୍ ମହା ଠକ୍ ଆର୍ ନୀଲଜ୍,
ଇନେ ଆମର୍ କେହେନସି ଆପତ୍ତି ନି'
ଲୋକର୍ ଦରବାରେ ସଭେଁ ସ୍ୱାଧିନ୍ ଆର୍
ସମକିରର୍ କା'ଯେ ଦୁଆର୍ ଖୁଲା ଆଏ,
ଫିରଭି ହାଡ୍ ପଞ୍ଜରାର୍ ଗାଗର୍ କାଙ୍ଗାଲ୍,
ଇତାର୍ ପଛ୍ ଫାଲେ ଲୁକିଛେ କେତନି କେତେ
ଭୋକର୍ ପେଟ୍  କେ 'ରୁଟି'ର୍ ସୱାଲ୍,,

**********

ସୁନୀଲ କୁମାର ଅଗସ୍ତି
ଟିଟିଲାଗଡ୍, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ରାଜଧାନୀ ସାହିତ୍ୟ ହାଟ

କୃଷ୍ଣଚନ୍ଦ୍ର ମହାପାତ୍ର



ଚାଣକ୍ୟଙ୍କ ମତରେ -

"ରୂପ, ଯୌବନ, ସମ୍ପନ୍ନ ବିଶାଳ କୁଳ ସମ୍ଭବା

ବିଦ୍ୟାହୀନଂ ନ ଶୋଭତେ ନିର୍ଗନ୍ଧାଇବ କିଂଶୁକା "

ସବୁ କିଛି ଥାଇ ମଧ୍ୟ ଯଦି ବିଦ୍ୟା ନାହିଁ, ସେ ଜୀବନ ନିରର୍ଥକ । ମାନବ ତାର ସମସ୍ତ ଅତ୍ୟାବଶ୍ୟକୀୟ ଜିନିଷ ପାଇବା ପରେ ନିଜର ଜ୍ଞାନ ଅର୍ଜନ ପାଇଁ ପିପାସୁ ସାଜିଥାଏ । ସେଥିପାଇ ଭକ୍ତକବି ମଧୁସୂଦନ ଛୋଟ ପିଲାଙ୍କ ମନରେ ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଲେଖିଥିଲେ -

"ବିଦ୍ୟା ଅଟଇ ମହାଧନ

ବାଳକେ କର ଉପାର୍ଜନ ।

ବିଦ୍ୟା ଅଟଇ ମହାମିତ୍ର

ହୃଦୟେ ଘେନ କରି ଯତ୍ନ ।

ବିଦ୍ୟା ଅଟଇ ମହାମିତ୍ର

ସେ ସଙ୍ଗେ ହୁଅ ହେ ପବିତ୍ର ।

ବିଦ୍ୟା ଅଟଇ ମହାବଳ

ସେ ବଳେ ଜିଣ ଭୂମଣ୍ଡଳ ।"

ସୁନ୍ଦର ପଙ୍କ୍ତି ମାଧ୍ୟମରେ ବିଦ୍ୟା ଆହରଣର ଗୁରୁତ୍ୱ ଉପରେ ବର୍ଣ୍ଣନା କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତ ଧନକୁ ଭାଗ କରାଯାଇପାରେ । କିନ୍ତୁ ବିଦ୍ୟା ଏବଂ ତତ୍ ସହିତ ଜ୍ଞାନକୁ ଭାଗ କରାଯାଇ ନପାରେ । ବିଦ୍ୟାକୁ ଯେତେ ବଣ୍ଟନ କରିବ, ସେତେ ବିଦ୍ୟାର ଶ୍ରୀ ବୃଦ୍ଧି ଘଟିବ । ତେଣୁ ସବୁଠି ବିଦ୍ୱାନର ପ୍ରଶଂସା । କାନ୍ତକବିଙ୍କ ଭାଷାରେ -

"ବିଦ୍ୟାକୁ ଅମୂଲ୍ୟ ରତନ ଜାଣ
ପାଠୁଆକୁ ମିଳେ ସବୁଠି ମାନ
ଅପାଠୁଆ ହେଲେ କେହି
ସଂସାର ଭିତରେ ଜଣେ ବୋଲି ତତେ କାହିଁରେ ଗଣିବେ ନାହିଁ "

ସାହିତ୍ୟ । ସହିତସ୍ୟ ଭାବ ଇତି ସାହିତ୍ୟ । ସମସ୍ତଙ୍କୁ ଭାବରେ ବାନ୍ଧିବାର କଳା ହିଁ ସାହିତ୍ୟ । ଜୀବନ ଜିଜ୍ଞାସାର ଚିତ୍ର ପରିସ୍ଫୁଟ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ, "ଭାବ, ଭାଷା ସମନ୍ୱୟରେ ସାହିତ୍ୟ ହୁଏ ନାହିଁ । ମନୁଷ୍ୟ ସଙ୍ଗେ ମନୁଷ୍ୟର, ଅତୀତ ସହିତ ବର୍ତ୍ତମାନର, ଦୂର ସହିତ ନିକଟର ଅନ୍ତରଙ୍ଗ ମିଳନକୁ ସାହିତ୍ୟ କହନ୍ତି ।"

ଜୀବନ, ସମାଜ ଆଦିର ଚିତ୍ର ବହନ କରିବା ପାଇଁ ସମାଜକୁ ଦିଗ୍ ଦର୍ଶନ ଦେଇଥାଏ । ପାଶ୍ଚାତ୍ୟ ସମାଲୋଚକ ହଡସନଙ୍କ ମତରେ - "It is fundamentally an expression of life through the medium of language"

ସାହିତ୍ୟର ବ୍ୟାପକତା ଜ୍ଞାନର ପରିସୀମା ମଧ୍ୟରେ ସୀମାବଦ୍ଧ ନୁହେଁ ।  ଜୀବନକୁ ସରସ, ସୁନ୍ଦର, ନିରାମୟ କରିବା ଏହାର ଲକ୍ଷ୍ୟ ।

ଜ୍ଞାନ ଅର୍ଜନ କରିବା ସହିତ୍ୟ ସାହିତ୍ୟ ଅଧ୍ୟୟନ ପୂର୍ବକ ତାହାର ଶ୍ରୀବୃଦ୍ଧି କରିବା ପାଇଁ ଜ୍ଞାନ ପିପାସୁ ଖୋଜିଥାଏ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା, ତାଳପତ୍ର ପୋଥି, ଶିଳାଲେଖ ଇତ୍ୟାଦି । ସମୟ କ୍ରମରେ ଆସ୍ତେ ଆସ୍ତେ ତାଳପତ୍ର ପୋଥି ବିଲୁପ୍ତ ହେଲାଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିଳାଲେଖ, ତାମ୍ର ପଟ୍ଟା ମଧ୍ୟ ଅନୁରୂପ ଅବସ୍ଥା । ଯାହା କିଛି ବର୍ତ୍ତମାନ ଅଛି, ତାହା ସଂଗ୍ରହାଳୟରେ । ଏହା ବାଦ ପୁସ୍ତକରେ ଲିପିବଦ୍ଧ ତଥ୍ୟ ସଂଗ୍ରହ କରିବା ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡିଥାଏ । ଯାହାକି ସମୟ ସାପେକ୍ଷ । କିନ୍ତୁ ପ୍ରାୟତଃ ବିଭିନ୍ନ ଭାଷାର ରଚନାବଳୀ ଗୋଟିଏ ଜାଗାରେ ଉପଲବ୍ଧି ହୋଇଥାଏ । ପକେଟରେ ପଇସା ଥାଇ ମଧ୍ୟ ଚାହୁଁଥିବା ବହିଟି ମିଳିବାରେ କଷ୍ଟ ହୋଇଥାଏ । ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ପୁସ୍ତକମେଳା । ସେହି ମେଳାରେ ମଧ୍ୟ ପାଠକ ଇଚ୍ଛା କରୁଥିବା ପୁସ୍ତକ ମିଳେ ନାହିଁ । କିନ୍ତୁ ପ୍ରତିବର୍ଷ ଆମର ରାଜଧାନୀରେ ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ସେ ଦୃଷ୍ଟିରୁ ଅନନ୍ୟ । ବିଭିନ୍ନ ପ୍ରାନ୍ତରୁ ପୁସ୍ତକ ପ୍ରକାଶକ ମାନେ ରାଜଧାନୀର ଏହି ଦୀର୍ଘ ସମୟ ଧରି ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ବା ସାହିତ୍ୟ ହାଟରେ ଭାଗ ନେଇଥାନ୍ତି । ପାଠକଟିଏ ବିଭିନ୍ନ ଦୋକାନ ପରିଭ୍ରମଣ ସହିତ ତାଙ୍କର ଇଚ୍ଛା କରୁଥିବା ଦୁଷ୍ପ୍ରାପ୍ୟ ପୁସ୍ତକଟି ରିହାତି ଦରରେ ପାଇ ଯେ କେତେ ଖୁସି ଅନୁଭବ କରେ, ତାହା ଅନୁଭବି ହିଁ ଜାଣିପାରିବେ । ଆମ ରାଜଧାନୀ ଭୁବନେଶ୍ୱରରେ ଲେଖକ ସାମୁଖ୍ୟ ଆନୁକୂଲ୍ୟରେ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହେଉଥିବା ପୁସ୍ତକ ମେଳା ମଧ୍ୟ ଚଳିତ ନଭେମ୍ବର ୧୯ ତାରିଖ ଠାରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ହାଟ, ଯେଉଁଠି ଗ୍ରାହକ ତାର ଇଚ୍ଛା ମୁତାବକ ଜିନିଷ କିଣିଥାଏ । ଠିକ୍ ସେହିପରି ପୁସ୍ତକ ମେଳାରେ ପାଠକ ନିଜ ଇଚ୍ଛା ପ୍ରକାରେ ବିଭିନ୍ନ ଦୋକାନ ବୁଲି ବୁଲି ତାର ପୁସ୍ତକ କ୍ରୟ କରିଥାଏ । ହାଟରେ କେବଳ ପୁସ୍ତକ ଦୋକାନ ମୁଖ୍ୟତଃ ଅଧିକ ଥିବାରୁ ଏହାକୁ ସାହିତ୍ୟ ହାଟ କହିବା ଯୁକ୍ତି ସଙ୍ଗତ । ଏତଦ୍ଭିନ୍ନ ପ୍ରତିଦିନ ସାହିତ୍ୟ ସଂପର୍କୀତ ଆଲୋଚନା, ନୃତ୍ୟ, ଗୀତ, ବିଭିନ୍ନ ପ୍ରତିଯୋଗୀତା ଏହି ହାଟର ମୁଖ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକର୍ଷଣ । ଯେହେତୁ ଏହା ରାଜଧାନୀରେ ଅନୁଷ୍ଠିତ ହେଉଛି, ନିଶ୍ଚିତ ଭାବରେ ଏହା ଆମ ରାଜଧାନୀ ସାହିତ୍ୟ ହାଟ କହିବାରେ ଦ୍ୱିରୁକ୍ତି ନାହିଁ । ଅନ୍ୟ ଏକ ଗୋଷ୍ଠୀ ଦ୍ୱାରା ମଧ୍ୟ ପରବର୍ତ୍ତୀ ସମୟରେ ପୁସ୍ତକମେଳା ଅନୁଷ୍ଠିତ ହୋଇଥାଏ । କାଦମ୍ବରୀ ପତ୍ରିକା ତରଫରୁ ପ୍ରତିବର୍ଷ ପତ୍ରିକାର ହାଟ ବସିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ । ଭାଷା ସାହିତ୍ୟର ଉନ୍ନତି ପାଇଁ ଏଭଳି ସାହିତ୍ୟ ହାଟର ଆବଶ୍ୟକତା ଅଛି, ଏହା ନିଃସନ୍ଦେହରେ କୁହାଯାଇପାରେ । ଚତୁର୍ବର୍ଗ ଫଳ ହି ସାହିତ୍ୟର ଉଦ୍ଦେଶ୍ୟ । ଯଥାର୍ଥରେ କୁହାଯାଇଛି -

"ଧର୍ମାର୍ଥ କାମ ମୋକ୍ଷଣାଂ ବୈକ୍ଷଣ୍ୟଂ କଳାମୁଚ
କରୋତି କୀର୍ତ୍ତିମ୍ ପ୍ରୀତିଂ ଚ ସାଧକାବ୍ୟ ନିବନ୍ଧନମ୍ "

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଜଧାନୀରେ ସାହିତ୍ୟ ହାଟ

ସୌଭାଗ୍ୟ ଦାଶ



ଜନହିତରେ ସାହିତ୍ୟ । ସାହିତ୍ୟ ଶୁଷ୍କ ନିରବୟ୍ୱ ମଧ୍ୟରେ ଜୀବନରସ ତତ୍ତ୍ୱ ସଞ୍ଚାରିତ କରିଥାଏ । ସାହିତ୍ୟର ପ୍ରସାର, ପ୍ରଚାର ପାଇଁ ଲେଖକ ପୁସ୍ତକ ଲେଖିଥାଏ । ଏହି ପୁସ୍ତକଟି ମନୁଷ୍ୟର ବନ୍ଧୁ ଭାବେ ପରିଗଣିତ । ସାହିତ୍ୟ ସମାଜର ଦର୍ପଣ । ସମାଜ ସୁଧାର ବାର୍ତ୍ତା ବହନ କରିଥାଏ । ଯାହା ଫଳରେ ସମାଜର ବିକାଶ ଓ ପରିବର୍ତ୍ତନ ହୋଇଥାଏ । ପୁସ୍ତକ ଗୁଡିକ ବିକ୍ରୟ୍ୱ ପାଇଁ ସାହିତ୍ୟ ହାଟ ବା ପୁସ୍ତକ ମେଳାର ଆବଶ୍ୟକତା ରହିଛି । ଯେଉଁଠାରେ କି ପୁସ୍ତକର ସଠିକ ମୂଲ୍ୟାଙ୍କନ ହୋଇଥାଏ । ସାହିତ୍ୟକୁ ଛାଡି ସମାଜର ସ୍ଥିତି ନାହିଁ । ତେଣୁ ଲେଖକ, ପ୍ରକାଶକ ଓ ପ୍ରକାଶନ ମିଳିତ ଆନୁକୂଲ୍ୟରେ ସାହିତ୍ୟ ହାଟ ବସିଥାଏ । ପାଠକ, ପାଠିକା ମାନେ ମନପସନ୍ଦର ପୁସ୍ତକ କ୍ରୟ୍ୱ କରିଥାନ୍ତି । ପାଠ୍ୟ, ପୁସ୍ତକ ଠାରୁ ଆରମ୍ଭ କରି କାବ୍ୟ, କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ଜୀବନୀ, ଜ୍ଞାନ ବିଜ୍ଞାନ, ନାଟକ, ଗ୍ରନ୍ଥାବଳୀ, ଭାଷାକୋଷ, ବ୍ୟାକରଣ । ଢଗଢମାଳି, ଆଧ୍ୟାତ୍ମିକ ଜ୍ଞାନ, ପୁରାଣ, ଚଉତିଶା, ଗୀତା, ଭାଗବତ, ଇତ୍ୟାଦି ବିଭିନ୍ନ ଧରଣର ମନପସନ୍ଦ ପୁସ୍ତକର ସମ୍ଭାର ପ୍ରଦର୍ଶିତ ହୋଇଥାଏ । ପାଠକଙ୍କର ଆବଶ୍ୟକତା ଅନୁସାରେ ସେମାନେ କିଣି ଥାଆନ୍ତି । ଗୋଟିଏ ସ୍ଥାନରେ ଜ୍ଞାନର ଭଣ୍ଡାର ପୁସ୍ତକର ଗନ୍ତାଘର ସାହିତ୍ୟ ହାଟରେ ପାଠକ ମାନେ ଆଗ୍ରହର ସହିତ ସୁବିଧାରେ ନିଜର ଚାହିଦା ଅନୁଯାୟୀ ବହି କିଣି ଥାଆନ୍ତି । ଦୋକାନ ବଜାରରୁ କିଣିବା ଅପେକ୍ଷା ଏଠାରେ ସହଜରେ ସବୁ ପ୍ରକାର ପୁସ୍ତକ ଉପଲବ୍ଧ ହୋଇଥାଏ । ରାଜଧାନୀରେ ପ୍ରତିବର୍ଷ "କାଦମ୍ବିନୀ ପତ୍ରିକା" ହାଟ ବସିଥାଏ । ସେଠାରେ ବିଭିନ୍ନ ଲେଖକ ଲେଖିକାଙ୍କର ଯୁଗୋପଯୋଗୀ ଲେଖା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକାଶିତ କାଦମ୍ବିନୀ ପତ୍ରିକା ବିକ୍ରୟ ଓ ସାହିତ୍ୟ ସ୍ରଷ୍ଟାଙ୍କର ସମାଗମ ହୋଇଥାଏ ।

ମାତୃଭାଷାର ଉନ୍ନତି, କର୍ମ- ପ୍ରୟାସର ବୈଭିନ୍ନ୍ୟ, ସାମାଜିକ ଅର୍ଥନୀତି, ସାଂସ୍କୃତିକ ପରିବେଶର ତାରତମ୍ୟ ପରିଦୃଷ୍ଟ ହୋଇଥାଏ । ଯୁଗାନୁରୂପୀ ସାହିତ୍ୟ ପାଠକ ହୃଦୟକୁ ଛୁଇଁ ସୁସଂସ୍କାର ଆନୟନ କରିଥାଏ । ଅଧୁନା ଯୁବପୀଢ଼ି ପୁସ୍ତକ ଅଧ୍ୟୟନ ପ୍ରତି ଗୁରୁତ୍ୱ ନ ଦେଇ ମୋବାଇଲ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି । ଯାହା ଫଳରେ ଆମ ଓଡିଆ ସଂସ୍କୃତି, ପାରମ୍ପାରିକ ନୀତି, ସଭ୍ୟତା ହଜି ଗଲାଣି । ପାଶ୍ଚାତ୍ୟ ସଭ୍ୟତାର ଆଧୁନିକତା ଗ୍ରାସ କରିଲାଣି । ସାହିତ୍ୟ ହାଟର ଅଗ୍ରଗତି ହେଲେ ପୁସ୍ତକ ଶିଳ୍ପର ଆଶାନୁରୂପେ ସମୃଦ୍ଧି ସାଧିତ ହେବ । ଆମ, ଭାଷାର ଉନ୍ନତି ହେବା ସଙ୍ଗେ, ସଙ୍ଗେ ଆମ ଦେଶ ନିଶ୍ଚିତ ଭାବେ ସଫଳତାର ସିଡି ଚଢ଼ି ଉନ୍ନତିମାର୍ଗରେ ଗତି କରିବ ଓ ବିଶ୍ୱ ଦରବାରରେ ଗୌରବ ଲାଭ କରିବ । ପ୍ରତି ବର୍ଷ ପରି ଅଧୁନା ରାଜଧାନୀ ଭୁବନେଶ୍ୱରରେ ପୁସ୍ତକ ମେଳା ପ୍ରଦର୍ଶନୀ ଚାଲିଛି । ସୁନ୍ଦର ପରିବେଶ ବେଶ ଉପଭୋଗ୍ୟ ।

ସୌଭାଗ୍ୟ ଦାଶ

କେନ୍ଦ୍ରାପଡ଼ା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରୀକ୍ଷିତଙ୍କୁ ବିପ୍ର ଶାପ

ବାବାଜୀ ଚରଣ ଦାସ



ବ୍ରାହ୍ମଣ ବାଳକର ଶାପ ।
ଲଭନ୍ତେ ପରୀକ୍ଷିତ ନୃପ ।।
ବୈରାଗ୍ୟ ହେଲା ମନେ ଜାତ ।
ଅଷ୍ଟାଦଶର ଏ ଚରିତ ।।

ଦ୍ରୋଣଗୁରୁଙ୍କ ପୁତ୍ର ଅଶ୍ୱତ୍‌ଥାମାର ଅସ୍ତ୍ରାଘାତରେ ପରୀକ୍ଷିତ ଭଗବାନ କୃଷ୍ଣଙ୍କ ଅନୁଗ୍ରହରେ ମୃତ୍ୟୁ ମୁଖରୁ ଉଦ୍ଧାର ପାଇ ବଞ୍ଚି ରହିଲେ । ବ୍ରାହ୍ମଣ କୋପରେ ତକ୍ଷକ ଦଂଶନ କରିବ ବୋଲି ଅଭିଶାପ ଦେଲା । ରାଜା ପରୀକ୍ଷିତ ମରଣକୁ ଭୟ ନକରି ଭଗବାନଙ୍କୁ ହୃଦୟରେ ଚିନ୍ତା କଲେ । ବ୍ୟାସକୁମର ଶୁକଙ୍କ ମୁଖରୁ ହରି ମହିମା ଶୁଣି ସର୍ବସଙ୍ଗ ଛାଡି ଜ୍ଞାନ ତତ୍ତ୍ୱରେ ମନ ଦେଲେ । ସେ ଗୋବିନ୍ଦଙ୍କ ଠାରେ ଶରଣାପନ୍ନ ହେଲେ । ସର୍ବଦା ଶ୍ରୀହରିଙ୍କ ପାଦପଦ୍ମ ସ୍ମରଣ କରନ୍ତି । ସେହି ପରୀକ୍ଷିତ ରାଜା ଯେତେଦିନ ଜୀବିତ ଥିଲେ, ତାଙ୍କ ରାଜ୍ୟରେ କଳି ପ୍ରବେଶ କଲେ ନାହିଁ । ଯେତେବେଳେ ନନ୍ଦନନ୍ଦନ ଦେହତ୍ୟାଗ କଲେ, ସେତେବେଳେ କଳି ଏ ସଂସାରକୁ ପ୍ରବେଶ କଲେ । ରାଜା ପରୀକ୍ଷିତ ତାଙ୍କୁ ସ୍ଥାନ ଦେଲେ । ମୁନି ଋଷିମାନେ ସୂତଙ୍କୁ ପରୀକ୍ଷିତ କି କି କର୍ମ କଲେ ବୋଲି ପଚାରିବାରୁ ସୂତ କହିଲେ, "ମୋର ପରମ ସୌଭାଗ୍ୟ, ଜ୍ଞାନବୃଦ୍ଧ ମାନଙ୍କ ମଧ୍ୟରେ ମୁଁ ସମାଦର ପାଉଛି।"

ଦିନେ ପରୀକ୍ଷିତ ମୃଗୟା ଉଦ୍ଦେଶ୍ୟରେ ବନକୁ ଗଲେ । ମୃଗ ନପାଇ କ୍ଷୁଧିତ ଓ ତୃଷିତ ବଦନରେ ଫେରିଲେ । ବାଟରେ ଜଳ ନପାଇ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ସେ ଦେଖିଲେ, ଜଣେ ବ୍ରାହ୍ମଣ ଏକ ବୃକ୍ଷ ମୂଳରେ ମୁଦ୍ରିତ ନୟନରେ ଆନନ୍ଦିତ ହୋଇ ନିଶ୍ଚଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନରେ ବସିଛନ୍ତି । ସେ ବ୍ରାହ୍ମଣ ଯୋଗଧ୍ୟାନରେ ଆତ୍ମା, ମନ, ବୁଦ୍ଧି ନିଶ୍ଚଳ କରି ନବଦ୍ୱାର ପବନକୁ ରୁନ୍ଧି, ଇନ୍ଦ୍ରିୟଗଣ ନିୟନ୍ତ୍ରଣରେ ରଖି, ନିର୍ବିକାର ଚିତ୍ତରେ ଧ୍ୟାନରେ ବସିଥାନ୍ତି । ମଥାରେ ତାଙ୍କର ଜଟା ଭାର । ସେ ହରିଣ ଚର୍ମ ଉପରେ ବସିଥାନ୍ତି । ଏଭଳି ଅବସ୍ଥାରେ ଦେଖି ମହାରାଜା ପରୀକ୍ଷିତ ତୃଷାରେ କଣ୍ଠ ଶୁଖି ଯାଇଥିବା ବେଳେ ବ୍ରାହ୍ମଣଙ୍କୁ ଜଳ ମାଗିଲେ । ମହାରାଜା ଆପଣାର ଅତିଥି ପୂଜା ଇଚ୍ଛା କଲେ । ଉଦକ, ତୃଣ, ଭୂମି, ଅର୍ଘ୍ୟ, ସତ୍ୟ ମଧୁରବଚନ ଓ ସାଧୁବାଣୀ ନ ପାଇବାରୁ ମହାରାଜା ପରୀକ୍ଷିତ ମନ ଭିତରେ କୋପ କଲେ । ସେ ଭାବିଲେ ମୋତେ ବ୍ରାହ୍ମଣ ଅବଜ୍ଞା କଲା । କ୍ଷୁଧା ଓ ତୃଷାରେ ତାଙ୍କ ମନ କ୍ଷଣକ୍ଷଣକେ ଅଚେତନ ପ୍ରାୟ ହେଉଥାଏ । କାଳ ବଳରେ ପ୍ରଚଣ୍ଡ କ୍ରୋଧ ଜର୍ଜରିତ ହୋଇ ଏକ ମୃତ ସାପ ଧନୁରେ ଟେକି ଆଣି ବ୍ରାହ୍ମଣ ଗଳାରେ ଲମ୍ବାଇ ଦେଇ ନିଜ ରାଜପ୍ରସାଦକୁ ଚାଲିଗଲେ । ବାଟରେ ଯାଉଯାଉ ବ୍ରାହ୍ମଣ କଥା ଭାବିବାକୁ ଲାଗିଲେ । ଭାବିଲେ, "ବ୍ରାହ୍ମଣର ଏହା କପଟ । ସର୍ବ ଇନ୍ଦ୍ରିୟ ନିବୃତ୍ତ କରି ନିଶ୍ଚଳ ସମାଧିରେ କାହିଁକି ଆଖି ବୁଜିଥିଲେ ? ରାଜାଙ୍କ ଆଗମନ ଜାଣି ମଧ୍ୟ ତାଙ୍କୁ ଅବଜ୍ଞା କରିବା ପାଇଁ ସେ ଦୃଢବ୍ରତ ଥିବା ଭଳି ଜଣା ପଡୁଥିଲେ । ଜଣେ ମଣିଷ ଏତେ ଅବଜ୍ଞା କଲେ କ୍ଷତ୍ରିୟ କ'ଣ ସହି ପାରିବ ?" ଏହିଭଳି ଭାବି ମହାରାଜା ପରୀକ୍ଷିତ ନିଜ ପୁରକୁ ଗଲେ ।

ବାପାଙ୍କର ଏଭଳି ଅବସ୍ଥା ବାଳକମାନଙ୍କ ଠାରୁ ଶୁଣି ଶମୀକ ମୁନିଙ୍କ ପୁତ୍ର ଶୃଙ୍ଗୀ ମନରେ କୋପିତ ହେଲେ । ବାଳକମାନଙ୍କ ସାଙ୍ଗରେ ଖେଳୁଥିବା ଶୃଙ୍ଗୀ ରାଜା ପରୀକ୍ଷିତଙ୍କ ଆଗମନ ଓ ତାଙ୍କ ପିତାଙ୍କ ଅବସ୍ଥା ଶୁଣି ମନେ ମନେ ଭାବିଲେ, "ସଂସାର ଧର୍ମର ଯେ ପାଳକ, ତାଙ୍କର ଅବିବେକୀ ପଣିଆ ଦେଖ ! ଯେହେତୁ ଶ୍ରୀକୃଷ୍ଣ ନିଜ ପୁରକୁ ଫେରିଗଲେ, ତେଣୁ ଏ ରାଜା ମନରେ ଅନ୍ୟାୟ କଥା ଚିନ୍ତା କଲେ । ଏ ପ୍ରାଣୀ ସଂସାରରେ ରହିଲେ, ଧର୍ମ ରହିବ ନାହିଁ । ଦେଖ ମୋ ବିପ୍ରପଣ ! ମୁଁ ନିଶ୍ଚୟ ଏହାର ପ୍ରତିକାର କରିବି ।" ଏଭଳି ବାଳକମାନଙ୍କୁ କହି ଆଖି ଲାଲ୍ ଲାଲ୍ କରି କୌଶିକୀ ନଦୀର ଜଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତରେ ଧରି ମାର୍ଜନା ଆଚମନ କରି ରାଜା ପରୀକ୍ଷିତଙ୍କ ଉଦ୍ଦେଶ୍ୟରେ ଅଭିଶାପ ଦେଇ କଠୋର ବାକ୍ୟରେ କହିଲେ, "ଅଧର୍ମ ବିଚାର କରି ଏ ପାମର ଅନ୍ୟାୟ କଲା । ଆଜି ଠାରୁ ସାତଦିନରେ ତକ୍ଷକ ଆସି ଏ ରାଜାଙ୍କୁ ଦଂଶନ କରୁ । ଏକଥା ଅନ୍ୟଥା ନହେଉ । ମୋ ପିତାଙ୍କର ଯିଏ ଦ୍ରୋହୀ, ସେ କାହିଁକି ଦେହ ଧରି ବଞ୍ଚି ରହିବ ? ଏଭଳି ଶାପ ଦେଇ ଶୃଙ୍ଗୀ ତାଙ୍କ ପିତା ଶମୀକ ମୁନିଙ୍କ ପାଖରେ ପହଞ୍ଚିଲେ । ପିତାଙ୍କ ଗଳାରେ ସର୍ପ ଦେଖି ଅତି ଦୁଃଖରେ ଶୃଙ୍ଗୀ କାନ୍ଦିବାକୁ ଲାଗିଲେ । ପୁତ୍ରର କ୍ରନ୍ଦନ ଶୁଣି ବ୍ରାହ୍ମଣ ଶମୀକ ମୁନି ଧ୍ୟାନ ଭାଙ୍ଗିଲେ । ଶମୀକ ମୁନି ନିଜ ଆସନରେ ରହି ନିଜ ଗଳାରେ ପଡ଼ିଥିବା ସର୍ପକୁ ଦେଖିଲେ । ଗଳାରୁ ସର୍ପକୁ ବାହାର କରି ପକାଇ ଦେଇ ପୁତ୍ର ମୁହଁ ଚାହିଁ ପଚାରିଲେ, "ହେ ପୁତ୍ର ! କ'ଣ ପାଇଁ କାନ୍ଦୁଛ ? କେଉଁ ପ୍ରାଣୀ ତୋତେ କଷ୍ଟ ଦେଲା କି ?" ପିତାଙ୍କ କଥା ଶୁଣି ପୁତ୍ର ସଂକ୍ଷେପରେ ସବୁ କହିଲେ । ପୁତ୍ର କଥା ଶୁଣି ବ୍ରାହ୍ମଣ କ୍ରୋଧିତ ହୋଇ ନିଷ୍ଠୁର ବାକ୍ୟରେ ପୁତ୍ରକୁ କହିଲେ, "ଅଳ୍ପ ଅପରାଧରେ ତୁ କାହିଁକି ଏସବୁ କର୍ମ କଲୁ ? ସେ ରାଜା ପରୀକ୍ଷିତ ପୁଣ୍ୟଦେହୀ ଭକ୍ତ । ଏଭଳି ଅଭିଶାପ ତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ଏମିତି ଆଶ୍ଚର୍ଯ୍ୟ କଥା ଦେଖି ମୋ ମନରେ ଭୀଷଣ ଆଘାତ ଲାଗିଲା । ଅଳ୍ପ ଅପରାଧ ପାଇଁ ତୁ ଅଧର୍ମ ଅର୍ଜିଲୁ ବାଳକ । ଯାହାର ବାହୁତଳେ ଆଶ୍ରା କରି ପ୍ରଜାମାନେ ଧର୍ମ, ସମ୍ପଦ, ସୁଖଶ୍ରୀ ଲାଭ କରନ୍ତି, ସେ କେବେ କାହାର ଦ୍ରୋହ ଚିନ୍ତା କରିପାରେ ନାହିଁ । ସେ ବିଷ୍ଣୁଙ୍କ ଅଂଶରେ ଜନ୍ମିତ ରାଜା ପୃଥିବୀ ପାଳନ କରୁଛନ୍ତି । ଏବେ ରାଜାଙ୍କ ଅନ୍ତେ ପୃଥିବୀରେ ଚୋରୀ ଓ ଅନ୍ୟାୟ ବଢ଼ିବ । ବିଭିନ୍ନ ପ୍ରକାର କୁକାର୍ଯ୍ୟ ହେବ । ସଂସାର ଅନାଥ ହେବ । ସେ ପାପ ଆମର ହେବ । ଚାରି ପାଦ ଧର୍ମ ଛାଡ଼ି ଯିବ । ସମସ୍ତେ ଅର୍ଥ କାମରେ ବୁଡ଼ି ରହିବେ । ବର୍ଣ୍ଣାଶ୍ରମ ଧର୍ମ ତ୍ୟାଗ କରି ଅଧର୍ମ କାମ କରିବେ । ଏହି ନରପତି ପରୀକ୍ଷିତ ଜଣେ ସୁକୃତବନ୍ତ ରାଜା । ସାକ୍ଷାତରେ ମହାଭାଗବତ । ସେ ରାଜର୍ଷି ପରୀକ୍ଷିତ ତିନି ଥର ଅଶ୍ୱମେଧ ଯଜ୍ଞ କଲେ । କ୍ଷୁଧା, ତୃଷାରେ ବନରେ ବୁଲି ମୋ ଆଶ୍ରମରେ ପହଞ୍ଚିଲେ । ତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାନ୍ତି ନକରି ତୁ ଓଲଟି ଅଭିଶାପ ଦେଲୁ । ସେ ଆମ ଶାପର ଯୋଗ୍ୟ ନୁହଁନ୍ତି । ସେ ଅଶେଷ ଧର୍ମର ଦେହ ଧାରଣ କରିଛନ୍ତି ।" ବିଷ୍ଣୁଙ୍କୁ ଧ୍ୟାନ କରିଙ୍କୁ ବ୍ରାହ୍ମଣ ତ୍ରାହି ତ୍ରାହି କହିଲେ । ନିଷ୍ପାପ ମଣିଷଙ୍କୁ ଏହି ଅଳ୍ପ ବୁଦ୍ଧି ବାଳକ ଦ୍ରୋହୀ ଭାବିଲା । ଏହା କହି ମନେ ମନେ ବହୁତ ଦୁଃଖ କଲେ । ସେ କହିଲେ, "ଭୋ ନାଥ କରୁଣା ସାଗର ! ଏହି ବାଳକର ଦୋଷ କ୍ଷମା କର ।" ପୁଣି କହିଲେ, "ପୁତ୍ରକୁ ରକ୍ଷା କର ହେ ଗୋବିନ୍ଦ !" ଶମୀକ ମୁନି ରାଜା ପରୀକ୍ଷିତଙ୍କ ଅପରାଧ କଥା ଚିନ୍ତା କଲେ ନାହିଁ । ଯେଉଁମାନେ ପ୍ରକୃତରେ ସାଧୁ ସେମାନେ ପ୍ରାଣୀଙ୍କ ଦୋଷ ଧରନ୍ତି ନାହିଁ କିମ୍ବା କାହାରି ସ୍ତୁତିରେ ହରଷ ହୁଅନ୍ତି ନାହିଁ । ପର ଦୁଃଖରେ ଦୁଃଖି ହୁଅନ୍ତି । ଆତ୍ମାକୁ ସମଦୃଷ୍ଟିରେ ଦେଖନ୍ତି । ସେଭଳି ସାଧୁଜନଙ୍କର କଥା କେବେ ଅନ୍ୟଥା ହୁଏ ନାହିଁ ।

ବୋଲଇ ଦାସ ଜଗନ୍ନାଥ ।
ଭାଷା ପ୍ରବନ୍ଧେ ଭାଗବତ ।।

କୋକିଳା ଗ୍ରୀନ୍ ଆପାର୍ଟମେଣ୍ଟ,
ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯
ବର୍ତ୍ତମାନ ନୋଇଡା ରେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନାରୀ ଏବଂ ଆତ୍ମସମ୍ମାନ

ଦେବାଶିଷ ମାଇତି




ବରଂ ଏକ ଗୁଣି ପୁତ୍ର ନଚ ମୂର୍ଖ ସତାନ୍ନପି, ଏକଶ୍ଚନ୍ଦ୍ର ତମହନ୍ତି ନ ଚ୍ ତାରା ଗଣପିଚ, ହଁ ଆଜ୍ଞା ଶୁଣିଛନ୍ତି ନା ଏଇ ବାଣୀଟି ବିଶିଷ୍ଟ ରାଜନୀତିର ଇତିହାସ ବର୍ଣ୍ଣିତ ଗୁରୁ ଶ୍ରେଷ୍ଠ ଚାଣକ୍ୟ ବାଣୀ ତାଙ୍କ ଶ୍ରେଷ୍ଠ ରାଜନୀତି ଗୁରୁଜ୍ଞାନରେ ମଗଧର ରାଜଗାଦିରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ସତ୍ ସମ୍ମାନେ ଆତ୍ମ ସମ୍ମାନ ଫେରାଇ ତାଙ୍କୁ ରାଜ ଗାଦିରେ ବସାଇ ଥିଲେ...। ଗୋଟେ ପରିବାର ଏକାଧିକ ମୂର୍ଖ ପୁତ୍ର ଯଦି ଆତ୍ମ ସମ୍ମାନ ନ ଯୋଗୀ ପରିବାରର ସମ୍ମାନ ହାନି କରନ୍ତି ଅନ୍ୟ ପରିବାରର ଗୋଟେ ଗୁଣିବାନ ପୁତ୍ର ପରିବାରର ସମ୍ମାନ ସହ ନିଜ ସମ୍ପତିର ସମ୍ମାନ ରକ୍ଷା କରେ.. ତେଣୁ ଚାଣକ୍ୟଙ୍କ ଅନୁସାରେ ଗୋଟେ ମନୁଷ୍ୟର ଆତ୍ମସମ୍ମାନ କେତେ ଜରୁରୀ ସେ ସମାଜରେ ଚାଲିବା ପାଇଁ କେତେ ସହାୟକ ଯାହା ଆମ ଦୈନନ୍ଦିନ ଘଟଣାବଳିରୁ ଜଣାଯାଏ..। ପ୍ରତ୍ୟେକ ମଣିଷର ଆତ୍ମସମ୍ମାନ ଥାଏ, ସେ ପିଲା ହେଉ କି ବୁଢ଼ା, ଝିଅ ହେଉ କି ସ୍ତ୍ରୀ, ସମସ୍ତେ ନିଜର ଆତ୍ମସମ୍ମାନ ଜଗି ପାରିଲେ ନିଜ ଆଖ ପାଖ ସମାଜଟି ସୁନ୍ଦର୍ ଗଢ଼ିଉଠେ, ହେଲେ ଆମେ ଭୁଲି ଯାଆନ୍ତି କିଛି ଜାଗାରେ ସେଥିଲାଗି ନାରୀମାନଙ୍କୁ ହତାଦର କରିଥାଉ, ତାଙ୍କ ସମ୍ମାନରେ କ୍ଷତି ପହଞ୍ଚାଇଥାଉ । କିନ୍ତୁ କାହିଁକି..? ଆମେ ଭୁଲିଯାଉ ସେଇ ନାରୀପାଇଁ ଆମେ ବହୁତ୍ ଗର୍ବିତ, ସେ ରୋଷେଇ ଘରେ ପିଲା ପାଇଁ ମା'ର କର୍ତ୍ତବ୍ୟ, ସ୍ୱାମୀଙ୍କ ପାଖେ ସ୍ତ୍ରୀର କର୍ତ୍ତବ୍ୟ ଏବଂ ଶାଶୁ ଶଶୁରଙ୍କ ପାଖେ ବୋହୂର କର୍ତ୍ତବ୍ୟ.. ତା ପରେ ବି ଜଳ ସ୍ଥଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାକାଶରେ ସୁରକ୍ଷାକର୍ମୀ ରୂପରେ ଏବଂ ଶେଷରେ କ୍ରିକେଟ ପଡ଼ିଆରେ ଚମକ୍ ପ୍ରମାଣିତ ହୋଇ ସାରିଛି..। ଉଦାହରଣ ସ୍ୱରୂପ ଗୋଟେ ଘରକୁ କୁଣିଆ ଆସିଲେ ସେଇ ବୋହୁ ଅବା ସ୍ତ୍ରୀକୁ ଶାଶୁଶଶୁର୍ ଏବଂ ସ୍ୱାମୀଙ୍କର ତାଗିଦ୍ ଶୁଣିବାକୁ ପଡେ, ସ୍ୱାମୀର ଲାଞ୍ଛନା ସହିବାକୁ ପଡ଼େ, ଯଦି ସ୍ୱାମୀ ଚାକିରିଆ ଥାଏ ସେଠି ସ୍ତ୍ରୀଙ୍କୁ ଲୋକ ଆଗରେ କୁହାଯାଏ ତମେ ଦୁନିଆ ବିଷୟରେ କଣ ଜାଣିଛ..? ତମ ମୁଣ୍ଡ କେତେ..? ରୋଷେଇ ଛଡ଼ା କିଛି ଜାଣିନ ତମ ବାପଘର ମୂର୍ଖ ଲୋକ, ତମେ ବି ବଡମୂର୍ଖ ସେତିକିରେ ମହାଭାରତ ସରେନି ଶାଶୁଶଶୁର ସାଙ୍ଗରେ ମିଶି କୁହନ୍ତି ଖାଲି ବିଏ ପାସ୍ ବୋଲି ପୁଅ ପାଇଁ କରି ଆଣିଥିଲି, କିନ୍ତୁ ତା ଯୋଗ୍ୟତା ନାହିଁ.. । ଏମିତି ଏତେ ଆଘାତ ଦିଅନ୍ତି ଯେ ସତେ ସେ ଘରେ ସବୁ ଜଣେ ଜଣେ କଲେକ୍ଟର ଥିଲେ..। ବିଚରା ସ୍ତ୍ରୀର ଲୁହ ସୁଖେନି ଜୀବନ ସାରା.., କାହିଁକି ନା ତା ଦୁର୍ବଳତା ବାପଘରେ ମଧ୍ୟବିତ୍ତ ଶ୍ରେଣୀର ଲୋକ ହେଇଥିବ ନଚେତ୍, ସ୍ୱାମୀ ଚାକିରିଆ ପେଟକୁ ଦାନା ଦେଉଛି ନିଜର ତ ଆଉ ଚାକିରି ନାହିଁ କଣ ବା କରିବ..! ମୁହଁ ପୋତି ସବୁବେଳେ ତଳେ ହିଁ ରହିବ..। ଯଦି ଭୁଲରେ ପ୍ରତିବାଦ କରିବ ତାହେଲେ ଏ ସମାଜ ଅଛି ନା ସଙ୍ଗେ ସଙ୍ଗେ କହିବ । କି ବୋହୁ ହେଇଛି ଇନ୍ଦ୍ର ଚନ୍ଦ୍ର ମାନୁନି । କଣ ସତରେ ସେ ସ୍ତ୍ରୀର ଆତ୍ମ ସମ୍ମାନ ବୋଲି କିଛି ନାହିଁ? ସେ କଣ ମଣିଷ ନୁହନ୍ତି? ଥରେ ଭାବ ତ ସକାଳୁ ପ୍ରଥମେ ଉଠି ଘରକାମ ସାରି ଶାଶୁଶଶୁରଙ୍କ କଥା ବୁଝିବ । ପୁଣି ସ୍ୱାମୀ ଅଫିସ୍ ଯିବ । ତାଙ୍କ କଥା, ପିଲା ସ୍କୁଲ୍ ପାଇଁ ଟିଫିନ୍ କରିବ । ରାତିରେ ସେମିତି ସବୁ କାମ ସାରି ସବା ଶେଷରେ ବିଛଣାକୁ ଯାଏ ଶୋଇବା ପାଇଁ । ଆଉ ସେତେବେଳେ ନା ତାଙ୍କ ସର୍ବାଙ୍ଗୀନ ଶରୀର ଦୁର୍ବଳତା ପ୍ରକାଶ କରେ ଅନୁଭବ ହୁଏ ଯେପରି ଜୀବନଟା ଚାଲିଯିବ ସେହି ସମୟରେ ଆଃ ପଦେ କହିବା ପାଇଁ କେହି ନଥାନ୍ତି..।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ତୁମେ ନିଜ ସ୍ୱାମୀ ହେଇ କଷ୍ଟ ନ ବୁଝିବ, ଟିକେ ସାନ୍ତ୍ୱନା ନ ଦେବ । ତାଙ୍କୁ ସମ୍ମାନ ନଦେବ । ତାହେଲେ ତୁମ ଜୀବନ ଧିକ୍କାର । ଆଉ ଯଦି ତୁମେ ତାଙ୍କୁ ସେଇ ସମ୍ମାନଟିକୁ ଫେରେଇ ଦିଅ ଦେଖିବ ଯେତେ କଷ୍ଟରେ ସେ ସ୍ତ୍ରୀଟି ଥାଉ ଦିନସାରା ହୋଇଥିବା ସବୁ ଦୁଃଖ କଷ୍ଟ ଭୁଲି ପରିବାରଟିକୁ ହୀରା ଭଳି ରଖିବ ।

ଜଣେ ଶଶୁରର କର୍ତ୍ତବ୍ୟ ଅନୁସାରେ, ତୁମ ବୋହୂର ଭୁଲବଶତଃ ଦୋଷକୁ ଯଦି ନିଜେ ଲୋକଙ୍କ ଆଗରେ ସମାଧାନ କରିନିଅ ଦେଖିବ ତୁମର ସମ୍ମାନ କେବେ କମିବନି ବରଂ ଦୁଇଗୁଣା ବଢିଯିବ । ନିଜ ସ୍ତ୍ରୀ ଆଗରେ ଲୋକଙ୍କୁ ଦେଖେଇ ସ୍ତ୍ରୀ ବୋଲକରା ଲୋକେ କହିବେ ଭାବି ସ୍ତ୍ରୀକୁ ଗାଳି ଦେବ । ମରଦପଣିଆ ଦେଖେଇ ହେବ, ଜାଣିବ ସେଇ ଦିନଠାରୁ ତୁମ ଜୀବନରେ ଶାନ୍ତି ଚାଲିଗଲା । କାହିଁକି ନା ଲୋକେ ହଜାରେ କୁହନ୍ତି, ହେଲେ ତୁମ ଆଖିର ଲୁହ ଏବଂ କଷ୍ଟ କେବଳ ଜଣେ ସ୍ତ୍ରୀ ହିଁ ଦେଖି ପାରିଥାଏ । ହିତାହିତ ଜ୍ଞାନ ଟିକେ ନିଜେ ରଖିବା ଉଚିତ୍ । ଯେମିତି ଘରେ ମଧ୍ୟ ଛୋଟ କଥା କଟାକଟି ଉପରେ ତାର ଆତ୍ମସମ୍ମାନ ନ ଯାଏ । ଆଜି ବି ଏଇ ସମାଜରେ କିଛି ଶିକ୍ଷିତ ଲୋକ ଅଛନ୍ତି ଆଉ ଭଲ ଚାକିରିଆ ଅଟନ୍ତି ବାହାର ଦୁନିଆ ବହୁତ୍ ଦେଖିଛନ୍ତି । ହେଲେ ଘରେ ଛୋଟ ମୋଟ ଝଗଡ଼ାରେ କୁହନ୍ତି, ସ୍ତ୍ରୀ ହେଇଛ ଯେତିକିରେ ରହିବା କଥା ସେତିକିରେ ରୁହ । ଆଲୋଚନା ବେଳେ ସାଙ୍ଗସାଥି ପାଖେ ବିରକ୍ତ ହୋଇ କୁହନ୍ତି ସ୍ତ୍ରୀ ଲୋକଙ୍କୁ କେବେ ବେଶି ଫେସିଲିଟି ଦେବା କଥା ନୁହଁ ନହେଲେ ମୁଣ୍ଡରେ ଚଢ଼ିବେ । ଏମିତି ବହୁତ୍ କିଛି ମଧ୍ୟ ଶିକ୍ଷିତ ପରିବାରରେ ଗୋଟେ ନାରୀର ସମ୍ମାନକୁ ବଳି ପକେଇ ଦିଅନ୍ତି । ଯେମିତି କଥାରେ ଅଛି ବଡ଼ ଲୋକୋ ବଡ଼ ଗୁମର କଥା । ଯଦି ତୁମେ ଗୋଟେ ନାରୀକୁ ସମ୍ମାନ ଦେଉନ, ତାହେଲେ ତୁମେ କିପରି ସମ୍ମାନ ନିଜେ ନିଜ ପାଇଁ ଆଶା କରୁଛ । ତୁମ ରକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ମାନ, ଖାଦ୍ୟ ପାନୀୟ ସମ୍ମାନ, ବାସଗୃହ ସମ୍ମାନ ତାହାଲେ ଅସମ୍ମାନ କେବଳ ନାରୀର କାହିଁକି ହେବ? ପୁରୁଷ ସହିତ ବାଣ୍ଟିନିଅ ସେତେବେଳେ ଯନ୍ତ୍ରଣା କଣ ଜାଣିପାରିବ ଯେତେବେଳେ ତୁମ ଆତ୍ମ ସମ୍ମାନ ଗୋଟେ ନାରୀ ଆତ୍ମସମ୍ମାନ ଭଳି କ୍ଷତି ହେବ । ତୁମେ ଅଶିକ୍ଷିତ ଭଳି କାହିଁକି ହୁଅ ଏ ସମାଜରେ । ଥରେ ତ ତାଙ୍କ ମନକଥା ବୁଝିବାକୁ ଚେଷ୍ଟା କର । ଦେଖିବାକୁ ଗଲେ ତୁମେ ଶିକ୍ଷିତ ହୋଇ ଯଦି କାହାକୁ ଅସମ୍ମାନ କର ତାହେଲେ ତ ସେଇ ସତ ପୁତ୍ର ମୂର୍ଖ ସହିତ ଗଣା ହେବ ନା.. !।।

ତେଣୁ ସମାଜ ଗଠନ ଏବଂ ନୂତନ୍ ପରପିଢ଼ିର ଦିଗଦର୍ଶନ ହେବା ପାଇଁ ପୁରୁଷ ଏବଂ ସ୍ତ୍ରୀ ସମ୍ମାନ ପାଇବା ହକଦାର । ଉଭୟ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ଦେଲେ ଯାଇ ନିଜର ଆତ୍ମ ସମ୍ମାନ ନିଜେ ବଞ୍ଚାଇ ପାରିବ ।

ସହିଦ୍ ଇରମ ବାସୁଦେବପୁର ଭଦ୍ରଖ

ମୋ:୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ ବି ଖଣ୍ଡାଧରି ସାଜିପାରେ ରକ୍ତମୁଖା

ହରପ୍ରିୟା ସାହୁ



ନାରୀ ଏକ ଅବୁଝା ଅଙ୍କ ଯାହା ବୁଝିହୁଏନି କି ସମାଧାନ କରି ହୁଏନି । ନାରୀ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି । ସୃଷ୍ଟିର ବିକାଶରେ ନାରୀ ହେଉଛି କେନ୍ଦ୍ରବିନ୍ଦୁ । ସେଥିପାଇଁ ନାରୀକୁ ଧରିତ୍ରୀ ମା'ର ଆଖ୍ୟା ଦିଆଯାଇଛି । ନାରୀର ଅନେକ ରୂପ ରହିଥାଏ ସେ ମାଆ, ଭଉଣୀ, ଅର୍ଦ୍ଧାଙ୍ଗିନୀ, ପ୍ରେମିକା ହେଇପାରେ । ସେ ହେଉଛି ଆଦିଶକ୍ତି, ଦୟା, କ୍ଷମା, ସ୍ନେହ ଶ୍ରଦ୍ଧା, ପ୍ରେମ, ଆନନ୍ଦ, ସହନଶୀଳତା, ଉଦାରତା, ତ୍ୟାଗର ମୂର୍ତ୍ତିବନ୍ତ ପ୍ରତୀକ । ସମାଜରେ ହେଉଥିବା ଦୁଃଖ ଯନ୍ତ୍ରଣା ଦହନ ଭିତରେ ନାରୀ ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧା ଓ ପ୍ରେମରେ ବାନ୍ଧି ଦିଏ । ସେ ସମସ୍ତ ଦୁଃଖକୁ ନିଜ ଭିତରେ ଚାପିଦେଇ ମୁଁହରେ ସର୍ବଦା ହସୁଥାଏ । ସେ ଜନନୀ ଓ ଜାୟା । ନାରୀର ହୃଦୟ କେତେବେଳେ ପଥର ପରି କଠୋର ତ ଆଉ କେତେବେଳେ ସ୍ନେହ ଆଦର ମମତାରେ ଭରା ବିଶାଳ ସାଗର, ପ୍ରେମର ପରମ ଜାଗ୍ରତ ମୂର୍ତ୍ତି । କେତେବେଳେ ପୃଥିବୀ ପରି ସହିଷ୍ଣୁ ତ ଆଉ କେତେବେଳେ ଫୁଲ ପରି କୋମଳ । ସେ ସର୍ବସଂହା, ସେ ରୁଦ୍ରାଣୀ, ଅମ୍ବିକା, ମାଆ ସରସ୍ୱତୀ ଲକ୍ଷ୍ମୀଙ୍କର ଜୀବନ୍ତ ପ୍ରତିମା । ନାରୀ ଏକ ଅଲୌକିକ ଶକ୍ତି ପିଣ୍ଡ । ନାରୀ ଏକ ଆବେଗର ଅନୁଭବ, ସେ ଏକ ଧାରାରେ ଶକ୍ତିମୟୀ, କଲ୍ୟାଣମୟୀ, ଜ୍ଞାନମୟୀ, ଜ୍ୟୋତିର୍ମୟୀ ଓ ବିଶ୍ୱରୁପା । ଯୁଗେ ଯୁଗେ ନାରୀର ସ୍ଥାନ ସ୍ୱତନ୍ତ୍ର । ସ୍ୱୟଂ ଭଗବାନ୍ ନାରୀଟିର ଆସନକୁ ଉର୍ଦ୍ଧ୍ୱରେ ରଖିଛନ୍ତି । ନାରୀ ବିନା ସମାଜରେ ସାମଗ୍ରିକ ଉନ୍ନତି କଳ୍ପନା କରିବା ଅସମ୍ଭବ । ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ହୁଏ । ସେଥିପାଇଁ ମହର୍ଷି ମନୁ କହିଥିଲେ:- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରମ୍ୟନ୍ତେ ତତ୍ର ଦେବତାଃ" ।

ଅର୍ଥାତ୍ ଯେଉଁ ଯେଉଁ ସ୍ଥାନ ମାନଙ୍କରେ ନାରୀ ପୂଜା, ସମ୍ମାନ ପାଆନ୍ତି ସେହି ସ୍ଥାନ ମାନଙ୍କରେ ସର୍ବଦା ଦେବତା ମାନେ ବିରାଜମାନ କରିଥାଆନ୍ତି । ପ୍ରତ୍ୟେକ ପୁରୁଷଙ୍କ ପଛରେ କେହି ନା କେହି ନାରୀଙ୍କର ହାତ ରହିଯାଏ । ସେ ମାଆ, ଭଉଣୀ, ଅର୍ଦ୍ଧାଙ୍ଗିନୀ, ପ୍ରେମିକା, ବାନ୍ଧବୀ ହେଇଥାଇ ପାରନ୍ତି । ସେଥିପାଇଁ ଏ ପି ଜେ ଅବଦୁଲ୍ କଲାମ କହିଛନ୍ତି:

Every man needs a women,

When his life is a mess

Because just like game of chess,

The queen protects a king.

ଆମ ଭାରତୀୟ ସଂସ୍କୃତି, ପରମ୍ପରାରେ ମଧ୍ୟ ନାରୀଟିର ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ ରଖା ଯାଇଛି । ଇତିହାସର ସେହି ପୁରାଣ ଶାସ୍ତ୍ର, ମହାପୁରୁଷଙ୍କ ଜୀବନୀକୁ ଅନୁଧ୍ୟାନ କଲେ ନାରୀଟିର ଆତ୍ମସମ୍ମାନ, ଅଧିକାର ପାଇଁ ସଂଗ୍ରାମ ଚାଲିଥିଲା ।

ଗୀତାରେ ଦ୍ରୌପଦୀଙ୍କ ସମ୍ମାନ ପାଇଁ ମହାଭାରତ ଯୁଦ୍ଧ ତ ରାମାୟଣରେ ସୀତା ମାଆଙ୍କ ପାଇଁ ହେଇଥିବା ଲଙ୍କାପୁରର ବିନାଶ । ସତୀଦାହ ପ୍ରଥା ପାଇଁ ରାଜା ରାମମୋହନ ରାୟ, ସ୍ୱାମୀ ବିବକାନନ୍ଦ, ଦୟାନନ୍ଦ ସରସ୍ୱତୀ, ରାଣୀ ଲକ୍ଷ୍ମୀବାଇ, ରାମ ବାଇ, ସାରଳା ଦେବି ଆଦି ନେଇଥିବା ପଦେକ୍ଷପ ନାରୀମାନଙ୍କ ପ୍ରତି ହେଇଥିବା ଅନ୍ୟାୟ ବିରୋଧରେ ସଂଗ୍ରାମ ଥିଲା । ବର୍ତ୍ତମାନ ମଧ୍ୟ ନାରୀପାଇଁ ସେହି ସଂଗ୍ରାମ ଚାଲିଛି ମାତ୍ର ସେହି ମହାପୁରୁଷ ନାହାନ୍ତି କିନ୍ତୁ ତାଙ୍କ ପାଦଚିହ୍ନରେ ଅନେକ ଲୋକ ଅନୁଗାମୀ ହେଉଛନ୍ତି । କେବଳ ନାରୀ ମାନଙ୍କର ମୁକ୍ତି ନିମନ୍ତେ ।

ଆଜିର ଏଇ ଶିକ୍ଷିତ ସମାଜରେ ସାମାଜିକ, ସମ୍ବିଧାନ ଠୁ ଆରମ୍ଭ କରି ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ଧାର୍ମିକ କ୍ଷେତ୍ରରେ ନାରୀ ସ୍ୱତନ୍ତ୍ର ସ୍ଥାନ ଅଧିକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲେଣି । ନିଜ ପାଇଁ, ନିଜ ମାତୃଭୂମୀ ପାଇଁ ନାରୀଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ସେ "operation sindoor" ମାଧ୍ୟମରେ ହେଉ କି ଚନ୍ଦ୍ର ପୃଷ୍ଠକୁ ଯାତ୍ରା କରି କି ହେଉ । ସେ ଶିକ୍ଷା କ୍ଷେତ୍ରରେ ହେଉ କି ସଙ୍ଗୀତ ପରିବେଷଣ କରି କି ହେଉ ।

ପାପୀଙ୍କର ବିନାଶ ପାଇଁ ନାରୀ ଦୁର୍ଗା, କାଳୀ, ଚଣ୍ଡୀ ରୂପ ଧାରଣ କରି ପାରେ । ନାରୀ ବି କୋଉ ଗୁଣରେ କମ୍ ନୁହଁନ୍ତି । ପୁରୁଷଙ୍କ ପରି ନାରୀ ମଧ୍ୟ କାନ୍ଧରେ କାନ୍ଧ ମିସେଇକି ଚାଲିଛନ୍ତି । ଆଜି ଏହା ପ୍ରମାଣିତ ହେଇ ଯାଇଛି ।

ଏଇ କଥାଟି ସତରେ କେତେ ଖୁସିର ବିଷୟ ନିଶ୍ଚିନ୍ତ ମାତ୍ର ଆଜି ବି ନାରୀଟି ଅବହେଳିତ, ନିଷ୍ପେସିତ ଜୀବନ ନିର୍ବାହ କରୁଛି । ସମାଜ ଆଗରେ କୋଉଠି ନା କୋଉଠି ଆଜିବି ନାରୀକୁ ଛୋଟ, କ୍ରୀଡ଼ନର ଦ୍ରବ୍ୟ ମଣୁଛନ୍ତି । ନାରୀକୁ ଏକ ଯୌନ ମେଣ୍ଟାଇବା ସାମଗ୍ରୀ ଭାବୁଛନ୍ତି । ନାରୀଟି ଆଜି ଶିକ୍ଷା କ୍ଷେତ୍ରରୁ ଆରମ୍ଭ କରି ଚାକିରି କ୍ଷେତ୍ର ପର୍ଯ୍ୟନ୍ତ ଶୋଷଣର ଶିକାର ହେଉଛି । ଘର ଠୁ ବାହାର ପର୍ଯ୍ୟନ୍ତ ନାରୀଟିଏ ନିଜକୁ ଅସୁରକ୍ଷିତ ମନେ କରୁଛି । କାହିଁକି.... ?

ମନ୍ଦିରରେ ମାଆଙ୍କ ମୂର୍ତ୍ତିକୁ ଦେଖିଲେ ମୁଣ୍ଡ ନଇଁ ଯାଉଛି । ମାତ୍ର ଘରେ, ବାହାରେ ନାରୀକୁ ଦେଖିଲେ କାମନା ରୂପକ ରାକ୍ଷସ ବସ କରୁଛି । କାହିଁକି... ?

ଏଥିପାଇଁ କେବଳ ମୁଁ ପୁରୁଷଙ୍କୁ ଦାୟୀ କରୁନି କିଛି ନାରୀଙ୍କ ପାଇଁ ମଧ୍ୟ ଆଜି ନାରୀ ଜାତି ଅସୁରକ୍ଷିତ ମଣୁଛନ୍ତି, ସମାଜରେ ଶାନ୍ତିରେ ନିଶ୍ୱାସ ନେଇ ପାରୁନାହାନ୍ତି ।

ଆଜିକା ସମୟରେ ଗୋଟେ ନାରୀର ଶତ୍ରୁ ନାରୀ ପାଲଟିଛି । କିଛି ନାରୀ ଆଜିର ସମାଜରେ କିଛି ଟଙ୍କା ପାଇଁ ହେଉ, ନିଜ ଖୁସି ପାଇଁ ହେଉ କି ନିଜ ସ୍ୱାର୍ଥ ପାଇଁ ହେଉ ଯେଉଁ ଭଳି ବେଶ ଶୃଙ୍ଗାର ହେଉଛନ୍ତି, ଯେଉଁ ଭଳି ପୋଷାକ ପରିଧ୍ୟାନ କରୁଛନ୍ତି ତାହା ନାରୀ ଶୋଷଣର ମୁଖ୍ୟ କାରଣ ।

କିଛି ନାରୀ ଯୁକ୍ତି ବାଢ଼ିନ୍ତି ଏମିତି କରିବା ଆମ ବ୍ୟକ୍ତିଗତ କାର୍ଯ୍ୟ । ଆମେ ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହାକୁ କହୁନୁ ନାରୀମାନଙ୍କୁ ଶୋଷଣ କର ବୋଲି? ବ୍ୟକ୍ତିଗତ କାର୍ଯ୍ୟ ଯେତେବେଳ ଅନ୍ୟମାନଙ୍କ ଉପରେ ପ୍ରଭାବ ପକେଇଥାଏ, ଅନ୍ୟର ଦୁଃଖର କାରଣ ହେଇଥାଏ। ତାହାକୁ କଦାପି ବ୍ୟକ୍ତିଗତ କାର୍ଯ୍ୟ କୁହାଯିବ ନାହିଁ। ଏମିତି କରିବା ଦ୍ୱାରା ସେହି ନାରୀ ମାନଙ୍କର କିଛି ହେଇ ନଥାଏ ମାତ୍ର ନିରୀହ ନାରୀମାନେ ବଳି ପଡ଼ିଯାଆନ୍ତି।

କଥାରେ ଅଛି, "ଦୁହିତା ଦୁଇ କୁଳକୁ ହିତା ନ ହେଲେ ପିତା।" ନାରୀ ନମ୍ର, ବିନୟଶିଳା, ମଧୁରଭାଷୀଣୀ ହେଲେ ସେ ଗୋଟିଏ ସାଧାରଣ ନାରୀରୁ ନାରାୟଣୀ ପାଲଟି ଯାଏ ଏବଂ ଏହାର ଠିକ୍ ବିପରୀତ ଗୁଣ ପ୍ରକାଶ କଲେ କିଛି ନାରୀଙ୍କୁ କାଳରୂପକ ନାଗୁଣୀ, ପିଶାଚି ଏବଂ ସୃଷ୍ଟି ଧ୍ୱଂସର କାରଣ। ଏଇ ଭଳି ନାରୀଙ୍କ ପାଇଁ ଆଜି ନାରୀ ଜାତି କଳଙ୍କିତ ପାଲଟି ଯାଇଛି। ଅନେକ ଜାଗାରେ ନାରୀକୁ ସମ୍ମାନ କଲାବେଳେ ଆଉ କିଛି ଜାଗାରେ ଏହି ଭଳି କିଛି ନାରୀଙ୍କ ପାଇଁ ନାରୀ ଜାତିକୁ ଭର୍ତ୍ସନା କରାଯାଏ। ନାରୀଟିଏ ଏକୁଟିଆ ରାସ୍ତାରେ ଯିବାପାଇଁ ନିରାପଦ ମନେ କରେ ନାହିଁ। ଏଥି ପାଇଁ ଦାୟୀ କିଏ?

ନାରୀ ହିଂସା, ଅନ୍ୟାୟ, ଅତ୍ୟାଚାର, ଶୋଷଣ ପାଇଁ କୋଉଠି ନା କୋଉଠି ନାରୀମାନେ ହିଁ ଦାୟୀ।

କିଛି ନାରୀ ମାନଙ୍କ ପାଇଁ ଆଜିବି ନାରୀ ଜାତି ସଂଘର୍ଷ କରୁଛି।

କେତେବେଳେ ନ୍ୟାୟ ପାଇଁ ତ କେତେବେଳେ ଜୀବନ ଜୀଇଁବା ପାଇଁ, କେତେବେଳେ ନିଜ ପାଇଁ ତ କେତେବେଳେ ନିଜ ପରିବାର ପାଇଁ, ଆଉ କେତେବେଳେ ଅଧିକାର, କ୍ଷମତା ପାଇଁ।

ସମୟ ଆସିଲେ ନାରୀଜାତି ପାପର ବିନାଶ ପାଇଁ ଖଣ୍ଡାଧରି ରକ୍ତମୁଖା ହେବାକୁ ପଛେଇବ ନାହିଁ। ତେଣୁ ନାରୀ ହେଉଛି ସମାଜର ଅମୂଲ୍ୟ ରତ୍ନ, ସେମାନଙ୍କ ଯତ୍ନ ନିଅ ସମାଜରୁ ନାରୀ ହିଂସା ଅନ୍ୟାୟ ଅତ୍ୟାଚାର ଶୋଷଣକୁ ହଟାଅ।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୋପୀନାଥ ମହାନ୍ତିଙ୍କ 'ତଡ଼ପା'

ଅସିତ ମହାନ୍ତି



## ଗୋପୀନାଥ ମହାନ୍ତିଙ୍କ 'ତଡ଼ପା': ନ୍ୟାୟ୍ ଏବଂ ସ୍ୱୀକୃତି ପାଇଁ ଏକ ଆହ୍ୱାନ !

ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ତଡ଼ପା ସାରାଂଶ ଏବଂ ବିଷୟବସ୍ତୁ- ତଡ଼ପା ହେଉଛି ପ୍ରସିଦ୍ଧ ଓଡ଼ିଆ ଲେଖକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ଲିଖିତ ଏକ ଗୁରୁତ୍ୱପୂର୍ଣ୍ଣ କୃତି, ଯାହା ମୂଳତଃ ୧୯୫୩ ମସିହାରେ ପ୍ରକାଶିତ ହୋଇଥିଲା । ଗ୍ରାମୀଣ ଓଡ଼ିଶାର ପୃଷ୍ଠଭୂମିରେ ଅବସ୍ଥିତ, ଏହି କାହାଣୀ ମାନବ ଭାବନା, ସାମାଜିକ ମାନଦଣ୍ଡ ଏବଂ ନାୟକ, ତଡ଼ପାଙ୍କ ଅସ୍ତିତ୍ୱର ଜଟିଳତାକୁ ଖୋଳତାଡ଼ କରେ । ଚରିତ୍ରଗୁଡ଼ିକର ସ୍ପଷ୍ଟ ଚିତ୍ରଣ ଏବଂ ସେମାନଙ୍କର ପାରସ୍ପରିକ କ୍ରିୟା ମାଧ୍ୟମରେ, ମହାନ୍ତି ଏକ ଆକର୍ଷଣୀୟ କାହାଣୀ ପ୍ରସ୍ତୁତ କରନ୍ତି ଯାହା ପ୍ରେମ, କ୍ଷତି, ପରିଚୟ ଏବଂ ଆତ୍ମ-ସାକ୍ଷାତ ପାଇଁ ଚିରସ୍ଥାୟୀ ସଂଘର୍ଷର ବିଷୟବସ୍ତୁଗୁଡ଼ିକୁ ଅନୁସନ୍ଧାନ କରେ ।

ସୂଚୀପତ୍ର କାହାଣୀ ସାରାଂଶ: ଚରିତ୍ର ବିଶ୍ଳେଷଣ: ବିଷୟବସ୍ତୁ: ଉପସଂହାର: କାହାଣୀ ସାରାଂଶ: କାହାଣୀ ଏହାର ନାୟକ, ତଡ଼ପାଙ୍କ ଜୀବନ ଚାରିପାଖରେ ଘୂରି ବୁଲିଛି, ଯିଏ ଗ୍ରାମୀଣ ଓଡ଼ିଶାର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ଜଣେ ଯୁବକ । କାହାଣୀଟି ତଡ଼ପାଙ୍କ ଶୈଶବରୁ ବୟସ୍କ ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଏ, ଯାହା ତାଙ୍କ ସଂଘର୍ଷ, ଆକାଂକ୍ଷା ଏବଂ ସାମାଜିକ ଆଶା ପ୍ରତି ଶେଷରେ ନିରାଶାକୁ ଚିତ୍ରଣ କରେ । କାହାଣୀଟି ଏକ ଛୋଟ ଗାଁରେ ତାଡ଼ପାଙ୍କ ପାଳିତା ମାତୃତ୍ୱ ସହିତ ଆରମ୍ଭ ହୁଏ, ଯେଉଁଠାରେ ସେ ଦାରିଦ୍ର୍ୟ ଏବଂ ସାମାଜିକ ସୀମାହୀନତା ସହିତ ସଂଘର୍ଷ କରନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର ନମ୍ର ଆରମ୍ଭ ସତ୍ତ୍ୱେ, ତାଡ଼ପା ତାଙ୍କର ସହଜାତ ବୁଦ୍ଧିମତ୍ତା ଏବଂ ଜ୍ଞାନ ପ୍ରତି ତୃଷା ଦ୍ୱାରା ପ୍ରବୃତ୍ତ ଏକ ଉନ୍ନତ ଜୀବନର ସ୍ୱପ୍ନ ଦେଖନ୍ତି । ତଥାପି, ଜାତି ପଦାନୁକ୍ରମ ଏବଂ ଆର୍ଥିକ ଅଭାବର ଦମନକାରୀ ଶକ୍ତି ଦ୍ୱାରା ତାଙ୍କର ଆକାଂକ୍ଷା ବିଫଳ ହୁଏ । ବିଜ୍ଞାପନ ତାଡ଼ପା ବୟସ ହେବା ସହିତ, ସେ ଅସମାନତା ଏବଂ ଅନ୍ୟାୟକୁ ସ୍ଥାୟୀ କରୁଥିବା ସାମାଜିକ ମାନଦଣ୍ଡ ପ୍ରତି କ୍ରମଶଃ ଭ୍ରମିତ ହୋଇଯାଆନ୍ତି । ଆତ୍ମ-ସାକ୍ଷାତ ପାଇଁ ତାଙ୍କର ଚେଷ୍ଟା ତାଙ୍କୁ ପ୍ରେମ, ବିଶ୍ୱାସଘାତକତା ଏବଂ ଶେଷରେ ଆତ୍ମ-ଆବିଷ୍କାର ଦ୍ୱାରା ଚିହ୍ନିତ ଏକ ଅଶାନ୍ତ ଯାତ୍ରାରେ ନେଇଯାଏ । ଏହାର ସମୃଦ୍ଧ ଭାବରେ ଗଠନ କରାଯାଇଥିବା କାହାଣୀ ମାଧ୍ୟମରେ, "ତାଡ଼ପା" ମାନବ ଅବସ୍ଥାର ଏକ ମର୍ମସ୍ପର୍ଶୀ ଚିତ୍ର ଆଙ୍କିଥାଏ, ପରିଚୟ, ଏଜେନ୍ସି ଏବଂ ବାଧାବିଘ୍ନରେ ପରିପୂର୍ଣ୍ଣ ଏକ ବିଶ୍ୱରେ ଅର୍ଥ ପାଇଁ ଚିରସ୍ଥାୟୀ ସନ୍ଧାନର ଜଟିଳତାକୁ ଅନୁସନ୍ଧାନ କରିଥାଏ । ଚରିତ୍ର ବିଶ୍ଳେଷଣ: "ତାଡ଼ପା" କାହାଣୀର କେନ୍ଦ୍ର ହେଉଛି ଏହାର ନାୟକ, ତାଡ଼ପା, ଯାହାଙ୍କ ନାମ ନିଜେ ତାଙ୍କର ଚିରସ୍ଥାୟୀ ଆକାଂକ୍ଷା ଏବଂ ଅସନ୍ତୋଷର ଅବସ୍ଥାକୁ ସୂଚିତ କରେ । ତାଡ଼ପାଙ୍କୁ ଜଣେ ସମ୍ବେଦନଶୀଳ ଏବଂ ଆତ୍ମନିରୀକ୍ଷକ ଯୁବକ ଭାବରେ ଚିତ୍ରଣ କରାଯାଇଛି, ଯିଏ ତାଙ୍କ ଚାରିପାଖର ବିଶ୍ୱର ଅନ୍ୟାୟ ଦ୍ୱାରା ଗଭୀର ଭାବରେ ବିଚଳିତ । ଯୁବାବସ୍ଥାରୁ, ସେ ଏକ ପ୍ରଖର ବୁଦ୍ଧି ଏବଂ ଜ୍ଞାନ ପ୍ରତି ତୃଷା ପ୍ରଦର୍ଶନ କରନ୍ତି, ଯାହା ତାଙ୍କୁ ତାଙ୍କ ସାଥୀମାନଙ୍କଠାରୁ ଅଲଗା କରିଥାଏ ।

ତଡ଼ପାଙ୍କ ଜନ୍ମଗତ ସମ୍ଭାବନା ତାଙ୍କ ଜୀବନକୁ ନିୟନ୍ତ୍ରଣ କରୁଥିବା ଦମନକାରୀ ସାମାଜିକ ଗଠନ ଦ୍ୱାରା ଦମନିତ ହୁଏ । ଜାତି ଏବଂ ଦାରିଦ୍ର୍ୟର ପ୍ରତିବନ୍ଧକରୁ ମୁକ୍ତ ହେବା ପାଇଁ ତାଙ୍କର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ, ତାଡ଼ପା ନିଜକୁ ସାମାଜିକ ଆଶା ଏବଂ ପାରିବାରିକ ଦାୟିତ୍ୱର ଜାଲରେ ଫସାଇ ଦିଅନ୍ତି । ଉପନ୍ୟାସର ଅନ୍ୟ ଚରିତ୍ରମାନଙ୍କ ସହିତ ତାଙ୍କର ସମ୍ପର୍କ, ଯେପରିକି ତାଙ୍କ ପିଲାଦିନର ବନ୍ଧୁ ଚଣ୍ଡିଆ, ତାଙ୍କ ପ୍ରେମ ଆଗ୍ରହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନ୍ଦରୀ ଏବଂ ରହସ୍ୟମୟ ଅପରିଚିତ ବ୍ୟକ୍ତି ଉପେନ୍ଦ୍ର, ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଏବଂ ଆଭ୍ୟନ୍ତରୀଣ ଅଶାନ୍ତିକୁ ଆଲୋକିତ କରେ । ଏହି ଚରିତ୍ରମାନଙ୍କ ସହିତ ତାଡ଼ପାଙ୍କ ପାରସ୍ପରିକ କ୍ରିୟା ମାଧ୍ୟମରେ, ମହାନ୍ତି ପୂର୍ବାଗ୍ରହ ଏବଂ ଭେଦଭାବରେ ପରିପୂର୍ଣ୍ଣ ଏକ ବିଶ୍ୱରେ ବନ୍ଧୁତା, ପ୍ରେମ ଏବଂ ପରିଚୟ ଖୋଜିବାର ବିଷୟବସ୍ତୁ ଅନୁସନ୍ଧାନ କରନ୍ତି ।

ବିଜ୍ଞାପନ ବିଷୟବସ୍ତୁ: ସାମାଜିକ ଅନ୍ୟାୟ ଏବଂ ଅତ୍ୟାଚାର: "ତଡପା"ର ମୁଖ୍ୟ ବିଷୟବସ୍ତୁ ମଧ୍ୟରୁ ଗୋଟିଏ ହେଉଛି ଗ୍ରାମୀଣ ଓଡ଼ିଶାର ସାମାଜିକ ଅନ୍ୟାୟ ଏବଂ ଅତ୍ୟାଚାରର ବ୍ୟାପକ ପ୍ରଭାବ । ମହାନ୍ତି ଜାତି, ଶ୍ରେଣୀ ଏବଂ ଲିଙ୍ଗ ସୀମାରେ ଗଭୀର ଭାବରେ ବିଭକ୍ତ ଏକ ସମାଜର ଏକ ସ୍ପଷ୍ଟ ଚିତ୍ର ଆଙ୍କିଛନ୍ତି, ଯେଉଁଠାରେ ତଡପା ଭଳି ବ୍ୟକ୍ତିମାନଙ୍କୁ ବ୍ୟବସ୍ଥାଗତ ଭାବରେ ସୀମାନ୍ତକୁ ଟାଣି ନିଆଯାଇଛି ଏବଂ ଉନ୍ନତି ପାଇଁ ସୁଯୋଗରୁ ବଞ୍ଚିତ କରାଯାଇଛି । ଏହି ଉପନ୍ୟାସ ଜାତି ବ୍ୟବସ୍ଥାର ଅନ୍ତର୍ନିହିତ ଅସମାନତା ଏବଂ ଦାରିଦ୍ର୍ୟ ଏବଂ ଭୋଟଦାନରୁ ବଞ୍ଚିତ କରୁଥିବା ସାଂରଚନିକ ପ୍ରତିବନ୍ଧକଗୁଡ଼ିକୁ ପ୍ରକାଶ କରିଛି । ତଡପାଙ୍କ ଅଭିଜ୍ଞତା ମାଧ୍ୟମରେ, ମହାନ୍ତି ଦଳିତଙ୍କ ଦୁର୍ଦ୍ଦଶା ଏବଂ ପ୍ରତିଷ୍ଠା ହୋଇଥିବା ସାମାଜିକ ପଦାନୁକ୍ରମ ସମ୍ମୁଖରେ ମର୍ଯ୍ୟାଦା ଏବଂ ସମାନତା ପାଇଁ ସ୍ଥାୟୀ ସଂଘର୍ଷକୁ ଆଲୋକିତ କରିଛନ୍ତି । ପରିଚୟ ଏବଂ ଆତ୍ମ-ସମ୍ପାଦନା: "ତଡପା"ରେ ଆଉ ଏକ ପୁନରାବୃତ୍ତି ବିଷୟବସ୍ତୁ ହେଉଛି ନାୟକଙ୍କ ପରିଚୟ ଏବଂ ଆତ୍ମ-ସମ୍ପାଦନା ପାଇଁ ଅନ୍ୱେଷଣ । ତାଡପାଙ୍କ ଯାତ୍ରା ଏକ ଗଭୀର ବିଚ୍ଛିନ୍ନତା ଏବଂ ଅସ୍ତିତ୍ୱବାଦୀ କ୍ରୋଧ ଦ୍ୱାରା ବର୍ଣ୍ଣିତ ହୋଇଛି ଯେତେବେଳେ ସେ ଏକ ପ୍ରତିକୂଳ ବିଶ୍ୱରେ ଉଦ୍ଦେଶ୍ୟ ଏବଂ ସମ୍ପୃକ୍ତିର ପ୍ରଶ୍ନ ସହିତ ସଂଘର୍ଷ କରନ୍ତି । ତାଙ୍କ ଅର୍ଥ ପାଇଁ ସନ୍ଧାନ ତାଙ୍କୁ ଏକ ଆଧ୍ୟାତ୍ମିକ ଯାତ୍ରାରେ ନେଇଯାଏ, କାରଣ ସେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସାନ୍ତ୍ୱନା ଏବଂ ଜ୍ଞାନ ଅନ୍ୱେଷଣ କରନ୍ତି । ତଡ଼ପାଙ୍କ ଆତ୍ମନିରୀକ୍ଷଣାତ୍ମକ ଚିନ୍ତାଧାରା ଏବଂ ବିଭିନ୍ନ ଚରିତ୍ର ସହିତ ସାକ୍ଷାତ ମାଧ୍ୟମରେ, ମହାନ୍ତି ବ୍ୟକ୍ତିଗତ ପରିଚୟର ଜଟିଳତା ଏବଂ ଆତ୍ମ-ଆବିଷ୍କାରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାୟାଜାଲ ପ୍ରକୃତିକୁ ଅନୁସନ୍ଧାନ କରନ୍ତି । ପ୍ରେମ ଏବଂ ବିଶ୍ୱାସଘାତକତା: ପ୍ରେମ ଏବଂ ବିଶ୍ୱାସଘାତକତା "ତଡ଼ପା"ରେ ପୁନରାବୃତ୍ତିମୂଳକ ଆକୃତି, ଯାହା କାହାଣୀକୁ ଆଗକୁ ବଢାଇବାରେ ଏବଂ ମାନବ ସମ୍ପର୍କର ଜଟିଳତାକୁ ଆଲୋକିତ କରିବାରେ ସାହାଯ୍ୟ କରେ । ଉଚ୍ଚ ଜାତିର ଜଣେ ଯୁବତୀ ସୁନ୍ଦରୀ ସହିତ ତାଡ଼ପାଙ୍କ ସମ୍ପର୍କ ଉତ୍ତେଜନା ଏବଂ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ, କାରଣ ସାମାଜିକ ମାନଦଣ୍ଡ ଏବଂ ପାରିବାରିକ ଆଶା ସେମାନଙ୍କୁ ଅଲଗା ରଖିବା ପାଇଁ ଷଡ଼ଯନ୍ତ୍ର କରେ । ସେମାନଙ୍କର ନିଷିଦ୍ଧ ପ୍ରେମ କଠୋର ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଅବମାନନାର ପ୍ରତୀକ ହୋଇଯାଏ, କିନ୍ତୁ ଏହା ତଡ଼ପା ଏବଂ ସୁନ୍ଦରୀ ଉଭୟଙ୍କ ଉପରେ ଏକ ଭାରୀ କ୍ଷତି ମଧ୍ୟ ପହଞ୍ଚାଏ । ସେହିପରି, ଚାଣ୍ଡିଆଙ୍କ ସହିତ ତାଡ଼ପାଙ୍କ ବନ୍ଧୁତା ପରୀକ୍ଷା ଏବଂ କଷ୍ଟ ଦେଇ ଗତି କରେ, ଯାହା ଶେଷରେ ଏକ ବିଚ୍ଛେଦ ସୃଷ୍ଟି କରେ ଯାହା ତଡ଼ପାଙ୍କୁ ମାନସିକ ଭାବରେ ଆଘାତ ଏବଂ ଭ୍ରମରେ ପକାଇଥାଏ । ଏହି ଆଭ୍ୟନ୍ତରୀଣ ଗତିଶୀଳତା ମାଧ୍ୟମରେ, ମହାନ୍ତି ମାନବ ସମ୍ପର୍କର ଭଙ୍ଗୁରତା ଏବଂ ବିଶ୍ୱାସଘାତ ଏବଂ ହୃଦୟ ବିଦାରକର ପରିଣାମକୁ ଅନୁସନ୍ଧାନ କରନ୍ତି ।

ଆଧ୍ୟାତ୍ମିକ ଜ୍ଞାନ: "ତଡ଼ପା" ରେ, ଆଧ୍ୟାତ୍ମିକତା ଏକ ଶକ୍ତିଶାଳୀ ଶକ୍ତି ଭାବରେ ଉଭା ହୁଏ ଯାହା ନାୟକର ଅର୍ଥ ଏବଂ ପରମାତ୍ମା ପାଇଁ ଅନ୍ୱେଷଣକୁ ଚାଳିତ କରେ । ତାଡ଼ପାଙ୍କ ରହସ୍ୟମୟ ଅପରିଚିତ ଉପେନ୍ଦ୍ରଙ୍କ ସହିତ ସାକ୍ଷାତ ତାଙ୍କର ଆଧ୍ୟାତ୍ମିକ ଜାଗରଣ ପାଇଁ ଉତ୍ତେଜକ ଭାବରେ କାର୍ଯ୍ୟ କରେ, ଯାହା ତାଙ୍କୁ ତାଙ୍କ ଅସ୍ତିତ୍ୱକୁ ପରିଭାଷିତ କରିଥିବା ଭୌତିକବାଦୀ ସାଧନା ଉପରେ ପ୍ରଶ୍ନ ଉଠାଇବାକୁ ପ୍ରେରଣା ଦିଏ । ଉପେନ୍ଦ୍ରଙ୍କ ଗୁପ୍ତ ଶିକ୍ଷା ଏବଂ ରହସ୍ୟମୟ ଅନ୍ତର୍ଦୃଷ୍ଟି ତାଡ଼ପାଙ୍କୁ ପାରମ୍ପରିକ ଜ୍ଞାନର ସୀମା ବାହାରକୁ ଦେଖିବା ଏବଂ ବାସ୍ତବତାର ଏକ ଅଧିକ ସାମଗ୍ରିକ ବୁଝାମଣାକୁ ଗ୍ରହଣ କରିବାକୁ ଆହ୍ୱାନ କରେ । ତାଡ଼ପାଙ୍କ ଆଧ୍ୟାତ୍ମିକ ଯାତ୍ରା ମାଧ୍ୟମରେ, ମହାନ୍ତି ଜ୍ଞାନ, ମୁକ୍ତି ଏବଂ ଭ୍ରମ ଏବଂ ଦୁଃଖ ଦ୍ୱାରା ଗ୍ରାସିତ ବିଶ୍ୱରେ ପରମ ସତ୍ୟର ସନ୍ଧାନର ବିଷୟବସ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେ ଅନୁସନ୍ଧାନ କରନ୍ତି ।

ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ତଡ଼ପା ସାରାଂଶ ଏବଂ ବିଷୟବସ୍ତୁ - ତଡ଼ପା ଓଡ଼ିଆ ସାହିତ୍ୟର ଏକ କାଳଜୟୀ କୃତି ଭାବରେ ଠିଆ ହୋଇଛି, ଯାହା ମାନବ ଅବସ୍ଥା ଏବଂ ଆତ୍ମ-ସାକ୍ଷାତ ପାଇଁ ଅନନ୍ତ ଅନ୍ୱେଷଣ ଉପରେ ଗଭୀର ଧ୍ୟାନ ପ୍ରଦାନ କରେ । ଏହାର ଉଦ୍ଦୀପକ ଗଦ୍ୟ ଏବଂ ସମୃଦ୍ଧ ଭାବରେ ଆଙ୍କିତ ଚରିତ୍ର ମାଧ୍ୟମରେ, ଗୋପୀନାଥ ମହାନ୍ତି ଏକ କାହାଣୀ ପ୍ରସ୍ତୁତ କରନ୍ତି ଯାହା ସମୟ ଏବଂ ସ୍ଥାନର ସୀମା ଅତିକ୍ରମ କରେ, ସାର୍ବଜନୀନ ସତ୍ୟ ସହିତ କଥା ହୁଏ ଯାହା ଆମ ସମସ୍ତଙ୍କୁ ମଣିଷ ଭାବରେ ବାନ୍ଧି ରଖେ । ଯେତେବେଳେ ତଡ଼ପା ଗ୍ରାମାଞ୍ଚଳ ଓଡ଼ିଶାର ଜୀବନର ଅଶାନ୍ତ ଧାରା ମଧ୍ୟରେ ଗତି କରନ୍ତି, ସେ ପରିଚୟ, ପ୍ରେମ ଏବଂ ଆଧ୍ୟାତ୍ମିକ ଜ୍ଞାନର ପ୍ରଶ୍ନ ସହିତ ସଂଘର୍ଷ କରନ୍ତି, ଶେଷରେ ଏହି ଅନୁଭବରେ ସାନ୍ତ୍ୱନା ପାଆନ୍ତି ଯେ ପ୍ରକୃତ ପରିପୂର୍ଣ୍ଣତା ବାହ୍ୟ ପ୍ରଶଂସା କିମ୍ବା ଭୌତିକ ସମ୍ପତ୍ତିରେ ନୁହେଁ, ବରଂ ଆନ୍ତରିକ ଶାନ୍ତି ଏବଂ ଆତ୍ମ-ଆବିଷ୍କାରର ଅନୁସନ୍ଧାନରେ ନିହିତ । ସାମାଜିକ ଅନ୍ୟାୟ, ପରିଚୟ, ପ୍ରେମ ଏବଂ ଆଧ୍ୟାତ୍ମିକତା ଭଳି ବିଷୟବସ୍ତୁର ଅନୁସନ୍ଧାନରେ, "ତଡ଼ପା" ପିଢ଼ି ପରେ ପିଢ଼ି ପାଠକଙ୍କ ସହିତ ପ୍ରତିଧ୍ୱନିତ ହୁଏ, ଏପରି ଅନ୍ତର୍ଦୃଷ୍ଟି ପ୍ରଦାନ କରେ ଯାହା ପ୍ରକାଶନ ସମୟରେ ଆଜି ମଧ୍ୟ ପ୍ରାସଙ୍ଗିକ । ଏହାର ସ୍ଥାୟୀ ଐତିହ୍ୟ ମାଧ୍ୟମରେ, "ତଡ଼ପା" ପ୍ରେରଣା ଏବଂ ଉତ୍ତେଜିତ କରିଚାଲିଛି, ଆତ୍ମ-ଅନୁସନ୍ଧାନ ଏବଂ ବିକାଶର ଚାଲୁଥିବା ଯାତ୍ରାରେ ଆମର ଗଭୀରତମ ଭୟ ଏବଂ ଆକାଂକ୍ଷାର ମୁକାବିଲା କରିବାକୁ ଆମକୁ ଆହ୍ୱାନ କରୁଛି ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର, ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନ

ସାମନ୍ତ ଅଭିଲାଷ ପଟ୍ଟନାୟକ ବର୍ମା



## ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନରେ ବୋଲଗଡ଼ ଅଞ୍ଚଳର ଭୂମିକା

ଓଡ଼ିଶାରେ ଯେଉଁ ୨୬ଟି ଗଡ଼ଜାତ ରାଜ୍ୟ ଥିଲା ସେ ମଧ୍ୟରୁ ଖଣ୍ଡପଡ଼ା ଅନ୍ୟତମ । ଏ ସବୁ ରାଜ୍ୟକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା, ଯଥା: 'କ' ଶ୍ରେଣୀ- ମୟୂରଭଞ୍ଜ, ପାଟଣା, କଳାହାଣ୍ଡି, ଗାଙ୍ଗପୁର, ବାମଣ୍ଡା, ଢେଙ୍କାନାଳ, କେନ୍ଦୁଝର, ନୟାଗଡ଼, ବୌଦ୍ଧ, ଷଢ଼େଇକଳା ଓ ସୋନପୁର; 'ଖ' ଶ୍ରେଣୀ- ଆଠଗଡ଼, ଆଠମଲ୍ଲିକ, ବଣାଇ, ବଡ଼ମ୍ବା, ଦଶପଲ୍ଲା, ହିନ୍ଦୋଳ, ଖଣ୍ଡପଡ଼ା, ନରସିଂହପୁର, ନୀଳଗିରି, ପାଲଲହଡ଼ା, ରେଢ଼ାଖୋଲ ଓ ତାଳଚେର; 'ଗ' ଶ୍ରେଣୀ- ବାଙ୍କୀ, ରଣପୁର ଓ ତିଗିରିଆ । ଗଡ଼ଜାତ ଅଞ୍ଚଳ ଗୁଡ଼ିକରେ ପ୍ରଜା ମାନଙ୍କ ଅବସ୍ଥା ଅତି ଶୋଚନୀୟ ଥିଲା । ଏମାନେ ବିଭିନ୍ନ ପ୍ରକାରେ ଶାସକ ମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ । ୧୯୩୮ ମସିହା ଦଶହରା ଦିନ ୧୧ଜଣ ବ୍ୟକ୍ତିଙ୍କୁ ନେଇ ଖଣ୍ଡପଡ଼ା ପ୍ରଜାମଣ୍ଡଳ ଗଠନ ହୋଇଥିଲା । ସେ ସମୟରେ ଖଣ୍ଡପଡ଼ାର ରାଜା ଥିଲେ ହରିହର ସିଂହ ମର୍ଦ୍ଦରାଜ । ପ୍ରଥମେ ୧୯୩୯ ମସିହା ମାର୍ଚ୍ଚ ୭ ତାରିଖରେ କଣ୍ଟିଲୋ ଠାରେ ପ୍ରଜାମଣ୍ଡଳର ଏକ ସଭା ଆୟୋଜନ କରି ରଘୁନାଥ ଭାରତୀ ଭୂଷଣ ନନ୍ଦଶର୍ମା, ବୃନ୍ଦାବନ ମହାରଣା, ନୀଳମଣି ସାହୁ ଓ ପୁରୁଷୋତ୍ତମ ପଟ୍ଟନାୟକ ଗିରଫ ହୋଇଥିଲେ । ଏହାପରେ ୨୦ଜଣ ସଦସ୍ୟଙ୍କୁ ନେଇ ପ୍ରଜାମଣ୍ଡଳର ଏକ କାର୍ଯ୍ୟକାରୀ କମିଟି ଗଠନ କରାଗଲା ଯେଉଁଥିରେ ରଘୁନାଥ ଭାରତୀ ଭୂଷଣଙ୍କୁ ସଭାପତି ଭାବେ, ସୋମନାଥ ମହାନ୍ତି ଓ ଜଗନ୍ନାଥ ଭାରତୀ ଭୂଷଣଙ୍କୁ ଉପସଭାପତି ଭାବେ, ଅନନ୍ତ ମିଶ୍ରଙ୍କୁ ସମ୍ପାଦକ ଭାବେ ଓ ଉଦୟନାଥ ପଟ୍ଟନାୟକଙ୍କୁ ସହସମ୍ପାଦକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ ଚୟନ କରାଗଲା । ଏହି ସମୟରେ ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଯୁଗଳ କିଶୋର ପଟ୍ଟନାୟକ ଖଣ୍ଡପଡ଼ା ପ୍ରଜାମଣ୍ଡଳ ପାଇଁ ଉଦ୍ଦିଷ୍ଟ ୪ଟି ଗୁରୁତ୍ୱପୂର୍ଣ୍ଣ ସଭାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସେ ପୂର୍ବରୁ ତାଙ୍କ ସାନ ଭାଇ ସାମନ୍ତ ଦୟାନିଧି ପଟ୍ଟନାୟକଙ୍କ ସହ ମିଶି ରଣପୁର ପ୍ରଜା ଆନ୍ଦୋଳନରେ ବହୁତ ସହଯୋଗ କରିଥିଲେ । ରଣପୁରରେ ମେଜର ବେଜେଲଗେଟଙ୍କ ହତ୍ୟା ପରେ ଦଣ୍ଡ ପାଇବା ଆଶଙ୍କାରେ ଦୁଇ ଭାଇ ରେଙ୍ଗୁନରେ କିଛି ମାସ ଆତ୍ମଗୋପନ ମଧ୍ୟ କରିଥିଲେ । ୧ମ ସଭା- ୧୯୩୯ ମସିହା ଏପ୍ରିଲ ୧୮ ତାରିଖରେ ଡଃ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ବୋଲଗଡ଼ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନୟାଗଡ଼ ଓ ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ପ୍ରାୟ ୩୦୦ ଲୋକ ଯୋଗ ଦେଇଥିଲେ । ଏହି ସଭାରେ ପ୍ରାଣନାଥ ପଟ୍ଟନାୟକ, ଯୁଗଳ କିଶୋର ପଟ୍ଟନାୟକ, ଗଙ୍ଗାଧର ମିଶ୍ର, ଦୀନବନ୍ଧୁ ସାହୁ ଓ ଗଦାଧର ଜେନା ଅଭିଭାଷଣ ପ୍ରଦାନ କରିଥିଲେ ।

୨ୟ ସଭା- ୧୯୩୯ ମସିହା ମେ ମାସ ୨୫ ତାରିଖରେ ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକାଗୋଡ଼ା ଠାରେ ଗଙ୍ଗାଧର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା, ଯେଉଁଥିରେ ଖଣ୍ଡପଡ଼ା ରାଜ୍ୟର ପ୍ରାୟ ୭୦୦ ଲୋକ ଯୋଗ ଦେଇଥିଲେ । ଏଥିରେ ଯୁଗଳ କିଶୋର ପଟ୍ଟନାୟକ ଓ ପର୍ଶୁରାମ ପଦାତିକରାୟ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ ।

୩ୟ ସଭା- ୧୯୩୯ ମସିହା ଜୁନ୍ ମାସ ୧୫ ଓ ୧୬ ତାରିଖରେ ବୋଲଗଡ଼ ଥାନା ଅନ୍ତର୍ଗତ ସଂପୁର ଗ୍ରାମରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରାୟ ୨୦୦୦ ଲୋକ ଯୋଗ ଦେଇଥିଲେ । ଏହି ସଭାର ଆବାହକ ଓ ସଭାପତି ଥିଲେ ଯୁଗଳ କିଶୋର ପଟ୍ଟନାୟକ । ଏଥିରେ ଗଙ୍ଗାଧର ମିଶ୍ର, ମଧୁସୂଦନ ପଟ୍ଟନାୟକ, ରଘୁନାଥ ଭାରତୀ ଭୂଷଣ, ଆର୍ତ୍ତବନ୍ଧୁ ପ୍ରଧାନ ଏବଂ ରଘୁନାଥ ପାହାଡ଼ ସିଂହଙ୍କ ପରି ଜନନେତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗ ଦେଇଥିଲେ । ଯୁଗଳ ଉଭୟ ବ୍ରିଟିଶ ସରକାର ଓ ରାଜତନ୍ତ୍ରକୁ ଚୋର ଡକାୟତ ସହ ତୁଳନା କରି ଖୋର୍ଦ୍ଧା ଖାସ୍ ମାହଲର ଲୋକଙ୍କୁ କଂଗ୍ରେସରେ ଯୋଗ ଦେବା ପାଇଁ ଏବଂ ଗଡ଼ଜାତର ଲୋକଙ୍କୁ ପ୍ରଜାମଣ୍ଡଳରେ ଯୋଗ ଦେବା ପାଇଁ ନିବେଦନ କରିଥିଲେ । କଂଗ୍ରେସର ଅହିଂସା ନୀତିକୁ ଆପଣାଇ ଆନ୍ଦୋଳନ କରିବା ପାଇଁ ଏବଂ ବିଦେଶୀ ଦ୍ରବ୍ୟ ବର୍ଜନ କରିବା ପାଇଁ ମଧ୍ୟ ସେ ଉପଦେଶ ଦେଇଥିଲେ । ଏହି ଅବସରରେ ରଘୁନାଥ ଭାରତୀ ଭୂଷଣ ଓ ମଧୁସୂଦନ ପଟ୍ଟନାୟକ ଶ୍ରୋତା ମାନଙ୍କୁ ପ୍ରଜାମଣ୍ଡଳର ୧୭ ଦଫା ଦାବିପତ୍ର ବିତରଣ କରିଥିଲେ ।

୪ର୍ଥ ସଭା- ୧୯୩୯ ମସିହା ଜୁନ୍ ୨୧ ତାରିଖରେ ଅନ୍ୟ ଏକ ସଭା କଟକ ଜିଲ୍ଲାର ବୈଦେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଣ୍ଡପଡ଼ାର ପ୍ରାୟ ୧୦୦୦ ଲୋକ ଉପସ୍ଥିତ ଥିଲେ । ଏହି ସଭାର ସଭାପତି ହୋଇଥିଲେ ଅନନ୍ତ ମିଶ୍ର । ଯୁଗଳ କିଶୋର ପଟ୍ଟନାୟକ, ପର୍ଶୁରାମ ପଦାତିକରାୟ, ଗଙ୍ଗାଧର ମିଶ୍ର, ସୋମନାଥ ମହାନ୍ତି ଓ ଲକ୍ଷ୍ମଣ ନାୟକଙ୍କ ପରି ନେତାମାନେ ଏଠାରେ ଅଭିଭାଷଣ ପ୍ରଦାନ କରିଥିଲେ । ଏମାନଙ୍କ ବ୍ୟତୀତ ମଧୁସୂଦନ ପଟ୍ଟନାୟକ, ଉଦୟନାଥ ପଟ୍ଟନାୟକ, ଆର୍ତ୍ତବନ୍ଧୁ ପ୍ରଧାନ ଓ ରଘୁନାଥ ପାହାଡ଼ ସିଂ ମଧ୍ୟ ସେଠାରେ ଉପସ୍ଥିତ ରହି ଶ୍ରୋତା ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଘଟଣା ପରେ ଜୁନ୍ ୨୩ ତାରିଖରେ ଖଣ୍ଡପଡ଼ା ରାଜ ଦରବାର ଏକ ନିର୍ଦ୍ଦେଶନାମା ଜାରି କଲା ଯାହା ଅନୁସାରେ କୌଣସି ପ୍ରକାର ସଭା ସମିତି କରାଯାଇ ପାରିବ ନାହିଁ ବୋଲି ଘୋଷଣା କରାଗଲା ଏବଂ ବିଦ୍ରୋହୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲା । ପୋଲିସର ଲାଠି ମାଡ଼ରେ ଆହତ ହୋଇ ଅନେକ ଲୋକ ବୋଲଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଭୟରେ ଶହ ଶହ ଲୋକ ଖଣ୍ଡପଡ଼ା ଛାଡ଼ି ମାଣିକାଗୋଡ଼ା ଓ ବୈଦେଶ୍ୱରକୁ ଚାଲିଯାଇ କ୍ୟାମ୍ପ କରି ରହିଲେ । ଏହି କ୍ୟାମ୍ପ ଗୁଡ଼ିକରେ ଯଥାକ୍ରମେ ମାଣିକାଗୋଡ଼ାର ପର୍ଶୁରାମ ପଦାତିକରାୟ, ନୀଳମଣି ସାମନ୍ତରାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ବୈଦେଶ୍ୱରର ଉଦୟନାଥ ଚୌଧୁରୀ ପ୍ରଜାମାନଙ୍କ ଭଲମନ୍ଦ ବୁଝିଲେ । ଯୁଗଲ କିଶୋର ପଟ୍ଟନାୟକଙ୍କ ଦ୍ୱାରା ସଂପୁର ଗ୍ରାମରେ ସ୍ଥାପିତ ଖଦୀ କେନ୍ଦ୍ର ଓ ସେବାଶ୍ରମରେ ମଧ୍ୟ ଖଣ୍ଡପଡ଼ାର ଶତାଧିକ ନିର୍ଯାତିତ ପ୍ରଜା ଆଶ୍ରୟ ନେଇଥିଲେ । ଜୁଲାଇ ୨୭ ତାରିଖରେ ଗଙ୍ଗାଧର ମିଶ୍ର ଓ ଗୋକୁଳ ମୋହନ ରାଏ ଚୂଡ଼ାମଣିଙ୍କ ନିର୍ଦ୍ଦେଶରେ ମାଣିକାଗୋଡ଼ା କ୍ୟାମ୍ପର ଶରଣାର୍ଥୀ ମାନେ ବିଭିନ୍ନ ସ୍ଲୋଗାନ ଦେଇ ବିରାଟ ଶୋଭାଯାତ୍ରା ବାହାର କରିଥିଲେ । କେବଳ ସେତିକି ନୁହେଁ; ଦିନେ ଜୟ ପ୍ରକାଶ ନାରାୟଣ ଓ ସ୍ୱାମୀ ସହଜାନନ୍ଦ ସରସ୍ୱତୀଙ୍କ ଭାଷଣ ଶୁଣିବା ପାଇଁ ସେମାନେ ଚାଲି ଚାଲି କଟକ ମଧ୍ୟ ପଳାଇଥିଲେ ।

ଏହାପରେ କୌଣସି କାରଣ ବଶତଃ ପ୍ରଜାମଣ୍ଡଳର କାର୍ଯ୍ୟକାରୀ କମିଟିରେ ବିରାଟ ପରିବର୍ତ୍ତନ ଘଟିଥିଲା । ଅନ୍ତର୍ଯ୍ୟାମୀ ସାହୁ ସଭାପତି, ଉଦୟନାଥ ପଟ୍ଟନାୟକ ଉପସଭାପତି, ରଘୁନାଥ ସିଂହ ସାମନ୍ତ (ପଠାଣି ସାମନ୍ତଙ୍କ ଅଣନାତି) ସାଧାରଣ ସମ୍ପାଦକ, ବାଲୁଙ୍କେଶ୍ୱର ସୁବୁଦ୍ଧି ସହକାରୀ ସମ୍ପାଦକ ଓ ଭଗବାନ ସାହୁ କୋଷାଧ୍ୟକ୍ଷ ହେଲେ । ସୋମନାଥ ମହାନ୍ତି, ହରିହର ମିଶ୍ର, ଚିନ୍ତାମଣି ଦଳବେହେରା, ଚନ୍ଦ୍ରଶେଖର ପଟ୍ଟନାୟକ, ଧ୍ରୁବଚରଣ ମହାପାତ୍ର, ନରସିଂହ ମହାରଣା, ପଞ୍ଚାନନ ଦାଶ, ହାଡ଼ିବନ୍ଧୁ ସାହୁ, ବିଶ୍ୱନାଥ ପାଇକରାୟ, ଉଛବ ପ୍ରଧାନ ଓ ବୃନ୍ଦାବନ ମହାରଣାଙ୍କ ପରି ମାତ୍ର ୧୧ଜଣ ସଦସ୍ୟ ରହିଲେ । ନୂତନ କମିଟି ତରଫରୁ ଜୁଲାଇ ୩୦ ତାରିଖରେ 'ଆମ କଥା' ଓ ସେପ୍ଟେମ୍ବର ୫ ତାରିଖରେ 'ଯୁଦ୍ଧ ନିଆଁ' ନାମରେ ଦୁଇଟି ପ୍ରଚାର ପତ୍ର ଛପାଯାଇ ବଣ୍ଟନ କରାଯାଇଥିଲା ।

ଏତେ ମାସ ଧରି କ୍ୟାମ୍ପରେ ରହିବା ପରେ ଶେଷରେ ଶରଣାର୍ଥୀ ମାନେ ନିଜ ଘରକୁ ଫେରିଯିବାକୁ ଚାହିଁଲେ । ବିଶ୍ୱନାଥ ପାଇକରାୟଙ୍କ ଜରିଆରେ ସମସ୍ତେ ରାଜାଙ୍କୁ ନିଜ ଇଚ୍ଛା ଜଣାଇଲେ । ରାଜା ପ୍ରସ୍ତାବ ଦେଲେ ଯେ ଲିଖିତ ଆକାରରେ କ୍ଷମା ମାଗିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ କିନ୍ତୁ ୨୭ ଫେବୃଆରୀ ୧୯୪୦ରେ ବୋଲଗଡ଼ ଥାନା ଅଧୀନସ୍ଥ ହଳଦୀପଦାରେ ସଂପୁର, ମାଣିକାଗୋଡ଼ା ଓ ବୈଦେଶ୍ୱରର ଶରଣାର୍ଥୀ ମାନେ ଏକତ୍ରିତ ହୋଇ ରାଜାଙ୍କର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ପୁଣି ମାର୍ଚ୍ଚ ୨୦ ତାରିଖରେ ଦାବି ପୂରଣ ଶୋଭାଯାତ୍ରା କରିବାରୁ ରଘୁନାଥ ସିଂହ ସାମନ୍ତ, ଉଛବ ପ୍ରଧାନ, ପଞ୍ଚାନନ ଦାଶ ଓ ବାଉରୀବନ୍ଧୁ ପ୍ରଧାନଙ୍କୁ ଖଣ୍ଡପଡ଼ା ନିକଟସ୍ଥ କୋସକା ଠାରେ ଗିରଫ କରିଦିଆଗଲା । ପରିଶେଷରେ ହରେକୃଷ୍ଣ ମହତାବଙ୍କ ହସ୍ତକ୍ଷେପ ପରେ ରାଜା ସମସ୍ତ ଶରଣାର୍ଥୀ ମାନଙ୍କୁ ନିଃସର୍ତ୍ତରେ ରାଜ୍ୟକୁ ଫେରାଇ ଆଣିଲେ । ଯେଉଁ ମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା ସେମାନଙ୍କୁ ତାଙ୍କ ସମ୍ପତ୍ତି ଫେରାଇ ଦିଆଗଲା । ସାଧାରଣ ପ୍ରଜାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ କିନ୍ତୁ ପ୍ରଜାମଣ୍ଡଳର ମୁଖ୍ୟ ନେତା ମାନଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ରାଜା ଆଦୌ ରାଜି ହୋଇନଥିଲେ । ଫଳରେ ରଘୁନାଥ ସିଂହ ସାମନ୍ତ ୩ ବର୍ଷ ଯାଏଁ ଏବଂ ଅନ୍ୟମାନେ ୨ ବର୍ଷ ଯାଏଁ ଜେଲରେ ରହିଲେ । ରାଜା ପ୍ରଜାମଣ୍ଡଳର କିଛି ଦାବି ପୂରଣ କରିଦେଲେ । ରାଜ୍ୟରେ ଏକ ପ୍ରକାର ଶାନ୍ତି ସ୍ଥାପନ ହୋଇଗଲା । ପ୍ରଜାଙ୍କୁ ଅକାରଣେ ପୂର୍ବ ଭଳି ବିଭିନ୍ନ କର ଦେବାକୁ ପଡ଼ିଲାନି । କିନ୍ତୁ ୧୯୪୬ ମସିହାରେ ୧୩ଜଣ ସଦସ୍ୟଙ୍କୁ ନେଇ ପ୍ରଜାମଣ୍ଡଳର ପୁନର୍ଗଠନ କରାଯାଇ ରାଜତନ୍ତ୍ର ବିରୁଦ୍ଧରେ ପୁଣିଥରେ ଘୋର ପ୍ରତିବାଦ କରାଯାଇଥିଲା । ସେହି ୧୩ଜଣ ସଦସ୍ୟ ହେଲେ- ଉଛବ ପ୍ରଧାନ, ବାଉରୀବନ୍ଧୁ ପ୍ରଧାନ, ମଧୁସୂଦନ ପଟ୍ଟନାୟକ, ହରିହର ମିଶ୍ର, ସୋମନାଥ ମହାନ୍ତି, ଫକିର ପାତ୍ର, ଜଗନ୍ନାଥ ସାଥୁଆ, ବିଶ୍ୱନାଥ ପାଇକରାୟ, ଲୋକନାଥ ମହାରଣା, ଦୀନବନ୍ଧୁ କୁଠାଳ, ମଦନ ସୁନ୍ଦର ପଟ୍ଟନାୟକ, ଲିଙ୍ଗରାଜ ସାହୁ ଓ ରଘୁନାଥ ସିଂହ ସାମନ୍ତ । ୧୯୪୭ ମସିହାରେ ଇଂରେଜ କବଳରୁ ଭାରତ ସ୍ୱାଧୀନତା ପାଇବା ପରେ ରାଜତନ୍ତ୍ର ମଧ୍ୟ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଗଲା ଏବଂ ପ୍ରଜା ମାନଙ୍କୁ ଆଶ୍ୱସ୍ତି ମିଳିଲା । ରାଜା ହରିହର ସିଂହ ମର୍ଦ୍ଧରାଜ ଭ୍ରମରବର ରାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଧୀନତା ପରେ ଖଣ୍ଡପଡ଼ାରୁ ୪ ଥର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ତାଙ୍କ ସୁପୁତ୍ର ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ମଧ୍ୟ ନିର୍ବାଚନରେ ୩ ଥର ବିଜୟୀ ହୋଇଥିଲେ ।

ସହାୟକ ଗ୍ରନ୍ଥାବଳୀ:

୧. ଭୁଲିବୁ ନାହିଁ- ବ୍ରଜ କିଶୋର ଧଳ

୨. ଖଣ୍ଡପଡ଼ା ଇତିହାସ ଓ ପ୍ରଜାମଣ୍ଡଳ ଆନ୍ଦୋଳନ- ଖଣ୍ଡପଡ଼ା ସ୍ୱାଧୀନତା ସଂଗ୍ରାମୀ ସମିତି

୩. History of Freedom Movement in Puri District from 1857-1947 by Dr. Madhumati Rath

୪. People's Movement in Khandapara (1938-39) by Dr. Prasanta Ku. Narendra

ପ୍ରାଣୀବିଜ୍ଞାନ ଅଧ୍ୟାପକ

ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୀତୁଆ ନିଆଁର ସମାଜକୁ ଦାନ

ବିକାଶ ମହାନ୍ତି



ଶୀତୁଆ ନିଆଁର ସମାଜକୁ ଦାନ ଆଜିର ମଣିଷ ଠାରୁ ଢେର୍ ଅଧିକ ନିଆଁ ତା ନାଁଆ ହିଁ ଦିଏ ତା ପରିଚୟ । ଯାହାର ଧର୍ମ ଜଳିବା ଜାଳିବା । ଏହାକୁ କେହି ଅନଳ କହନ୍ତି ତ କେହି କେହି ଅଗ୍ନି ବୋଲି ସମ୍ବୋଧନ କରୁଛନ୍ତି । କିନ୍ତୁ ନିଆଁ ଶବ୍ଦଟି ସବୁଠୁ ବେଶୀ ପରିଚିତ । ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଏହାର ଆବଶ୍ୟକତା ବହୁଳ ଭାବେ ରହିଛି ସତ କିନ୍ତୁ ଅନ୍ୟ ମାନଙ୍କ ଅପେକ୍ଷା ସୃଷ୍ଟିରେ ବାସ କରୁଥିବା ଦୁର୍ଲଭ ପ୍ରାଣୀ ମନୁଷ୍ୟ ସହିତ ନିଆଁର ସମ୍ପର୍କ ନିବିଡ଼ । ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାର ସବୁ କ୍ଷେତ୍ରରେ ନିଆଁର ଆବଶ୍ୟକତା ରହିଛି ବ୍ୟାପକ । ଜନ୍ମର ଏନ୍ତୁଡ଼ି ନିଆଁ ହେଉକି ବିବାହର ହୋମ ନିଆଁ ଓ ମୃତ୍ୟୁର ଜୁଇ ନିଆଁ ମଣିଷ ଜୀବନର ଯାତ୍ରା ପଥରେ ଆସିଥାଏ । କେବେ ହସଖୁସି ରୂପରେ ତ କେବେ ଲୁହଭରା ଦୁଃଖ ରୂପରେ । କେବେ କେବେ ନିଆଁ କ୍ଷୁଧାକୁ ମେଣ୍ଟାଇବା ପାଇଁ ଆବଶ୍ୟକତା ହୋଇଥାଏ ତ କେବେ କେବେ ନିଆଁ ଦରକାର ହୋଇଥାଏ କିଛି ଜାଳିବା ଉଦ୍ଦେଶ୍ୟରେ । ପୁଣି କେବେ ନିଆଁ ବିନା ଅନୁମତିରେ ଉଗ୍ର ରୁପଧରି ଜାଳିଦିଏ ସମଗ୍ର ସୃଷ୍ଟିର ଜୀବଜଗତକୁ ଓ ମଣିଷର ଅମାପ ଧନ ସମ୍ପତ୍ତିକୁ । ତଥାପି ନିଆଁର ଆବଶ୍ୟକତା ମଣିଷର କମିନାହିଁ । ନିଆଁରେ ଜଳି ସର୍ବହରା ହୋଇଥିବା ମଣିଷର ମଧ୍ୟ ନିଆଁର ଆବଶ୍ୟକତା ରହିଛି । ଅନ୍ୟ ମଣିଷ ଅବା ତାକୁ ଛାଡି କେମିତି ବଞ୍ଚିପାରିବ । ଆଦିମ ମଣିଷ ଠାରୁ ଆଜିର ମଣିଷ ମଧ୍ୟ ଏହାକୁ ବ୍ୟାବହାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଗେଇଥାନ୍ତି । ଏମିତି ଅନେକ ପ୍ରକାର ନିଆଁର ବ୍ୟବହାର ମଧ୍ୟରୁ ଶୀତୁଆ ରାତିର ନିଆଁର ବ୍ୟବହାର ଟିକେ ନିଆରା । ଶୀତୁଆ ରାତିରେ ଚାରିଆଡ଼େ ଘୁରି ବୁଲିରେ ଗୋଷ୍ଠିଗତ ସମାଜରେ ବାସ କରୁଥିବା ମଣିଷ ବିଭିନ୍ନ ସ୍ଥାନରେ ଏହି ନିଆଁକୁ ଜଳେଇ ଶୀତର ପ୍ରକୋପରୁ ରକ୍ଷା ପାଇଥାନ୍ତି । ଏହାର ଚତୁଃପାଶ୍ୱର୍ରେ ଘେରି ହୋଇ ଶୀତର ଉପସ୍ଥିତିକୁ ସେମାନେ ଦୂରେଇ ଦେଇଥାନ୍ତି । ସେ ସମୟରେ ଏହି ନିଆଁର ଆବଶ୍ୟକତା ଅନୁଭବ ହୁଏ ଭଗବାନଙ୍କ ବରଦାନ ଭାବରେ । ଏହି ନିଆଁକୁ ଟିକେ କ୍ଷୀଣ ଭାବରେ ଅନେଇ ଦେଖିଲେ ଏହାର ଅନେକ ରଙ୍ଗ ଆଖିରେ ଝଲସି ଉଠେ । ଏହି ନିଆଁରୁ ଫେରି ଯିବାକୁ ଇଚ୍ଛା ହୁଏନି । ଯାହାର ଟିକେ ଦରକାର ପଡେ ସେ ସ୍ଥାନ ଛାଡିବା ପାଇଁ ତେବେ ସେ ବାଧ୍ୟ ବାଧ୍ୟକତାରେ ହିଁ ସେ ସ୍ଥାନ ଛାଡେ ତା ମନ କିନ୍ତୁ ରହିଯାଏ ଏହି ଶୀତୁଆ ରାତିର ନିଆଁ ପାଖରେ । ନିଆଁ ଶେକୁ ଶେକୁ ଯଦି କାହାର ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଙ୍ଗରେ ଏହି ନିଆଁ ଟିକେ ପଡ଼ିଯାଏ ତେବେ ତାହାର ଯନ୍ତ୍ରଣା ଯେ କେତେ କଷ୍ଟସାଧ୍ୟ ସେହି କଥା ସେହି ମଣିଷକୁ ହିଁ ଜଣା । ମଣିଷ ଯେ ସଦା ଦୁଃଖ ସୁଖକୁ ନେଇ ଜୀବନ ବଞ୍ଚେ । ଏହି ଶୀତୁଆ ନିଆଁର ସାମାନ୍ୟ ଆଘାତକୁ କଣ ଟିକେ ସେ ସହି ପାରିବନି । ଜୀବନରେ ବଞ୍ଚିବାକୁ ହେଲେ ଏମିତି ଅନେକ କଷ୍ଟ ଯନ୍ତ୍ରଣା ଭୋଗିବାକୁ ପଡ଼ିବ । ଯେ ଏହି ସବୁ କଷ୍ଟ ଯନ୍ତ୍ରଣାକୁ ସହି ଆଗକୁ ମାଡିଯାଏ ସେ ସାଜିଥାଏ ଅନ୍ୟ ମାନଙ୍କ ପାଇଁ ପ୍ରେରଣା । ଖାଲି ମଣିଷ ହିଁ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜେନି ଜଳୁଥିବା ନିଆଁ ବି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥାଏ । କାରଣ ନିଆଁ ଅନ୍ୟର ଖୁସି ପାଇଁ ନିଜେ ଜଳି ଜଳି ସମ୍ପୂର୍ଣ୍ଣ ଦହନ ହେଲା ପର୍ଯ୍ୟନ୍ତ ଅନ୍ୟର ଆବଶ୍ୟକତାକୁ ପୂରଣ କରୁଥାଏ । ଜଳିବା ଜାଳିବା ଛଡା ତାର ଅନ୍ୟ କୌଣସି ଇଚ୍ଛା ନଥାଏ । ଜଳି ଜଳି ପାଉଁଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲା ପର୍ଯ୍ୟନ୍ତ ସେ ବାଣ୍ଟିଥାଏ ଅନ୍ୟକୁ ଖୁସି । ସତରେ ଏହି ଶୀତୁଆ ନିଆଁର ମହନୀୟତା ଗୁଣକୁ ଦେଖିଲେ ଆଜିର ମଣିଷଙ୍କ ମଣିଷପଣିଆକୁ ଧିକାର ଲାଗେ । ଯେଉଁଠି ନିଆଁ ସର୍ବଦା ନିଜେ ଜଳି ଅନ୍ୟକୁ ସହାୟତା କରେ ସେଠି ମଣିଷ ସର୍ବଦା ନିଜ କାର୍ଯ୍ୟରେ ବ୍ୟସ୍ତ । ଆଜିର ମଣିଷ ଅନ୍ୟକୁ ସହଯୋଗ କରିବା ତ ଦୂରର କଥା ନିଜେ ନିଜର ଆବଶ୍ୟକତାକୁ ପୂରଣ କରିବା ଲାଗି କେହି କାହାର ତଣ୍ଟି କାଟିଦିଏ ତ କେହି ହତ୍ୟା, ହଡ଼ପ ଓ ଲୁଣ୍ଠନ କରେ । ନିଜକୁ ସର୍ବଦା ଅନ୍ୟମାନଙ୍କ ପାଇଁ ତିଆରି ହୋଇ କହି ବୁଲୁଥିବା ମଣିଷ ଯେ କେତେ ନୃଶଂସ ଏହା କାହାକୁ ଅଛପା ନାହିଁ । ଜୀବ ଜଗତର ଶ୍ରେଷ୍ଠ ଜୀବ ଭାବରେ ମଣିଷକୁ ବିବେଚନା କରାଯାଏ ସତ କିନ୍ତୁ ବୋଧହୁଏ ଆଜିର ମଣିଷ ସେହି ସର୍ବଶ୍ରେଷ୍ଠ ସ୍ଥାନ ପାଇବା ପାଇଁ ଯୋଗ୍ୟ ନୁହେଁ । କାରଣ ନିଜକୁ ଶ୍ରେଷ୍ଠ କହି ସେ କେତେ ଜଣଙ୍କର ଜୀବନ ସହ ଖେଳେ ସେକଥା କେବଳ ତାକୁ ହିଁ ଜଣା । ଏହା କଣ ତାର ଶ୍ରେଷ୍ଠ କର୍ମ ସର୍ବଦା ପାପରେ ବୁଡ଼ି ରହି ଅନ୍ୟକୁ ହଇରାଣ କରିବା । ଅନ୍ୟର ଦୁଃଖ ଓ ଯନ୍ତ୍ରଣାକୁ ପରିହାସ କରି ନିଜେ ଆନନ୍ଦିତ ହେବା । ଶୀତୁଆ ରାତିରେ ନିଆଁ ଠୁ ବି ଏ ସଂସାରର ସର୍ବଶ୍ରେଷ୍ଠ ଜୀବ ଆଜି ଏତେ ନୀଚ ଭାବନାରେ କାହିଁକି । ସର୍ବଦା ଅନ୍ୟର ମଙ୍ଗଳ ଚିନ୍ତା କରୁଥିବା ମଣିଷର ଆଜି ମଣିଷ ପଣିଆ କେଉଁଠି ହଜି ଯାଇଛି । ଯେ ସେ ପ୍ରତିକ୍ଷଣ ଖାଲି ଅନ୍ୟକୁ ଯନ୍ତ୍ରଣା ଓ ପୀଡ଼ା ବାରମ୍ବାର ଦେଇ ଚାଲିଛି । ଗୋଡ଼ରେ ପଡ଼ି ଯାଇଥିବା ନିଆଁର ଯନ୍ତ୍ରଣା କିଛି ସମୟ ପରେ ସରି ଯାଇଥାଏ ସତ କିନ୍ତୁ ମଣିଷ ଦାଉରୁ ମଣିଷ ପାଉଥିବା ଯନ୍ତ୍ରଣା ଯେ କେତେ ଭୟାନକ ସେକଥା ସେହି ଯନ୍ତ୍ରଣା ପାଉଥିବା ମଣିଷକୁ ହିଁ ଜଣା । ବାସ୍ତବରେ ଆଜି ମଣିଷଙ୍କ ମଣିଷପଣିଆ ଦୂରେଇ ଯାଇଛି । ଏଠି ସମସ୍ତେ କେବଳ ନିଜର ସ୍ୱାର୍ଥହାସଲ କରିବା ପାଇଁ ଅନ୍ୟକୁ ବଳି ପକେଇ ସଫଳତା ଦିଗରେ ଅଗ୍ରସର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛନ୍ତି । କିନ୍ତୁ ନିର୍ବୋଧ ମଣିଷ ତାର ପାପକର୍ମ ପାଇଁ ଟିକେ ବି ଭୟ କରେନା କି ପଶ୍ଚାତାପ କରେନା । ଶୀତୁଆ ନିଆଁ ଯେମିତି ଜଳି ଜଳି ଶେଷରେ ଅଙ୍ଗାର ହୋଇଯାଏ । ଆଜିକାଲି ମଣିଷ ଦାଉକୁ ମଣିଷ ସହ୍ୟ ନ କରିପାରି ଜଳି ଜଳି ଭସ୍ମ ହେବା ଛଡ଼ା ଆଉକିଛି ଉପାୟ ନାହିଁ । କିନ୍ତୁ ଏ ମଣିଷ ଯେ ଏତେ ନିଷ୍ଠୁର ଯେଉଁଠି ଶୀତୁଆ ନିଆଁ ସର୍ବଦା ଅନ୍ୟର ମଙ୍ଗଳ ଚାହେଁ ସେଠି ଏ ମଣିଷ ଚାହେଁ ଅନ୍ୟର ସର୍ବନାଶ । ସତରେ ଆଜିର ମଣିଷର ଗୁଣ ଓ ସମାଜକୁ ଦାନ ଶୀତୁଆ ନିଆଁର ଦାନ ଓ ମହନୀୟତା ଠାରୁ ଖୁବ୍ କମ୍ । ଏ କଥା ଆଜିର ନିର୍ବୋଧ ମଣିଷ କୁ ଜଣାନାହିଁ ।

ବିକାଶ ମହାନ୍ତି

କଣ୍ଟେଇକୋଳି, ଗଞ୍ଜାମ

ଦୁରଭାଷ - ୯୧୬୮୩୪୨୨୬୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad